॥ ଶ୍ରୀହରିଃ ॥ 1965

ଶ୍ରୀମଭଗବଦ୍‌ଗୀତା

['ସାଧକ-ସଂଜୀବନୀ' ଅନୁସାରେ ଅନ୍ୱୟ ଓ ଅର୍ଥ ସହିତ]

[श्रीमद्भगवद्गीता अन्वय, अर्थसहित (ओड़िआ)]

GITA PRESS, GORAKHPUR [SINCE 1923]

ସ୍ୱାମୀ ରାମସୁଖଦାସ

॥ ଶ୍ରୀହରିଃ ॥

ଶ୍ରୀମଦ୍ଭଗବଦ୍‌ଗୀତା

['ସାଧକ-ସଂଜୀବନୀ' ଅନୁସାରେ ଅନ୍ୱୟ ଓ ଅର୍ଥ ସହିତ]

श्रीमद्भगवद्गीता अन्वय, अर्थसहित (ओड़िआ)

ତ୍ୱମେବ ମାତା ଚ ପିତା ତ୍ୱମେବ
ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ ।
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ
ତ୍ୱମେବ ସର୍ବଂ ମମ ଦେବଦେବ ॥

ସ୍ୱାମୀ ରାମସୁଖଦାସ

Books are also available at—

1. Gita Press, Gorakhpur Ki Pustak-Dukan, Bharatiya Towers, Badam Badi, Cuttack © (0671) 2335481, Mob. 8847856627
2. Cuttack, Railway Station, Platform No.1
3. Bhubaneswar, Railway Station, Platform No.1
4. Howrah, Railway Station, Platform No.5 &18 Both.
5. Gobind Bhavan, 151, Mahatma Gandhi Road, Kolkata © (033) 40605293, 22680251; 22686894

Fourteenth Reprint 2018 3,000

Total 44,000

❖ **Price : ₹ 30**

(Thirty Rupees only)

Printed & Published by :

Gita Press, Gorakhpur—273005 (INDIA)

(a unit of Gobind Bhavan-Karyalaya, Kolkata)

Phone : (0551) 2334721, 2331250, 2331251

web:**gitapress.org** e-mail:**booksales@gitapress.org**

Visit gitapressbookshop.in for online purchase of Gitapress publications.

|| ଶ୍ରୀହରିଃ ||

ସୂଚୀପତ୍ର

ଅଧ୍ୟାୟ	ପୃଷ୍ଠାଙ୍କ
ଗୀତାର ପ୍ରଧାନ ଓ ସୂକ୍ଷ୍ମ ବିଷୟ	୫
ପ୍ରଥମ ଅଧ୍ୟାୟ	୬୧
ଦ୍ୱିତୀୟ ଅଧ୍ୟାୟ	୮୭
ତୃତୀୟ ଅଧ୍ୟାୟ	୧୨୯
ଚତୁର୍ଥ ଅଧ୍ୟାୟ	୧୫୩
ପଞ୍ଚମ ଅଧ୍ୟାୟ	୧୭୮
ଷଷ୍ଠ ଅଧ୍ୟାୟ	୧୯୬
ସପ୍ତମ ଅଧ୍ୟାୟ	୨୨୩
ଅଷ୍ଟମ ଅଧ୍ୟାୟ	୨୪୧
ନବମ ଅଧ୍ୟାୟ	୨୫୯
ଦଶମ ଅଧ୍ୟାୟ	୨୮୦
ଏକାଦଶ ଅଧ୍ୟାୟ	୩୦୩
ଦ୍ୱାଦଶ ଅଧ୍ୟାୟ	୩୪୩
ତ୍ରୟୋଦଶ ଅଧ୍ୟାୟ	୩୫୫
ଚତୁର୍ଦ୍ଦଶ ଅଧ୍ୟାୟ	୩୭୫
ପଞ୍ଚଦଶ ଅଧ୍ୟାୟ	୩୯୦
ଷୋଡ଼ଶ ଅଧ୍ୟାୟ	୪୦୪
ସପ୍ତଦଶ ଅଧ୍ୟାୟ	୪୧୮
ଅଷ୍ଟାଦଶ ଅଧ୍ୟାୟ	୪୩୪

ଗୀତାର ନିତ୍ୟ ପଠନୀୟ
ପାଞ୍ଚଟି ଶ୍ଲୋକ

ବସୁଦେବସୁତଂ ଦେବଂ କଂସଚାଣୂରମର୍ଦ୍ଦନମ୍ ।
ଦେବକୀ ପରମାନନ୍ଦଂ କୃଷ୍ଣଂ ବନ୍ଦେ ଜଗଦ୍‌ଗୁରୁମ୍ ॥

ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍ ।
ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା ॥

ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥

ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥

ଜନ୍ମ କର୍ମ ଚ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ ।
ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ ନୈତି ମାମେତି ସୋଽର୍ଜୁନ ॥

ବୀତରାଗଭୟକ୍ରୋଧା ମନ୍ମୟା ମାମୁପାଶ୍ରିତାଃ ।
ବହବୋ ଜ୍ଞାନତପସା ପୂତା ମଦ୍ଭାବମାଗତାଃ ॥

(ଗୀତା ୪ । ୬—୧୦)

ଗୀତାର ପ୍ରଧାନ ଓ ସୂକ୍ଷ୍ମ ବିଷୟ

ପ୍ରଥମ ଅଧ୍ୟାୟ

ଏହି ଅଧ୍ୟାୟରେ ଅର୍ଜୁନଙ୍କ ବିଷାଦର ବିଷୟ ବର୍ଣ୍ଣିତ । ଏହି ବିଷାଦ ମଧ୍ୟ ଭଗବାନଙ୍କର ଅଥବା ସନ୍ଥଜନଙ୍କର ସଙ୍ଗ ଲାଭ ହେଲେ ସଂସାରରୁ ବୈରାଗ୍ୟ ଜାତ କରାଇ କଲ୍ୟାଣକର ହୋଇଯାଏ । ଯଦ୍ୟପି ଦୁର୍ଯ୍ୟୋଧନ ପ୍ରଭୃତି ମଧ୍ୟ ବିଷାଦଗ୍ରସ୍ତ ହୋଇଥିଲେ, ତଥାପି ଭଗବାନଙ୍କ ପ୍ରତି ବିମୁଖ ହୋଇଥିବାରୁ ସେମାନଙ୍କର ବିଷାଦ 'ଯୋଗ' ହୋଇ ପାରିଲା ନାହିଁ । କେବଳ ଅର୍ଜୁନଙ୍କର ବିଷାଦ ହିଁ ଭଗବାନଙ୍କ ସମ୍ମୁଖ ହେବା କାରଣରୁ 'ଯୋଗ' ହେଲା ଅର୍ଥାତ୍ ଭଗବାନଙ୍କ ସହିତ ନିତ୍ୟ-ସମ୍ବନ୍ଧର ଅନୁଭବ କରାଇଦେଲା । ସେଥିପାଇଁ ଏହି ଅଧ୍ୟାୟର ନାମ '**ଅର୍ଜୁନବିଷାଦଯୋଗ**' ରଖାଯାଇଛି ।

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧—୧୧	ପାଣ୍ଡବ ଓ କୌରବସେନାର ମୁଖ୍ୟ ମୁଖ୍ୟ ମହାରଥୀମାନଙ୍କର ନାମ ବର୍ଣ୍ଣନା
୧୨—୧୯	ଉଭୟ ପକ୍ଷ ସେନାର ଶଙ୍ଖବାଦନର ବର୍ଣ୍ଣନା
୨୦—୨୭	ଅର୍ଜୁନଙ୍କ ଦ୍ୱାରା ସେନା ନିରୀକ୍ଷଣ
୨୮—୪୭	ଅର୍ଜୁନଙ୍କ ଦ୍ୱାରା ଭୀରୁତା, ଶୋକ ଓ ପଶ୍ଚାତ୍ତାପଯୁକ୍ତ ବଚନ କହିବା ତଥା ସଞ୍ଜୟଙ୍କ ଦ୍ୱାରା ଶୋକାବିଷ୍ଟ ଅର୍ଜୁନଙ୍କ ଅବସ୍ଥାର ବର୍ଣ୍ଣନା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧	ଧୃତରାଷ୍ଟ୍ରଙ୍କର ଯୁଦ୍ଧବିଷୟକ ପ୍ରଶ୍ନ
୨	ପାଣ୍ଡବସେନାକୁ ଦେଖି ଦୁର୍ଯ୍ୟୋଧନଙ୍କର ଦ୍ରୋଣାଚାର୍ଯ୍ୟଙ୍କ ନିକଟକୁ ଗମନ
୩	ଦ୍ରୁପଦପୁତ୍ରଙ୍କ ନାମ କହି ଦୁର୍ଯ୍ୟୋଧନଙ୍କର ଦ୍ରୋଣାଚାର୍ଯ୍ୟଙ୍କୁ ଉସ୍କାଇବା
୪—୬	ଦୁର୍ଯ୍ୟୋଧନଙ୍କ ଦ୍ୱାରା ପାଣ୍ଡବସେନାର ମୁଖ୍ୟ ମୁଖ୍ୟ ସତର ଜଣ ମହାରଥୀଙ୍କ ନାମ କଥନ
୭	ଦୁର୍ଯ୍ୟୋଧନଙ୍କର ନିଜର ସେନାନାୟକମାନଙ୍କ ପ୍ରତି ଧ୍ୟାନ ଆକୃଷ୍ଟ କରିବା ପାଇଁ ଦ୍ରୋଣାଚାର୍ଯ୍ୟଙ୍କ ନିକଟରେ ପ୍ରାର୍ଥନା
୮	ଦୁର୍ଯ୍ୟୋଧନଙ୍କ ଦ୍ୱାରା ନିଜ ସେନାର ମୁଖ୍ୟ ମୁଖ୍ୟ ସାତଜଣ ମହାରଥୀଙ୍କ ନାମ କହିବା
୯	ଦୁର୍ଯ୍ୟୋଧନଙ୍କ ଦ୍ୱାରା ନିଜ ହିତାକାଂକ୍ଷୀ ବୀର ଯୋଦ୍ଧାମାନଙ୍କର ମହତ୍ତ୍ୱ ବର୍ଣ୍ଣନା
୧୦	ଦୁର୍ଯ୍ୟୋଧନଙ୍କ ମନରେ ନିଜ ସେନାର ନ୍ୟୂନତା ଓ ପାଣ୍ଡବସେନାର ମହତ୍ତ୍ୱ ସମ୍ବନ୍ଧରେ ଚିନ୍ତନ
୧୧	ଭୀଷ୍ମଙ୍କର ସୁରକ୍ଷା ପାଇଁ ନିଜ ପକ୍ଷର ବୀର ଯୋଦ୍ଧାମାନଙ୍କୁ ଦୁର୍ଯ୍ୟୋଧନଙ୍କ ପ୍ରେରଣା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧୨	ଦୁର୍ଯ୍ୟୋଧନଙ୍କ ଖୁସି ପାଇଁ ଭୀଷ୍ମଙ୍କର ଗର୍ଜନାପୂର୍ବକ ଶଙ୍ଖବାଦନ
୧୩	କୌରବ ସେନାର ବିଭିନ୍ନ ବାଦ୍ୟବାଦନ
୧୪-୧୫	ଶ୍ରୀକୃଷ୍ଣ, ଅର୍ଜୁନ ଓ ଭୀମସେନଙ୍କ ଶଙ୍ଖବାଦନ
୧୬	ଯୁଧିଷ୍ଠିର, ନକୁଳ ଓ ସହଦେବଙ୍କ ଶଙ୍ଖବାଦନ
୧୭-୧୮	ପାଣ୍ଡବସେନାର ଅନେକ ମହାରଥୀଙ୍କର ଶଙ୍ଖବାଦନ
୧୯	ପାଣ୍ଡବସେନାଙ୍କ ଭୟଙ୍କର ଶଙ୍ଖଧ୍ୱନିରେ କୌରବମାନଙ୍କ ହୃଦୟ ବିଦୀର୍ଣ୍ଣ ହେବା
୨୦-୨୧	କୌରବସେନାକୁ ଦେଖି ଅର୍ଜୁନଙ୍କର ଧନୁର୍ଧାରଣ ଓ ଉଭୟ ସେନାର ମଧ୍ୟଭାଗରେ ରଥ ଠିଆ କରିବା ପାଇଁ ଭଗବାନଙ୍କୁ ଆଜ୍ଞା ପ୍ରଦାନ
୨୨	ବିପକ୍ଷୀୟମାନଙ୍କୁ ଦେଖିବା ପାଇଁ ଅର୍ଜୁନଙ୍କ ଇଚ୍ଛା ପ୍ରକଟୀକରଣ
୨୩	ଦୁର୍ଯ୍ୟୋଧନଙ୍କ ହିତାକାଂକ୍ଷୀମାନଙ୍କୁ ଦେଖିବା ପାଇଁ ଅର୍ଜୁନଙ୍କର ଇଚ୍ଛା ପ୍ରକାଶ କରିବା
୨୪-୨୫	ଭଗବାନଙ୍କ ଦ୍ୱାରା ଭୀଷ୍ମ ଓ ଦ୍ରୋଣଙ୍କ ସମ୍ମୁଖରେ ରଥ ସ୍ଥାପନ ଏବଂ କୁରୁବଂଶୀମାନଙ୍କୁ ଦେଖିବା ପାଇଁ ଅର୍ଜୁନଙ୍କୁ ଆଜ୍ଞା ପ୍ରଦାନ

ଶ୍ଲୋକସଂଖ୍ୟା	ସୂକ୍ଷ୍ମ ବିଷୟ
୨୬—୨୮	ଉଭୟ ସେନାରେ ସ୍ଥିତ ସ୍ୱଜନମାନଙ୍କୁ ଦେଖି ଅର୍ଜୁନଙ୍କର ମୋହଗ୍ରସ୍ତ ହେବା ଏବଂ ବିଷାଦଯୁକ୍ତ ବଚନ କହିବା
୨୯-୩୦	ଅର୍ଜୁନଙ୍କ ଭୀରୁତାର ଆଠଟି ଲକ୍ଷଣ
୩୧	ଶକୁନଗୁଡ଼ିକୁ ବିପରୀତ ଦେଖି ଅର୍ଜୁନ ଯୁଦ୍ଧର ପରିଣାମରେ ନିଜର ହିତ ନ ଦେଖିବା
୩୨	ଅର୍ଜୁନଙ୍କର ବିଜୟ, ରାଜ୍ୟ ଆଦି ପ୍ରାପ୍ତ କରିବାରେ ଅନିଚ୍ଛା ପ୍ରକାଶ
୩୩	ସ୍ୱଜନମାନଙ୍କ ବିହୁନେ ରାଜ୍ୟ ଆଦିକୁ ନିରର୍ଥକ କହିବା
୩୪-୩୫	ସ୍ୱଜନମାନଙ୍କ ଦ୍ୱାରା ନିହତ ହେଲେ ମଧ୍ୟ ଅଥବା ତ୍ରୈଲୋକ୍ୟ ମିଳିଗଲେ ମଧ୍ୟ ସେମାନଙ୍କୁ ମାରିବା ପାଇଁ ଅର୍ଜୁନଙ୍କର ଅନିଚ୍ଛା ପ୍ରକାଶ
୩୬	ଆତତାୟୀମାନଙ୍କୁ ମାରିବା ଦ୍ୱାରା ପାପ ହୁଏ ବୋଲି କହିବା
୩୭	ଯୁଦ୍ଧ କରିବାର ଅନୌଚିତ୍ୟ ଦର୍ଶାଇବା
୩୮-୩୯	ଦୁର୍ଯ୍ୟୋଧନ ପ୍ରଭୃତିଙ୍କର ଯୁଦ୍ଧରେ ପ୍ରବୃତ୍ତ ହେବାର ଓ ନିଜେ ଯୁଦ୍ଧରୁ ନିବୃତ୍ତ ହେବାର କାରଣ କଥନ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୪୦	କୁଳନାଶରୁ ସନାତନ କୁଳଧର୍ମ ନଷ୍ଟ ହେବା ଓ ଅଧର୍ମ ବୃଦ୍ଧି ହେବା
୪୧	ଅଧର୍ମ ବୃଦ୍ଧି ହେଲେ ସ୍ତ୍ରୀମାନଙ୍କର ଦୂଷିତା ହେବା ଓ ବର୍ଣ୍ଣସଂକର ଜାତ ହେବା
୪୨	ବର୍ଣ୍ଣସଂକରଙ୍କ ଯୋଗୁଁ କୁଳ ଓ କୁଳଘାତୀମାନଙ୍କର ନରକକୁ ଯିବା ଓ ପିତୃପୁରୁଷମାନଙ୍କର ପତନ ହେବା
୪୩	ବର୍ଣ୍ଣସଂକରକାରକ ଦୋଷରୁ କୁଳଧର୍ମ ଓ ଜାତିଧର୍ମ ନଷ୍ଟ ହେବା ବିଷୟ କଥନ
୪୪	କୁଳଧର୍ମ ନଷ୍ଟ ହୋଇଥିବା ମନୁଷ୍ୟଙ୍କର ନରକବାସ ହେବାର କଥନ
୪୫	ସ୍ୱଜନମାନଙ୍କୁ ମାରିବାକୁ ପ୍ରବୃତ୍ତ ହୋଇଥିବା ହେତୁ ଅର୍ଜୁନଙ୍କର ପଶ୍ଚାତ୍ତାପ
୪୬	ଯୁଦ୍ଧରୁ ଉପରତ ହୋଇ ଅର୍ଜୁନ ସ୍ୱଜନମାନଙ୍କ ଦ୍ୱାରା ନିହତ ହେବାରେ ମଧ୍ୟ ନିଜର କଲ୍ୟାଣ ଦେଖିବା
୪୭	ସଞ୍ଜୟଙ୍କ ଦ୍ୱାରା ଶୋକାବିଷ୍ଟ ଅର୍ଜୁନଙ୍କ ଅବସ୍ଥାର ବର୍ଣ୍ଣନା

ଦ୍ୱିତୀୟ ଅଧ୍ୟାୟ

କର୍ମଯୋଗ, ସାଙ୍ଖ୍ୟଯୋଗ, ଭକ୍ତିଯୋଗ ଆଦି ସମସ୍ତ ସାଧନାରେ ବିବେକ ନିତାନ୍ତ ଆବଶ୍ୟକ। ସାଙ୍ଖ୍ୟଯୋଗରେ ବିବେକ ମୁଖ୍ୟ ଏବଂ ସାଙ୍ଖ୍ୟଯୋଗରୁ ହିଁ ଭଗବାନ ନିଜର ଉପଦେଶ ଆରମ୍ଭ କରିଛନ୍ତି; ସେଥିପାଇଁ ଏହି ଅଧ୍ୟାୟର ନାମ **'ସାଙ୍ଖ୍ୟଯୋଗ'** ରଖାଯାଇଛି।

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧—୧୦	ଅର୍ଜୁନଙ୍କ ଭୀରୁତା ବିଷୟରେ ସଞ୍ଜୟଙ୍କ ଦ୍ୱାରା ଶ୍ରୀକୃଷ୍ଣାର୍ଜୁନସଂବାଦର ବର୍ଣ୍ଣନା
୧୧—୩୦	ସାଙ୍ଖ୍ୟଯୋଗର ବର୍ଣ୍ଣନା
୩୧—୩୮	କ୍ଷାତ୍ରଧର୍ମ ଦୃଷ୍ଟିରୁ ଯୁଦ୍ଧ କରିବାର ଆବଶ୍ୟକତା ପ୍ରତିପାଦନ
୩୯—୫୩	କର୍ମଯୋଗର ବର୍ଣ୍ଣନା
୫୪—୭୨	ସ୍ଥିତପ୍ରଜ୍ଞଙ୍କ ଲକ୍ଷଣାଦିର ବର୍ଣ୍ଣନା

ସୂକ୍ଷ୍ମ ବିଷୟ

୧	ସଞ୍ଜୟଙ୍କ ଦ୍ୱାରା ଅର୍ଜୁନଙ୍କ ବିଷାଦର ପ୍ରତିପାଦନ
୨-୩	ବିଷାଦର ଅନୌଚିତ୍ୟ ଦର୍ଶାଇ ଯୁଦ୍ଧ ପାଇଁ ଅର୍ଜୁନଙ୍କୁ ଭଗବାନଙ୍କ ଆଦେଶ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୪	ଭୀଷ୍ମ ଓ ଦ୍ରୋଣଙ୍କ ବଧକୁ ଅର୍ଜୁନ ଅନୌଚିତ୍ୟ ଦର୍ଶାଇବା
୫	ଅର୍ଜୁନ ଯୁଦ୍ଧ ନ କରିବାରେ ନିଜର ମଙ୍ଗଳ ଦେଖିବା
୬	ଯୁଦ୍ଧ କରିବା ଓ ନ କରିବାରେ ଏବଂ ବିଜୟ ହେବା ଓ ନ ହେବାରେ ଅର୍ଜୁନଙ୍କର ସନ୍ଦେହ ପ୍ରକଟୀକରଣ
୭	କର୍ତ୍ତବ୍ୟ-ନିର୍ଣ୍ଣୟ ପାଇଁ ଅର୍ଜୁନଙ୍କର ଭଗବାନଙ୍କ ନିକଟରେ ଶିଷ୍ୟତ୍ୱ ସ୍ୱୀକାର ଓ ଶରଣାପନ୍ନ ହେବା
୮	ସାଂସାରିକ ଭୋଗରେ ଅର୍ଜୁନ ନିଜର ଶୋକ-ନିବୃତ୍ତିର ଉପାୟ ନ ଦେଖିବା
୯-୧୦	ଯୁଦ୍ଧ ନ କରିବାର ନିଷ୍ପତ୍ତି ବ୍ୟକ୍ତ କରିସାରି ଅର୍ଜୁନଙ୍କର ମୌନାବଲମ୍ବନ ଏବଂ ମୃଦୁହାସପୂର୍ବକ ଭଗବାନଙ୍କର ଉପଦେଶ ଆରମ୍ଭ
୧୧	ଭଗବାନଙ୍କ ଦ୍ୱାରା ଶୋକର ଅନୌଚିତ୍ୟ ପ୍ରତିପାଦନ
୧୨-୧୩	ଶରୀରୀର ନିତ୍ୟତାର ବର୍ଣ୍ଣନା
୧୪-୧୫	ବିଷୟ ଓ ପଦାର୍ଥଗୁଡ଼ିକର ଅନିତ୍ୟତା ଏବଂ ସେଗୁଡ଼ିକ ଦ୍ୱାରା ବ୍ୟଥିତ ନ ହେବାର ମହିମା
୧୬	ସତ୍ ଓ ଅସତ୍‌ର ପରିଭାଷା

ଶ୍ଲୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧୭-୧୮	ସତ୍ ଓ ଅସତ୍‌ର ବ୍ୟାଖ୍ୟା ତଥା ଯୁଦ୍ଧ କରିବା ପାଇଁ ଆଦେଶ
୧୯	ଦେହୀର ଅକର୍ତ୍ତୃତ୍ୱ ଓ ଅବିନାଶିତ୍ୱ ବିଷୟରେ କଥନ
୨୦	ଦେହୀର ନିର୍ବିକାରତା ବିଷୟରେ କଥନ
୨୧	ଦେହୀର ଅକର୍ତ୍ତୃତ୍ୱକୁ ଜାଣିବାର ମହିମା
୨୨	ବସ୍ତ୍ରର ଦୃଷ୍ଟାନ୍ତ ମାଧ୍ୟମରେ ଦେହୀର ନିର୍ବିକାରତାର ବର୍ଣ୍ଣନା
୨୩—୨୫	ଦେହୀର ଅବିନାଶିତା, ନିତ୍ୟତା ଓ ନିର୍ବିକାରତାର ବର୍ଣ୍ଣନା
୨୬-୨୭	ଅନ୍ୟମାନଙ୍କ ଧାରଣା ଅନୁସାରେ ମଧ୍ୟ ଦେହୀ ପାଇଁ ଶୋକ କରିବାର ଅନୌଚିତ୍ୟ ପ୍ରତିପାଦନ
୨୮	ଶରୀରର ଅନିତ୍ୟତା ସମ୍ବନ୍ଧରେ ବର୍ଣ୍ଣନା
୨୯	ଶରୀରୀର ଅଲୌକିକତାର ବର୍ଣ୍ଣନା
୩୦	ଶରୀରୀର ନିତ୍ୟତାର ବର୍ଣ୍ଣନା
୩୧-୩୨	ସ୍ୱଧର୍ମରୂପକ କର୍ତ୍ତବ୍ୟପାଳନର ଶ୍ରେଷ୍ଠତ୍ୱ ଓ ଲାଭର ବର୍ଣ୍ଣନା
୩୩—୩୬	ସ୍ୱଧର୍ମରୂପକ କର୍ତ୍ତବ୍ୟପାଳନ ନ କରିବାରୁ ହେଉଥିବା କ୍ଷତିର କଥନ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୩୭-୩୮	ଯୁଦ୍ଧରୂପକ କର୍ତ୍ତବ୍ୟ ପାଳନ ଦ୍ୱାରା ହେଉଥିବା ଲାଭର ବର୍ଣ୍ଣନା କରି ଯୁଦ୍ଧ ପାଇଁ ଆଜ୍ଞା ପ୍ରଦାନ
୩୯	କର୍ମଯୋଗ ଦୃଷ୍ଟିରୁ ସମବୁଦ୍ଧି ବିଷୟରେ ଶୁଣିବା ପାଇଁ ଆଦେଶ
୪୦	ସମବୁଦ୍ଧିକୁ ଆଚରଣ କରିବାର ମହିମା
୪୧	ବ୍ୟବସାୟାତ୍ମିକା ବୁଦ୍ଧିର ଏକତା ଓ ଅବ୍ୟବସାୟୀ ମନୁଷ୍ୟଙ୍କ ବୁଦ୍ଧିର ଅନେକତା ନିରୂପଣ
୪୨—୪୪	ଅବ୍ୟବସାୟୀ ମନୁଷ୍ୟର ବ୍ୟବସାୟାତ୍ମିକା ବୁଦ୍ଧି ନ ହେବାର କାରଣ
୪୫	ଅର୍ଜୁନଙ୍କୁ ନିଷ୍କାମ ହେବା ପାଇଁ ଆଦେଶ
୪୬	ନିଷ୍କାମତାର ନିରୂପଣ
୪୭	କର୍ତ୍ତବ୍ୟକର୍ମ କରିବାର ପ୍ରଣାଳୀ
୪୮	କର୍ତ୍ତବ୍ୟକର୍ମ କରିବାର ପ୍ରଣାଳୀକୁ କାର୍ଯ୍ୟାନ୍ୱିତ କରିବାର ଉପାୟ
୪୯	ସକାମ କର୍ମ ଅପେକ୍ଷା ସମବୁଦ୍ଧିର ଶ୍ରେଷ୍ଠତ୍ୱ ଦର୍ଶାଇ ତାହାର ଆଶ୍ରୟ ନେବା ପାଇଁ ଆଦେଶ
୫୦	ସମବୁଦ୍ଧିର ଆଶ୍ରୟ ନେବାର ଫଳ କହି ଯୋଗଯୁକ୍ତ ହେବା ପାଇଁ ଆଦେଶ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୫୧	ସମବୁଦ୍ଧିର ବିଶେଷ ମହିମା ବର୍ଣ୍ଣନ
୫୨-୫୩	ବୁଦ୍ଧି ମୋହକଲିଳକୁ ଅତିକ୍ରମ କଲେ ବୈରାଗ୍ୟ ପ୍ରାପ୍ତ ହେବାର ଓ ବୁଦ୍ଧି ଅଚଳ ତଥା ନିଶ୍ଚଳ ହେଲେ ଯୋଗ ପ୍ରାପ୍ତ ହେବାର କଥନ
୫୪	ସ୍ଥିତପ୍ରଜ୍ଞଙ୍କ ବିଷୟରେ ଅର୍ଜୁନଙ୍କର ଚାରୋଟି ପ୍ରଶ୍ନ
୫୫	କାମନା ତ୍ୟାଗ ଦ୍ୱାରା ସ୍ୱରୂପରେ ସ୍ଥିତି ହେବାର କଥନ
୫୬-୫୭	ସ୍ଥିତପ୍ରଜ୍ଞଙ୍କ ଭାବମୂଳକ ଭାଷଣ ବିଷୟରେ କଥନ
୫୮-୫୯	କଇଁଛର ଦୃଷ୍ଟାନ୍ତ ମାଧ୍ୟମରେ ସ୍ଥିତପ୍ରଜ୍ଞଙ୍କ ସଂଯମ ଓ ତାଙ୍କର ରସବୁଦ୍ଧି ନିବୃତ୍ତ ହେବା ସମ୍ପର୍କରେ ବର୍ଣ୍ଣନା
୬୦	ରସବୁଦ୍ଧି ନିବୃତ୍ତ ନ ହେବାରୁ କ୍ଷତି
୬୧	ରସବୁଦ୍ଧିର ନିବୃତ୍ତି ପାଇଁ ଭଗବତ୍‌ପରାୟଣ ହେବାର ଆବଶ୍ୟକତା ପ୍ରତିପାଦନ
୬୨-୬୩	ରସବୁଦ୍ଧି ହେତୁ ହେଉଥିବା ପତନର କ୍ରମ
୬୪-୬୫	ରାଗ-ଦ୍ୱେଷବିବର୍ଜିତ ତଥା ବଶୀଭୂତ ଇନ୍ଦ୍ରିୟଗଣଙ୍କ ଦ୍ୱାରା ବିଷୟ ସେବନ କରୁଥିଲେ ମଧ୍ୟ ସ୍ଥିତପ୍ରଜ୍ଞତା ଅକ୍ଷୁଣ୍ଣ ରହିବାର କଥନ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୬୬	ଅସଂଯମୀ ମନୁଷ୍ୟର ବୁଦ୍ଧି ଓ ଭାବନା ବ୍ୟବସାୟାତ୍ମିକା ନ ହେବା ଏବଂ ତାକୁ ସୁଖ ଓ ଶାନ୍ତି ନ ମିଳିବା ବିଷୟରେ କଥନ
୬୭	ଅସଂଯମୀ ସାଧକର ମନର ପ୍ରାବଲ୍ୟ ବିଷୟରେ କଥନ
୬୮	ଇନ୍ଦ୍ରିୟସଂଯମ ଦ୍ୱାରା ସ୍ଥିତପ୍ରଜ୍ଞତା ପ୍ରାପ୍ତି ବିଷୟରେ କଥନ
୬୯	ସଂଯମୀ ପୁରୁଷର ମହିମା
୭୦	ସମୁଦ୍ରର ଦୃଷ୍ଟାନ୍ତ ମାଧ୍ୟମରେ ସ୍ଥିତପ୍ରଜ୍ଞଙ୍କ ପୂର୍ଣ୍ଣତ୍ୱର କଥନ
୭୧	କାମନା, ସ୍ପୃହା, ମମତା ଓ ଅହଂଭାବ ତ୍ୟାଗରୁ ଶାନ୍ତିଲାଭ
୭୨	କାମନା ଆଦିରୁ ମୁକ୍ତ ହେବାର ବିଶେଷ ମହିମା

ତୃତୀୟ ଅଧ୍ୟାୟ

ଏହି ଅଧ୍ୟାୟରେ କର୍ମଯୋଗର ଯେତେ ବିଶଦ୍ ବର୍ଣ୍ଣନା ହୋଇଛି, ଗୀତାରେ ଅନ୍ୟ କୌଣସି ଅଧ୍ୟାୟରେ ସେତେ ବର୍ଣ୍ଣନା ହୋଇ ନାହିଁ, ତେଣୁ ଏହି ଅଧ୍ୟାୟର ନାମ **'କର୍ମଯୋଗ'** ।

ଶ୍ଲୋକସଂଖ୍ୟା	ପ୍ରଧାନ ବିଷୟ
୧—୮	ସାଙ୍ଖ୍ୟଯୋଗ ଓ କର୍ମଯୋଗ ଦୃଷ୍ଟିରୁ କର୍ତ୍ତବ୍ୟକର୍ମ କରିବାର ଆବଶ୍ୟକତା ନିରୂପଣ
୯—୧୯	ଯଜ୍ଞ ଓ ସୃଷ୍ଟିଚକ୍ରର ପରମ୍ପରା ସୁରକ୍ଷିତ ରଖିବା ପାଇଁ କର୍ତ୍ତବ୍ୟକର୍ମ କରିବାର ଆବଶ୍ୟକତା ନିରୂପଣ
୨୦—୨୯	ଲୋକସଂଗ୍ରହ ନିମନ୍ତେ କର୍ତ୍ତବ୍ୟକର୍ମ କରିବାର ଆବଶ୍ୟକତା ନିରୂପଣ
୩୦—୩୫	ରାଗ ଓ ଦ୍ୱେଷରୁ ମୁକ୍ତ ହୋଇ ସ୍ୱଧର୍ମ ଅନୁସାରେ କର୍ତ୍ତବ୍ୟକର୍ମ କରିବା ପାଇଁ ପ୍ରେରଣା
୩୬—୪୩	ସମସ୍ତ ପାପର କାରଣଭୂତ 'କାମ'କୁ ବିନାଶ କରିବା ପାଇଁ ପ୍ରେରଣା

ସୂକ୍ଷ୍ମ ବିଷୟ

୧-୨	ଭଗବାନଙ୍କ ବଚନର ସ୍ପଷ୍ଟୀକରଣ ପାଇଁ ଅର୍ଜୁନଙ୍କ ପ୍ରାର୍ଥନା
୩	ଭଗବାନଙ୍କ ଦ୍ୱାରା ଅଧିକାରୀ ଭେଦରେ ଦୁଇ ପ୍ରକାର ଲୌକିକ ନିଷ୍ଠାର ବର୍ଣ୍ଣନା
୪	କେବଳ କର୍ମଗୁଡ଼ିକୁ ତ୍ୟାଗ କରିଦେଲେ ସିଦ୍ଧି ମିଳେ ନାହିଁ ବୋଲି କହିବା
୫	କର୍ମଗୁଡ଼ିକୁ ସର୍ବଥା ତ୍ୟାଗ କରିବା ଅସମ୍ଭବ ଦର୍ଶାଇବା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୬	ବାହ୍ୟ କ୍ରିୟାଗୁଡ଼ିକର ତ୍ୟାଗକୁ ମିଥ୍ୟାଚାର ଦର୍ଶାଇବା
୭	ଇନ୍ଦ୍ରିୟମାନଙ୍କ ଦ୍ୱାରା ଅନାସକ୍ତଭାବରେ କର୍ତ୍ତବ୍ୟକର୍ମ କରିବା ବ୍ୟକ୍ତିର ପ୍ରଶଂସା
୮	କର୍ମ ନ କରିବା ଅପେକ୍ଷା କର୍ମ କରିବାର ଶ୍ରେଷ୍ଠତ୍ୱ ପ୍ରତିପାଦନ
୯	ନିଜ ପାଇଁ କରାଯାଉଥିବା କର୍ମକୁ ବନ୍ଧନକାରକ କହି ଅନାସକ୍ତଭାବରେ କର୍ମ କରିବା ପାଇଁ ଆଦେଶ
୧୦-୧୧	ପ୍ରଜାପତି ବ୍ରହ୍ମାଙ୍କ ଆଜ୍ଞାନୁସାରେ ଯଜ୍ଞାର୍ଥକର୍ମର ଆବଶ୍ୟକତା ନିରୂପଣ
୧୨	କେବଳ ନିଜ ସ୍ୱାର୍ଥ ପାଇଁ କର୍ମ କରୁଥିବା ଲୋକର ନିନ୍ଦା
୧୩	ନିଜ ପାଇଁ କର୍ମ ନ କଲେ ମୁକ୍ତି ଓ ନିଜ ପାଇଁ କର୍ମ କଲେ ବନ୍ଧନ
୧୪-୧୫	ସୃଷ୍ଟିଚକ୍ରର ସୁରକ୍ଷା ନିମନ୍ତେ କର୍ତ୍ତବ୍ୟକର୍ମ କରିବାର ଆବଶ୍ୟକତା
୧୬	ସୃଷ୍ଟିଚକ୍ର ଅନୁସାରେ ଚଳୁ ନ ଥିବା ଲୋକର ନିନ୍ଦା
୧୭	ସିଦ୍ଧ କର୍ମଯୋଗୀଙ୍କ ପାଇଁ କୌଣସି କର୍ତ୍ତବ୍ୟ ନ ଥିବାର କଥନ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧୮	ସିଦ୍ଧ କର୍ମଯୋଗୀଙ୍କର କାହାଠାରେ କୌଣସି ପ୍ରୟୋଜନ ନ ଥିବାର କଥନ
୧୯	ଅନାସକ୍ତ ଭାବରେ କର୍ମ କରିବାକୁ ଆଦେଶ ଓ ତାହାର ଫଳ
୨୦	ଜନକାଦିଙ୍କ ଉଦାହରଣ ଦ୍ୱାରା ଅନାସକ୍ତ ଭାବରେ କର୍ମ କରିବା ପାଇଁ ପ୍ରେରଣା
୨୧	ଲୋକସଂଗ୍ରହର ଶିକ୍ଷା
୨୨	ଭଗବାନଙ୍କ ଦ୍ୱାରା ଲୋକସଂଗ୍ରହ
୨୩-୨୪	ଭଗବାନ ନିଜେ କର୍ମ ନ କଲେ ତଜ୍ଜନିତ ସମ୍ଭାବ୍ୟ କ୍ଷତିର ବର୍ଣ୍ଣନ
୨୫-୨୬	କର୍ମ କରିବା ପାଇଁ ଓ ଅନ୍ୟମାନଙ୍କ ଦ୍ୱାରା କର୍ମ କରାଇବା ପାଇଁ ଜ୍ଞାନୀ ମହାପୁରୁଷଙ୍କୁ ଭଗବାନଙ୍କ ପ୍ରେରଣା
୨୭	ଅଜ୍ଞାନୀ ମନୁଷ୍ୟଙ୍କ କର୍ମର ପ୍ରଣାଳୀ
୨୮	ଜ୍ଞାନୀ ମହାପୁରୁଷଙ୍କ କର୍ମର ପ୍ରଣାଳୀ
୨୯	ଅଜ୍ଞାନୀ ମନୁଷ୍ୟଙ୍କୁ କର୍ମରୁ ବିଚଳିତ ନ କରିବା ପାଇଁ ଜ୍ଞାନୀ ମହାପୁରୁଷଙ୍କୁ ନିର୍ଦ୍ଦେଶ
୩୦	ଭଗବନ୍ନିଷ୍ଠା ଅନୁସାରେ କର୍ମ କରିବାର ବିଧି

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୩୧	ଭଗବାନଙ୍କ ସିଦ୍ଧାନ୍ତ ପାଳନ କରିବା ଦ୍ୱାରା ଲାଭ
୩୨	ଭଗବାନଙ୍କ ସିଦ୍ଧାନ୍ତ ପାଳନ ନ କରିବା ଦ୍ୱାରା କ୍ଷତି
୩୩	ପ୍ରକୃତିର ପରବଶତା
୩୪	ପ୍ରକୃତିର ପରବଶତାରୁ ମୁକ୍ତ ହେବାର ଉପାୟ
୩୫	ସ୍ୱଧର୍ମ ଓ ପରଧର୍ମର ବର୍ଣ୍ଣନା
୩୬	ପାପରେ ପ୍ରବୃତ୍ତ ହେବାର କାରଣ ଜାଣିବା ପାଇଁ ଅର୍ଜୁନଙ୍କ ପ୍ରଶ୍ନ
୩୭	କାମ ହିଁ ପାପର କାରଣ ବୋଲି ଭଗବାନଙ୍କ ଦ୍ୱାରା ପ୍ରତିପାଦନ
୩୮	କାମ ଦ୍ୱାରା ଜ୍ଞାନ ଆବୃତ ହୋଇଯିବା ସମ୍ବନ୍ଧରେ ବର୍ଣ୍ଣନା
୩୯	କାମର ଦୁଷ୍ପୂରତା
୪୦	କାମର ନିବାସସ୍ଥାନ
୪୧	ଇନ୍ଦ୍ରିୟସଂଯମ କରି କାମକୁ ମାରିବାର ପ୍ରେରଣା
୪୨-୪୩	ନିଜେ ନିଜକୁ ବଶରେ ରଖି କାମକୁ ମାରିବାର ପ୍ରେରଣା

ଚତୁର୍ଥ ଅଧ୍ୟାୟ

ତତ୍ତ୍ୱଜ୍ଞାନ ପ୍ରାପ୍ତି ନିମନ୍ତେ କର୍ମଯୋଗ ଓ ସାଂଖ୍ୟଯୋଗର

ବର୍ଣ୍ଣନା ହୋଇଥିବାରୁ ଏହି ଅଧ୍ୟାୟର ନାମ **'ଜ୍ଞାନକର୍ମସନ୍ନ୍ୟାସ-ଯୋଗ'** ।

ଶ୍ଳୋକସଂଖ୍ୟା	**ପ୍ରଧାନ ବିଷୟ**
୧—୧୫	କର୍ମଯୋଗର ପରମ୍ପରା ଏବଂ ଭଗବାନଙ୍କ ଜନ୍ମ ତଥା କର୍ମମାନଙ୍କର ଦିବ୍ୟତାର ବର୍ଣ୍ଣନା
୧୬—୩୨	କର୍ମତତ୍ତ୍ୱର ଏବଂ ତଦନୁସାରେ ଯଜ୍ଞଗୁଡ଼ିକର ବର୍ଣ୍ଣନା
୩୩—୪୨	ଜ୍ଞାନଯୋଗ ଓ କର୍ମଯୋଗର ପ୍ରଶଂସା ତଥା ପ୍ରେରଣା

ସୂକ୍ଷ୍ମ ବିଷୟ

୧	କର୍ମଯୋଗର ପରମ୍ପରା ବର୍ଣ୍ଣନା
୨	କର୍ମଯୋଗ ଲୁପ୍ତପ୍ରାୟ ହେବାର କଥନ
୩	ଭଗବାନଙ୍କ ଦ୍ୱାରା ନିଜର ରହସ୍ୟ ପ୍ରକଟୀକରଣ
୪	ଭଗବାନଙ୍କ ବିଷୟରେ ଅର୍ଜୁନଙ୍କ ଜିଜ୍ଞାସା
୫	ଭଗବାନଙ୍କ ଦ୍ୱାରା ନିଜ ସର୍ବଜ୍ଞତାର ବର୍ଣ୍ଣନା
୬	ଭଗବାନଙ୍କ ଜନ୍ମର ବୈଚିତ୍ର୍ୟ
୭	ଭଗବାନଙ୍କ ଅବତାରର ସମୟ
୮	ଭଗବାନଙ୍କ ଅବତାରର ପ୍ରୟୋଜନୀୟତା
୯	ଭଗବାନଙ୍କ ଜନ୍ମ ଓ କର୍ମର ଦିବ୍ୟତା ଜାଣିବାର ମାହାତ୍ମ୍ୟ
୧୦	ଭଗବାନଙ୍କ ଜନ୍ମ ଓ କର୍ମକୁ ତତ୍ତ୍ୱତଃ ଜାଣିବାର ଫଳ
୧୧	ଭକ୍ତମାନଙ୍କ ଭାବ ଅନୁସାରେ ଭଗବାନଙ୍କ ବ୍ୟବହାର

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧୨	ଅନ୍ୟ ଦେବତାମାନଙ୍କ ଉପାସନାର କାରଣ
୧୩-୧୪	ଭଗବାନଙ୍କ କର୍ମର ଦିବ୍ୟତା
୧୫	ମୁମୁକ୍ଷୁମାନଙ୍କ ଉଦାହରଣ ଦେଇ କର୍ମ କରିବାକୁ ପ୍ରେରଣା
୧୬	କର୍ମ-ତତ୍ତ୍ୱ ବର୍ଣ୍ଣନାର ଉପକ୍ରମ
୧୭	କର୍ମ-ତତ୍ତ୍ୱକୁ ଜାଣିବା ପାଇଁ ପ୍ରେରଣା
୧୮	କର୍ମର ତତ୍ତ୍ୱ ଏବଂ ତାହାକୁ ଜାଣିଥିବା ମନୁଷ୍ୟର ପ୍ରଶଂସା
୧୯	କର୍ମର ତତ୍ତ୍ୱକୁ ଜାଣିଥିବା ମହାପୁରୁଷଙ୍କର ପ୍ରଶଂସା
୨୦	କର୍ମର ତତ୍ତ୍ୱକୁ ଜାଣିଥିବା ମହାପୁରୁଷଙ୍କର କର୍ମରୁ ଅସଙ୍ଗତା
୨୧	ନିବୃତ୍ତିପରାୟଣ କର୍ମଯୋଗୀଙ୍କର କର୍ମରୁ ନିର୍ଲିପ୍ତତା
୨୨	ପ୍ରବୃତ୍ତିପରାୟଣ କର୍ମଯୋଗୀଙ୍କର କର୍ମରୁ ନିର୍ଲିପ୍ତତା
୨୩	ଯଜ୍ଞାର୍ଥ କର୍ମ କରିବା ଦ୍ୱାରା କର୍ମ ବିଲୀନ ହେବା
୨୪	ବ୍ରହ୍ମଯଜ୍ଞର ବର୍ଣ୍ଣନା
୨୫	ଭଗବଦର୍ପଣରୂପୀ ଦୈବଯଜ୍ଞର ତଥା ବ୍ରହ୍ମ ସହିତ ସ୍ୱୟଂର ଏକତ୍ୱରୂପୀ ଯଜ୍ଞର ବର୍ଣ୍ଣନା
୨୬	ଇନ୍ଦ୍ରିୟସଂଯମରୂପୀ ଯଜ୍ଞର ଓ ବିଷୟହବନରୂପୀ (ଅନାସକ୍ତିପୂର୍ବକ ବିଷୟସେବନରୂପୀ) ଯଜ୍ଞର ବର୍ଣ୍ଣନା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୨୭	ଆତ୍ମସଂଯମ (ସମାଧି)ରୂପକ ଯଜ୍ଞର ବର୍ଣ୍ଣନା
୨୮	ଦ୍ରବ୍ୟଯଜ୍ଞ, ତପୋଯଜ୍ଞ, ଯୋଗଯଜ୍ଞ ଓ ସ୍ୱାଧ୍ୟାୟରୂପକ ଜ୍ଞାନଯଜ୍ଞର ବର୍ଣ୍ଣନା
୨୯-୩୦	ପ୍ରାଣାୟାମରୂପକ ଯଜ୍ଞର ତଥା ସ୍ତମ୍ଭବୃତ୍ତି-ପ୍ରାଣାୟାମରୂପକ ଯଜ୍ଞର ବର୍ଣ୍ଣନା ଏବଂ ଯଜ୍ଞ କରୁଥିବା ଲୋକମାନଙ୍କର ମହିମା
୩୧	ଯଜ୍ଞ କରିବାରେ ଲାଭ ଓ ନ କରିବାରେ କ୍ଷତି
୩୨	କର୍ମ-ତତ୍ତ୍ୱ ବର୍ଣ୍ଣନାର ଉପସଂହାର
୩୩	ଦ୍ରବ୍ୟମୟ ଯଜ୍ଞ ଅପେକ୍ଷା ଜ୍ଞାନଯଜ୍ଞର ଶ୍ରେଷ୍ଠତ୍ୱ
୩୪	ଜ୍ଞାନପ୍ରାପ୍ତିର ଶାସ୍ତ୍ରୀୟ ପ୍ରଣାଳୀ
୩୫	ଜ୍ଞାନପ୍ରାପ୍ତି ହେବାପରେ ପୁନଶ୍ଚ ମୋହ ନ ହେବାର କଥନ
୩୬	ଜ୍ଞାନରୂପୀ ନୌକାଦ୍ୱାରା ସମସ୍ତ ପାପକୁ ଅତିକ୍ରମଣ
୩୭	ଜ୍ଞାନରୂପକ ଅଗ୍ନିରେ ସମସ୍ତ କର୍ମ ଭସ୍ମ ହେବା
୩୮	ଜ୍ଞାନର ମହିମା ଓ କର୍ମଯୋଗ ଦ୍ୱାରା ସ୍ୱତଃ ଜ୍ଞାନପ୍ରାପ୍ତି
୩୯	ଜ୍ଞାନପ୍ରାପ୍ତିର ପାତ୍ର
୪୦	ବିବେକହୀନ ସଂଶୟାତ୍ମାର ପତନ
୪୧	ସଂଶୟରହିତ କର୍ମଯୋଗୀଙ୍କର କର୍ମରୁ ନିର୍ଲିପ୍ତତା
୪୨	କର୍ମଯୋଗ ଆଚରଣ କରିବାକୁ ଆଦେଶ

ପଞ୍ଚମ ଅଧ୍ୟାୟ

କର୍ମଯୋଗ ଓ ସାଙ୍ଖ୍ୟଯୋଗ ଉଭୟର ବର୍ଣ୍ଣନା ହୋଇଥିବାରୁ ଏହି ଅଧ୍ୟାୟର ନାମ '**କର୍ମସନ୍ନ୍ୟାସଯୋଗ**'।

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧—୬	ସାଙ୍ଖ୍ୟଯୋଗ ଓ କର୍ମଯୋଗ ମଧ୍ୟରେ ଏକତ୍ୱ ପ୍ରତିପାଦନ ଏବଂ କର୍ମଯୋଗର ପ୍ରଶଂସା
୭—୧୨	ସାଙ୍ଖ୍ୟଯୋଗ ଓ କର୍ମଯୋଗ ସାଧନାର ପ୍ରକାର
୧୩—୨୬	ଫଳସହିତ ସାଙ୍ଖ୍ୟଯୋଗର ବିଷୟ
୨୭—୨୯	ଧ୍ୟାନ ଓ ଭକ୍ତିର ବର୍ଣ୍ଣନା

ସୂକ୍ଷ୍ମ ବିଷୟ

୧	ସାଙ୍ଖ୍ୟଯୋଗ ଓ କର୍ମଯୋଗର ଶ୍ରେଷ୍ଠତ୍ୱ ବିଷୟରେ ଅର୍ଜୁନଙ୍କ ପ୍ରଶ୍ନ
୨	ଭଗବାନଙ୍କ ଦ୍ୱାରା ସାଙ୍ଖ୍ୟଯୋଗ ଅପେକ୍ଷା କର୍ମଯୋଗର ଶ୍ରେଷ୍ଠତ୍ୱ ପ୍ରତିପାଦନ
୩	କର୍ମଯୋଗ ଦ୍ୱାରା ସହଜରେ ମୁକ୍ତ ହେବାର କଥନ
୪	ସାଙ୍ଖ୍ୟଯୋଗ ଓ କର୍ମଯୋଗକୁ ଭିନ୍ନ ଭିନ୍ନ ଫଳପ୍ରଦ କହୁଥିବା ଲୋକଙ୍କୁ ଅଜ୍ଞ କହିବା
୫	ସାଙ୍ଖ୍ୟଯୋଗ ଓ କର୍ମଯୋଗର ଫଳରେ ଏକତ୍ୱ ଦେଖୁଥିବା ଲୋକଙ୍କୁ ବୁଦ୍ଧିମାନ୍ କହିବା

ଶ୍ଲୋକସଂଖ୍ୟା	ସୂକ୍ଷ୍ମ ବିଷୟ
୬	ସାଙ୍ଖ୍ୟଯୋଗ ଅପେକ୍ଷା କର୍ମଯୋଗକୁ ଶୀଘ୍ର ସିଦ୍ଧିପ୍ରଦ କହିବା
୭	କର୍ମରୁ କର୍ମଯୋଗୀଙ୍କର ନିର୍ଲିପ୍ତତା
୮-୯	କର୍ମରୁ ସାଙ୍ଖ୍ୟଯୋଗୀଙ୍କର ନିର୍ଲିପ୍ତତା
୧୦	କର୍ମରୁ ଭକ୍ତିଯୋଗୀଙ୍କର ନିର୍ଲିପ୍ତତା
୧୧	କର୍ମଯୋଗୀଙ୍କର କର୍ମ କରିବାର ପ୍ରଣାଳୀ
୧୨	ନିଷ୍କାମଭାବରୁ ମୁକ୍ତି ଓ ସକାମଭାବରୁ ବନ୍ଧନ
୧୩	ସାଂଖ୍ୟଯୋଗୀଙ୍କର କର୍ମ କରିବା ଓ କରାଇବାର ଭାବ ନ ଥିବା ବିଷୟରେ କଥନ
୧୪	କର୍ତ୍ତୃତ୍ୱ, କର୍ମ ଓ କର୍ମଫଳସଂଯୋଗରେ ଜୀବର ସ୍ୱଭାବକୁ ଦାୟୀ କହିବା
୧୫	ପାପ ଓ ପୁଣ୍ୟରେ ଚେତନତତ୍ତ୍ୱର ନିର୍ଲିପ୍ତତା ଏବଂ ଜୀବମାନେ ଅଜ୍ଞାନ ହେତୁ ମୋହଗ୍ରସ୍ତ ହେବା
୧୬	ସୂର୍ଯ୍ୟଙ୍କ ଦୃଷ୍ଟାନ୍ତ ମାଧ୍ୟମରେ ତତ୍ତ୍ୱଜ୍ଞାନର ମହିମା ବର୍ଣ୍ଣନା
୧୭	ସାଂଖ୍ୟଯୋଗର ସାଧନା ଓ ଫଳ
୧୮	ଜ୍ଞାନୀ ମହାପୁରୁଷଙ୍କ ସମଦର୍ଶିତା
୧୯	ସମତାର ବିଶେଷ ମହିମା ବର୍ଣ୍ଣନା
୨୦	ସାଂଖ୍ୟଯୋଗର ସାଧନା ଓ ସିଦ୍ଧଙ୍କ ଲକ୍ଷଣଗୁଡ଼ିକର ବର୍ଣ୍ଣନା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୨୧	ବ୍ରହ୍ମରେ ସ୍ୱାଭାବିକ ସ୍ଥିତିର ଅନୁଭବ ଓ ଅକ୍ଷୟ ସୁଖର ପ୍ରାପ୍ତି
୨୨	ସଂଯୋଗଜନିତ ସୁଖର ନିନ୍ଦା
୨୩	କାମ ଓ କ୍ରୋଧ ଉପରେ ବିଜୟୀ ମନୁଷ୍ୟଙ୍କର ମହିମା ବର୍ଣ୍ଣନା
୨୪	ନିବୃତ୍ତିମୂଳକ ସାଂଖ୍ୟଯୋଗର ସାଧନା ଓ ସିଦ୍ଧି
୨୫	ପ୍ରବୃତ୍ତିମୂଳକ ସାଂଖ୍ୟଯୋଗର ସାଧନା ଓ ସିଦ୍ଧି
୨୬	ନିର୍ବାଣବ୍ରହ୍ମକୁ ପ୍ରାପ୍ତ ହୋଇଥିବା ବ୍ୟକ୍ତିର ଅନୁଭବ
୨୭-୨୮	ଫଳସହିତ ଧ୍ୟାନଯୋଗର ସଂକ୍ଷିପ୍ତ ବର୍ଣ୍ଣନା
୨୯	ଫଳସହିତ ଭକ୍ତିଯୋଗର ସଂକ୍ଷିପ୍ତ ବର୍ଣ୍ଣନା

ଷଷ୍ଠ ଅଧ୍ୟାୟ

ଆତ୍ମସଂଯମ ଅର୍ଥାତ୍ ମନକୁ ସଂଯତ କଲେ ଧ୍ୟାନଯୋଗୀକୁ ଯୋଗ (ସମତା) ଅନୁଭୂତ ହୁଏ; ତେଣୁ ଏହି ଅଧ୍ୟାୟର ନାମ **'ଆତ୍ମସଂଯମଯୋଗ'** ରଖାଯାଇଛି ।

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧—୪	କର୍ମଯୋଗର ବିଷୟ ଓ ଯୋଗାରୂଢ଼ ମନୁଷ୍ୟର ଲକ୍ଷଣ
୫—୯	ଆତ୍ମୋଦ୍ଧାର ନିମନ୍ତେ ପ୍ରେରଣା ଓ ସିଦ୍ଧ କର୍ମଯୋଗୀଙ୍କର ଲକ୍ଷଣ

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧୦—୧୫	ଆସନର ବିଧି ଓ ଫଳସହିତ ସଗୁଣସାକାରଙ୍କ ଧ୍ୟାନର ବର୍ଣ୍ଣନା
୧୬—୨୩	ନିୟମଗୁଡ଼ିକର ଏବଂ ଫଳସହିତ ସ୍ୱରୂପ-ଧ୍ୟାନ ବିଷୟରେ ବର୍ଣ୍ଣନା
୨୪—୨୮	ଫଳସହିତ ନିର୍ଗୁଣନିରାକାରଙ୍କ ଧ୍ୟାନର ବର୍ଣ୍ଣନା
୨୯—୩୨	ସଗୁଣ ଓ ନିର୍ଗୁଣ ଧ୍ୟାନଯୋଗୀମାନଙ୍କର ଅନୁଭବ
୩୩—୩୬	ମନୋନିଗ୍ରହର ପ୍ରସଙ୍ଗ
୩୭—୪୭	ଯୋଗଭ୍ରଷ୍ଟର ଗତି ବିଷୟରେ ବର୍ଣ୍ଣନା ଓ ଭକ୍ତିଯୋଗୀଙ୍କର ମହିମା

ସୂକ୍ଷ୍ମ ବିଷୟ

୧-୨	କର୍ମଯୋଗର ପ୍ରଶଂସା
୩-୪	ଯୋଗାରୂଢ଼ ହେବାର ଉପାୟ ଓ ଯୋଗାରୂଢ଼ଙ୍କର ଲକ୍ଷଣ
୫-୬	ନିଜେ ନିଜର ଉଦ୍ଧାର କରିବା ପାଇଁ ପ୍ରେରଣା
୭—୯	ସିଦ୍ଧ କର୍ମଯୋଗୀଙ୍କ ଲକ୍ଷଣ
୧୦	ଧ୍ୟାନଯୋଗ ପାଇଁ ପ୍ରେରଣା
୧୧—୧୩	ଆସନ ବିଛାଇବାର ଓ ବସିବାର ବିଧି
୧୪	ସଗୁଣସାକାରଙ୍କ ଧ୍ୟାନର ପ୍ରଣାଳୀ
୧୫	ସଗୁଣସାକାରଙ୍କ ଧ୍ୟାନର ଫଳ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧୬-୧୭	ଯୋଗୀଙ୍କ ପାଇଁ ଅନ୍ୱୟ ଓ ବ୍ୟତିରେକ ରୀତିରେ ନିୟମଗୁଡ଼ିକର ବର୍ଣ୍ଣନା
୧୮	ସ୍ୱରୂପର ଧ୍ୟାନ କରୁଥିବା ଧ୍ୟାନଯୋଗୀଙ୍କ ସ୍ଥିତିର ବର୍ଣ୍ଣନା
୧୯	ଦୀପର ଦୃଷ୍ଟାନ୍ତ ଦ୍ୱାରା ଯୋଗୀଙ୍କ ଚିତ୍ତର ଅବସ୍ଥାର ବର୍ଣ୍ଣନା
୨୦	ଚିତ୍ତ ଉପରତ ହେବା ଦ୍ୱାରା ଯୋଗୀଙ୍କୁ ନିଜ ସ୍ୱରୂପର ଅନୁଭବ
୨୧-୨୨	ଆତ୍ୟନ୍ତିକ ସୁଖପ୍ରାପ୍ତି ଓ ସମସ୍ତ ଦୁଃଖର ଅଭାବର ବର୍ଣ୍ଣନା
୨୩	ସାଧ୍ୟରୂପକ ଯୋଗ (ସମତା)ର ବର୍ଣ୍ଣନା ଓ ଧ୍ୟାନଯୋଗ ନିମନ୍ତେ ପ୍ରେରଣା
୨୪-୨୫	ନିର୍ଗୁଣନିରାକାରଙ୍କ ଧ୍ୟାନର ପ୍ରଣାଳୀ
୨୬	ଧ୍ୟାନ ପାଇଁ ଅଭ୍ୟାସର କଥନ
୨୭-୨୮	ପ୍ରଥମେ ସାତ୍ତ୍ୱିକ ସୁଖର ପ୍ରାପ୍ତି ଓ ତା'ପରେ ଅକ୍ଷୟ ସୁଖର ପ୍ରାପ୍ତି ବିଷୟରେ ବର୍ଣ୍ଣନା
୨୯	ସ୍ୱରୂପର ଧ୍ୟାନ କରୁଥିବା ଧ୍ୟାନଯୋଗୀଙ୍କର ଅନୁଭବ
୩୦-୩୧	ସଗୁଣସାକାରଙ୍କ ଧ୍ୟାନ କରୁଥିବା ଧ୍ୟାନଯୋଗୀଙ୍କର ଅନୁଭବ ଓ ଲକ୍ଷଣ

ଶ୍ଲୋକସଂଖ୍ୟା	ସୂକ୍ଷ୍ମ ବିଷୟ
୩୨	ନିର୍ଗୁଣନିରାକାରଙ୍କ ଧ୍ୟାନ କରୁଥିବା ଧ୍ୟାନଯୋଗୀଙ୍କର ଅନୁଭବ
୩୩-୩୪	ମନର ଚଞ୍ଚଳତା ବିଷୟରେ ଅର୍ଜୁନଙ୍କ ଧାରଣା
୩୫-୩୬	ମନୋନିଗ୍ରହର ଉପାୟ ଓ ସଂଯତାତ୍ମା ମନୁଷ୍ୟର ମହିମା
୩୭-୩୮	ଯୋଗଭ୍ରଷ୍ଟର ଗତି ବିଷୟରେ ଅର୍ଜୁନଙ୍କ ସନ୍ଦେହ
୩୯	ସନ୍ଦେହ ଦୂର କରିବା ପାଇଁ ଭଗବାନଙ୍କୁ ପ୍ରାର୍ଥନା
୪୦	ଯୋଗଭ୍ରଷ୍ଟର ପତନ ବା ଦୁର୍ଗତି ନ ହେବାର ଆଶ୍ୱାସନା
୪୧	ଶିଥିଳ ପ୍ରଯତ୍ନକାରୀ ଯୋଗଭ୍ରଷ୍ଟର ସ୍ୱର୍ଗାଦି ଲୋକରେ ସୁଖଭୋଗ ପରେ ଶ୍ରୀମନ୍ତଙ୍କ ଗୃହରେ ଜନ୍ମ ମିଳିବା ବିଷୟରେ କଥନ
୪୨-୪୩	ଯୋଗୀମାନଙ୍କ କୁଳରେ ବୈରାଗ୍ୟବାନ୍ ଯୋଗଭ୍ରଷ୍ଟର ଜନ୍ମ ଓ ତତ୍ପର ହୋଇ ପୁନଶ୍ଚ ସାଧନାରତ ହେବା ସମ୍ବନ୍ଧରେ କଥନ
୪୪-୪୫	ଶ୍ରୀମନ୍ତଙ୍କ ଗୃହରେ ଜାତ ଯୋଗଭ୍ରଷ୍ଟର ସାଧନାପ୍ରତି ଆକୃଷ୍ଟ ହେବା ଓ ପରମଗତି ପ୍ରାପ୍ତ ହେବାର ବର୍ଣ୍ଣନା
୪୬	ଯୋଗୀଙ୍କ ମହିମା ଓ ଅର୍ଜୁନଙ୍କୁ ଯୋଗୀ ହେବା ପାଇଁ ଆଦେଶ
୪୭	ଭକ୍ତିଯୋଗୀଙ୍କ ବିଶେଷ ମହିମା ବର୍ଣ୍ଣନା

ସପ୍ତମ ଅଧ୍ୟାୟ

ଏହି ଅଧ୍ୟାୟରେ ଜ୍ଞାନ ଓ ବିଜ୍ଞାନର ବର୍ଣ୍ଣନା କରାଯାଇଛି । ଭଗବାନଙ୍କୁ ଏହି ସମଗ୍ରଜଗତର ମହାକାରଣ ବୋଲି ଦୃଢ଼ଭାବରେ ମାନିବା ହିଁ 'ଜ୍ଞାନ' । ଭଗବାନଙ୍କ ବ୍ୟତୀତ ଅନ୍ୟ କିଛି ନାହିଁ ବୋଲି ଅନୁଭବ ହୋଇଯିବା ହେଉଛି 'ବିଜ୍ଞାନ' । ଜ୍ଞାନ ଓ ବିଜ୍ଞାନ ଦ୍ୱାରା ଭଗବାନଙ୍କ ସହିତ ନିତ୍ୟଯୋଗର ଅନୁଭବ ହୁଏ ଅର୍ଥାତ୍ 'ମୁଁ ଭଗବାନଙ୍କର ଓ ଭଗବାନ ମୋର' ଏହି ପରମପ୍ରେମରୂପୀ ନିତ୍ୟସମ୍ବନ୍ଧ ଜାଗ୍ରତ ହୋଇଯାଏ । ତେଣୁ ଏହି ଅଧ୍ୟାୟର ନାମ **'ଜ୍ଞାନବିଜ୍ଞାନଯୋଗ'** ରଖାଯାଇଛି ।

ଶ୍ଲୋକସଂଖ୍ୟା	ପ୍ରଧାନ ବିଷୟ
୧—୭	ସମଗ୍ରରୂପର ବର୍ଣ୍ଣନା କରିବାକୁ ଭଗବାନଙ୍କ ପ୍ରତିଶ୍ରୁତି ଏବଂ ଅପରା ଓ ପରା ପ୍ରକୃତିର ସଂଯୋଗରୁ ପ୍ରାଣୀମାନଙ୍କର ଉତ୍ପତ୍ତି ହେବା କଥା କହି ଭଗବାନ ନିଜକୁ ସମସ୍ତଙ୍କର ମୂଳ କାରଣ କହିବା
୮—୧୨	କାରଣରୂପରେ ଭଗବାନଙ୍କ ବିଭୂତିଗୁଡ଼ିକର ବର୍ଣ୍ଣନା
୧୩—୧୯	ଭଗବାନଙ୍କର ଶରଣ ହୋଇଥିବା ଓ ଶରଣ ହୋଇ ନ ଥିବା ମନୁଷ୍ୟଙ୍କର ବର୍ଣ୍ଣନା
୨୦—୨୩	ଫଳସହିତ ଅନ୍ୟ ଦେବତାମାନଙ୍କ ଉପାସନାର ବର୍ଣ୍ଣନା
୨୪—୩୦	ଭଗବାନଙ୍କ ପ୍ରଭାବକୁ ଜାଣି ନ ଥିବା ଲୋକଙ୍କର ନିନ୍ଦା ଓ ଜାଣିଥିବା ଲୋକଙ୍କର ପ୍ରଶଂସା ତଥା ଭଗବାନଙ୍କ ସମଗ୍ରରୂପର ବର୍ଣ୍ଣନା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧	ସମଗ୍ରରୂପ ବିଷୟରେ ଶୁଣିବା ପାଇଁ ଭଗବାନଙ୍କ ଆଦେଶ
୨	ବିଜ୍ଞାନସହିତ ଜ୍ଞାନକୁ ଜାଣିବାର ମାହାତ୍ମ୍ୟ
୩	ଭଗବତ୍‌ତତ୍ତ୍ୱକୁ ଜାଣୁଥିବା ବ୍ୟକ୍ତିର ଦୁର୍ଲଭତା
୪-୫	ଅପରା ଓ ପରା ପ୍ରକୃତିର ବର୍ଣ୍ଣନା
୬	ଅପରା ଓ ପରା ପ୍ରକୃତି ଠାରୁ ପ୍ରାଣୀମାନଙ୍କର ଉତ୍ପତ୍ତିର ବର୍ଣ୍ଣନା ଏବଂ ଭଗବାନ ନିଜକୁ ସମସ୍ତଙ୍କର ମହାକାରଣ ଦର୍ଶାଇବା
୭	ଭଗବାନଙ୍କ ବ୍ୟତୀତ ଅନ୍ୟ କାରଣର ନିଷେଧ ଓ କାରଣରୂପରେ ଭଗବାନଙ୍କ ସର୍ବବ୍ୟାପକତାର କଥନ
୮—୧୨	କାରଣରୂପରେ ଭଗବାନଙ୍କ ସତରଟି ବିଭୂତିର ବର୍ଣ୍ଣନା
୧୩	ତିନି ଗୁଣରେ ମୋହିତ ପ୍ରାଣୀମାନେ ଭଗବାନଙ୍କୁ ନ ଜାଣିବାର କଥନ
୧୪	ଗୁଣମୟୀ ଦୁରତ୍ୟୟ ଦୈବୀମାୟାକୁ ଅତିକ୍ରମ କରିବାରେ ଶରଣାଗତିକୁ ଉପାୟ ବୋଲି କହିବା
୧୫	ଦୁଷ୍କୃତୀ ଓ ମୂଢ଼ ମନୁଷ୍ୟ ଭଗବାନଙ୍କ ଶରଣାପନ୍ନ ନ ହେବାର କଥନ
୧୬	ଚାରି ପ୍ରକାର ସୁକୃତୀ ମନୁଷ୍ୟ ଭଗବାନଙ୍କ ଶରଣାପନ୍ନ ହେବାର କଥନ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧୭—୧୯	ଜ୍ଞାନୀ (ପ୍ରେମୀ) ଭକ୍ତଙ୍କ ମହିମା ଓ ଦୁର୍ଲଭତା
୨୦	କାମନାଗୁଡ଼ିକରେ ମୋହିତ ପ୍ରାଣୀମାନଙ୍କ ଦ୍ୱାରା ଅନ୍ୟ ଦେବତାଙ୍କ ଉପାସନାର କଥନ
୨୧	ଭଗବାନଙ୍କ ଦ୍ୱାରା ଦେବତାମାନଙ୍କ ପ୍ରତି ଶ୍ରଦ୍ଧା ଦୃଢ଼ କରିବାର କଥନ
୨୨-୨୩	ଉପାସନା ଅନୁସାରେ ଗତିର ବର୍ଣ୍ଣନା
୨୪-୨୫	ଭଗବାନଙ୍କୁ ଜାଣୁ ନ ଥିବା ଲୋକଙ୍କ ସମ୍ମୁଖରେ ଭଗବାନଙ୍କର ପ୍ରକଟ ନ ହେବା
୨୬	ଭଗବାନଙ୍କ ସର୍ବଜ୍ଞତାର ବର୍ଣ୍ଣନା
୨୭	ପ୍ରାଣୀମାନେ ଦ୍ୱନ୍ଦ୍ୱରେ ମୋହିତ ହେବାର କଥନ
୨୮	ଦ୍ୱନ୍ଦ୍ୱଶୂନ୍ୟ ଓ ମୋହଶୂନ୍ୟ ମନୁଷ୍ୟଙ୍କ ବର୍ଣ୍ଣନା
୨୯-୩୦	ଭଗବାନଙ୍କ ସମଗ୍ରରୂପକୁ ଜାଣିବାର ଫଳସହିତ ବର୍ଣ୍ଣନା

ଅଷ୍ଟମ ଅଧ୍ୟାୟ

'ଅକ୍ଷର' ଓ 'ବ୍ରହ୍ମ' ଶବ୍ଦ ପରମାତ୍ମାଙ୍କ ନିର୍ଗୁଣନିରାକାର, ସଗୁଣନିରାକାର ଓ ସଗୁଣସାକାର—ତିନୋଟି ସ୍ୱରୂପର ବାଚକ। ଏ ତିନୋଟି ମଧ୍ୟରୁ କୌଣସି ଗୋଟିଏ ସ୍ୱରୂପର ଚିନ୍ତନ କଲେ ପରମାତ୍ମାଙ୍କ ସହିତ ଯୋଗ (ସମ୍ବନ୍ଧ) ହୋଇଯାଏ। ସେଥିପାଇଁ ଏହି ଅଧ୍ୟାୟର ନାମ **'ଅକ୍ଷରବ୍ରହ୍ମଯୋଗ'** ରଖାଯାଇଛି।

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧—୭	ଅର୍ଜୁନଙ୍କର ସାତଟି ପ୍ରଶ୍ନ ଏବଂ ଭଗବାନଙ୍କ ଦ୍ୱାରା ସେଗୁଡ଼ିକର ଉତ୍ତର ପ୍ରଦାନ ତଥା ସର୍ବଦା ତାଙ୍କୁ ସ୍ମରଣ କରିବା ପାଇଁ ଆଜ୍ଞା
୮—୧୬	ସଗୁଣନିରାକାର, ନିର୍ଗୁଣନିରାକାର ଓ ସଗୁଣସାକାର ଉପାସନାର ଫଳସହିତ ବର୍ଣ୍ଣନା
୧୭—୨୨	ବ୍ରହ୍ମଲୋକର ସମୟସୀମାର ସୂଚନା ଏବଂ ଭଗବାନଙ୍କ ମହତ୍ତ୍ୱ ତଥା ଭକ୍ତିର ବର୍ଣ୍ଣନା
୨୩—୨୮	ଶୁକ୍ଳ ଓ କୃଷ୍ଣ ଗତିର ବର୍ଣ୍ଣନା ଏବଂ ତାହାକୁ ଜାଣିଥିବା ଯୋଗୀର ମହିମା

ସୂକ୍ଷ୍ମ ବିଷୟ

୧-୨	ଅର୍ଜୁନଙ୍କର ସାତଟି ପ୍ରଶ୍ନ
୩—୫	ଭଗବାନଙ୍କ ଦ୍ୱାରା ଅର୍ଜୁନଙ୍କ ସାତଟି ପ୍ରଶ୍ନର ଉତ୍ତର ପ୍ରଦାନ
୬	ଅନ୍ତକାଳୀନ ସ୍ମରଣ ବିଷୟରେ ସାଧାରଣ ନ୍ୟାୟ
୭	ସର୍ବଦା ଭଗବତ୍‌ସ୍ମରଣପୂର୍ବକ କର୍ତ୍ତବ୍ୟ ପାଳନ କରୁଥିବା ଲୋକକୁ ଭଗବତ୍‌ପ୍ରାପ୍ତି
୮—୧୦	ସଗୁଣନିରାକାର ପରମାତ୍ମାଙ୍କ ଉପାସନାର ଫଳସହିତ ବର୍ଣ୍ଣନା
୧୧—୧୩	ନିର୍ଗୁଣନିରାକାର ପରମାତ୍ମାଙ୍କ ଉପାସନାର ଫଳସହିତ ବର୍ଣ୍ଣନା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧୪—୧୬	ସଗୁଣସାକାର ପରମାତ୍ମାଙ୍କ ଉପାସନାର ଫଳସହିତ ବର୍ଣ୍ଣନା
୧୭—୧୯	ବ୍ରହ୍ମାଙ୍କ ରାତି ଓ ଦିନର ସମୟସୀମାର ବର୍ଣ୍ଣନା
୨୦	ପରମାତ୍ମତତ୍ତ୍ୱର ଶ୍ରେଷ୍ଠତ୍ୱର ବର୍ଣ୍ଣନା
୨୧	ସମସ୍ତ ଉପାସନାର ଫଳରେ ଏକତ୍ୱ
୨୨	ଅନନ୍ୟଭକ୍ତିରୁ ଭଗବତ୍‌ପ୍ରାପ୍ତି ହେବାର କଥନ
୨୩	ଶୁକ୍ଳମାର୍ଗ ଓ କୃଷ୍ଣମାର୍ଗ ବର୍ଣ୍ଣନାର ଉପକ୍ରମ
୨୪	ଶୁକ୍ଳମାର୍ଗର ବର୍ଣ୍ଣନା
୨୫	କୃଷ୍ଣମାର୍ଗର ବର୍ଣ୍ଣନା
୨୬	ଉଭୟ ମାର୍ଗକୁ ଶାଶ୍ୱତ କହି ପ୍ରକରଣର ଉପସଂହାର
୨୭	ଭଗବାନଙ୍କ ଦ୍ୱାରା ଉଭୟ ମାର୍ଗକୁ ଜାଣିବାର ଫଳ ବର୍ଣ୍ଣନା ଏବଂ ଅର୍ଜୁନଙ୍କୁ ଯୋଗଯୁକ୍ତ ହେବା ପାଇଁ ଆଦେଶ
୨୮	ଯୋଗୀର ମହିମା ବର୍ଣ୍ଣନ

ନବମ ଅଧ୍ୟାୟ

ଏହି ଅଧ୍ୟାୟରେ ଭଗବାନଙ୍କ ଦ୍ୱାରା ପ୍ରଦତ୍ତ **'ମୟା ତତମିଦଂ ସର୍ବମ୍'** ପ୍ରଭୃତି ଉପଦେଶ ସମସ୍ତ ବିଦ୍ୟା ମଧ୍ୟରେ ରାଜା; ଏବଂ ଭଗବାନ ନିଜକୁ ପ୍ରକଟିତ କରି ଅର୍ଜୁନଙ୍କୁ ତାଙ୍କର ଶରଣାପନ୍ନ ହେବା ପାଇଁ ଓ ତାଙ୍କଠାରେ ମନୋନିବେଶ କରିବା ପାଇଁ ଯାହା ସବୁ କହିଛନ୍ତି, ତାହା ସମସ୍ତ ଗୋପନୀୟଭାବ ମଧ୍ୟରେ ରାଜା ।

ଏହି ଦୁଇଟିକୁ (ରାଜବିଦ୍ୟା ଓ ରାଜଗୁହ୍ୟକୁ) ତତ୍ତ୍ୱଦୃଷ୍ଟିରୁ ବୁଝିଗଲେ 'ଯୋଗ' (ନିତ୍ୟଯୋଗ) ଅନୁଭୂତ ହୁଏ । ସେଥିପାଇଁ ଏହି ଅଧ୍ୟାୟର ନାମ **'ରାଜବିଦ୍ୟାରାଜଗୁହ୍ୟଯୋଗ'** ରଖାଯାଇଛି ।

ଶ୍ଳୋକସଂଖ୍ୟା	**ପ୍ରଧାନ ବିଷୟ**
୧—୬	ପ୍ରଭାବ ସହିତ ବିଜ୍ଞାନର ବର୍ଣ୍ଣନା
୭—୧୦	ମହାସର୍ଗ ଓ ମହାପ୍ରଳୟର ବର୍ଣ୍ଣନା
୧୧—୧୫	ଭଗବାନଙ୍କୁ ତିରସ୍କାର କରୁଥିବା ଏବଂ ଆସୁରୀ, ରାକ୍ଷସୀ ଓ ମୋହିନୀ ପ୍ରକୃତିର ଆଶ୍ରୟ ନେଇଥିବା ମନୁଷ୍ୟଙ୍କ ବିଷୟରେ କଥନ ତଥା ଦୈବୀପ୍ରକୃତିର ଆଶ୍ରିତ ଭକ୍ତଜନଙ୍କ ଭଜନର ବର୍ଣ୍ଣନା
୧୬—୧୯	କାର୍ଯ୍ୟ ଓ କାରଣରୂପରେ ଭଗବତ୍‌ସ୍ୱରୂପ ବିଭୂତି-ଗୁଡ଼ିକର ବର୍ଣ୍ଣନା
୨୦—୨୫	ଫଳସହିତ ସକାମ ଓ ନିଷ୍କାମ ଉପାସନାର ବର୍ଣ୍ଣନା
୨୬—୩୪	ପଦାର୍ଥ ଓ କ୍ରିୟାଗୁଡ଼ିକୁ ଭଗବାନଙ୍କୁ ଅର୍ପଣ କରିବାର ଫଳ ତଥା ଭକ୍ତିର ଅଧିକାରୀମାନଙ୍କର ଓ ଭକ୍ତିର ବର୍ଣ୍ଣନା

ସୂକ୍ଷ୍ମ ବିଷୟ

୧	ଫଳସହିତ ଜ୍ଞାନ ଓ ବିଜ୍ଞାନ କହିବା ପାଇଁ ପ୍ରତିଶ୍ରୁତି
୨	ଜ୍ଞାନ ଓ ବିଜ୍ଞାନର ମହିମା ବର୍ଣ୍ଣନ
୩	ଜ୍ଞାନ ଓ ବିଜ୍ଞାନ ଉପରେ ଶ୍ରଦ୍ଧା ରଖୁ ନ ଥିବା ମନୁଷ୍ୟଙ୍କର ବାରମ୍ବାର ଜନ୍ମମରଣ ପ୍ରାପ୍ତିର କଥନ

ଶ୍ଲୋକସଂଖ୍ୟା	ସୂକ୍ଷ୍ମ ବିଷୟ
୪-୫	ବ୍ୟାପ୍ୟ-ବ୍ୟାପକରୂପରେ ଭଗବାନଙ୍କ ସ୍ୱରୂପ ଓ ପ୍ରଭାବର ବର୍ଣ୍ଣନା
୬	ଭଗବାନଙ୍କ ଦ୍ୱାରା ବାୟୁ ଓ ଆକାଶର ଦୃଷ୍ଟାନ୍ତ ମାଧ୍ୟମରେ ସମସ୍ତ ପ୍ରାଣୀଙ୍କର ସ୍ଥିତି ତାଙ୍କର ଅଧୀନ ବୋଲି ଦର୍ଶାଇବା
୭-୮	ପ୍ରକୃତିର ପରବଶ ପ୍ରାଣୀମାନଙ୍କର ମହାପ୍ରଳୟରେ ଲୀନ ହେବା ଓ ମହାସର୍ଗରେ ଉତ୍ପନ୍ନ ହେବାର ବର୍ଣ୍ଣନା
୯-୧୦	ସୃଷ୍ଟିସର୍ଜନାରୂପକ କର୍ମରେ ଭଗବାନଙ୍କ ନିର୍ଲିପ୍ତତା
୧୧-୧୨	ଭଗବାନଙ୍କ ଠାରୁ ବିମୁଖ ପ୍ରାଣୀମାନଙ୍କର ଆସୁରୀ, ରାକ୍ଷସୀ ଓ ମୋହିନୀ ପ୍ରକୃତିର ଆଶ୍ରୟ ନେବା ସମ୍ବନ୍ଧରେ କଥନ
୧୩-୧୪	ଦୈବୀ ପ୍ରକୃତିର ଆଶ୍ରିତ ଭକ୍ତଜନଙ୍କ ଭଜନପ୍ରଣାଳୀ
୧୫	ବିଭିନ୍ନ ଉପାସନାର ବର୍ଣ୍ଣନା
୧୬—୧୯	କାର୍ଯ୍ୟ-କାରଣରୂପରେ ଯଜ୍ଞର ଏବଂ ସଂସାର ସମ୍ବନ୍ଧୀୟ ସତତିରିଶଟି ବିଭୂତିର ବର୍ଣ୍ଣନା
୨୦-୨୧	ସକାମ ଯଜ୍ଞକାରୀମାନଙ୍କ ପୁନରାଗମନର ବର୍ଣ୍ଣନା
୨୨	ଭଗବାନଙ୍କ ଦ୍ୱାରା ଅନନ୍ୟ ଭକ୍ତମାନଙ୍କର ଯୋଗକ୍ଷେମ ବହନ

ଶ୍ଲୋକସଂଖ୍ୟା	ସୂକ୍ଷ୍ମ ବିଷୟ
୨୩	ଦେବତାମାନଙ୍କୁ ଭଗବାନଙ୍କ ଠାରୁ ପୃଥକ୍ ମନେକରି କରାଯାଉଥିବା ପୂଜନକୁ ଭଗବାନଙ୍କର ଅବିଧିପୂର୍ବକ ପୂଜନ ବୋଲି ଦର୍ଶାଇବା
୨୪-୨୫	ଭଗବାନଙ୍କୁ ସମସ୍ତ ଯଜ୍ଞର ଭୋକ୍ତା ଓ ମାଲିକ ମାନୁଥିବା ଓ ମାନୁ ନ ଥିବା ଲୋକଙ୍କ ଗତିର ବର୍ଣ୍ଣନା
୨୬	ଭକ୍ତଜନଙ୍କ ପ୍ରେମପୂର୍ବକ ପ୍ରଦତ୍ତ ଉପହାର ଗ୍ରହଣ ସମ୍ବନ୍ଧରେ ଭଗବାନଙ୍କ ସ୍ୱୀକାରୋକ୍ତି
୨୭	ସମସ୍ତ କ୍ରିୟା ଭଗବାନଙ୍କୁ ଅର୍ପଣ କରିବାକୁ ନିର୍ଦ୍ଦେଶ
୨୮	ପଦାର୍ଥ ଓ କ୍ରିୟାଗୁଡ଼ିକୁ ଭଗବାନଙ୍କ ନିକଟରେ ଅର୍ପଣ କରିବାର ଫଳ
୨୯	ଭଗବାନଙ୍କର ସମତା ଏବଂ ଭକ୍ତିର ପ୍ରଭାବ
୩୦-୩୧	ଦୁରାଗ୍ରହୀର ଦୃଢ଼ନିଶ୍ଚୟପୂର୍ବକ ଭଗବାନଙ୍କ ସମ୍ମୁଖୀ ହେବାର ଫଳ
୩୨	ଭଗବାନଙ୍କ ଆଶ୍ରୟ ଗ୍ରହଣ କରିଥିବା ପାପଯୋନି, ସ୍ତ୍ରୀ, ବୈଶ୍ୟ ଓ ଶୂଦ୍ରମାନଙ୍କର ପରମଗତି ପ୍ରାପ୍ତିର କଥନ
୩୩	ଭଗବାନଙ୍କ ଦ୍ୱାରା ପବିତ୍ର ବ୍ରାହ୍ମଣ ଓ କ୍ଷତ୍ରିୟ ଭକ୍ତଙ୍କ ବିଶେଷତ୍ୱ ବର୍ଣ୍ଣନ ଏବଂ ଅର୍ଜୁନଙ୍କୁ ଭଗବଭଜନ ପାଇଁ ଆଦେଶ ପ୍ରଦାନ
୩୪	ଭଗବଭଜନର ସ୍ୱରୂପ

ଦଶମ ଅଧ୍ୟାୟ

ଯେଉଁଠି ଯାହା କିଛି ବିଶେଷତ୍ୱ ଦେଖାଯାଏ, ସେସବୁକୁ ଭଗବାନଙ୍କର ବିଭୂତି ମନେକଲେ ଭଗବାନଙ୍କ ସହିତ ଯୋଗ(ସମ୍ବନ୍ଧ)ର ଅନୁଭବ ହୁଏ । ତେଣୁ ଏହି ଅଧ୍ୟାୟର ନାମ **'ବିଭୂତିଯୋଗ'** ।

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧—୭	ଭଗବାନଙ୍କ ବିଭୂତି ଓ ଯୋଗ ବିଷୟରେ କଥନ ତଥା ସେସବୁକୁ ଜାଣିବାର ମହିମା
୮—୧୧	ଫଳସହିତ ଭଗବଦ୍ଭକ୍ତି ଓ ଭଗବତ୍କୃପାର ପ୍ରଭାବ
୧୨—୧୮	ଅର୍ଜୁନଙ୍କ ଦ୍ୱାରା ଭଗବାନଙ୍କର ସ୍ତୁତି ଏବଂ ଯୋଗ ତଥା ବିଭୂତିଗୁଡ଼ିକୁ କହିବା ପାଇଁ ପ୍ରାର୍ଥନା
୧୯—୪୨	ଭଗବାନଙ୍କ ଦ୍ୱାରା ନିଜ ବିଭୂତିମାନଙ୍କର ଓ ଯୋଗର ବର୍ଣ୍ଣନା

ସୂକ୍ଷ୍ମ ବିଷୟ

୧	ଅର୍ଜୁନଙ୍କର ହିତ ନିମନ୍ତେ ପୁନଶ୍ଚ ମହତ୍ତ୍ୱପୂର୍ଣ୍ଣ ବଚନ କହିବା ପାଇଁ ଭଗବାନଙ୍କ ପ୍ରତିଶ୍ରୁତି
୨	ଭଗବାନଙ୍କ ପ୍ରାକଟ୍ୟକୁ ଜାଣିବାରେ ଦେବତା ଓ ମହର୍ଷିମାନଙ୍କ ଅସମର୍ଥତା
୩	ଭଗବାନଙ୍କୁ ତତ୍ତ୍ୱଦୃଷ୍ଟିରୁ ଜାଣିବାର ଫଳ
୪-୫	ଭାବରୂପରେ କୋଡ଼ିଏଟି ବିଭୂତିର ବର୍ଣ୍ଣନା
୬	ବ୍ୟକ୍ତିରୂପରେ ପଚିଶଟି ବିଭୂତିର ବର୍ଣ୍ଣନା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୭	ବିଭୂତି ଓ ଯୋଗକୁ ତତ୍ତ୍ୱତଃ ଜାଣିବାର ଫଳ ହେଉଛି ଅବିଚଳ ଭକ୍ତି
୮	ଭଗବାନଙ୍କ ପ୍ରଭାବକୁ ଜାଣି ଭଜନ କରିବାର ବର୍ଣ୍ଣନା
୯	ଭକ୍ତମାନଙ୍କ ଭଜନର ପ୍ରଣାଳୀ
୧୦-୧୧	କୃପାପରବଶ ଭଗବାନଙ୍କ ଦ୍ୱାରା ଭକ୍ତମାନଙ୍କୁ ବୁଦ୍ଧିଯୋଗ ପ୍ରଦାନ କରିବାର ତଥା ସେମାନଙ୍କ ଅଜ୍ଞାନଜନିତ ଅନ୍ଧକାର ବିନାଶ କରିବାର କଥନ
୧୨—୧୫	ଅର୍ଜୁନଙ୍କ ଦ୍ୱାରା ଭଗବାନଙ୍କ ସ୍ତୁତି
୧୬—୧୮	ଯୋଗ ଓ ବିଭୂତିଗୁଡ଼ିକୁ ବିସ୍ତାରପୂର୍ବକ କହିବା ପାଇଁ ଅର୍ଜୁନଙ୍କ ପ୍ରାର୍ଥନା
୧୯	ଅର୍ଜୁନଙ୍କ ପ୍ରାର୍ଥନା ଅନୁସାରେ ବିଭୂତିଗୁଡ଼ିକୁ କହିବା ପାଇଁ ଭଗବାନଙ୍କ ସ୍ୱୀକୃତି ପ୍ରଦାନ ଓ ବିଭୂତି କଥନର ଉପକ୍ରମ
୨୦—୩୯	ଭଗବାନଙ୍କ ଦ୍ୱାରା ନିଜର ବୟାଅଶୀଟି ବିଭୂତି କଥନ
୪୦	ଭଗବାନଙ୍କ ଦ୍ୱାରା ନିଜର ଦିବ୍ୟ ବିଭୂତିଗୁଡ଼ିକୁ ଅନନ୍ତ ବୋଲି କହିବା
୪୧	ଭଗବାନଙ୍କ ଦ୍ୱାରା ନିଜ ଯୋଗଶକ୍ତିର ବର୍ଣ୍ଣନା
୪୨	ଭଗବାନଙ୍କ ଦ୍ୱାରା ସମଗ୍ର ଜଗତ ତାଙ୍କ ଶରୀରର ଏକ ଅଂଶରେ ସ୍ଥିତ ବୋଲି କହିବା

ଏକାଦଶ ଅଧ୍ୟାୟ

ଅର୍ଜୁନ ଭଗବାନଙ୍କ ଠାରୁ ଦିବ୍ୟଦୃଷ୍ଟି ପ୍ରାପ୍ତ କରି ଭଗବାନଙ୍କର ଯେଉଁ ବିଶ୍ୱରୂପ ଦର୍ଶନ କରିଥିଲେ, ତାହାର ବର୍ଣ୍ଣନାକୁ ପଢ଼ି ଓ ଶୁଣି ଭଗବାନଙ୍କ ପ୍ରଭାବକୁ ସ୍ୱୀକାର କଲେ ଭଗବାନଙ୍କ ସହିତ ଯୋଗ(ସମ୍ବନ୍ଧ)ର ଅନୁଭବ ହୁଏ । ଏଣୁ ଏହି ଅଧ୍ୟାୟର ନାମ **'ବିଶ୍ୱରୂପଦର୍ଶନଯୋଗ'** ।

ଶ୍ଳୋକସଂଖ୍ୟା	**ପ୍ରଧାନ ବିଷୟ**
୧—୮	ବିରାଟରୂପ ଦେଖାଇବା ପାଇଁ ଅର୍ଜୁନଙ୍କର ପ୍ରାର୍ଥନା ଏବଂ ଭଗବାନଙ୍କ ଦ୍ୱାରା ଅର୍ଜୁନଙ୍କୁ ଦିବ୍ୟଚକ୍ଷୁ ପ୍ରଦାନ
୯—୧୪	ସଞ୍ଜୟଙ୍କ ଦ୍ୱାରା ଧୃତରାଷ୍ଟ୍ରଙ୍କ ସମ୍ମୁଖରେ ବିରାଟରୂପର ବର୍ଣ୍ଣନା
୧୫—୩୧	ଅର୍ଜୁନଙ୍କ ଦ୍ୱାରା ବିରାଟରୂପଦର୍ଶନ ଏବଂ ଭଗବାନଙ୍କୁ ସ୍ତୁତି
୩୨—୩୫	ଭଗବାନଙ୍କ ଦ୍ୱାରା ନିଜ ଅତ୍ୟୁଗ୍ର ବିରାଟରୂପର ପରିଚୟ ପ୍ରଦାନ ଏବଂ ଯୁଦ୍ଧ ପାଇଁ ଆଦେଶ
୩୬—୪୬	ଅର୍ଜୁନଙ୍କ ଦ୍ୱାରା ବିରାଟରୂପ ଭଗବାନଙ୍କର ସ୍ତୁତି ଓ ପ୍ରାର୍ଥନା
୪୭—୫୦	ଭଗବାନଙ୍କ ଦ୍ୱାରା ବିରାଟରୂପଦର୍ଶନର ଦୁର୍ଲଭତା ପ୍ରତିପାଦନ ଏବଂ ଭୟଭୀତ ଅର୍ଜୁନଙ୍କୁ ଆଶ୍ୱାସନା ପ୍ରଦାନ

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୫୧—୫୫	ଭଗବାନଙ୍କ ଦ୍ୱାରା ଚତୁର୍ଭୁଜରୂପର ମହତ୍ତ୍ୱ ପ୍ରତିପାଦନ ଏବଂ ତାହାର ଦର୍ଶନର ଉପାୟ କଥନ

ସୂକ୍ଷ୍ମ ବିଷୟ

୧-୨	ଅର୍ଜୁନଙ୍କ ଦ୍ୱାରା ପରମ ଗୋପନୀୟ ଅଧ୍ୟାତ୍ମତତ୍ତ୍ୱର ମହିମା କଥନ
୩-୪	ବିରାଟରୂପର ଦର୍ଶନ ପାଇଁ ଅର୍ଜୁନଙ୍କ ବିନମ୍ର ପ୍ରାର୍ଥନା
୫—୭	ବିରାଟରୂପ ଦେଖିବା ପାଇଁ ଅର୍ଜୁନଙ୍କୁ ଭଗବାନଙ୍କ ଆଦେଶ
୮	ଭଗବାନଙ୍କ ଦ୍ୱାରା ଅର୍ଜୁନଙ୍କୁ ଦିବ୍ୟଚକ୍ଷୁ ପ୍ରଦାନ
୯	ଅର୍ଜୁନଙ୍କୁ ବିରାଟରୂପ ଦେଖାଯିବା ବିଷୟରେ ସଞ୍ଜୟଙ୍କ କଥନ
୧୦-୧୧	ବିରାଟରୂପର ଦିବ୍ୟତାର ବର୍ଣ୍ଣନା
୧୨	ବିରାଟରୂପର ଅତୁଳନୀୟ ଦୀପ୍ତିର ବର୍ଣ୍ଣନା
୧୩	ଭଗବାନଙ୍କ ଶରୀରର ଏକ ସ୍ଥାନରେ ଅର୍ଜୁନ ବିରାଟରୂପ ଦର୍ଶନ କରୁଥିବାର କଥନ
୧୪	ଅର୍ଜୁନଙ୍କ ଅବସ୍ଥାର ବର୍ଣ୍ଣନା
୧୫	ଅର୍ଜୁନଙ୍କ ଦ୍ୱାରା ବିରାଟରୂପରେ ଦିବ୍ୟ ତ୍ରୈଲୋକ୍ୟ ଦର୍ଶନର ବର୍ଣ୍ଣନା
୧୬	ବିରାଟରୂପ ଭଗବାନଙ୍କ ଅନନ୍ତ ଅବୟବର ବର୍ଣ୍ଣନା

ଶ୍ଲୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧୭	ସମସ୍ତ ଦିବ୍ୟ ଆୟୁଧ ବିମଣ୍ଡିତ ବିରାଟରୂପର ତେଜର ବର୍ଣ୍ଣନା
୧୮	ବିରାଟରୂପ ଭଗବାନଙ୍କ ସମଗ୍ରରୂପର ବର୍ଣ୍ଣନା
୧୯-୨୦	ଅନନ୍ତ, ଅସୀମ ଓ ଉଗ୍ର ବିରାଟରୂପର ବର୍ଣ୍ଣନା
୨୧-୨୨	ମହର୍ଷିମାନଙ୍କ ଦ୍ୱାରା ବିରାଟରୂପ ଭଗବାନଙ୍କର ସ୍ତୁତି କରିବା ତଥା ଦେବତା, ଯକ୍ଷ, ଅସୁର ଆଦିଙ୍କ ବିସ୍ମିତ ହେବାର କଥନ
୨୩—୨୫	ବିରାଟରୂପର ଅତ୍ୟୁଗ୍ର ସ୍ୱରକୁ ଦେଖି ଅର୍ଜୁନଙ୍କ ବ୍ୟଥିତ ହେବା
୨୬—୨୯	ନଦୀ ଓ ପତଙ୍ଗମାନଙ୍କ ଦୃଷ୍ଟାନ୍ତ ମାଧ୍ୟମରେ ଉଭୟ ସେନା ଭଗବାନଙ୍କ ମୁଖରେ ପ୍ରବିଷ୍ଟ ହେବାର କଥନ
୩୦	ଅତ୍ୟୁଗ୍ର ବିରାଟରୂପ ଭଗବାନ ଜିଭରେ ଗ୍ୱଟି ସମସ୍ତଙ୍କୁ ଗ୍ରାସ କରୁଥିବାର କଥନ
୩୧	ଅତ୍ୟୁଗ୍ର ବିରାଟରୂପ ଭଗବାନଙ୍କର ପରିଚୟ ଜାଣିବା ପାଇଁ ଅର୍ଜୁନଙ୍କ ପ୍ରଶ୍ନ
୩୨	ବିରାଟରୂପ ଭଗବାନଙ୍କ ଦ୍ୱାରା ନିଜକୁ କାଳ ଭାବରେ ପରିଚୟ ଦେବା
୩୩-୩୪	ଅର୍ଜୁନଙ୍କୁ ନିମିତ୍ତମାତ୍ର ହୋଇ ଯୁଦ୍ଧ କରିବା ପାଇଁ ଭଗବାନଙ୍କ ଆଦେଶ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୩୫	ଭଗବାନଙ୍କୁ ସ୍ତୁତି କରିବା ପାଇଁ ଅର୍ଜୁନଙ୍କ ପ୍ରସ୍ତୁତି ବିଷୟରେ ସଞ୍ଜୟଙ୍କ ଉକ୍ତି
୩୬-୩୭	ବିରାଟରୂପର ମହତ୍ତ୍ୱ କଥନ
୩୮—୪୦	ବିରାଟରୂପ ଭଗବାନଙ୍କର ଅନନ୍ତରୂପ ଓ ଅନନ୍ତ ସାମର୍ଥ୍ୟର କଥନ
୪୧-୪୨	ଅର୍ଜୁନଙ୍କ ଦ୍ୱାରା ନିଜ ପୂର୍ବକୃତ ତିରସ୍କାର ପାଇଁ ଭଗବାନଙ୍କ ନିକଟରେ କ୍ଷମା ପ୍ରାର୍ଥନା
୪୩	ବିରାଟରୂପ ଭଗବାନଙ୍କ ପ୍ରଭାବର ବର୍ଣ୍ଣନା
୪୪	ପୂର୍ବକୃତ ଅପମାନ ସହ୍ୟ କରିବା ପାଇଁ ଭଗବାନଙ୍କ ନିକଟରେ ଅର୍ଜୁନଙ୍କର ପ୍ରାର୍ଥନା
୪୫-୪୬	ଚତୁର୍ଭୁଜରୂପ ଦେଖାଇବା ପାଇଁ ଭଗବାନଙ୍କ ନିକଟରେ ଅର୍ଜୁନଙ୍କର ପ୍ରାର୍ଥନା
୪୭—୪୯	ବିରାଟରୂପଦର୍ଶନର ମହିମା ଓ ଦୁର୍ଲଭତା ଜଣାଇ ଚତୁର୍ଭୁଜରୂପ ଦେଖିବା ପାଇଁ ଭଗବାନଙ୍କର ଅର୍ଜୁନଙ୍କୁ ଆଦେଶ
୫୦	ଚତୁର୍ଭୁଜରୂପ ଦେଖାଇସାରି ଭଗବାନଙ୍କର ସୌମ୍ୟ ଦ୍ୱିଭୁଜରୂପ ଧାରଣ
୫୧	ଭଗବାନଙ୍କ ଦ୍ୱିଭୁଜରୂପ ଦର୍ଶନ କରି ଅର୍ଜୁନଙ୍କର ଶାନ୍ତଚିତ୍ତ ହେବା
୫୨-୫୩	ଚତୁର୍ଭୁଜରୂପ ଦର୍ଶନର ଦୁର୍ଲଭତା

ଶ୍ଳୋକସଂଖ୍ୟା **ସୂକ୍ଷ୍ମ ବିଷୟ**

୫୪ ଅନନ୍ୟଭକ୍ତି ଦ୍ୱାରା ଭଗବତ୍‌ପ୍ରାପ୍ତିର ସୁଲଭତା

୫୫ ଅନନ୍ୟଭକ୍ତିର ଉପାୟ

ଦ୍ୱାଦଶ ଅଧ୍ୟାୟ

ଏହି ଅଧ୍ୟାୟରେ ଅନେକ ପ୍ରକାର ସାଧନାସହିତ ଭଗବଦ୍‌ଭକ୍ତିର ବର୍ଣ୍ଣନା କରାଯାଇ ପରେ ଭକ୍ତମାନଙ୍କ ଲକ୍ଷଣ ବର୍ଣ୍ଣିତ ହୋଇଛି ଏବଂ ଅଧ୍ୟାୟର ଉପକ୍ରମ ଓ ଉପସଂହାର ମଧ୍ୟ ଭଗବଦ୍‌ଭକ୍ତିରେ ହିଁ ହୋଇଛି । କେବଳ ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ଳୋକରେ ଜ୍ଞାନ-ସାଧନାର ବର୍ଣ୍ଣନା ହୋଇଛି, କିନ୍ତୁ ତାହା ମଧ୍ୟ ଭକ୍ତି ଓ ଜ୍ଞାନକୁ ପରସ୍ପର ମଧ୍ୟରେ ତୁଳନା କରି ଭକ୍ତିକୁ ଶ୍ରେଷ୍ଠ ଦର୍ଶାଇବା ପାଇଁ ଉଦ୍ଦିଷ୍ଟ । ସେଥିପାଇଁ ଏହି ଅଧ୍ୟାୟର ନାମ **'ଭକ୍ତିଯୋଗ'** ରଖାଯାଇଛି ।

ଶ୍ଳୋକସଂଖ୍ୟା **ପ୍ରଧାନ ବିଷୟ**

୧—୧୨ ସଗୁଣ ଓ ନିର୍ଗୁଣ ଉପାସକମାନଙ୍କର ଶ୍ରେଷ୍ଠତ୍ୱ ନିର୍ଣ୍ଣୟ ଏବଂ ଭଗବତ୍‌ପ୍ରାପ୍ତିର ଚାରୋଟି ସାଧନାର ବର୍ଣ୍ଣନା

୧୩—୨୦ ସିଦ୍ଧଭକ୍ତଙ୍କ ଅଣଚାଳିଶଟି ଲକ୍ଷଣର ବର୍ଣ୍ଣନା

ସୂକ୍ଷ୍ମ ବିଷୟ

୧ ସଗୁଣ ଓ ନିର୍ଗୁଣ ଉପାସକଙ୍କ ମଧ୍ୟରେ ଶ୍ରେଷ୍ଠ କିଏ, ତାହା ଜାଣିବା ପାଇଁ ଅର୍ଜୁନଙ୍କ ପ୍ରଶ୍ନ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୨	ସଗୁଣ ଉପାସକମାନଙ୍କର ଶ୍ରେଷ୍ଠତ୍ୱ
୩-୪	ନିର୍ଗୁଣତତ୍ତ୍ୱର ସ୍ୱରୂପ ଓ ନିର୍ଗୁଣ ଉପାସନାର ଫଳ
୫	ନିର୍ଗୁଣ ଉପାସନାର କଠିନତା
୬	ଅନନ୍ୟପ୍ରେମୀ ସଗୁଣ ଉପାସକମାନଙ୍କର ଲକ୍ଷଣ
୭	ଅନନ୍ୟପ୍ରେମୀ ଭକ୍ତମାନଙ୍କର ଶୀଘ୍ର ଉଦ୍ଧାର କରିବା ବିଷୟରେ ଭଗବାନଙ୍କ କଥନ
୮	ସମର୍ପଣଯୋଗରୂପକ ସାଧନା
୯	ଅଭ୍ୟାସଯୋଗରୂପକ ସାଧନା
୧୦	ଭଗବଦର୍ଥକର୍ମରୂପକ ସାଧନା
୧୧	ସର୍ବକର୍ମଫଳତ୍ୟାଗରୂପକ ସାଧନା
୧୨	ସର୍ବକର୍ମଫଳତ୍ୟାଗର ଶ୍ରେଷ୍ଠତ୍ୱ ତଥା ତାହାର ଫଳ
୧୩-୧୪	ସିଦ୍ଧ ଭକ୍ତଙ୍କ ବାରଟି ଲକ୍ଷଣବିଶିଷ୍ଟ ପ୍ରଥମ ପ୍ରକରଣ
୧୫	ସିଦ୍ଧ ଭକ୍ତଙ୍କ ଛଅଟି ଲକ୍ଷଣବିଶିଷ୍ଟ ଦ୍ୱିତୀୟ ପ୍ରକରଣ
୧୬	ସିଦ୍ଧ ଭକ୍ତଙ୍କ ଛଅଟି ଲକ୍ଷଣବିଶିଷ୍ଟ ତୃତୀୟ ପ୍ରକରଣ
୧୭	ସିଦ୍ଧ ଭକ୍ତଙ୍କ ପାଞ୍ଚଟି ଲକ୍ଷଣବିଶିଷ୍ଟ ଚତୁର୍ଥ ପ୍ରକରଣ
୧୮-୧୯	ସିଦ୍ଧ ଭକ୍ତଙ୍କ ଦଶଟି ଲକ୍ଷଣବିଶିଷ୍ଟ ପଞ୍ଚମ ପ୍ରକରଣ
୨୦	ସିଦ୍ଧ ଭକ୍ତଙ୍କ ଲକ୍ଷଣଗୁଡ଼ିକୁ ଆଦର୍ଶ ମନେକରି ସାଧନା କରୁଥିବା ଶ୍ରଦ୍ଧାଳୁ ଓ ଭଗବତ୍‌ପରାୟଣ ଭକ୍ତମାନଙ୍କର ପ୍ରଶଂସା

ତ୍ରୟୋଦଶ ଅଧ୍ୟାୟ

ଏହି ଅଧ୍ୟାୟରେ କ୍ଷେତ୍ର ଓ କ୍ଷେତ୍ରଜ୍ଞର ବିଭାଗ ବିଷୟରେ ବର୍ଣ୍ଣନା କରାଯାଇଛି । କ୍ଷେତ୍ର ଓ କ୍ଷେତ୍ରଜ୍ଞ ପରସ୍ପର ପୃଥକ୍ ବୋଲି ଅନୁଭବ ହୋଇଗଲେ କ୍ଷେତ୍ରଜ୍ଞର ପରମାତ୍ମାଙ୍କ ସହିତ ଯୋଗ ହୋଇଯାଏ, ଯାହା କି ନିତ୍ୟ । ସେଥିପାଇଁ ଏହି ଅଧ୍ୟାୟର ନାମ **'କ୍ଷେତ୍ରକ୍ଷେତ୍ରଜ୍ଞବିଭାଗଯୋଗ'** ରଖାଯାଇଛି ।

ଶ୍ଲୋକସଂଖ୍ୟା **ପ୍ରଧାନ ବିଷୟ**

୧—୧୮ ଭକ୍ତିସହିତ କ୍ଷେତ୍ର, କ୍ଷେତ୍ରଜ୍ଞ (ଜୀବାତ୍ମା), ଜ୍ଞାନ ଓ ଜ୍ଞେୟ (ପରମାତ୍ମାଙ୍କ)ର ବିବେଚନା

୧୯—୩୪ ଜ୍ଞାନସହିତ ପ୍ରକୃତି ଓ ପୁରୁଷର ବିବେଚନା

ସୂକ୍ଷ୍ମ ବିଷୟ

୧-୨ କ୍ଷେତ୍ର ଓ କ୍ଷେତ୍ରଜ୍ଞର ସ୍ୱରୂପ ଏବଂ କ୍ଷେତ୍ରଜ୍ଞର ପରମାତ୍ମାଙ୍କ ସହିତ ଏକତ୍ୱ ତଥା ଜ୍ଞାନର ଲକ୍ଷଣ

୩ ବିକାରସହିତ କ୍ଷେତ୍ର ଓ ପ୍ରଭାବସହିତ କ୍ଷେତ୍ରଜ୍ଞର ସ୍ୱରୂପ ବିଷୟରେ ଶୁଣିବା ପାଇଁ ଆଦେଶ

୪ କ୍ଷେତ୍ର ଓ କ୍ଷେତ୍ରଜ୍ଞ ବିଷୟରେ ଋଷି, ବେଦ ଓ ବ୍ରହ୍ମସୂତ୍ରର ପ୍ରମାଣ

୫ କ୍ଷେତ୍ରର ସ୍ୱରୂପ ବର୍ଣ୍ଣନା

୬ କ୍ଷେତ୍ରର ବିକାରଗୁଡ଼ିକର ବର୍ଣ୍ଣନା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୭—୧୧	ଜ୍ଞାନ (ବୋଧ) ପ୍ରାପ୍ତିର କୋଡ଼ିଏଟି ଉପାୟ
୧୨	ପ୍ରତିଶ୍ରୁତିପୂର୍ବକ ଜ୍ଞେୟର ନିର୍ଗୁଣନିରାକାର ସ୍ୱରୂପର ବର୍ଣ୍ଣନା
୧୩	ଜ୍ଞେୟର ସଗୁଣନିରାକାର ସ୍ୱରୂପର ବର୍ଣ୍ଣନା
୧୪	ଜ୍ଞେୟର ସଗୁଣ ଓ ନିର୍ଗୁଣ ସ୍ୱରୂପର ଏକତ୍ୱ
୧୫	ଜ୍ଞେୟର ସର୍ବବ୍ୟାପକତା
୧୬	ଜ୍ଞେୟତତ୍ତ୍ୱର ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସହିତ ଏକତ୍ୱ
୧୭	ଜ୍ଞେୟର ପରମ ପ୍ରକାଶମୟ ସ୍ୱରୂପର ବର୍ଣ୍ଣନା
୧୮	କ୍ଷେତ୍ର, ଜ୍ଞାନ ଓ ଜ୍ଞେୟକୁ ତତ୍ତ୍ୱତଃ ଜାଣିବାର ଫଳ
୧୯	ପ୍ରକୃତି ଓ ପୁରୁଷର ଅନାଦିତା ତଥା ପ୍ରକୃତିରୁ ବିକାର ଓ ଗୁଣମାନଙ୍କର ଉତ୍ପତ୍ତି
୨୦	କର୍ତ୍ତୃତ୍ୱରେ ପ୍ରକୃତିକୁ ଓ ଭୋକ୍ତୃତ୍ୱରେ ପୁରୁଷକୁ ହେତୁ ଦର୍ଶାଇବା
୨୧	ପ୍ରକୃତି ଓ ଗୁଣମାନଙ୍କ ସହିତ ପୁରୁଷର ସଙ୍ଗ ହେବାର ଫଳ
୨୨	ପୁରୁଷର ସ୍ୱରୂପ ବର୍ଣ୍ଣନା
୨୩	ପ୍ରକୃତି ଓ ପୁରୁଷକୁ ତତ୍ତ୍ୱତଃ ଜାଣିବାର ଫଳ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୨୪-୨୫	ପରମାତ୍ମତତ୍ତ୍ୱର ପ୍ରାପ୍ତି ପାଇଁ ଗ୍ଭରୋଟି ସାଧନାର ବର୍ଣ୍ଣନା
୨୬	ଚରାଚର ଜଗତର ଉତ୍ପତ୍ତିର ହେତୁ
୨୭	ପରମାତ୍ମାଙ୍କୁ ସମସ୍ତଙ୍କ ଠାରେ ସମରୂପେ ସ୍ଥିତ ଦେଖୁଥିବା ଲୋକର ମହିମା
୨୮	ପରମାତ୍ମାଙ୍କୁ ସମସ୍ତଙ୍କ ଠାରେ ସମରୂପରେ ଦେଖିବାର ଫଳ
୨୯	ଆତ୍ମାକୁ ଅକର୍ତ୍ତା ଦେଖୁଥିବା ବ୍ୟକ୍ତିର ପ୍ରଶଂସା
୩୦	ବ୍ରହ୍ମପ୍ରାପ୍ତିର ଉପାୟ
୩୧	ପୁରୁଷର କର୍ତ୍ତୃତ୍ୱରହିତ ଓ ଭୋକ୍ତୃତ୍ୱରହିତ ସ୍ୱରୂପର ବର୍ଣ୍ଣନା
୩୨	ଦୃଷ୍ଟାନ୍ତସହିତ ପୁରୁଷ(ଆତ୍ମା)ର ଭୋକ୍ତୃତ୍ୱଶୂନ୍ୟତାର ବର୍ଣ୍ଣନା
୩୩	ଦୃଷ୍ଟାନ୍ତସହିତ ପୁରୁଷର ଅକର୍ତ୍ତୃତ୍ୱର ବର୍ଣ୍ଣନା
୩୪	କ୍ଷେତ୍ର ସଙ୍ଗେ ସ୍ୱୀକୃତ ସମ୍ବନ୍ଧକୁ ଛିନ୍ନ କରିବାର ଫଳ

ଚତୁର୍ଦ୍ଦଶ ଅଧ୍ୟାୟ

ଏହି ଅଧ୍ୟାୟରେ ସତ୍ତ୍ୱ, ରଜ ଓ ତମ ନାମକ ତିନୋଟି ଗୁଣର ବିଭାଗପୂର୍ବକ ବର୍ଣ୍ଣନା କରାଯାଇଛି । ଏହି ତିନିଗୁଣରୁ ଅତୀତ ହୋଇଗଲେ ବା ଏଗୁଡ଼ିକରୁ ସମ୍ବନ୍ଧ ଛିନ୍ନ ହୋଇଗଲେ ପରମାତ୍ମାଙ୍କ ସଙ୍ଗେ ନିତ୍ୟଯୋଗର ଅନୁଭବ ହୋଇଥାଏ । ସେଥିପାଇଁ ଏହି ଅଧ୍ୟାୟର ନାମ **'ଗୁଣତ୍ରୟବିଭାଗଯୋଗ'** ରଖାଯାଇଛି ।

ଶ୍ଳୋକସଂଖ୍ୟା **ପ୍ରଧାନ ବିଷୟ**

୧—୪ ଜ୍ଞାନର ମହିମା ଏବଂ ପ୍ରକୃତି ଓ ପୁରୁଷର ସଂଯୋଗରୁ ଜଗତର ଉତ୍ପତ୍ତି ବିଷୟରେ ବର୍ଣ୍ଣନା

୫—୧୮ ସତ୍ତ୍ୱ, ରଜ ଓ ତମ ଗୁଣର ବିବେଚନା

୧୯—୨୭ ଭଗବତ୍‌ପ୍ରାପ୍ତିର ଉପାୟ ଏବଂ ଗୁଣାତୀତ ପୁରୁଷଙ୍କ ଲକ୍ଷଣ

ସୂକ୍ଷ୍ମ ବିଷୟ

୧-୨ ପରମଜ୍ଞାନ କହିବାକୁ ପ୍ରତିଶ୍ରୁତି ଏବଂ ତାହାର ମହିମା

୩-୪ ସମସ୍ତ ପ୍ରାଣୀଙ୍କର ଉତ୍ପତ୍ତି ବିଷୟରେ କଥନ

୫ ତିନିଗୁଣ ଦ୍ୱାରା ବନ୍ଧନ

୬—୮ ତିନିଗୁଣର ସ୍ୱରୂପ ଏବଂ ସେଗୁଡ଼ିକର ବନ୍ଧନପ୍ରଣାଳୀ

୯ ତିନିଗୁଣ ମନୁଷ୍ୟ ଉପରେ ବିଜୟୀ ହେବାର ପ୍ରଣାଳୀ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧୦	ପ୍ରତ୍ୟେକ ଗୁଣ ଅନ୍ୟ ଦୁଇଟି ଗୁଣକୁ ଦମନ କରି ବୃଦ୍ଧି ହେବାର କଥନ
୧୧—୧୩	ତିନିଗୁଣ ବୃଦ୍ଧିର ପୃଥକ୍ ପୃଥକ୍ ଲକ୍ଷଣ
୧୪-୧୫	ଗୁଣଗୁଡ଼ିକ ବୃଦ୍ଧି ପାଇଥିବା ସମୟରେ ମୃତ୍ୟୁମୁଖରେ ପଡୁଥିବା ଲୋକମାନଙ୍କର ଭିନ୍ନ ଭିନ୍ନ ଗତି ବିଷୟରେ ବର୍ଣ୍ଣନା
୧୬	ସାତ୍ତ୍ୱିକ, ରାଜସ ଓ ତାମସ କର୍ମର ଫଳ
୧୭	ତିନିଗୁଣର ମୁଖ୍ୟ ବୃତ୍ତିଗୁଡ଼ିକର ବର୍ଣ୍ଣନା
୧୮	ଗୁଣଗୁଡ଼ିକର ପ୍ରାଧାନ୍ୟ ଭେଦରେ ମନୁଷ୍ୟର ପୃଥକ୍ ପୃଥକ୍ ଗତିର ବର୍ଣ୍ଣନା
୧୯-୨୦	ଗୁଣାତୀତ ହେବାର ଉପାୟ ଓ ଫଳ
୨୧	ଗୁଣାତୀତ ମନୁଷ୍ୟଙ୍କ ବିଷୟରେ ଅର୍ଜୁନଙ୍କର ତିନୋଟି ପ୍ରଶ୍ନ
୨୨-୨୩	ଗୁଣାତୀତ ମନୁଷ୍ୟଙ୍କ ଲକ୍ଷଣ
୨୪-୨୫	ଗୁଣାତୀତ ମନୁଷ୍ୟଙ୍କ ଆଚରଣ
୨୬	ଗୁଣାତୀତ ହେବାର ଉପାୟ
୨୭	ଭଗବତ୍‌ସ୍ୱରୂପର ମହିମା

ପଞ୍ଚଦଶ ଅଧ୍ୟାୟ

ଏହି ଅଧ୍ୟାୟରେ କଥିତ ବିଷୟକୁ ଯଥାର୍ଥରୂପେ ବୁଝିଗଲେ ପୁରୁଷୋତ୍ତମ (ଭଗବାନ)ଙ୍କ ସହିତ ନିତ୍ୟଯୋଗର ଅନୁଭବ ହୁଏ। ସେଥିପାଇଁ ଏହି ଅଧ୍ୟାୟର ନାମ **'ପୁରୁଷୋତ୍ତମଯୋଗ'** ରଖାଯାଇଛି।

ଶ୍ଳୋକସଂଖ୍ୟା	ପ୍ରଧାନ ବିଷୟ
୧—୬	ସଂସାର-ବୃକ୍ଷର ତଥା ତାହାକୁ ଛେଦନ କରି ଭଗବାନଙ୍କ ଶରଣାପନ୍ନ ହେବାର ଏବଂ ଭଗବଦ୍ଧାମର ବର୍ଣ୍ଣନା
୭—୧୧	ଜୀବାତ୍ମାର ସ୍ୱରୂପ ଏବଂ ତାହାକୁ ଜାଣୁଥିବା ଓ ନ ଜାଣୁଥିବା ଲୋକଙ୍କର ବର୍ଣ୍ଣନା
୧୨—୧୫	ଭଗବାନଙ୍କ ପ୍ରଭାବର ବର୍ଣ୍ଣନା
୧୬—୨୦	କ୍ଷର, ଅକ୍ଷର ଓ ପୁରୁଷୋତ୍ତମଙ୍କର ବର୍ଣ୍ଣନା ତଥା ଅଧ୍ୟାୟର ଉପସଂହାର

ସୂକ୍ଷ୍ମ ବିଷୟ

୧-୨	ଅଶ୍ୱତ୍ଥ-ବୃକ୍ଷରୂପରେ ସଂସାରର ବର୍ଣ୍ଣନା
୩-୪	ସଂସାର-ବୃକ୍ଷକୁ ଛେଦନ କରି ଭଗବାନଙ୍କ ଶରଣାପନ୍ନ ହେବାର ପ୍ରଣାଳୀ
୫	ପରମପଦ ଲାଭ କରିଥିବା ମହାପୁରୁଷଙ୍କ ଲକ୍ଷଣ
୬	ଭଗବାନଙ୍କ ପରମଧାମର ବର୍ଣ୍ଣନା
୭	ଜୀବାତ୍ମାର ସ୍ୱରୂପ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୮	ଜୀବାତ୍ମାର ଗୋଟିଏ ଶରୀରରୁ ଅନ୍ୟ ଶରୀରକୁ ଯିବାର ପ୍ରଣାଳୀ
୯	ଜୀବାତ୍ମାର ବିଷୟଗୁଡ଼ିକୁ ଉପଭୋଗ କରିବାର ପ୍ରଣାଳୀ
୧୦	ଜୀବାତ୍ମାର ସ୍ୱରୂପକୁ ଜାଣିଥିବା ଓ ନ ଜାଣିଥିବା ମନୁଷ୍ୟଙ୍କର ବର୍ଣ୍ଣନା
୧୧	ଜୀବାତ୍ମାର ସ୍ୱରୂପକୁ ଜାଣିଥିବା ଲୋକର ବିଶେଷତ୍ୱ ଏବଂ ନ ଜାଣିଥିବା ଲୋକର ନ୍ୟୁନତା
୧୨	ଭଗବାନଙ୍କ ତେଜରୂପର ବର୍ଣ୍ଣନା
୧୩	ଭଗବାନଙ୍କ ଓଜରୂପ ଓ ରସରୂପ(ଚନ୍ଦ୍ର)ର ବର୍ଣ୍ଣନା
୧୪	ଭଗବାନଙ୍କ ବୈଶ୍ୱାନରରୂପର ବର୍ଣ୍ଣନା
୧୫	ଭଗବାନ ନିଜକୁ ଅନ୍ତର୍ଯାମୀରୂପରେ ସମସ୍ତଙ୍କ ହୃଦୟରେ ସ୍ଥିତ ବୋଲି କହି ନିଜକୁ ସ୍ମୃତି ଆଦିର କାରଣ, ବେଦ ଦ୍ୱାରା ଜାଣିବାର ଯୋଗ୍ୟ, ବେଦମାନଙ୍କର ଜ୍ଞାତା ଓ ବେଦାନ୍ତର କର୍ତ୍ତା ବୋଲି ଜଣାଇବା
୧୬	କ୍ଷର ଓ ଅକ୍ଷରର ସ୍ୱରୂପ
୧୭	ପୁରୁଷୋତ୍ତମଙ୍କର ସ୍ୱରୂପ
୧୮	ଭଗବାନ ଶ୍ରୀକୃଷ୍ଣ ନିଜକୁ ପୁରୁଷୋତ୍ତମ ଘୋଷଣା କରି ନିଜର ଗୋପନୀୟ ରହସ୍ୟ ଉନ୍ମୋଚନ କରିବା

ଶ୍ଲୋକସଂଖ୍ୟା ସୂକ୍ଷ୍ମ ବିଷୟ

୧୯ ଭଗବାନଙ୍କୁ ପୁରୁଷୋତ୍ତମରୂପେ ଜାଣିବା ବ୍ୟକ୍ତିର ମହିମା

୨୦ ପଞ୍ଚଦଶ ଅଧ୍ୟାୟର ମାହାତ୍ମ୍ୟ

ଷୋଡ଼ଶ ଅଧ୍ୟାୟ

ଏହି ଅଧ୍ୟାୟର ନାମ **'ଦୈବାସୁରସମ୍ପଦ୍‌ବିଭାଗଯୋଗ'**; କାରଣ ଏହି ଅଧ୍ୟାୟରେ ଯେଉଁ ଦୁଇଟି ସମ୍ପତ୍ତିର ବର୍ଣ୍ଣନା କରାଯାଇଛି, ତାହା ପରସ୍ପରର ସମ୍ପୂର୍ଣ୍ଣ ବିରୁଦ୍ଧ ଅର୍ଥାତ୍ ଦୈବୀସମ୍ପତ୍ତି ଉଦ୍ଧାର କରୁଥିବା ବେଳେ ଆସୁରୀସମ୍ପତ୍ତି ବନ୍ଧନରେ ପକାଇଥାଏ ତଥା ନୀଚଯୋନି ଓ ନରକକୁ ଟାଣି ନେଇଥାଏ । ଯେଉଁ ସାଧକ ଏ ଦୁଇଟିର ବିଭାଗକୁ ଠିକ୍‌ଭାବେ ଜାଣିଯିବ, ସେ ଆସୁରୀସମ୍ପତ୍ତିକୁ ପରିତ୍ୟାଗ କରିଦେବ । ଆସୁରୀସମ୍ପତ୍ତିକୁ ସମ୍ପୂର୍ଣ୍ଣ ଛାଡ଼ିଦେବା ମାତ୍ରେ ଦୈବୀସମ୍ପତ୍ତି ଆପେ ଆପେ ପ୍ରକଟିତ ହୋଇଯିବ । ଦୈବୀସମ୍ପତ୍ତି ପ୍ରକଟିତ ହେବାମାତ୍ରେ କେବଳ ପରମାତ୍ମାଙ୍କ ସହିତ ସମ୍ବନ୍ଧ ଅବଶେଷ ରହିଯିବ ।

ଶ୍ଲୋକସଂଖ୍ୟା ପ୍ରଧାନ ବିଷୟ

୧—୫ ଫଳସହିତ ଦୈବୀ ଓ ଆସୁରୀ ସମ୍ପତ୍ତିର ବର୍ଣ୍ଣନା

୬—୮ ସତ୍‌କର୍ମରୁ ବିମୁଖ ହୋଇଥିବା ଆସୁରୀସମ୍ପତ୍ତିଯୁକ୍ତ ମନୁଷ୍ୟଙ୍କ ଧାରଣା ବିଷୟରେ କଥନ

ଶ୍ଲୋକସଂଖ୍ୟା	ପ୍ରଧାନ ବିଷୟ
୯—୧୬	ଆସୁରୀସମ୍ପତ୍ତିଯୁକ୍ତ ମନୁଷ୍ୟମାନଙ୍କ ଦୁରାଗ୍ରହ ଓ ମନୋରଥଗୁଡ଼ିକର ଫଳସହିତ ବର୍ଣ୍ଣନା
୧୭—୨୦	ଆସୁରୀସମ୍ପତ୍ତିଯୁକ୍ତ ମନୁଷ୍ୟମାନଙ୍କ ମନ୍ଦଭାବ ଓ ଦୁର୍ଗତିର ବର୍ଣ୍ଣନା
୨୧—୨୪	ଆସୁରୀସମ୍ପତ୍ତିର ମୂଳ ଦୋଷ—କାମ, କ୍ରୋଧ ଓ ଲୋଭରୁ ମୁକ୍ତ ହୋଇ ଶାସ୍ତ୍ରବିଧି ଅନୁସାରେ କର୍ମ କରିବା ପାଇଁ ପ୍ରେରଣା

ସୂକ୍ଷ୍ମ ବିଷୟ

୧—୩	ଦୈବୀସମ୍ପତ୍ତିର ଛବିଶଟି ଲକ୍ଷଣର ବର୍ଣ୍ଣନା
୪	ଆସୁରୀସମ୍ପତ୍ତିର ଛଅଟି ଲକ୍ଷଣର ବର୍ଣ୍ଣନା
୫	ଦୈବୀ ଓ ଆସୁରୀସମ୍ପତ୍ତିର ଯଥାକ୍ରମେ ମୁକ୍ତି ଓ ବନ୍ଧନରୂପକ ସାଧାରଣ ଫଳ
୬	ଆସୁରୀସମ୍ପତ୍ତି ବିଷୟରେ ବିସ୍ତାର ସହ ଶୁଣିବା ପାଇଁ ଆଦେଶ
୭	ଆସୁରୀସମ୍ପତ୍ତିଯୁକ୍ତ ମନୁଷ୍ୟଙ୍କ ବିବେକହୀନ ଆଗ୍ରହର ବର୍ଣ୍ଣନା
୮	ଆସୁରୀସମ୍ପତ୍ତିଯୁକ୍ତ ମନୁଷ୍ୟଙ୍କ ଧାରଣା
୯—୧୨	ନାସ୍ତିକ ଦୃଷ୍ଟି, ଦୁଷ୍ପୂରଣୀୟ କାମ ଓ ଅପାର ଚିନ୍ତାର ଆଶ୍ରିତ ମନୁଷ୍ୟଙ୍କର ମୋହଜନିତ ଦୁରାଗ୍ରହଗୁଡ଼ିକର ବର୍ଣ୍ଣନା

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧୩—୧୫	ଯଥାକ୍ରମେ ଲୋଭ, କ୍ରୋଧ ଓ ଅଭିମାନକୁ ଆଧାର କରି କରାଯାଉଥିବା ମନୋରଥଗୁଡ଼ିକର ବର୍ଣ୍ଣନା
୧୬	ଆସୁରୀସମ୍ପତ୍ତିଯୁକ୍ତ ମନୁଷ୍ୟଙ୍କ ଦୁରାଗ୍ରହର ଫଳ ଘୋର ନରକପ୍ରାପ୍ତି ବୋଲି କହିବା
୧୭	ଅଭିମାନ ଓ ଦମ୍ଭପୂର୍ବକ ନାମକୁ ମାତ୍ର ଯଜ୍ଞ କରୁଥିବା ଲୋକମାନଙ୍କର ବର୍ଣ୍ଣନା
୧୮	ମନ୍ଦ ଭାବର ଆଶ୍ରିତ ତଥା ପରମାତ୍ମାଙ୍କ ପ୍ରତି ଦ୍ୱେଷ କରୁଥିବା ଓ ଦୋଷଦୃଷ୍ଟି ରଖୁଥିବା ଲୋକମାନଙ୍କର ବର୍ଣ୍ଣନା
୧୯-୨୦	ଦ୍ୱେଷ କରୁଥିବା କ୍ରୂରକର୍ମା ନରାଧମମାନଙ୍କୁ ଭଗବାନଙ୍କ ପ୍ରାପ୍ତି ନ ହୋଇ ବାରମ୍ବାର ଆସୁରୀଯୋନି ଏବଂ ତାହାଠାରୁ ମଧ୍ୟ ଅଧମଗତି—ନରକ ପ୍ରାପ୍ତି ହେବାର ବର୍ଣ୍ଣନା
୨୧-୨୨	ଆସୁରୀସମ୍ପତ୍ତିର ମୂଳ ଦୋଷ—କାମ, କ୍ରୋଧ ଓ ଲୋଭର ବର୍ଣ୍ଣନା ତଥା ଏଗୁଡ଼ିକୁ ତ୍ୟାଗ କରିବାର ମହତ୍ତ୍ୱ
୨୩	ମନମୁଖୀ ଢଙ୍ଗରେ କର୍ମ କରୁଥିବା ଲୋକଙ୍କୁ ସିଦ୍ଧି, ସୁଖ ଓ ପରମଗତି ନ ମିଳିବାର କଥନ
୨୪	ଶାସ୍ତ୍ରାନୁସାରେ କର୍ମ କରିବାକୁ ପ୍ରେରଣା

ସପ୍ତଦଶ ଅଧ୍ୟାୟ

ଏହି ଅଧ୍ୟାୟରେ ଶ୍ରଦ୍ଧାକୁ ତିନିଭାଗରେ ବିଭକ୍ତ କରାଯାଇଛି—ସାତ୍ତ୍ୱିକୀ, ରାଜସୀ ଓ ତାମସୀ । ଯେ ଏହି ବିଭାଗକୁ ଠିକ୍‌ଭାବେ ଜାଣିଯିବ, ସେ ସାତ୍ତ୍ୱିକୀ ଶ୍ରଦ୍ଧାକୁ ଗ୍ରହଣ କରି ରାଜସୀ ଓ ତାମସୀ ଶ୍ରଦ୍ଧାକୁ ଛାଡ଼ିଦେବ । ରାଜସୀ ଓ ତାମସୀ ଶ୍ରଦ୍ଧାକୁ ଛାଡ଼ିଦେବାମାତ୍ରେ (ସାତ୍ତ୍ୱିକୀ ଶ୍ରଦ୍ଧା ଦ୍ୱାରା) ଭଗବାନଙ୍କ ସହିତ ସ୍ୱତଃସିଦ୍ଧ ନିତ୍ୟସମ୍ବନ୍ଧ ଅନୁଭବ ହୋଇଯିବ । ସେଥିପାଇଁ ଏହି ଅଧ୍ୟାୟର ନାମ **'ଶ୍ରଦ୍ଧାତ୍ରୟବିଭାଗଯୋଗ'** ରଖାଯାଇଛି ।

ଶ୍ଲୋକସଂଖ୍ୟା	ପ୍ରଧାନ ବିଷୟ
୧—୬	ତିନି ପ୍ରକାର ଶ୍ରଦ୍ଧାର ଏବଂ ଆସୁରନିଶ୍ଚୟସମ୍ପନ୍ନ ମନୁଷ୍ୟମାନଙ୍କର ବର୍ଣ୍ଣନା
୭—୧୦	ସାତ୍ତ୍ୱିକ, ରାଜସ ଓ ତାମସ ଆହାରୀର ରୁଚି ବିଷୟରେ ବର୍ଣ୍ଣନା
୧୧—୨୨	ଯଜ୍ଞ, ତପ ଓ ଦାନର ତିନୋଟି ଲେଖାଏଁ ପ୍ରଭେଦର ବର୍ଣ୍ଣନା
୨୩—୨୮	'ଓଁ ତତ୍ସତ୍' ପ୍ରୟୋଗର ବ୍ୟାଖ୍ୟା ଏବଂ ଅସତ୍ କର୍ମର ବର୍ଣ୍ଣନା

ସୂକ୍ଷ୍ମ ବିଷୟ

୧ ଶାସ୍ତ୍ରବିଧିକୁ ଜାଣି ନ ଥିବା ଶ୍ରଦ୍ଧାଳୁ ମନୁଷ୍ୟଙ୍କର ନିଷ୍ଠା (ଶ୍ରଦ୍ଧା) ବିଷୟରେ ଅର୍ଜୁନଙ୍କ ପ୍ରଶ୍ନ

ଶ୍ଲୋକସଂଖ୍ୟା	ସୂକ୍ଷ୍ମ ବିଷୟ
୨-୩	ତିନି ପ୍ରକାର ଶ୍ରଦ୍ଧା ବିଷୟରେ କଥନ
୪	ପୂଜ୍ୟ ଅନୁସାରେ ପୂଜକର ଶ୍ରଦ୍ଧାର ପରିଚୟ
୫-୬	ଶାସ୍ତ୍ରବିଧିକୁ ବିରୋଧପୂର୍ବକ ପରିତ୍ୟାଗ କରି ଘୋର ତପ କରୁଥିବା ଲୋକମାନଙ୍କ ଆସୁରନିଶ୍ଚୟର ବର୍ଣ୍ଣନା
୭	ଆହାର ଏବଂ ଯଜ୍ଞ, ତପ ତଥା ଦାନର ପ୍ରଭେଦ ଶୁଣିବା ପାଇଁ ଆଦେଶ
୮—୧୦	ଯଥାକ୍ରମେ ସାତ୍ତ୍ୱିକ, ରାଜସ ଓ ତାମସ ଆହାରର ରୁଚିରୁ ଆହାରୀର ଶ୍ରଦ୍ଧାର ପରିଚୟ
୧୧—୧୩	ଯଥାକ୍ରମେ ସାତ୍ତ୍ୱିକ, ରାଜସ ଓ ତାମସ ଯଜ୍ଞର ବର୍ଣ୍ଣନା
୧୪—୧୬	ଯଥାକ୍ରମେ ଶାରୀରିକ, ବାଚିକ ଓ ମାନସିକ ତପର ବର୍ଣ୍ଣନା
୧୭—୧୯	ଯଥାକ୍ରମେ ସାତ୍ତ୍ୱିକ, ରାଜସ ଓ ତାମସ ତପର ବର୍ଣ୍ଣନା
୨୦—୨୨	ଯଥାକ୍ରମେ ସାତ୍ତ୍ୱିକ, ରାଜସ ଓ ତାମସ ଦାନର ବର୍ଣ୍ଣନା
୨୩	'ଓଁ, ତତ୍ ଓ ସତ୍'ର ମହିମା
୨୪	'ଓଁ'ର ପ୍ରୟୋଗର ବ୍ୟାଖ୍ୟା
୨୫	'ତତ୍'ର ପ୍ରୟୋଗର ବ୍ୟାଖ୍ୟା
୨୬-୨୭	'ସତ୍'ର ପ୍ରୟୋଗର ବ୍ୟାଖ୍ୟା
୨୮	ଅଶ୍ରଦ୍ଧାପୂର୍ବକ କରାଯାଉଥିବା କର୍ମଗୁଡ଼ିକୁ 'ଅସତ୍' ଦର୍ଶାଇବା

ଅଷ୍ଟାଦଶ ଅଧ୍ୟାୟ

ଯେଉଁ ଭକ୍ତିରେ ମୋକ୍ଷ ପ୍ରତି ମଧ୍ୟ ସନ୍ନ୍ୟାସ ବା ତ୍ୟାଗ ଭାବ ଆସିଯାଏ, ସେହି ଭଗବଦ୍ଭକ୍ତିର ବର୍ଣ୍ଣନା ମୁଖ୍ୟ ହୋଇଥିବାରୁ ଏହି ଅଧ୍ୟାୟର ନାମ '**ମୋକ୍ଷସନ୍ନ୍ୟାସଯୋଗ**' ରଖାଯାଇଛି ।

ଶ୍ଳୋକସଂଖ୍ୟା	**ପ୍ରଧାନ ବିଷୟ**
୧—୧୨	ସନ୍ନ୍ୟାସ ଓ ତ୍ୟାଗ ବିଷୟରେ ମତାନ୍ତର ଓ କର୍ମଯୋଗର ବର୍ଣ୍ଣନା
୧୩—୪୦	ବିଗ୍ରହପ୍ରଧାନ ସାଙ୍ଖ୍ୟଯୋଗର ବର୍ଣ୍ଣନା
୪୧—୪୮	କର୍ମଯୋଗର ଭକ୍ତିସହିତ ବର୍ଣ୍ଣନା
୪୯—୫୫	ଧ୍ୟାନପ୍ରଧାନ ସାଙ୍ଖ୍ୟଯୋଗର ବର୍ଣ୍ଣନା
୫୬—୬୬	ଭଗବଦ୍ଭକ୍ତିର ବର୍ଣ୍ଣନା
୬୭—୭୮	ଶ୍ରୀମଦ୍ଭଗବଦ୍‌ଗୀତାର ମହିମା

ସୂକ୍ଷ୍ମ ବିଷୟ

୧	ସନ୍ନ୍ୟାସ ଓ ତ୍ୟାଗ ବିଷୟରେ ଅର୍ଜୁନଙ୍କ ଜିଜ୍ଞାସା
୨-୩	ଭଗବାନଙ୍କ ଦ୍ୱାରା ଅନ୍ୟ ବିଦ୍ୱାନ୍‌ମାନଙ୍କର ଚ଼୍ରରୋଟି ମତର ବର୍ଣ୍ଣନା
୪—୬	ଭଗବାନଙ୍କ ଦ୍ୱାରା ନିଜ ନିଶ୍ଚିତ ମତର ବର୍ଣ୍ଣନା
୭—୯	ଯଥାକ୍ରମେ ତାମସ, ରାଜସ ଓ ସାତ୍ତ୍ୱିକ ତ୍ୟାଗର ବର୍ଣ୍ଣନା
୧୦—୧୨	ତ୍ୟାଗୀ ମନୁଷ୍ୟର ଲକ୍ଷଣ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୧୩—୧୫	ସାଂଖ୍ୟ-ସିଦ୍ଧାନ୍ତ ଅନୁସାରେ କର୍ମଗୁଡ଼ିକର ସମ୍ପାଦନରେ ପାଞ୍ଚଟି ହେତୁର ବର୍ଣ୍ଣନା
୧୬—୧୮	ଆତ୍ମାକୁ କର୍ତ୍ତା ମନେକରୁଥିବା ଲୋକଙ୍କର ନିନ୍ଦା ଓ କର୍ତ୍ତା ମନେକରୁ ନ ଥିବା ଲୋକଙ୍କର ପ୍ରଶଂସା
୧୯	ଜ୍ଞାନ, କର୍ମ ଓ କର୍ତ୍ତାର ତିନୋଟି ଲେଖାଏଁ ପ୍ରଭେଦ ଶୁଣିବା ପାଇଁ ଭଗବାନଙ୍କ ଆଦେଶ
୨୦—୨୨	ଯଥାକ୍ରମେ ସାତ୍ତ୍ୱିକ, ରାଜସ ଓ ତାମସ ଜ୍ଞାନର ବର୍ଣ୍ଣନା
୨୩—୨୫	ଯଥାକ୍ରମେ ସାତ୍ତ୍ୱିକ, ରାଜସ ଓ ତାମସ କର୍ମର ବର୍ଣ୍ଣନା
୨୬—୨୮	ଯଥାକ୍ରମେ ସାତ୍ତ୍ୱିକ, ରାଜସ ଓ ତାମସ କର୍ତ୍ତାର ଲକ୍ଷଣ
୨୯	ବୁଦ୍ଧି ଓ ଧୃତିର ତିନୋଟି ଲେଖାଏଁ ପ୍ରଭେଦ ଶୁଣିବା ପାଇଁ ଭଗବାନଙ୍କ ଆଦେଶ
୩୦—୩୨	ଯଥାକ୍ରମେ ସାତ୍ତ୍ୱିକୀ, ରାଜସୀ ଓ ତାମସୀ ବୁଦ୍ଧିର ଲକ୍ଷଣ
୩୩—୩୫	ଯଥାକ୍ରମେ ସାତ୍ତ୍ୱିକୀ, ରାଜସୀ ଓ ତାମସୀ ଧୃତିର ଲକ୍ଷଣ
୩୬	ସୁଖର ତିନୋଟି ଲେଖାଏଁ ପ୍ରଭେଦ ଶୁଣିବା ପାଇଁ ଭଗବାନଙ୍କ ଆଦେଶ
୩୭—୩୯	ସାତ୍ତ୍ୱିକ, ରାଜସ ଓ ତାମସ ସୁଖର ବର୍ଣ୍ଣନା
୪୦	୨୦ଶ ରୁ ୩୯ଶ ଶ୍ଳୋକ ପର୍ଯ୍ୟନ୍ତ ବର୍ଣ୍ଣିତ ଗୁଣବିଷୟକ ପ୍ରକରଣର ଉପସଂହାର
୪୧	ଚାରିବର୍ଣ୍ଣର ସ୍ୱଭାବଜ କର୍ମ ପ୍ରକରଣର ଉପକ୍ରମ

ଶ୍ଳୋକସଂଖ୍ୟା	ସୂକ୍ଷ୍ମ ବିଷୟ
୪୨	ବ୍ରାହ୍ମଣଙ୍କ ସ୍ୱଭାବଜ କର୍ମଗୁଡ଼ିକର ବର୍ଣ୍ଣନା
୪୩	କ୍ଷତ୍ରିୟଙ୍କ ସ୍ୱଭାବଜ କର୍ମଗୁଡ଼ିକର ବର୍ଣ୍ଣନା
୪୪	ବୈଶ୍ୟ ଓ ଶୂଦ୍ରଙ୍କ ସ୍ୱଭାବଜ କର୍ମଗୁଡ଼ିକର ବର୍ଣ୍ଣନା
୪୫—୪୮	ନିଜର ସ୍ୱଭାବଜ କର୍ମ ଦ୍ୱାରା ପରମାତ୍ମାଙ୍କୁ ପୂଜା କରି ପରମାତ୍ମପ୍ରାପ୍ତି ହେବାର କଥନ
୪୯	ସାଙ୍ଖ୍ୟଯୋଗର ଅଧିକାରୀଙ୍କ ବର୍ଣ୍ଣନା
୫୦	ସାଙ୍ଖ୍ୟଯୋଗର ଅଧିକାରୀଙ୍କ ପରମସିଦ୍ଧି ଲାଭ କରିବାର ପ୍ରଣାଳୀ
୫୧—୫୩	ସାଙ୍ଖ୍ୟଯୋଗର ସାଧନାଗୁଡ଼ିକର ବର୍ଣ୍ଣନା
୫୪-୫୫	ପରାଭକ୍ତି ପ୍ରାପ୍ତି ଓ ତାହାର ଫଳସ୍ୱରୂପ ପରମାତ୍ମତତ୍ତ୍ୱକୁ ଜାଣିବା ଓ ପାଇବାର ବର୍ଣ୍ଣନା
୫୬	ଭଗବାନଙ୍କ ଆଶ୍ରୟ ନେଇଥିବାରୁ ଭଗବନ୍ନିଷ୍ଠଙ୍କୁ ଭଗବତ୍‌ପ୍ରାପ୍ତି ହେବାର କଥନ
୫୭	ଅର୍ଜୁନଙ୍କୁ ଭଗବନ୍ନିଷ୍ଠ ହେବା ପାଇଁ ଆଦେଶ
୫୮-୫୯	ଭଗବନ୍ନିଷ୍ଠ ହେବାରେ ଲାଭ ଓ ନ ହେବାରେ କ୍ଷତି
୬୦	ସ୍ୱଭାବର ପରବଶତାର ବର୍ଣ୍ଣନା
୬୧	ସ୍ୱଭାବର ପରବଶତାରେ ଈଶ୍ୱରଙ୍କ ପ୍ରେରଣାର କଥନ
୬୨	ଅନ୍ତର୍ଯାମୀ ଈଶ୍ୱରଙ୍କ ଠାରେ ଶରଣାଗତିର ଫଳସହିତ ବର୍ଣ୍ଣନା

ଶ୍ଲୋକସଂଖ୍ୟା	ସୂକ୍ଷ୍ମ ବିଷୟ
୬୩	ଉପଦେଶର ଉପସଂହାର
୬୪	ସର୍ବଗୁହ୍ୟତମ ବଚନ ଶୁଣିବା ପାଇଁ ଆଦେଶ
୬୫-୬୬	ଭଗବତ୍‌ଶରଣାଗତିର ଫଳସହିତ ବର୍ଣ୍ଣନା
୬୭	ସର୍ବଗୁହ୍ୟତମ ବଚନ ଶୁଣିବାର ଅଧିକାରୀମାନଙ୍କ ବର୍ଣ୍ଣନା
୬୮-୬୯	ଭଗବଦ୍ଭକ୍ତମାନଙ୍କ ଗହଣରେ ଗୀତା ପ୍ରଚାର କରୁଥିବା ଲୋକର ବିଶେଷ ମହିମା
୭୦	ଗୀତାପଠନର ମହିମା
୭୧	ଗୀତାଶ୍ରବଣର ମହିମା
୭୨-୭୩	ଗୀତାଶ୍ରବଣ ବିଷୟରେ ଭଗବାନଙ୍କ ପ୍ରଶ୍ନ ଓ ଅର୍ଜୁନଙ୍କ ଉତ୍ତର
୭୪	ସଞ୍ଜୟଙ୍କ ଦ୍ୱାରା ଶ୍ରୀକୃଷ୍ଣାର୍ଜୁନସଂବାଦର ମହିମା ବର୍ଣ୍ଣନ
୭୫—୭୭	ବ୍ୟାସଦେବଙ୍କ କୃପାରୁ ପ୍ରାପ୍ତ ଭଗବାନଙ୍କ ଉପଦେଶ ଓ ବିରାଟରୂପକୁ ବାରମ୍ବାର ସ୍ମରଣ କରି ସଞ୍ଜୟଙ୍କର ପୁନଃ ପୁନଃ ହର୍ଷିତ ହେବା
୭୮	ସଞ୍ଜୟଙ୍କ ଦ୍ୱାରା ଭଗବାନ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ପକ୍ଷର ବିଶେଷ ମହିମା ବର୍ଣ୍ଣନ

॥ ଓଁ ଶ୍ରୀପରମାତ୍ମନେ ନମଃ ॥

ଶ୍ରୀମଦ୍ଭଗବଦ୍‌ଗୀତା

ଅଥ ପ୍ରଥମୋଽଧ୍ୟାୟଃ

(ପ୍ରଥମ ଅଧ୍ୟାୟ)

ଧୃତରାଷ୍ଟ୍ର ଉବାଚ

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ ।
ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଞ୍ଜୟ ॥ ୧ ॥

ଧୃତରାଷ୍ଟ୍ର କହିଲେ—*

ସଞ୍ଜୟ	= ହେ ସଞ୍ଜୟ! ✦	**ସମବେତାଃ**	= ଏକତ୍ରିତ ହୋଇଥିବା
ଧର୍ମକ୍ଷେତ୍ରେ	= ଧର୍ମଭୂମି		
କୁରୁକ୍ଷେତ୍ରେ	= କୁରୁକ୍ଷେତ୍ରରେ	**ଯୁଯୁତ୍ସବଃ**	= ଯୁଦ୍ଧେଚ୍ଛୁ

* 'ଧୃତରାଷ୍ଟ୍ର-ସଞ୍ଜୟ ସଂବାଦ' ବୈଶମ୍ପାୟନ ଓ ଜନ୍ମେଜୟଙ୍କ ସଂବାଦର ଅନ୍ତର୍ଗତ ଏବଂ 'ଶ୍ରୀକୃଷ୍ଣାର୍ଜୁନସଂବାଦ' ଧୃତରାଷ୍ଟ୍ର ଓ ସଞ୍ଜୟଙ୍କ ସଂବାଦର ଅନ୍ତର୍ଗତ ।

✦ ଗବଲ୍‌ଗଣ ନାମକ ସୂତଙ୍କ ଠାରୁ ସଞ୍ଜୟ ଜନ୍ମ ଗ୍ରହଣ କରିଥିଲେ । ସେ ମୁନିଙ୍କ ଭଳି ଜ୍ଞାନୀ ଓ ଧର୍ମାତ୍ମା ଥିଲେ—'ସଞ୍ଜୟୋ ମୁନିକଳ୍ପସ୍ତୁ ଜଜ୍ଞେ ସୂତୋ ଗବଲ୍‌ଗଣାତ୍' (ମହାଭାରତ, ଆଦି. ୬୩ । ୯୭) । ସେ ଧୃତରାଷ୍ଟ୍ରଙ୍କର ମନ୍ତ୍ରୀ ଥିଲେ ।

ମାମକାଃ	= ମୋର ପୁତ୍ରମାନେ	ଏବ	= ମଧ୍ୟ
ଚ	= ଓ	କିମ୍	= କ'ଣ
ପାଣ୍ଡବାଃ	= ପାଣ୍ଡୁଙ୍କର ପୁତ୍ରମାନେ	ଅକୁର୍ବତ	= କଲେ?

ସଞ୍ଜୟ ଉବାଚ

ଦୃଷ୍ଟ୍ୱା ତୁ ପାଣ୍ଡବାନୀକଂ ବ୍ୟୂଢଂ ଦୁର୍ଯ୍ୟୋଧନସ୍ତଦା ।
ଆଚାର୍ଯ୍ୟମୁପସଙ୍ଗମ୍ୟ ରାଜା ବଚନମବ୍ରବୀତ୍ ॥ ୨ ॥

ସଞ୍ଜୟ କହିଲେ—

ତଦା	= ସେତେବେଳେ	ଦୃଷ୍ଟ୍ୱା	= ଦେଖି
ରାଜା, ଦୁର୍ଯ୍ୟୋଧନଃ	= [ରାଜା ଦୁର୍ଯ୍ୟୋଧନ	ତୁ	= ଏବଂ
		ଆଚାର୍ଯ୍ୟମ୍	= ଦ୍ରୋଣାଚାର୍ଯ୍ୟଙ୍କ
ବ୍ୟୂଢମ୍	= [ବଜ୍ରବ୍ୟୂହରେ ଦଣ୍ଡାୟମାନ	ଉପସଙ୍ଗମ୍ୟ	= ନିକଟକୁ ଯାଇ
		ବଚନମ୍	= (ଏହି) ବଚନ
ପାଣ୍ଡବାନୀକମ୍	= ପାଣ୍ଡବସେନାକୁ	ଅବ୍ରବୀତ୍	= କହିଲେ ।

ପଶ୍ୟୈତାଂ ପାଣ୍ଡୁପୁତ୍ରାଣାମାଚାର୍ଯ୍ୟ ମହତୀଂ ଚମୂମ୍ ।
ବ୍ୟୂଢାଂ ଦ୍ରୁପଦପୁତ୍ରେଣ ତବ ଶିଷ୍ୟେଣ ଧୀମତା ॥ ୩ ॥

ଆଚାର୍ଯ୍ୟ	= ହେ ଆଚାର୍ଯ୍ୟ!	ଧୀମତା	= ବୁଦ୍ଧିମାନ୍
ତବ	= ଆପଣଙ୍କ	ଶିଷ୍ୟେଣ	= ଶିଷ୍ୟ

ଦ୍ରୁପଦପୁତ୍ରେଣ	= ଦ୍ରୁପଦପୁତ୍ର ଧୃଷ୍ଟଦ୍ୟୁମ୍ନ ଦ୍ୱାରା	ପାଣ୍ଡୁପୁତ୍ରାଣାମ୍	= ପାଣ୍ଡବଙ୍କର
		ଏତାମ୍	= ଏହି
ବ୍ୟୂଢାମ୍	= ବ୍ୟୂହ ରଚନାରେ ଛିଡ଼ା କରାଯାଇଥିବା	ମହତୀମ୍	= ବିଶାଳ
		ଚମୂମ୍	= ସେନାକୁ
		ପଶ୍ୟ	= ଦେଖନ୍ତୁ ।

ଅତ୍ର ଶୂରା ମହେଷ୍ୱାସା ଭୀମାର୍ଜୁନସମା ଯୁଧି ।
ଯୁଯୁଧାନୋ ବିରାଟଶ୍ଚ ଦ୍ରୁପଦଶ୍ଚ ମହାରଥଃ ॥ ୪ ॥
ଧୃଷ୍ଟକେତୁଶ୍ଚେକିତାନଃ କାଶିରାଜଶ୍ଚ ବୀର୍ଯ୍ୟବାନ୍ ।
ପୁରୁଜିତ୍କୁନ୍ତିଭୋଜଶ୍ଚ ଶୈବ୍ୟଶ୍ଚ ନରପୁଙ୍ଗବଃ ॥ ୫ ॥
ଯୁଧାମନ୍ୟୁଶ୍ଚ ବିକ୍ରାନ୍ତ ଉତ୍ତମୌଜାଶ୍ଚ ବୀର୍ଯ୍ୟବାନ୍ ।
ସୌଭଦ୍ରୋ ଦ୍ରୌପଦେୟାଶ୍ଚ ସର୍ବେ ଏବ ମହାରଥାଃ ॥ ୬ ॥

ଅତ୍ର	= ଏଠାରେ	ମହେଷ୍ୱାସାଃ	= (ସେମାନଙ୍କର) ବଡ଼ ବଡ଼ ଧନୁ ଅଛି
ଯୁଧି	= ଯୁଦ୍ଧ କରିବାରେ		
ଭୀମାର୍ଜୁନସମାଃ	= ଭୀମ ଓ ଅର୍ଜୁନଙ୍କ ସମକକ୍ଷ	ଚ	= ତଥା (ସେମାନଙ୍କ ମଧ୍ୟରେ)
ଶୂରାଃ	= ବଡ଼ ବଡ଼ ଶୂରବୀର ଅଛନ୍ତି ।	ଯୁଯୁଧାନଃ	= ଯୁଯୁଧାନ (ସାତ୍ୟକି),
		ବିରାଟଃ	= ରାଜା ବିରାଟ

ଚ = ଓ
ମହାରଥଃ = ମହାରଥୀ
ଦ୍ରୁପଦଃ = ଦ୍ରୁପଦ (ମଧ୍ୟ ଅଛନ୍ତି) ।
ଧୃଷ୍ଟକେତୁଃ = ଧୃଷ୍ଟକେତୁ
ଚ = ଓ
ଚେକିତାନଃ = ଚେକିତାନ
ଚ = ତଥା
ବୀର୍ଯ୍ୟବାନ୍ = ପରାକ୍ରମୀ
କାଶିରାଜଃ = କାଶିରାଜ (ମଧ୍ୟ ଅଛନ୍ତି) ।
ପୁରୁଜିତ୍ = ପୁରୁଜିତ୍
ଚ = ଓ
କୁନ୍ତିଭୋଜଃ = କୁନ୍ତିଭୋଜ
ଚ = ତଥା
ନରପୁଙ୍ଗବଃ = ନରଶ୍ରେଷ୍ଠ
ଶୈବ୍ୟଃ = ଶୈବ୍ୟ (ମଧ୍ୟ ଅଛନ୍ତି) ।
ବିକ୍ରାନ୍ତଃ = ପରାକ୍ରମୀ
ଯୁଧାମନ୍ୟୁଃ = ଯୁଧାମନ୍ୟୁ
ଚ = ଓ
ବୀର୍ଯ୍ୟବାନ୍ = ପରାକ୍ରମୀ
ଉତ୍ତମୌଜାଃ = ଉତ୍ତମୌଜା (ମଧ୍ୟ ଅଛନ୍ତି) ।
ସୌଭଦ୍ରଃ = ସୁଭଦ୍ରାପୁତ୍ର ଅଭିମନ୍ୟୁ
ଚ = ଓ
ଦ୍ରୌପଦେୟାଃ = ଦ୍ରୌପଦୀର ପାଞ୍ଚ ପୁତ୍ର (ମଧ୍ୟ ଅଛନ୍ତି) ।
ସର୍ବେ, ଏବ = ଏ ସମସ୍ତେ
ମହାରଥାଃ = ମହାରଥୀ ।

ଅସ୍ମାକଂ ତୁ ବିଶିଷ୍ଟା ଯେ ତାନ୍ନିବୋଧ ଦ୍ୱିଜୋତ୍ତମ ।
ନାୟକା ମମ ସୈନ୍ୟସ୍ୟ ସଂଜ୍ଞାର୍ଥଂ ତାନ୍ ବ୍ରବୀମି ତେ ॥ ୭ ॥

ଦ୍ୱିଜୋତ୍ତମ = ହେ ଦ୍ୱିଜୋତ୍ତମ!
ଅସ୍ମାକମ୍ = ଆମ ପକ୍ଷରେ
ତୁ = ମଧ୍ୟ
ଯେ = ଯେଉଁ
ବିଶିଷ୍ଟାଃ = ମୁଖ୍ୟମାନେ ଅଛନ୍ତି,
ତାନ୍ = ସେମାନଙ୍କ ଆଡ଼କୁ
ନିବୋଧ = ଧ୍ୟାନ ଦିଅନ୍ତୁ;
ତେ = ଆପଣଙ୍କୁ
ସଂଜ୍ଞାର୍ଥମ୍ = ସ୍ମରଣ କରାଇଦେବା ପାଇଁ
ମମ = ମୋର (ଯେଉଁ)
ସୈନ୍ୟସ୍ୟ, ନାୟକାଃ = ସେନାନାୟକମାନେ ଅଛନ୍ତି,
ତାନ୍ = ସେମାନଙ୍କ ସମ୍ବନ୍ଧରେ
ବ୍ରବୀମି = ମୁଁ କହୁଛି ।

ଭବାନ୍ ଭୀଷ୍ମଶ୍ଚ କର୍ଣ୍ଣଶ୍ଚ କୃପଶ୍ଚ ସମିତିଞ୍ଜୟଃ ।
ଅଶ୍ୱତ୍‌ଥାମା ବିକର୍ଣ୍ଣଶ୍ଚ ସୌମଦତ୍ତିସ୍ତଥୈବ ଚ ॥ ୮ ॥

ଭବାନ୍ = ଆପଣ
ଚ = ଓ
ଭୀଷ୍ମଃ = ପିତାମହ ଭୀଷ୍ମ
ଚ = ତଥା
କର୍ଣ୍ଣଃ = କର୍ଣ୍ଣ
ଚ = ଓ
ସମିତିଞ୍ଜୟଃ = ସଂଗ୍ରାମବିଜୟୀ
କୃପଃ = କୃପାଚାର୍ଯ୍ୟ
ଚ = ଏବଂ
ତଥା, ଏବ = ସେହିପରି
ଅଶ୍ୱତ୍‌ଥାମା = ଅଶ୍ୱତ୍‌ଥାମା,
ବିକର୍ଣ୍ଣଃ = ବିକର୍ଣ୍ଣ,
ଚ = ଓ
ସୌମଦତ୍ତିଃ = ସୋମଦତ୍ତଙ୍କ ପୁତ୍ର ଭୂରିଶ୍ରବା (ଅଛନ୍ତି) ।

ଅନ୍ୟେ ଚ ବହବଃ ଶୂରା ମଦର୍ଥେ ତ୍ୟକ୍ତଜୀବିତାଃ ।
ନାନାଶସ୍ତ୍ରପ୍ରହରଣାଃ ସର୍ବେ ଯୁଦ୍ଧବିଶାରଦାଃ ॥ ୯ ॥

ଅନ୍ୟେ	= ଏମାନଙ୍କ ବ୍ୟତୀତ (ଆହୁରି)	**ଚ**	= ଏବଂ
ବହବଃ	= ଅନେକ	**ନାନାଶସ୍ତ୍ର-ପ୍ରହରଣାଃ**	= ସେମାନେ ସମସ୍ତେ ଅନେକ ପ୍ରକାର ଅସ୍ତ୍ରଶସ୍ତ୍ର ଚାଳନା କରି ପାରନ୍ତି (ତଥା)
ଶୂରାଃ	= ଶୂରବୀର ଅଛନ୍ତି, (ଯେଉଁମାନେ)		
ମଦର୍ଥେ	= ମୋ ପାଇଁ	**ସର୍ବେ**	= ସମସ୍ତେ
ତ୍ୟକ୍ତଜୀବିତାଃ	= ନିଜ ଜୀବନର ଆଶା ମଧ୍ୟ ଛାଡ଼ି ଦେଇଛନ୍ତି	**ଯୁଦ୍ଧ-ବିଶାରଦାଃ**	= ଯୁଦ୍ଧକଳାରେ ଅତ୍ୟନ୍ତ ଚତୁର ଅଟନ୍ତି ।

ଅପର୍ଯ୍ୟାପ୍ତଂ ତଦସ୍ମାକଂ ବଳଂ ଭୀଷ୍ମାଭିରକ୍ଷିତମ୍ ।
ପର୍ଯ୍ୟାପ୍ତଂ ତ୍ୱିଦମେତେଷାଂ ବଳଂ ଭୀମାଭିରକ୍ଷିତମ୍ ॥ ୧୦ ॥

ଦ୍ରୋଣାଚାର୍ଯ୍ୟ ନୀରବ ରହୁଥିବା ଦେଖି ଦୁର୍ଯ୍ୟୋଧନ ଭାବିଲେ ଯେ ପ୍ରକୃତରେ—

ଅସ୍ମାକମ୍	= ଆମର		ଲାଭ କରିବା ନିମନ୍ତେ)
ତତ୍	= ସେହି		
ବଳମ୍	= ସେନା (ପାଣ୍ଡବଙ୍କ ଉପରେ ବିଜୟ	**ଅପର୍ଯ୍ୟାପ୍ତମ୍**	= ଅପର୍ଯ୍ୟାପ୍ତ, ଅସମର୍ଥ; (କାରଣ)

ଭୀଷ୍ମାଭି-ରକ୍ଷିତମ୍ = [ତାହାର ସଂରକ୍ଷକ (ଉଭୟ ପକ୍ଷର ସମର୍ଥକ) ଭୀଷ୍ମ ।

ତୁ = ମାତ୍ର

ଏତେଷାମ୍ = ଏ ପାଣ୍ଡବମାନଙ୍କର

ଇଦମ୍ = ଏହି

ବଲମ୍ = ସେନା (ଆମ ଉପରେ ବିଜୟ ଲାଭ କରିବାରେ)

ପର୍ଯ୍ୟାପ୍ତମ୍ = [ପର୍ଯ୍ୟାପ୍ତ, ସମର୍ଥ; (କାରଣ)

ଭୀମାଭି-ରକ୍ଷିତମ୍ = [ଏହାର ସଂରକ୍ଷକ (ନିଜ ସେନାର ସମର୍ଥକ) ଭୀମସେନ ।

ଅୟନେଷୁ ଚ ସର୍ବେଷୁ ଯଥାଭାଗମବସ୍ଥିତାଃ ।
ଭୀଷ୍ମମେବାଭିରକ୍ଷନ୍ତୁ ଭବନ୍ତଃ ସର୍ବ ଏବ ହି ॥ ୧୧ ॥

ଚ = [ଦୁର୍ଯ୍ୟୋଧନ ବାହ୍ୟ ଦୃଷ୍ଟିରୁ ନିଜ ସେନାର ମହାରଥୀମାନଙ୍କୁ କହିଲେ—

ଭବନ୍ତଃ = ଆପଣମାନେ

ସର୍ବେ, ଏବ = ସମସ୍ତେ

ସର୍ବେଷୁ = ସମସ୍ତ

ଅୟନେଷୁ = [(ବ୍ୟୂହର) ପ୍ରବେଶଦ୍ୱାରରେ

ଯଥାଭାଗମ୍ = [ନିଜ ନିଜ ସ୍ଥାନରେ

ଅବସ୍ଥିତାଃ = [ଦୃଢ଼ଭାବେ ଅବସ୍ଥିତ ହୋଇ

ହି = ନିଶ୍ଚିତରୂପେ

ଭୀଷ୍ମମ୍ = [ପିତାମହ ଭୀଷ୍ମଙ୍କୁ

ଏବ = ହିଁ

ଅଭିରକ୍ଷନ୍ତୁ = [ଚତୁର୍ଦ୍ଦିଗରୁ ରକ୍ଷା କରନ୍ତୁ ।

ତସ୍ୟ ସଞ୍ଜନୟନ୍ ହର୍ଷଂ କୁରୁବୃଦ୍ଧଃ ପିତାମହଃ ।
ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଙ୍ଖଂ ଦଧ୍ମୌ ପ୍ରତାପବାନ୍ ॥ ୧୨ ॥

ତସ୍ୟ	= ତାଙ୍କର (ଦୁର୍ଯ୍ୟୋଧନଙ୍କର)	**ପିତାମହଃ**	= ପିତାମହ ଭୀଷ୍ମ
ହର୍ଷମ୍	= (ହୃଦୟରେ) ହର୍ଷ	**ସିଂହନାଦମ୍, ବିନଦ୍ୟ**	= ସିଂହପରି ଗର୍ଜନ କରି
ସଞ୍ଜନୟନ୍	= ଜାତ କରି	**ଉଚ୍ଚୈଃ**	= ଉଚ୍ଚ ସ୍ୱରରେ
ପ୍ରତାପବାନ୍	= ପ୍ରଭାବଶାଳୀ	**ଶଙ୍ଖମ୍**	= ଶଙ୍ଖ
କୁରୁବୃଦ୍ଧଃ	= କୁରୁବୃଦ୍ଧ	**ଦଧ୍ମୌ**	= ବଜାଇଲେ ।

ତତଃ ଶଙ୍ଖାଶ୍ଚ ଭେର୍ଯ୍ୟଶ୍ଚ ପଣବାନକଗୋମୁଖାଃ ।
ସହସୈବାଭ୍ୟହନ୍ୟନ୍ତ ସ ଶବ୍ଦସ୍ତୁମୁଲୋଽଭବତ୍ ॥ ୧୩ ॥

ତତଃ	= ତା'ପରେ	**ସହସା**	= ଏକସଙ୍ଗେ
ଶଙ୍ଖାଃ	= ଶଙ୍ଖ	**ଏବ**	= ହିଁ
ଚ	= ଓ	**ଅଭ୍ୟହନ୍ୟନ୍ତ**	= ବାଜି ଉଠିଲା ।
ଭେର୍ଯ୍ୟଃ	= ଭେରୀ (ନାଗରା)	**ସଃ**	= ସେହି
ଚ	= ତଥା	**ଶବ୍ଦଃ**	= ଶବ୍ଦ
ପଣବାନକ-ଗୋମୁଖାଃ	= ଢୋଲ, ମୃଦଙ୍ଗ, ଶିଙ୍ଗା ଇତ୍ୟାଦି ବାଦ୍ୟ	**ତୁମୁଳଃ**	= ଅତି ଭୟଙ୍କର
		ଅଭବତ୍	= ହେଲା ।

ତତଃ ଶ୍ୱେତୈର୍ହୟୈର୍ଯୁକ୍ତେ ମହତି ସ୍ୟନ୍ଦନେ ସ୍ଥିତୌ ।
ମାଧବଃ ପାଣ୍ଡବଶ୍ଚୈବ ଦିବ୍ୟୌ ଶଙ୍ଖୌ ପ୍ରଦଧ୍ମତୁଃ ॥ ୧୪ ॥

ତତଃ	= ତତ୍ପଶ୍ଚାତ୍	ଚ	= ଓ
ଶ୍ୱେତୈଃ	= ଧବଳ	ପାଣ୍ଡବଃ	= ପାଣ୍ଡୁପୁତ୍ର ଅର୍ଜୁନ
ହୟୈଃ, ଯୁକ୍ତେ	= ଅଶ୍ୱଯୁକ୍ତ		
ମହତି	= ମହାନ୍	ଏବ	= ମଧ୍ୟ
ସ୍ୟନ୍ଦନେ	= ରଥ ଉପରେ	ଦିବ୍ୟୌ, ଶଙ୍ଖୌ	= ଦିବ୍ୟ ଶଙ୍ଖକୁ
ସ୍ଥିତୌ	= ବିରାଜମାନ		
ମାଧବଃ	= ଲକ୍ଷ୍ମୀପତି ଭଗବାନ ଶ୍ରୀକୃଷ୍ଣ	ପ୍ରଦଧ୍ମତୁଃ	= ଉଚ୍ଚସ୍ୱରରେ ବାଦନ କଲେ ।

ପାଞ୍ଚଜନ୍ୟଂ ହୃଷୀକେଶୋ ଦେବଦତ୍ତଂ ଧନଞ୍ଜୟଃ ।
ପୌଣ୍ଡ୍ରଂ ଦଧ୍ମୌ ମହାଶଙ୍ଖଂ ଭୀମକର୍ମା ବୃକୋଦରଃ ॥ ୧୫ ॥

ହୃଷୀକେଶଃ	= ଅନ୍ତର୍ଯାମୀ ଭଗବାନ ଶ୍ରୀକୃଷ୍ଣ	ଭୀମକର୍ମା	= ଭୟଙ୍କର କର୍ମ କରୁଥିବା
ପାଞ୍ଚଜନ୍ୟମ୍	= ପାଞ୍ଚଜନ୍ୟ ନାମକ ଶଙ୍ଖ	ବୃକୋଦରଃ	= ବୃକୋଦର ଭୀମ
ଧନଞ୍ଜୟଃ	= ଧନଞ୍ଜୟ ଅର୍ଜୁନ	ପୌଣ୍ଡ୍ରମ୍	= ପୌଣ୍ଡ୍ର ନାମକ
ଦେବଦତ୍ତମ୍	= ଦେବଦତ୍ତ ନାମକ ଶଙ୍ଖ (ଏବଂ)	ମହାଶଙ୍ଖମ୍	= ମହାଶଙ୍ଖ
		ଦଧ୍ମୌ	= ବଜାଇଲେ ।

ଅନନ୍ତବିଜୟଂ ରାଜା କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ ।
ନକୁଳଃ ସହଦେବଶ୍ଚ ସୁଘୋଷମଣିପୁଷ୍ପକୌ ॥ ୧୬ ॥

କୁନ୍ତୀପୁତ୍ରଃ = କୁନ୍ତୀପୁତ୍ର		ଚ = ଓ	
ରାଜା = ରାଜା		ସହଦେବଃ = ସହଦେବ	
ଯୁଧିଷ୍ଠିରଃ = ଯୁଧିଷ୍ଠିର		ସୁଘୋଷମଣି-ପୁଷ୍ପକୌ =	ସୁଘୋଷ ଓ ମଣିପୁଷ୍ପକ ନାମକ (ଶଙ୍ଖ ବଜାଇଲେ) ।
ଅନନ୍ତ-ବିଜୟମ୍ =	ଅନନ୍ତବିଜୟ ନାମକ ଶଙ୍ଖ,		
ନକୁଳଃ = ନକୁଳ			

କାଶ୍ୟଶ୍ଚ ପରମେଷ୍ୱାସଃ ଶିଖଣ୍ଡୀ ଚ ମହାରଥଃ ।
ଧୃଷ୍ଟଦ୍ୟୁମ୍ନୋ ବିରାଟଶ୍ଚ ସାତ୍ୟକିଶ୍ଚାପରାଜିତଃ ॥ ୧୭ ॥
ଦ୍ରୁପଦୋ ଦ୍ରୌପଦେୟାଶ୍ଚ ସର୍ବଶଃ ପୃଥିବୀପତେ ।
ସୌଭଦ୍ରଶ୍ଚ ମହାବାହୁଃ ଶଙ୍ଖାନ୍ ଦଧ୍ମୁଃ ପୃଥକ୍ ପୃଥକ୍ ॥ ୧୮ ॥

ପୃଥିବୀପତେ = ହେ ରାଜନ୍!	ଚ = ତଥା
ପରମେଷ୍ୱାସଃ = ଶ୍ରେଷ୍ଠ ଧନୁର୍ଦ୍ଧାରୀ	ଧୃଷ୍ଟଦ୍ୟୁମ୍ନଃ = ଧୃଷ୍ଟଦ୍ୟୁମ୍ନ
କାଶ୍ୟଃ = କାଶିରାଜ	ଚ = ଏବଂ
ଚ = ଓ	ବିରାଟଃ = ରାଜା ବିରାଟ
ମହାରଥଃ = ମହାରଥୀ	ଚ = ଓ
ଶିଖଣ୍ଡୀ = ଶିଖଣ୍ଡୀ	ଅପରାଜିତଃ = ଅଜେୟ

ସାତ୍ୟକିଃ	= ସାତ୍ୟକି,
ଦ୍ରୁପଦଃ	= ରାଜା ଦ୍ରୁପଦ
ଚ	= ଓ
ଦ୍ରୌପଦେୟାଃ	= ଦ୍ରୌପଦୀଙ୍କର ପାଞ୍ଚପୁତ୍ର
ଚ	= ତଥା
ମହାବାହୁଃ	= ଦୀର୍ଘ ବାହୁବିଶିଷ୍ଟ
ସୌଭଦ୍ରଃ	= ସୁଭଦ୍ରାପୁତ୍ର ଅଭିମନ୍ୟୁ (—ଏ ସମସ୍ତେ)
ସର୍ବଶଃ	= ସବୁ ଦିଗରୁ
ପୃଥକ୍, ପୃଥକ୍	= ଭିନ୍ନ ଭିନ୍ନ
ଶଙ୍ଖାନ୍	= ଶଙ୍ଖ
ଦଧ୍ମୁଃ	= ବଜାଇଲେ ।

ସ ଘୋଷୋ ଧାର୍ତ୍ତରାଷ୍ଟ୍ରାଣାଂ ହୃଦୟାନି ବ୍ୟଦାରୟତ୍ ।
ନଭଶ୍ଚ ପୃଥିବୀଂ ଚୈବ ତୁମୁଲୋ ବ୍ୟନୁନାଦୟନ୍ ॥ ୧୯ ॥

ଚ	= ଏବଂ
ସଃ	= (ପାଣ୍ଡବସେନାଙ୍କ ଶଙ୍ଖର) ସେହି
ତୁମୁଲଃ	= ଭୟଙ୍କର
ଘୋଷଃ	= ଶବ୍ଦ
ନଭଃ	= ଆକାଶ
ଚ	= ଓ
ପୃଥିବୀମ୍	= ପୃଥିବୀକୁ
ଏବ	= ମଧ୍ୟ
ବ୍ୟନୁନାଦୟନ୍	= କମ୍ପମାନ କରି
ଧାର୍ତ୍ତରାଷ୍ଟ୍ରାଣାମ୍	= ଅନ୍ୟାୟପୂର୍ବକ ରାଜ୍ୟ ହରଣକାରୀ ଦୁର୍ଯ୍ୟୋଧନାଦିଙ୍କର
ହୃଦୟାନି	= ହୃଦୟକୁ
ବ୍ୟଦାରୟତ୍	= ବିଦୀର୍ଣ୍ଣ କରିଦେଲା ।

ଅଥ ବ୍ୟବସ୍ଥିତାନ୍ଦୃଷ୍ଟ୍ୱା ଧାର୍ତ୍ତରାଷ୍ଟ୍ରାନ୍ କପିଧ୍ୱଜଃ ।
ପ୍ରବୃତ୍ତେ ଶସ୍ତ୍ରସମ୍ପାତେ ଧନୁରୁଦ୍ୟମ୍ୟ ପାଣ୍ଡବଃ ॥ ୨୦ ॥
ହୃଷୀକେଶଂ ତଦା ବାକ୍ୟମିଦମାହ ମହୀପତେ ।

ମହୀପତେ	= ହେ ମହୀପତି ଧୃତରାଷ୍ଟ୍ର!	ବ୍ୟବସ୍ଥିତାନ୍	= ବ୍ୟବସ୍ଥିତରୂପେ ସମ୍ମୁଖରେ ଦଣ୍ଡାୟମାନ ହୋଇଥିବାର
ଅଥ	= ଏବେ (ଯେତେବେଳେ)	ଦୃଷ୍ଟ୍ବା	= ଦେଖି,
ଶସ୍ତ୍ରସମ୍ପାତେ	= ଶସ୍ତ୍ର ଚାଳନା ନିମନ୍ତେ	କପିଧ୍ୱଜଃ	= କପିଧ୍ୱଜ
ପ୍ରବୃତ୍ତେ	= ପ୍ରସ୍ତୁତି ଚାଲିଥିଲା,	ପାଣ୍ଡବଃ	= ପାଣ୍ଡୁପୁତ୍ର ଅର୍ଜୁନ
ତଦା	= ସେତେବେଳେ	ଧନୁଃ	= ଗାଣ୍ଡୀବ ଧନୁ
ଧାର୍ତ୍ତରାଷ୍ଟ୍ରାନ୍	= ଅନ୍ୟାୟପୂର୍ବକ ରାଜ୍ୟ ଅଧିକାର କରିଥିବା ରାଜାମାନଙ୍କୁ ଏବଂ ସେମାନଙ୍କର ସାଥୀମାନଙ୍କୁ	ଉଦ୍ୟମ୍ୟ	= ଉତ୍ତୋଳନ କରି
		ହୃଷୀକେଶମ୍	= ଅନ୍ତର୍ଯାମୀ ଭଗବାନ ଶ୍ରୀକୃଷ୍ଣଙ୍କୁ
		ଇଦମ୍	= ଏହି
		ବାକ୍ୟମ୍	= ବଚନ
		ଆହ	= କହିଲେ ।

ଅର୍ଜୁନ ଉବାଚ

ସେନୟୋରୁଭୟୋର୍ମଧ୍ୟେ ରଥଂ ସ୍ଥାପୟ ମେଽଚ୍ୟୁତ ॥ ୨୧ ॥

ଯାବଦେତାନ୍ନିରୀକ୍ଷେଽହଂ ଯୋଦ୍ଧୁକାମାନବସ୍ଥିତାନ୍ ।
କୈର୍ମୟା ସହ ଯୋଦ୍ଧବ୍ୟମସ୍ମିନ୍ ରଣସମୁଦ୍ୟମେ ॥ ୨୨ ॥

ଅର୍ଜୁନ କହିଲେ—

ଅଚ୍ୟୁତ	= ହେ ଅଚ୍ୟୁତ!	ଯୋଦ୍ଧୁ-କାମାନ୍	= ଯୁଦ୍ଧାଭିଳାଷୀ-ମାନଙ୍କୁ
ଉଭୟୋଃ	= ଦୁଇ	ନିରୀକ୍ଷେ	= ଦେଖି ନ ସାରିଛି (ଯେ),
ସେନୟୋଃ	= ସେନାଙ୍କ	ଅସ୍ମିନ୍	= ଏହି
ମଧ୍ୟେ	= ମଧ୍ୟଭାଗରେ	ରଣ-ସମୁଦ୍ୟମେ	= ଯୁଦ୍ଧରୂପକ ଉଦ୍ୟୋଗରେ
ମେ	= ମୋର	ମୟା	= ମୋତେ
ରଥମ୍	= ରଥକୁ (ସେପର୍ଯ୍ୟନ୍ତ)	କୈଃ	= କେଉଁମାନଙ୍କ
ସ୍ଥାପୟ	= ରଖନ୍ତୁ,	ସହ	= ସହିତ
ଯାବତ୍	= ଯେପର୍ଯ୍ୟନ୍ତ	ଯୋଦ୍ଧବ୍ୟମ୍	= ଯୁଦ୍ଧ କରିବାକୁ ହେବ ।
ଅହମ୍	= ମୁଁ (ଯୁଦ୍ଧକ୍ଷେତ୍ରରେ)		
ଅବସ୍ଥିତାନ୍	= ଦଣ୍ଡାୟମାନ		
ଏତାନ୍	= ଏହି		

ଯୋତ୍ସ୍ୟମାନାନବେକ୍ଷେଽହଂ ଯ ଏତେଽତ୍ର ସମାଗତାଃ ।
ଧାର୍ତ୍ତରାଷ୍ଟ୍ରସ୍ୟ ଦୁର୍ବୁଦ୍ଧେର୍ଯୁଦ୍ଧେ ପ୍ରିୟଚିକୀର୍ଷବଃ ॥ ୨୩ ॥

ଦୁର୍ବୁଦ୍ଧେଃ	= ଦୁଷ୍ଟବୁଦ୍ଧି	ଯୋତ୍ସ୍ୟ-ମାନାନ୍	= ଯୁଦ୍ଧେଚ୍ଛାରେ ଉତ୍ସାହିତ ହୋଇଥିବା
ଧାର୍ତ୍ତରାଷ୍ଟ୍ରସ୍ୟ	= ଦୁର୍ଯ୍ୟୋଧନର	ଏତେ, ଯେ	= ଏ ଯେଉଁ ରାଜାମାନେ
ଯୁଦ୍ଧେ	= ଯୁଦ୍ଧରେ	ଅତ୍ର	= ଏହି ସେନାରେ
ପ୍ରିୟଚିକୀର୍ଷବଃ	= ହିତାକାଂକ୍ଷୀ ସାଜି		

ସମାଗତାଃ	=	ଏକତ୍ରିତ ହୋଇଛନ୍ତି, (ସେମାନଙ୍କୁ)	ଅହମ୍	= ମୁଁ
			ଅବେକ୍ଷେ	= ଦେଖିବି ।

ସଞ୍ଜୟ ଉବାଚ

ଏବମୁକ୍ତୋ ହୃଷୀକେଶୋ ଗୁଡାକେଶେନ ଭାରତ ।
ସେନୟୋରୁଭୟୋର୍ମଧ୍ୟେ ସ୍ଥାପୟିତ୍ୱା ରଥୋତ୍ତମମ୍ ॥ ୨୪ ॥
ଭୀଷ୍ମଦ୍ରୋଣପ୍ରମୁଖତଃ ସର୍ବେଷାଂ ଚ ମହୀକ୍ଷିତାମ୍ ।
ଉବାଚ ପାର୍ଥ ପଶ୍ୟୈତାନ୍ ସମବେତାନ୍ କୁରୂନିତି ॥ ୨୫ ॥

ସଞ୍ଜୟ କହିଲେ—

ଭାରତ	= ହେ ଭରତବଂଶୀ ରାଜନ୍!	ଭୀଷ୍ମଦ୍ରୋଣ-ପ୍ରମୁଖତଃ	= ପିତାମହ ଭୀଷ୍ମ ଓ ଆଚାର୍ଯ୍ୟ ଦ୍ରୋଣଙ୍କ ସମ୍ମୁଖରେ
ଗୁଡାକେଶେନ	= ନିଦ୍ରାଜୟୀ ଅର୍ଜୁନଙ୍କ ଦ୍ୱାରା		
ଏବମ୍	= ଏପରି	ଚ	= ତଥା
ଉକ୍ତଃ	= କୁହାଯିବା ପରେ	ସର୍ବେଷାମ୍	= ସମସ୍ତ
ହୃଷୀକେଶଃ	= ଅନ୍ତର୍ଯାମୀ ଭଗବାନ ଶ୍ରୀକୃଷ୍ଣ	ମହୀକ୍ଷିତାମ୍	= ରାଜାମାନଙ୍କ ସମ୍ମୁଖରେ
ଉଭୟୋଃ	= ଦୁଇ	ରଥୋତ୍ତମମ୍	= ଶ୍ରେଷ୍ଠ ରଥକୁ
ସେନୟୋଃ	= ସେନାଙ୍କ	ସ୍ଥାପୟିତ୍ୱା	= ଠିଆ କରି
ମଧ୍ୟେ	= ମଧ୍ୟଭାଗରେ	ଇତି	= ଏହିପରି

ଉବାଚ	= କହିଲେ,	ସମବେତାନ୍	= ସମବେତ
ପାର୍ଥ	= "ହେ ପାର୍ଥ!	କରୂନ୍	= କୁରୁବଂଶୀମାନଙ୍କୁ
ଏତାନ୍	= ଏହି	ପଶ୍ୟ	= ଦେଖ" ।

ତତ୍ରାପଶ୍ୟତ୍ ସ୍ଥିତାନ୍ ପାର୍ଥଃ ପିତୃନଥ ପିତାମହାନ୍ ।
ଆଚାର୍ଯ୍ୟାନ୍ମାତୁଳାନ୍ ଭ୍ରାତୃନ୍ ପୁତ୍ରାନ୍ ପୌତ୍ରାନ୍ ସଖୀଂସ୍ତଥା ॥ ୨୬ ॥
ଶ୍ୱଶୁରାନ୍ ସୁହୃଦଶ୍ଚୈବ ସେନୟୋରୁଭୟୋରପି ।

ଅଥ	= ତାହାପରେ	ଭ୍ରାତୃନ୍	= ଭ୍ରାତାଗଣଙ୍କୁ,
ପାର୍ଥଃ	= ପୃଥାନନ୍ଦନ ଅର୍ଜୁନ	ପୁତ୍ରାନ୍	= ପୁତ୍ରଗଣଙ୍କୁ,
ତତ୍ର	= ସେହି	ପୌତ୍ରାନ୍	= ପୌତ୍ରଗଣଙ୍କୁ
ଉଭୟୋଃ, ଏବ	= ଦୁଇ	ତଥା	= ତଥା
ସେନୟୋଃ	= ସେନାରେ	ସଖୀନ୍	= ବନ୍ଧୁଗଣଙ୍କୁ,
ସ୍ଥିତାନ୍	= ଉପସ୍ଥିତ	ଶ୍ୱଶୁରାନ୍	= ଶ୍ୱଶୁରଗଣଙ୍କୁ
ପିତୃନ୍	= ପିତାମାନଙ୍କୁ,	ଚ	= ଓ
ପିତାମହାନ୍	= ପିତାମହମାନଙ୍କୁ,	ସୁହୃଦଃ	= ସୁହୃଦ୍‌ଗଣଙ୍କୁ
ଆଚାର୍ଯ୍ୟାନ୍	= ଆଚାର୍ଯ୍ୟଗଣଙ୍କୁ,	ଅପି	= ମଧ୍ୟ
ମାତୁଳାନ୍	= ମାତୁଳଗଣଙ୍କୁ,	ଅପଶ୍ୟତ୍	= ଦେଖିଲେ ।

ତାନ୍‌ସମୀକ୍ଷ୍ୟ ସ କୌନ୍ତେୟଃ ସର୍ବାନ୍ ବନ୍ଧୂନବସ୍ଥିତାନ୍ ॥ ୨୭ ॥
କୃପୟା ପରୟାବିଷ୍ଟୋ ବିଷୀଦନ୍ନିଦମବ୍ରବୀତ୍ ।

ଅବସ୍ଥିତାନ୍	= ନିଜ ନିଜ ସ୍ଥାନରେ ଉପସ୍ଥିତ	କୌନ୍ତେୟଃ	= କୁନ୍ତୀପୁତ୍ର ଅର୍ଜୁନ
		ପରୟା	= ଅତ୍ୟନ୍ତ
ତାନ୍	= ସେହି	କୃପୟା, ଆବିଷ୍ଟଃ	= କାତର-ଭାବରେ
ସର୍ବାନ୍	= ସମସ୍ତ		
ବନ୍ଧୂନ୍	= ବାନ୍ଧବଙ୍କୁ	ବିଷୀଦନ୍	= ବିଷାଦମଗ୍ନ ହୋଇ
ସମୀକ୍ଷ୍ୟ	= ଦେଖି,	ଇଦମ୍	= ଏହା
ସଃ	= ସେହି	ଅବ୍ରବୀତ୍	= କହିଲେ ।

ଅର୍ଜୁନ ଉବାଚ

ଦୃଷ୍ଟ୍ୱେମଂ ସ୍ୱଜନଂ କୃଷ୍ଣ ଯୁଯୁତ୍ସୁଂ ସମୁପସ୍ଥିତମ୍ ॥ ୨୮ ॥
ସୀଦନ୍ତି ମମ ଗାତ୍ରାଣି ମୁଖଂ ଚ ପରିଶୁଷ୍ୟତି ।
ବେପଥୁଶ୍ଚ ଶରୀରେ ମେ ରୋମହର୍ଷଶ୍ଚ ଜାୟତେ ॥ ୨୯ ॥
ଗାଣ୍ଡୀବଂ ସ୍ରଂସତେ ହସ୍ତାତ୍ୱକ୍‌ଚୈବ ପରିଦହ୍ୟତେ ।
ନ ଚ ଶକ୍ନୋମ୍ୟବସ୍ଥାତୁଂ ଭ୍ରମତୀବ ଚ ମେ ମନଃ ॥ ୩୦ ॥

ଅର୍ଜୁନ କହିଲେ—

କୃଷ୍ଣ	= ହେ କୃଷ୍ଣ!	ଯୁଯୁତ୍ସୁମ୍	= ଯୁଦ୍ଧେଚ୍ଛୁ
ଇମମ୍	= ଏହି	ସ୍ୱଜନମ୍	= କୁଟୁମ୍ବମାନଙ୍କୁ

ସମୁପସ୍ଥିତମ୍	= ନିଜ ସମ୍ମୁଖରେ ଉପସ୍ଥିତ ହୋଇଥିବାର	ଜାୟତେ	= ଉଠୁଛି ।
		ହସ୍ତାତ୍	= ହାତରୁ
		ଗାଣ୍ଡୀବମ୍	= ଗାଣ୍ଡୀବ ଧନୁ
ଦୃଷ୍ଟ୍ୱା	= ଦେଖି	ସ୍ରଂସତେ	= ଖସି ପଡୁଛି
ମମ	= ମୋର	ଚ	= ଏବଂ
ଗାତ୍ରାଣି	= ଅଙ୍ଗଗୁଡ଼ିକ	ତ୍ୱକ୍	= ଚର୍ମ
ସୀଦନ୍ତି	= ଶିଥିଳ ହୋଇଯାଉଛି	ଏବ	= ମଧ୍ୟ
		ପରିଦହ୍ୟତେ	= ପୋଡ଼ିଯାଉଛି ।
ଚ	= ଏବଂ	ମେ	= ମୋର
ମୁଖମ୍	= ପାଟି	ମନଃ	= ମନ
ପରିଶୁଷ୍ୟତି	= ଶୁଖିଯାଉଛି	ଭ୍ରମତି, ଇବ	= ଭ୍ରମିତ ହେଲାପରି ଲାଗୁଛି
ଚ	= ଓ		
ମେ	= ମୋର	ଚ	= ଓ
ଶରୀରେ	= ଶରୀରରେ	ଅବସ୍ଥାତୁମ୍	= ଠିଆ ହୋଇ ରହିବାକୁ
ବେପଥୁଃ	= କମ୍ପନ ଜାତ ହେଉଛି		
		ଚ	= ମଧ୍ୟ
ଚ	= ଓ	ନ, ଶକ୍ନୋମି	= (ମୁଁ) ଅସମର୍ଥ ହୋଇ ପଡୁଛି ।
ରୋମହର୍ଷଃ	= ରୋମ ଟାଙ୍କୁରି		

ନିମିତ୍ତାନି ଚ ପଶ୍ୟାମି ବିପରୀତାନି କେଶବ ।
ନ ଚ ଶ୍ରେୟୋଽନୁପଶ୍ୟାମି ହତ୍ୱା ସ୍ୱଜନମାହବେ ॥ ୩୧ ॥

କେଶବ = ହେ କେଶବ!
ନିମିତ୍ତାନି = (ମୁଁ) ଲକ୍ଷଣ ବା ଶକୁନଗୁଡ଼ିକୁ
ଚ = ମଧ୍ୟ
ବିପରୀତାନି = ବିପରୀତ
ପଶ୍ୟାମି = ଦେଖୁଛି (ଏବଂ)
ଆହବେ = ଯୁଦ୍ଧରେ
ସ୍ୱଜନମ୍ = ସ୍ୱଜନମାନଙ୍କୁ
ହତ୍ୱା = ମାରି
ଶ୍ରେୟଃ = ଶ୍ରେୟ (ଲାଭ)
ଚ = ମଧ୍ୟ
ନ, ଅନୁପଶ୍ୟାମି = ଦେଖୁ ନାହିଁ ।

ନ କାଙ୍‌କ୍ଷେ ବିଜୟଂ କୃଷ୍ଣ ନ ଚ ରାଜ୍ୟଂ ସୁଖାନି ଚ ।
କିଂ ନୋ ରାଜ୍ୟେନ ଗୋବିନ୍ଦ କିଂ ଭୋଗୈର୍ଜୀବିତେନ ବା ॥ ୩୨ ॥

କୃଷ୍ଣ = ହେ କୃଷ୍ଣ! (ମୁଁ)
ବିଜୟମ୍ = ବିଜୟ
ନ, କାଙ୍‌କ୍ଷେ = ଚାହୁଁ ନାହିଁ,
ରାଜ୍ୟମ୍ = ରାଜ୍ୟ
ନ = ଚାହୁଁ ନାହିଁ
ଚ = ଓ
ସୁଖାନି, (ନ) = ସୁଖ (ମଧ୍ୟ) ଚାହୁଁ ନାହିଁ ।
ଗୋବିନ୍ଦ = ହେ ଗୋବିନ୍ଦ!
ନଃ = ଆମ୍ଭମାନଙ୍କର
ରାଜ୍ୟେନ = ରାଜ୍ୟରେ
କିମ୍ = କି ଲାଭ?
ଭୋଗୈଃ = ଭୋଗରେ
ବା = ଅଥବା
ଜୀବିତେନ = ବଞ୍ଚିବାରେ
କିମ୍ = କି ଲାଭ?

ଯେଷାମର୍ଥେ କାଂକ୍ଷିତଂ ନୋ ରାଜ୍ୟଂ ଭୋଗାଃ ସୁଖାନି ଚ ।
ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ତ୍ୟକ୍ତ୍ୱା ଧନାନି ଚ ॥ ୩୩ ॥

ଯେଷାମ୍, ଅର୍ଥେ	= ଯେଉଁମାନଙ୍କ ପାଇଁ	ତେ, ଇମେ	= ସେହିମାନେ ହିଁ
		ପ୍ରାଣାନ୍	= ପ୍ରାଣର
ନଃ	= ଆମେ	ଚ	= ଓ
ରାଜ୍ୟମ୍	= ରାଜ୍ୟ,	ଧନାନି	= ଧନର ଆଶା
ଭୋଗାଃ	= ଭୋଗ	ତ୍ୟକ୍ତ୍ୱା	= ତ୍ୟାଗ କରି
ଚ	= ଓ	ଯୁଦ୍ଧେ	= ଯୁଦ୍ଧରେ
ସୁଖାନି	= ସୁଖ	ଅବସ୍ଥିତାଃ	= ଉପସ୍ଥିତ ହୋଇଛନ୍ତି ।
କାଙ୍କ୍ଷିତମ୍	= ଚାହୁଁଛୁ		

ଆଚାର୍ଯ୍ୟାଃ ପିତରଃ ପୁତ୍ରାସ୍ତଥୈବ ଚ ପିତାମହାଃ ।
ମାତୁଳାଃ ଶ୍ୱଶୁରାଃ ପୌତ୍ରାଃ ଶ୍ୟାଳାଃ ସମ୍ବନ୍ଧିନସ୍ତଥା ॥ ୩୪ ॥
ଏତାନ୍ନ ହନ୍ତୁମିଚ୍ଛାମି ଘ୍ନତୋଽପି ମଧୁସୂଦନ ।
ଅପି ତ୍ରୈଲୋକ୍ୟରାଜ୍ୟସ୍ୟ ହେତୋଃ କିଂ ନୁ ମହୀକୃତେ ॥ ୩୫ ॥

ଆଚାର୍ଯ୍ୟାଃ*	= ଆଚାର୍ଯ୍ୟମାନେ,	ପୁତ୍ରାଃ	= ପୁତ୍ରମାନେ
ପିତରଃ	= ପିତାମାନେ,	ଚ	= ଓ

* ୨୬ଶ ଶ୍ଳୋକରେ 'ପିତୃନଥ ପିତାମହାନ୍.....' କହି ସର୍ବପ୍ରଥମେ ପିତା ଓ ପିତାମହମାନଙ୍କ ନାମ କୁହାଯାଇଛି ଏବଂ ଏଠାରେ 'ଆଚାର୍ଯ୍ୟାଃ ପିତରଃ...' କହି ସର୍ବପ୍ରଥମେ ଆଚାର୍ଯ୍ୟମାନଙ୍କର ନାମ କୁହାଯାଇଛି । ତାତ୍ପର୍ଯ୍ୟ ହେଉଛି, ସେଠାରେ କୌଟୁମ୍ବିକ ସ୍ନେହର ପ୍ରାଧାନ୍ୟ ଥିବାରୁ ସର୍ବପ୍ରଥମେ ପିତାଙ୍କ ନାମ କୁହାଗଲା ଏବଂ ଏଠାରେ ନ ମାରିବା କଥା ଚାଲୁଥିବାରୁ ସର୍ବପ୍ରଥମେ ଆଦରଣୀୟ ଓ ଜୀବର ପରମ ହିତୈଷୀ ପୂଜ୍ୟ ଆଚାର୍ଯ୍ୟ ବା ଗୁରୁଜନମାନଙ୍କର ନାମ କୁହାଯାଇଛି ।

ତଥା, ଏବ = ସେହିପରି
ପିତାମହାଃ = ପିତାମହମାନେ,
ମାତୁଳାଃ = ମାମୁଁମାନେ,
ଶ୍ୱଶୁରାଃ = ଶ୍ୱଶୁରମାନେ,
ପୌତ୍ରାଃ = ନାତିମାନେ,
ଶ୍ୟାଳାଃ = ଶଳାମାନେ
ତଥା = ତଥା
ସମ୍ବନ୍ଧିନଃ = (ଅନ୍ୟ ସମସ୍ତ) ସମ୍ବନ୍ଧୀ (ମୋତେ)
ଘ୍ନତଃ, ଅପି = ପ୍ରହାର କଲେ ମଧ୍ୟ
ଏତାନ୍ = ଏମାନଙ୍କୁ
ହନ୍ତୁମ୍ = ମାରିବାକୁ
ନ, ଇଚ୍ଛାମି = ମୁଁ ଚାହୁଁ ନାହିଁ।
ମଧୁସୂଦନ = ହେ ମଧୁସୂଦନ!
ତ୍ରୈଲୋକ୍ୟ-ରାଜ୍ୟସ୍ୟ = ତ୍ରିଲୋକର ରାଜ୍ୟ
ହେତୋଃ, ଅପି = ମିଳିଗଲେ ବି (ମୁଁ ଏମାନଙ୍କୁ ମାରିବାକୁ ଚାହୁଁ ନାହିଁ),
ନୁ, ମହୀକୃତେ = ସାମାନ୍ୟ ପୃଥିବୀ ପାଇଁ
କିମ୍ = କ'ଣ (ମୁଁ ଏମାନଙ୍କୁ ମାରିବି)?

ନିହତ୍ୟ ଧାର୍ତ୍ତରାଷ୍ଟ୍ରାନ୍ନଃ କା ପ୍ରୀତିଃ ସ୍ୟାଜ୍ଜନାର୍ଦନ।
ପାପମେବାଶ୍ରୟେଦସ୍ମାନ୍ ହତ୍ୱୈତାନାତତାୟିନଃ ॥ ୩୬ ॥

ଜନାର୍ଦନ = ହେ ଜନାର୍ଦନ!
ଧାର୍ତ୍ତରାଷ୍ଟ୍ରାନ୍ = ଧୃତରାଷ୍ଟ୍ରଙ୍କର ସମ୍ବନ୍ଧୀମାନଙ୍କୁ
ନିହତ୍ୟ = ମାରି
ନଃ = ଆମ୍ଭମାନଙ୍କୁ
କା = କି
ପ୍ରୀତିଃ = ପ୍ରସନ୍ନତା
ସ୍ୟାତ୍ = ମିଳିବ?
ଏତାନ୍ = ଏହି

ଆତତାୟିନଃ	= ଆତତାୟୀମାନଙ୍କୁ	ପାପମ୍	= ପାପ
ହତ୍ୱା	= ମାରିଲେ ତ	ଏବ	= ହିଁ
ଅସ୍ମାନ୍	= ଆମକୁ	ଆଶ୍ରୟେତ୍	= ଲାଗିବ ।

ତସ୍ମାନ୍ନାର୍ହା ବୟଂ ହନ୍ତୁଂ ଧାର୍ତ୍ତରାଷ୍ଟ୍ରାନ୍ ସ୍ୱବାନ୍ଧବାନ୍ ।
ସ୍ୱଜନଂ ହି କଥଂ ହତ୍ୱା ସୁଖିନଃ ସ୍ୟାମ ମାଧବ ॥ ୩୭ ॥

ତସ୍ମାତ୍	= ତେଣୁ	ହି	= କାରଣ
ସ୍ୱବାନ୍ଧବାନ୍	= ନିଜର ବାନ୍ଧବ	ମାଧବ	= ହେ ମାଧବ!
ଧାର୍ତ୍ତରାଷ୍ଟ୍ରାନ୍	= ଧୃତରାଷ୍ଟ୍ରଙ୍କର ସମ୍ବନ୍ଧୀମାନଙ୍କୁ	ସ୍ୱଜନମ୍	= ନିଜ କୁଟୁମ୍ବମାନଙ୍କୁ
		ହତ୍ୱା	= ମାରି (ଆମେ)
ହନ୍ତୁମ୍	= ମାରିବା ପାଇଁ	କଥମ୍	= କିପରି
ବୟମ୍	= ଆମେ	ସୁଖିନଃ	= ସୁଖୀ
ନ, ଅର୍ହାଃ	= ଯୋଗ୍ୟ ନୋହୁଁ;	ସ୍ୟାମ	= ହେବୁ?

ଯଦ୍ୟପ୍ୟେତେ ନ ପଶ୍ୟନ୍ତି ଲୋଭୋପହତଚେତସଃ ।
କୁଳକ୍ଷୟକୃତଂ ଦୋଷଂ ମିତ୍ରଦ୍ରୋହେ ଚ ପାତକମ୍ ॥ ୩୮ ॥
କଥଂ ନ ଜ୍ଞେୟମସ୍ମାଭିଃ ପାପାଦସ୍ମାନ୍ନିବର୍ତ୍ତିତୁମ୍ ।
କୁଳକ୍ଷୟକୃତଂ ଦୋଷଂ ପ୍ରପଶ୍ୟଦ୍ଭିର୍ଜନାର୍ଦ୍ଦନ ॥ ୩୯ ॥

ଯଦ୍ୟପି = ଯଦ୍ୟପି

ଲୋଭୋପହତଚେତସଃ = ଲୋଭବଶତଃ ବିଚାରଶୂନ୍ୟ ହୋଇଥିବା

ଏତେ = ଏହି ଦୁର୍ଯ୍ୟୋଧନାଦି

କୁଳକ୍ଷୟକୃତମ୍ = କୁଳନାଶଜନିତ

ଦୋଷମ୍ = ଦୋଷକୁ

ଚ = ଓ

ମିତ୍ରଦ୍ରୋହେ = ମିତ୍ରଦ୍ରୋହଜନିତ

ପାତକମ୍ = ପାପକୁ

ନ, ପଶ୍ୟନ୍ତି = ଦେଖୁ ନାହାନ୍ତି, (ତଥାପି)

ଜନାର୍ଦ୍ଦନ = ହେ ଜନାର୍ଦ୍ଦନ!

କୁଳକ୍ଷୟକୃତମ୍ = କୁଳନାଶଜନିତ

ଦୋଷମ୍ = ଦୋଷକୁ

ପ୍ରପଶ୍ୟଦ୍ଭିଃ = ଭଲଭାବରେ ଜାଣୁଥିଲେ ମଧ୍ୟ

ଅସ୍ମାଭିଃ = ଆମ୍ଭେମାନେ

ଅସ୍ମାତ୍ = ଏହି

ପାପାତ୍ = ପାପରୁ

ନିବର୍ତ୍ତିତୁମ୍ = ନିବୃତ୍ତ ହେବାର

ଜ୍ଞେୟମ୍ = ବିଚାର

କଥମ୍, ନ = କାହିଁକି ନ କରିବୁ?

କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ ।
ଧର୍ମେ ନଷ୍ଟେ କୁଳଂ କୃତ୍ସ୍ନମଧର୍ମୋଽଭିଭବତ୍ୟୁତ ॥ ୪୦ ॥

କୁଳକ୍ଷୟେ = କୁଳକ୍ଷୟ ହେଲେ

ସନାତନାଃ = ପରମ୍ପରାକ୍ରମେ ଚଳି ଆସୁଥିବା

କୁଳଧର୍ମାଃ = କୁଳଧର୍ମ

ପ୍ରଣଶ୍ୟନ୍ତି = ନଷ୍ଟ ହୋଇଯାଏ

ଉତ = ଏବଂ

ଧର୍ମେ = ଧର୍ମ

ନଷ୍ଟେ	= ନଷ୍ଟ ହୋଇଗଲେ (ଅବଶିଷ୍ଟ)	କୁଳମ୍	= କୁଳକୁ
		ଅଧର୍ମଃ	= ଅଧର୍ମ
କୃତ୍ସ୍ନମ୍	= ସମ୍ପୂର୍ଣ୍ଣ	ଅଭିଭବତି	= ମାଡ଼ି ବସେ ।

ଅଧର୍ମାଭିଭବାତ୍‌କୃଷ୍ଣ ପ୍ରଦୁଷ୍ୟନ୍ତି କୁଳସ୍ତ୍ରିୟଃ ।
ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ଜାୟତେ ବର୍ଣ୍ଣସଙ୍କରଃ ॥ ୪୧ ॥

କୃଷ୍ଣ	= ହେ କୃଷ୍ଣ!	ବାର୍ଷ୍ଣେୟ	= ହେ ବାର୍ଷ୍ଣେୟ!
ଅଧର୍ମା-ଭିଭବାତ୍	= ଅଧର୍ମ ଅଧିକ ବଢ଼ିଗଲେ	ସ୍ତ୍ରୀଷୁ	= ସ୍ତ୍ରୀମାନେ
କୁଳସ୍ତ୍ରିୟଃ	= କୁଳର ସ୍ତ୍ରୀମାନେ	ଦୁଷ୍ଟାସୁ	= ଦୂଷିତା ହୋଇଗଲେ
ପ୍ରଦୁଷ୍ୟନ୍ତି	= ଦୂଷିତା ହୋଇଯାଆନ୍ତି ।	ବର୍ଣ୍ଣସଙ୍କରଃ	= ବର୍ଣ୍ଣସଙ୍କର
		ଜାୟତେ	= ଜାତ ହୁଅନ୍ତି ।

ସଙ୍କରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟ ଚ ।
ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ ॥ ୪୨ ॥

ସଙ୍କରଃ	= ବର୍ଣ୍ଣସଙ୍କର	ଲୁପ୍ତପିଣ୍ଡୋ-ଦକକ୍ରିୟାଃ	= ଶ୍ରାଦ୍ଧ ଓ ତର୍ପଣ ନ ମିଳିଲେ
କୁଳଘ୍ନାନାମ୍	= କୁଳଘାତୀମାନଙ୍କୁ		
ଚ	= ଓ	ଏଷାମ୍	= ଏମାନଙ୍କର (କୁଳଘାତୀ-ମାନଙ୍କର)
କୁଳସ୍ୟ	= କୁଳକୁ		
ନରକାୟ,ଏବ	= ନରକରେ ପକାଏ ।		

ପିତରଃ = ପିତୃପୁରୁଷମାନେ		ପତନ୍ତି = ପତିତ ହୁଅନ୍ତି ।	
ହି = ମଧ୍ୟ (ସ୍ୱସ୍ଥାନରୁ)			

ଦୋଷୈରେତୈଃ କୁଳଘ୍ନାନାଂ ବର୍ଣ୍ଣସଙ୍କରକାରକୈଃ ।
ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଳଧର୍ମାଶ୍ଚ ଶାଶ୍ୱତାଃ ॥ ୪୩ ॥

ଏତୈଃ = ଏହି	ଶାଶ୍ୱତାଃ = ସଦାକାଳରୁ ଚଳି ଆସୁଥିବା
ବର୍ଣ୍ଣସଙ୍କର-କାରକୈଃ = ବର୍ଣ୍ଣସଙ୍କର ଉତ୍ପତ୍ତିକାରକ	କୁଳଧର୍ମାଃ = କୁଳଧର୍ମ
ଦୋଷୈଃ = ଦୋଷଗୁଡ଼ିକ ଯୋଗୁଁ	ଚ = ଓ
	ଜାତିଧର୍ମାଃ = ଜାତିଧର୍ମ
କୁଳଘ୍ନାନାମ୍ = କୁଳଘାତୀମାନଙ୍କର	ଉତ୍ସାଦ୍ୟନ୍ତେ = ନଷ୍ଟ ହୋଇଯାଏ ।

ଉତ୍ସନ୍ନକୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ ।
ନରକେଽନିୟତଂ ବାସୋ ଭବତୀତ୍ୟନୁଶୁଶ୍ରୁମ ॥ ୪୪ ॥

ଜନାର୍ଦ୍ଦନ = ହେ ଜନାର୍ଦ୍ଦନ!	ଅନିୟତମ୍ = ବହୁକାଳ ପର୍ଯ୍ୟନ୍ତ
ଉତ୍ସନ୍ନକୁଳ-ଧର୍ମାଣାମ୍ = ଯେଉଁମାନଙ୍କର କୁଳଧର୍ମ ନଷ୍ଟ ହୋଇଯାଏ,	ନରକେ, ବାସଃ = ନରକବାସ
	ଭବତି = ହୁଏ
ମନୁଷ୍ୟାଣାମ୍ = (ସେହି) ମନୁଷ୍ୟମାନଙ୍କର	ଇତି = ବୋଲି
	ଅନୁଶୁଶ୍ରୁମ = ଆମେ ଶୁଣି ଆସିଛୁ ।

ଅହୋ ବତ ମହତ୍ପାପଂ କର୍ତ୍ତୁଂ ବ୍ୟବସିତା ବୟମ୍ ।
ଯଦ୍ରାଜ୍ୟସୁଖଲୋଭେନ ହନ୍ତୁଂ ସ୍ୱଜନମୁଦ୍ୟତାଃ ॥ ୪୫ ॥

ଅହୋ	= ବଡ଼ ଆଶ୍ଚର୍ଯ୍ୟ (ଓ)	ଯତ୍	= ଯାହାକି (ସାମାନ୍ୟ)
ବତ	= ଦୁଃଖର କଥା ଯେ	ରାଜ୍ୟସୁଖ-ଲୋଭେନ	= ରାଜ୍ୟ ଓ ସୁଖ ଲୋଭରେ
ବୟମ୍	= ଆମ୍ଭେମାନେ	ସ୍ୱଜନମ୍	= ନିଜର ଆତ୍ମୀୟ ସ୍ୱଜନମାନଙ୍କୁ
ମହତ୍ପାପମ୍	= ଘୋର ପାପ		
କର୍ତ୍ତୁମ୍	= କରିବାକୁ	ହନ୍ତୁମ୍	= ମାରିବା ପାଇଁ
ବ୍ୟବସିତାଃ	= ନିଶ୍ଚୟ କରିନେଇଛୁ;	ଉଦ୍ୟତାଃ	= ପ୍ରସ୍ତୁତ ହୋଇଯାଇଛୁ ।

ଯଦି ମାମପ୍ରତୀକାରମଶସ୍ତ୍ରଂ ଶସ୍ତ୍ରପାଣୟଃ ।
ଧାର୍ତ୍ତରାଷ୍ଟ୍ରା ରଣେ ହନ୍ୟୁସ୍ତନ୍ମେ କ୍ଷେମତରଂ ଭବେତ୍ ॥ ୪୬ ॥

ଯଦି	= ଯଦି	ଅଶସ୍ତ୍ରମ୍	= (ଓ) ଶସ୍ତ୍ରବିହୀନ
ଶସ୍ତ୍ରପାଣୟଃ	= ହାତରେ ଅସ୍ତ୍ରଶସ୍ତ୍ର ଧରିଥିବା	ମାମ୍	= ମୋତେ
		ହନ୍ୟୁଃ	= ମାରି ଦିଅନ୍ତି,
ଧାର୍ତ୍ତରାଷ୍ଟ୍ରାଃ	= ଧୃତରାଷ୍ଟ୍ରଙ୍କ ପକ୍ଷର ଲୋକେ	ତତ୍	= ତାହା
		ମେ	= ମୋ ପାଇଁ
ରଣେ	= ରଣ ପ୍ରାଙ୍ଗଣରେ	କ୍ଷେମତରମ୍	= ଅତି ହିତକର
ଅପ୍ରତୀକାରମ୍	= ପ୍ରତିକାରରହିତ	ଭବେତ୍	= ହେବ ।

ସଞ୍ଜୟ ଉବାଚ

ଏବମୁକ୍ତ୍ୱାର୍ଜୁନଃ ସଙ୍ଖ୍ୟେ ରଥୋପସ୍ଥ ଉପାବିଶତ୍ ।
ବିସୃଜ୍ୟ ସଶରଂ ଚାପଂ ଶୋକସଂବିଗ୍ନମାନସଃ ॥ ୪୭ ॥

ସଞ୍ଜୟ କହିଲେ—

ଏବମ୍	= ଏପରି	ବିସୃଜ୍ୟ	= ତ୍ୟାଗ କରି
ଉକ୍ତ୍ୱା	= କହି	ସଙ୍ଖ୍ୟେ	= ଯୁଦ୍ଧଭୂମିରେ
ଶୋକସଂବିଗ୍ନମାନସଃ	= ଶୋକାକୁଳମନା	ରଥୋପସ୍ଥେ	= ରଥର ମଧ୍ୟଭାଗରେ
ଅର୍ଜୁନଃ	= ଅର୍ଜୁନ	ଉପାବିଶତ୍	= ବସି ପଡ଼ିଲେ ।
ସଶରମ୍, ଚାପମ୍	= ଶର ସହିତ ଧନୁ		

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେଽର୍ଜୁନବିଷାଦଯୋଗୋ ନାମ ପ୍ରଥମୋଽଧ୍ୟାୟଃ ॥ ୧ ॥

ଏହି ପ୍ରକାରେ 'ଓଁ, ତତ୍, ସତ୍'—ଏହି ଭଗବନ୍ନାମ ଉଚ୍ଚାରଣପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍ଗୀତୋପନିଷଦ୍ରୂପକ ଶ୍ରୀକୃଷ୍ଣାର୍ଜୁନସଂବାଦରେ 'ଅର୍ଜୁନବିଷାଦଯୋଗ' ନାମକ ପ୍ରଥମ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୧ ॥

॥ ଓଁ ଶ୍ରୀପରମାତ୍ମନେ ନମଃ ॥

ଅଥ ଦ୍ୱିତୀୟୋଽଧ୍ୟାୟଃ

(ଦ୍ୱିତୀୟ ଅଧ୍ୟାୟ)

ସଞ୍ଜୟ ଉବାଚ

ତଂ ତଥା କୃପୟାବିଷ୍ଟମଶ୍ରୁପୂର୍ଣ୍ଣାକୁଲେକ୍ଷଣମ୍ ।
ବିଷୀଦନ୍ତମିଦଂ ବାକ୍ୟମୁବାଚ ମଧୁସୂଦନଃ ॥ ୧ ॥

ସଞ୍ଜୟ କହିଲେ—

ତଥା = ସେହିପରି		**ତମ୍** = ସେହି ଅର୍ଜୁନଙ୍କ ପ୍ରତି	
କୃପୟା = କାତରତାରେ			
ଆବିଷ୍ଟମ୍ = ଆବିଷ୍ଟ,		**ମଧୁସୂଦନଃ** = ଭଗବାନ ମଧୁସୂଦନ	
ବିଷୀଦନ୍ତମ୍ = ବିଷାଦଗ୍ରସ୍ତ (ଓ)			
ଅଶ୍ରୁପୂର୍ଣ୍ଣା-କୁଲେକ୍ଷଣମ୍ = ଅଶ୍ରୁଯୋଗୁଁ ନେତ୍ରର ଦୃଷ୍ଟିଶକ୍ତି ଅବରୁଦ୍ଧ ହୋଇଯାଇଥିବା		**ଇଦମ୍** = ଏହି (ନିମ୍ନୋକ୍ତ)	
		ବାକ୍ୟମ୍ = ବଚନ	
		ଉବାଚ = କହିଲେ ।	

ଶ୍ରୀଭଗବାନୁବାଚ

କୁତସ୍ତ୍ୱା କଶ୍ମଳମିଦଂ ବିଷମେ ସମୁପସ୍ଥିତମ୍ ।
ଅନାର୍ଯ୍ୟଜୁଷ୍ଟମସ୍ୱର୍ଗ୍ୟମକୀର୍ତ୍ତିକରମର୍ଜୁନ ॥ ୨ ॥

ଶ୍ରୀଭଗବାନ* କହିଲେ—

ଅର୍ଜୁନ = ହେ ଅର୍ଜୁନ!
ବିଷମେ = ଏହି ବିଷମ ସମୟରେ
ତ୍ୱା = ତୁମକୁ
ଇଦମ୍ = ଏ
କଶ୍ମଳମ୍ = କାପୁରୁଷତା
କୁତଃ = କେଉଁଠୁ
ସମୁପସ୍ଥିତମ୍ = ପ୍ରାପ୍ତ ହେଲା,
ଅନାର୍ଯ୍ୟ-ଜୁଷ୍ଟମ୍ = (ଯାହାକୁ) ଶ୍ରେଷ୍ଠପୁରୁଷ ଗ୍ରହଣ କରନ୍ତି ନାହିଁ ।
ଅସ୍ୱର୍ଗ୍ୟମ୍ = (ଏହା) ସ୍ୱର୍ଗ ପ୍ରଦାୟକ ନୁହେଁ (ଏବଂ)
ଅକୀର୍ତ୍ତିକରମ୍ = କୀର୍ତ୍ତିଦାୟକ ମଧ୍ୟ ନୁହେଁ ।

କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱଯ୍ୟୁପପଦ୍ୟତେ ।
କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ ॥ ୩ ॥

* ଏଠାରେ 'ଭଗବାନ' ପଦର 'ଭଗ' ଶବ୍ଦରେ ଯେଉଁ 'ମତୁପ୍' ପ୍ରତ୍ୟୟ କରାଯାଇଛି, ତାହା ନିତ୍ୟଯୋଗରେ କରାଯାଇଛି; କାରଣ ସମଗ୍ର ଐଶ୍ୱର୍ଯ୍ୟ, ଧର୍ମ, ଯଶ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟ—ଏହି ଛ'ଟି 'ଭଗ' ଭଗବାନଙ୍କ ଠାରେ ନିତ୍ୟ ବିରାଜମାନ ।

ପାର୍ଥ	= ହେ ପୃଥାନନ୍ଦନ ଅର୍ଜୁନ!	ନ, ଉପପଦ୍ୟତେ	= ଉଚିତ ନୁହେଁ।
କ୍ଳୈବ୍ୟମ୍	= ନପୁଂସକତା	ପରନ୍ତପ	= ହେ ପରନ୍ତପ!
ମା, ସ୍ମ, ଗମଃ	= ପ୍ରାପ୍ତ ହୁଅ ନାହିଁ।	କ୍ଷୁଦ୍ରମ୍, ହୃଦୟ-ଦୌର୍ବଲ୍ୟମ୍	= ହୃଦୟର ଏହି ତୁଚ୍ଛ ଦୁର୍ବଳତା
ତ୍ୱୟି	= ତୁମ ପକ୍ଷରେ	ତ୍ୟକ୍ତ୍ୱା	= ତ୍ୟାଗ କରି (ଯୁଦ୍ଧ ପାଇଁ)
ଏତତ୍	= ଏହା	ଉତ୍ତିଷ୍ଠ	= ଠିଆ ହୁଅ।

ଅର୍ଜୁନ ଉବାଚ

କଥଂ ଭୀଷ୍ମମହଂ ସଙ୍ଖ୍ୟେ ଦ୍ରୋଣଂ ଚ ମଧୁସୂଦନ।
ଇଷୁଭିଃ ପ୍ରତି ଯୋତ୍ସ୍ୟାମି ପୂଜାର୍ହାବରିସୂଦନ ॥ ୪ ॥

ଅର୍ଜୁନ କହିଲେ—

ମଧୁସୂଦନ	= ହେ ମଧୁସୂଦନ!	ଇଷୁଭିଃ	= ଶର ସାହାଯ୍ୟରେ
ଅହମ୍	= ମୁଁ		
ସଙ୍ଖ୍ୟେ	= ରଣଭୂମିରେ	କଥମ୍	= କିପରି
ଭୀଷ୍ମମ୍	= ଭୀଷ୍ମ	ଯୋତ୍ସ୍ୟାମି	= ଯୁଦ୍ଧ କରିବି?
ଚ	= ଓ	ଅରିସୂଦନ	= ହେ ଅରିସୂଦନ!
ଦ୍ରୋଣମ୍	= ଦ୍ରୋଣଙ୍କ	ପୂଜାର୍ହୌ	= ଏ ଦୁହେଁ (ତ ମୋର) ପୂଜନୀୟ।
ପ୍ରତି	= ସହିତ		

ଗୁରୂନହତ୍ୱା ହି ମହାନୁଭାବାନ୍
ଶ୍ରେୟୋ ଭୋକ୍ତୁଂ ଭୈକ୍ଷ୍ୟମପୀହ ଲୋକେ ।
ହତ୍ୱାର୍ଥକାମାଂସ୍ତୁ ଗୁରୂନିହୈବ
ଭୁଞ୍ଜୀୟ ଭୋଗାନ୍ ରୁଧିରପ୍ରଦିଗ୍ଧାନ୍ ॥ ୫ ॥

ମହାନୁଭାବାନ୍	= ମହାନୁଭାବ	ଗୁରୂନ୍	= ଗୁରୁଜନମାନଙ୍କୁ
ଗୁରୂନ୍	= ଗୁରୁଜନମାନଙ୍କୁ	ହତ୍ୱା	= ମାରି
ଅହତ୍ୱା	= ନ ମାରି	ଇହ	= ଏଠାରେ
ଇହ, ଲୋକେ	= ଇହଲୋକରେ (ମୁଁ)	ରୁଧିର-ପ୍ରଦିଗ୍ଧାନ୍	= ରକ୍ତରଞ୍ଜିତ (ତଥା)
ଭୈକ୍ଷ୍ୟମ୍	= ଭିକ୍ଷାନ୍ନ	ଅର୍ଥକାମାନ୍	= ଧନ କାମନାପ୍ରଧାନ
ଭୋକ୍ତୁମ୍	= ଭକ୍ଷଣ କରିବାକୁ	ଭୋଗାନ୍	= ଭୋଗ
ଅପି	= ମଧ୍ୟ	ଏବ	= କେବଳ
ଶ୍ରେୟଃ	= ଶ୍ରେଷ୍ଠ (ମନେ କରୁଛି);	ତୁ	= ତ
ହି	= କାରଣ	ଭୁଞ୍ଜୀୟ	= ଉପଭୋଗ କରିବି!

ନ ଚୈତଦ୍ୱିଦ୍ମଃ କତରନ୍ନୋ ଗରୀୟୋ
ଯଦ୍ୱା ଜୟେମ ଯଦି ବା ନୋ ଜୟେୟୁଃ ।
ଯାନେବ ହତ୍ୱା ନ ଜିଜୀବିଷାମ-
ସ୍ତେଽବସ୍ଥିତାଃ ପ୍ରମୁଖେ ଧାର୍ତ୍ତରାଷ୍ଟ୍ରାଃ ॥ ୬ ॥

ଏତଦ୍	= (ଆମେ) ଏ କଥା	ନଃ	= ଆମକୁ
ଚ	= ବି	ଜୟେୟୁଃ	= ଜିତିବେ ।
ନ, ବିଦ୍ମଃ	= ଜାଣି ନାହୁଁ ଯେ	ଯାନ୍	= ଯେଉଁମାନଙ୍କୁ
ନଃ	= ଆମ୍ଭମାନଙ୍କ ପାଇଁ (ଯୁଦ୍ଧ କରିବା ଓ ନ କରିବା ମଧ୍ୟରୁ)	ହତ୍ୱା	= ମାରି (ଆମେ)
		ନ, ଜିଜୀବିଷାମଃ	= ବଞ୍ଚିବା ପାଇଁ ମଧ୍ୟ ଗ୍ଭହୁଁ ନାହୁଁ,
କତରତ୍	= କେଉଁଟି	ତେ	= ସେହି
ଗରୀୟଃ	= ଅତ୍ୟନ୍ତ ଶ୍ରେଷ୍ଠ	ଧାର୍ତ୍ତରାଷ୍ଟ୍ରାଃ	= ଧୃତରାଷ୍ଟ୍ରଙ୍କ ସ୍ୱଜନମାନେ
ଯତ୍, ବା	= ଅଥବା (ଆମେ ସେମାନଙ୍କୁ)	ଏବ	= ହିଁ
ଜୟେମ	= ଜିତିବୁ	ପ୍ରମୁଖେ	= (ଆମ) ସମ୍ମୁଖରେ
ଯଦି, ବା	= ନା (ସେମାନେ)	ଅବସ୍ଥିତାଃ	= ଠିଆ ହୋଇଛନ୍ତି ।

କାର୍ପଣ୍ୟଦୋଷୋପହତସ୍ୱଭାବଃ
ପୃଚ୍ଛାମି ତ୍ୱାଂ ଧର୍ମସମ୍ମୂଢଚେତାଃ ।
ଯଚ୍ଛ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୂହି ତନ୍ମେ
ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍ ॥ ୭ ॥

କାର୍ପଣ୍ୟ-ଦୋଷୋପହତ-ସ୍ୱଭାବଃ	= ଭୀରୁତାରୂପକ ଦୋଷ ଦ୍ୱାରା (ମୋ) ସ୍ୱଭାବ ତିରସ୍କୃତ ହୋଇଥିବାରୁ (ଏବଂ)	ଧର୍ମସମ୍ମୂଢ-ଚେତାଃ	= ଧର୍ମ ବିଷୟରେ ଅନ୍ତଃକରଣ ମୋହିତ ହୋଇଥିବାରୁ (ମୁଁ)
		ତ୍ୱାମ୍	= ଆପଣଙ୍କୁ
		ପୃଚ୍ଛାମି	= ପଗ୍ଭରୁଛି ଯେ

ଯତ୍ = ଯାହା
ନିଶ୍ଚିତମ୍ = ନିଶ୍ଚିତ
ଶ୍ରେୟଃ,
ସ୍ୟାତ୍ = କଲ୍ୟାଣକାରକ,
ତତ୍ = ତାହା
ମେ = ମୋତେ
ବ୍ରୂହି = କୁହନ୍ତୁ ।

ଅହମ୍ = ମୁଁ
ତେ = ଆପଣଙ୍କର
ଶିଷ୍ୟଃ = ଶିଷ୍ୟ ।
ତ୍ୱାମ୍ = ଆପଣଙ୍କ ଠାରେ
ପ୍ରପନ୍ନମ୍ = ଶରଣ ଯାଇଥିବାରୁ
ମାମ୍ = ମୋତେ
ଶାଧି = ଶିକ୍ଷା ଦିଅନ୍ତୁ ।

ନ ହି ପ୍ରପଶ୍ୟାମି ମମାପନୁଦ୍ୟାଦ୍
ଯଚ୍ଛୋକମୁଚ୍ଛୋଷଣମିନ୍ଦ୍ରିୟାଣାମ୍ ।
ଅବାପ୍ୟ ଭୂମାବସପତ୍ନମୃଦ୍ଧଂ
ରାଜ୍ୟଂ ସୁରାଣାମପି ଚାଧିପତ୍ୟମ୍ ॥ ୮ ॥

ହି = କାରଣ
ଭୂମୌ = ପୃଥିବୀରେ
ଋଦ୍ଧମ୍ = ଧନଧାନ୍ୟସମୃଦ୍ଧ
ଅସପତ୍ନମ୍ = ଶତ୍ରୁବିହୀନ
ରାଜ୍ୟମ୍ = ରାଜ୍ୟ
ଚ = ତଥା
ସୁରାଣାମ୍ = (ସ୍ୱର୍ଗରେ) ଦେବଗଣଙ୍କ
ଆଧିପତ୍ୟମ୍ = ଆଧିପତ୍ୟ

ଅବାପ୍ୟ = ମିଳିଗଲେ
ଅପି = ମଧ୍ୟ
ଇନ୍ଦ୍ରିୟାଣାମ୍ = ଇନ୍ଦ୍ରିୟମାନଙ୍କୁ
ଉଚ୍ଛୋଷଣମ୍ = ଶୁଷ୍କ କରାଉଥିବା
ମମ = ମୋର
ଯତ୍ = ଯେଉଁ
ଶୋକମ୍ = ଶୋକ (ହେଉଛି, ତାହା ଯେ)

ଅପନୁଦ୍ୟାତ୍	=	ଦୂର ହୋଇଯିବ, (ଏହା ମୁଁ)	ନ, ପ୍ରପଶ୍ୟାମି	=	ଦେଖିପାରୁ ନାହିଁ ।

ସଞ୍ଜୟ ଉବାଚ

ଏବମୁକ୍ତ୍ୱା ହୃଷୀକେଶଂ ଗୁଡାକେଶଃ ପରନ୍ତପ ।
ନ ଯୋତ୍ସ୍ୟ ଇତି ଗୋବିନ୍ଦମୁକ୍ତ୍ୱା ତୂଷ୍ଣୀଂ ବଭୂବ ହ ॥ ୯ ॥

ସଞ୍ଜୟ କହିଲେ—

ପରନ୍ତପ	=	ହେ ଶତ୍ରୁତାପନ ଧୃତରାଷ୍ଟ୍ର!	ନ, ଯୋତ୍ସ୍ୟେ	=	'ମୁଁ ଯୁଦ୍ଧ କରିବି ନାହିଁ'
ଏବମ୍	=	ଏପରି	ଇତି	=	ବୋଲି
ଉକ୍ତ୍ୱା	=	କହିସାରି	ହ	=	ସ୍ପଷ୍ଟରୂପେ
ଗୁଡାକେଶଃ	=	ନିଦ୍ରାଜୟୀ ଅର୍ଜୁନ	ଉକ୍ତ୍ୱା	=	କହି
ହୃଷୀକେଶମ୍	=	ଅନ୍ତର୍ଯାମୀ	ତୂଷ୍ଣୀମ୍	=	ଚୁପ୍
ଗୋବିନ୍ଦମ୍	=	ଭଗବାନ ଗୋବିନ୍ଦଙ୍କୁ	ବଭୂବ	=	ହୋଇଗଲେ ।

ତମୁବାଚ ହୃଷୀକେଶଃ ପ୍ରହସନ୍ନିବ ଭାରତ ।
ସେନୟୋରୁଭୟୋର୍ମଧ୍ୟେ ବିଷୀଦନ୍ତମିଦଂ ବଚଃ ॥ ୧୦ ॥

ଭାରତ	=	ହେ ଭରତବଂଶୋଦ୍ଭବ ଧୃତରାଷ୍ଟ୍ର!	ସେନୟୋଃ	=	ସେନାଙ୍କ
			ମଧ୍ୟେ	=	ମଧ୍ୟଭାଗରେ
ଉଭୟୋଃ	=	ଉଭୟ	ବିଷୀଦନ୍ତମ୍	=	ବିଷାଦମଗ୍ନ

ତମ୍	= ତାଙ୍କୁ (ଅର୍ଜୁନଙ୍କୁ)	ପ୍ରହସନ୍, ଇବ	= ହସିଲାପରି
		ଇଦମ୍	= ଏହି
ହୃଷୀକେଶଃ	= ଭଗବାନ ହୃଷୀକେଶ	ବଚଃ	= ବଚନ
		ଉବାଚ	= କହିଲେ ।

ଶ୍ରୀଭଗବାନୁବାଚ

ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ ।
ଗତାସୂନଗତାସୂଂଶ୍ଚ ନାନୁଶୋଚନ୍ତି ପଣ୍ଡିତାଃ ॥ ୧୧ ॥

ଶ୍ରୀଭଗବାନ କହିଲେ—

ତ୍ୱମ୍	= ତୁମେ	ଭାଷସେ	= କହୁଛ; (କିନ୍ତୁ)
ଅଶୋଚ୍ୟାନ୍	= ଯାହା ପାଇଁ ଶୋକ କରିବା ଅନୁଚିତ,	ଗତାସୂନ୍	= ମୃତଙ୍କ ପାଇଁ
		ଚ	= ଓ
ଅନ୍ୱଶୋଚଃ	= (ତାହା ପାଇଁ) ଶୋକ କରୁଛ	ଅଗତାସୂନ୍	= ଜୀବିତଙ୍କ ପାଇଁ
ଚ	= ଏବଂ	ପଣ୍ଡିତାଃ	= ପଣ୍ଡିତଲୋକେ
ପ୍ରଜ୍ଞାବାଦାନ୍	= ପଣ୍ଡିତଙ୍କ ଭଳି କଥା	ନ, ଅନୁଶୋଚନ୍ତି	= ଶୋକ କରନ୍ତି ନାହିଁ ।

ନ ତ୍ୱେବାହଂ ଜାତୁ ନାସଂ ନ ତ୍ୱଂ ନେମେ ଜନାଧିପାଃ ।
ନ ଚୈବ ନ ଭବିଷ୍ୟାମଃ ସର୍ବେ ବୟମତଃ ପରମ୍ ॥ ୧୨ ॥

ଜାତୁ = କୌଣସି କାଳରେ ଯେ
ଅହମ୍ = ମୁଁ
ନ, ଆସମ୍ = ନ ଥିଲି,
ତ୍ୱମ୍ = ତୁମେ
ନ = ନ ଥିଲ
ଇମେ = (ତଥା) ଏହି
ଜନାଧିପାଃ = ରାଜାମାନେ
ନ = ନ ଥିଲେ,
ନ, ତୁ, ଏବ = ଏ କଥା ବି ନୁହେଁ;
ଚ = ଏବଂ
ଅତଃ, ପରମ୍ = ଏହାପରେ (ଭବିଷ୍ୟତରେ) ଯେ
ବୟମ୍ = ଆମ୍ଭେମାନେ
ସର୍ବେ = ସମସ୍ତେ
ନ,
ଭବିଷ୍ୟାମଃ = ରହିବା ନାହିଁ,
ଏବ, ନ = ଏ କଥା ବି ନୁହେଁ।

ଦେହିନୋଽସ୍ମିନ୍ ଯଥା ଦେହେ କୌମାରଂ ଯୌବନଂ ଜରା ।
ତଥା ଦେହାନ୍ତରପ୍ରାପ୍ତିର୍ଧୀରସ୍ତତ୍ର ନ ମୁହ୍ୟତି ॥ ୧୩ ॥

ଦେହିନଃ = ଦେହଧାରୀର
ଅସ୍ମିନ୍ = ଏହି
ଦେହେ = ମନୁଷ୍ୟଶରୀରରେ
ଯଥା = ଯେପରି
କୌମାରମ୍ = ବାଲ୍ୟାବସ୍ଥା
ଯୌବନମ୍ = ଯୁବାବସ୍ଥା (ଓ)
ଜରା = ବୃଦ୍ଧାବସ୍ଥା (ଆସେ),
ତଥା = ସେହିପରି
ଦେହାନ୍ତର-ପ୍ରାପ୍ତିଃ = ଅନ୍ୟ ଶରୀର-ପ୍ରାପ୍ତି ହୁଏ।
ତତ୍ର = ସେଥିରେ
ଧୀରଃ = ଧୀର ମନୁଷ୍ୟ
ନ, ମୁହ୍ୟତି = ମୋହିତ ହୁଏ ନାହିଁ।

ମାତ୍ରାସ୍ପର୍ଶାସ୍ତୁ କୌନ୍ତେୟ ଶୀତୋଷ୍ଣସୁଖଦୁଃଖଦାଃ ।
ଆଗମାପାୟିନୋଽନିତ୍ୟାସ୍ତାଂସ୍ତିତିକ୍ଷସ୍ୱ ଭାରତ ॥ ୧୪ ॥

କୌନ୍ତେୟ = ହେ କୁନ୍ତୀନନ୍ଦନ!
ମାତ୍ରାସ୍ପର୍ଶାଃ = ଇନ୍ଦ୍ରିୟମାନଙ୍କର ବିଷୟ (ଜଡ଼ ପଦାର୍ଥ)
ତୁ = ତ
ଶୀତୋଷ୍ଣ-ସୁଖଦୁଃଖଦାଃ = ଶୀତ (ଅନୁକୂଳତା) ଓ ଉଷ୍ଣ (ପ୍ରତିକୂଳତା) ଦ୍ୱାରା ସୁଖ-ଦୁଃଖ ପ୍ରଦାନ କରେ ।
ଆଗମା-ପାୟିନଃ = (ତଥା ସେଗୁଡ଼ିକ) ଆଗମନ-ପ୍ରତ୍ୟାଗମନଶୀଳ (ଓ)
ଅନିତ୍ୟାଃ = ଅନିତ୍ୟ ।
ଭାରତ = ହେ ଭରତ-ବଂଶୋଦ୍ଭବ ଅର୍ଜୁନ!
ତାନ୍ = ସେ ସବୁକୁ
ତିତିକ୍ଷସ୍ୱ = (ତୁମେ) ସହ୍ୟ କର ।

ଯଂ ହି ନ ବ୍ୟଥୟନ୍ତ୍ୟେତେ ପୁରୁଷଂ ପୁରୁଷର୍ଷଭ ।
ସମଦୁଃଖସୁଖଂ ଧୀରଂ ସୋଽମୃତତ୍ୱାୟ କଳ୍ପତେ ॥ ୧୫ ॥

ହି = କାରଣ
ପୁରୁଷର୍ଷଭ = ହେ ପୁରୁଷଶ୍ରେଷ୍ଠ ଅର୍ଜୁନ!
ସମଦୁଃଖ-ସୁଖମ୍ = ସୁଖ-ଦୁଃଖରେ ସମଭାବାପନ୍ନ
ଯମ୍ = ଯେଉଁ
ଧୀରମ୍ = ବୁଦ୍ଧିମାନ୍
ପୁରୁଷମ୍ = ମନୁଷ୍ୟକୁ
ଏତେ = ଏହି ମାତ୍ରାସ୍ପର୍ଶ (ପଦାର୍ଥ)
ନ, ବ୍ୟଥୟନ୍ତି = ବ୍ୟଥିତ (ସୁଖୀ-ଦୁଃଖୀ) କରି ପାରନ୍ତି ନାହିଁ,

ସଃ	= ସେ	କଳ୍ପତେ	= ସମର୍ଥ ହୋଇଯାଏ ଅର୍ଥାତ୍ ଅମର ହୋଇଯାଏ ।
ଅମୃତତ୍ୱାୟ	= ଅମର ହେବା ପାଇଁ		

ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ ।
ଉଭୟୋରପି ଦୃଷ୍ଟୋଽନ୍ତସ୍ତ୍ୱନୟୋସ୍ତତ୍ତ୍ୱଦର୍ଶିଭିଃ ॥ ୧୬ ॥

ଅସତଃ	= ଅସତ୍‌ର	ତତ୍ତ୍ୱଦର୍ଶିଭିଃ	= ତତ୍ତ୍ୱଦର୍ଶୀ ମହାପୁରୁଷଗଣ
ଭାବଃ	= ଭାବ (ସତ୍ତା)	ଅନୟୋଃ	= ଏ
ନ, ବିଦ୍ୟତେ	= ବିଦ୍ୟମାନ ନାହିଁ	ଉଭୟୋଃ	= ଦୁଇଟିର
ତୁ	= ଏବଂ	ଅପି	= ହିଁ
ସତଃ	= ସତ୍‌ର	ଅନ୍ତଃ	= ତତ୍ତ୍ୱ
ଅଭାବଃ	= ଅଭାବ	ଦୃଷ୍ଟଃ	= ଦେଖିଛନ୍ତି ଅର୍ଥାତ୍ ଅନୁଭବ କରିଛନ୍ତି ।
ନ, ବିଦ୍ୟତେ	= ବିଦ୍ୟମାନ ନାହିଁ ।		

ଅବିନାଶୀ ତୁ ତଦ୍‌ବିଦ୍ଧି ଯେନ ସର୍ବମିଦଂ ତତମ୍ ।
ବିନାଶମବ୍ୟୟସ୍ୟାସ୍ୟ ନ କଶ୍ଚିତ୍‌କର୍ତ୍ତୁମର୍ହତି ॥ ୧୭ ॥

ଅବିନାଶୀ	= ଅବିନାଶୀ	ବିଦ୍ଧି	= ଜାଣ,
ତୁ	= କିନ୍ତୁ	ଯେନ	= ଯାହାଦ୍ୱାରା
ତତ୍	= ତାହାକୁ	ଇଦମ୍	= ଏହି

ସର୍ବମ୍	= ସାରା (ସଂସାର)	ବିନାଶମ୍	= ବିନାଶ
ତତମ୍	= ବ୍ୟାପ୍ତ ।	କଶ୍ଚିତ୍	= କେହିହେଲେ
ଅସ୍ୟ	= ଏହି	ନ, କର୍ତ୍ତୁମ୍, ଅର୍ହତି	= କରି ପାରନ୍ତି ନାହିଁ ।
ଅବ୍ୟୟସ୍ୟ	= ଅବିନାଶୀର		

ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକ୍ତାଃ ଶରୀରିଣଃ ।
ଅନାଶିନୋଽପ୍ରମେୟସ୍ୟ ତସ୍ମାଦ୍ ଯୁଧ୍ୟସ୍ୱ ଭାରତ ॥ ୧୮ ॥

ଅନାଶିନଃ	= ଅବିନାଶୀ,	ଅନ୍ତବନ୍ତଃ	= ନଶ୍ୱର
ଅପ୍ରମେୟସ୍ୟ	= ଅପ୍ରମେୟ (ଓ)	ଉକ୍ତାଃ	= କୁହାଯାଇଛି ।
ନିତ୍ୟସ୍ୟ	= ନିତ୍ୟସ୍ଥିତ	ତସ୍ମାତ୍	= ତେଣୁ
ଶରୀରିଣଃ	= ଏହି ଶରୀରୀର	ଭାରତ	= ହେ ଅର୍ଜୁନ! (ତୁମେ)
ଇମେ	= ଏ		
ଦେହାଃ	= ଦେହଗୁଡ଼ିକୁ	ଯୁଧ୍ୟସ୍ୱ	= ଯୁଦ୍ଧ କର ।

ଯ ଏନଂ ବେତ୍ତି ହନ୍ତାରଂ ଯଶ୍ଚୈନଂ ମନ୍ୟତେ ହତମ୍ ।
ଉଭୌ ତୌ ନ ବିଜାନୀତୋ ନାୟଂ ହନ୍ତି ନ ହନ୍ୟତେ ॥ ୧୯ ॥

ଯଃ	= ଯେଉଁ ମନୁଷ୍ୟ	ହନ୍ତାରମ୍	= ହତ୍ୟାକାରୀ
ଏନମ୍	= ଏହାକୁ (ଅବିନାଶୀ ଶରୀରୀକୁ)	ବେତ୍ତି	= ମନେକରେ
		ଚ	= ଏବଂ
		ଯଃ	= ଯେଉଁ ମନୁଷ୍ୟ

ଏନମ୍	= ଏହାକୁ	ନ, ବିଜାନୀତଃ	= ଜାଣନ୍ତି ନାହିଁ; (କାରଣ)
ହତମ୍	= ମରଣଶୀଳ	ଅୟମ୍	= ଏ
ମନ୍ୟତେ	= ମନେକରେ,	ନ, ହନ୍ତି	= ମାରେ ନାହିଁ (କି)
ତୌ, ଉଭୌ	= ସେ ଦୁହେଁ (ଏହାକୁ)	ନ, ହନ୍ୟତେ	= ମରେ ନାହିଁ ।

ନ ଜାୟତେ ମ୍ରିୟତେ ବା କଦାଚି-
ନ୍ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ ।
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ-
ନ ହନ୍ୟତେ ହନ୍ୟମାନେ ଶରୀରେ ॥ ୨୦ ॥

ଅୟମ୍	= ଏହି ଶରୀରୀ	ଅୟମ୍	= ଏହା
କଦାଚିତ୍	= କେବେ	ଅଜଃ	= ଜନ୍ମରହିତ,
ନ, ଜାୟତେ	= ଜନ୍ମ ହୁଏ ନାହିଁ	ନିତ୍ୟଃ	= ନିତ୍ୟ,
ବା	= କିଂବା	ଶାଶ୍ୱତଃ	= ଶାଶ୍ୱତ (ଓ)
ନ, ମ୍ରିୟତେ	= ମରେ ନାହିଁ	ପୁରାଣଃ	= ପୁରାଣ (ଅନାଦି) ।
ବା	= ତଥା	ଶରୀରେ	= ଶରୀରକୁ
ଭୂତ୍ୱା	= ଉତ୍ପନ୍ନ ହୋଇ	ହନ୍ୟମାନେ	= ମାରିଦେଲେ ମଧ୍ୟ (ଇଏ)
ଭୂୟଃ	= ପୁନର୍ବାର		
ଭବିତା, ନ	= ହୁଏ ନାହିଁ ।	ନ, ହନ୍ୟତେ	= ମରେ ନାହିଁ ।

ବେଦାବିନାଶିନଂ ନିତ୍ୟଂ ଯ ଏନମଜମବ୍ୟୟମ୍ ।
କଥଂ ସ ପୁରୁଷଃ ପାର୍ଥ କଂ ଘାତୟତି ହନ୍ତି କମ୍ ॥ ୨୧ ॥

ପାର୍ଥ	= ହେ ପୃଥାନନ୍ଦନ!	ବେଦ	= ଜାଣେ,
ଯଃ	= ଯେଉଁ	ସଃ	= ସେ
ପୁରୁଷଃ	= ମନୁଷ୍ୟ	କଥମ୍	= କିପରି
ଏନମ୍	= ଏହି ଶରୀରୀକୁ	କମ୍	= କାହାକୁ
ଅବିନାଶିନମ୍	= ଅବିନାଶୀ,	ହନ୍ତି	= ମାରିବ (ଓ)
ନିତ୍ୟମ୍	= ନିତ୍ୟ,	କମ୍	= (କିପରି) କାହାକୁ
ଅଜମ୍	= ଜନ୍ମରହିତ (ଓ)		
ଅବ୍ୟୟମ୍	= ଅବ୍ୟୟ	ଘାତୟତି	= ମରାଇବ?

ବାସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହ୍ଣାତି ନରୋଽପରାଣି ।
ତଥା ଶରୀରାଣି ବିହାୟ ଜୀର୍ଣ୍ଣା-
ନ୍ୟନ୍ୟାନି ସଂଯାତି ନବାନି ଦେହୀ ॥ ୨୨ ॥

ନରଃ	= ମନୁଷ୍ୟ	ଅପରାଣି	= ଅନ୍ୟ
ଯଥା	= ଯେପରି	ନବାନି	= ନୂଆ ନୂଆ (ବସ୍ତ୍ର)
ଜୀର୍ଣ୍ଣାନି	= ଜୀର୍ଣ୍ଣ	ଗୃହ୍ଣାତି	= ପରିଧାନ କରେ,
ବାସାଂସି	= ବସ୍ତ୍ରଗୁଡ଼ିକୁ	ତଥା	= ସେହିପରି
ବିହାୟ	= ପରିତ୍ୟାଗ କରି	ଦେହୀ	= ଦେହୀ

ଜୀର୍ଣ୍ଣାନି	= ପୁରାତନ	ଅନ୍ୟାନି	= ଅନ୍ୟ
ଶରୀରାଣି	= ଶରୀରଗୁଡ଼ିକୁ	ନବାନି	= ନୂଆ ନୂଆ (ଶରୀରକୁ)
ବିହାୟ	= ତ୍ୟାଗ କରି	ସଂଯାତି	= ଚାଲିଯାଏ ।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥ ୨୩ ॥

ଶସ୍ତ୍ରାଣି	= ଶସ୍ତ୍ରଗୁଡ଼ିକ	ଆପଃ	= ଜଳ
ଏନମ୍	= ଏହାକୁ (ଶରୀରୀକୁ)	ଏନମ୍	= ଏହାକୁ
ନ, ଛିନ୍ଦନ୍ତି	= ଛେଦନ କରି ପାରନ୍ତି ନାହିଁ,	ନ, କ୍ଲେଦୟନ୍ତି	= ସିକ୍ତ କରିପାରେ ନାହିଁ
ପାବକଃ	= ଅଗ୍ନି	ଚ	= ଏବଂ
ଏନମ୍	= ଏହାକୁ	ମାରୁତଃ	= ବାୟୁ
ନ, ଦହତି	= ଦହନ କରିପାରେ ନାହିଁ,	ନ, ଶୋଷୟତି	= (ଏହାକୁ) ଶୁଷ୍କ କରିପାରେ ନାହିଁ ।

ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମକ୍ଲେଦ୍ୟୋଽଶୋଷ୍ୟ ଏବ ଚ ।
ନିତ୍ୟଃ ସର୍ବଗତଃ ସ୍ଥାଣୁରଚଲୋଽୟଂ ସନାତନଃ ॥ ୨୪ ॥

ଅୟମ୍	= ଏହି ଶରୀରୀକୁ	ଅୟମ୍	= ଏହାକୁ
ଅଚ୍ଛେଦ୍ୟଃ	= ଛେଦନ କରାଯାଇ-ପାରେ ନାହିଁ,	ଅଦାହ୍ୟଃ	= ଜଳାଯାଇ ପାରେ ନାହିଁ,

ଅକ୍ଳେଦ୍ୟଃ	= ଆର୍ଦ୍ର କରାଯାଇ ପାରେ ନାହିଁ	ଅୟମ୍	= ଏହା
		ନିତ୍ୟଃ	= ନିତ୍ୟ,
ଚ	= ଓ	ସର୍ବଗତଃ	= ସର୍ବବ୍ୟାପୀ,
ଅଶୋଷ୍ୟଃ, ଏବ	= ଶୁଷ୍କ କରାଯାଇପାରେ ନାହିଁ । (କାରଣ)	ଅଚଳଃ	= ଅଚଳ,
		ସ୍ଥାଣୁଃ	= ସ୍ଥାଣୁ (ଓ)
		ସନାତନଃ	= ଅନାଦି ।

ଅବ୍ୟକ୍ତୋଽୟମଚିନ୍ତ୍ୟୋଽୟମବିକାର୍ଯ୍ୟୋଽୟମୁଚ୍ୟତେ ।
ତସ୍ମାଦେବଂ ବିଦିତ୍ୱୈନଂ ନାନୁଶୋଚିତୁମର୍ହସି ॥ ୨୫ ॥

ଅୟମ୍	= ଏହି ଦେହୀ	ଅବିକାର୍ଯ୍ୟଃ	= ନିର୍ବିକାର
ଅବ୍ୟକ୍ତଃ	= ପ୍ରତ୍ୟକ୍ଷ ଦୃଷ୍ଟିଗୋଚର ହୁଏ ନାହିଁ ।	ଉଚ୍ୟତେ	= କୁହାଯାଏ ।
		ତସ୍ମାତ୍	= ତେଣୁ
		ଏନମ୍	= ଏ ଦେହୀକୁ
ଅୟମ୍	= ଏହା	ଏବମ୍	= ଏପରି
ଅଚିନ୍ତ୍ୟଃ	= ଚିନ୍ତନର ବିଷୟ ନୁହେଁ ।	ବିଦିତ୍ୱା	= ଜାଣି
		ଅନୁଶୋଚିତୁମ୍	= ଶୋକ
ଅୟମ୍	= ଏହାକୁ	ନ, ଅର୍ହସି	= କରିବା ଅନୁଚିତ ।

ଅଥ ଚୈନଂ ନିତ୍ୟଜାତଂ ନିତ୍ୟଂ ବା ମନ୍ୟସେ ମୃତମ୍ ।
ତଥାପି ତ୍ୱଂ ମହାବାହୋ ନୈବଂ ଶୋଚିତୁମର୍ହସି ॥ ୨୬ ॥

ମହାବାହୋ	= ହେ ମହାବାହୁ!	ଚ	= ମଧ୍ୟ
ଅଥ	= ଯଦି (ତୁମେ)	ମନ୍ୟସେ	= ମାନୁଥାଅ,
ଏନମ୍	= ଏହି ଦେହୀକୁ	ତଥାପି	= ତଥାପି
ନିତ୍ୟଜାତମ୍	= ନିତ୍ୟ ଜନ୍ମଶୀଳ (ମାନୁଥାଅ)	ତ୍ୱମ୍	= ତୁମେ
		ଏବମ୍	= ଏପରି
ବା	= କିଂବା	ଶୋଚିତୁମ୍	= ଶୋକ
ନିତ୍ୟମ୍	= ନିତ୍ୟ	ନ, ଅର୍ହସି	= କରିବା ଅନୁଚିତ ।
ମୃତମ୍	= ମରଣଶୀଳ		

ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥ ୨୭ ॥

ହି	= କାରଣ	ଧ୍ରୁବମ୍	= ସୁନିଶ୍ଚିତ ।
ଜାତସ୍ୟ	= ଯିଏ ଜନ୍ମ ହୋଇଛି ତା'ର	ତସ୍ମାତ୍	= ତେଣୁ
		ଅପରିହାର୍ଯ୍ୟେ	= (ଏହାର) ପରିହାର ହୋଇ ପାରିବ ନାହିଁ ।
ମୃତ୍ୟୁଃ	= ମୃତ୍ୟୁ		
ଧ୍ରୁବଃ	= ସୁନିଶ୍ଚିତ	ଅର୍ଥେ	= ଏ ବିଷୟରେ
ଚ	= ଏବଂ	ତ୍ୱମ୍	= ତୁମେ
ମୃତସ୍ୟ	= ଯିଏ ମରିଛି ତା'ର	ଶୋଚିତୁମ୍	= ଶୋକ
ଜନ୍ମ	= ଜନ୍ମ	ନ, ଅର୍ହସି	= କରିବା ଅନୁଚିତ ।

ଅବ୍ୟକ୍ତାଦୀନି ଭୂତାନି ବ୍ୟକ୍ତମଧ୍ୟାନି ଭାରତ ।
ଅବ୍ୟକ୍ତନିଧନାନ୍ୟେବ ତତ୍ର କା ପରିଦେବନା ॥ ୨୮ ॥

ଭାରତ = ହେ ଭାରତ!
ଭୂତାନି = ସକଳ ପ୍ରାଣୀ
ଅବ୍ୟକ୍ତାଦୀନି = ଜନ୍ମ ପୂର୍ବରୁ ଅବ୍ୟକ୍ତ ଥିଲେ (ଏବଂ)
ଅବ୍ୟକ୍ତ-ନିଧନାନି = ମୃତ୍ୟୁପରେ ଅବ୍ୟକ୍ତ ହୋଇଯିବେ,
ବ୍ୟକ୍ତମଧ୍ୟାନି, ଏବ = କେବଳ ମଧ୍ୟକାଳରେ ହିଁ ବ୍ୟକ୍ତଭଳି ଦେଖାଯାଉଛନ୍ତି;
ତତ୍ର = ଏଥିରେ
ପରିଦେବନା, କା = ଶୋକ କରିବାର କ'ଣ ଅଛି?

ଆଶ୍ଚର୍ଯ୍ୟବତ୍ପଶ୍ୟତି କଶ୍ଚିଦେନ-
ମାଶ୍ଚର୍ଯ୍ୟବଦ୍ବଦତି ତଥୈବ ଚାନ୍ୟଃ ।
ଆଶ୍ଚର୍ଯ୍ୟବଚ୍ଚୈନମନ୍ୟଃ ଶୃଣୋତି
ଶ୍ରୁତ୍ୱାପ୍ୟେନଂ ବେଦ ନ ଚୈବ କଶ୍ଚିତ୍ ॥ ୨୯ ॥

କଶ୍ଚିତ୍ = କେହି
ଏନମ୍ = ଏ ଶରୀରୀକୁ
ଆଶ୍ଚର୍ଯ୍ୟବତ୍ = ଆଶ୍ଚର୍ଯ୍ୟପରି
ପଶ୍ୟତି = ଦେଖେ (ଅନୁଭବ କରେ)
ଚ = ଏବଂ
ତଥା, ଏବ = ସେଇଭଳି
ଅନ୍ୟଃ = ଆଉ (କେହି)
ଆଶ୍ଚର୍ଯ୍ୟବତ୍ = ଆଶ୍ଚର୍ଯ୍ୟପରି
ବଦତି = ବର୍ଣ୍ଣନା କରେ

ଚ	= ତଥା	ଏନମ୍	= ଏହାକୁ
ଅନ୍ୟଃ	= ଅନ୍ୟ (କେହି)	ଶ୍ରୁତ୍ୱା, ଅପି	= ଶୁଣି କରି ମଧ୍ୟ
ଏନମ୍	= ଏହାକୁ	କଶ୍ଚିତ୍, ଏବ	= କେହି
ଆଶ୍ଚର୍ଯ୍ୟବତ୍	= ଆଶ୍ଚର୍ଯ୍ୟପରି	ନ, ବେଦ	= ଜାଣେ ନାହିଁ ଅର୍ଥାତ୍ ଏହା ଦୁର୍ବିଜ୍ଞେୟ ।
ଶୃଣୋତି	= ଶୁଣେ		
ଚ	= ଏବଂ		

ଦେହୀ ନିତ୍ୟମବଧ୍ୟୋଽୟଂ ଦେହେ ସର୍ବସ୍ୟ ଭାରତ ।
ତସ୍ମାତ୍ସର୍ବାଣି ଭୂତାନି ନ ତ୍ୱଂ ଶୋଚିତୁମର୍ହସି ॥ ୩୦ ॥

ଭାରତ	= ହେ ଭରତବଂଶଜ ଅର୍ଜୁନ!	ତସ୍ମାତ୍	= ତେଣୁ
		ସର୍ବାଣି	= ସମସ୍ତ
ସର୍ବସ୍ୟ	= ସମସ୍ତଙ୍କ	ଭୂତାନି	= ପ୍ରାଣୀଙ୍କ ପାଇଁ ଅର୍ଥାତ୍ କୌଣସି ପ୍ରାଣୀ ପାଇଁ
ଦେହେ	= ଦେହରେ		
ଅୟମ୍	= ଏହି		
ଦେହୀ	= ଦେହୀ	ତ୍ୱମ୍	= ତୁମେ
ନିତ୍ୟମ୍	= ନିତ୍ୟ	ଶୋଚିତୁମ୍	= ଶୋକ
ଅବଧ୍ୟଃ	= ଅବଧ୍ୟ ।	ନ, ଅର୍ହସି	= କରିବା ଉଚିତ ନୁହେଁ ।

ସ୍ୱଧର୍ମମପି ଚାବେକ୍ଷ୍ୟ ନ ବିକମ୍ପିତୁମର୍ହସି ।
ଧର୍ମ୍ୟାଦ୍ଧି ଯୁଦ୍ଧାଚ୍ଛ୍ରେୟୋଽନ୍ୟତ୍ କ୍ଷତ୍ରିୟସ୍ୟ ନ ବିଦ୍ୟତେ ॥ ୩୧ ॥

ଚ = ଏବଂ
ସ୍ୱଧର୍ମମ୍ = ନିଜର କ୍ଷାତ୍ରଧର୍ମକୁ
ଅବେକ୍ଷ୍ୟ = ଦେଖି
ଅପି = ମଧ୍ୟ (ତୁମେ)
ବିକମ୍ପିତୁମ୍ = ବିକମ୍ପିତ ଅର୍ଥାତ୍ କର୍ତ୍ତବ୍ୟ-କର୍ମରୁ ବିଚଳିତ
ନ, ଅର୍ହସି = ହେବା ଉଚିତ ନୁହେଁ;
ହି = କାରଣ
ଧର୍ମ୍ୟାତ୍ = ଧର୍ମମୟ
ଯୁଦ୍ଧାତ୍ = ଯୁଦ୍ଧରୁ ବଳି
କ୍ଷତ୍ରିୟସ୍ୟ = କ୍ଷତ୍ରିୟ ପାଇଁ
ଅନ୍ୟତ୍ = ଅନ୍ୟ କୌଣସି
ଶ୍ରେୟଃ = କଲ୍ୟାଣକାରକ କର୍ମ
ନ, ବିଦ୍ୟତେ = ନାହିଁ ।

ଯଦୃଚ୍ଛୟା ଚୋପପନ୍ନଂ ସ୍ୱର୍ଗଦ୍ୱାରମପାବୃତମ୍ ।
ସୁଖିନଃ କ୍ଷତ୍ରିୟାଃ ପାର୍ଥ ଲଭନ୍ତେ ଯୁଦ୍ଧମୀଦୃଶମ୍ ॥ ୩୨ ॥

ଯଦୃଚ୍ଛୟା = ଆପେ ଆପେ
ଉପପନ୍ନମ୍ = ପ୍ରାପ୍ତ ହୋଇଥିବା (ଯୁଦ୍ଧ)
ଚ = ମଧ୍ୟ
ଅପାବୃତମ୍ = ଉନ୍ମୁକ୍ତ
ସ୍ୱର୍ଗଦ୍ୱାରମ୍ = ସ୍ୱର୍ଗଦ୍ୱାର ଅଟେ ।
ପାର୍ଥ = ହେ ପୃଥାନନ୍ଦନ!
ଈଦୃଶମ୍ = (ଯେଉଁମାନଙ୍କୁ) ଏପରି
ଯୁଦ୍ଧମ୍ = ଯୁଦ୍ଧ
ଲଭନ୍ତେ = ପ୍ରାପ୍ତ ହୁଏ,
କ୍ଷତ୍ରିୟାଃ = (ସେହି) କ୍ଷତ୍ରିୟମାନେ
ସୁଖିନଃ = ବଡ଼ ସୁଖୀ ।

ଅଥ ଚେତ୍ତ୍ୱମିମଂ ଧର୍ମ୍ୟଂ ସଙ୍ଗ୍ରାମଂ ନ କରିଷ୍ୟସି ।
ତତଃ ସ୍ୱଧର୍ମଂ କୀର୍ତ୍ତିଂ ଚ ହିତ୍ୱା ପାପମବାପ୍ସ୍ୟସି ॥ ୩୩ ॥

ଅଥ	= ଏବେ	ତତଃ	= ତା'ହେଲେ
ଚେତ୍	= ଯଦି	ସ୍ୱଧର୍ମମ୍	= ନିଜର ଧର୍ମ
ତ୍ୱମ୍	= ତୁମେ	ଚ	= ଓ
ଇମମ୍	= ଏହି	କୀର୍ତ୍ତିମ୍	= କୀର୍ତ୍ତି
ଧର୍ମ୍ୟମ୍	= ଧର୍ମମୟ	ହିତ୍ୱା	= ତ୍ୟାଗ କରି
ସଂଗ୍ରାମମ୍	= ଯୁଦ୍ଧ	ପାପମ୍,	= ପାପଭାଗୀ
ନ, କରିଷ୍ୟସି	= ନ କରିବ,	ଅବାପ୍ସ୍ୟସି	ହେବ ।

ଅକୀର୍ତ୍ତିଂ ଚାପି ଭୂତାନି କଥୟିଷ୍ୟନ୍ତି ତେଽବ୍ୟୟାମ୍ ।
ସମ୍ଭାବିତସ୍ୟ ଚାକୀର୍ତ୍ତିର୍ମରଣାଦତିରିଚ୍ୟତେ ॥ ୩୪ ॥

ଚ	= ଏବଂ	ଅକୀର୍ତ୍ତିଃ	= ଅପକୀର୍ତ୍ତି
ଭୂତାନି	= ସମସ୍ତ ପ୍ରାଣୀ	ସମ୍ଭାବିତସ୍ୟ	= ସମ୍ମାନିତ ମନୁଷ୍ୟ ପାଇଁ
ଅପି	= ମଧ୍ୟ		
ତେ	= ତୁମର	ମରଣାତ୍	= ମୃତ୍ୟୁଠାରୁ
ଅବ୍ୟୟାମ୍	= ଅକ୍ଷୟ	ଚ	= ମଧ୍ୟ
ଅକୀର୍ତ୍ତିମ୍	= ଅପକୀର୍ତ୍ତି	ଅତିରିଚ୍ୟତେ	= ଅଧିକ ଦୁଃଖଦାୟୀ ହୋଇଥାଏ ।
କଥୟିଷ୍ୟନ୍ତି	= ଗାନ କରିବେ ।		

ଭୟାଦ୍ରଣାଦୁପରତଂ ମଂସ୍ୟନ୍ତେ ତ୍ୱାଂ ମହାରଥାଃ ।
ଯେଷାଂ ଚ ତ୍ୱଂ ବହୁମତୋ ଭୂତ୍ୱା ଯାସ୍ୟସି ଲାଘବମ୍ ॥ ୩୫ ॥

ଚ	= ତଥା	ଯେଷାମ୍	= ଯେଉଁମାନଙ୍କ (ଧାରଣାରେ)
ମହାରଥାଃ	= ମହାରଥୀମାନେ	ତ୍ୱମ୍	= ତୁମେ
ତ୍ୱାମ୍	= ତୁମେ	ବହୁମତଃ	= ମାନ୍ୟଗଣ୍ୟ
ଭୟାତ୍	= ଭୟ ହେତୁ	ଭୂତ୍ୱା	= ହୋଇଥିଲ, (ସେହିମାନଙ୍କ ଦୃଷ୍ଟିରେ)
ରଣାତ୍	= ଯୁଦ୍ଧରୁ	ଲାଘବମ୍	= (ତୁମେ) ନଗଣ୍ୟ
ଉପରତମ୍	= ବିରତ ହେଲ ବୋଲି	ଯାସ୍ୟସି	= ହୋଇଯିବ ।
ମଂସ୍ୟନ୍ତେ	= ଭାବିବେ ।		

ଅବାଚ୍ୟବାଦାଂଶ୍ଚ ବହୂନ୍ ବଦିଷ୍ୟନ୍ତି ତବାହିତାଃ ।
ନିନ୍ଦନ୍ତସ୍ତବ ସାମର୍ଥ୍ୟଂ ତତୋ ଦୁଃଖତରଂ ନୁ କିମ୍ ॥ ୩୬ ।

ତବ	= ତୁମର	ଅବାଚ୍ୟବାଦାନ୍	= ଅକଥନୀୟ ବଚନ
ଅହିତାଃ	= ଶତ୍ରୁଗଣ	ଚ	= ମଧ୍ୟ
ତବ	= ତୁମ	ବଦିଷ୍ୟନ୍ତି	= କହିବେ ।
ସାମର୍ଥ୍ୟମ୍	= ସାମର୍ଥ୍ୟକୁ	ତତଃ	= ତାହାଠାରୁ
ନିନ୍ଦନ୍ତଃ	= ନିନ୍ଦା କରି	ଦୁଃଖତରମ୍	= ବଳି ଆଉ ଦୁଃଖର କଥା
ବହୂନ୍	= ବହୁତ	ନୁ, କିମ୍	= କ'ଣ ହେବ?

ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍ ।
ତସ୍ମାଦୁତ୍ତିଷ୍ଠ କୌନ୍ତେୟ ଯୁଦ୍ଧାୟ କୃତନିଶ୍ଚୟଃ ॥ ୩୭ ॥

ବା	= ଯଦି (ତୁମେ ଯୁଦ୍ଧରେ)	**ମହୀମ୍**	= ପୃଥିବୀ-ରାଜ୍ୟ
ହତଃ	= ନିହତ ହେବ,	**ଭୋକ୍ଷ୍ୟସେ**	= ଭୋଗ କରିବ ।
ସ୍ୱର୍ଗମ୍	= (ତୁମକୁ) ସ୍ୱର୍ଗ	**ତସ୍ମାତ୍**	= ତେଣୁ
ପ୍ରାପ୍ସ୍ୟସି	= ପ୍ରାପ୍ତ ହେବ (ଆଉ)	**କୌନ୍ତେୟ**	= ହେ କୁନ୍ତୀନନ୍ଦନ! (ତୁମେ)
ବା	= ଯଦି	**ଯୁଦ୍ଧାୟ**	= ଯୁଦ୍ଧ ପାଇଁ
ଜିତ୍ୱା	= ଜିତିଯିବ, (ତେବେ)	**କୃତନିଶ୍ଚୟଃ**	= ନିଶ୍ଚୟ କରି
		ଉତ୍ତିଷ୍ଠ	= ଠିଆ ହୁଅ ।

ସୁଖଦୁଃଖେ ସମେ କୃତ୍ୱା ଲାଭାଲାଭୌ ଜୟାଜୟୌ ।
ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ ନୈବଂ ପାପମବାପ୍ସ୍ୟସି ॥ ୩୮ ॥

ଜୟାଜୟୌ	= ଜୟ-ପରାଜୟ	**ଯୁଦ୍ଧାୟ**	= ଯୁଦ୍ଧରେ
ଲାଭାଲାଭୌ	= ଲାଭ-କ୍ଷତି (ଓ)	**ଯୁଜ୍ୟସ୍ୱ**	= ମନୋନିବେଶ କର ।
ସୁଖଦୁଃଖେ	= ସୁଖ-ଦୁଃଖକୁ	**ଏବମ୍**	= ଏହିଭଳି (ଯୁଦ୍ଧ କଲେ)
ସମେ	= ସମାନ		
କୃତ୍ୱା	= କରି	**ପାପମ୍, ନ, ଅବାପ୍ସ୍ୟସି**	= (ତୁମେ) ପାପଭାଗୀ ହେବ ନାହିଁ ।
ତତଃ	= ତା'ପରେ		

ଏଷା ତେଽଭିହିତା ସାଙ୍ଖ୍ୟେ ବୁଦ୍ଧିର୍ଯୋଗେ ତ୍ୱିମାଂ ଶୃଣୁ ।
ବୁଦ୍ଧ୍ୟା ଯୁକ୍ତୋ ଯୟା ପାର୍ଥ କର୍ମବନ୍ଧଂ ପ୍ରହାସ୍ୟସି ॥ ୩୯ ॥

ପାର୍ଥ	= ହେ ପାର୍ଥ!	ଯୋଗେ	= କର୍ମଯୋଗ ପ୍ରସଙ୍ଗରେ
ଏଷା	= ଏହି		
ବୁଦ୍ଧିଃ	= ସମବୁଦ୍ଧି	ଶୃଣୁ	= ଶୁଣ,
ତେ	= ତୁମ ପାଇଁ (ପ୍ରଥମେ)	ଯୟା	= ଯେଉଁ
ସାଙ୍ଖ୍ୟେ	= ସାଂଖ୍ୟଯୋଗରେ	ବୁଦ୍ଧ୍ୟା	= ସମବୁଦ୍ଧିରେ
ଅଭିହିତା	= କୁହାଗଲା	ଯୁକ୍ତଃ	= ଯୁକ୍ତ ହୋଇ (ତୁମେ)
ତୁ	= ଏବଂ	କର୍ମବନ୍ଧମ୍	= କର୍ମବନ୍ଧନ
ଇମାମ୍	= (ଏବେ) ଏହାକୁ	ପ୍ରହାସ୍ୟସି	= ତ୍ୟାଗ କରିଦେବ ।

ନେହାଭିକ୍ରମନାଶୋଽସ୍ତି ପ୍ରତ୍ୟବାୟୋ ନ ବିଦ୍ୟତେ ।
ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ ॥ ୪୦ ॥

ଇହ	= ମନୁଷ୍ୟଲୋକରେ	ନ, ବିଦ୍ୟତେ	= ହୁଏ ନାହିଁ (ଏବଂ ଏହାର)
ଅସ୍ୟ	= ଏହି ସମବୁଦ୍ଧିରୂପକ		
ଧର୍ମସ୍ୟ	= ଧର୍ମର	ସ୍ୱଳ୍ପମ୍	= ସ୍ୱଳ୍ପ
ଅଭିକ୍ରମନାଶଃ	= ଆରମ୍ଭର ନାଶ	ଅପି	= (ଅନୁଷ୍ଠାନ) ମଧ୍ୟ
ନ, ଅସ୍ତି	= ହୁଏ ନାହିଁ,	ମହତଃ, ଭୟାତ୍	= (ଜନ୍ମମୃତ୍ୟୁରୂପକ) ମହାଭୟରୁ
ପ୍ରତ୍ୟବାୟଃ	= (ଏହାର) ବିପରୀତ ଫଳ (ମଧ୍ୟ)	ତ୍ରାୟତେ	= ରକ୍ଷା କରେ ।

ବ୍ୟବସାୟାତ୍ମିକା ବୁଦ୍ଧିରେକେହ କୁରୁନନ୍ଦନ ।
ବହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋଽବ୍ୟବସାୟିନାମ୍ ॥ ୪୧ ॥

କୁରୁନନ୍ଦନ	= ହେ କୁରୁନନ୍ଦନ!
ଇହ	= ଏହି (ସମବୁଦ୍ଧିପ୍ରାପ୍ତି) ବିଷୟରେ
ବ୍ୟବସାୟାତ୍ମିକା, ବୁଦ୍ଧିଃ	= ନିଶ୍ଚୟାତ୍ମିକା ବୁଦ୍ଧି
ଏକା	= ଏକ ହିଁ (ହୋଇଥାଏ),
ଅବ୍ୟବସାୟିନାମ୍	= ଅନିଶ୍ଚିତ ବିଗ୍ରରଯୁକ୍ତ ମନୁଷ୍ୟଙ୍କର
ବୁଦ୍ଧୟଃ	= ବୁଦ୍ଧିଗୁଡ଼ିକ
ଅନନ୍ତାଃ	= ଅନନ୍ତ
ଚ	= ଓ
ବହୁଶାଖା	= ବହୁଶାଖାବିଶିଷ୍ଟ
ହି	= ହିଁ (ହୋଇଥାଏ) ।

ଯାମିମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତ୍ୟବିପଶ୍ଚିତଃ ।
ବେଦବାଦରତାଃ ପାର୍ଥ ନାନ୍ୟଦସ୍ତୀତି ବାଦିନଃ ॥ ୪୨ ॥
କାମାତ୍ମାନଃ ସ୍ୱର୍ଗପରା ଜନ୍ମକର୍ମଫଳପ୍ରଦାମ୍ ।
କ୍ରିୟାବିଶେଷବହୁଳାଂ ଭୋଗୈଶ୍ୱର୍ଯ୍ୟଗତିଂ ପ୍ରତି ॥ ୪୩ ॥

ପାର୍ଥ	= ହେ ପୃଥାନନ୍ଦନ!
କାମାତ୍ମାନଃ	= ଯେଉଁମାନେ କାମନାରେ ତନ୍ମୟ ହୋଇଛନ୍ତି,
ସ୍ୱର୍ଗପରାଃ	= ସ୍ୱର୍ଗକୁ ଶ୍ରେଷ୍ଠ ମନେ କରୁଛନ୍ତି,
ବେଦବାଦରତାଃ	= ବେଦବର୍ଣ୍ଣିତ ସକାମ କର୍ମରେ ପ୍ରୀତି ରଖିଛନ୍ତି,

ଅନ୍ୟତ୍ = (ଭୋଗ ବ୍ୟତୀତ) ଆଉ କିଛି
ନ, ଅସ୍ତି = ନାହିଁ
ଇତି = ବୋଲି
ବାଦିନଃ = କହୁଛନ୍ତି,
ଅବିପଶ୍ଚିତଃ = (ସେହି) ଅବିବେକୀ ମନୁଷ୍ୟମାନେ
ଇମାମ୍ = ଏହି ପ୍ରକାରର
ଯାମ୍ = ଯେଉଁ
ପୁଷ୍ପିତାମ୍ = ପୁଷ୍ପିତ (ଶୋଭାଯୁକ୍ତ)
ବାଚମ୍ = ବାଣୀ
ପ୍ରବଦନ୍ତି = କହନ୍ତି, (ତାହା)
ଜନ୍ମକର୍ମ-ଫଳପ୍ରଦାମ୍ = ଜନ୍ମରୂପକ କର୍ମଫଳ ଦିଏ (ତଥା)
ଭୋଗୈଶ୍ୱର୍ଯ୍ୟ-ଗତିମ୍, ପ୍ରତି = ଭୋଗ ଓ ଐଶ୍ୱର୍ଯ୍ୟ ପ୍ରାପ୍ତି ପାଇଁ
କ୍ରିୟାବିଶେଷ-ବହୁଳାମ୍ = ଅନେକ କ୍ରିୟାର ବର୍ଣ୍ଣନା କରେ ।

ଭୋଗୈଶ୍ୱର୍ଯ୍ୟପ୍ରସକ୍ତାନାଂ ତୟାପହୃତଚେତସାମ୍ ।
ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ ॥ ୪୪ ॥

ତୟା = ସେହି ପୁଷ୍ପିତ ବାଣୀ ଦ୍ୱାରା
ଅପହୃତ-ଚେତସାମ୍ = ଯାହାଙ୍କର ଅନ୍ତଃକରଣ ଅପହୃତ ହୋଇଯାଇଛି ଅର୍ଥାତ୍ ଭୋଗ ଆଡ଼କୁ ଆକର୍ଷିତ ହୋଇଯାଇଛି,
ଭୋଗୈଶ୍ୱର୍ଯ୍ୟ-ପ୍ରସକ୍ତାନାମ୍ = (ଏବଂ ଯେଉଁମାନେ) ଭୋଗ ଓ ଐଶ୍ୱର୍ଯ୍ୟରେ ଅତ୍ୟନ୍ତ ଆସକ୍ତ,
ସମାଧୌ = (ସେମାନଙ୍କର) ପରମାତ୍ମାଙ୍କ ପ୍ରତି
ବ୍ୟବସାୟାତ୍ମିକା = ଏକନିଶ୍ଚୟାତ୍ମିକା
ବୁଦ୍ଧିଃ = ବୁଦ୍ଧି
ନ, ବିଧୀୟତେ = ହୁଏ ନାହିଁ ।

ତ୍ରୈଗୁଣ୍ୟବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ ।
ନିର୍ଦ୍ୱନ୍ଦ୍ୱୋ ନିତ୍ୟସତ୍ତ୍ୱସ୍ଥୋ ନିର୍ଯୋଗକ୍ଷେମ ଆତ୍ମବାନ୍ ॥ ୪୫ ॥

ବେଦାଃ	= ବେଦସମୂହ	**ନିତ୍ୟ-ସତ୍ତ୍ୱସ୍ଥଃ**	= ନିତ୍ୟସତ୍ତ୍ୱ ପରମାତ୍ମାଙ୍କ ଠାରେ ସ୍ଥିତ (ହୋଇଯାଅ),
ତ୍ରୈଗୁଣ୍ୟ-ବିଷୟାଃ	= ତିନି ଗୁଣର କାର୍ଯ୍ୟକୁ ହିଁ ବର୍ଣ୍ଣନା କରନ୍ତି;	**ନିର୍ଯୋଗ-କ୍ଷେମ**	= ଯୋଗକ୍ଷେମର ଅଭିଳାଷ ମଧ୍ୟ ରଖ ନାହିଁ (ଏବଂ)
ଅର୍ଜୁନ	= ହେ ଅର୍ଜୁନ! (ତୁମେ)	**ଆତ୍ମବାନ୍**	= ପରମାତ୍ମ-ପରାୟଣ (ହୋଇଯାଅ) ।
ନିସ୍ତ୍ରୈଗୁଣ୍ୟଃ	= ତ୍ରିଗୁଣାତୀତ		
ଭବ	= ହୋଇଯାଅ,		
ନିର୍ଦ୍ୱନ୍ଦ୍ୱଃ	= ରାଗ-ଦ୍ୱେଷାଦି ଦ୍ୱନ୍ଦ୍ୱରୁ ରହିତ (ହୋଇଯାଅ),		

ଯାବାନର୍ଥ ଉଦପାନେ ସର୍ବତଃ ସଂପ୍ଲୁତୋଦକେ ।
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ ॥ ୪୬ ॥

ସର୍ବତଃ	= ସବୁଦିଗରୁ	**ଉଦପାନେ**	= ଛୋଟ ଗାଡ଼ିଆର ଜଳରେ
ସଂପ୍ଲୁତୋଦକେ	= ପରିପୂର୍ଣ୍ଣ ମହାନ୍ ଜଳାଶୟକୁ (ପାଇବା ପରେ ମନୁଷ୍ୟର)	**ଯାବାନ୍**	= ଯେତିକି

ଅର୍ଥଃ	= ପ୍ରୟୋଜନ ଅର୍ଥାତ୍ କୌଣସି ପ୍ରୟୋଜନ ରହେ ନାହିଁ,
ବିଜାନତଃ	= ବେଦ ଓ ଶାସ୍ତ୍ରମାନଙ୍କୁ ତତ୍ତ୍ୱତଃ ଜାଣୁଥିବା
ବ୍ରାହ୍ମଣସ୍ୟ	= ବ୍ରହ୍ମଜ୍ଞାନୀଙ୍କର
ସର୍ବେଷୁ	= ସମସ୍ତ
ବେଦେଷୁ	= ବେଦରେ
ତାବାନ୍	= ସେତିକି (ପ୍ରୟୋଜନ) ଅର୍ଥାତ୍ କୌଣସି ପ୍ରୟୋଜନ ରହେ ନାହିଁ ।

କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ ।
ମା କର୍ମଫଳହେତୁର୍ଭୂର୍ମା ତେ ସଙ୍ଗୋଽସ୍ତ୍ୱକର୍ମଣି ॥ ୪୭ ॥

କର୍ମଣି	= କର୍ତ୍ତବ୍ୟ-କର୍ମ କରିବାରେ
ଏବ	= ହିଁ
ତେ	= ତୁମର
ଅଧିକାରଃ	= ଅଧିକାର ଅଛି,
ଫଳେଷୁ	= ଫଳରେ
କଦାଚନ	= ଆଦୌ
ମା	= ନୁହେଁ ।
କର୍ମଫଳ-ହେତୁଃ	= (ତେଣୁ ତୁମେ) କର୍ମଫଳର ହେତୁ
ମା, ଭୂଃ	= ହୁଅ ନାହିଁ (ଏବଂ)
ତେ	= ତୁମର
ଅକର୍ମଣି	= କର୍ମ ନ କରିବା ପ୍ରତି (ମଧ୍ୟ)
ସଙ୍ଗଃ	= ଆସକ୍ତି
ମା, ଅସ୍ତୁ	= ନ ହେଉ ।

ଯୋଗସ୍ଥଃ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଞ୍ଜୟ ।
ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ ॥ ୪୮ ॥

ଧନଞ୍ଜୟ	= ହେ ଧନଞ୍ଜୟ!	**ଯୋଗସ୍ଥଃ**	= ଯୋଗସ୍ଥ ହୋଇ
ସଙ୍ଗମ୍	= ଆସକ୍ତି	**କର୍ମାଣି**	= କର୍ମ
ତ୍ୟକ୍ତ୍ୱା	= ତ୍ୟାଗ କରି,	**କୁରୁ**	= କର; (କାରଣ)
ସିଦ୍ଧ୍ୟସିଦ୍ଧ୍ୟୋଃ	= ସିଦ୍ଧି-ଅସିଦ୍ଧିରେ	**ସମତ୍ୱମ୍**	= ସମତାକୁ (ହିଁ)
ସମଃ	= ସମ	**ଯୋଗଃ**	= ଯୋଗ
ଭୂତ୍ୱା	= ହୋଇ,	**ଉଚ୍ୟତେ**	= କୁହାଯାଏ ।

ଦୂରେଣ ହ୍ୟବରଂ କର୍ମ ବୁଦ୍ଧିଯୋଗାଦ୍ଧନଞ୍ଜୟ ।
ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଳହେତବଃ ॥ ୪୯ ॥

ବୁଦ୍ଧିଯୋଗାତ୍	= ବୁଦ୍ଧିଯୋଗ (ସମତା) ଅପେକ୍ଷା	**ବୁଦ୍ଧୌ**	= ବୁଦ୍ଧି(ସମତା)ର
		ଶରଣମ୍	= ଆଶ୍ରୟ
କର୍ମ	= ସକାମକର୍ମ	**ଅନ୍ୱିଚ୍ଛ**	= ନିଅ;
ଦୂରେଣ	= ଅତ୍ୟନ୍ତ	**ହି**	= କାରଣ
ଅବରମ୍	= ନିକୃଷ୍ଟ । (ତେଣୁ)	**ଫଳ-ହେତବଃ**	= ଫଳର ହେତୁ ହେଉଥିବା ମନୁଷ୍ୟ
ଧନଞ୍ଜୟ	= ହେ ଧନଞ୍ଜୟ! (ତୁମେ)	**କୃପଣାଃ**	= ଅତ୍ୟନ୍ତ ଦୀନ ।

ବୁଦ୍ଧିଯୁକ୍ତୋ ଜହାତୀହ ଉଭେ ସୁକୃତଦୁଷ୍କୃତେ ।
ତସ୍ମାଦ୍‌ଯୋଗାୟ ଯୁଜ୍ୟସ୍ୱ ଯୋଗଃ କର୍ମସୁ କୌଶଲମ୍ ॥ ୫୦ ॥

ବୁଦ୍ଧିଯୁକ୍ତଃ	= ସମବୁଦ୍ଧିସମ୍ପନ୍ନ ମନୁଷ୍ୟ	ଯୋଗାୟ, ଯୁଜ୍ୟସ୍ୱ	= ଯୋଗ (ସମତା) ପ୍ରାପ୍ତି ନିମନ୍ତେ ଯତ୍ନଶୀଳ ହୁଅ; (କାରଣ)
ଇହ	= ଏଠାରେ (ଜୀବିତ ଅବସ୍ଥାରେ)		
ସୁକୃତଦୁଷ୍କୃତେ	= ପୁଣ୍ୟ ଓ ପାପ	ଯୋଗଃ	= ଯୋଗ (ହିଁ)
ଉଭେ	= ଉଭୟକୁ		
ଜହାତି	= ତ୍ୟାଗ କରିଦିଏ ।	କର୍ମସୁ	= କର୍ମରେ
ତସ୍ମାତ୍	= ତେଣୁ (ତୁମେ)	କୌଶଲମ୍	= କୁଶଳତା ।

କର୍ମଜଂ ବୁଦ୍ଧିଯୁକ୍ତା ହି ଫଳଂ ତ୍ୟକ୍ତ୍ୱା ମନୀଷିଣଃ ।
ଜନ୍ମବନ୍ଧବିନିର୍ମୁକ୍ତାଃ ପଦଂ ଗଚ୍ଛନ୍ତ୍ୟନାମୟମ୍ ॥ ୫୧ ॥

ହି	= କାରଣ	ତ୍ୟକ୍ତ୍ୱା	= ତ୍ୟାଗ କରି,
ବୁଦ୍ଧିଯୁକ୍ତାଃ	= ସମତାଯୁକ୍ତ	ଜନ୍ମବନ୍ଧ-ବିନିର୍ମୁକ୍ତାଃ	= ଜନ୍ମରୂପକ ବନ୍ଧନରୁ ମୁକ୍ତ ହୋଇ
ମନୀଷିଣଃ	= ମନୀଷୀ ସାଧକମାନେ		
କର୍ମଜମ୍	= କର୍ମଜନିତ	ଅନାମୟମ୍	= ନିର୍ବିକାର
ଫଳମ୍	= ଫଳକୁ ଅର୍ଥାତ୍ ସମଗ୍ର ସଂସାରକୁ	ପଦମ୍	= ପଦକୁ
		ଗଚ୍ଛନ୍ତି	= ପ୍ରାପ୍ତ ହୁଅନ୍ତି ।

ଯଦା ତେ ମୋହକଲିଳଂ ବୁଦ୍ଧିର୍ବ୍ୟତିତରିଷ୍ୟତି ।
ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ ॥ ୫୨ ॥

ଯଦା	= ଯେତେବେଳେ	ତଦା	= ସେତେବେଳେ (ତୁମେ)
ତେ	= ତୁମର	ଶ୍ରୁତସ୍ୟ	= ଶ୍ରୁତ
ବୁଦ୍ଧିଃ	= ବୁଦ୍ଧି	ଚ	= ଓ
ମୋହ-କଲିଳମ୍	= ମୋହରୂପକ ପଙ୍କକୁ	ଶ୍ରୋତବ୍ୟସ୍ୟ	= ଶ୍ରୋତବ୍ୟ (ଭୋଗରୁ)
ବ୍ୟତିତରିଷ୍ୟତି	= ଭଲଭାବରେ ଅତିକ୍ରମ କରିଯିବ,	ନିର୍ବେଦମ୍	= ବୈରାଗ୍ୟ
		ଗନ୍ତାସି	= ପ୍ରାପ୍ତ ହେବ ।

ଶ୍ରୁତିବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଳା ।
ସମାଧାବଚଳା ବୁଦ୍ଧିସ୍ତଦା ଯୋଗମବାପ୍ସ୍ୟସି ॥ ୫୩ ॥

ଯଦା	= ଯେତେବେଳେ	ସମାଧୌ	= ପରମାତ୍ମାଙ୍କ ଠାରେ
ଶ୍ରୁତିବିପ୍ରତିପନ୍ନା	= ଶାସ୍ତ୍ରୀୟ ମତଭେଦରେ ବିଚଳିତ	ଅଚଳା	= ଅଚଳ (ହୋଇଯିବ),
ତେ	= ତୁମର	ତଦା	= ସେତେବେଳେ (ତୁମେ)
ବୁଦ୍ଧିଃ	= ବୁଦ୍ଧି	ଯୋଗମ୍	= ଯୋଗ
ନିଶ୍ଚଳା	= ନିଶ୍ଚଳ	ଅବାପ୍ସ୍ୟସି	= ପ୍ରାପ୍ତ ହେବ ।
ସ୍ଥାସ୍ୟତି	= ହୋଇଯିବ (ଏବଂ)		

ଅର୍ଜୁନ ଉବାଚ

ସ୍ଥିତପ୍ରଜ୍ଞସ୍ୟ କା ଭାଷା ସମାଧିସ୍ଥସ୍ୟ କେଶବ ।
ସ୍ଥିତଧୀଃ କିଂ ପ୍ରଭାଷେତ କିମାସୀତ ବ୍ରଜେତ କିମ୍ ॥ ୫୪ ॥

ଅର୍ଜୁନ କହିଲେ—

କେଶବ	= ହେ କେଶବ!	**କିମ୍**	= କିପରି
ସମାଧିସ୍ଥସ୍ୟ	= ପରମାତ୍ମାଙ୍କ ଠାରେ ସ୍ଥିତ	**ପ୍ରଭାଷେତ**	= କହେ?
		କିମ୍	= କିପରି
ସ୍ଥିତପ୍ରଜ୍ଞସ୍ୟ	= ସ୍ଥିରବୁଦ୍ଧିଯୁକ୍ତ ମନୁଷ୍ୟର	**ଆସୀତ**	= ବସେ (ଓ)
		କିମ୍	= କିପରି
କା, ଭାଷା	= ଲକ୍ଷଣ କ'ଣ?		
ସ୍ଥିତଧୀଃ	= ସ୍ଥିରବୁଦ୍ଧିଯୁକ୍ତ ମନୁଷ୍ୟ	**ବ୍ରଜେତ**	= ଗ୍ଲେ ଅର୍ଥାତ୍ ବ୍ୟବହାର କରେ?

ଶ୍ରୀଭଗବାନୁବାଚ

ପ୍ରଜହାତି ଯଦା କାମାନ୍ ସର୍ବାନ୍ ପାର୍ଥ ମନୋଗତାନ୍ ।
ଆତ୍ମନ୍ୟେବାତ୍ମନା ତୁଷ୍ଟଃ ସ୍ଥିତପ୍ରଜ୍ଞସ୍ତଦୋଚ୍ୟତେ ॥ ୫୫ ॥

ଶ୍ରୀଭଗବାନ କହିଲେ—

ପାର୍ଥ	= ହେ ପୃଥାନନ୍ଦନ!	**ମନୋଗତାନ୍**	= ମନୋଗତ
ଯଦା	= ଯେତେବେଳେ (ସାଧକ)	**ସର୍ବାନ୍**	= ସମସ୍ତ
		କାମାନ୍	= କାମନାକୁ

ପ୍ରଜହାତି	= ପୂର୍ଣ୍ଣରୂପେ ତ୍ୟାଗ କରିଦିଏ (ଏବଂ)	ତୁଷ୍ଟଃ	= ସନ୍ତୁଷ୍ଟ ରହେ,
ଆତ୍ମନା	= ନିଜ ଦ୍ୱାରା	ତଦା	= ସେତେବେଳେ (ତାହାକୁ)
ଆତ୍ମନି	= ନିଜଠାରେ	ସ୍ଥିତପ୍ରଜ୍ଞଃ	= ସ୍ଥିତପ୍ରଜ୍ଞ
ଏବ	= ହିଁ	ଉଚ୍ୟତେ	= କୁହାଯାଏ ।

ଦୁଃଖେଷ୍ୱନୁଦ୍‌ବିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ ।
ବୀତରାଗଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ ॥ ୫୬ ॥

ଦୁଃଖେଷୁ	= ଦୁଃଖ ମିଳିଲେ	ବୀତରାଗ-ଭୟକ୍ରୋଧଃ	= ଯିଏ ରାଗ (ଆସକ୍ତି), ଭୟ ଓ କ୍ରୋଧରୁ ମୁକ୍ତ, (ସେହି)
ଅନୁଦ୍-ବିଗ୍ନମନାଃ	= ଯାହା ମନରେ ଉଦ୍‌ବେଗ ଜାତ ହୁଏ ନାହିଁ (ଏବଂ)		
ସୁଖେଷୁ	= ସୁଖ ମିଳିଲେ	ମୁନିଃ	= ମନନଶୀଳ ମନୁଷ୍ୟକୁ
ବିଗତସ୍ପୃହଃ	= ଯାହା ମନରେ ସ୍ପୃହା ଆସେ ନାହିଁ (ତଥା)	ସ୍ଥିତଧୀଃ	= ସ୍ଥିରବୁଦ୍ଧି
		ଉଚ୍ୟତେ	= କୁହାଯାଏ ।

ଯଃ ସର୍ବତ୍ରାନଭିସ୍ନେହସ୍ତତ୍ତତ୍‌ପ୍ରାପ୍ୟ ଶୁଭାଶୁଭମ୍ ।
ନାଭିନନ୍ଦତି ନ ଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥ ୫୭ ॥

ସର୍ବତ୍ର	= ସର୍ବତ୍ର	ନ,	= ହର୍ଷିତ ହୁଏ
ଅନଭିସ୍ନେହଃ	= ଅନାସକ୍ତ	ଅଭିନନ୍ଦତି	ନାହିଁ (କି)
ଯଃ	= ଯେଉଁ ମନୁଷ୍ୟ	ନ, ଦ୍ୱେଷ୍ଟି	= ଦ୍ୱେଷ କରେ ନାହିଁ,
ତତ୍, ତତ୍	= ସେହି ସେହି	ତସ୍ୟ	= ତାହାର
ଶୁଭାଶୁଭମ୍	= ଶୁଭ-ଅଶୁଭକୁ	ପ୍ରଜ୍ଞା	= ବୁଦ୍ଧି
ପ୍ରାପ୍ୟ	= ପ୍ରାପ୍ତ କରି	ପ୍ରତିଷ୍ଠିତା	= ସ୍ଥିର ।

ଯଦା ସଂହରତେ ଚାୟଂ କୂର୍ମୋଽଙ୍ଗାନୀବ ସର୍ବଶଃ ।
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥ ୫୮ ॥

ଇବ, ଚ	= ଯେପରି	ଇନ୍ଦ୍ରିୟାର୍ଥେଭ୍ୟଃ	= ଇନ୍ଦ୍ରିୟସମୂହର ବିଷୟରୁ
କୂର୍ମଃ	= କଇଁଛ		
ଅଙ୍ଗାନି	= ଅଙ୍ଗଗୁଡ଼ିକୁ	ଇନ୍ଦ୍ରିୟାଣି	= ଇନ୍ଦ୍ରିୟମାନଙ୍କୁ (ସର୍ବଥା ସଂକୁଚିତ ବା ନିବୃତ୍ତ କରିନିଏ, ସେତେବେଳେ)
ସର୍ବଶଃ	= ସବୁଆଡୁ		
ସଂହରତେ	= ସଂକୁଚିତ କରିନିଏ, (ସେହିପରି)		
ଯଦା	= ଯେତେବେଳେ	ତସ୍ୟ	= ତାହାର
ଅୟମ୍	= ଏହି (କର୍ମଯୋଗୀ)	ପ୍ରଜ୍ଞା	= ବୁଦ୍ଧି
		ପ୍ରତିଷ୍ଠିତା	= ସ୍ଥିର ହୋଇଯାଏ ।

ବିଷୟା ବିନିବର୍ତ୍ତନ୍ତେ ନିରାହାରସ୍ୟ ଦେହିନଃ ।
ରସବର୍ଜଂ ରସୋଽପ୍ୟସ୍ୟ ପରଂ ଦୃଷ୍ଟ୍ୱା ନିବର୍ତ୍ତତେ ॥ ୫୯ ॥

ନିରାହାରସ୍ୟ	= ନିରାହାରୀ		**ଅସ୍ୟ**	= ଏହି ସ୍ଥିତପ୍ରଜ୍ଞ ମନୁଷ୍ୟର
ଦେହିନଃ	= ମନୁଷ୍ୟର		**ରସଃ**	= ରସ
ବିଷୟାଃ	= ବିଷୟ		**ଅପି**	= ମଧ୍ୟ
ବିନିବର୍ତ୍ତନ୍ତେ	= ନିବୃତ୍ତ ହୋଇଯାଏ ସତ,		**ନିବର୍ତ୍ତତେ**	= ନିବୃତ୍ତ ହୋଇଯାଏ ଅର୍ଥାତ୍ ସଂସାର ପ୍ରତି ତା'ର ରସବୁଦ୍ଧି ରହେ ନାହିଁ ।
ରସବର୍ଜମ୍	= ରସ ନିବୃତ୍ତ ହୁଏ ନାହିଁ । (ମାତ୍ର)			
ପରମ୍	= ପରମାତ୍ମତତ୍ତ୍ୱର			
ଦୃଷ୍ଟ୍ୱା	= ଅନୁଭବ ହୋଇଥିବାରୁ			

ଯତତୋ ହ୍ୟପି କୌନ୍ତେୟ ପୁରୁଷସ୍ୟ ବିପଶ୍ଚିତଃ ।
ଇନ୍ଦ୍ରିୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ ॥ ୬୦ ॥

ହି	= କାରଣ		**ବିପଶ୍ଚିତଃ**	= ବିଦ୍ୱାନ୍
କୌନ୍ତେୟ	= ହେ କୁନ୍ତୀନନ୍ଦନ! (ରସବୁଦ୍ଧି ଥିଲେ)		**ପୁରୁଷସ୍ୟ**	= ମନୁଷ୍ୟଙ୍କର
			ଅପି	= ମଧ୍ୟ
ଯତତଃ	= ପ୍ରଯତ୍ନଶୀଳ		**ପ୍ରମାଥୀନି**	= ପ୍ରମଥନଶୀଳ

ଇନ୍ଦ୍ରିୟାଣି	= ଇନ୍ଦ୍ରିୟମାନେ	ପ୍ରସଭମ୍	= ବଳପୂର୍ବକ
ମନଃ	= (ତାଙ୍କ) ମନକୁ	ହରନ୍ତି	= ହରଣ କରିନିଅନ୍ତି ।

ତାନି ସର୍ବାଣି ସଂଯମ୍ୟ ଯୁକ୍ତ ଆସୀତ ମତ୍ପରଃ ।
ବଶେ ହି ଯସ୍ୟେନ୍ଦ୍ରିୟାଣି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥ ୬୧ ॥

ଯୁକ୍ତଃ	= କର୍ମଯୋଗୀ ସାଧକ	ହି	= କାରଣ
ତାନି, ସର୍ବାଣି	= ସେସମସ୍ତ ଇନ୍ଦ୍ରିୟଙ୍କୁ	ଯସ୍ୟ	= ଯାହାର
		ଇନ୍ଦ୍ରିୟାଣି	= ଇନ୍ଦ୍ରିୟମାନେ
ସଂଯମ୍ୟ	= ବଶୀଭୂତ କରି	ବଶେ	= ବଶୀଭୂତ,
ମତ୍ପରଃ	= ମତ୍ପରାୟଣ ହୋଇ	ତସ୍ୟ	= ତାହାର
		ପ୍ରଜ୍ଞା	= ବୁଦ୍ଧି
ଆସୀତ	= ବସିବା ଉଚିତ;	ପ୍ରତିଷ୍ଠିତା	= ସ୍ଥିର ।

ଧ୍ୟାୟତୋ ବିଷୟାନ୍ ପୁଂସଃ ସଙ୍ଗସ୍ତେଷୂପଜାୟତେ ।
ସଙ୍ଗାତ୍ସଞ୍ଜାୟତେ କାମଃ କାମାତ୍ କ୍ରୋଧୋଽଭିଜାୟତେ ॥ ୬୨ ॥
କ୍ରୋଧାଭବତି ସମ୍ମୋହଃ ସମ୍ମୋହାତ୍ ସ୍ମୃତିବିଭ୍ରମଃ ।
ସ୍ମୃତିଭ୍ରଂଶାଦ୍‌ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ॥ ୬୩ ॥

ବିଷୟାନ୍	= ବିଷୟଗୁଡ଼ିକୁ	ପୁଂସଃ	= ମନୁଷ୍ୟର
ଧ୍ୟାୟତଃ	= ଚିନ୍ତନ କରୁଥିବା	ତେଷୁ	= ସେହି ବିଷୟ ପ୍ରତି

ସଙ୍ଗଃ = ଆସକ୍ତି
ଉପଜାୟତେ = ଜାତ ହୁଏ ।
ସଙ୍ଗାତ୍ = ଆସକ୍ତିରୁ
କାମଃ = କାମନା
ସଞ୍ଜାୟତେ = ଜାତ ହୁଏ ।
କାମାତ୍ = କାମନାରେ (ପ୍ରତିବନ୍ଧକ ସୃଷ୍ଟି ହେଲେ)
କ୍ରୋଧଃ = କ୍ରୋଧ
ଅଭିଜାୟତେ = ଜାତ ହୁଏ ।
କ୍ରୋଧାତ୍ = କ୍ରୋଧରୁ
ସମ୍ମୋହଃ = ସମ୍ମୋହ (ମୂଢ଼ଭାବ)
ଭବତି = ଜାତ ହୁଏ ।
ସମ୍ମୋହାତ୍ = ସମ୍ମୋହରୁ
ସ୍ମୃତିବିଭ୍ରମଃ = ସ୍ମୃତି ଭ୍ରଷ୍ଟ ହୁଏ ।
ସ୍ମୃତିଭ୍ରଂଶାତ୍ = ସ୍ମୃତି ଭ୍ରଷ୍ଟ ହେଲେ
ବୁଦ୍ଧିନାଶଃ = ବୁଦ୍ଧି (ବିବେକ) ନାଶ ହୁଏ (ଏବଂ)
ବୁଦ୍ଧିନାଶାତ୍ = ବୁଦ୍ଧିନାଶ ହେଲେ
ପ୍ରଣଶ୍ୟତି = (ମନୁଷ୍ୟର) ପତନ ହୁଏ ।

ରାଗଦ୍ୱେଷବିୟୁକ୍ତୈସ୍ତୁ ବିଷୟାନିନ୍ଦ୍ରିୟୈଶ୍ଚରନ୍ ।
ଆତ୍ମବଶ୍ୟୈର୍ବିଧେୟାତ୍ମା ପ୍ରସାଦମଧିଗଚ୍ଛତି ॥ ୬୪ ॥
ପ୍ରସାଦେ ସର୍ବଦୁଃଖାନାଂ ହାନିରସ୍ୟୋପଜାୟତେ ।
ପ୍ରସନ୍ନଚେତସୋ ହ୍ୟାଶୁ ବୁଦ୍ଧିଃ ପର୍ଯ୍ୟବତିଷ୍ଠତେ ॥ ୬୫ ॥

ତୁ = କିନ୍ତୁ
ବିଧେୟାତ୍ମା = ବଶୀଭୂତ ଅନ୍ତଃକରଣଯୁକ୍ତ (କର୍ମଯୋଗୀ ସାଧକ)
ଆତ୍ମବଶ୍ୟୈଃ = ନିଜ ଅଧୀନରେ ଥିବା
ରାଗଦ୍ୱେଷବିୟୁକ୍ତୈଃ = ରାଗ-ଦ୍ୱେଷରହିତ

ଇନ୍ଦ୍ରିୟୈଃ = ଇନ୍ଦ୍ରିୟଗଣଙ୍କ ଦ୍ୱାରା
ବିଷୟାନ୍, ଚରନ୍ = ବିଷୟ ସେବନ କରି ମଧ୍ୟ
ପ୍ରସାଦମ୍ = (ଅନ୍ତଃକରଣର) ନିର୍ମଳତା
ଅଧିଗଚ୍ଛତି = ପ୍ରାପ୍ତ ହୁଏ ।
ପ୍ରସାଦେ = ନିର୍ମଳତା ପ୍ରାପ୍ତ ହେଲାପରେ
ଅସ୍ୟ = ସାଧକର
ସର୍ବଦୁଃଖାନାମ୍ = ସମସ୍ତ ଦୁଃଖ

ହାନିଃ = ନାଶ
ଉପଜାୟତେ = ହୋଇଯାଏ (ଏବଂ ଏପରି)
ପ୍ରସନ୍ନଚେତସଃ = ଶୁଦ୍ଧଚିତ୍ତ ସାଧକର
ବୁଦ୍ଧିଃ = ବୁଦ୍ଧି
ହି = ନିଃସନ୍ଦେହରେ
ଆଶୁ = ଅତି ଶୀଘ୍ର
ପର୍ଯ୍ୟବତିଷ୍ଠତେ = (ପରମାତ୍ମାଙ୍କ ଠାରେ) ସ୍ଥିର ହୋଇଯାଏ ।

ନାସ୍ତି ବୁଦ୍ଧିରଯୁକ୍ତସ୍ୟ ନ ଚାୟୁକ୍ତସ୍ୟ ଭାବନା ।
ନ ଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖମ୍ ॥ ୬୬ ॥

ଅଯୁକ୍ତସ୍ୟ = ଯାହାର ମନ ଓ ଇନ୍ଦ୍ରିୟମାନେ ସଂଯତ ନୁହନ୍ତି, ସେପରି ମନୁଷ୍ୟର
ବୁଦ୍ଧିଃ = (ବ୍ୟବସାୟାତ୍ମିକା) ବୁଦ୍ଧି

ନ, ଅସ୍ତି = ହୁଏ ନାହିଁ
ଚ = ଏବଂ
ଅଯୁକ୍ତସ୍ୟ = (ବ୍ୟବସାୟାତ୍ମିକା ବୁଦ୍ଧି ନ ହେବାରୁ) ସେହି ଅଯୁକ୍ତ ମନୁଷ୍ୟଠାରେ

ଭାବନା = [ନିଷ୍କାମଭାବ ଅଥବା କର୍ତ୍ତବ୍ୟ-ପରାୟଣତାର ଭାବନା	ନ = ମିଳେ ନାହିଁ ।
ନ = ରହେ ନାହିଁ ।	ଚ = ପୁଣି
ଅଭାବୟତଃ = [ନିଷ୍କାମଭାବ ନ ରହିଲେ	ଅଶାନ୍ତସ୍ୟ = [ଶାନ୍ତିରହିତ ମନୁଷ୍ୟକୁ
ଶାନ୍ତିଃ = ଶାନ୍ତି	ସୁଖମ୍ = ସୁଖ
	କୁତଃ = [କିପରି ମିଳିବ?

ଇନ୍ଦ୍ରିୟାଣାଂ ହି ଚରତାଂ ଯନ୍ମନୋଽନୁବିଧୀୟତେ ।
ତଦସ୍ୟ ହରତି ପ୍ରଜ୍ଞାଂ ବାୟୁର୍ନାବମିବାମ୍ଭସି ॥ ୬୭ ॥

ହି = [କାରଣ (ନିଜ ନିଜ ବିଷୟରେ)	ଅନୁବିଧୀୟତେ = [ନିଜର ଅନୁଗାମୀ କରିନିଏ,
ଚରତାମ୍ = ବିଚରଣଶୀଳ	ତତ୍ = ସେହି ମନ
ଇନ୍ଦ୍ରିୟାଣାମ୍ = [ଇନ୍ଦ୍ରିୟମାନଙ୍କ ମଧ୍ୟରୁ (ଗୋଟିଏ ବି ଇନ୍ଦ୍ରିୟ)	ଅମ୍ଭସି = ଜଳରେ
	ନାବମ୍ = ନୌକାକୁ
	ବାୟୁଃ, ଇବ = [ବାୟୁ ହରଣ କଲାପରି
	ଅସ୍ୟ = ଏହାର
ଯତ୍ = ଯେଉଁ	ପ୍ରଜ୍ଞାମ୍ = ବୁଦ୍ଧିକୁ
ମନଃ = ମନକୁ	ହରତି = ହରଣ କରିନିଏ ।

ତସ୍ମାଦ୍‌ଯସ୍ୟ ମହାବାହୋ ନିଗୃହୀତାନି ସର୍ବଶଃ ।
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥ ୬୮ ॥

ତସ୍ମାତ୍ = ତେଣୁ
ମହାବାହୋ = ହେ ମହାବାହୁ!
ଯସ୍ୟ = ଯେଉଁ ମନୁଷ୍ୟର
ଇନ୍ଦ୍ରିୟାଣି = ଇନ୍ଦ୍ରିୟଗଣ
ଇନ୍ଦ୍ରିୟାର୍ଥେଭ୍ୟ = ଇନ୍ଦ୍ରିୟମାନଙ୍କ ବିଷୟରୁ
ସର୍ବଶଃ = ସର୍ବଥା
ନିଗୃହୀତାନି = ନିଗୃହୀତ,
ତସ୍ୟ = ତାହାର
ପ୍ରଜ୍ଞା = ବୁଦ୍ଧି
ପ୍ରତିଷ୍ଠିତା = ସ୍ଥିର ଅଟେ ।

ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ ।
ଯସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେଃ ॥ ୬୯ ॥

ସର୍ବଭୂତାନାମ୍ = ସମସ୍ତ ପ୍ରାଣୀଙ୍କର
ଯା = ଯାହା
ନିଶା = ରାତ୍ରି (ପରମାତ୍ମାଙ୍କ ପ୍ରତି ବିମୁଖତା),
ତସ୍ୟାମ୍ = ସେଥିରେ
ସଂଯମୀ = ସଂଯମୀ ମନୁଷ୍ୟ
ଜାଗର୍ତ୍ତି = ଜାଗ୍ରତ ରହନ୍ତି (ଏବଂ)
ଯସ୍ୟାମ୍ = ଯେଉଁଥିରେ
ଭୂତାନି = ସମସ୍ତ ପ୍ରାଣୀ
ଜାଗ୍ରତି = ଜାଗ୍ରତ ରହନ୍ତି (ଭୋଗ ଓ ସଂଗ୍ରହରେ ମାତିଥାନ୍ତି),
ସା = ତାହା
ମୁନେଃ = (ତତ୍ତ୍ୱଜ୍ଞାତା) ମୁନିଙ୍କ
ପଶ୍ୟତଃ = ଦୃଷ୍ଟିରେ
ନିଶା = ରାତ୍ରି ।

ଆପୂର୍ଯ୍ୟମାଣମଚଳପ୍ରତିଷ୍ଠଂ-
ସମୁଦ୍ରମାପଃ ପ୍ରବିଶନ୍ତି ଯଦ୍ୱତ୍ ।
ତଦ୍ୱତ୍କାମା ଯଂ ପ୍ରବିଶନ୍ତି ସର୍ବେ
ସ ଶାନ୍ତିମାପ୍ନୋତି ନ କାମକାମୀ ॥ ୭୦ ॥

ଯଦ୍ୱତ୍	= ଯେପରି	ସର୍ବେ	= ସମସ୍ତ
ଆପଃ	= (ସମସ୍ତ ନଦୀର) ଜଳ	କାମାଃ	= ଭୋଗ୍ୟପଦାର୍ଥ
ଆପୂର୍ଯ୍ୟମାଣମ୍	= ଚତୁର୍ଦିଗରୁ ଜଳ-ପରିପୂର୍ଣ୍ଣ	ଯମ୍	= ଯେଉଁ ସଂଯମୀ ମନୁଷ୍ୟକୁ (ବିକାର ଉତ୍ପନ୍ନ ନ କରି)
ସମୁଦ୍ରମ୍	= ସମୁଦ୍ରରେ	ପ୍ରବିଶନ୍ତି	= ପ୍ରାପ୍ତ ହୁଏ,
ପ୍ରବିଶନ୍ତି	= ଆସି ମିଶେ, (କିନ୍ତୁ)	ସଃ	= ସେହି ମନୁଷ୍ୟ
ଅଚଳ-ପ୍ରତିଷ୍ଠମ୍	= (ସମୁଦ୍ର ନିଜ ମର୍ଯ୍ୟାଦାରେ) ଅଚଳ ପ୍ରତିଷ୍ଠିତ ରହେ,	ଶାନ୍ତିମ୍	= ପରମଶାନ୍ତି
		ଆପ୍ନୋତି	= ଲାଭ କରେ,
		କାମକାମୀ, ନ	= ଭୋଗକାମୀ ମନୁଷ୍ୟ ନୁହେଁ ।
ତଦ୍ୱତ୍	= ସେହିପରି		

ବିହାୟ କାମାନ୍ ଯଃ ସର୍ବାନ୍ ପୁମାଂଶ୍ଚରତି ନିଃସ୍ପୃହଃ ।
ନିର୍ମମୋ ନିରହଙ୍କାରଃ ସ ଶାନ୍ତିମଧିଗଚ୍ଛତି ॥ ୭୧ ॥

ଯଃ	= ଯେଉଁ	କାମାନ୍	= କାମନା
ପୁମାନ୍	= ମନୁଷ୍ୟ	ବିହାୟ	= ତ୍ୟାଗପୂର୍ବକ
ସର୍ବାନ୍	= ସମସ୍ତ	ନିଃସ୍ପୃହଃ	= ନିଃସ୍ପୃହ,

ନିର୍ମମଃ	= ନିର୍ମମ (ଓ)	ସଃ	= ସେ
ନିରହଂକାରଃ	= ନିରହଂକାର ହୋଇ	ଶାନ୍ତିମ୍	= ଶାନ୍ତି
ଚରତି	= ଆଚରଣ କରେ,	ଅଧିଗଚ୍ଛତି	= ଲାଭ କରେ ।

ଏଷା ବ୍ରାହ୍ମୀ ସ୍ଥିତିଃ ପାର୍ଥ ନୈନାଂ ପ୍ରାପ୍ୟ ବିମୁହ୍ୟତି ।
ସ୍ଥିତ୍ୱାସ୍ୟାମନ୍ତକାଲେଽପି ବ୍ରହ୍ମନିର୍ବାଣମୃଚ୍ଛତି ॥ ୭୨ ॥

ପାର୍ଥ	= ହେ ପୃଥାନନ୍ଦନ!	ଅସ୍ୟାମ୍	= ଏହି ସ୍ଥିତିରେ
ଏଷା	= ଏହା	ଅନ୍ତକାଲେ	= ଅନ୍ତକାଳରେ
ବ୍ରାହ୍ମୀ, ସ୍ଥିତିଃ	= ବ୍ରାହ୍ମୀ ସ୍ଥିତି ।	ଅପି	= ମଧ୍ୟ
ଏନାମ୍	= ଏହାକୁ	ସ୍ଥିତ୍ୱା	= ସ୍ଥିତ ହୋଇଗଲେ
ପ୍ରାପ୍ୟ	= ପ୍ରାପ୍ତ ହୋଇ (କେବେ କେହି)	ବ୍ରହ୍ମନିର୍ବାଣମ୍	= ନିର୍ବାଣବ୍ରହ୍ମ
ନ, ବିମୁହ୍ୟତି	= ମୋହିତ ହୁଏ ନାହିଁ ।	ଋଚ୍ଛତି	= ପ୍ରାପ୍ତି ହୁଏ ।

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ ସାଙ୍ଖ୍ୟଯୋଗୋ ନାମ ଦ୍ୱିତୀୟୋଽଧ୍ୟାୟଃ ॥ ୨ ॥

ଏହି ପ୍ରକାରେ 'ଓଁ, ତତ୍, ସତ୍'—ଏହି ଭଗବନ୍ନାମ ଉଚ୍ଚାରଣପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍‌ଗୀତୋପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନସଂବାଦରେ 'ସାଂଖ୍ୟଯୋଗ' ନାମକ ଦ୍ୱିତୀୟ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୨ ॥

***

॥ ଓଁ ଶ୍ରୀପରମାତ୍ମନେ ନମଃ ॥

ଅଥ ତୃତୀୟୋଽଧ୍ୟାୟଃ

(ତୃତୀୟ ଅଧ୍ୟାୟ)

ଅର୍ଜୁନ ଉବାଚ

ଜ୍ୟାୟସୀ ଚେତ୍ କର୍ମଣସ୍ତେ ମତା ବୁଦ୍ଧିର୍ଜନାର୍ଦ୍ଦନ ।
ତତ୍ କିଂ କର୍ମଣି ଘୋରେ ମାଂ ନିୟୋଜୟସି କେଶବ ॥ ୧ ॥
ବ୍ୟାମିଶ୍ରେଣେବ ବାକ୍ୟେନ ବୁଦ୍ଧିଂ ମୋହୟସୀବ ମେ ।
ତଦେକଂ ବଦ ନିଶ୍ଚିତ୍ୟ ଯେନ ଶ୍ରେୟୋଽହମାପ୍ନୁୟାମ୍ ॥ ୨ ॥

ଅର୍ଜୁନ କହିଲେ—

ଜନାର୍ଦ୍ଦନ	= ହେ ଜନାର୍ଦ୍ଦନ!	**ତତ୍**	= ତେବେ
ଚେତ୍	= ଯଦି	**କେଶବ**	= ହେ କେଶବ!
ତେ	= ଆପଣ	**ମାମ୍**	= ମୋତେ
କର୍ମଣଃ	= କର୍ମ ଅପେକ୍ଷା	**ଘୋରେ**	= ଘୋର
		କର୍ମଣି	= କର୍ମରେ
ବୁଦ୍ଧିଃ	= ବୁଦ୍ଧି(ଜ୍ଞାନ)କୁ	**କିମ୍**	= କାହିଁକି
ଜ୍ୟାୟସୀ	= ଶ୍ରେଷ୍ଠ	**ନିୟୋଜୟସି**	= ନିୟୋଜିତ କରୁଛନ୍ତି?
ମତା	= ମନେକରନ୍ତି,		

ବ୍ୟାମିଶ୍ରେଣ, ଇବ = (ଆପଣ ନିଜର) ମିଶ୍ରିତ ଭଳି
ବାକ୍ୟେନ = ବଚନ ଦ୍ୱାରା
ମେ, ବୁଦ୍ଧିମ୍ = ମୋ ବୁଦ୍ଧିକୁ
ମୋହୟସି, ଇବ = ମୋହିତପ୍ରାୟ କରୁଛନ୍ତି । (ଏଣୁ ଆପଣ)
ନିଶ୍ଚିତ୍ୟ = ସ୍ଥିର କରି
ତତ୍ = ସେହି
ଏକମ୍ = ଗୋଟିଏ କଥା
ବଦ = କହନ୍ତୁ,
ଯେନ = ଯଦ୍ଦ୍ୱାରା
ଅହମ୍ = ମୁଁ
ଶ୍ରେୟଃ = କଲ୍ୟାଣ
ଆପ୍ନୁୟାମ୍ = ପ୍ରାପ୍ତ ହେବି ।

ଶ୍ରୀଭଗବାନୁବାଚ

ଲୋକେଽସ୍ମିନ୍ ଦ୍ୱିବିଧା ନିଷ୍ଠା ପୁରା ପ୍ରୋକ୍ତା ମୟାନଘ ।
ଜ୍ଞାନଯୋଗେନ ସାଙ୍ଖ୍ୟାନାଂ କର୍ମଯୋଗେନ ଯୋଗିନାମ୍ ॥ ୩ ॥

ଶ୍ରୀଭଗବାନ କହିଲେ—

ଅନଘ = ହେ ନିଷ୍ପାପ ଅର୍ଜୁନ!
ଅସ୍ମିନ୍ = ଏହି
ଲୋକେ = ମନୁଷ୍ୟଲୋକରେ
ଦ୍ୱିବିଧା = ଦୁଇପ୍ରକାର
ନିଷ୍ଠା = ନିଷ୍ଠା (କଥା)
ମୟା = ମୋ ଦ୍ୱାରା
ପୁରା = ପୂର୍ବରୁ
ପ୍ରୋକ୍ତା = କୁହାଯାଇଛି । (ତନ୍ମଧ୍ୟରୁ)
ସାଙ୍ଖ୍ୟାନାମ୍ = ଜ୍ଞାନୀମାନଙ୍କର
ଜ୍ଞାନଯୋଗେନ = ଜ୍ଞାନଯୋଗରେ (ଏବଂ)
ଯୋଗିନାମ୍ = ଯୋଗୀମାନଙ୍କର
କର୍ମଯୋଗେନ = କର୍ମଯୋଗରେ (ନିଷ୍ଠା ହୁଏ) ।

ନ କର୍ମଣାମନାରମ୍ଭାନ୍ନୈଷ୍କର୍ମ୍ୟଂ ପୁରୁଷୋଽଶ୍ନୁତେ ।
ନ ଚ ସନ୍ନ୍ୟସନାଦେବ ସିଦ୍ଧିଂ ସମଧିଗଚ୍ଛତି ॥ ୪ ॥

ପୁରୁଷଃ	= ମନୁଷ୍ୟ	**ଚ**	= ଏବଂ
କର୍ମଣାମ୍, ଅନାରମ୍ଭାତ୍	= କର୍ମାରମ୍ଭ ନ କଲେ	**ସନ୍ନ୍ୟସନାତ୍, ଏବ**	= କେବଳ (କର୍ମ) ତ୍ୟାଗ କରିଦେଲେ
ନୈଷ୍କର୍ମ୍ୟମ୍	= ନିଷ୍କର୍ମତା	**ସିଦ୍ଧିମ୍**	= ସିଦ୍ଧି
ନ, ଅଶ୍ନୁତେ	= ଅନୁଭବ କରେ ନାହିଁ	**ନ, ସମଧିଗଚ୍ଛତି**	= ପ୍ରାପ୍ତ ହୁଏ ନାହିଁ ।

ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ ।
କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ ॥ ୫ ॥

କଶ୍ଚିତ୍	= କୌଣସି	**ଅବଶଃ**	= (ପ୍ରକୃତିର) ପରବଶ ହୋଇଥିବା
ହି	= ବି (ମନୁଷ୍ୟ)		
ଜାତୁ	= କୌଣସି ଅବସ୍ଥାରେ	**ସର୍ବଃ**	= ସମସ୍ତ ପ୍ରାଣୀଙ୍କ ଦ୍ୱାରା
କ୍ଷଣମ୍, ଅପି	= କ୍ଷଣେମାତ୍ର ମଧ୍ୟ	**ପ୍ରକୃତିଜୈଃ**	= ପ୍ରକୃତିଜନିତ
ଅକର୍ମକୃତ୍	= କର୍ମ ନ କରି	**ଗୁଣୈଃ**	= ଗୁଣମାନେ
ନ, ତିଷ୍ଠତି	= ରହିପାରେ ନାହିଁ;	**କର୍ମ**	= କର୍ମ
ହି	= କାରଣ	**କାର୍ଯ୍ୟତେ**	= କରାନ୍ତି ।

କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥ ୬ ॥

ଯଃ = ଯେ
କର୍ମେନ୍ଦ୍ରିୟାଣି = କର୍ମେନ୍ଦ୍ରିୟମାନଙ୍କୁ (ସମସ୍ତ ଇନ୍ଦ୍ରିୟଙ୍କୁ)
ସଂଯମ୍ୟ = (ହଠପୂର୍ବକ) ନିରୋଧ କରି
ମନସା = ମନରେ
ଇନ୍ଦ୍ରିୟାର୍ଥାନ୍ = ଇନ୍ଦ୍ରିୟମାନଙ୍କର ବିଷୟଗୁଡ଼ିକୁ
ସ୍ମରନ୍, ଆସ୍ତେ = ଚିନ୍ତନ କରୁଥାଏ,
ସଃ = ସେହି
ବିମୂଢାତ୍ମା = ମୂଢବୁଦ୍ଧିଯୁକ୍ତ ମନୁଷ୍ୟ
ମିଥ୍ୟାଚାରଃ = ମିଥ୍ୟାଚାରୀ
ଉଚ୍ୟତେ = ବୋଲାଏ ।

ଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ ।
କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ ॥ ୭ ॥

ତୁ = କିନ୍ତୁ
ଅର୍ଜୁନ = ହେ ଅର୍ଜୁନ!
ଯଃ = ଯେଉଁ ମନୁଷ୍ୟ
ମନସା = ମନ ଦ୍ୱାରା
ଇନ୍ଦ୍ରିୟାଣି = ଇନ୍ଦ୍ରିୟମାନଙ୍କୁ
ନିୟମ୍ୟ = ସଂଯତ କରି
ଅସକ୍ତଃ = ଆସକ୍ତିରହିତ ହୋଇ (ନିଷ୍କାମଭାବରେ)
କର୍ମେନ୍ଦ୍ରିୟୈଃ = କର୍ମେନ୍ଦ୍ରିୟମାନଙ୍କ (ସମସ୍ତ ଇନ୍ଦ୍ରିୟଙ୍କ) ଦ୍ୱାରା
କର୍ମଯୋଗମ୍ = କର୍ମଯୋଗ
ଆରଭତେ = ଆଚରଣ କରେ,
ସଃ = ସେ
ବିଶିଷ୍ୟତେ = ଶ୍ରେଷ୍ଠ ।

ନିୟତଂ କୁରୁ କର୍ମ ତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ ।
ଶରୀରଯାତ୍ରାପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ ॥ ୮ ॥

ତ୍ୱମ୍	= ତୁମେ	ଜ୍ୟାୟଃ	= ଶ୍ରେଷ୍ଠ
ନିୟତମ୍	= ଶାସ୍ତ୍ରବିଧିସମ୍ମତ	ଚ	= ଏବଂ
କର୍ମ	= କର୍ତ୍ତବ୍ୟ-କର୍ମ	ଅକର୍ମଣଃ	= କର୍ମ ନ କଲେ
କୁରୁ	= କର;	ତେ	= ତୁମର
ହି	= କାରଣ	ଶରୀରଯାତ୍ରା	= ଶରୀରନିର୍ବାହ
ଅକର୍ମଣଃ	= କର୍ମ ନ କରିବା ଅପେକ୍ଷା	ଅପି	= ମଧ୍ୟ
କର୍ମ	= କର୍ମ କରିବା	ନ, ପ୍ରସିଦ୍ଧ୍ୟେତ୍	= ସିଦ୍ଧ ହେବ ନାହିଁ ।

ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ ।
ତଦର୍ଥଂ କର୍ମ କୌନ୍ତେୟ ମୁକ୍ତସଙ୍ଗଃ ସମାଚର ॥ ୯ ॥

ଯଜ୍ଞାର୍ଥାତ୍	= ଯଜ୍ଞ (କର୍ତ୍ତବ୍ୟ ପାଳନ) ନିମନ୍ତେ କରାଯାଉଥିବା	ଅୟମ୍	= ଏହି
		ଲୋକଃ	= ମନୁଷ୍ୟସମୁଦାୟ
କର୍ମଣଃ	= କର୍ମ ବ୍ୟତୀତ	କର୍ମବନ୍ଧନଃ	= କର୍ମରେ ବାନ୍ଧି ହୋଇଯାଏ, (ତେଣୁ)
ଅନ୍ୟତ୍ର	= ଅନ୍ୟ (ନିଜ ପାଇଁ କରାଯାଉଥିବା) କର୍ମରେ (ନିୟୋଜିତ)	କୌନ୍ତେୟ	= ହେ କୁନ୍ତୀନନ୍ଦନ! (ତୁମେ)

ମୁକ୍ତସଙ୍ଗଃ	= ଅନାସକ୍ତ ହୋଇ
ତଦର୍ଥମ୍	= ସେହି ଯଜ୍ଞ ନିମନ୍ତେ
କର୍ମ	= କର୍ତ୍ତବ୍ୟ-କର୍ମ
ସମାଚର	= କର ।

ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ ।
ଅନେନ ପ୍ରସବିଷ୍ୟଧ୍ୱମେଷ ବୋଽସ୍ତ୍ୱିଷ୍ଟକାମଧୁକ୍ ॥ ୧୦ ॥
ଦେବାନ୍ ଭାବୟତାନେନ ତେ ଦେବା ଭାବୟନ୍ତୁ ବଃ ।
ପରସ୍ପରଂ ଭାବୟନ୍ତଃ ଶ୍ରେୟଃ ପରମବାପ୍ସ୍ୟଥ ॥ ୧୧ ॥

ପ୍ରଜାପତିଃ	= ପ୍ରଜାପତି ବ୍ରହ୍ମା
ପୁରା	= ସୃଷ୍ଟି ଆରମ୍ଭରେ
ସହଯଜ୍ଞାଃ	= କର୍ତ୍ତବ୍ୟ-କର୍ମର ବିଧାନସହ
ପ୍ରଜାଃ	= ପ୍ରଜାମାନଙ୍କୁ (ମନୁଷ୍ୟ ଆଦି)
ସୃଷ୍ଟ୍ୱା	= ସର୍ଜନା କରି ସେମାନଙ୍କୁ (ପ୍ରଧାନତଃ ମନୁଷ୍ୟଙ୍କୁ)
ଉବାଚ	= କହିଲେ (ତୁମ୍ଭେମାନେ)
ଅନେନ	= ଏହି କର୍ତ୍ତବ୍ୟ ଦ୍ୱାରା
ପ୍ରସବିଷ୍ୟଧ୍ୱମ୍	= ସମସ୍ତଙ୍କର ବୃଦ୍ଧି କର (ଏବଂ)
ଏଷଃ	= ଏହି କର୍ତ୍ତବ୍ୟ-କର୍ମରୂପକ ଯଜ୍ଞ
ବଃ	= ତୁମ୍ଭମାନଙ୍କ ପାଇଁ
ଇଷ୍ଟକାମଧୁକ୍, ଅସ୍ତୁ	= କର୍ତ୍ତବ୍ୟ ପାଳନର ଆବଶ୍ୟକ ସାମଗ୍ରୀ ପ୍ରଦାନକାରୀ ହେଉ ।
ଅନେନ	= ଏହି କର୍ତ୍ତବ୍ୟକର୍ମ ଦ୍ୱାରା (ତୁମ୍ଭେମାନେ)
ଦେବାନ୍	= ଦେବତାମାନଙ୍କୁ
ଭାବୟତ	= ଉନ୍ନତ କର (ଏବଂ)
ତେ	= ସେହି
ଦେବାଃ	= ଦେବଗଣ (ନିଜ କର୍ତ୍ତବ୍ୟ ଦ୍ୱାରା)

ବଃ	= ତୁମ୍ଭମାନଙ୍କୁ	ଭାବୟନ୍ତଃ	= ଉନ୍ନତ କରି (ତୁମ୍ଭେମାନେ)
ଭାବୟନ୍ତୁ	= ଉନ୍ନତ କରନ୍ତୁ । (ଏହିଭଳି)	ପରମ୍, ଶ୍ରେୟଃ	= ପରମକଲ୍ୟାଣ
ପରସ୍ପରମ୍	= ପରସ୍ପରଙ୍କୁ	ଅବାପ୍ସ୍ୟଥ	= ପ୍ରାପ୍ତ ହେବ ।

ଇଷ୍ଟାନ୍ ଭୋଗାନ୍ ହି ବୋ ଦେବା ଦାସ୍ୟନ୍ତେ ଯଜ୍ଞଭାବିତାଃ ।
ତୈର୍ଦତ୍ତାନପ୍ରଦାୟୈଭ୍ୟୋ ଯୋ ଭୁଙ୍କ୍ତେ ସ୍ତେନ ଏବ ସଃ ॥ ୧୨ ॥

ଯଜ୍ଞଭାବିତାଃ	= ଯଜ୍ଞ ଦ୍ୱାରା ପୁଷ୍ଟ ହୋଇ	ଦତ୍ତାନ୍	= ପ୍ରଦାନ କରିଥିବା ସାମଗ୍ରୀକୁ
ଦେବାଃ	= ଦେବଗଣ	ଏଭ୍ୟଃ	= ଅନ୍ୟମାନଙ୍କ
ହି	= ମଧ୍ୟ	ଅପ୍ରଦାୟ	= ସେବାରେ ନ ଲଗାଇ
ବଃ	= ତୁମ୍ଭମାନଙ୍କୁ (ନ ମାଗିଲେ ସୁଦ୍ଧା)	ଯଃ	= ଯେଉଁ ମନୁଷ୍ୟ (ନିଜେ)
ଇଷ୍ଟାନ୍, ଭୋଗାନ୍	= କର୍ତ୍ତବ୍ୟ ପାଳନର ଆବଶ୍ୟକ ସାମଗ୍ରୀ	ଭୁଙ୍କ୍ତେ	= ଉପଭୋଗ କରେ,
ଦାସ୍ୟନ୍ତେ	= ଦେଉଥିବେ ।	ସଃ	= ସେ
ତୈଃ	= ସେହି ଦେବଗଣ	ସ୍ତେନଃ, ଏବ	= ଅବଶ୍ୟ ଚୋର ।

ଯଜ୍ଞଶିଷ୍ଟାଶିନଃ ସନ୍ତୋ ମୁଚ୍ୟନ୍ତେ ସର୍ବକିଲ୍ବିଷୈଃ ।
ଭୁଞ୍ଜତେ ତେ ତ୍ୱଘଂ ପାପା ଯେ ପଚନ୍ତ୍ୟାତ୍ମକାରଣାତ୍ ॥ ୧୩ ॥

ଯଜ୍ଞଶିଷ୍ଟାଶିନଃ	= ଯଜ୍ଞାବଶେଷ (ଯୋଗ) ଅନୁଭବ କରୁଥିବା	ଆତ୍ମକାରଣାତ୍	= କେବଳ ନିଜ ପାଇଁ
ସନ୍ତଃ	= ଶ୍ରେଷ୍ଠ ମନୁଷ୍ୟ	ପଚନ୍ତି	= ପାକ କରନ୍ତି ଅର୍ଥାତ୍ ସବୁ କର୍ମ କରନ୍ତି
ସର୍ବକିଲ୍‌ବିଷୈଃ	= ସମସ୍ତ ପାପରୁ	ତେ	= ସେହି
ମୁଚ୍ୟନ୍ତେ	= ମୁକ୍ତ ହୋଇଯାଆନ୍ତି ।	ପାପାଃ	= ପାପୀ ଲୋକେ (କେବଳ)
ତୁ	= କିନ୍ତୁ	ଅଘମ୍	= ପାପ
ଯେ	= ଯେଉଁମାନେ	ଭୁଞ୍ଜତେ	= ଭକ୍ଷଣ କରନ୍ତି ।

ଅନ୍ନାଭବନ୍ତି ଭୂତାନି ପର୍ଜନ୍ୟାଦନ୍ନସମ୍ଭବଃ ।
ଯଜ୍ଞାଭବତି ପର୍ଜନ୍ୟୋ ଯଜ୍ଞଃ କର୍ମସମୁଦ୍ଭବଃ ॥ ୧୪ ॥
କର୍ମ ବ୍ରହ୍ମୋଦ୍ଭବଂ ବିଦ୍ଧି ବ୍ରହ୍ମାକ୍ଷରସମୁଦ୍ଭବମ୍ ।
ତସ୍ମାତ୍ସର୍ବଗତଂ ବ୍ରହ୍ମ ନିତ୍ୟଂ ଯଜ୍ଞେ ପ୍ରତିଷ୍ଠିତମ୍ ॥ ୧୫ ॥

ଭୂତାନି	= ସମସ୍ତ ପ୍ରାଣୀ	ଯଜ୍ଞାତ୍	= ଯଜ୍ଞରୁ
ଅନ୍ନାତ୍	= ଅନ୍ନରୁ	ଭବତି	= ହୁଏ (ଓ)
ଭବନ୍ତି	= ଉତ୍ପନ୍ନ ହୁଅନ୍ତି,	ଯଜ୍ଞଃ	= ଯଜ୍ଞ
ଅନ୍ନସମ୍ଭବଃ	= ଅନ୍ନର ଉତ୍ପତ୍ତି	କର୍ମସମୁଦ୍ଭବଃ	= କର୍ମରୁ ନିଷ୍ପନ୍ନ ହୁଏ ।
ପର୍ଜନ୍ୟାତ୍	= ବର୍ଷାରୁ ହୁଏ,		
ପର୍ଜନ୍ୟଃ	= ବର୍ଷା	କର୍ମ	= କର୍ମ

ବ୍ରହ୍ମୋଭବମ୍	= ବେଦରୁ ଉତ୍ପନ୍ନ ହୋଇଛି (ଏବଂ)	ତସ୍ମାତ୍	= ତେଣୁ
		ସର୍ବଗତମ୍	= ସର୍ବବ୍ୟାପୀ
ବ୍ରହ୍ମ	= ବେଦ	ବ୍ରହ୍ମ	= ପରମାତ୍ମା
ଅକ୍ଷର-ସମୁଭବମ୍	= ଅକ୍ଷର ବ୍ରହ୍ମରୁ ପ୍ରକଟ ହୋଇଛନ୍ତି (ବୋଲି ତୁମେ)	ଯଜ୍ଞେ	= ଯଜ୍ଞ (କର୍ତ୍ତବ୍ୟକର୍ମ)ରେ
		ନିତ୍ୟମ୍	= ନିତ୍ୟ
ବିଦ୍ଧି	= ଜାଣ ।	ପ୍ରତିଷ୍ଠିତମ୍	= ସ୍ଥିତ ।

ଏବଂ ପ୍ରବର୍ତ୍ତିତଂ ଚକ୍ରଂ ନାନୁବର୍ତ୍ତୟତୀହ ଯଃ ।
ଅଘାୟୁରିନ୍ଦ୍ରିୟାରାମୋ ମୋଘଂ ପାର୍ଥ ସ ଜୀବତି ॥ ୧୬ ॥

ପାର୍ଥ	= ହେ ପାର୍ଥ!	ଇନ୍ଦ୍ରିୟାରାମଃ	= ଇନ୍ଦ୍ରିୟମାନଙ୍କ ଦ୍ୱାରା ଭୋଗ ଉପଭୋଗ କରୁଥିବା
ଯଃ	= ଯେଉଁ ମନୁଷ୍ୟ		
ଇହ	= ଇହଲୋକରେ		
ଏବମ୍	= ଏପରି	ସଃ	= ସେହି
ପ୍ରବର୍ତ୍ତିତମ୍	= (ପରମ୍ପରାକ୍ରମେ) ପ୍ରଚଳିତ	ଅଘାୟୁଃ	= ଅଘାୟୁ (ପାପୀ) ମନୁଷ୍ୟ
ଚକ୍ରମ୍	= ସୃଷ୍ଟିଚକ୍ର	ମୋଘମ୍	= (ସଂସାରରେ) ଅକାରଣେ
ନ, ଅନୁବର୍ତ୍ତୟତି	= ଅନୁସାରେ ଆଚରଣ କରେ ନାହିଁ,	ଜୀବତି	= ବଞ୍ଚିରହେ ।

ଯସ୍ତ୍ୱାତ୍ମରତିରେବ ସ୍ୟାଦାତ୍ମତୃପ୍ତଶ୍ଚ ମାନବଃ ।
ଆତ୍ମନ୍ୟେବ ଚ ସନ୍ତୁଷ୍ଟସ୍ତସ୍ୟ କାର୍ଯ୍ୟଂ ନ ବିଦ୍ୟତେ ॥ ୧୭ ॥

ତୁ	= କିନ୍ତୁ	ଚ	= ଓ
ଯଃ	= ଯେଉଁ	ଆତ୍ମନି	= ନିଜଠାରେ
ମାନବଃ	= ମନୁଷ୍ୟ	ଏବ	= ହିଁ
ଆତ୍ମରତିଃ, ଏବ	= ନିଜଠାରେ ହିଁ ରମଣ କରେ	ସନ୍ତୁଷ୍ଟଃ	= ସନ୍ତୁଷ୍ଟ
		ସ୍ୟାତ୍	= ରହେ,
ଚ	= ଏବଂ	ତସ୍ୟ	= ତା'ପାଇଁ
ଆତ୍ମତୃପ୍ତଃ	= ନିଜଠାରେ ହିଁ ତୃପ୍ତ	କାର୍ଯ୍ୟମ୍	= କୌଣସି କର୍ତ୍ତବ୍ୟ
		ନ, ବିଦ୍ୟତେ	= ନାହିଁ ।

ନୈବ ତସ୍ୟ କୃତେନାର୍ଥୋ ନାକୃତେନେହ କଶ୍ଚନ ।
ନ ଚାସ୍ୟ ସର୍ବଭୂତେଷୁ କଶ୍ଚିଦର୍ଥବ୍ୟପାଶ୍ରୟଃ ॥ ୧୮ ॥

ତସ୍ୟ	= ସେହି (କର୍ମଯୋଗ ଦ୍ୱାରା ସିଦ୍ଧିପ୍ରାପ୍ତ) ମହାପୁରୁଷଙ୍କର	ଅର୍ଥଃ, ନ	= ପ୍ରୟୋଜନ ନ ଥାଏ (କି)
ଇହ	= ଏ ସଂସାରରେ	ଅକୃତେନ	= କର୍ମ ନ କରିବାରେ
କୃତେନ	= କର୍ମ କରିବାରେ	ଏବ, ନ	= ମଧ୍ୟ (କୌଣସି ପ୍ରୟୋଜନ) ନ ଥାଏ
କଶ୍ଚନ	= କୌଣସି		

ଚ	= ଏବଂ	ଅସ୍ୟ	= ଏହାଙ୍କର
ସର୍ବଭୂତେଷୁ	= ସମସ୍ତ ପ୍ରାଣୀଙ୍କ ସହିତ (କୌଣସି ପ୍ରାଣୀ ସଙ୍ଗେ)	କଶ୍ଚିତ୍	= କିଞ୍ଚିନ୍ମାତ୍ର ବି
		ଅର୍ଥବ୍ୟପାଶ୍ରୟଃ	= ସ୍ୱାର୍ଥଗତ ସମ୍ବନ୍ଧ
		ନ	= ନ ଥାଏ ।

ତସ୍ମାଦସକ୍ତଃ ସତତଂ କାର୍ଯ୍ୟଂ କର୍ମ ସମାଚର ।
ଅସକ୍ତୋ ହ୍ୟାଚରନ୍ କର୍ମ ପରମାପ୍ନୋତି ପୂରୁଷଃ ॥ ୧୯ ॥

ତସ୍ମାତ୍	= ତେଣୁ (ତୁମେ)	ଅସକ୍ତଃ	= ଅନାସକ୍ତିପୂର୍ବକ
ସତତମ୍	= ନିରନ୍ତର	କର୍ମ	= କର୍ମ
ଅସକ୍ତଃ	= ଅନାସକ୍ତ ହୋଇ	ଆଚରନ୍	= କରି
କାର୍ଯ୍ୟମ୍, କର୍ମ	= କର୍ତ୍ତବ୍ୟ-କର୍ମ	ପୂରୁଷଃ	= ମନୁଷ୍ୟ
ସମାଚର	= ସୁଚାରୁରୂପେ ଆଚରଣ କର;	ପରମ୍	= ପରମାତ୍ମାଙ୍କୁ
ହି	= କାରଣ	ଆପ୍ନୋତି	= ପ୍ରାପ୍ତ ହୁଏ ।

କର୍ମଣୈବ ହି ସଂସିଦ୍ଧିମାସ୍ଥିତା ଜନକାଦୟଃ ।
ଲୋକସଙ୍ଗ୍ରହମେବାପି ସମ୍ପଶ୍ୟନ୍ କର୍ତ୍ତୁମର୍ହସି ॥ ୨୦ ॥

ଜନକାଦୟଃ	= ରାଜା ଜନକଙ୍କ ପରି ଅନେକ ମହାପୁରୁଷ	ହି	= ମଧ୍ୟ
		କର୍ମଣା	= କର୍ମ (କର୍ମଯୋଗ) ଦ୍ୱାରା

ଏବ	= ହିଁ	ସମ୍ପଶ୍ୟନ୍,ଅପି	= ଦୃଷ୍ଟିରୁ ମଧ୍ୟ (ତୁମେ)
ସଂସିଦ୍ଧିମ୍	= ପରମସିଦ୍ଧି	କର୍ତ୍ତୁମ୍	= (ନିଷ୍କାମଭାବରେ) କର୍ମ କରିବା
ଆସ୍ଥିତାଃ	= ପ୍ରାପ୍ତ ହୋଇଥିଲେ। (ତେଣୁ)	ଏବ	= ହିଁ
ଲୋକସଂଗ୍ରହମ୍	= ଲୋକସଂଗ୍ରହ	ଅର୍ହସି	= ଉଚିତ।

ଯଦ୍‌ଯଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।
ସ ଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ॥ ୨୧ ॥

ଶ୍ରେଷ୍ଠଃ	= ଶ୍ରେଷ୍ଠ ମନୁଷ୍ୟ	ସଃ	= ସେ
ଯତ୍, ଯତ୍	= ଯେଉଁ ଯେଉଁ	ଯତ୍	= ଯାହା କିଛି
ଆଚରତି	= ଆଚରଣ କରନ୍ତି,	ପ୍ରମାଣମ୍	= ପ୍ରମାଣ
ଇତରଃ, ଜନଃ	= ଅନ୍ୟ ମନୁଷ୍ୟମାନେ	କୁରୁତେ	= କରି ଦିଅନ୍ତି,
		ଲୋକଃ	= ଅନ୍ୟମାନେ
ତତ୍, ତତ୍, ଏବ	= ସେହି ସେହି (ଆଚରଣ କରନ୍ତି)।	ତତ୍, ଅନୁବର୍ତ୍ତତେ	= ତଦନୁସାରେ ଆଚରଣ କରନ୍ତି।

ନ ମେ ପାର୍ଥାସ୍ତି କର୍ତ୍ତବ୍ୟଂ ତ୍ରିଷୁ ଲୋକେଷୁ କିଞ୍ଚନ ।
ନାନବାପ୍ତମବାପ୍ତବ୍ୟଂ ବର୍ତ୍ତ ଏବ ଚ କର୍ମଣି ॥ ୨୨ ॥

ପାର୍ଥ	= ହେ ପାର୍ଥ!	ତ୍ରିଷୁ, ଲୋକେଷୁ	= ତିନିଲୋକରେ
ମେ	= ମୋର		

କିଞ୍ଚନ	= କୌଣସି	ଅନବାପ୍ତମ୍, ନ	= ଅପ୍ରାପ୍ତ ନାହିଁ,
କର୍ତ୍ତବ୍ୟମ୍	= କର୍ତ୍ତବ୍ୟ	କର୍ମଣି	= (ତଥାପି ମୁଁ) କର୍ତ୍ତବ୍ୟ-କର୍ମରେ
ନ, ଅସ୍ତି	= ନାହିଁ		
ଚ	= ଓ (କୌଣସି)	ଏବ	= ହିଁ
ଅବାପ୍ତବ୍ୟମ୍	= ପ୍ରାପ୍ତବ୍ୟ ବସ୍ତୁ	ବର୍ତ୍ତେ	= ଲାଗିଛି ।

ଯଦି ହ୍ୟହଂ ନ ବର୍ତ୍ତେୟଂ ଜାତୁ କର୍ମଣ୍ୟତନ୍ଦ୍ରିତଃ ।
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ॥ ୨୩ ॥
ଉତ୍ସୀଦେୟୁରିମେ ଲୋକା ନ କୁର୍ଯ୍ୟାଂ କର୍ମ ଚେଦହମ୍ ।
ସଙ୍କରସ୍ୟ ଚ କର୍ତ୍ତା ସ୍ୟାମୁପହନ୍ୟାମିମାଃ ପ୍ରଜାଃ ॥ ୨୪ ॥

ହି	= କାରଣ	ମନୁଷ୍ୟାଃ	= ମନୁଷ୍ୟମାନେ
ପାର୍ଥ	= ହେ ପାର୍ଥ!	ସର୍ବଶଃ	= ସର୍ବଭାବରେ
ଯଦି	= ଯଦି	ମମ	= ମୋର ହିଁ
ଅହମ୍	= ମୁଁ	ବର୍ତ୍ମ	= ମାର୍ଗ
ଜାତୁ	= କଦାଚିତ୍	ଅନୁବର୍ତ୍ତନ୍ତେ	= ଅନୁସରଣ କରନ୍ତି ।
ଅତନ୍ଦ୍ରିତଃ	= ସାବଧାନ ହୋଇ	ଚେତ୍	= ଯଦି
କର୍ମଣି	= କର୍ତ୍ତବ୍ୟ-କର୍ମ	ଅହମ୍	= ମୁଁ
ନ, ବର୍ତ୍ତେୟମ୍	= ନ କରେ, (ତେବେ ବଡ଼ କ୍ଷତି ହେବ; କାରଣ)	କର୍ମ	= କର୍ମ
		ନ, କୁର୍ଯ୍ୟାମ୍	= ନ କରେ,
		ଇମେ	= ଏହି

ଲୋକାଃ	= ଲୋକମାନେ	କର୍ତ୍ତା	= ଉତ୍ପନ୍ନକାରୀ (ତଥା)
ଉତ୍ସୀଦେୟୁଃ	= ନଷ୍ଟଭ୍ରଷ୍ଟ ହୋଇଯିବେ	ଇମାଃ	= ଏହି
		ପ୍ରଜାଃ	= ସମସ୍ତ ପ୍ରଜାଙ୍କର
ଚ	= ଏବଂ (ମୁଁ)	ଉପହନ୍ୟାମ୍, ସ୍ୟାମ୍	= ବିନାଶକାରୀ ହୋଇଯିବି ।
ସଙ୍କରସ୍ୟ	= ବର୍ଣ୍ଣସଂକରତାର		

ସକ୍ତାଃ କର୍ମଣ୍ୟବିଦ୍ୱାଂସୋ ଯଥା କୁର୍ବନ୍ତି ଭାରତ ।
କୁର୍ଯ୍ୟାଦ୍ବିଦ୍ୱାଂସ୍ତଥାସକ୍ତଶ୍ଚିକୀର୍ଷୁର୍ଲୋକସଙ୍ଗ୍ରହମ୍ ॥ ୨୫ ॥
ନ ବୁଦ୍ଧିଭେଦଂ ଜନୟେଦଜ୍ଞାନାଂ କର୍ମସଙ୍ଗିନାମ୍ ।
ଜୋଷୟେତ୍ସର୍ବକର୍ମାଣି ବିଦ୍ୱାନ୍ୟୁକ୍ତଃ ସମାଚରନ୍ ॥ ୨୬ ॥

ଭାରତ	= ହେ ଭରତବଂଶଜ ଅର୍ଜୁନ!	ଲୋକସଂଗ୍ରହମ୍, ଚିକୀର୍ଷୁଃ	= ଲୋକସଂଗ୍ରହାର୍ଥେ
କର୍ମଣି, ସକ୍ତାଃ	= କର୍ମାସକ୍ତ	ତଥା	= ସେହିପରି
ଅବିଦ୍ୱାଂସଃ	= ଅଜ୍ଞାନୀ ମନୁଷ୍ୟ	କୁର୍ଯ୍ୟାତ୍	= (କର୍ମ) କରନ୍ତୁ ।
ଯଥା	= ଯେପରି	ଯୁକ୍ତଃ	= ସାବଧାନ
କୁର୍ବନ୍ତି	= (କର୍ମ) କରନ୍ତି,	ବିଦ୍ୱାନ୍	= ତତ୍ତ୍ୱଜ୍ଞ ମହାପୁରୁଷ
ଅସକ୍ତଃ	= ଅନାସକ୍ତ		
ବିଦ୍ୱାନ୍	= ତତ୍ତ୍ୱଜ୍ଞ ମହାପୁରୁଷ (ମଧ୍ୟ)	କର୍ମସଙ୍ଗିନାମ୍	= କର୍ମାସକ୍ତ
		ଅଜ୍ଞାନାମ୍	= ଅଜ୍ଞାନୀ ମନୁଷ୍ୟଙ୍କ

ବୁଦ୍ଧିଭେଦମ୍	=	ବୁଦ୍ଧିରେ ଭ୍ରମ
ନ, ଜନୟେତ୍	=	ଉତ୍ପନ୍ନ ନ କରନ୍ତୁ, (ବରଂ ନିଜେ)
ସର୍ବକର୍ମାଣି	=	ସମସ୍ତ କର୍ମ
ସମାଚରନ୍	=	ଠିକ୍‌ଭାବରେ କରିବା ସଙ୍ଗେ ସଙ୍ଗେ
ଜୋଷୟେତ୍	=	(ଅନ୍ୟମାନଙ୍କ ଦ୍ୱାରା ମଧ୍ୟ ସେହିପରି) କରାନ୍ତୁ ।

ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ ।
ଅହଙ୍କାରବିମୂଢାତ୍ମା କର୍ତ୍ତାହମିତି ମନ୍ୟତେ ॥ ୨୭ ॥

କର୍ମାଣି	=	ସମସ୍ତ କର୍ମ
ସର୍ବଶଃ	=	ସର୍ବତୋଭାବେ
ପ୍ରକୃତେଃ	=	ପ୍ରକୃତିର
ଗୁଣୈଃ	=	ଗୁଣଗୁଡ଼ିକ ଦ୍ୱାରା
କ୍ରିୟମାଣାନି	=	କରାଯାଉଛି, (କିନ୍ତୁ)
ଅହଂକାର-ବିମୂଢାତ୍ମା	=	ଅହଂକାରରେ ମୋହିତ ଅନ୍ତଃକରଣଯୁକ୍ତ (ଅଜ୍ଞାନୀ) ମନୁଷ୍ୟ (ନିଜକୁ)
ଅହମ୍	=	'ମୁଁ
କର୍ତ୍ତା	=	କର୍ତ୍ତା'
ଇତି	=	ଏପରି
ମନ୍ୟତେ	=	ମନେକରେ ।

ତତ୍ତ୍ୱବିତ୍ତୁ ମହାବାହୋ ଗୁଣକର୍ମବିଭାଗୟୋଃ ।
ଗୁଣା ଗୁଣେଷୁ ବର୍ତ୍ତନ୍ତ ଇତି ମତ୍ୱା ନ ସଜ୍ଜତେ ॥ ୨୮ ॥

ତୁ	= କିନ୍ତୁ	ଗୁଣେଷୁ	= ଗୁଣଗୁଡ଼ିକରେ
ମହାବାହୋ	= ହେ ମହାବାହୁ!	ବର୍ତ୍ତନ୍ତେ	= ସବୁ କାର୍ଯ୍ୟ କରୁଛନ୍ତି'
ଗୁଣକର୍ମ-ବିଭାଗୟୋଃ	= ଗୁଣ-ବିଭାଗ ଓ କର୍ମ-ବିଭାଗକୁ	ଇତି	= ବୋଲି
ତତ୍ତ୍ୱବିତ୍	= ତତ୍ତ୍ୱତଃ ଜାଣୁଥିବା ମହାପୁରୁଷ	ମତ୍ୱା	= ମନେକରି (ତହିଁରେ)
ଗୁଣାଃ	= 'ଗୁଣଗୁଡ଼ିକ (ହିଁ)	ନ, ସଜ୍ଜତେ	= ଆସକ୍ତ ହୁଅନ୍ତି ନାହିଁ ।

ପ୍ରକୃତେର୍ଗୁଣସମ୍ମୂଢ଼ାଃ ସଜ୍ଜନ୍ତେ ଗୁଣକର୍ମସୁ ।
ତାନକୃସ୍ନବିଦୋ ମନ୍ଦାନ୍ କୃସ୍ନବିନ୍ନ ବିଚାଳୟେତ୍ ॥ ୨୯ ॥

ପ୍ରକୃତେଃ	= ପ୍ରକୃତିଜନିତ	ତାନ୍	= ସେହି
ଗୁଣସମ୍ମୂଢ଼ାଃ	= ଗୁଣରେ ଅତ୍ୟନ୍ତ ମୋହିତ ଅଜ୍ଞାନୀ ମନୁଷ୍ୟ	ମନ୍ଦାନ୍	= ମନ୍ଦବୁଦ୍ଧିଯୁକ୍ତ ଅଜ୍ଞାନୀମାନଙ୍କୁ
ଗୁଣକର୍ମସୁ	= ଗୁଣ ଓ କର୍ମରେ	କୃସ୍ନବିତ୍	= ପୂର୍ଣ୍ଣରୂପେ ଜାଣିଥିବା ଜ୍ଞାନୀ ମନୁଷ୍ୟ
ସଜ୍ଜନ୍ତେ	= ଆସକ୍ତ ରହନ୍ତି ।		
ଅକୃସ୍ନବିଦଃ	= ପୂର୍ଣ୍ଣରୂପେ ଜାଣି ନ ଥିବା	ନ, ବିଚାଳୟେତ୍	= ବିଚଳିତ ନ କରିବା ଉଚିତ ।

ମୟି ସର୍ବାଣି କର୍ମାଣି ସନ୍ନ୍ୟସ୍ୟାଧ୍ୟାତ୍ମଚେତସା ।
ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ ॥ ୩୦ ॥

ଅଧ୍ୟାତ୍ମ-ଚେତସା	= (ତୁମେ) ବିବେକବତୀ ବୁଦ୍ଧି ଦ୍ୱାରା	ନିରାଶୀଃ	= କାମନାରହିତ,
ସର୍ବାଣି	= ସମସ୍ତ	ନିର୍ମମଃ	= ମମତାରହିତ (ଓ)
କର୍ମାଣି	= କର୍ତ୍ତବ୍ୟ-କର୍ମ	ବିଗତଜ୍ୱରଃ	= ସନ୍ତାପରହିତ
ମୟି	= ମୋତେ	ଭୂତ୍ୱା	= ହୋଇ
ସନ୍ନ୍ୟସ୍ୟ	= ଅର୍ପଣ କରି	ଯୁଧ୍ୟସ୍ୱ	= ଯୁଦ୍ଧରୂପକ କର୍ତ୍ତବ୍ୟ-କର୍ମ କର ।

ଯେ ମେ ମତମିଦଂ ନିତ୍ୟମନୁତିଷ୍ଠନ୍ତି ମାନବାଃ ।
ଶ୍ରଦ୍ଧାବନ୍ତୋଽନସୂୟନ୍ତୋ ମୁଚ୍ୟନ୍ତେ ତେଽପି କର୍ମଭିଃ ॥ ୩୧ ॥

ଯେ	= ଯେଉଁ	ନିତ୍ୟମ୍	= ସର୍ବଦା
ମାନବାଃ	= ମନୁଷ୍ୟମାନେ	ଅନୁତିଷ୍ଠନ୍ତି	= ଅନୁସରଣ କରନ୍ତି,
ଅନସୂୟନ୍ତଃ	= ଦୋଷଦୃଷ୍ଟିରହିତ ହୋଇ	ତେ	= ସେମାନେ
ଶ୍ରଦ୍ଧାବନ୍ତଃ	= ଶ୍ରଦ୍ଧାପୂର୍ବକ	ଅପି	= ମଧ୍ୟ
ମେ	= ମୋର	କର୍ମଭିଃ	= ସମସ୍ତ କର୍ମବନ୍ଧନରୁ
ଇଦମ୍	= ଏହି (ପୂର୍ବ ଶ୍ଳୋକରେ ବର୍ଣ୍ଣିତ)	ମୁଚ୍ୟନ୍ତେ	= ମୁକ୍ତ ହୋଇଯାଆନ୍ତି ।
ମତମ୍	= ମତକୁ		

ଯେ ତ୍ୱେତଦଭ୍ୟସୂୟନ୍ତୋ ନାନୁତିଷ୍ଠନ୍ତି ମେ ମତମ୍ ।
ସର୍ବଜ୍ଞାନବିମୂଢାଂସ୍ତାନ୍ ବିଦ୍ଧି ନଷ୍ଟାନଚେତସଃ ॥ ୩୨ ॥

ତୁ = କିନ୍ତୁ
ଯେ = ଯେଉଁ ମନୁଷ୍ୟ
ମେ = ମୋର
ଏତଦ୍ = ଏହି
ମତମ୍ = ମତ ପ୍ରତି
ଅଭ୍ୟସୂୟନ୍ତଃ = ଦୋଷଦୃଷ୍ଟି କରି
ନ, ଅନୁତିଷ୍ଠନ୍ତି = (ଏହାକୁ) ପାଳନ କରନ୍ତି ନାହିଁ,
ତାନ୍ = ସେହି
ସର୍ବଜ୍ଞାନ-ବିମୂଢାନ୍ = ସର୍ବଜ୍ଞାନବିମୂଢ଼
ଅଚେତସଃ = ଅବିବେକୀ ମନୁଷ୍ୟ
ନଷ୍ଟାନ୍ = ନଷ୍ଟ ହୋଇଛନ୍ତି ବୋଲି
ବିଦ୍ଧି = ଜାଣ ଅର୍ଥାତ୍ ସେମାନଙ୍କର ପତନ ଅବଶ୍ୟମ୍ଭାବୀ ।

ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେର୍ଜ୍ଞାନବାନପି ।
ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି ॥ ୩୩ ॥

ଭୂତାନି = ସମସ୍ତ ପ୍ରାଣୀ
ପ୍ରକୃତିମ୍ = ପ୍ରକୃତିକୁ
ଯାନ୍ତି = ପ୍ରାପ୍ତ ହୁଅନ୍ତି ।
ଜ୍ଞାନବାନ୍ = ଜ୍ଞାନୀ ମହାପୁରୁଷ
ଅପି = ମଧ୍ୟ
ସ୍ୱସ୍ୟାଃ = ନିଜର
ପ୍ରକୃତେଃ = ପ୍ରକୃତି
ସଦୃଶମ୍ = ଅନୁସାରେ
ଚେଷ୍ଟତେ = କାର୍ଯ୍ୟ କରନ୍ତି,
ନିଗ୍ରହଃ = (ତେବେ ଏଥିରେ କାହାର) ହଠ
କିମ୍ = କ'ଣ
କରିଷ୍ୟତି = କାମ କରିବ?

ଇନ୍ଦ୍ରିୟସ୍ୟେନ୍ଦ୍ରିୟସ୍ୟାର୍ଥେ ରାଗଦ୍ୱେଷୌ ବ୍ୟବସ୍ଥିତୌ ।
ତୟୋର୍ନ ବଶମାଗଚ୍ଛେତ୍ତୌ ହ୍ୟସ୍ୟ ପରିପନ୍ଥିନୌ ॥ ୩୪ ॥

ଇନ୍ଦ୍ରିୟସ୍ୟ	= ଇନ୍ଦ୍ରିୟର	**ତୟୋଃ**	= (ମନୁଷ୍ୟ) ଏ ଦୁଇଟିର
ଇନ୍ଦ୍ରିୟସ୍ୟ, ଅର୍ଥେ	= ଇନ୍ଦ୍ରିୟ ଅର୍ଥରେ (ପ୍ରତ୍ୟେକ ଇନ୍ଦ୍ରିୟର ନିଜ ନିଜ ବିଷୟରେ)	**ବଶମ୍**	= ବଶୀଭୂତ
		ନ, ଆଗଚ୍ଛେତ୍	= ହେବା ଅନୁଚିତ;
ରାଗଦ୍ୱେଷୌ	= (ମନୁଷ୍ୟର) ରାଗ ଓ ଦ୍ୱେଷ	**ହି**	= କାରଣ
		ତୌ	= ଏ ଦୁଇଟି
ବ୍ୟବସ୍ଥିତୌ	= ବ୍ୟବସ୍ଥାନୁସାରେ (ଅନୁକୂଳ ଓ ପ୍ରତିକୂଳତାକୁ ନେଇ) ଅବସ୍ଥିତ ।	**ଅସ୍ୟ**	= ଏହାର (ପାରମାର୍ଥିକ ମାର୍ଗରେ)
		ପରିପନ୍ଥିନୌ	= ବିଘ୍ନକାରୀ ଶତ୍ରୁ ଅଟନ୍ତି ।

ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।
ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ॥ ୩୫ ॥

ସ୍ୱନୁଷ୍ଠିତାତ୍	= ଉତ୍ତମରୂପେ ଆଚରିତ	**ସ୍ୱଧର୍ମଃ**	= ସ୍ୱଧର୍ମ
		ଶ୍ରେୟାନ୍	= ଶ୍ରେଷ୍ଠ ।
ପରଧର୍ମାତ୍	= ପରଧର୍ମ ଅପେକ୍ଷା	**ସ୍ୱଧର୍ମେ**	= ସ୍ୱଧର୍ମରେ
ବିଗୁଣଃ	= ସ୍ୱଳ୍ପଗୁଣଯୁକ୍ତ	**ନିଧନମ୍**	= ନିଧନ

ଶ୍ରେୟଃ	=	କଲ୍ୟାଣକାରକ, (କିନ୍ତୁ)	ପରଧର୍ମଃ	=	ପରଧର୍ମ
			ଭୟାବହଃ	=	ଭୟାବହ ।

ଅର୍ଜୁନ ଉବାଚ

ଅଥ କେନ ପ୍ରଯୁକ୍ତୋଽୟଂ ପାପଂ ଚରତି ପୂରୁଷଃ ।
ଅନିଚ୍ଛନ୍ନପି ବାର୍ଷ୍ଣେୟ ବଲାଦିବ ନିୟୋଜିତଃ ॥ ୩୬ ॥

ଅର୍ଜୁନ କହିଲେ—

ବାର୍ଷ୍ଣେୟ	=	ହେ ବାର୍ଷ୍ଣେୟ!	ନିୟୋଜିତଃ, ଇବ	=	ନିୟୋଜିତ କଲାପରି
ଅଥ	=	ପୁଣି			
ଅୟମ୍	=	ଏହି	କେନ	=	କାହା ଦ୍ୱାରା
ପୂରୁଷଃ	=	ମନୁଷ୍ୟ	ପ୍ରଯୁକ୍ତଃ	=	ପ୍ରେରିତ ହୋଇ
ଅନିଚ୍ଛନ୍, ଅପି	=	ଅନିଚ୍ଛା ସତ୍ତ୍ୱେ	ପାପମ୍, ଚରତି	=	ପାପାଚରଣ କରେ?
ବଲାତ୍	=	ବଳପୂର୍ବକ			

ଶ୍ରୀଭଗବାନୁବାଚ

କାମ ଏଷ କ୍ରୋଧ ଏଷ ରଜୋଗୁଣସମୁଦ୍ଭବଃ ।
ମହାଶନୋ ମହାପାପ୍ମା ବିଦ୍ଧ୍ୟେନମିହ ବୈରିଣମ୍ ॥ ୩୭ ॥

ଶ୍ରୀଭଗବାନ କହିଲେ—

ରଜୋଗୁଣ-ସମୁଦ୍ଭବଃ	=	ରଜୋଗୁଣରୁ ଉଦ୍ଭବ	କାମଃ	=	କାମ ଅର୍ଥାତ୍ କାମନା (ହିଁ ପାପର କାରଣ) ।
ଏଷଃ	=	ଏହି	ଏଷଃ	=	ଏହି କାମନା

କ୍ରୋଧଃ	= କ୍ରୋଧରେ ପରିଣତ ହୋଇଯାଏ ।	ଇହ	= ଏ ବିଷୟରେ (ତୁମେ)
ମହାଶନଃ	= (ଏହା) ବହୁଗ୍ରାସୀ (ଓ)	ଏନମ୍	= ଏହାକୁ
		ବୈରିଣମ୍	= ଶତ୍ରୁ ବୋଲି
ମହାପାପ୍ମା	= ମହାପାପୀ ।	ବିଦ୍ଧି	= ଜାଣ ।

ଧୂମେନାବ୍ରିୟତେ ବହ୍ନିର୍ଯଥାଦର୍ଶୋ ମଲେନ ଚ ।
ଯଥୋଲ୍ବେନାବୃତୋ ଗର୍ଭସ୍ତଥା ତେନେଦମାବୃତମ୍ ॥ ୩୮ ॥

ଯଥା	= ଯେପରି	ଗର୍ଭଃ	= ଗର୍ଭ
ଧୂମେନ	= ଧୂଆଁ ଦ୍ୱାରା	ଆବୃତଃ	= ଆବୃତ ହୋଇଥାଏ,
ବହ୍ନିଃ	= ଅଗ୍ନି		
ଚ	= ଓ	ତଥା	= ସେହିପରି
ମଲେନ	= ମଳି ଦ୍ୱାରା	ତେନ	= ସେହି କାମନା ଦ୍ୱାରା
ଆଦର୍ଶଃ	= ଦର୍ପଣ		
ଆବ୍ରିୟତେ	= ଆବୃତ ହୋଇଯାଏ (ଏବଂ)	ଇଦମ୍	= ଏହି (ଜ୍ଞାନ ଅର୍ଥାତ୍ ବିବେକ)
ଯଥା	= ଯେପରି	ଆବୃତମ୍	= ଆବୃତ ହୋଇଛି ।
ଉଲ୍ବେନ	= ଜରାୟୁ ଦ୍ୱାରା		

ଆବୃତଂ ଜ୍ଞାନମେତେନ ଜ୍ଞାନିନୋ ନିତ୍ୟବୈରିଣା ।
କାମରୂପେଣ କୌନ୍ତେୟ ଦୁଷ୍ପୂରେଣାନଲେନ ଚ ॥ ୩୯ ॥

କୌନ୍ତେୟ	= ହେ କୁନ୍ତୀନନ୍ଦନ!	କାମରୂପେଣ	= କାମନାରୂପକ
ଏତେନ	= ଏହି	ନିତ୍ୟବୈରିଣା	= ନିତ୍ୟବୈରୀ ଦ୍ୱାରା
ଅନଲେନ	= ଅଗ୍ନି ସଦୃଶ		
ଦୁଷ୍ପୂରେଣ	= ଦୁଷ୍ପୂରଣୀୟ	ଜ୍ଞାନମ୍	= (ମନୁଷ୍ୟର) ଜ୍ଞାନ
ଚ	= ଏବଂ	ଆବୃତମ୍	= ଆଚ୍ଛାଦିତ ହୋଇଛି ।
ଜ୍ଞାନିନଃ	= ବିବେକୀମାନଙ୍କର		

ଇନ୍ଦ୍ରିୟାଣି ମନୋ ବୁଦ୍ଧିରସ୍ୟାଧିଷ୍ଠାନମୁଚ୍ୟତେ ।
ଏତୈର୍ବିମୋହୟତ୍ୟେଷ ଜ୍ଞାନମାବୃତ୍ୟ ଦେହିନମ୍ ॥ ୪୦ ॥

ଇନ୍ଦ୍ରିୟାଣି	= ଇନ୍ଦ୍ରିୟଗଣ,	ଏତୈଃ	= ଏମାନଙ୍କ ଦ୍ୱାରା (ଇନ୍ଦ୍ରିୟ, ମନ ଓ ବୁଦ୍ଧି ଦ୍ୱାରା)
ମନଃ	= ମନ (ଓ)		
ବୁଦ୍ଧିଃ	= ବୁଦ୍ଧି		
ଅସ୍ୟ	= ଏହି କାମନାର	ଜ୍ଞାନମ୍	= ଜ୍ଞାନକୁ
ଅଧିଷ୍ଠାନମ୍	= ବାସସ୍ଥାନ (ବୋଲି)	ଆବୃତ୍ୟ	= ଆଚ୍ଛାଦିତ କରି
		ଦେହିନମ୍	= ଦେହାଭିମାନୀ ମନୁଷ୍ୟକୁ
ଉଚ୍ୟତେ	= କୁହାଯାଇଛି ।		
ଏଷଃ	= ଏହି କାମନା	ବିମୋହୟତି	= ମୋହିତ କରିଦିଏ ।

ତସ୍ମାତ୍ତ୍ୱମିନ୍ଦ୍ରିୟାଣ୍ୟାଦୌ ନିୟମ୍ୟ ଭରତର୍ଷଭ ।
ପାପ୍ମାନଂ ପ୍ରଜହି ହ୍ୟେନଂ ଜ୍ଞାନବିଜ୍ଞାନନାଶନମ୍ ॥ ୪୧ ॥

ତସ୍ମାତ୍ = ତେଣୁ
ଭରତର୍ଷଭ = ହେ ଭରତଶ୍ରେଷ୍ଠ ଅର୍ଜୁନ!
ତ୍ୱମ୍ = ତୁମେ
ଆଦୌ = ସର୍ବପ୍ରଥମେ
ଇନ୍ଦ୍ରିୟାଣି = ଇନ୍ଦ୍ରିୟଗଣଙ୍କୁ
ନିୟମ୍ୟ = ବଶୀଭୂତ କରି
ଏନମ୍ = ଏହି
ଜ୍ଞାନବିଜ୍ଞାନ-ନାଶନମ୍ = ଜ୍ଞାନ ଓ ବିଜ୍ଞାନର ବିନାଶକାରୀ
ପାପ୍ମାନମ୍ = ମହାପାପୀ କାମକୁ
ହି = ଅବଶ୍ୟ
ପ୍ରଜହି = ବଳପୂର୍ବକ ବିନାଶ କର ।

ଇନ୍ଦ୍ରିୟାଣି ପରାଣ୍ୟାହୁରିନ୍ଦ୍ରିୟେଭ୍ୟଃ ପରଂ ମନଃ ।
ମନସସ୍ତୁ ପରା ବୁଦ୍ଧିର୍ଯୋ ବୁଦ୍ଧେଃ ପରତସ୍ତୁ ସଃ ॥ ୪୨ ॥
ଏବଂ ବୁଦ୍ଧେଃ ପରଂ ବୁଦ୍ଧ୍ୱା ସଂସ୍ତଭ୍ୟାତ୍ମାନମାତ୍ମନା ।
ଜହି ଶତ୍ରୁଂ ମହାବାହୋ କାମରୂପଂ ଦୁରାସଦମ୍ ॥ ୪୩ ॥

ଇନ୍ଦ୍ରିୟାଣି = ଇନ୍ଦ୍ରିୟମାନଙ୍କୁ (ସ୍ଥୂଳଶରୀର ଅପେକ୍ଷା)
ପରାଣି = ପର (ଶ୍ରେଷ୍ଠ, ସବଳ, ପ୍ରକାଶକ, ବ୍ୟାପକ ତଥା ସୂକ୍ଷ୍ମ)
ଆହୁଃ = କୁହାଯାଏ ।
ଇନ୍ଦ୍ରିୟେଭ୍ୟଃ = ଇନ୍ଦ୍ରିୟମାନଙ୍କ ଅପେକ୍ଷା
ମନଃ = ମନ ହେଉଛି
ପରମ୍ = ପର,
ମନସଃ = ମନ ଅପେକ୍ଷା
ତୁ = ମଧ୍ୟ
ବୁଦ୍ଧିଃ = ବୁଦ୍ଧି

ପରା	= ପର (ଏବଂ)	ବୁଦ୍ଧ୍ୱା	= ଜାଣି
ଯଃ	= ଯିଏ	ଆତ୍ମନା	= ନିଜ ଦ୍ୱାରା
ବୁଦ୍ଧେଃ	= ବୁଦ୍ଧି ଅପେକ୍ଷା	ଆତ୍ମାନମ୍	= ନିଜକୁ
ତୁ	= ମଧ୍ୟ	ସଂସ୍ତଭ୍ୟ	= ବଶୀଭୂତ କରି
ପରତଃ	= ପର	ମହାବାହୋ	= ହେ ମହାବାହୁ!
ସଃ	= ସେ ହେଉଛି କାମ।	କାମରୂପମ୍	= କାମରୂପକ
ଏବମ୍	= ଏହିପ୍ରକାରେ	ଦୁରାସଦମ୍	= ଦୁର୍ଜୟ
ବୁଦ୍ଧେଃ	= ବୁଦ୍ଧିରୁ	ଶତ୍ରୁମ୍	= ଶତ୍ରୁକୁ
ପରମ୍	= ପର(କାମ)କୁ	ଜହି	= ମାରିଦିଅ।

ଓଁ ତତ୍ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ କର୍ମଯୋଗୋ ନାମ ତୃତୀୟୋଽଧ୍ୟାୟଃ ॥ ୩ ॥

ଏହି ପ୍ରକାରେ 'ଓଁ, ତତ୍, ସତ୍'—ଏହି ଭଗବନ୍ନାମ ଉଚ୍ଚାରଣପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଦ୍‌ଭଗବଦ୍‌ଗୀତୋପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନସଂବାଦରେ 'କର୍ମଯୋଗ' ନାମକ ତୃତୀୟ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୩ ॥

***

॥ ଓଁ ଶ୍ରୀପରମାତ୍ମନେ ନମଃ ॥

ଅଥ ଚତୁର୍ଥୋଽଧ୍ୟାୟଃ

(ଚତୁର୍ଥ ଅଧ୍ୟାୟ)

ଶ୍ରୀଭଗବାନୁବାଚ

ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନହମବ୍ୟୟମ୍ ।
ବିବସ୍ୱାନ୍ ମନବେ ପ୍ରାହ ମନୁରିକ୍ଷ୍ୱାକବେଽବ୍ରବୀତ୍ ॥ ୧ ॥

ଶ୍ରୀଭଗବାନ କହିଲେ—

ଅହମ୍	=	ମୁଁ	**ବିବସ୍ୱାନ୍**	=	ସୂର୍ଯ୍ୟ (ତାଙ୍କ ପୁତ୍ର)
ଇମମ୍	=	ଏହି	**ମନବେ**	=	ମନୁଙ୍କୁ
ଅବ୍ୟୟମ୍	=	ଅବିନାଶୀ	**ପ୍ରାହ**	=	କହିଲେ (ଏବଂ)
ଯୋଗମ୍	=	ଯୋଗ (କର୍ମଯୋଗ)	**ମନୁଃ**	=	ମନୁ (ତାଙ୍କ ପୁତ୍ର)
ବିବସ୍ୱତେ	=	ସୂର୍ଯ୍ୟଙ୍କୁ	**ଇକ୍ଷ୍ୱାକବେ**	=	ରାଜା ଇକ୍ଷ୍ୱାକୁଙ୍କୁ
ପ୍ରୋକ୍ତବାନ୍	=	କହିଥିଲି ।	**ଅବ୍ରବୀତ୍**	=	କହିଲେ ।

ଏବଂ ପରମ୍ପରାପ୍ରାପ୍ତମିମଂ ରାଜର୍ଷୟୋ ବିଦୁଃ ।
ସ କାଳେନେହ ମହତା ଯୋଗୋ ନଷ୍ଟଃ ପରନ୍ତପ ॥ ୨ ॥

ପରନ୍ତପ	= ହେ ପରନ୍ତପ!	**ମହତା, କାଳେନ**	= ଦୀର୍ଘ ସମୟ ଅତିବାହିତ ହୋଇଯିବାରୁ
ଏବମ୍	= ଏହିପରି	**ସଃ**	= ସେହି
ପରମ୍ପରା-ପ୍ରାପ୍ତମ୍	= ପରମ୍ପରାକ୍ରମେ ପ୍ରାପ୍ତ	**ଯୋଗଃ**	= ଯୋଗ
ଇମମ୍	= ଏହି କର୍ମଯୋଗକୁ	**ଇହ**	= ଏହି ମନୁଷ୍ୟଲୋକରେ
ରାଜର୍ଷୟଃ	= ରାଜର୍ଷିମାନେ	**ନଷ୍ଟଃ**	= ଲୁପ୍ତପ୍ରାୟ ହୋଇଗଲା ।
ବିଦୁଃ	= ଜାଣିଲେ । (କିନ୍ତୁ)		

ସ ଏବାୟଂ ମୟା ତେଽଦ୍ୟ ଯୋଗଃ ପ୍ରୋକ୍ତଃ ପୁରାତନଃ ।
ଭକ୍ତୋଽସି ମେ ସଖା ଚେତି ରହସ୍ୟଂ ହ୍ୟେତଦୁତ୍ତମମ୍ ॥ ୩ ॥

ମେ	= (ତୁମେ) ମୋର	**ଇତି**	= ତେଣୁ
ଭକ୍ତଃ	= ଭକ୍ତ	**ସଃ, ଏବ**	= ସେହି
ଚ	= ଏବଂ	**ଅୟମ୍**	= ଏ
ସଖା, ଅସି	= ପ୍ରିୟ ସଖା,	**ପୁରାତନଃ**	= ପୁରାତନ
		ଯୋଗଃ	= ଯୋଗ

ଅଦ୍ୟ	= ଆଜି	ହି	= କାରଣ
ମୟା	= ମୋ ଦ୍ୱାରା	ଏତତ୍	= ଏହା
ତେ	= ତୁମକୁ	ଉତ୍ତମମ୍	= ଅତି ଉତ୍ତମ
ପ୍ରୋକ୍ତଃ	= କୁହାଗଲା;	ରହସ୍ୟମ୍	= ରହସ୍ୟ ।

ଅର୍ଜୁନ ଉବାଚ

ଅପରଂ ଭବତୋ ଜନ୍ମ ପରଂ ଜନ୍ମ ବିବସ୍ୱତଃ ।
କଥମେତଦ୍‌ବିଜାନୀୟାଂ ତ୍ୱମାଦୌ ପ୍ରୋକ୍ତବାନିତି ॥ ୪ ॥

ଅର୍ଜୁନ କହିଲେ—

ଭବତଃ	= ଆପଣଙ୍କ	ତ୍ୱମ୍	= ଆପଣ ହିଁ
ଜନ୍ମ	= ଜନ୍ମ (ତ)	ଆଦୌ	= ସୃଷ୍ଟି ଆରମ୍ଭରେ (ସୂର୍ଯ୍ୟଙ୍କୁ)
ଅପରମ୍	= ଏବେ ହୋଇଛି (ଏବଂ)	ଏତତ୍	= ଏହି ଯୋଗ ବିଷୟରେ
ବିବସ୍ୱତଃ	= ସୂର୍ଯ୍ୟଙ୍କ	ପ୍ରୋକ୍ତବାନ୍	= କହିଥିଲେ
ଜନ୍ମ	= ଜନ୍ମ	ଇତି	= ବୋଲି (ମୁଁ)
ପରମ୍	= ବହୁତ ପୂର୍ବରୁ ହୋଇଛି, (ତେଣୁ)	କଥମ୍	= କିପରି
		ବିଜାନୀୟାମ୍	= ଜାଣିବି?

ଶ୍ରୀଭଗବାନୁବାଚ

ବହୂନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ ।
ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରନ୍ତପ ॥ ୫ ॥

ଶ୍ରୀଭଗବାନ କହିଲେ—

ପରନ୍ତପ, ଅର୍ଜୁନ	= ହେ ପରନ୍ତପ ଅର୍ଜୁନ!	**ବ୍ୟତୀତାନି**	= ବିତିଗଲାଣି ।
ତବ	= ତୁମର	**ତାନି, ସର୍ବାଣି**	= ସେ ସବୁକୁ
ଚ	= ଓ	**ଅହମ୍**	= ମୁଁ
ମେ	= ମୋର	**ବେଦ**	= ଜାଣେ, (କିନ୍ତୁ)
ବହୂନି	= ଅନେକ	**ତ୍ୱମ୍**	= ତୁମେ
ଜନ୍ମାନି	= ଜନ୍ମ	**ନ, ବେତ୍ଥ**	= ଜାଣ ନାହିଁ ।

ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍ ।
ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା ॥ ୬ ॥

ଅଜଃ	= (ମୁଁ) ଅଜ (ଓ)	**ଭୂତାନାମ୍**	= ପ୍ରାଣୀମାନଙ୍କର
ଅବ୍ୟୟାତ୍ମା	= ଅବିନାଶୀସ୍ୱରୂପ	**ଈଶ୍ୱରଃ**	= ଈଶ୍ୱର
ସନ୍, ଅପି	= ହୋଇଥିଲେ ମଧ୍ୟ (ତଥା)	**ସନ୍, ଅପି**	= ହୋଇଥିଲେ ମଧ୍ୟ
		ସ୍ୱାମ୍	= ନିଜ

ପ୍ରକୃତିମ୍ = ପ୍ରକୃତିକୁ
ଅଧିଷ୍ଠାୟ = ଅଧୀନ କରି
ଆତ୍ମମାୟୟା = ନିଜର ଯୋଗ-ମାୟାବଳରେ
ସମ୍ଭବାମି = ପ୍ରକଟ ହୁଏ।

ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥ ୭ ॥

ଭାରତ = ହେ ଭରତବଂଶଜ ଅର୍ଜୁନ!
ଯଦା, ଯଦା = ଯେଉଁ ଯେଉଁ ସମୟରେ
ଧର୍ମସ୍ୟ = ଧର୍ମର
ଗ୍ଲାନିଃ = ହାନି (ଓ)
ଅଧର୍ମସ୍ୟ = ଅଧର୍ମର
ଅଭ୍ୟୁତ୍ଥାନମ୍ = ବୃଦ୍ଧି
ଭବତି = ହୁଏ,
ତଦା = ସେତେବେଳେ
ହି = ହିଁ
ଅହମ୍ = ମୁଁ
ଆତ୍ମାନମ୍ = ନିଜକୁ
ସୃଜାମି = (ସାକାରରୂପରେ) ପ୍ରକଟ କରେ।

ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥ ୮ ॥

ସାଧୂନାମ୍ = ସାଧୁ(ଭକ୍ତ) ଜନଙ୍କୁ
ପରିତ୍ରାଣାୟ = ରକ୍ଷା କରିବା ନିମିତ୍ତ,
ଦୁଷ୍କୃତାମ୍ = ପାପାଚାରୀମାନଙ୍କୁ
ବିନାଶାୟ = ବିନାଶ କରିବା ନିମିତ୍ତ

ଚ = ଏବଂ
ଧର୍ମ-ସଂସ୍ଥାପନାର୍ଥାୟ = ଉତ୍ତମରୂପେ ଧର୍ମସ୍ଥାପନା କରିବା ନିମିତ୍ତ (ମୁଁ)
ଯୁଗେ, ଯୁଗେ = ଯୁଗେ ଯୁଗେ
ସମ୍ଭବାମି = ପ୍ରକଟ ହେଉଥାଏ ।

ଜନ୍ମ କର୍ମ ଚ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ ।
ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ ନୈତି ମାମେତି ସୋଽର୍ଜୁନ ॥ ୯ ॥

ଅର୍ଜୁନ = ହେ ଅର୍ଜୁନ!
ମେ = ମୋର
ଜନ୍ମ = ଜନ୍ମ
ଚ = ଓ
କର୍ମ = କର୍ମ
ଦିବ୍ୟମ୍ = ଦିବ୍ୟ ।
ଯଃ = ଯେଉଁ ମନୁଷ୍ୟ
ତତ୍ତ୍ୱତଃ = ତତ୍ତ୍ୱତଃ
ଏବମ୍ = ଏ କଥା (ମୋର ଜନ୍ମ ଓ କର୍ମକୁ)
ବେତ୍ତି = ଜାଣିଯାଏ ଅର୍ଥାତ୍ ଦୃଢ଼ଭାବେ ସ୍ୱୀକାର କରେ,
ସଃ = ସେ
ଦେହମ୍ = ଦେହ
ତ୍ୟକ୍ତ୍ୱା = ତ୍ୟାଗ କରି
ପୁନଃ, ଜନ୍ମ = ପୁନର୍ଜନ୍ମ
ନ, ଏତି = ପ୍ରାପ୍ତ ହୁଏ ନାହିଁ, (ବରଂ)
ମାମ୍ = ମୋତେ
ଏତି = ପ୍ରାପ୍ତ ହୁଏ ।

ବୀତରାଗଭୟକ୍ରୋଧା ମନ୍ମୟା ମାମୁପାଶ୍ରିତାଃ ।
ବହବୋ ଜ୍ଞାନତପସା ପୂତା ମଦ୍ଭାବମାଗତାଃ ॥ ୧୦ ॥

ବୀତରାଗ-ଭୟକ୍ରୋଧାଃ = ରାଗ (ଆସକ୍ତି), ଭୟ ଓ କ୍ରୋଧରୁ ସର୍ବଥା ରହିତ,

ମନ୍ମୟାଃ = ମୋ'ଠାରେ ତଲ୍ଲୀନଚିତ୍ତ,

ମାମ୍ = ମୋର

ଉପାଶ୍ରିତାଃ = ଆଶ୍ରିତ (ତଥା)

ଜ୍ଞାନତପସା = ଜ୍ଞାନରୂପକ ତପଦ୍ୱାରା

ପୂତାଃ = ପବିତ୍ର ହୋଇଥିବା

ବହବଃ = ଅନେକ (ଭକ୍ତ)

ମଦ୍ଭାବମ୍ = ମୋର ସ୍ୱରୂପକୁ

ଆଗତାଃ = ପ୍ରାପ୍ତ ହୋଇଛନ୍ତି ।

ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ॥ ୧୧ ॥

ପାର୍ଥ = ହେ ପୃଥାନନ୍ଦନ!

ଯେ = ଯେଉଁ ଭକ୍ତମାନେ

ଯଥା = ଯେପରି

ମାମ୍ = ମୋର

ପ୍ରପଦ୍ୟନ୍ତେ = ଶରଣାପନ୍ନ ହୁଅନ୍ତି,

ଅହମ୍ = ମୁଁ

ତାନ୍ = ସେମାନଙ୍କୁ

ତଥା, ଏବ = ସେହିପରି

ଭଜାମି = ଆଶ୍ରୟ ଦିଏ; (କାରଣ)

ମନୁଷ୍ୟାଃ = ସମସ୍ତ ମନୁଷ୍ୟ

ସର୍ବଶଃ = ସର୍ବଭାବରେ

ମମ = ମୋର

ବର୍ତ୍ମ = ମାର୍ଗ

ଅନୁବର୍ତ୍ତନ୍ତେ = ଅନୁସରଣ କରନ୍ତି ।

କାଙ୍‌କ୍ଷନ୍ତଃ କର୍ମଣାଂ ସିଦ୍ଧିଂ ଯଜନ୍ତ ଇହ ଦେବତାଃ ।
କ୍ଷିପ୍ରଂ ହି ମାନୁଷେ ଲୋକେ ସିଦ୍ଧିର୍ଭବତି କର୍ମଜା ॥ ୧୨ ॥

କର୍ମଣାମ୍	= କର୍ମମାନଙ୍କର	ଇହ	= ଏହି
ସିଦ୍ଧିମ୍	= ସିଦ୍ଧି (ଫଳ)	ମାନୁଷେ, ଲୋକେ	= ମନୁଷ୍ୟ-ଲୋକରେ
କାଙ୍‌କ୍ଷନ୍ତଃ	= ଇଚ୍ଛା କରୁଥିବା (ମନୁଷ୍ୟ)	କର୍ମଜା	= କର୍ମଜନିତ
ଦେବତାଃ	= ଦେବଗଣଙ୍କର	ସିଦ୍ଧିଃ	= ସିଦ୍ଧି
ଯଜନ୍ତେ	= ଉପାସନା କରନ୍ତି;	କ୍ଷିପ୍ରମ୍	= ଶୀଘ୍ର
ହି	= କାରଣ	ଭବତି	= ପ୍ରାପ୍ତ ହୁଏ ।

ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ ।
ତସ୍ୟ କର୍ତ୍ତାରମପି ମାଂ ବିଦ୍ଧ୍ୟକର୍ତ୍ତାରମବ୍ୟୟମ୍ ॥ ୧୩ ॥
ନ ମାଂ କର୍ମାଣି ଲିମ୍ପନ୍ତି ନ ମେ କର୍ମଫଳେ ସ୍ପୃହା ।
ଇତି ମାଂ ଯୋଽଭିଜାନାତି କର୍ମଭିର୍ନ ସ ବଧ୍ୟତେ ॥ ୧୪ ॥

ମୟା	= ମୋ ଦ୍ୱାରା	ତସ୍ୟ	= ତାହାର (ସୃଷ୍ଟିରଚନା ଆଦିର)
ଗୁଣକର୍ମ-ବିଭାଗଶଃ	= ଗୁଣ ଓ କର୍ମର ବିଭାଗପୂର୍ବକ		
ଚାତୁର୍ବର୍ଣ୍ଣ୍ୟମ୍	= ଚାରିବର୍ଣ୍ଣ	କର୍ତ୍ତାରମ୍, ଅପି	= କର୍ତ୍ତା ହୋଇଥିଲେ ମଧ୍ୟ
ସୃଷ୍ଟମ୍	= ରଚନା କରାଯାଇଛି ।		

ଅବ୍ୟୟମ୍, ମାମ୍	= ଅବ୍ୟୟ ପରମେଶ୍ୱର ମୋତେ (ତୁମେ)	ନ, ଲିମ୍ପନ୍ତି	= ଲିପ୍ତ କରିପାରନ୍ତି ନାହିଁ।
ଅକର୍ତ୍ତାରମ୍	= ଅକର୍ତ୍ତା	ଇତି	= ଏହିଭଳି
ବିଦ୍ଧି	= ଜାଣ। (କାରଣ)	ଯଃ	= ଯିଏ
କର୍ମଫଳେ	= କର୍ମଫଳରେ	ମାମ୍	= ମୋତେ
ମେ	= ମୋର	ଅଭିଜାନାତି	= ତତ୍ତ୍ୱତଃ ଜାଣିପାଏ,
ସ୍ପୃହା, ନ	= ସ୍ପୃହା ନାହିଁ, (ତେଣୁ)	ସଃ	= ସେ (ମଧ୍ୟ)
ମାମ୍	= ମୋତେ	କର୍ମଭିଃ	= କର୍ମମାନଙ୍କରେ
କର୍ମାଣି	= କର୍ମଗୁଡ଼ିକ	ନ, ବଧ୍ୟତେ	= ବାନ୍ଧି ହୁଏ ନାହିଁ।

ଏବଂ ଜ୍ଞାତ୍ୱା କୃତଂ କର୍ମ ପୂର୍ବୈରପି ମୁମୁକ୍ଷୁଭିଃ।
କୁରୁ କର୍ମୈବ ତସ୍ମାତ୍ତ୍ୱଂ ପୂର୍ବୈଃ ପୂର୍ବତରଂ କୃତମ୍ ॥ ୧୫ ॥

ପୂର୍ବୈଃ	= ପୂର୍ବକାଳରେ	ତ୍ୱମ୍	= ତୁମେ (ମଧ୍ୟ)
ମୁମୁକ୍ଷୁଭିଃ	= ମୁମୁକ୍ଷୁମାନେ	ପୂର୍ବୈଃ	= ପୂର୍ବଜଙ୍କ ଦ୍ୱାରା
ଅପି	= ମଧ୍ୟ	ପୂର୍ବତରମ୍	= ବହୁ ପୂର୍ବରୁ
ଏବମ୍	= ଏପରି	କୃତମ୍	= କରାଯାଇଥିବା
ଜ୍ଞାତ୍ୱା	= ଜାଣି	କର୍ମ	= କର୍ମଗୁଡ଼ିକୁ
କର୍ମ	= କର୍ମ	ଏବ	= ହିଁ (ସେମାନଙ୍କ ପରି)
କୃତମ୍	= କରିଯାଇଛନ୍ତି;		
ତସ୍ମାତ୍	= ତେଣୁ	କୁରୁ	= କର।

କିଂ କର୍ମ କିମକର୍ମେତି କବୟୋଽପ୍ୟତ୍ର ମୋହିତାଃ ।
ତତେ କର୍ମ ପ୍ରବକ୍ଷ୍ୟାମି ଯଜ୍‌ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍ ॥ ୧୬ ॥

କର୍ମ	= କର୍ମ
କିମ୍	= କ'ଣ (ଏବଂ)
ଅକର୍ମ	= ଅକର୍ମ
କିମ୍	= କ'ଣ—
ଇତି	= ଏଭଳି
ଅତ୍ର	= ଏ ବିଷୟରେ
କବୟଃ	= ବିଦ୍ୱାନ୍
ଅପି	= ମଧ୍ୟ
ମୋହିତାଃ	= ମୋହିତ ହୋଇଯାଆନ୍ତି । (ତେଣୁ)
ତତ୍	= ସେହି
କର୍ମ	= କର୍ମତତ୍ତ୍ୱ (ମୁଁ)
ତେ	= ତୁମକୁ
ପ୍ରବକ୍ଷ୍ୟାମି	= ସମ୍ୟକ୍‌ଭାବେ କହିବି,
ଯତ୍	= ଯାହା
ଜ୍ଞାତ୍ୱା	= ଜାଣିଲେ (ତୁମେ)
ଅଶୁଭାତ୍	= ଅଶୁଭ (ସଂସାରବନ୍ଧନ)ରୁ
ମୋକ୍ଷ୍ୟସେ	= ମୁକ୍ତ ହୋଇଯିବ ।

କର୍ମଣୋ ହ୍ୟପି ବୋଦ୍ଧବ୍ୟଂ ବୋଦ୍ଧବ୍ୟଂ ଚ ବିକର୍ମଣଃ ।
ଅକର୍ମଣଶ୍ଚ ବୋଦ୍ଧବ୍ୟଂ ଗହନା କର୍ମଣୋ ଗତିଃ ॥ ୧୭ ॥

କର୍ମଣଃ	= କର୍ମର (ତତ୍ତ୍ୱ)
ଅପି	= ମଧ୍ୟ
ବୋଦ୍ଧବ୍ୟମ୍	= ଜାଣିବା ଉଚିତ
ଚ	= ଏବଂ
ଅକର୍ମଣଃ	= ଅକର୍ମର (ତତ୍ତ୍ୱ ମଧ୍ୟ)
ବୋଦ୍ଧବ୍ୟମ୍	= ଜାଣିବା ଉଚିତ
ଚ	= ତଥା

ବିକର୍ମଣଃ	= ବିକର୍ମର (ତତ୍ତ୍ୱ ମଧ୍ୟ)	କର୍ମଣଃ	= କର୍ମର
		ଗତିଃ	= ଗତି (ତତ୍ତ୍ୱ)
ବୋଦ୍ଧବ୍ୟମ୍	= ଜାଣିବା ଉଚିତ;	ଗହନା	= ଅତି ଗହନ ଅର୍ଥାତ୍ ବୁଝିବା ଦୁଷ୍କର ।
ହି	= କାରଣ		

କର୍ମଣ୍ୟକର୍ମ ଯଃ ପଶ୍ୟେଦକର୍ମଣି ଚ କର୍ମ ଯଃ ।
ସ ବୁଦ୍ଧିମାନ୍ମନୁଷ୍ୟେଷୁ ସ ଯୁକ୍ତଃ କୃତ୍ସ୍ନକର୍ମକୃତ୍ ॥ ୧୮ ॥

ଯଃ	= ଯେଉଁ ମନୁଷ୍ୟ	ମନୁଷ୍ୟେଷୁ	= ମନୁଷ୍ୟମାନଙ୍କ ମଧ୍ୟରେ
କର୍ମଣି	= କର୍ମରେ		
ଅକର୍ମ	= ଅକର୍ମ	ସଃ	= ସେ
ପଶ୍ୟେତ୍	= ଦେଖେ	ବୁଦ୍ଧିମାନ୍	= ବୁଦ୍ଧିମାନ୍,
ଚ	= ଏବଂ	ସଃ	= ସେ
ଯଃ	= ଯିଏ	ଯୁକ୍ତଃ	= ଯୋଗୀ (ଓ)
ଅକର୍ମଣି	= ଅକର୍ମରେ	କୃତ୍ସ୍ନକର୍ମକୃତ୍	= ସର୍ବକର୍ମକାରୀ (କୃତକୃତ୍ୟ) ।
କର୍ମ	= କର୍ମ (ଦେଖେ),		

ଯସ୍ୟ ସର୍ବେ ସମାରମ୍ଭାଃ କାମସଙ୍କଳ୍ପବର୍ଜିତାଃ ।
ଜ୍ଞାନାଗ୍ନିଦଗ୍ଧକର୍ମାଣଂ ତମାହୁଃ ପଣ୍ଡିତଂ ବୁଧାଃ ॥ ୧୯ ॥

ଯସ୍ୟ	= ଯାହାର	ସମାରମ୍ଭାଃ	= କର୍ମର ଆରମ୍ଭ
ସର୍ବେ	= ସମସ୍ତ		

କାମସଂକଳ୍ପ-ବର୍ଜିତାଃ	= ସଂକଳ୍ପ ଓ କାମନାରୁ ମୁକ୍ତ (ତଥା)	ତମ୍	= ତାକୁ
		ବୁଧାଃ	= ଜ୍ଞାନୀଜନ (ମଧ୍ୟ)
ଜ୍ଞାନାଗ୍ନିଦଗ୍ଧ-କର୍ମାଣମ୍	= ଯାହାର ସମସ୍ତ କର୍ମ ଜ୍ଞାନରୂପକ ଅଗ୍ନିରେ ଭସ୍ମ ହୋଇସାରିଛି,	ପଣ୍ଡିତମ୍	= ପଣ୍ଡିତ (ବୁଦ୍ଧିମାନ୍)
		ଆହୁଃ	= କହନ୍ତି ।

ତ୍ୟକ୍ତ୍ୱା କର୍ମଫଳାସଙ୍ଗଂ ନିତ୍ୟତୃପ୍ତୋ ନିରାଶ୍ରୟଃ ।
କର୍ମଣ୍ୟଭିପ୍ରବୃତ୍ତୋଽପି ନୈବ କିଞ୍ଚିତ୍‌କରୋତି ସଃ ॥ ୨୦ ॥

କର୍ମ-ଫଳାସଙ୍ଗମ୍	= (ଯେ) କର୍ମର ଓ ଫଳର ଆସକ୍ତି	କର୍ମଣି	= କର୍ମଗୁଡ଼ିକରେ
ତ୍ୟକ୍ତ୍ୱା	= ପରିତ୍ୟାଗ କରି	ଅଭିପ୍ରବୃତ୍ତଃ	= ଉତ୍ତମରୂପେ ପ୍ରବୃତ୍ତ ହୋଇଥିଲେ
ନିରାଶ୍ରୟଃ	= ଆଶ୍ରୟରହିତ (ଓ)	ଅପି	= ମଧ୍ୟ (ବସ୍ତୁତଃ)
ନିତ୍ୟତୃପ୍ତଃ	= ସଦାତୃପ୍ତ,	କିଞ୍ଚିତ୍, ଏବ	= କିଛି ହେଲେ
ସଃ	= ସେ	ନ, କରୋତି	= କରେ ନାହିଁ ।

ନିରାଶୀର୍ଯତଚିତ୍ତାତ୍ମା ତ୍ୟକ୍ତସର୍ବପରିଗ୍ରହଃ ।
ଶାରୀରଂ କେବଳଂ କର୍ମ କୁର୍ବନ୍ନାପ୍ନୋତି କିଲ୍‌ବିଷମ୍ ॥ ୨୧ ॥

ଯତଚିତ୍ତାତ୍ମା	= ଯାହାଙ୍କର ଶରୀର ଓ ଅନ୍ତଃକରଣ ଉତ୍ତମରୂପେ ବଶୀଭୂତ,	ନିରାଶୀଃ	= ଇଚ୍ଛାରହିତ (କର୍ମଯୋଗୀ)
		କେବଳମ୍	= କେବଳ
		ଶାରୀରମ୍	= ଶରୀରସମ୍ବନ୍ଧୀୟ
ତ୍ୟକ୍ତ-ସର୍ବପରିଗ୍ରହଃ	= ଯେ ସମସ୍ତ ସଂଗ୍ରହ ପରିତ୍ୟାଗ କରିଦେଇଛନ୍ତି, (ସେପରି)	କର୍ମ, କୁର୍ବନ୍	= କର୍ମ କରୁଥିଲେ (ମଧ୍ୟ)
		କିଲ୍ବିଷମ୍, ନ, ଆପ୍ନୋତି	= ପାପଭାଗୀ ହୁଅନ୍ତି ନାହିଁ ।

ଯଦୃଚ୍ଛାଲାଭସନ୍ତୁଷ୍ଟୋ ଦ୍ୱନ୍ଦ୍ୱାତୀତୋ ବିମତ୍ସରଃ ।
ସମଃ ସିଦ୍ଧାବସିଦ୍ଧୌ ଚ କୃତ୍ୱାପି ନ ନିବଧ୍ୟତେ ॥ ୨୨ ॥

(ଯେଉଁ କର୍ମଯୋଗୀ ଫଳେଚ୍ଛା ବିନା)—

ଯଦୃଚ୍ଛାଲାଭ-ସନ୍ତୁଷ୍ଟଃ	= ଆପେ ଆପେ ଯାହାକିଛି ମିଳିଯାଏ ସେଥିରେ ସନ୍ତୁଷ୍ଟ ରହେ (ଏବଂ)	ଚ	= ଓ
		ଅସିଦ୍ଧୌ	= ଅସିଦ୍ଧିରେ
		ସମଃ	= ସମଭାବସମ୍ପନ୍ନ, (ସେ)
ବିମତ୍ସରଃ	= (ଯିଏ) ଈର୍ଷ୍ୟାରହିତ,	କୃତ୍ୱା	= (କର୍ମ) କରୁଥିଲେ
ଦ୍ୱନ୍ଦ୍ୱାତୀତଃ	= ଦ୍ୱନ୍ଦ୍ୱରହିତ (ତଥା)	ଅପି	= ମଧ୍ୟ (ତହିଁରେ)
ସିଦ୍ଧୌ	= ସିଦ୍ଧି	ନ, ନିବଧ୍ୟତେ	= ବାନ୍ଧି ହୁଏ ନାହିଁ ।

ଗତସଙ୍ଗସ୍ୟ ମୁକ୍ତସ୍ୟ ଜ୍ଞାନାବସ୍ଥିତଚେତସଃ ।
ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ ॥ ୨୩ ॥

ଗତସଙ୍ଗସ୍ୟ	= ଯାହାଙ୍କର ଆସକ୍ତି ସର୍ବଥା ନଷ୍ଟ ହୋଇଯାଇଛି,	**ଯଜ୍ଞାୟ**	= (କେବଳ) ଯଜ୍ଞ ଉଦ୍ଦେଶ୍ୟରେ
ମୁକ୍ତସ୍ୟ	= ଯେ ମୁକ୍ତ ହୋଇସାରିଛନ୍ତି,	**ଆଚରତଃ**	= କର୍ମରତ (ଏପରି) ମନୁଷ୍ୟଙ୍କର
ଜ୍ଞାନାବସ୍ଥିତ-ଚେତସଃ	= ଯାହାଙ୍କର ବୁଦ୍ଧି ସ୍ୱରୂପର ଜ୍ଞାନରେ ଅବସ୍ଥିତ,	**ସମଗ୍ରମ୍**	= ସମସ୍ତ
		କର୍ମ	= କର୍ମ
		ପ୍ରବିଲୀୟତେ	= ବିଲୀନ ହୋଇଯାଏ ।

ବ୍ରହ୍ମାର୍ପଣଂ ବ୍ରହ୍ମ ହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍ ।
ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା ॥ ୨୪ ॥

ଯେଉଁ ଯଜ୍ଞରେ—

ଅର୍ପଣମ୍	= ଅର୍ପଣ ଅର୍ଥାତ୍ ସ୍ରୁକ୍, ସ୍ରୁବାଦି ଅର୍ପଣପାତ୍ର (ମଧ୍ୟ)		(ତିଳ, ଜବ, ଘିଅ ଇତ୍ୟାଦି) (ମଧ୍ୟ)
		ବ୍ରହ୍ମ	= ବ୍ରହ୍ମ (ଏବଂ)
ବ୍ରହ୍ମ	= ବ୍ରହ୍ମ,	**ବ୍ରହ୍ମଣା**	= ବ୍ରହ୍ମସ୍ୱରୂପ କର୍ତ୍ତାଙ୍କ ଦ୍ୱାରା
ହବିଃ	= ହବ୍ୟ ପଦାର୍ଥ	**ବ୍ରହ୍ମାଗ୍ନୌ**	= ବ୍ରହ୍ମରୂପକ ଅଗ୍ନିରେ

ହୁତମ୍ = ଆହୁତି ପ୍ରଦାନରୂପକ କ୍ରିୟା (ମଧ୍ୟ ବ୍ରହ୍ମ),
ବ୍ରହ୍ମକର୍ମ-ସମାଧିନା = (ଏପରି ଯଜ୍ଞାନୁଷ୍ଠାନରତ) ଯେଉଁ ମନୁଷ୍ୟଙ୍କର ବ୍ରହ୍ମରେ ହିଁ କର୍ମ-ସମାଧି ହୋଇଛି,
ତେନ = ତାଙ୍କ ଦ୍ୱାରା
ଗନ୍ତବ୍ୟମ୍ = ପ୍ରାପ୍ତବ୍ୟ (ଫଳ ମଧ୍ୟ)
ବ୍ରହ୍ମ, ଏବ = ବ୍ରହ୍ମ ।

ଦୈବମେବାପରେ ଯଜ୍ଞଂ ଯୋଗିନଃ ପର୍ଯ୍ୟୁପାସତେ ।
ବ୍ରହ୍ମାଗ୍ନାବପରେ ଯଜ୍ଞଂ ଯଜ୍ଞେନୈବୋପଜୁହ୍ୱତି ॥ ୨୫ ॥

ଅପରେ = ଅନ୍ୟ
ଯୋଗିନଃ = ଯୋଗୀଜନ
ଦୈବମ୍ = ଦୈବ (ଭଗବଦର୍ପଣ-ରୂପକ)
ଯଜ୍ଞମ୍ = ଯଜ୍ଞ
ଏବ = ହିଁ
ପର୍ଯ୍ୟୁପାସତେ = ଅନୁଷ୍ଠାନ କରନ୍ତି (ଏବଂ)
ଅପରେ = ଆଉ କେତେକ
ବ୍ରହ୍ମାଗ୍ନୌ = ବ୍ରହ୍ମରୂପକ ଅଗ୍ନିରେ
ଯଜ୍ଞେନ = (ବିଗ୍ରହରୂପକ) ଯଜ୍ଞ ଦ୍ୱାରା
ଏବ = ହିଁ
ଯଜ୍ଞମ୍ = (ଜୀବାତ୍ମାରୂପକ) ଯଜ୍ଞର
ଉପଜୁହ୍ୱତି = ଆହୁତି ଦିଅନ୍ତି ।

ଶ୍ରୋତ୍ରାଦୀନୀନ୍ଦ୍ରିୟାଣ୍ୟନ୍ୟେ ସଂଯମାଗ୍ନିଷୁ ଜୁହ୍ୱତି ।
ଶବ୍ଦାଦୀନ୍ ବିଷୟାନନ୍ୟ ଇନ୍ଦ୍ରିୟାଗ୍ନିଷୁ ଜୁହ୍ୱତି ॥ ୨୬ ॥

ଅନ୍ୟେ	= ଅନ୍ୟ (କେତେକ ଯୋଗୀ)	ଅନ୍ୟେ	= ଆଉ କେତେକ
ଶ୍ରୋତ୍ରାଦୀନି	= ଶ୍ରୋତ୍ରାଦି	ଶବ୍ଦାଦୀନ୍	= ଶବ୍ଦାଦି
ଇନ୍ଦ୍ରିୟାଣି	= ସମସ୍ତ ଇନ୍ଦ୍ରିୟଙ୍କୁ	ବିଷୟାନ୍	= ବିଷୟଗୁଡ଼ିକୁ
ସଂଯମାଗ୍ନିଷୁ	= ସଂଯମରୂପକ ଅଗ୍ନିରେ	ଇନ୍ଦ୍ରିୟାଗ୍ନିଷୁ	= ଇନ୍ଦ୍ରିୟରୂପକ ଅଗ୍ନିରେ
ଜୁହ୍ୱତି	= ଆହୁତି ଦିଅନ୍ତି (ଏବଂ)	ଜୁହ୍ୱତି	= ଆହୁତି ଦିଅନ୍ତି ।

ସର୍ବାଣୀନ୍ଦ୍ରିୟକର୍ମାଣି ପ୍ରାଣକର୍ମାଣି ଚାପରେ ।
ଆତ୍ମସଂଯମଯୋଗାଗ୍ନୌ ଜୁହ୍ୱତି ଜ୍ଞାନଦୀପିତେ ॥ ୨୭ ॥

ଅପରେ	= ଅନ୍ୟ (କେତେକ ଯୋଗୀ)	ଜ୍ଞାନଦୀପିତେ	= ଜ୍ଞାନରୁ ପ୍ରକାଶିତ
ସର୍ବାଣି, ଇନ୍ଦ୍ରିୟକର୍ମାଣି	= ଇନ୍ଦ୍ରିୟମାନଙ୍କର କ୍ରିୟାଗୁଡ଼ିକୁ	ଆତ୍ମସଂଯମ-ଯୋଗାଗ୍ନୌ	= ଆତ୍ମସଂଯମଯୋଗ (ସମାଧିଯୋଗ) ରୂପକ ଅଗ୍ନିରେ
ଚ	= ଓ	ଜୁହ୍ୱତି	= ଆହୁତି ପ୍ରଦାନ କରନ୍ତି ।
ପ୍ରାଣକର୍ମାଣି	= ପ୍ରାଣମାନଙ୍କର କ୍ରିୟାଗୁଡ଼ିକୁ		

ଦ୍ରବ୍ୟଯଜ୍ଞାସ୍ତପୋଯଜ୍ଞା ଯୋଗଯଜ୍ଞାସ୍ତଥାପରେ ।
ସ୍ୱାଧ୍ୟାୟଜ୍ଞାନଯଜ୍ଞାଶ୍ଚ ଯତୟଃ ସଂଶିତବ୍ରତାଃ ॥ ୨୮ ॥

ଅପରେ	= କେତେକ
ସଂଶିତବ୍ରତାଃ	= ତୀକ୍ଷ୍ଣବ୍ରତ ଆଚରଣ କରୁଥିବା
ଯତୟଃ	= ପ୍ରଯତ୍ନଶୀଳ ସାଧକ
ଦ୍ରବ୍ୟଯଜ୍ଞାଃ	= ଦ୍ରବ୍ୟମୟ ଯଜ୍ଞ କରନ୍ତି,
ତପୋଯଜ୍ଞାଃ	= (ଆଉ କେତେକ) ତପୋଯଜ୍ଞ କରନ୍ତି
ତଥା	= ଏବଂ (କେତେକ)
ଯୋଗଯଜ୍ଞାଃ	= ଯୋଗଯଜ୍ଞ କରନ୍ତି
ଚ	= ତଥା (ଅନ୍ୟ କେତେକ)
ସ୍ୱାଧ୍ୟାୟ-ଜ୍ଞାନଯଜ୍ଞାଃ	= ସ୍ୱାଧ୍ୟାୟରୂପକ ଜ୍ଞାନଯଜ୍ଞ କରନ୍ତି ।

ଅପାନେ ଜୁହ୍ୱତି ପ୍ରାଣଂ ପ୍ରାଣେଽପାନଂ ତଥାପରେ ।
ପ୍ରାଣାପାନଗତୀ ରୁଦ୍ଧ୍ୱା ପ୍ରାଣାୟାମପରାୟଣାଃ ॥ ୨୯ ॥
ଅପରେ ନିୟତାହାରାଃ ପ୍ରାଣାନ୍ ପ୍ରାଣେଷୁ ଜୁହ୍ୱତି ।
ସର୍ବେଽପ୍ୟେତେ ଯଜ୍ଞବିଦୋ ଯଜ୍ଞକ୍ଷପିତକଳ୍ମଷାଃ ॥ ୩୦ ॥

ଅପରେ	= ଅନ୍ୟ କେତେକ
ପ୍ରାଣାୟାମ-ପରାୟଣାଃ	= ପ୍ରାଣାୟାମ-ପରାୟଣ ଯୋଗୀ
ଅପାନେ	= ଅପାନରେ
ପ୍ରାଣମ୍	= ପ୍ରାଣକୁ (ପୂରକ କରି),
ପ୍ରାଣାପାନଗତୀ	= ପ୍ରାଣ ଓ ଅପାନର ଗତିକୁ
ରୁଦ୍ଧ୍ୱା	= ରୁଦ୍ଧ (କୁମ୍ଭକ) କରି
ପ୍ରାଣେ	= ପ୍ରାଣରେ
ଅପାନମ୍	= ଅପାନକୁ

ଜୁହ୍ୱତି = ଆହୁତି ଦିଅନ୍ତି
ତଥା = ତଥା
ଅପରେ = ଅନ୍ୟ କେତେକ
ନିୟତାହାରାଃ= ନିୟତାହାରୀ
ପ୍ରାଣାନ୍ = ପ୍ରାଣମାନଙ୍କୁ
ପ୍ରାଣେଷୁ = ପ୍ରାଣମାନଙ୍କରେ
ଜୁହ୍ୱତି = ଆହୁତି ଦିଅନ୍ତି ।
ଏତେ = ଏ
ସର୍ବେ, ଅପି= ସମସ୍ତ ସାଧକ
ଯଜ୍ଞକ୍ଷପିତ-କଲ୍ମଷାଃ = ଯଜ୍ଞ ଦ୍ୱାରା ପାପ ବିନାଶକାରୀ (ଏବଂ)
ଯଜ୍ଞବିଦଃ = ଯଜ୍ଞର ଜ୍ଞାତା ଅଟନ୍ତି ।

ଯଜ୍ଞଶିଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍ ।
ନାୟଂ ଲୋକୋଽସ୍ତ୍ୟଯଜ୍ଞସ୍ୟ କୁତୋଽନ୍ୟଃ କୁରୁସତ୍ତମ ॥ ୩୧ ॥

କୁରୁସତ୍ତମ = ହେ କୁରୁଶ୍ରେଷ୍ଠ ଅର୍ଜୁନ!
ଯଜ୍ଞଶିଷ୍ଟା-ମୃତଭୁଜଃ = ଯଜ୍ଞାବଶେଷ ଅମୃତ ଅନୁଭବ କରୁଥିବା ମନୁଷ୍ୟ
ସନାତନମ୍ = ସନାତନ
ବ୍ରହ୍ମ = ପରବ୍ରହ୍ମ ପରମାତ୍ମାଙ୍କୁ
ଯାନ୍ତି = ପ୍ରାପ୍ତ ହୁଅନ୍ତି ।
ଅଯଜ୍ଞସ୍ୟ = ଯଜ୍ଞ ନ କରୁଥିବା ମନୁଷ୍ୟଙ୍କ ପାଇଁ
ଅୟମ୍, ଲୋକଃ = ଇହଲୋକ (ମଧ୍ୟ)
ନ, ଅସ୍ତି = (ସୁଖଦାୟକ) ନୁହେଁ,
ଅନ୍ୟଃ = (ପୁଣି) ପରଲୋକ
କୁତଃ = (ସୁଖଦାୟକ) ହେବ କିପରି?

ଏବଂ ବହୁବିଧା ଯଜ୍ଞା ବିତତା ବ୍ରହ୍ମଣୋ ମୁଖେ ।
କର୍ମଜାନ୍ ବିଦ୍ଧି ତାନ୍ ସର୍ବାନେବଂ ଜ୍ଞାତ୍ୱା ବିମୋକ୍ଷ୍ୟସେ ॥ ୩୨ ॥

ଏବମ୍	= ଏହିଭଳି	କର୍ମଜାନ୍	= କର୍ମଜନିତ (ବୋଲି)
ବହୁବିଧାଃ	= (ଆହୁରି) ଅନେକ ପ୍ରକାର	ବିଦ୍ଧି	= ଜାଣି ରଖ ।
ଯଜ୍ଞାଃ	= ଯଜ୍ଞ	ଏବମ୍	= ଏଭଳି
ବ୍ରହ୍ମଣଃ, ମୁଖେ	= ବେଦବାଣୀରେ	ଜ୍ଞାତ୍ୱା	= ଜାଣି (ଯଜ୍ଞ କଲେ)
ବିତତାଃ	= ବିସ୍ତାରପୂର୍ବକ ବର୍ଣ୍ଣିତ ହୋଇଛି ।	ବିମୋକ୍ଷ୍ୟସେ	= (ତୁମେ କର୍ମବନ୍ଧନରୁ) ମୁକ୍ତ ହୋଇଯିବ ।
ତାନ୍, ସର୍ବାନ୍	= ସେ ସମସ୍ତ ଯଜ୍ଞ		

ଶ୍ରେୟାନ୍ ଦ୍ରବ୍ୟମୟାଦ୍ୟଜ୍ଞାଜ୍ଜ୍ଞାନଯଜ୍ଞଃ ପରନ୍ତପ ।
ସର୍ବଂ କର୍ମାଖିଳଂ ପାର୍ଥ ଜ୍ଞାନେ ପରିସମାପ୍ୟତେ ॥ ୩୩ ॥

ପରନ୍ତପ, ପାର୍ଥ	= ହେ ପରନ୍ତପ ଅର୍ଜୁନ!	ସର୍ବମ୍	= ସମସ୍ତ
		କର୍ମ	= କର୍ମ (ଓ)
ଦ୍ରବ୍ୟମୟାତ୍	= ଦ୍ରବ୍ୟମୟ	ଅଖିଳମ୍	= ପଦାର୍ଥ
ଯଜ୍ଞାତ୍	= ଯଜ୍ଞଠାରୁ	ଜ୍ଞାନେ	= ଜ୍ଞାନ(ତତ୍ତ୍ୱଜ୍ଞାନ)ରେ
ଜ୍ଞାନଯଜ୍ଞଃ	= ଜ୍ଞାନଯଜ୍ଞ	ପରିସମାପ୍ୟତେ	= ସମାପ୍ତ (ଲୀନ) ହୋଇଯାଏ ।
ଶ୍ରେୟାନ୍	= ଶ୍ରେଷ୍ଠ ।		

ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।
ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ॥ ୩୪ ॥

ତତ୍	= ତାହାକୁ (ତତ୍ତ୍ୱଜ୍ଞାନକୁ)	**ପରିପ୍ରଶ୍ନେନ**	= ସରଳତାପୂର୍ବକ ପ୍ରଶ୍ନ କଲେ
ବିଦ୍ଧି	= (ତୁମେ ତତ୍ତ୍ୱଦର୍ଶୀ ଜ୍ଞାନୀ ମହାପୁରୁଷଙ୍କ ନିକଟକୁ ଯାଇ) ବୁଝ ।	**ତେ, ତତ୍ତ୍ୱଦର୍ଶିନଃ**	= ସେହି ତତ୍ତ୍ୱଦର୍ଶୀ (ଅନୁଭବୀ)
		ଜ୍ଞାନିନଃ	= ଜ୍ଞାନୀ (ଶାସ୍ତ୍ରଜ୍ଞ) ମହାପୁରୁଷ
ପ୍ରଣିପାତେନ	= (ତାଙ୍କୁ) ସାଷ୍ଟାଙ୍ଗ ପ୍ରଣାମ କଲେ,	**ଜ୍ଞାନମ୍**	= (ତୁମକୁ ସେହି) ତତ୍ତ୍ୱଜ୍ଞାନର
ସେବୟା	= (ତାଙ୍କର) ସେବା କଲେ (ଏବଂ ତାଙ୍କୁ)	**ଉପଦେକ୍ଷ୍ୟନ୍ତି**	= ଉପଦେଶ ଦେବେ—

ଯଜ୍‌ଜ୍ଞାତ୍ୱା ନ ପୁନର୍ମୋହମେବଂ ଯାସ୍ୟସି ପାଣ୍ଡବ ।
ଯେନ ଭୂତାନ୍ୟଶେଷେଣ ଦ୍ରକ୍ଷ୍ୟସ୍ୟାତ୍ମନ୍ୟଥୋ ମୟି ॥ ୩୫ ॥

ଯତ୍	= ଯେଉଁ ତତ୍ତ୍ୱଜ୍ଞାନ	**ପୁନଃ**	= ଆଉ
ଜ୍ଞାତ୍ୱା	= ଅନୁଭବ କଲାପରେ (ତୁମେ)	**ଏବମ୍**	= ଏଭଳି
		ମୋହମ୍, ନ, ଯାସ୍ୟସି	= ମୋହଗ୍ରସ୍ତ ହେବ ନାହିଁ, (ଏବଂ)

ପାଣ୍ଡବ	= ହେ ଅର୍ଜୁନ!	ଆତ୍ମନି	= ନିଜଠାରେ (ଓ)
ଯେନ	= ଯାହା ସାହାଯ୍ୟରେ	ଅଥୋ	= ପରେ
ଭୂତାନି	= (ତୁମେ) ସମସ୍ତ ପ୍ରାଣୀଙ୍କୁ	ମୟି	= ମୋ'ଠାରେ ଅର୍ଥାତ୍ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କ ଠାରେ
ଅଶେଷେଣ	= ସର୍ବଭାବରେ (ପ୍ରଥମେ)	ଦ୍ରକ୍ଷ୍ୟସି	= ଦେଖିବ ।

ଅପି ଚେଦସି ପାପେଭ୍ୟଃ ସର୍ବେଭ୍ୟଃ ପାପକୃତ୍ତମଃ ।
ସର୍ବଂ ଜ୍ଞାନପ୍ଲବେନୈବ ବୃଜିନଂ ସନ୍ତରିଷ୍ୟସି ॥ ୩୬ ॥

ଚେତ୍	= ଯଦି (ତୁମେ)	ଜ୍ଞାନପ୍ଲବେନ	= ଜ୍ଞାନରୂପୀ ନୌକା ଦ୍ୱାରା (ତୁମେ)
ସର୍ବେଭ୍ୟଃ	= ସମସ୍ତ		
ପାପେଭ୍ୟଃ	= ପାପୀମାନଙ୍କ ଠାରୁ	ଏବ	= ନିଃସନ୍ଦେହରେ
ଅପି	= ବି	ସର୍ବମ୍	= ସମସ୍ତ
ପାପକୃତ୍ତମଃ	= ଅଧିକ ପାପୀ	ବୃଜିନମ୍	= ପାପ-ସମୁଦ୍ରକୁ
ଅସି	= ହୋଇଥାଅ, (ତଥାପି)	ସନ୍ତରିଷ୍ୟସି	= ଉତ୍ତମରୂପେ ପାର ହୋଇଯିବ ।

ଯଥୈଧାଂସି ସମିଦ୍ଧୋଽଗ୍ନିର୍ଭସ୍ମସାତ୍ କୁରୁତେଽର୍ଜୁନ ।
ଜ୍ଞାନାଗ୍ନିଃ ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା ॥ ୩୭ ॥

ଅର୍ଜୁନ	= ହେ ଅର୍ଜୁନ!	କୁରୁତେ	= କରିଦିଏ,
ସମିଦ୍ଧଃ	= ପ୍ରଜ୍ୱଳିତ	ତଥା	= ସେହିପରି
ଅଗ୍ନିଃ	= ଅଗ୍ନି	ଜ୍ଞାନାଗ୍ନିଃ	= ଜ୍ଞାନରୂପକ ଅଗ୍ନି
ଯଥା	= ଯେପରି	ସର୍ବକର୍ମାଣି	= ସମସ୍ତ କର୍ମକୁ
ଏଧାଂସି	= ଇନ୍ଧନଗୁଡ଼ିକୁ	ଭସ୍ମସାତ୍	= ସର୍ବଥା ଭସ୍ମୀଭୂତ
ଭସ୍ମସାତ୍	= ଭସ୍ମୀଭୂତ	କୁରୁତେ	= କରିଦିଏ ।

ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ ।
ତତ୍ସ୍ୱୟଂ ଯୋଗସଂସିଦ୍ଧଃ କାଳେନାତ୍ମନି ବିନ୍ଦତି ॥ ୩୮ ॥

ହି	= ଏହା ନିଃସନ୍ଦେହ ଯେ	ଯୋଗସଂସିଦ୍ଧଃ	= ଯାହାଙ୍କର ଯୋଗ ପୂର୍ଣ୍ଣାଙ୍ଗ ହୋଇ ସାରିଛି, (ସେଭଳି କର୍ମଯୋଗୀ)
ଇହ	= ଏହି ମନୁଷ୍ୟଲୋକରେ		
ଜ୍ଞାନେନ,		ତତ୍	= ସେହି ତତ୍ତ୍ୱଜ୍ଞାନକୁ
ସଦୃଶମ୍	= ଜ୍ଞାନ ସମାନ		
ପବିତ୍ରମ୍	= ପବିତ୍ରକାରକ (ଅନ୍ୟ କୌଣସି ସାଧନା)	କାଳେନ	= ଅବଶ୍ୟ
		ସ୍ୱୟମ୍	= ନିଜେ
		ଆତ୍ମନି	= ନିଜ ଭିତରେ
ନ, ବିଦ୍ୟତେ	= ନାହିଁ ।	ବିନ୍ଦତି	= ପ୍ରାପ୍ତ କରନ୍ତି ।

ଶ୍ରଦ୍ଧାବାଁଲ୍ଲଭତେ ଜ୍ଞାନଂ ତତ୍ପରଃ ସଂଯତେନ୍ଦ୍ରିୟଃ ।
ଜ୍ଞାନଂ ଲବ୍ଧ୍ୱା ପରାଂ ଶାନ୍ତିମଚିରେଣାଧିଗଚ୍ଛତି ॥ ୩୯ ॥

ସଂଯତେନ୍ଦ୍ରିୟଃ	= ଜିତେନ୍ଦ୍ରିୟ (ଓ)	ଜ୍ଞାନମ୍	= ଜ୍ଞାନ
ତତ୍ପରଃ	= ସାଧନାପରାୟଣ	ଲବ୍ଧ୍ୱା	= ଲାଭ କରି (ସେ)
ଶ୍ରଦ୍ଧାବାନ୍	= ଶ୍ରଦ୍ଧାବାନ୍ ମନୁଷ୍ୟ	ଅଚିରେଣ	= ତତ୍କାଳ
ଜ୍ଞାନମ୍	= ଜ୍ଞାନ	ପରାମ୍, ଶାନ୍ତିମ୍	= ପରମଶାନ୍ତି
ଲଭତେ	= ଲାଭ କରେ (ଏବଂ)	ଅଧିଗଚ୍ଛତି	= ପ୍ରାପ୍ତ ହୁଏ ।

ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ ସଂଶୟାତ୍ମା ବିନଶ୍ୟତି ।
ନାୟଂ ଲୋକୋଽସ୍ତି ନ ପରୋ ନ ସୁଖଂ ସଂଶୟାତ୍ମନଃ ॥ ୪୦ ॥

ଅଜ୍ଞଃ	= ବିବେକହୀନ	ଅୟମ୍, ଲୋକଃ	= ଇହଲୋକ
ଚ	= ଓ	ନ, ଅସ୍ତି	= (ହିତକର ହୁଏ) ନାହିଁ,
ଅଶ୍ରଦ୍ଦଧାନଃ	= ଶ୍ରଦ୍ଧାବିହୀନ		
ସଂଶୟାତ୍ମା	= ସଂଶୟାତ୍ମା ମନୁଷ୍ୟର	ନ, ପରଃ	= ପରଲୋକ (ହିତକର) ହୁଏ ନାହିଁ
ବିନଶ୍ୟତି	= ପତନ ହୁଏ ।		
ସଂଶୟାତ୍ମନଃ	= ସଂଶୟାତ୍ମା ମନୁଷ୍ୟ ପାଇଁ	ଚ	= ଓ
		ନ, ସୁଖମ୍	= ସୁଖ (ମଧ୍ୟ) ନାହିଁ ।

ଯୋଗସନ୍ନ୍ୟସ୍ତକର୍ମାଣଂ ଜ୍ଞାନସଞ୍ଛିନ୍ନସଂଶୟମ୍ ।
ଆତ୍ମବନ୍ତଂ ନ କର୍ମାଣି ନିବଧ୍ନନ୍ତି ଧନଞ୍ଜୟ ॥ ୪୧ ॥

ଧନଞ୍ଜୟ = ହେ ଧନଞ୍ଜୟ!
ଯୋଗସନ୍ନ୍ୟସ୍ତ-କର୍ମାଣମ୍ = ଯୋଗ (ସମତା) ଦ୍ୱାରା ଯାହାର ସମସ୍ତ କର୍ମରୁ ସମ୍ପର୍କ ବିଚ୍ଛିନ୍ନ ହୋଇଯାଇଛି (ଏବଂ)
ଜ୍ଞାନସଞ୍ଛିନ୍ନ-ସଂଶୟମ୍ = ବିବେକଜ୍ଞାନ ଦ୍ୱାରା ସମସ୍ତ ସଂଶୟ ନାଶ ହୋଇଯାଇଛି, (ଏପରି)
ଆତ୍ମବନ୍ତମ୍ = ସ୍ୱରୂପ-ପରାୟଣ ମନୁଷ୍ୟକୁ
କର୍ମାଣି = କର୍ମଗୁଡ଼ିକ
ନ, ନିବଧ୍ନନ୍ତି = ବାନ୍ଧି ପାରନ୍ତି ନାହିଁ ।

ତସ୍ମାଦଜ୍ଞାନସମ୍ଭୂତଂ ହୃତ୍ସ୍ଥଂ ଜ୍ଞାନାସିନାତ୍ମନଃ ।
ଛିତ୍ତ୍ୱୈନଂ ସଂଶୟଂ ଯୋଗମାତିଷ୍ଠୋତ୍ତିଷ୍ଠ ଭାରତ ॥ ୪୨ ॥

ତସ୍ମାତ୍ = ତେଣୁ
ଭାରତ = ହେ ଭରତବଂଶୀ ଅର୍ଜୁନ!
ହୃତ୍ସ୍ଥମ୍ = ହୃଦୟସ୍ଥ
ଏନମ୍ = ଏହି
ଅଜ୍ଞାନ-ସମ୍ଭୂତମ୍ = ଅଜ୍ଞାନଜନିତ
ଆତ୍ମନଃ = ନିଜର
ସଂଶୟମ୍ = ସଂଶୟକୁ
ଜ୍ଞାନାସିନା = ଜ୍ଞାନରୂପକ ଖଡ୍ଗ ଦ୍ୱାରା
ଛିତ୍ତ୍ୱା = ଛେଦନ କରି
ଯୋଗମ୍ = ଯୋଗ (ସମତା)ରେ

ଆତିଷ୍ଠ	=	ସ୍ଥିତ ହୁଅ (ଏବଂ)	**ଉତ୍ତିଷ୍ଠ**	=	ଯୁଦ୍ଧ ପାଇଁ ଠିଆ ହୋଇଯାଅ ।

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ ଜ୍ଞାନକର୍ମସନ୍ନ୍ୟାସ-ଯୋଗୋ ନାମ ଚତୁର୍ଥୋଽଧ୍ୟାୟଃ ॥ ୪ ॥

ଏହି ପ୍ରକାରେ 'ଓଁ, ତତ୍, ସତ୍'—ଏହି ଭଗବନ୍ନାମ ଉଚ୍ଚାରଣପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍‌ଗୀତୋପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନସଂବାଦରେ ଜ୍ଞାନକର୍ମସନ୍ନ୍ୟାସଯୋଗ ନାମକ ଚତୁର୍ଥ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୪ ॥

***

॥ ଓଁ ଶ୍ରୀପରମାତ୍ମନେ ନମଃ ॥

ଅଥ ପଞ୍ଚମୋଽଧ୍ୟାୟଃ

(ପଞ୍ଚମ ଅଧ୍ୟାୟ)

ଅର୍ଜୁନ ଉବାଚ

ସନ୍ନ୍ୟାସଂ କର୍ମଣାଂ କୃଷ୍ଣ ପୁନର୍ଯୋଗଂ ଚ ଶଂସସି ।
ଯଚ୍ଛ୍ରେୟ ଏତୟୋରେକଂ ତନ୍ମେ ବ୍ରୂହି ସୁନିଶ୍ଚିତମ୍ ॥ ୧ ॥

ଅର୍ଜୁନ କହିଲେ—

କୃଷ୍ଣ	= ହେ କୃଷ୍ଣ! (ଆପଣ)
କର୍ମଣାମ୍	= କର୍ମର
ସନ୍ନ୍ୟାସମ୍	= ସ୍ୱରୂପତଃ ତ୍ୟାଗକୁ
ଚ	= ଏବଂ
ପୁନଃ	= ପୁଣି
ଯୋଗମ୍	= କର୍ମଯୋଗକୁ
ଶଂସସି	= ପ୍ରଶଂସା କରୁଛନ୍ତି ।
ଏତୟୋଃ	= (ଅତଏବ) ଏ ଦୁଇଟି ସାଧନା ମଧ୍ୟରୁ
ଯତ୍, ଏକମ୍	= ଯେଉଁଟି
ସୁନିଶ୍ଚିତମ୍	= ନିଶ୍ଚିତରୂପେ
ଶ୍ରେୟଃ	= କଲ୍ୟାଣକାରକ,
ତତ୍	= ତାହା
ମେ	= ମୋତେ
ବ୍ରୂହି	= କୁହନ୍ତୁ ।

ଶ୍ରୀଭଗବାନୁବାଚ

ସନ୍ନ୍ୟାସଃ କର୍ମଯୋଗଶ୍ଚ ନିଃଶ୍ରେୟସକରାବୁଭୌ ।
ତୟୋସ୍ତୁ କର୍ମସନ୍ନ୍ୟାସାତ୍ କର୍ମଯୋଗୋ ବିଶିଷ୍ୟତେ ॥ ୨ ॥

ଶ୍ରୀଭଗବାନ କହିଲେ—

ସନ୍ନ୍ୟାସଃ	= ସନ୍ନ୍ୟାସ (ସାଙ୍ଖ୍ୟଯୋଗ)	**ତୟୋଃ**	= ସେ ଦୁଇଟି ମଧ୍ୟରୁ (ବି)
ଚ	= ଓ	**କର୍ମସନ୍ନ୍ୟାସାତ୍**	= କର୍ମସନ୍ନ୍ୟାସ (ସାଙ୍ଖ୍ୟଯୋଗ) ଅପେକ୍ଷା
କର୍ମଯୋଗଃ	= କର୍ମଯୋଗ	**କର୍ମଯୋଗଃ**	= କର୍ମଯୋଗ
ଉଭୌ	= ଉଭୟ	**ବିଶିଷ୍ୟତେ**	= ଶ୍ରେଷ୍ଠ ।
ନିଃଶ୍ରେୟସ-କରୌ	= କଲ୍ୟାଣକାରକ,		
ତୁ	= କିନ୍ତୁ		

ଜ୍ଞେୟଃ ସ ନିତ୍ୟସନ୍ନ୍ୟାସୀ ଯୋ ନ ଦ୍ୱେଷ୍ଟି ନ କାଙ୍‌କ୍ଷତି ।
ନିର୍ଦ୍ୱନ୍ଦ୍ୱୋ ହି ମହାବାହୋ ସୁଖଂ ବନ୍ଧାତ୍ ପ୍ରମୁଚ୍ୟତେ ॥ ୩ ॥

ମହାବାହୋ	= ହେ ମହାବାହୁ!	**ନ, କାଙ୍‌କ୍ଷତି**	= (କିଛି) ଆକାଙ୍‌କ୍ଷା କରେ ନାହିଁ,
ଯଃ	= ଯେଉଁ ମନୁଷ୍ୟ	**ସଃ**	= ସେହି (କର୍ମଯୋଗୀ)
ନ, ଦ୍ୱେଷ୍ଟି	= (କାହା ପ୍ରତି) ଦ୍ୱେଷ କରେ ନାହିଁ (କି)		

ନିତ୍ୟସନ୍ନ୍ୟାସୀ	= ନିତ୍ୟସନ୍ନ୍ୟାସୀ (ବୋଲି)	ନିର୍ଦ୍ୱନ୍ଦ୍ୱଃ	= ଦ୍ୱନ୍ଦ୍ୱାତୀତ (ମନୁଷ୍ୟ)
ଜ୍ଞେୟଃ	= ବୁଝିବାର ଯୋଗ୍ୟ;	ସୁଖମ୍	= ସୁଖପୂର୍ବକ
		ବନ୍ଧାତ୍	= ସଂସାର ବନ୍ଧନରୁ
ହି	= କାରଣ	ପ୍ରମୁଚ୍ୟତେ	= ମୁକ୍ତ ହୋଇଯାଏ ।

ସାଙ୍ଖ୍ୟଯୋଗୌ ପୃଥଗ୍‌ବାଲାଃ ପ୍ରବଦନ୍ତି ନ ପଣ୍ଡିତାଃ ।
ଏକମପ୍ୟାସ୍ଥିତଃ ସମ୍ୟଗୁଭୟୋର୍ବିନ୍ଦତେ ଫଳମ୍ ॥ ୪ ॥

ବାଲାଃ	= ଅଜ୍ଞଲୋକେ	ଅପି	= ବି
ସାଙ୍ଖ୍ୟଯୋଗୌ	= ସାଙ୍ଖ୍ୟଯୋଗ ଓ କର୍ମଯୋଗକୁ	ସମ୍ୟକ୍	= ଉତ୍ତମରୂପେ
ପୃଥକ୍	= ଭିନ୍ନ ଭିନ୍ନ (ଫଳଦାୟକ)	ଆସ୍ଥିତଃ	= ସ୍ଥିତ ହୋଇଥିବା (ମନୁଷ୍ୟ)
ପ୍ରବଦନ୍ତି	= କହନ୍ତି,	ଉଭୟୋଃ	= ଉଭୟର
ନ, ପଣ୍ଡିତାଃ	= ପଣ୍ଡିତ ଲୋକେ କହନ୍ତି ନାହିଁ ।	ଫଳମ୍	= ଫଳସ୍ୱରୂପ (ପରମାତ୍ମାଙ୍କୁ)
ଏକମ୍	= (ଏ ଦୁଇଟି ମଧ୍ୟରୁ) ଗୋଟିଏ ସାଧନାରେ	ବିନ୍ଦତେ	= ପ୍ରାପ୍ତ କରେ ।

ଯତ୍ସାଙ୍ଖ୍ୟୈଃ ପ୍ରାପ୍ୟତେ ସ୍ଥାନଂ ତଦ୍‌ଯୋଗୈରପି ଗମ୍ୟତେ ।
ଏକଂ ସାଙ୍ଖ୍ୟଂ ଚ ଯୋଗଂ ଚ ଯଃ ପଶ୍ୟତି ସ ପଶ୍ୟତି ॥ ୫ ॥

ସାଙ୍ଖ୍ୟୈଃ	=	ସାଙ୍ଖ୍ୟଯୋଗୀମାନଙ୍କ ଦ୍ୱାରା	ଯଃ	=	ଯେଉଁ ମନୁଷ୍ୟ (ଫଳଦୃଷ୍ଟିରୁ)
ଯତ୍	=	ଯେଉଁ			
ସ୍ଥାନମ୍	=	ତତ୍ତ୍ୱ	ସାଙ୍ଖ୍ୟମ୍	=	ସାଙ୍ଖ୍ୟଯୋଗ
ପ୍ରାପ୍ୟତେ	=	ପ୍ରାପ୍ତ କରାଯାଏ,	ଚ	=	ଓ
ଯୋଗୈଃ	=	କର୍ମଯୋଗୀମାନଙ୍କ ଦ୍ୱାରା	ଯୋଗମ୍	=	କର୍ମଯୋଗକୁ
			ଏକମ୍	=	ଏକ
ଅପି	=	ମଧ୍ୟ	ପଶ୍ୟତି	=	ଦେଖେ,
ତତ୍	=	ତାହା	ସଃ, ଚ	=	ସେ ହିଁ (ଯଥାର୍ଥ)
ଗମ୍ୟତେ	=	ପ୍ରାପ୍ତ କରାଯାଏ । (ଅତଃ)	ପଶ୍ୟତି	=	ଦେଖେ ।

ସନ୍ନ୍ୟାସସ୍ତୁ ମହାବାହୋ ଦୁଃଖମାପ୍ତୁମଯୋଗତଃ ।
ଯୋଗଯୁକ୍ତୋ ମୁନିର୍ବ୍ରହ୍ମ ନଚିରେଣାଧିଗଚ୍ଛତି ॥ ୬ ॥

ତୁ	=	କିନ୍ତୁ	ଅଯୋଗତଃ	=	କର୍ମଯୋଗ ବିନା
ମହାବାହୋ	=	ହେ ମହାବାହୁ!	ସନ୍ନ୍ୟାସଃ*	=	ସାଙ୍ଖ୍ୟଯୋଗ

* ଯଦିବା ଏଠି 'ସନ୍ନ୍ୟାସ' ପଦଟି 'ଆପ୍ତୁମ୍' କ୍ରିୟାର କର୍ମ ହୋଇଥିବାରୁ ଏଥିରେ ଦ୍ୱିତୀୟା ବିଭକ୍ତି ହେବା ଉଚିତ, ତଥାପି 'ତୁ' ପଦଟିକୁ ନିପାତ ସଂଜ୍ଞା

ଆପ୍ତୁମ୍	= ସିଦ୍ଧ ହେବା	ନଚିରେଣ	= ଅଚିରେ
ଦୁଃଖମ୍	= କଷ୍ଟକର ।	ବ୍ରହ୍ମ	= ବ୍ରହ୍ମକୁ
ମୁନିଃ	= ମନନଶୀଳ	ଅଧିଗଚ୍ଛତି	= ପ୍ରାପ୍ତ ହୁଏ ।
ଯୋଗଯୁକ୍ତଃ	= କର୍ମଯୋଗୀ		

ଯୋଗଯୁକ୍ତୋ ବିଶୁଦ୍ଧାତ୍ମା ବିଜିତାତ୍ମା ଜିତେନ୍ଦ୍ରିୟଃ ।
ସର୍ବଭୂତାତ୍ମଭୂତାତ୍ମା କୁର୍ବନ୍ନପି ନ ଲିପ୍ୟତେ ॥ ୭ ॥

ଜିତେନ୍ଦ୍ରିୟଃ	= ଯାହାର ଇନ୍ଦ୍ରିୟଗଣ ବଶୀଭୂତ,	ସର୍ବଭୂତାତ୍ମ-ଭୂତାତ୍ମା	= ସକଳ ପ୍ରାଣୀଙ୍କର ଆତ୍ମା ହିଁ ଯାହାର ଆତ୍ମା, (ସେପରି)
ବିଶୁଦ୍ଧାତ୍ମା	= ଯାହାର ଅନ୍ତଃକରଣ ନିର୍ମଳ,	ଯୋଗଯୁକ୍ତଃ	= କର୍ମଯୋଗୀ
ବିଜିତାତ୍ମା	= ଯାହାର ଶରୀର ନିଜଦ୍ୱାରା ବଶୀଭୂତ (ଏବଂ)	କୁର୍ବନ୍	= (କର୍ମ) କରି
		ଅପି	= ମଧ୍ୟ (ତହିଁରେ)
		ନ, ଲିପ୍ୟତେ	= ଲିପ୍ତ ହୁଏ ନାହିଁ ।

ଭାବେ ଗ୍ରହଣ କରି ସେଥିରେ କର୍ମ ଉକ୍ତ ହୋଇଥିବାରୁ 'ସନ୍ନ୍ୟାସ' ପଦରେ ପ୍ରଥମା ବିଭକ୍ତି ହୋଇଛି ।

ନୈବ କିଞ୍ଚିତ୍କରୋମୀତି ଯୁକ୍ତୋ ମନ୍ୟେତ ତତ୍ତ୍ୱବିତ୍ ।
ପଶ୍ୟଞ୍ଛୃଣ୍ୱନ୍ ସ୍ପୃଶଞ୍ଜିଘ୍ରନ୍ନଶ୍ନନ୍ ଗଚ୍ଛନ୍ ସ୍ୱପଞ୍ଛ୍ୱସନ୍ ॥ ୮ ॥
ପ୍ରଲପନ୍ ବିସୃଜନ୍ ଗୃହ୍ଣନ୍ନୁନ୍ମିଷନ୍ନିମିଷନ୍ନପି ।
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଷୁ ବର୍ତ୍ତନ୍ତ ଇତି ଧାରୟନ୍ ॥ ୯ ॥

ତତ୍ତ୍ୱବିତ୍ = ତତ୍ତ୍ୱବେତ୍ତା
ଯୁକ୍ତଃ = ସାଙ୍ଖ୍ୟଯୋଗୀ
ପଶ୍ୟନ୍ = ଦେଖି,
ଶୃଣ୍ୱନ୍ = ଶୁଣି,
ସ୍ପୃଶନ୍ = ଛୁଇଁ,
ଜିଘ୍ରନ୍ = ଶୁଙ୍ଘି,
ଅଶ୍ନନ୍ = ଖାଇ,
ଗଚ୍ଛନ୍ = ଗ୍ଲି,
ଗୃହ୍ଣନ୍ = ଗ୍ରହଣ କରି,
ପ୍ରଲପନ୍ = କହି,
ବିସୃଜନ୍ = (ମଳମୂତ୍ର) ତ୍ୟାଗ କରି,
ସ୍ୱପନ୍ = ଶୋଇ,
ଶ୍ୱସନ୍ = ଶ୍ୱାସ କ୍ରିୟା କରି,
ଉନ୍ମିଷନ୍ = ଆଖି ଖୋଲି (ଓ)
ନିମିଷନ୍ = ଆଖି ବୁଜି
ଅପି = ମଧ୍ୟ
ଇନ୍ଦ୍ରିୟାଣି = ଇନ୍ଦ୍ରିୟଗଣ
ଇନ୍ଦ୍ରିୟାର୍ଥେଷୁ = ଇନ୍ଦ୍ରିୟଗଣଙ୍କ ବିଷୟରେ
ବର୍ତ୍ତନ୍ତେ = ପ୍ରବର୍ତ୍ତିତ ହେଉଛନ୍ତି
ଇତି = ବୋଲି
ଧାରୟନ୍ = ବୁଝି

କିଞ୍ଚିତ୍, ଏବ	= ‘(ମୁଁ ସ୍ୱୟଂ) କିଛି ହେଲେ	ଇତି	= ଏପରି
ନ, କରୋମି	= କରୁ ନାହିଁ—	ମନ୍ୟେତ	= ମାନିବା ଉଚିତ ।

ବ୍ରହ୍ମଣ୍ୟାଧାୟ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା କରୋତି ଯଃ ।
ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା ॥ ୧୦ ॥

ଯଃ	= ଯିଏ (ଭକ୍ତିଯୋଗୀ)	କରୋତି	= (କର୍ମ) କରେ,
		ସଃ	= ସେ
କର୍ମାଣି	= ସମସ୍ତ କର୍ମ	ଅମ୍ଭସା	= ଜଳରେ
ବ୍ରହ୍ମଣି	= ପରମାତ୍ମାଙ୍କ ଠାରେ	ପଦ୍ମପତ୍ରମ୍, ଇବ	= ପଦ୍ମପତ୍ରପରି
ଆଧାୟ	= ଅର୍ପଣ କରି (ଓ)	ପାପେନ	= ପାପରେ
ସଙ୍ଗମ୍	= ଆସକ୍ତି	ନ,	
ତ୍ୟକ୍ତ୍ୱା	= ତ୍ୟାଗ କରି	ଲିପ୍ୟତେ	= ଲିପ୍ତ ହୁଏ ନାହିଁ ।

କାୟେନ ମନସା ବୁଦ୍ଧ୍ୟା କେବଳୈରିନ୍ଦ୍ରିୟୈରପି ।
ଯୋଗିନଃ କର୍ମ କୁର୍ବନ୍ତି ସଙ୍ଗଂ ତ୍ୟକ୍ତ୍ୱାତ୍ମଶୁଦ୍ଧୟେ ॥ ୧୧ ॥

ଯୋଗିନଃ	= କର୍ମଯୋଗୀମାନେ	ମନସା	= ମନ (ଓ)
ସଙ୍ଗମ୍	= ଆସକ୍ତି	ବୁଦ୍ଧ୍ୟା	= ବୁଦ୍ଧି ଦ୍ୱାରା
ତ୍ୟକ୍ତ୍ୱା	= ତ୍ୟାଗ କରି,	ଆତ୍ମଶୁଦ୍ଧୟେ	= ଅନ୍ତଃକରଣର ଶୁଦ୍ଧି ନିମନ୍ତେ
କେବଳୈଃ	= କେବଳ (ମମତାରହିତ)	ଅପି	= ହିଁ
ଇନ୍ଦ୍ରିୟୈଃ	= ଇନ୍ଦ୍ରିୟଗଣ,	କର୍ମ	= କର୍ମ
କାୟେନ	= ଶରୀର,	କୁର୍ବନ୍ତି	= କରନ୍ତି ।

ଯୁକ୍ତଃ କର୍ମଫଳଂ ତ୍ୟକ୍ତ୍ୱା ଶାନ୍ତିମାପ୍ନୋତି ନୈଷ୍ଠିକୀମ୍ ।
ଅଯୁକ୍ତଃ କାମକାରେଣ ଫଳେ ସକ୍ତୋ ନିବଧ୍ୟତେ ॥ ୧୨ ॥

ଯୁକ୍ତଃ	= କର୍ମଯୋଗୀ	ଅଯୁକ୍ତଃ	= ସକାମ ମନୁଷ୍ୟ
କର୍ମଫଳମ୍	= କର୍ମଫଳ	କାମକାରେଣ	= କାମନା ହେତୁ
ତ୍ୟକ୍ତ୍ୱା	= ତ୍ୟାଗ କରି	ଫଳେ	= ଫଳରେ
ନୈଷ୍ଠିକୀମ୍	= ନୈଷ୍ଠିକୀ	ସକ୍ତଃ	= ଆସକ୍ତ ହୋଇ
ଶାନ୍ତିମ୍	= ଶାନ୍ତି	ନିବଧ୍ୟତେ	= ବାନ୍ଧି ହୋଇଯାଏ ।
ଆପ୍ନୋତି	= ପ୍ରାପ୍ତ ହୁଏ, (କିନ୍ତୁ)		

ସର୍ବକର୍ମାଣି ମନସା ସନ୍ନ୍ୟସ୍ୟାସ୍ତେ ସୁଖଂ ବଶୀ ।
ନବଦ୍ୱାରେ ପୁରେ ଦେହୀ ନୈବ କୁର୍ବନ୍ନ କାରୟନ୍ ॥ ୧୩ ॥

ବଶୀ = ଇନ୍ଦ୍ରିୟ ଓ ମନକୁ ବଶୀଭୂତ କରିଥିବା
ଦେହୀ = ଦେହଧାରୀ ପୁରୁଷ
ନବଦ୍ୱାରେ = ନବଦ୍ୱାରବିଶିଷ୍ଟ
ପୁରେ = (ଶରୀରରୂପକ) ପୁରରେ
ମନସା = ମାନସିକଭାବେ
ସର୍ବକର୍ମାଣି = ସମସ୍ତ କର୍ମକୁ (ବିବେକପୂର୍ବକ)
ସନ୍ନ୍ୟସ୍ୟ = ତ୍ୟାଗ କରି,
ଏବ = ନିଃସନ୍ଦେହରେ
ନ, କୁର୍ବନ୍ = କିଛି ନ କରି (ଓ)
ନ, କାରୟନ୍ = ନ କରାଇ
ସୁଖମ୍ = ସୁଖପୂର୍ବକ (ନିଜ ସ୍ୱରୂପରେ)
ଆସ୍ତେ = ଅବସ୍ଥାନ କରେ ।

ନ କର୍ତ୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ ।
ନ କର୍ମଫଳସଂଯୋଗଂ ସ୍ୱଭାବସ୍ତୁ ପ୍ରବର୍ତ୍ତତେ ॥ ୧୪ ॥

ପ୍ରଭୁଃ = ପରମେଶ୍ୱର
ଲୋକସ୍ୟ = ମନୁଷ୍ୟମାନଙ୍କର
କର୍ତ୍ତୃତ୍ୱମ୍ = କର୍ତ୍ତାଭାବ
ନ, (ସୃଜତି) = ସର୍ଜନା କରନ୍ତି ନାହିଁ,
କର୍ମାଣି = କର୍ମଗୁଡ଼ିକୁ
ନ, (ସୃଜତି) = ସର୍ଜନା କରନ୍ତି ନାହିଁ (ଏବଂ)
କର୍ମଫଳ-ସଂଯୋଗମ୍ = କର୍ମଫଳ ସହିତ ସଂଯୋଗ
ନ, ସୃଜତି = ସର୍ଜନା କରନ୍ତି ନାହିଁ;

ତୁ	= କିନ୍ତୁ	ପ୍ରବର୍ତ୍ତତେ	= ପ୍ରବୃତ୍ତ ହେଉଛି ।
ସ୍ୱଭାବଃ	= ସ୍ୱଭାବ (ହିଁ)		

ନାଦତ୍ତେ କସ୍ୟଚିତ୍ପାପଂ ନ ଚୈବ ସୁକୃତଂ ବିଭୁଃ ।
ଅଜ୍ଞାନେନାବୃତଂ ଜ୍ଞାନଂ ତେନ ମୁହ୍ୟନ୍ତି ଜନ୍ତବଃ ॥ ୧୫ ॥

ବିଭୁଃ	= ସର୍ବବ୍ୟାପୀ ପରମାତ୍ମା	ନ, ଆଦତ୍ତେ	= ଗ୍ରହଣ କରନ୍ତି ନାହିଁ; (କିନ୍ତୁ)
କସ୍ୟଚିତ୍	= କାହାରି	ଅଜ୍ଞାନେନ	= ଅଜ୍ଞାନ ଦ୍ୱାରା
ପାପମ୍	= ପାପକର୍ମକୁ	ଜ୍ଞାନମ୍	= ଜ୍ଞାନ
ନ, (ଆଦତ୍ତେ)	= ଗ୍ରହଣ କରନ୍ତି ନାହିଁ	ଆବୃତମ୍	= ଆବୃତ ହୋଇଥିବାରୁ
ଚ	= ଓ	ତେନ	= ତା'ଦ୍ୱାରା
ସୁକୃତମ୍	= ଶୁଭକର୍ମକୁ	ଜନ୍ତବଃ	= ଜୀବମାନେ
ଏବ	= ମଧ୍ୟ	ମୁହ୍ୟନ୍ତି	= ମୋହିତ ହେଉଛନ୍ତି ।

ଜ୍ଞାନେନ ତୁ ତଦଜ୍ଞାନଂ ଯେଷାଂ ନାଶିତମାତ୍ମନଃ ।
ତେଷାମାଦିତ୍ୟବଜ୍ଜ୍ଞାନଂ ପ୍ରକାଶୟତି ତତ୍ପରମ୍ ॥ ୧୬ ॥

ତୁ	= କିନ୍ତୁ	ଆତ୍ମନଃ	= ନିଜର
ଯେଷାମ୍	= ଯେଉଁମାନେ	ଜ୍ଞାନେନ	= ଜ୍ଞାନ ଦ୍ୱାରା

ତତ୍	= ସେହି
ଅଜ୍ଞାନମ୍	= ଅଜ୍ଞାନକୁ
ନାଶିତମ୍	= ନାଶ କରି ଦେଇଛନ୍ତି,
ତେଷାମ୍	= ସେମାନଙ୍କର
ତତ୍	= ସେହି
ଜ୍ଞାନମ୍	= ଜ୍ଞାନ
ଆଦିତ୍ୟବତ୍	= ସୂର୍ଯ୍ୟ ସଦୃଶ
ପରମ୍	= ପରମତତ୍ତ୍ୱ ପରମାତ୍ମାଙ୍କୁ
ପ୍ରକାଶୟତି	= ପ୍ରକାଶିତ କରେ ।

ତଦ୍‌ବୁଦ୍ଧୟସ୍ତଦାତ୍ମାନସ୍ତନ୍ନିଷ୍ଠାସ୍ତତ୍ପରାୟଣାଃ ।
ଗଚ୍ଛନ୍ତ୍ୟପୁନରାବୃତ୍ତିଂ ଜ୍ଞାନନିର୍ଦ୍ଧୂତକଳ୍ମଷାଃ ॥ ୧୭ ॥

ତଦାତ୍ମାନଃ	= ଯେଉଁମାନଙ୍କର ମନ ତଦାକାର ହୋଇଛି,
ତଦ୍‌ବୁଦ୍ଧୟଃ	= ଯେଉଁମାନଙ୍କର ବୁଦ୍ଧି ତଦାକାର ହୋଇଛି,
ତନ୍ନିଷ୍ଠାଃ	= ପରମାତ୍ମତତ୍ତ୍ୱରେ ଯେଉଁମାନଙ୍କର ସ୍ଥିତି ଅଛି, (ସେହି)
ତତ୍ପରାୟଣାଃ	= ପରମାତ୍ମପରାୟଣ ସାଧକ
ଜ୍ଞାନନିର୍ଦ୍ଧୂତ-କଳ୍ମଷାଃ	= ଜ୍ଞାନ ଦ୍ୱାରା ପାପରହିତ ହୋଇ
ଅପୁନରା-ବୃତ୍ତିମ୍	= ଅପୁନରାବୃତ୍ତି (ପରମଗତି)
ଗଚ୍ଛନ୍ତି	= ପ୍ରାପ୍ତ ହୁଅନ୍ତି ।

ବିଦ୍ୟାବିନୟସମ୍ପନ୍ନେ ବ୍ରାହ୍ମଣେ ଗବି ହସ୍ତିନି ।
ଶୁନି ଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ ॥ ୧୮ ॥

ପଣ୍ଡିତାଃ	= ଜ୍ଞାନୀ ମହାପୁରୁଷ	ଗବି	= ଗାଈ,
ବିଦ୍ୟାବିନୟ-ସମ୍ପନ୍ନେ	= ବିଦ୍ୟା-ବିନୟଯୁକ୍ତ	ହସ୍ତିନି	= ହାତୀ(ଓ)
ବ୍ରାହ୍ମଣେ	= ବ୍ରାହ୍ମଣଠାରେ	ଶୁନି	= କୁକୁରଠାରେ
ଚ	= ଏବଂ	ଏବ	= ମଧ୍ୟ
ଶ୍ୱପାକେ	= ଚଣ୍ଡାଳଠାରେ	ସମଦର୍ଶିନଃ	= ସମସ୍ୱରୂପ ପରମାତ୍ମାଙ୍କୁ ଦେଖନ୍ତି ।
ଚ	= ତଥା		

ଇହୈବ ତୈର୍ଜିତଃ ସର୍ଗୋ ଯେଷାଂ ସାମ୍ୟେ ସ୍ଥିତଂ ମନଃ ।
ନିର୍ଦ୍ଦୋଷଂ ହି ସମଂ ବ୍ରହ୍ମ ତସ୍ମାଦ୍‌ବ୍ରହ୍ମଣି ତେ ସ୍ଥିତାଃ ॥ ୧୯ ॥

ଯେଷାମ୍	= ଯେଉଁମାନଙ୍କର	ଜିତଃ	= ଜିଣି ଯାଇଛନ୍ତି ଅର୍ଥାତ୍ ଜୀବନ୍ମୁକ୍ତ ହୋଇଯାଇଛନ୍ତି;
ମନଃ	= ଅନ୍ତଃକରଣ	ହି	= କାରଣ
ସାମ୍ୟେ	= ସମତାରେ	ବ୍ରହ୍ମ	= ବ୍ରହ୍ମ
ସ୍ଥିତମ୍	= ସ୍ଥିତ,	ନିର୍ଦ୍ଦୋଷମ୍	= ନିର୍ଦ୍ଦୋଷ (ଓ)
ତୈଃ	= ସେମାନେ	ସମମ୍	= ସମ,
ଇହ	= ଏହି ଜୀବିତ ଅବସ୍ଥାରେ	ତସ୍ମାତ୍	= ତେଣୁ
ଏବ	= ହିଁ	ତେ	= ସେମାନେ
ସର୍ଗଃ	= ସାରା ସଂସାରକୁ	ବ୍ରହ୍ମଣି	= ବ୍ରହ୍ମରେ
		ସ୍ଥିତାଃ	= ସ୍ଥିତ ଅଟନ୍ତି ।

ନ ପ୍ରହୃଷ୍ୟେତ୍ ପ୍ରିୟଂ ପ୍ରାପ୍ୟ ନୋଦ୍‌ବିଜେତ୍ ପ୍ରାପ୍ୟ ଚାପ୍ରିୟମ୍ ।
ସ୍ଥିରବୁଦ୍ଧିରସମ୍ମୂଢୋ ବ୍ରହ୍ମବିଦ୍ ବ୍ରହ୍ମଣି ସ୍ଥିତଃ ॥ ୨୦ ॥

ପ୍ରିୟମ୍ = (ଯିଏ) ପ୍ରିୟକୁ
ପ୍ରାପ୍ୟ = ପାଇ
ନ, ପ୍ରହୃଷ୍ୟେତ୍ = ହର୍ଷିତ ହୁଏ ନାହିଁ
ଚ = ଏବଂ
ଅପ୍ରିୟମ୍ = ଅପ୍ରିୟକୁ
ପ୍ରାପ୍ୟ = ପାଇ
ନ, ଉଦ୍‌ବିଜେତ୍ = ଉଦ୍‌ବିଗ୍ନ ହୁଏ ନାହିଁ,
ସ୍ଥିରବୁଦ୍ଧିଃ = (ସେହି) ସ୍ଥିରବୁଦ୍ଧିଯୁକ୍ତ,
ଅସମ୍ମୂଢଃ = ମୂଢତାରହିତ (ଜ୍ଞାନୀ)
ବ୍ରହ୍ମବିତ୍ = ବ୍ରହ୍ମଜ୍ଞ ମନୁଷ୍ୟ
ବ୍ରହ୍ମଣି = ବ୍ରହ୍ମରେ
ସ୍ଥିତଃ = ସ୍ଥିତ ଅଟେ ।

ବାହ୍ୟସ୍ପର୍ଶେଷ୍ୱସକ୍ତାତ୍ମା ବିନ୍ଦତ୍ୟାତ୍ମନି ଯତ୍ ସୁଖମ୍ ।
ସ ବ୍ରହ୍ମଯୋଗଯୁକ୍ତାତ୍ମା ସୁଖମକ୍ଷୟମଶ୍ନୁତେ ॥ ୨୧ ॥

ବାହ୍ୟସ୍ପର୍ଶେଷୁ = ବାହ୍ୟସ୍ପର୍ଶରେ (ପ୍ରାକୃତ ପଦାର୍ଥଗୁଡ଼ିକର ସମ୍ବନ୍ଧରେ)
ଅସକ୍ତାତ୍ମା = ଅନାସକ୍ତ ଅନ୍ତଃ-କରଣଯୁକ୍ତ ସାଧକ
ଆତ୍ମନି = ଅନ୍ତଃକରଣରେ
ଯତ୍ = ଯେଉଁ
ସୁଖମ୍ = (ସାତ୍ତ୍ୱିକ) ସୁଖ ରହିଛି, (ତାହା)
ବିନ୍ଦତି = ପ୍ରାପ୍ତ ହୁଏ । (ତା'ପରେ)

ସଃ, ବ୍ରହ୍ମ-ଯୋଗଯୁକ୍ତାତ୍ମା	= ବ୍ରହ୍ମରେ ଅଭିନ୍ନଭାବେ ସ୍ଥିତ ସେହି ମନୁଷ୍ୟ	ଅକ୍ଷୟମ୍	= ଅକ୍ଷୟ
		ସୁଖମ୍	= ସୁଖ
		ଅଶ୍ନୁତେ	= ଅନୁଭବ କରେ ।

ଯେ ହି ସଂସ୍ପର୍ଶଜା ଭୋଗା ଦୁଃଖଯୋନୟ ଏବ ତେ ।
ଆଦ୍ୟନ୍ତବନ୍ତଃ କୌନ୍ତେୟ ନ ତେଷୁ ରମତେ ବୁଧଃ ॥ ୨୨ ॥

ହି	= କାରଣ	ଦୁଃଖଯୋନୟଃ, ଏବ	= ଦୁଃଖର ହିଁ କାରଣ । (ତେଣୁ)
କୌନ୍ତେୟ	= ହେ କୁନ୍ତୀନନ୍ଦନ!		
ସଂସ୍ପର୍ଶଜାଃ	= ଇନ୍ଦ୍ରିୟ ଓ ବିଷୟ ସଂଯୋଗଜନିତ	ବୁଧଃ	= ବିବେକଶୀଳ ମନୁଷ୍ୟ
ଯେ, ଭୋଗାଃ	= ଯେଉଁ ଭୋଗ (ସୁଖ) ରହିଛି,	ତେଷୁ	= ସେଥିରେ
ତେ	= ସେସବୁ	ନ, ରମତେ	= ରମଣ କରେ ନାହିଁ ।
ଆଦ୍ୟନ୍ତବନ୍ତଃ	= ଆଦି-ଅନ୍ତଯୁକ୍ତ (ଓ)		

ଶକ୍ନୋତୀହୈବ ଯଃ ସୋଢୁଂ ପ୍ରାକ୍ଶରୀରବିମୋକ୍ଷଣାତ୍ ।
କାମକ୍ରୋଧୋଦ୍ଭବଂ ବେଗଂ ସ ଯୁକ୍ତଃ ସ ସୁଖୀ ନରଃ ॥ ୨୩ ॥

ଇହ	= ଏହି ମନୁଷ୍ୟ-ଶରୀରରେ	ଶରୀର-ବିମୋକ୍ଷଣାତ୍	= ଶରୀରାବସାନ

ପ୍ରାକ୍, ଏବ	= ପୂର୍ବରୁ ହିଁ
ଯଃ	= ଯେଉଁ ମନୁଷ୍ୟ
କାମ-କ୍ରୋଧୋଦ୍ଭବମ୍	= କାମ-କ୍ରୋଧଜନିତ
ବେଗମ୍	= ବେଗକୁ
ସୋଢୁମ୍	= ସହ୍ୟ କରିବାରେ
ଶକ୍ନୋତି	= ସମର୍ଥ ହୁଏ,
ସଃ	= ସେହି
ନରଃ	= ନର
ଯୁକ୍ତଃ	= ଯୋଗୀ (ଓ)
ସଃ	= ସେ ହିଁ
ସୁଖୀ	= ସୁଖୀ ଅଟେ ।

ଯୋଽନ୍ତଃସୁଖୋଽନ୍ତରାରାମସ୍ତଥାନ୍ତର୍ଜ୍ୟୋତିରେବ ଯଃ ।
ସ ଯୋଗୀ ବ୍ରହ୍ମନିର୍ବାଣଂ ବ୍ରହ୍ମଭୂତୋଽଧିଗଚ୍ଛତି ॥ ୨୪ ॥

ଯଃ	= ଯେଉଁ ମନୁଷ୍ୟ (କେବଳ)
ଅନ୍ତଃସୁଖଃ	= ପରମାତ୍ମାଙ୍କ ଠାରେ ସୁଖ ପାଏ,
ଅନ୍ତରାରାମଃ	= (କେବଳ) ପରମାତ୍ମାଙ୍କ ଠାରେ ରମଣ କରେ
ତଥା	= ତଥା
ଯଃ	= ଯେ
ଅନ୍ତର୍ଜ୍ୟୋତିଃ, ଏବ	= କେବଳ ପରମାତ୍ମଜ୍ଞାନଯୁକ୍ତ,
ବ୍ରହ୍ମଭୂତଃ	= ବ୍ରହ୍ମରେ ନିଜ ସ୍ଥିତି ଅନୁଭବ କରୁଥିବା (ବ୍ରହ୍ମସ୍ୱରୂପ ହୋଇଯାଇଥିବା)
ସଃ	= ସେହି
ଯୋଗୀ	= ସାଂଖ୍ୟଯୋଗୀ
ବ୍ରହ୍ମନିର୍ବାଣମ୍	= ନିର୍ବାଣବ୍ରହ୍ମ
ଅଧିଗଚ୍ଛତି	= ପ୍ରାପ୍ତ ହୁଏ ।

ଲଭନ୍ତେ ବ୍ରହ୍ମନିର୍ବାଣମୃଷୟଃ କ୍ଷୀଣକଳ୍ମଷାଃ ।
ଛିନ୍ନଦ୍ୱୈଧା ଯତାତ୍ମାନଃ ସର୍ବଭୂତହିତେ ରତାଃ ॥ ୨୫ ॥

ଯତାତ୍ମାନଃ = ଯେଉଁମାନଙ୍କର ଇନ୍ଦ୍ରିୟସମେତ ଶରୀର, ମନ ଓ ବୁଦ୍ଧି ବଶୀଭୂତ,
ସର୍ବଭୂତହିତେ = ଯେଉଁମାନେ ସମସ୍ତ ପ୍ରାଣୀଙ୍କ ହିତରେ
ରତାଃ = ରତ,
ଛିନ୍ନଦ୍ୱୈଧାଃ = ଯେଉଁମାନଙ୍କର ସମସ୍ତ ସଂଶୟମୋଚନ ହୋଇଯାଇଛି (ଓ)
କ୍ଷୀଣକଳ୍ମଷାଃ = ଯେଉଁମାନଙ୍କର ସମସ୍ତ ଦୋଷ ନାଶ ହୋଇଯାଇଛି,
ଋଷୟଃ = (ସେହି) ବିବେକୀ ସାଧକମାନେ
ବ୍ରହ୍ମନିର୍ବାଣମ୍ = ନିର୍ବାଣବ୍ରହ୍ମ
ଲଭନ୍ତେ = ପ୍ରାପ୍ତ ହୁଅନ୍ତି ।

କାମକ୍ରୋଧବିୟୁକ୍ତାନାଂ ଯତୀନାଂ ଯତଚେତସାମ୍ ।
ଅଭିତୋ ବ୍ରହ୍ମନିର୍ବାଣଂ ବର୍ତ୍ତତେ ବିଦିତାତ୍ମନାମ୍ ॥ ୨୬ ॥

କାମକ୍ରୋଧ-ବିୟୁକ୍ତାନାମ୍ = କାମ-କ୍ରୋଧରୁ ସର୍ବଥାରହିତ,
ଯତଚେତସାମ୍ = ବିଜିତମନା (ଏବଂ)
ବିଦିତାତ୍ମନାମ୍ = ଆତ୍ମଦର୍ଶୀ
ଯତୀନାମ୍ = ସାଂଖ୍ୟଯୋଗୀମାନଙ୍କ ପାଇଁ
ଅଭିତଃ = ସବୁଦିଗରୁ (ଜୀବିତ ଅବସ୍ଥାରେ ବା ମୃତ୍ୟୁପରେ)
ବ୍ରହ୍ମନିର୍ବାଣମ୍ = ନିର୍ବାଣବ୍ରହ୍ମ
ବର୍ତ୍ତତେ = ପରିପୂର୍ଣ୍ଣ ।

ସ୍ପର୍ଶାନ୍‌କୃତ୍ୱା ବହିର୍ବାହ୍ୟାଂଶ୍ଚକ୍ଷୁଶ୍ଚୈବାନ୍ତରେ ଭ୍ରୁବୋଃ ।
ପ୍ରାଣାପାନୌ ସମୌ କୃତ୍ୱା ନାସାଭ୍ୟନ୍ତରଚାରିଣୌ ।। ୨୭ ।।
ଯତେନ୍ଦ୍ରିୟମନୋବୁଦ୍ଧିର୍ମୁନିର୍ମୋକ୍ଷପରାୟଣଃ ।
ବିଗତେଚ୍ଛାଭୟକ୍ରୋଧୋ ଯଃ ସଦା ମୁକ୍ତ ଏବ ସଃ ।। ୨୮ ।।

ବାହ୍ୟାନ୍ = ବାହ୍ୟ
ସ୍ପର୍ଶାନ୍ = ପଦାର୍ଥଗୁଡ଼ିକୁ
ବହିଃ = ବାହାରେ
ଏବ = ହିଁ
କୃତ୍ୱା = ପରିତ୍ୟାଗ କରି
ଚ = ଓ
ଚକ୍ଷୁଃ = ନେତ୍ରଦ୍ୱୟର ଦୃଷ୍ଟିକୁ
ଭ୍ରୁବୋଃ = ଦୁଇଭ୍ରୂଲତା
ଅନ୍ତରେ = ମଧ୍ୟରେ (ସ୍ଥିର କରି)
ନାସାଭ୍ୟନ୍ତର-ଚାରିଣୌ = (ତଥା) ନାସିକାରେ ବିଚରଣଶୀଳ
ପ୍ରାଣାପାନୌ = ପ୍ରାଣ ଓ ଅପାନ ବାୟୁକୁ
ସମୌ = ସମ
କୃତ୍ୱା = କରି,
ଯତେନ୍ଦ୍ରିୟ-ମନୋବୁଦ୍ଧିଃ = ଯାହାର ଇନ୍ଦ୍ରିୟ, ମନ ଓ ବୁଦ୍ଧି ନିଜର ବଶୀଭୂତ,
ଯଃ = ଯିଏ
ମୋକ୍ଷ-ପରାୟଣଃ = ମୋକ୍ଷପରାୟଣ (ତଥା)
ବିଗତେଚ୍ଛା-ଭୟକ୍ରୋଧଃ = ଇଚ୍ଛା, ଭୟ ଓ କ୍ରୋଧରୁ ସର୍ବଥା ରହିତ,
ସଃ = ସେହି
ମୁନିଃ = ମୁନି
ସଦା = ସର୍ବଦା
ମୁକ୍ତଃ, ଏବ = ମୁକ୍ତ ଅଟେ ।

ଭୋକ୍ତାରଂ ଯଜ୍ଞତପସାଂ ସର୍ବଲୋକମହେଶ୍ୱରମ୍ ।
ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି ॥ ୨୯ ॥

ମାମ୍	= (ଭକ୍ତ) ମୋତେ	**ସର୍ବଭୂତାନାମ୍**	= ସକଳ ପ୍ରାଣୀଙ୍କର
ଯଜ୍ଞତପସାମ୍	= ସମସ୍ତ ଯଜ୍ଞ ଓ ତପର	**ସୁହୃଦମ୍**	= ସୁହୃଦ୍ (ସ୍ୱାର୍ଥରହିତ ଦୟାଳୁ ଓ ପ୍ରେମୀ)
ଭୋକ୍ତାରମ୍	= ଭୋକ୍ତା,	**ଜ୍ଞାତ୍ୱା**	= ଜାଣି
ସର୍ବଲୋକ-ମହେଶ୍ୱରମ୍	= ସମସ୍ତ ଲୋକର ମହାନ୍ ଈଶ୍ୱର (ତଥା)	**ଶାନ୍ତିମ୍**	= ଶାନ୍ତି
		ଋଚ୍ଛତି	= ଲାଭ କରେ ।

ଓଁ ତତ୍ସଦିତି ଶ୍ରୀମଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ କର୍ମସନ୍ନ୍ୟାସଯୋଗୋ ନାମ ପଞ୍ଚମୋଽଧ୍ୟାୟଃ ॥ ୫ ॥

ଏହି ପ୍ରକାରେ 'ଓଁ, ତତ୍, ସତ୍'—ଏହି ଭଗବନ୍ନାମ ଉଚ୍ଚାରଣପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଭଗବଦ୍‌ଗୀତୋପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନସଂବାଦରେ 'କର୍ମସନ୍ନ୍ୟାସଯୋଗ' ନାମକ ପଞ୍ଚମ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୫ ॥

॥ ଓଁ ଶ୍ରୀପରମାତ୍ମନେ ନମଃ ॥

ଅଥ ଷଷ୍ଠୋऽଧ୍ୟାୟଃ

(ଷଷ୍ଠ ଅଧ୍ୟାୟ)

ଶ୍ରୀଭଗବାନୁବାଚ

ଅନାଶ୍ରିତଃ କର୍ମଫଳଂ କାର୍ଯ୍ୟଂ କର୍ମ କରୋତି ଯଃ ।
ସ ସନ୍ନ୍ୟାସୀ ଚ ଯୋଗୀ ଚ ନ ନିରଗ୍ନିର୍ନ ଚାକ୍ରିୟଃ ॥ ୧ ॥

ଶ୍ରୀଭଗବାନ କହିଲେ—

ଯଃ	= ଯେଉଁ ମନୁଷ୍ୟ	**ଚ**	= ତଥା
କର୍ମଫଳମ୍	= କର୍ମଫଳର	**ନିରଗ୍ନିଃ**	= (କେବଳ) ଅଗ୍ନି ତ୍ୟାଗୀ
ଅନାଶ୍ରିତଃ	= ଆଶ୍ରୟ ନ ନେଇ	**ନ**	= (ସନ୍ନ୍ୟାସୀ) ହୁଏ ନାହିଁ
କାର୍ଯ୍ୟମ୍, କର୍ମ	= କର୍ତ୍ତବ୍ୟ-କର୍ମ		
କରୋତି	= କରେ,	**ଚ**	= କି
ସଃ	= ସେ ହିଁ	**ଅକ୍ରିୟଃ**	= (କେବଳ) କ୍ରିୟା ତ୍ୟାଗୀ
ସନ୍ନ୍ୟାସୀ	= ସନ୍ନ୍ୟାସୀ		
ଚ	= ଓ	**ନ**	= (ଯୋଗୀ) ହୁଏ ନାହିଁ ।
ଯୋଗୀ	= ଯୋଗୀ		

ଯଂ ସନ୍ନ୍ୟାସମିତି ପ୍ରାହୁର୍ଯୋଗଂ ତଂ ବିଦ୍ଧି ପାଣ୍ଡବ ।
ନ ହ୍ୟସନ୍ନ୍ୟସ୍ତସଙ୍କଳ୍ପୋ ଯୋଗୀ ଭବତି କଶ୍ଚନ ॥ ୨ ॥

ପାଣ୍ଡବ	= ହେ ଅର୍ଜୁନ!	**ହି**	= କାରଣ
ଯମ୍	= (ଲୋକେ) ଯାହାକୁ	**ଅସନ୍ନ୍ୟସ୍ତ-ସଙ୍କଳ୍ପଃ**	= ସଙ୍କଳ୍ପଗୁଡ଼ିକୁ ତ୍ୟାଗ ନ କରି (ମନୁଷ୍ୟ)
ସନ୍ନ୍ୟାସମ୍	= ସନ୍ନ୍ୟାସ		
ଇତି	= ବୋଲି	**କଶ୍ଚନ**	= କୌଣସି ପ୍ରକାରର
ପ୍ରାହୁଃ	= କହନ୍ତି,		
ତମ୍	= ତାହାକୁ (ତୁମେ)	**ଯୋଗୀ**	= ଯୋଗୀ
ଯୋଗମ୍	= ଯୋଗ (ବୋଲି)	**ନ, ଭବତି**	= ହୋଇପାରେ ନାହିଁ ।
ବିଦ୍ଧି	= ଜାଣ;		

ଆରୁରୁକ୍ଷୋର୍ମୁନେର୍ଯୋଗଂ କର୍ମ କାରଣମୁଚ୍ୟତେ ।
ଯୋଗାରୂଢସ୍ୟ ତସ୍ୟୈବ ଶମଃ କାରଣମୁଚ୍ୟତେ ॥ ୩ ॥

ଯୋଗମ୍	= ଯେ ଯୋଗ ବା ସମତାରେ	**କର୍ମ**	= କର୍ତ୍ତବ୍ୟ ପାଳନ (ହିଁ ଯୋଗାରୂଢ଼ ହେବାରେ)
ଆରୁରୁକ୍ଷୋଃ	= ଆରୂଢ଼ ହେବାକୁ ଚ୍ହେଁ, (ସେପରି)	**କାରଣମ୍**	= କାରଣ (ବୋଲି)
ମୁନେଃ	= ମନନଶୀଳ ଯୋଗୀ ପାଇଁ	**ଉଚ୍ୟତେ**	= କୁହାଯାଇଛି (ଏବଂ)

ତସ୍ୟ, ଏବ	= ସେହି	କାରଣମ୍	= (ପରମାତ୍ମପ୍ରାପ୍ତିରେ) କାରଣ (ବୋଲି)
ଯୋଗାରୂଢସ୍ୟ	= ଯୋଗାରୂଢ଼ ମନୁଷ୍ୟର		
ଶମଃ	= ଶାନ୍ତି	ଉଚ୍ୟତେ	= କୁହାଯାଇଛି ।

ଯଦା ହି ନେନ୍ଦ୍ରିୟାର୍ଥେଷୁ ନ କର୍ମସ୍ୱନୁଷଜ୍ଜତେ ।
ସର୍ବସଙ୍କଳ୍ପସନ୍ୟାସୀ ଯୋଗାରୂଢସ୍ତଦୋଚ୍ୟତେ ॥ ୪ ॥

ହି	= କାରଣ	ନ, (ଅନୁଷଜ୍ଜତେ)	= ଆସକ୍ତ ହୁଏ ନାହିଁ (ଓ)
ସର୍ବସଙ୍କଳ୍ପ-ସନ୍ୟାସୀ	= ସମସ୍ତ ସଙ୍କଳ୍ପ ତ୍ୟାଗ କରିଥିବା ମନୁଷ୍ୟ	କର୍ମସୁ	= କର୍ମମାନଙ୍କରେ
		ନ, ଅନୁଷଜ୍ଜତେ	= ଆସକ୍ତ ହୁଏ ନାହିଁ,
ଯଦା	= ଯେତେବେଳେ	ତଦା	= ସେତେବେଳେ (ତାଙ୍କୁ)
ଇନ୍ଦ୍ରିୟାର୍ଥେଷୁ	= ଇନ୍ଦ୍ରିୟମାନଙ୍କ ଭୋଗରେ	ଯୋଗାରୂଢଃ	= ଯୋଗାରୂଢ଼
		ଉଚ୍ୟତେ	= କୁହାଯାଏ ।

ଉଦ୍ଧରେଦାତ୍ମନାତ୍ମାନଂ ନାତ୍ମାନମବସାଦୟେତ୍ ।
ଆତ୍ମୈବ ହ୍ୟାତ୍ମନୋ ବନ୍ଧୁରାତ୍ମୈବ ରିପୁରାତ୍ମନଃ ॥ ୫ ॥

ଆତ୍ମନା	= ନିଜ ଦ୍ୱାରା	ଆତ୍ମାନମ୍	= ନିଜର
ଆତ୍ମାନମ୍	= ନିଜର	ନ, ଅବସାଦୟେତ୍	= ପତନ କର ନାହିଁ;
ଉଦ୍ଧରେତ୍	= ଉଦ୍ଧାର କର,		

ହି	= କାରଣ	ବନ୍ଧୁଃ	= ମିତ୍ର (ଏବଂ)
ଆତ୍ମା	= ନିଜେ	ଆତ୍ମା, ଏବ	= ନିଜେ ହିଁ
ଏବ	= ହିଁ	ଆତ୍ମନଃ	= ନିଜର
ଆତ୍ମନଃ	= ନିଜର	ରିପୁଃ	= ଶତ୍ରୁ ।

ବନ୍ଧୁରାତ୍ମାତ୍ମନସ୍ତସ୍ୟ ଯେନାତ୍ମୈବାତ୍ମନା ଜିତଃ ।
ଅନାତ୍ମନସ୍ତୁ ଶତ୍ରୁତ୍ୱେ ବର୍ତ୍ତେତାତ୍ମୈବ ଶତ୍ରୁବତ୍ ॥ ୬ ॥

ଯେନ	= ଯେ	ତୁ	= ଏବଂ
ଆତ୍ମନା	= ନିଜ ଦ୍ୱାରା	ଅନାତ୍ମନଃ	= ଯେ ନିଜେ ନିଜକୁ ଜୟ କରି ନାହିଁ, ସେପରି ଅନାତ୍ମାର
ଆତ୍ମା	= ନିଜ ଉପରେ		
ଜିତଃ	= ବିଜୟ ପ୍ରାପ୍ତ କରିଛି,	ଆତ୍ମା, ଏବ	= ଆତ୍ମା ହିଁ
ତସ୍ୟ	= ତା'ପାଇଁ (ସେ)	ଶତ୍ରୁତ୍ୱେ	= ଶତ୍ରୁତାରେ
ଆତ୍ମା, ଏବ	= ନିଜେ ହିଁ	ଶତ୍ରୁବତ୍	= ଶତ୍ରୁପରି
ଆତ୍ମନଃ	= ନିଜର	ବର୍ତ୍ତେତ	= ବ୍ୟବହାର କରେ ।
ବନ୍ଧୁଃ	= ମିତ୍ର		

ଜିତାତ୍ମନଃ ପ୍ରଶାନ୍ତସ୍ୟ ପରମାତ୍ମା ସମାହିତଃ ।
ଶୀତୋଷ୍ଣସୁଖଦୁଃଖେଷୁ ତଥା ମାନାପମାନୟୋଃ ॥ ୭ ॥

ଜିତାତ୍ମନଃ =	ଯେ ନିଜ ଉପରେ ବିଜୟ ପ୍ରାପ୍ତ କରିଛି, ସେହି	ମାନାପ-ମାନୟୋଃ =	ମାନ ଓ ଅପମାନରେ
ଶୀତୋଷ୍ଣ-ସୁଖଦୁଃଖେଷୁ =	ଶୀତ-ଉଷ୍ଣ (ଅନୁକୂଳତା-ପ୍ରତିକୂଳତା), ସୁଖ-ଦୁଃଖ	ପ୍ରଶାନ୍ତସ୍ୟ =	ନିର୍ବିକାର ରହୁଥିବା ମନୁଷ୍ୟକୁ
ତଥା =	ତଥା	ପରମାତ୍ମା =	ପରମାତ୍ମା
		ସମାହିତଃ =	ନିତ୍ୟପ୍ରାପ୍ତ ଅଟନ୍ତି ।

ଜ୍ଞାନବିଜ୍ଞାନତୃପ୍ତାତ୍ମା କୂଟସ୍ଥୋ ବିଜିତେନ୍ଦ୍ରିୟଃ ।
ଯୁକ୍ତ ଇତ୍ୟୁଚ୍ୟତେ ଯୋଗୀ ସମଲୋଷ୍ଟାଶ୍ମକାଞ୍ଚନଃ ॥ ୮ ॥

ଜ୍ଞାନବିଜ୍ଞାନ-ତୃପ୍ତାତ୍ମା =	ଯାହାର ଅନ୍ତଃକରଣ ଜ୍ଞାନ ଓ ବିଜ୍ଞାନରେ ତୃପ୍ତ,	ସମଲୋଷ୍ଟାଶ୍ମ-କାଞ୍ଚନଃ =	ଟେକା, ପଥର ଓ ସୁବର୍ଣ୍ଣରେ ସମବୁଦ୍ଧିସମ୍ପନ୍ନ—
କୂଟସ୍ଥଃ =	ଯେ କୂଟପରି ନିର୍ବିକାର,	ଇତି =	ଏପରି
		ଯୋଗୀ =	ଯୋଗୀକୁ
ବିଜିତେନ୍ଦ୍ରିୟଃ =	ଜିତେନ୍ଦ୍ରିୟ (ତଥା)	ଯୁକ୍ତଃ =	ଯୁକ୍ତ (ଯୋଗାରୂଢ଼)
		ଉଚ୍ୟତେ =	କୁହାଯାଏ ।

ସୁହୃନ୍ମିତ୍ରାର୍ୟୁଦାସୀନମଧ୍ୟସ୍ଥଦ୍ୱେଷ୍ୟବନ୍ଧୁଷୁ ।
ସାଧୁଷ୍ୱପି ଚ ପାପେଷୁ ସମବୁଦ୍ଧିର୍ବିଶିଷ୍ୟତେ ॥ ୯ ॥

ସୁହୃନ୍ମିତ୍ରାର୍ଯ୍ୟୁଦାସୀନମଧ୍ୟସ୍ଥ-ଦ୍ୱେଷ୍ୟବନ୍ଧୁଷୁ = ସୁହୃଦ୍, ମିତ୍ର, ଶତ୍ରୁ, ଉଦାସୀନ, ମଧ୍ୟସ୍ଥ, ଦ୍ୱେଷ୍ୟ ଓ ସମ୍ପର୍କୀୟମାନଙ୍କ ପ୍ରତି

ଚ = ତଥା

ସାଧୁଷୁ = ସାଧୁ ଆଚରଣକାରୀ (ଓ)

ପାପେଷୁ = ପାପାଚରଣକାରୀଙ୍କ ପ୍ରତି

ଅପି = ମଧ୍ୟ

ସମବୁଦ୍ଧିଃ = ସମବୁଦ୍ଧି ରଖୁଥିବା ମନୁଷ୍ୟ

ବିଶିଷ୍ୟତେ = ଶ୍ରେଷ୍ଠ ଅଟେ ।

ଯୋଗୀ ଯୁଞ୍ଜୀତ ସତତମାତ୍ମାନଂ ରହସି ସ୍ଥିତଃ ।
ଏକାକୀ ଯତଚିତ୍ତାତ୍ମା ନିରାଶୀରପରିଗ୍ରହଃ ॥ ୧୦ ॥

ଅପରିଗ୍ରହଃ = ଭୋଗବୁଦ୍ଧିପୂର୍ବକ ସଂଗ୍ରହ ନ କରୁଥିବା,

ନିରାଶୀଃ = ଇଚ୍ଛାରହିତ (ଏବଂ)

ଯତଚିତ୍ତାତ୍ମା = ଅନ୍ତଃକରଣ ତଥା ଶରୀରକୁ ବଶୀଭୂତ କରିଥିବା

ଯୋଗୀ = ଯୋଗୀ

ଏକାକୀ = ଏକାକୀ

ରହସି = ଏକାନ୍ତସ୍ଥାନରେ

ସ୍ଥିତଃ = ରହି

ସତତମ୍ = ନିରନ୍ତର

ଆତ୍ମାନମ୍, ଯୁଞ୍ଜୀତ = (ପରମାତ୍ମାଙ୍କ ଠାରେ) ମନୋନିବେଶ କରନ୍ତୁ ।

ଶୁଚୌ ଦେଶେ ପ୍ରତିଷ୍ଠାପ୍ୟ ସ୍ଥିରମାସନମାତ୍ମନଃ ।
ନାତ୍ୟୁଚ୍ଛ୍ରିତଂ ନାତିନୀଚଂ ଚୈଳାଜିନକୁଶୋତ୍ତରମ୍ ॥ ୧୧ ॥

ଶୁଚୌ	= ପବିତ୍ର	ନ, ଅତ୍ୟୁଚ୍ଛ୍ରିତମ୍	= ଅତି ଉଚ୍ଚ ହୋଇ ନ ଥିବା (ଓ)
ଦେଶେ	= ସ୍ଥାନରେ,	ନ, ଅତିନୀଚମ୍	= ଅତି ନୀଚ ହୋଇ ନ ଥିବା
ଚୈଳାଜିନ-କୁଶୋତ୍ତରମ୍	= (ତଳଆଡୁ କ୍ରମଶଃ) କୁଶାସନ, ମୃଗଚର୍ମ ଓ ବସ୍ତ୍ର ବିଛା ହୋଇଥିବା (ଏବଂ)	ଆତ୍ମନଃ	= ନିଜ
		ଆସନମ୍	= ଆସନକୁ
		ସ୍ଥିରମ୍	= ସ୍ଥିରଭାବେ
		ପ୍ରତିଷ୍ଠାପ୍ୟ	= ସ୍ଥାପନ କରି—

ତତ୍ରୈକାଗ୍ରଂ ମନଃ କୃତ୍ୱା ଯତଚିତ୍ତେନ୍ଦ୍ରିୟକ୍ରିୟଃ ।
ଉପବିଶ୍ୟାସନେ ଯୁଞ୍ଜ୍ୟାଦ୍‌ଯୋଗମାତ୍ମବିଶୁଦ୍ଧୟେ ॥ ୧୨ ॥

ତତ୍ର	= ସେହି	ମନଃ	= ମନ
ଆସନେ	= ଆସନରେ	ଏକାଗ୍ରମ୍	= ଏକାଗ୍ର
ଉପବିଶ୍ୟ	= ଉପବେଶନପୂର୍ବକ,	କୃତ୍ୱା	= କରି
ଯତଚିତ୍ତେନ୍ଦ୍ରିୟ-କ୍ରିୟଃ	= ଚିତ୍ତ ଓ ଇନ୍ଦ୍ରିୟ-ଗଣଙ୍କ କ୍ରିୟାକୁ ଆୟତ୍ତରେ ରଖି,	ଆତ୍ମ-ବିଶୁଦ୍ଧୟେ	= ଅନ୍ତଃକରଣର ଶୁଦ୍ଧି ନିମନ୍ତେ
		ଯୋଗମ୍, ଯୁଞ୍ଜ୍ୟାତ୍	= ଯୋଗାଭ୍ୟାସ କରିବା ଉଚିତ ।

ସମଂ କାୟଶିରୋଗ୍ରୀବଂ ଧାରୟନ୍ନଚଳଂ ସ୍ଥିରଃ ।
ସମ୍ପ୍ରେକ୍ଷ୍ୟ ନାସିକାଗ୍ରଂ ସ୍ୱଂ ଦିଶଶ୍ଚାନବଲୋକୟନ୍ ॥ ୧୩ ॥

କାୟଶିରୋଗ୍ରୀବମ୍ = କାୟା, ଶିର ଓ ଗ୍ରୀବାକୁ
ଅଚଳମ୍ = ଅଚଳଭାବରେ
ସମମ୍ = ସିଧା
ଧାରୟନ୍ = ରଖି
ଚ = ତଥା
ଦିଶଃ = କୌଣସି ଦିଗକୁ
ଅନବଲୋକୟନ୍ = ଦୃଷ୍ଟି ନ ଦେଇ,
ସ୍ୱମ୍ = ନିଜ
ନାସିକାଗ୍ରମ୍ = ନାସିକାର ଅଗ୍ରଭାଗକୁ
ସମ୍ପ୍ରେକ୍ଷ୍ୟ = ଦୃଷ୍ଟି ଦେଇ
ସ୍ଥିରଃ = ସ୍ଥିରଭାବେ (ବସନ୍ତୁ) ।

ପ୍ରଶାନ୍ତାତ୍ମା ବିଗତଭୀର୍ବ୍ରହ୍ମଚାରିବ୍ରତେ ସ୍ଥିତଃ ।
ମନଃ ସଂଯମ୍ୟ ମଚ୍ଚିତ୍ତୋ ଯୁକ୍ତ ଆସୀତ ମତ୍ପରଃ ॥ ୧୪ ॥

ପ୍ରଶାନ୍ତାତ୍ମା = ଯାହାଙ୍କର ଅନ୍ତଃକରଣ ଶାନ୍ତ,
ବିଗତଭୀଃ = ଯେ ଭୟରହିତ (ଓ)
ବ୍ରହ୍ମଚାରିବ୍ରତେ = ବ୍ରହ୍ମଚର୍ଯ୍ୟ-ବ୍ରତରେ
ସ୍ଥିତଃ = ସ୍ଥିତ, (ଏପରି)
ଯୁକ୍ତଃ = ସାବଧାନ ଯୋଗୀ
ମନଃ = ମନ
ସଂଯମ୍ୟ = ସଂଯମପୂର୍ବକ
ମଚ୍ଚିତ୍ତଃ = ମୋ'ଠାରେ ଚିତ୍ତ ନିବିଷ୍ଟ କରି
ମତ୍ପରଃ = ମତ୍ପରାୟଣ ହୋଇ
ଆସୀତ = ବସନ୍ତୁ ।

ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ନିୟତମାନସଃ ।
ଶାନ୍ତିଂ ନିର୍ବାଣପରମାଂ ମତ୍ସଂସ୍ଥାମଧିଗଚ୍ଛତି ॥ ୧୫ ॥

ନିୟତମାନସଃ	= ନିୟତମନା	ମତ୍ସଂସ୍ଥାମ୍	= ମୋ'ଠାରେ ସମ୍ୟକ୍‌ରୂପେ ସ୍ଥିତ
ଯୋଗୀ	= ଯୋଗୀ	ନିର୍ବାଣପରମାମ୍, ଶାନ୍ତିମ୍	= ନିର୍ବାଣପରମା ଶାନ୍ତିକୁ
ଆତ୍ମାନମ୍	= ମନକୁ	ଅଧିଗଚ୍ଛତି	= ପ୍ରାପ୍ତ ହୁଅନ୍ତି ।
ଏବମ୍	= ଏହିରୂପେ		
ସଦା	= ସର୍ବଦା		
ଯୁଞ୍ଜନ୍	= (ପରମାତ୍ମାଙ୍କ ଠାରେ) ନିବିଷ୍ଟ କରି,		

ନାତ୍ୟଶ୍ନତସ୍ତୁ ଯୋଗୋଽସ୍ତି ନ ଚୈକାନ୍ତମନଶ୍ନତଃ ।
ନ ଚାତି ସ୍ୱପ୍ନଶୀଳସ୍ୟ ଜାଗ୍ରତୋ ନୈବ ଚାର୍ଜୁନ ॥ ୧୬ ॥

ଅର୍ଜୁନ	= ହେ ଅର୍ଜୁନ!	ଏକାନ୍ତମ୍	= ଆଦୌ
ଯୋଗଃ	= (ଏହି) ଯୋଗ	ଅନଶ୍ନତଃ	= ଖାଉ ନ ଥିବା ବ୍ୟକ୍ତିର
ତୁ	= କିନ୍ତୁ	ନ, (ଅସ୍ତି)	= ସିଦ୍ଧ ହୁଏ ନାହିଁ
ଅତି	= ଅଧିକ	ଚ	= ତଥା
ଅଶ୍ନତଃ	= ଖାଉଥିବା ବ୍ୟକ୍ତିର	ଅତି	= ଅଧିକ
ନ, (ଅସ୍ତି)	= ସିଦ୍ଧ ହୁଏ ନାହିଁ	ସ୍ୱପ୍ନଶୀଳସ୍ୟ	= ଶୋଉଥିବା ବ୍ୟକ୍ତିର
ଚ	= ଓ		

ନ, (ଅସ୍ତି)	= ସିଦ୍ଧ ହୁଏ ନାହିଁ	ଜାଗ୍ରତଃ	= (ଆଦୌ) ଶୋଇ ନ ଥିବା ବ୍ୟକ୍ତିର
ଚ	= ଓ	ଏବ	= ମଧ୍ୟ
		ନ, ଅସ୍ତି	= ସିଦ୍ଧ ହୁଏ ନାହିଁ ।

ଯୁକ୍ତାହାରବିହାରସ୍ୟ ଯୁକ୍ତଚେଷ୍ଟସ୍ୟ କର୍ମସୁ ।
ଯୁକ୍ତସ୍ୱପ୍ନାବବୋଧସ୍ୟ ଯୋଗୋ ଭବତି ଦୁଃଖହା ॥ ୧୭ ॥

ଦୁଃଖହା	= (ଏହି) ଦୁଃଖନାଶକ	ଯୁକ୍ତଚେଷ୍ଟସ୍ୟ	= ଯଥାଯୋଗ୍ୟ ଚେଷ୍ଟା କରୁଥିବା (ଓ)
ଯୋଗଃ	= ଯୋଗ		
ଯୁକ୍ତାହାର-ବିହାରସ୍ୟ	= ଯଥୋଚିତ ଆହାର-ବିହାର କରୁଥିବା,	ଯୁକ୍ତସ୍ୱପ୍ନାବ-ବୋଧସ୍ୟ	= ଯଥୋଚିତ ଶୟନ-ଜାଗରଣ କରୁଥିବା ବ୍ୟକ୍ତିର (ହିଁ)
କର୍ମସୁ	= କର୍ମରେ	ଭବତି	= (ସିଦ୍ଧ) ହୁଏ ।

ଯଦା ବିନିୟତଂ ଚିତ୍ତମାତ୍ମନ୍ୟେବାବତିଷ୍ଠତେ ।
ନିଃସ୍ପୃହଃ ସର୍ବକାମେଭ୍ୟୋ ଯୁକ୍ତ ଇତ୍ୟୁଚ୍ୟତେ ତଦା ॥ ୧୮ ॥

ବିନିୟତମ୍	= ବଶୀକୃତ	ଆତ୍ମନି	= ନିଜ ସ୍ୱରୂପରେ
ଚିତ୍ତମ୍	= ଚିତ୍ତ	ଏବ	= ହିଁ
ଯଦା	= ଯେତେବେଳେ	ଅବତିଷ୍ଠତେ	= ସ୍ଥିତ ହୋଇଯାଏ (ଓ)

ସର୍ବ-କାମେଭ୍ୟଃ	= (ସ୍ୱୟଂ) ସମସ୍ତ ପଦାର୍ଥରୁ	**ତଦା**	= ସେତେବେଳେ
		ଯୁକ୍ତଃ	= (ତାକୁ) ଯୋଗୀ
ନିଃସ୍ପୃହଃ	= ନିଃସ୍ପୃହ (ହୋଇଯାଏ),	**ଇତି**	= ବୋଲି
		ଉଚ୍ୟତେ	= କୁହାଯାଏ ।

ଯଥା ଦୀପୋ ନିବାତସ୍ଥୋ ନେଙ୍ଗତେ ସୋପମା ସ୍ମୃତା ।
ଯୋଗିନୋ ଯତଚିତ୍ତସ୍ୟ ଯୁଞ୍ଜତୋ ଯୋଗମାତ୍ମନଃ ॥ ୧୯ ॥

ନିବାତସ୍ଥଃ	= ନିଃସ୍ପନ୍ଦ ବାୟୁରେ	**ଯତଚିତ୍ତସ୍ୟ**	= ସଂଯତଚିତ୍ତ
ଦୀପଃ	= ଦୀପଶିଖା	**ଯୋଗିନଃ**	= ଯୋଗୀମାନଙ୍କ
ଯଥା	= ଯେପରି	**ଆତ୍ମନଃ**	= ଚିତ୍ତ ପାଇଁ
ନ, ଇଙ୍ଗତେ	= ନିଶ୍ଚଳ ରହେ,	**ସା**	= ସେହିପରି
ଯୋଗମ୍, ଯୁଞ୍ଜତଃ	= ଯୋଗାଭ୍ୟାସରତ	**ଉପମା**	= ଉପମା
		ସ୍ମୃତା	= କୁହାଯାଇଛି ।

ଯତ୍ରୋପରମତେ ଚିତ୍ତଂ ନିରୁଦ୍ଧଂ ଯୋଗସେବୟା ।
ଯତ୍ର ଚୈବାତ୍ମନାତ୍ମାନଂ ପଶ୍ୟନ୍ନାତ୍ମନି ତୁଷ୍ୟତି ॥ ୨୦ ॥

ଯୋଗସେବୟା	= ଯୋଗାଭ୍ୟାସ ଦ୍ୱାରା	**ଯତ୍ର**	= ଯେଉଁ ଅବସ୍ଥାରେ
		ଉପରମତେ	= ଉପରତ ହୋଇଯାଏ
ନିରୁଦ୍ଧମ୍, ଚିତ୍ତମ୍	= ନିରୁଦ୍ଧ ହୋଇଥିବା ଚିତ୍ତ	**ଚ**	= ତଥା

ଯତ୍ର	= ଯେଉଁ ଅବସ୍ଥାରେ (ସ୍ୱୟଂ)	ପଶ୍ୟନ୍	= ଦର୍ଶନ କରି
ଆତ୍ମନା	= ନିଜ ଦ୍ୱାରା	ଆତ୍ମନି, ଏବ	= ନିଜଠାରେ ହିଁ
ଆତ୍ମାନମ୍	= ନିଜକୁ	ତୁଷ୍ୟତି	= ସନ୍ତୁଷ୍ଟ ହୋଇଯାଏ—

ସୁଖମାତ୍ୟନ୍ତିକଂ ଯତଦ୍‌ବୁଦ୍ଧିଗ୍ରାହ୍ୟମତୀନ୍ଦ୍ରିୟମ୍ ।
ବେତ୍ତି ଯତ୍ର ନ ଚୈବାୟଂ ସ୍ଥିତଶ୍ଚଳତି ତତ୍ତ୍ୱତଃ ॥ ୨୧ ॥

ଯତ୍	= ଯେଉଁ	ବେତ୍ତି	= ଅନୁଭବ କରେ
ସୁଖମ୍	= ସୁଖ	ଚ	= ଏବଂ (ଯେଉଁ ସୁଖରେ)
ଆତ୍ୟନ୍ତିକମ୍	= ଆତ୍ୟନ୍ତିକ,		
ଅତୀନ୍ଦ୍ରିୟମ୍	= ଅତୀନ୍ଦ୍ରିୟ (ଓ)	ସ୍ଥିତଃ	= ସ୍ଥିତ ହୋଇ
ବୁଦ୍ଧିଗ୍ରାହ୍ୟମ୍	= ବୁଦ୍ଧିଗ୍ରାହ୍ୟ,	ଅୟମ୍	= ଏହି ଧ୍ୟାନଯୋଗୀ
ତତ୍	= ସେହି ସୁଖକୁ (ସେ)	ତତ୍ତ୍ୱତଃ	= ତତ୍ତ୍ୱରୁ
		ଏବ	= ଆଉ (କେବେ)
ଯତ୍ର	= ଯେଉଁ ଅବସ୍ଥାରେ	ନ, ଚଳତି	= ବିଚଳିତ ହୁଏ ନାହିଁ—

ଯଂ ଲବ୍‌ଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ ।
ଯସ୍ମିନ୍‌ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ ॥ ୨୨ ॥

ଯମ୍ = ଯେଉଁ
ଲାଭମ୍ = ଲାଭ
ଲବ୍ଧ୍ୱା = ମିଳିଗଲେ
ତତଃ = ତା'ଠାରୁ
ଅଧିକମ୍ = ଅଧିକ
ଅପରମ୍ = ଅନ୍ୟ କୌଣସି (ଲାଭ ଥିବାର)
ନ, ମନ୍ୟତେ = (ସେ) ମନେକରେ ନାହିଁ
ଚ = ଏବଂ
ଯସ୍ମିନ୍ = ଯେଉଁଥିରେ
ସ୍ଥିତଃ = ସ୍ଥିତ ହୋଇଗଲେ (ତାକୁ)
ଗୁରୁଣା, ଦୁଃଖେନ = ମହାଦୁଃଖରେ
ଅପି = ମଧ୍ୟ
ନ, ବିଚାଲ୍ୟତେ = ବିଚଳିତ କରାଯାଇପାରେ ନାହିଁ—

ତଂ ବିଦ୍ୟାଦ୍ ଦୁଃଖସଂଯୋଗବିୟୋଗଂ ଯୋଗସଂଜ୍ଞିତମ୍ ।
ସ ନିଶ୍ଚୟେନ ଯୋକ୍ତବ୍ୟୋ ଯୋଗୋଽନିର୍ବିଣ୍ଣଚେତସା ॥ ୨୩ ॥

ଦୁଃଖସଂଯୋଗ-ବିୟୋଗମ୍ = ଯେଉଁଥିରେ ଦୁଃଖସଂଯୋଗର ବିୟୋଗ ହୁଏ,
ତମ୍ = ତାହାକୁ
ଯୋଗସଂଜ୍ଞିତମ୍ = 'ଯୋଗ' ବୋଲି
ବିଦ୍ୟାତ୍ = ଜାଣିବା ଉଚିତ।
ସଃ = (ସେହି ଯୋଗ ଯେଉଁ ଧ୍ୟାନଯୋଗର ଲକ୍ଷ୍ୟ,) ସେହି
ଯୋଗଃ = ଧ୍ୟାନଯୋଗ
ଅନିର୍ବିଣ୍ଣ-ଚେତସା = ଅଧୈର୍ଯ୍ୟଚିତ୍ତ ନ ହୋଇ
ନିଶ୍ଚୟେନ = ଦୃଢ଼ନିଶ୍ଚୟ-ପୂର୍ବକ
ଯୋକ୍ତବ୍ୟଃ = ଅଭ୍ୟାସ କରିବା ଉଚିତ।

ସଙ୍କଳ୍ପପ୍ରଭବାନ୍ କାମାଂସ୍ତ୍ୟକ୍ତ୍ୱା ସର୍ବାନଶେଷତଃ ।
ମନସୈବେନ୍ଦ୍ରିୟଗ୍ରାମଂ ବିନିୟମ୍ୟ ସମନ୍ତତଃ ॥ ୨୪ ॥

ସଙ୍କଳ୍ପପ୍ରଭବାନ୍	= ସଙ୍କଳ୍ପଜନିତ	**ମନସା**	= ମନ ସାହାଯ୍ୟରେ
ସର୍ବାନ୍	= ସମସ୍ତ	**ଏବ**	= ହିଁ
କାମାନ୍	= କାମନା	**ଇନ୍ଦ୍ରିୟଗ୍ରାମମ୍**	= ଇନ୍ଦ୍ରିୟଗଣଙ୍କୁ
ଅଶେଷତଃ	= ସମ୍ପୂର୍ଣ୍ଣ	**ସମନ୍ତତଃ**	= ସବୁ ଦିଗରୁ
ତ୍ୟକ୍ତ୍ୱା	= ପରିତ୍ୟାଗ କରି (ଓ)	**ବିନିୟମ୍ୟ**	= ନିବୃତ୍ତ କରି—

ଶନୈଃ ଶନୈରୁପରମେଦ୍‌ବୁଦ୍ଧ୍ୟା ଧୃତିଗୃହୀତୟା ।
ଆତ୍ମସଂସ୍ଥଂ ମନଃ କୃତ୍ୱା ନ କିଞ୍ଚିଦପି ଚିନ୍ତୟେତ୍ ॥ ୨୫ ॥

ଧୃତିଗୃହୀତୟା	= ଧୈର୍ଯ୍ୟଯୁକ୍ତ	**ଆତ୍ମସଂସ୍ଥମ୍**	= ପରମାତ୍ମସ୍ୱରୂପରେ ସମ୍ୟକ୍‌ଭାବେ ସ୍ଥାପନ
ବୁଦ୍ଧ୍ୟା	= ବୁଦ୍ଧି ଦ୍ୱାରା (ସଂସାରରୁ)		
ଶନୈଃ, ଶନୈଃ	= ଧୀରେ ଧୀରେ	**କୃତ୍ୱା**	= କରି
ଉପରମେତ୍	= ଉପରତ ହୋଇଯାଅ (ଏବଂ)	**କିଞ୍ଚିତ୍**	= କିଛି
		ଅପି	= ବି
ମନଃ	= ମନ(ବୁଦ୍ଧି)କୁ	**ନ, ଚିନ୍ତୟେତ୍**	= ଚିନ୍ତନ କର ନାହିଁ ।

ଯତୋ ଯତୋ ନିଶ୍ଚରତି ମନଶ୍ଚଞ୍ଚଳମସ୍ଥିରମ୍ ।
ତତସ୍ତତୋ ନିୟମ୍ୟୈତଦାତ୍ମନ୍ୟେବ ବଶଂ ନୟେତ୍ ॥ ୨୬ ॥

ଅସ୍ଥିରମ୍	= (ଏହି) ଅସ୍ଥିର (ଓ)	ନିୟମ୍ୟ	= ନିବୃତ୍ତ କରାଇ
ଚଞ୍ଚଳମ୍	= ଚଞ୍ଚଳ	ଏତତ୍	= ଏହାକୁ
ମନଃ	= ମନ	ଆତ୍ମନି	= (କେବଳ) ପରମାତ୍ମାଙ୍କ ଠାରେ
ଯତଃ, ଯତଃ	= ଯେଉଁ ଯେଉଁ ସ୍ଥାନରେ	ଏବ	= ହିଁ
ନିଶ୍ଚରତି	= ବିଚରଣ କରେ,	ବଶମ୍, ନୟେତ୍	= ଉତ୍ତମରୂପେ ନିବେଶ କର ।*
ତତଃ, ତତଃ	= ସେହି ସେହି ସ୍ଥାନରୁ		

ପ୍ରଶାନ୍ତମନସଂ ହ୍ୟେନଂ ଯୋଗିନଂ ସୁଖମୁତ୍ତମମ୍ ।
ଉପୈତି ଶାନ୍ତରଜସଂ ବ୍ରହ୍ମଭୂତମକଲ୍ମଷମ୍ ॥ ୨୭ ॥

ଅକଲ୍ମଷମ୍	= ଯାହାର ସମସ୍ତ ପାପ ନଷ୍ଟ ହୋଇଯାଇଛି,	ଏନମ୍	= ଏତାଦୃଶ
		ବ୍ରହ୍ମଭୂତମ୍	= ବ୍ରହ୍ମସ୍ୱରୂପ
ଶାନ୍ତରଜସମ୍	= ଯାହାର ରଜୋଗୁଣ ଶାନ୍ତ ହୋଇଯାଇଛି (ଓ)	ଯୋଗିନମ୍	= ଯୋଗୀକୁ
		ହି	= ନିଶ୍ଚିତରୂପେ
		ଉତ୍ତମମ୍	= ଉତ୍ତମ (ସାତ୍ତ୍ୱିକ)
ପ୍ରଶାନ୍ତମନସମ୍	= ଯାହାର ମନ ସମ୍ପୂର୍ଣ୍ଣ ଶାନ୍ତ (ନିର୍ମଳ) ହୋଇଯାଇଛି,	ସୁଖମ୍	= ସୁଖ
		ଉପୈତି	= ପ୍ରାପ୍ତ ହୁଏ ।

* ସମ୍ପୂର୍ଣ୍ଣ ଗୀତାରେ ଅଭ୍ୟାସର ସ୍ୱରୂପ ସ୍ପଷ୍ଟରୂପେ କେବଳ ଏହି ଶ୍ଲୋକରେ ଦେଖିବାକୁ ମିଳେ ।

ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ବିଗତକଳ୍ମଷଃ ।
ସୁଖେନ ବ୍ରହ୍ମସଂସ୍ପର୍ଶମତ୍ୟନ୍ତଂ ସୁଖମଶ୍ନୁତେ ॥ ୨୮ ॥

ଏବମ୍	= ଏହି ପ୍ରକାରେ	**ଯୋଗୀ**	= ଯୋଗୀ
ଆତ୍ମାନମ୍	= ନିଜକୁ	**ସୁଖେନ**	= ସହଜରେ
ସଦା	= ସର୍ବଦା	**ବ୍ରହ୍ମସଂସ୍ପର୍ଶମ୍**	= ବ୍ରହ୍ମପ୍ରାପ୍ତିରୂପକ
ଯୁଞ୍ଜନ୍	= (ପରମାତ୍ମାଙ୍କ ଠାରେ) ସଂଯୁକ୍ତ କରିଥିବା	**ଅତ୍ୟନ୍ତମ୍,** **ସୁଖମ୍**	= ଆତ୍ୟନ୍ତିକ ସୁଖ
ବିଗତକଳ୍ମଷଃ	= ପାପରହିତ	**ଅଶ୍ନୁତେ**	= ଅନୁଭବ କରେ ।

ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି ।
ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ ॥ ୨୯ ॥

ସର୍ବତ୍ର	= ସର୍ବତ୍ର	**ଆତ୍ମାନମ୍**	= ନିଜ ସ୍ୱରୂପକୁ
ସମଦର୍ଶନଃ	= ନିଜର ସ୍ୱରୂପକୁ ଦର୍ଶନ କରୁଥିବା	**ସର୍ବଭୂତସ୍ଥମ୍**	= ସମସ୍ତ ପ୍ରାଣୀଙ୍କ ଠାରେ ସ୍ଥିତ
ଚ	= ଓ	**ଈକ୍ଷତେ**	= ଦେଖେ (ଏବଂ)
ଯୋଗଯୁକ୍ତାତ୍ମା	= ଧ୍ୟାନଯୋଗରେ ଅନ୍ତଃକରଣକୁ ନିମଜ୍ଜିତ କରିଥିବା (ସାଂଖ୍ୟଯୋଗୀ)	**ସର୍ବଭୂତାନି**	= ସମସ୍ତ ପ୍ରାଣୀଙ୍କୁ
		ଆତ୍ମନି	= ନିଜ ସ୍ୱରୂପରେ (ସ୍ଥିତ ଦେଖେ) ।

ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି ।
ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି ॥ ୩୦ ॥

ଯଃ	= ଯେଉଁ (ଭକ୍ତ)	ତସ୍ୟ	= ତା'ପାଇଁ
ସର୍ବତ୍ର	= ସମସ୍ତଙ୍କ ଠାରେ	ଅହମ୍	= ମୁଁ
ମାମ୍	= ମୋତେ	ନ, ପ୍ରଣଶ୍ୟାମି	= ଅଦୃଶ୍ୟ ନୁହେଁ
ପଶ୍ୟତି	= ଦର୍ଶନ କରେ	ଚ	= କି
ଚ	= ଓ	ସଃ	= ସେ
ମୟି	= ମୋ'ଠାରେ	ମେ	= ମୋ ପାଇଁ
ସର୍ବମ୍	= ସମସ୍ତଙ୍କୁ	ନ,	
ପଶ୍ୟତି	= ଦର୍ଶନ କରେ,	ପ୍ରଣଶ୍ୟତି	= ଅଦୃଶ୍ୟ ନୁହେଁ ।

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ॥ ୩୧ ॥

ଏକତ୍ୱମ୍	= (ମୋ'ଠାରେ) ଅଭିନ୍ନଭାବରେ	ସର୍ବଭୂତ-ସ୍ଥିତମ୍	= ସମସ୍ତ ପ୍ରାଣୀଙ୍କ ଠାରେ ସ୍ଥିତ
ଆସ୍ଥିତଃ	= ସ୍ଥିତ	ମାମ୍	= ମୋତେ
ଯଃ	= ଯେଉଁ	ଭଜତି	= ଭଜନ କରେ,
ଯୋଗୀ	= ଭକ୍ତିଯୋଗୀ	ସଃ	= ସେ

ସର୍ବଥା	= ସବୁ ପ୍ରକାର	ମୟି	= ମୋ'ଠାରେ (ହିଁ)
ବର୍ତ୍ତମାନଃ	= ବ୍ୟବହାର କରୁଥିଲେ	ବର୍ତ୍ତତେ	= ସବୁକିଛି କରେ ଅର୍ଥାତ୍ ସେ ସର୍ବଥା ମୋ'ଠାରେ ହିଁ ସ୍ଥିତ ।
ଅପି	= ମଧ୍ୟ		

ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ ।
ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋ ମତଃ ॥ ୩୨ ॥

ଅର୍ଜୁନ	= ହେ ଅର୍ଜୁନ!	ସୁଖମ୍	= ସୁଖ
ଯଃ	= ଯେଉଁ (ଭକ୍ତ)	ଯଦି, ବା	= ଅଥବା
ଆତ୍ମୌ-ପମ୍ୟେନ	= ନିଜ ଶରୀରର ଉପମା ଦେଇ	ଦୁଃଖମ୍	= ଦୁଃଖକୁ (ସମଜ୍ଞାନ କରେ),
ସର୍ବତ୍ର	= ସର୍ବତ୍ର (ମୋତେ)	ସଃ	= ସେ
ସମମ୍	= ସମାନ	ପରମଃ	= ପରମ
ପଶ୍ୟତି	= ଦେଖେ	ଯୋଗୀ	= ଯୋଗୀ
ବା	= ଏବଂ	ମତଃ	= ମାନ୍ୟ ।

ଅର୍ଜୁନ ଉବାଚ

ଯୋଽୟଂ ଯୋଗସ୍ତ୍ୱୟା ପ୍ରୋକ୍ତଃ ସାମ୍ୟେନ ମଧୁସୂଦନ ।
ଏତସ୍ୟାହଂ ନ ପଶ୍ୟାମି ଚଞ୍ଚଳତ୍ୱାତ୍ସ୍ଥିତିଂ ସ୍ଥିରାମ୍ ॥ ୩୩ ॥

ଅର୍ଜୁନ କହିଲେ—

ମଧୁସୂଦନ	= ହେ ମଧୁସୂଦନ!	ଚଞ୍ଚଳତ୍ୱାତ୍	= (ମନ) ଚଞ୍ଚଳ ହୋଇଥିବାରୁ
ତ୍ୱୟା	= ଆପଣ		
ଅୟମ୍	= ଏ	ଅହମ୍	= ମୁଁ
ଯଃ	= ଯେଉଁ	ଏତସ୍ୟ	= ଏହି ଯୋଗର
ସାମ୍ୟେନ	= ସମତାପୂର୍ବକ	ସ୍ଥିରାମ୍	= ସ୍ଥିର
ଯୋଗଃ	= ଯୋଗ	ସ୍ଥିତିମ୍	= ସ୍ଥିତି
ପ୍ରୋକ୍ତଃ	= କହିଲେ,	ନ, ପଶ୍ୟାମି	= ଦେଖୁ ନାହିଁ।

ଚଞ୍ଚଳଂ ହି ମନଃ କୃଷ୍ଣ ପ୍ରମାଥି ବଳବଦ୍‌ଦୃଢମ୍ ।
ତସ୍ୟାହଂ ନିଗ୍ରହଂ ମନ୍ୟେ ବାୟୋରିବ ସୁଦୁଷ୍କରମ୍ ॥ ୩୪ ॥

ହି	= କାରଣ	ତସ୍ୟ	= ତାହାକୁ
କୃଷ୍ଣ	= ହେ କୃଷ୍ଣ!	ନିଗ୍ରହମ୍	= ନିଗ୍ରହ କରିବା
ମନଃ	= ମନ	ବାୟୋଃ, ଇବ	= (ଆକାଶରେ ସ୍ଥିତ) ବାୟୁକୁ ନିଗ୍ରହ କରିବା ପରି
ଚଞ୍ଚଳମ୍	= (ଅତି) ଚଞ୍ଚଳ,		
ପ୍ରମାଥି	= ପ୍ରମଥନଶୀଳ,		
ଦୃଢମ୍	= ଦୃଢ଼ (ଜିଦ୍‌ଖୋର)	ଅହମ୍	= ମୁଁ
		ସୁଦୁଷ୍କରମ୍	= ଅତ୍ୟନ୍ତ ଦୁଷ୍କର
ବଳବତ୍	= (ଓ) ବଳବାନ୍।	ମନ୍ୟେ	= ମନେ କରୁଛି।

ଶ୍ରୀଭଗବାନୁବାଚ

ଅସଂଶୟଂ ମହାବାହୋ ମନୋ ଦୁର୍ନିଗ୍ରହଂ ଚଳମ୍ ।
ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେଣ ଚ ଗୃହ୍ୟତେ ॥ ୩୫ ॥

ଶ୍ରୀଭଗବାନ କହିଲେ—

ମହାବାହୋ	= ହେ ମହାବାହୁ!	**ତୁ**	= ମାତ୍ର
ମନଃ	= ଏ ମନ	**କୌନ୍ତେୟ**	= ହେ କୁନ୍ତୀନନ୍ଦନ!
ଚଳମ୍	= ବଡ଼ ଚଞ୍ଚଳ (ଏବଂ)	**ଅଭ୍ୟାସେନ**	= ଅଭ୍ୟାସ ଦ୍ୱାରା
ଦୁର୍ନିଗ୍ରହମ୍	= ଏହାକୁ ନିଗ୍ରହ କରିବା ମଧ୍ୟ ଅତି କଠିନ—	**ଚ**	= ଓ
		ବୈରାଗ୍ୟେଣ	= ବୈରାଗ୍ୟ ଦ୍ୱାରା
ଅସଂଶୟମ୍	= ତୁମର ଏହି ଉକ୍ତି ସମ୍ପୂର୍ଣ୍ଣ ଠିକ୍ ।	**ଗୃହ୍ୟତେ**	= (ଏହାକୁ) ନିଗ୍ରହ କରାଯାଏ ।

ଅସଂଯତାତ୍ମନା ଯୋଗୋ ଦୁଷ୍ପ୍ରାପ ଇତି ମେ ମତିଃ ।
ବଶ୍ୟାତ୍ମନା ତୁ ଯତତା ଶକ୍ୟୋଽବାପ୍ତୁମୁପାୟତଃ ॥ ୩୬ ॥

ଅସଂଯତାତ୍ମନା	= ଯାହାର ମନ ସମ୍ପୂର୍ଣ୍ଣ ବଶୀଭୂତ ନୁହେଁ, ତା'ଦ୍ୱାରା	**ଦୁଷ୍ପ୍ରାପଃ**	= ପ୍ରାପ୍ତ ହେବା କଠିନ ।
		ତୁ	= କିନ୍ତୁ
ଯୋଗଃ	= ଯୋଗ	**ଉପାୟତଃ**	= ଉପାୟପୂର୍ବକ

ଯତତା	= ଯତ୍ନ କରୁଥିବା (ଓ)	ଅବାପ୍ତୁମ୍, ଶକ୍ୟଃ	= (ଯୋଗ) ପ୍ରାପ୍ତି ହୋଇପାରେ—
ବଶ୍ୟାତ୍ମନା	= ମନ ବଶୀଭୂତ କରିଥିବା ସାଧକକୁ	ଇତି	= ଏହା
		ମେ	= ମୋର
		ମତିଃ	= ମତ ।

ଅର୍ଜୁନ ଉବାଚ

ଅଯତିଃ ଶ୍ରଦ୍ଧୟୋପେତୋ ଯୋଗାଚ୍ଚଳିତମାନସଃ ।
ଅପ୍ରାପ୍ୟ ଯୋଗସଂସିଦ୍ଧିଂ କାଂ ଗତିଂ କୃଷ୍ଣ ଗଚ୍ଛତି ॥ ୩୭ ॥

ଅର୍ଜୁନ କହିଲେ—

କୃଷ୍ଣ	= ହେ କୃଷ୍ଣ!	ଚଳିତମାନସଃ	= ବିଚଳିତମନା ହୋଇଯାଏ, (ତେବେ)
ଶ୍ରଦ୍ଧୟା, ଉପେତଃ	= ଯାହାର ସାଧନାରେ ଶ୍ରଦ୍ଧା ଅଛି,	ଯୋଗସଂସିଦ୍ଧିମ୍	= ଯୋଗସିଦ୍ଧି
ଅଯତିଃ	= କିନ୍ତୁ ପ୍ରଯତ୍ନ ଶିଥିଳ, (ସେ ଯଦି ଅନ୍ତକାଳରେ)	ଅପ୍ରାପ୍ୟ	= ପ୍ରାପ୍ତ ନ କରି (ସେ)
		କାମ୍	= କେଉଁ
		ଗତିମ୍	= ଗତି
ଯୋଗାତ୍	= ଯୋଗରୁ	ଗଚ୍ଛତି	= ଲାଭ କରେ?

କଚ୍ଚିନ୍ନୋଭୟବିଭ୍ରଷ୍ଟଶ୍ଛିନ୍ନାଭ୍ରମିବ ନଶ୍ୟତି ।
ଅପ୍ରତିଷ୍ଠୋ ମହାବାହୋ ବିମୂଢୋ ବ୍ରହ୍ମଣଃ ପଥି ॥ ୩୮ ॥

ମହାବାହୋ	= ହେ ମହାବାହୁ!	ଉଭୟବିଭ୍ରଷ୍ଟଃ	= ଏହିରୂପେ ଉଭୟ ଦିଗରୁ ଭ୍ରଷ୍ଟ ହୋଇଥିବା ସାଧକ
ଅପ୍ରଷ୍ଠିତଃ	= ସଂସାର ଆଶ୍ରୟ ବିରହିତ (ଓ)	ଛିନ୍ନାଭ୍ରମ୍, ଇବ	= ଛିନ୍ନବିଚ୍ଛିନ୍ନ ବାଦଲଖଣ୍ଡ ପରି
ବ୍ରହ୍ମଣଃ	= ପରମାତ୍ମପ୍ରାପ୍ତି	କଚ୍ଚିତ୍, ନ, ନଶ୍ୟତି	= ନଷ୍ଟ ହୋଇଯାଏ ନାହିଁ ତ?
ପଥି	= ମାର୍ଗରେ		
ବିମୂଢଃ	= ମୋହିତ ଅର୍ଥାତ୍ ବିଚଳିତ—		

ଏତନ୍ମେ ସଂଶୟଂ କୃଷ୍ଣ ଛେତ୍ତୁମର୍ହସ୍ୟଶେଷତଃ ।
ତ୍ୱଦନ୍ୟଃ ସଂଶୟସ୍ୟାସ୍ୟ ଛେତ୍ତା ନ ହ୍ୟୁପପଦ୍ୟତେ ॥ ୩୯ ॥

କୃଷ୍ଣ	= ହେ କୃଷ୍ଣ!	ହି	= କାରଣ
ମେ	= ମୋର	ତ୍ୱଦନ୍ୟଃ	= ଆପଣଙ୍କ ବ୍ୟତୀତ
ଏତତ୍	= ଏହି	ଅସ୍ୟ	= ଏହି
ସଂଶୟମ୍	= ସନ୍ଦେହ	ସଂଶୟସ୍ୟ	= ସଂଶୟ
ଅଶେଷତଃ	= ପୂର୍ଣ୍ଣରୂପେ	ଛେତ୍ତା	= ଛେଦନକାରୀ
ଛେତ୍ତୁମ୍	= ଛେଦନ କରିବା ପାଇଁ	ନ, ଉପପଦ୍ୟତେ	= ଅନ୍ୟ କେହି ହୋଇ ନ ପାରେ ।
ଅର୍ହସି	= (ଆପଣ ହିଁ) ସମର୍ଥ;		

ଶ୍ରୀଭଗବାନୁବାଚ

ପାର୍ଥ ନୈବେହ ନାମୁତ୍ର ବିନାଶସ୍ତସ୍ୟ ବିଦ୍ୟତେ ।
ନ ହି କଲ୍ୟାଣକୃତ୍ କଶ୍ଚିଦ୍ଦୁର୍ଗତିଂ ତାତ ଗଚ୍ଛତି ॥ ୪୦ ॥

ଶ୍ରୀଭଗବାନ କହିଲେ—

ପାର୍ଥ	= ହେ ପୃଥାନନ୍ଦନ!	**ନ, ବିଦ୍ୟତେ**	= ହୁଏ ନାହିଁ;
ତସ୍ୟ	= ତାହାର	**ହି**	= କାରଣ
ଇହ	= ଇହଲୋକରେ	**ତାତ**	= ହେ ପ୍ରିୟ!
ନ	= (ବିନାଶ ହୁଏ) ନାହିଁ (ଓ)	**କଲ୍ୟାଣକୃତ୍**	= କଲ୍ୟାଣକାରୀ କର୍ମ କରୁଥିବା
ଅମୁତ୍ର	= ପରଲୋକରେ	**କଶ୍ଚିତ୍**	= କୌଣସି ମନୁଷ୍ୟ
ଏବ	= ମଧ୍ୟ	**ଦୁର୍ଗତିମ୍**	= ଦୁର୍ଗତି
ବିନାଶଃ	= ବିନାଶ	**ନ, ଗଚ୍ଛତି**	= ପ୍ରାପ୍ତ ହୁଏ ନାହିଁ ।

ପ୍ରାପ୍ୟ ପୁଣ୍ୟକୃତାଂ ଲୋକାନୁଷିତ୍ୱା ଶାଶ୍ୱତୀଃ ସମାଃ ।
ଶୁଚୀନାଂ ଶ୍ରୀମତାଂ ଗେହେ ଯୋଗଭ୍ରଷ୍ଟୋଽଭିଜାୟତେ ॥ ୪୧ ॥

ଯୋଗଭ୍ରଷ୍ଟଃ	= (ସେହି) ଯୋଗଭ୍ରଷ୍ଟ	**ପ୍ରାପ୍ୟ**	= ପ୍ରାପ୍ତ ହୋଇ (ଓ)
ପୁଣ୍ୟକୃତାମ୍	= ପୁଣ୍ୟକର୍ମାମାନଙ୍କର	**ଶାଶ୍ୱତୀଃ, ସମାଃ**	= ସେଠାରେ ବହୁବର୍ଷ ପର୍ଯ୍ୟନ୍ତ
ଲୋକାନ୍	= ଲୋକମାନ		

ଉଷିତ୍ୱା	= ରହି (ପୁନର୍ବାର)	ଶ୍ରୀମତାମ୍	= ଶ୍ରୀମନ୍ତଙ୍କ
ଶୁଚୀନାମ୍	= ଶୁଦ୍ଧ (ମମତାରହିତ)	ଗେହେ	= ଘରେ
		ଅଭିଜାୟତେ	= ଜନ୍ମ ଲାଭ କରେ।

ଅଥବା ଯୋଗିନାମେବ କୁଲେ ଭବତି ଧୀମତାମ୍ ।
ଏତଦ୍ଧି ଦୁର୍ଲଭତରଂ ଲୋକେ ଜନ୍ମ ଯଦୀଦୃଶମ୍ ॥ ୪୨ ॥

ଅଥବା	= ଅଥବା (ବୈରାଗ୍ୟବାନ୍ ଯୋଗଭ୍ରଷ୍ଟ)	ଈଦୃଶମ୍	= ଏପରି
		ଏତତ୍	= ଏ
		ଯତ୍	= ଯେଉଁ
ଧୀମତାମ୍	= ଜ୍ଞାନବାନ୍	ଜନ୍ମ	= ଜନ୍ମ, (ତାହା)
ଯୋଗିନାମ୍	= ଯୋଗୀମାନଙ୍କ	ଲୋକେ	= ସଂସାରରେ
କୁଲେ	= କୁଳରେ	ହି	= ନିଶ୍ଚିତରୂପେ
ଏବ	= ହିଁ	ଦୁର୍ଲଭତରମ୍	= ଅତ୍ୟନ୍ତ ଦୁର୍ଲଭ।
ଭବତି	= ଜନ୍ମ ନିଏ।		

ତତ୍ର ତଂ ବୁଦ୍ଧିସଂଯୋଗଂ ଲଭତେ ପୌର୍ବଦେହିକମ୍ ।
ଯତତେ ଚ ତତୋ ଭୂୟଃ ସଂସିଦ୍ଧୌ କୁରୁନନ୍ଦନ ॥ ୪୩ ॥

କୁରୁନନ୍ଦନ	= ହେ କୁରୁନନ୍ଦନ!	ତମ୍	= ସେହି ଯୋଗଭ୍ରଷ୍ଟକୁ
ତତ୍ର	= ସେଠାରେ		

ପୌର୍ବଦେହିକମ୍ = ପୂର୍ବଜନ୍ମକୃତ
ବୁଦ୍ଧି-ସଂଯୋଗମ୍ = ସାଧନସମ୍ପତ୍ତି (ଅନାୟାସରେ)
ଲଭତେ = ପ୍ରାପ୍ତ ହୁଏ
ଚ = ଏବଂ
ତତଃ = ତାହାଦ୍ୱାରା (ସେ)
ସଂସିଦ୍ଧୌ = ସାଧନାର ସିଦ୍ଧି ନିମନ୍ତେ
ଭୂୟଃ = ପୁନର୍ବାର (ବିଶେଷଭାବେ)
ଯତତେ = ପ୍ରଯତ୍ନ କରେ ।

ପୂର୍ବାଭ୍ୟାସେନ ତେନୈବ ହ୍ରିୟତେ ହ୍ୟବଶୋଽପି ସଃ ।
ଜିଜ୍ଞାସୁରପି ଯୋଗସ୍ୟ ଶବ୍ଦବ୍ରହ୍ମାତିବର୍ତ୍ତତେ ॥ ୪୪ ॥

ସଃ = ସେ (ଶ୍ରୀମନ୍ତଙ୍କ ଘରେ ଜନ୍ମ ହୋଇଥିବା ଯୋଗଭ୍ରଷ୍ଟ)
ଅବଶଃ = (ଭୋଗ) ପରବଶ ହୋଇଥିଲେ
ଅପି = ମଧ୍ୟ
ତେନ = ସେହି
ପୂର୍ବାଭ୍ୟାସେନ = ପୂର୍ବଜନ୍ମକୃତ ଅଭ୍ୟାସ (ସାଧନା) ଯୋଗୁଁ
ଏବ = ହିଁ
ହ୍ରିୟତେ = (ପରମାତ୍ମାଙ୍କ ଆଡ଼କୁ) ଆକର୍ଷିତ ହୋଇଯାଏ;
ହି = କାରଣ
ଯୋଗସ୍ୟ = ଯୋଗର (ସମତାର)
ଜିଜ୍ଞାସୁଃ = ଜିଜ୍ଞାସୁ
ଅପି = ମଧ୍ୟ
ଶବ୍ଦବ୍ରହ୍ମ = ବେଦବର୍ଣ୍ଣିତ ସକାମକର୍ମକୁ
ଅତିବର୍ତ୍ତତେ = ଅତିକ୍ରମ କରିଯାଏ ।

ପ୍ରଯତ୍ନାଦ୍‌ଯତମାନସ୍ତୁ ଯୋଗୀ ସଂଶୁଦ୍ଧକିଲ୍‌ବିଷଃ ।
ଅନେକଜନ୍ମସଂସିଦ୍ଧସ୍ତତୋ ଯାତି ପରାଂ ଗତିମ୍ ॥ ୪୫ ॥

ତୁ	= ମାତ୍ର	**ଅନେକ-ଜନ୍ମସଂସିଦ୍ଧଃ**	= ଯେ ଅନେକ ଜନ୍ମ ଦ୍ୱାରା ସିଦ୍ଧ ହୋଇଯାଇଛି,
ଯୋଗୀ	= ଯେଉଁ ଯୋଗୀ	**ତତଃ**	= (ସେ) ତା'ପରେ
ପ୍ରଯତ୍ନାତ୍	= ପ୍ରଯତ୍ନପୂର୍ବକ	**ପରାମ୍, ଗତିମ୍**	= ପରମଗତି
ଯତମାନଃ	= ଚେଷ୍ଟା କରୁଛି (ଓ)	**ଯାତି**	= ପ୍ରାପ୍ତ ହୁଏ ।
ସଂଶୁଦ୍ଧ-କିଲ୍‌ବିଷଃ	= ଯାହାର ପାପ ନଷ୍ଟ ହୋଇଯାଇଛି (ତଥା)		

ତପସ୍ୱିଭ୍ୟୋଽଧିକୋ ଯୋଗୀ ଜ୍ଞାନିଭ୍ୟୋଽପି ମତୋଽଧିକଃ ।
କର୍ମିଭ୍ୟଶ୍ଚାଧିକୋ ଯୋଗୀ ତସ୍ମାଦ୍‌ଯୋଗୀ ଭବାର୍ଜୁନ ॥ ୪୬ ॥

ତପସ୍ୱିଭ୍ୟଃ	= (ସକାମଭାବଯୁକ୍ତ) ତପସ୍ୱୀମାନଙ୍କ ଠାରୁ (ମଧ୍ୟ)	**ଅପି**	= ମଧ୍ୟ
		ଅଧିକଃ	= (ଯୋଗୀ) ଶ୍ରେଷ୍ଠ
		ଚ	= ଏବଂ
ଯୋଗୀ	= ଯୋଗୀ	**କର୍ମିଭ୍ୟଃ**	= କର୍ମୀମାନଙ୍କ ଠାରୁ ମଧ୍ୟ
ଅଧିକଃ	= ଶ୍ରେଷ୍ଠ,		
ଜ୍ଞାନିଭ୍ୟଃ	= ଜ୍ଞାନୀମାନଙ୍କ ଠାରୁ	**ଯୋଗୀ**	= ଯୋଗୀ
		ଅଧିକଃ	= ଶ୍ରେଷ୍ଠ—

ମତଃ	= (ଏହା ମୋର) ମତ ।	ଅର୍ଜୁନ	= ହେ ଅର୍ଜୁନ! (ତୁମେ)
		ଯୋଗୀ	= ଯୋଗୀ
ତସ୍ମାତ୍	= ତେଣୁ	ଭବ	= ହୁଅ ।

ଯୋଗିନାମପି ସର୍ବେଷାଂ ମଦ୍‌ଗତେନାନ୍ତରାତ୍ମନା ।
ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ ସ ମେ ଯୁକ୍ତତମୋ ମତଃ ॥ ୪୭ ॥

ସର୍ବେଷାମ୍	= ସମସ୍ତ	ମାମ୍	= ମୋର
ଯୋଗିନାମ୍	= ଯୋଗୀଙ୍କ ମଧ୍ୟରେ	ଭଜତେ	= ଭଜନ କରେ,
ଅପି	= ବି	ମେ	= ମୋ
ଯଃ	= ଯେଉଁ	ମତଃ	= ମତରେ
ଶ୍ରଦ୍ଧାବାନ୍	= ଶ୍ରଦ୍ଧାବାନ୍ ଭକ୍ତ	ସଃ	= ସେ
ମଦ୍‌ଗତେନ, ଅନ୍ତରାତ୍ମନା	= ମଦ୍‌ଗତମନା ହୋଇ	ଯୁକ୍ତତମଃ	= ସର୍ବଶ୍ରେଷ୍ଠ ଯୋଗୀ ।

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ ଆତ୍ମସଂଯମଯୋଗୋ ନାମ ଷଷ୍ଠୋଽଧ୍ୟାୟଃ ॥ ୬ ॥

ଏହି ପ୍ରକାରେ 'ଓଁ, ତତ୍, ସତ୍'—ଏହି ଭଗବନ୍ନାମ ଉଚ୍ଚାରଣପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍‌ଗୀତୋପନିଷଦ୍-ରୂପକ ଶ୍ରୀକୃଷ୍ଣାର୍ଜୁନସଂବାଦରେ 'ଆତ୍ମସଂଯମଯୋଗ' ନାମକ ଷଷ୍ଠ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୬ ॥

***

॥ ଓଁ ଶ୍ରୀପରମାତ୍ମନେ ନମଃ ॥

ଅଥ ସପ୍ତମୋଽଧ୍ୟାୟଃ

(ସପ୍ତମ ଅଧ୍ୟାୟ)

ଶ୍ରୀଭଗବାନୁବାଚ

ମୟ୍ୟାସକ୍ତମନାଃ ପାର୍ଥ ଯୋଗଂ ଯୁଞ୍ଜନ୍ମଦାଶ୍ରୟଃ ।
ଅସଂଶୟଂ ସମଗ୍ରଂ ମାଂ ଯଥା ଜ୍ଞାସ୍ୟସି ତଚ୍ଛୃଣୁ ॥ ୧ ॥

ଶ୍ରୀଭଗବାନ କହିଲେ—

ପାର୍ଥ	= ହେ ପୃଥାନନ୍ଦନ!	**ମାମ୍**	= (ତୁମେ) ମୋର
ମୟି	= ମୋ'ଠାରେ	**ସମଗ୍ରମ୍**	= (ଯେଉଁ) ସମଗ୍ରରୂପକୁ
ଆସକ୍ତମନାଃ	= ଆସକ୍ତମନା ହୋଇ (ଓ)	**ଯଥା**	= ଯେପରି
ମଦାଶ୍ରୟଃ	= ମୋର ଆଶ୍ରିତ ହୋଇ	**ଅସଂଶୟମ୍**	= ନିଃସନ୍ଦେହରେ
		ଜ୍ଞାସ୍ୟସି	= ଜାଣିବ,
ଯୋଗମ୍, ଯୁଞ୍ଜନ୍	= ଯୋଗାଭ୍ୟାସ କରି	**ତତ୍**	= ତାହା (ସେହିପରି)
		ଶୃଣୁ	= ଶୁଣ ।

ଜ୍ଞାନଂ ତେଽହଂ ସବିଜ୍ଞାନମିଦଂ ବକ୍ଷ୍ୟାମ୍ୟଶେଷତଃ ।
ଯଜ୍ଜ୍ଞାତ୍ୱା ନେହ ଭୂୟୋଽନ୍ୟଜ୍ଜ୍ଞାତବ୍ୟମବଶିଷ୍ୟତେ ॥ ୨ ॥

ଅହମ୍	= ମୁଁ	**ତେ**	= ତୁମକୁ

ଇଦମ୍ = ଏହି
ସବିଜ୍ଞାନମ୍ = ବିଜ୍ଞାନସହିତ
ଜ୍ଞାନମ୍ = ଜ୍ଞାନ
ଅଶେଷତଃ = ପୂର୍ଣ୍ଣରୂପେ
ବକ୍ଷ୍ୟାମି = କହିବି,
ଯତ୍ = ଯାହା
ଜ୍ଞାତ୍ୱା = ଜାଣିବାପରେ
ଭୂୟଃ = ପୁଣି
ଇହ = ଏ ବିଷୟରେ
ଜ୍ଞାତବ୍ୟମ୍ = ଜାଣିବାଯୋଗ୍ୟ
ଅନ୍ୟତ୍ = ଆଉ କିଛି
ନ, ଅବଶିଷ୍ୟତେ = ବାକି ରହିବ ନାହିଁ।

ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିଦ୍‌ଯତତି ସିଦ୍ଧୟେ ।
ଯତତାମପି ସିଦ୍ଧାନାଂ କଶ୍ଚିନ୍ମାଂ ବେତ୍ତି ତତ୍ତ୍ୱତଃ ॥ ୩ ॥

ସହସ୍ରେଷୁ = ହଜାର ହଜାର
ମନୁଷ୍ୟାଣାମ୍ = ମନୁଷ୍ୟଙ୍କ ମଧ୍ୟରୁ
କଶ୍ଚିତ୍ = କେହି ଜଣେ
ସିଦ୍ଧୟେ = ସିଦ୍ଧି (କଲ୍ୟାଣ) ନିମନ୍ତେ
ଯତତି = ପ୍ରଯତ୍ନ କରେ (ଏବଂ)
ଯତତାମ୍ = (ସେହି) ପ୍ରଯତ୍ନଶୀଳ
ସିଦ୍ଧାନାମ୍ = ସିଦ୍ଧ(ମୁକ୍ତପୁରୁଷ) ମାନଙ୍କ ମଧ୍ୟରୁ
କଶ୍ଚିତ୍ = କେହି ଜଣେ
ଅପି = ହିଁ
ମାମ୍ = ମୋତେ
ତତ୍ତ୍ୱତଃ = ଯଥାର୍ଥରୂପେ
ବେତ୍ତି = ଜାଣେ।

ଭୂମିରାପୋଽନଲୋ ବାୟୁଃ ଖଂ ମନୋ ବୁଦ୍ଧିରେବ ଚ ।
ଅହଂକାର ଇତୀୟଂ ମେ ଭିନ୍ନା ପ୍ରକୃତିରଷ୍ଟଧା ॥ ୪ ॥

ଅପରେୟମିତସ୍ତ୍ୱନ୍ୟାଂ ପ୍ରକୃତିଂ ବିଦ୍ଧି ମେ ପରାମ୍ ।
ଜୀବଭୂତାଂ ମହାବାହୋ ଯୟେଦଂ ଧାର୍ଯ୍ୟତେ ଜଗତ୍ ॥ ୫ ॥

ଭୂମିଃ	= ପୃଥିବୀ,	ଅଷ୍ଟଧା, ଭିନ୍ନା	= ଆଠ ପ୍ରକାରର;
ଆପଃ	= ଜଳ,	ତୁ	= ଏବଂ
ଅନଳଃ	= ତେଜ,	ମହାବାହୋ	= ହେ ମହାବାହୁ!
ବାୟୁଃ	= ବାୟୁ,	ଇତଃ	= ଏହି ଅପରା ପ୍ରକୃତିରୁ
ଖମ୍	= ଆକାଶ	ଅନ୍ୟାମ୍	= ଭିନ୍ନ
ଚ	= ଏବଂ	ମେ	= ମୋର
ମନଃ	= ମନ,	ଜୀବଭୂତାମ୍	= ଜୀବରୂପା
ବୁଦ୍ଧିଃ	= ବୁଦ୍ଧି	ପରାମ୍	= ପରା
ଏବ	= ତଥା	ପ୍ରକୃତିମ୍	= ପ୍ରକୃତିକୁ
ଅହଂକାରଃ	= ଅହଂକାର—	ବିଦ୍ଧି	= ଜାଣ,
ଇତି	= ଏହିରୂପେ	ଯୟା	= ଯାହାଦ୍ୱାରା
ମେ	= ମୋର	ଇଦମ୍	= ଏ
ଇୟମ୍	= ଏ	ଜଗତ୍	= ଜଗତ
ଅପରା	= ଅପରା	ଧାର୍ଯ୍ୟତେ	= ଧାରଣ କରାଯାଏ ।
ପ୍ରକୃତିଃ	= ପ୍ରକୃତି		
ଇୟମ୍	= ଏପରି		

ଏତଦ୍ୟୋନୀନି ଭୂତାନି ସର୍ବାଣୀତ୍ୟୁପଧାରୟ ।
ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା ॥ ୬ ॥

ସର୍ବାଣି	= ସମସ୍ତ	ଉପଧାରୟ	= ତୁମେ ଜାଣିରଖ ।
ଭୂତାନି	= ପ୍ରାଣୀଙ୍କର (ଉତ୍ପତ୍ତିରେ)	ଅହମ୍	= ମୁଁ
		କୃତ୍ସ୍ନସ୍ୟ	= ସମଗ୍ର
ଏତଦ୍‌ଯୋନୀନି	= ଅପରା ଓ ପରା ପ୍ରକୃତିର ସଂଯୋଗ ହିଁ କାରଣ	ଜଗତଃ	= ଜଗତର
		ପ୍ରଭବଃ	= ପ୍ରଭବ
		ତଥା	= ତଥା
ଇତି	= ବୋଲି	ପ୍ରଳୟଃ	= ପ୍ରଳୟ ।

ମତ୍ତଃ ପରତରଂ ନାନ୍ୟତ୍‌କିଞ୍ଚିଦସ୍ତି ଧନଞ୍ଜୟ ।
ମୟି ସର୍ବମିଦଂ ପ୍ରୋତଂ ସୂତ୍ରେ ମଣିଗଣା ଇବ ॥ ୭ ॥

ଧନଞ୍ଜୟ	= (ତେଣୁ) ହେ ଧନଞ୍ଜୟ!	ନ, ଅସ୍ତି	= ନାହିଁ ।
ମତ୍ତଃ	= ମୋ	ମଣିଗଣାଃ	= ସୂତାର ମାଳିଦାନାଗୁଡ଼ିକ
ପରତରମ୍	= ବ୍ୟତୀତ (ଏହି ଜଗତର)	ସୂତ୍ରେ	= ସୂତାରେ
		ଇବ	= ଗୁନ୍ଥା ହେଲାପରି
ଅନ୍ୟତ୍	= ଅନ୍ୟ କୌଣସି	ଇଦମ୍	= ଏହି
କିଞ୍ଚିତ୍	= କିଞ୍ଚିନ୍ମାତ୍ର; (କାରଣ ଓ କାର୍ଯ୍ୟ)	ସର୍ବମ୍	= ସମଗ୍ର ଜଗତ
		ମୟି	= ମୋ'ଠାରେ
		ପ୍ରୋତମ୍	= ଓତପ୍ରୋତ ।

ରସୋଽହମପ୍‌ସୁ କୌନ୍ତେୟ ପ୍ରଭାସ୍ମି ଶଶିସୂର୍ଯ୍ୟୟୋଃ ।
ପ୍ରଣବଃ ସର୍ବବେଦେଷୁ ଶବ୍ଦଃ ଖେ ପୌରୁଷଂ ନୃଷୁ ॥ ୮ ॥

କୌନ୍ତେୟ = ହେ କୁନ୍ତୀନନ୍ଦନ!
ଅହମ୍ = ମୁଁ
ଅପ୍ସୁ = ଜଳରେ
ରସଃ = ରସ,
ଶଶିସୂର୍ଯ୍ୟୟୋଃ = ଚନ୍ଦ୍ର ଓ ସୂର୍ଯ୍ୟଙ୍କ ଠାରେ
ପ୍ରଭା = ପ୍ରଭା,
ସର୍ବବେଦେଷୁ = ସମସ୍ତ ବେଦରେ
ପ୍ରଣବଃ = ପ୍ରଣବ (ଓଁ କାର),
ଖେ = ଆକାଶରେ
ଶବ୍ଦଃ = ଶବ୍ଦ (ଏବଂ)
ନୃଷୁ = ମନୁଷ୍ୟମାନଙ୍କ ଠାରେ
ପୌରୁଷମ୍, ଅସ୍ମି = ପୁରୁଷାର୍ଥ ଅଟେ ।

ପୁଣ୍ୟୋ ଗନ୍ଧଃ ପୃଥିବ୍ୟାଂ ଚ ତେଜଶ୍ଚାସ୍ମି ବିଭାବସୌ ।
ଜୀବନଂ ସର୍ବଭୂତେଷୁ ତପଶ୍ଚାସ୍ମି ତପସ୍ୱିଷୁ ॥ ୯ ॥

ପୃଥିବ୍ୟାମ୍ = (ମୁଁ) ପୃଥିବୀରେ
ପୁଣ୍ୟଃ = ପବିତ୍ର
ଗନ୍ଧଃ = ଗନ୍ଧ
ଚ = ଓ
ବିଭାବସୌ = ଅଗ୍ନିରେ
ତେଜଃ = ତେଜ
ଅସ୍ମି = ଅଟେ
ଚ = ଏବଂ
ସର୍ବଭୂତେଷୁ = ସମସ୍ତ ପ୍ରାଣୀଙ୍କ ଠାରେ
ଜୀବନମ୍ = ଜୀବନୀଶକ୍ତି
ଚ = ଓ
ତପସ୍ୱିଷୁ = ତପସ୍ୱୀମାନଙ୍କ ଠାରେ
ତପଃ = ତପସ୍ୟା
ଅସ୍ମି = ଅଟେ ।

ବୀଜଂ ମାଂ ସର୍ବଭୂତାନାଂ ବିଦ୍ଧି ପାର୍ଥ ସନାତନମ୍ ।
ବୁଦ୍ଧିର୍ବୁଦ୍ଧିମତାମସ୍ମି ତେଜସ୍ତେଜସ୍ୱିନାମହମ୍ ॥ ୧୦ ॥

ପାର୍ଥ	= ହେ ପୃଥାନନ୍ଦନ!	ଅହମ୍	= ମୁଁ
ମାମ୍	= ମୋତେ	ବୁଦ୍ଧିମତାମ୍	= ବୁଦ୍ଧିମାନ୍‌ମାନଙ୍କର
ସର୍ବଭୂତାନାମ୍	= ସମସ୍ତ ପ୍ରାଣୀଙ୍କର	ବୁଦ୍ଧିଃ	= ବୁଦ୍ଧି (ଓ)
ସନାତନମ୍	= ଅନାଦି	ତେଜସ୍ୱିନାମ୍	= ତେଜସ୍ୱୀମାନଙ୍କର
ବୀଜମ୍	= ବୀଜ	ତେଜଃ	= ତେଜ
ବିଦ୍ଧି	= ବୋଲି ଜାଣ ।	ଅସ୍ମି	= ଅଟେ ।

ବଳଂ ବଳବତାଂ ଚାହଂ କାମରାଗବିବର୍ଜିତମ୍ ।
ଧର୍ମାବିରୁଦ୍ଧୋ ଭୂତେଷୁ କାମୋଽସ୍ମି ଭରତର୍ଷଭ ॥ ୧୧ ॥

ଭରତର୍ଷଭ	= ହେ ଭରତଶ୍ରେଷ୍ଠ ଅର୍ଜୁନ!	ଚ	= ଏବଂ
ଅହମ୍	= ମୁଁ	ଭୂତେଷୁ	= ପ୍ରାଣୀମାନଙ୍କ ଠାରେ
ବଳବତାମ୍	= ବଳବାନ୍‌ଙ୍କର	ଧର୍ମାବିରୁଦ୍ଧଃ	= ଧର୍ମର ଅବିରୁଦ୍ଧ (ଧର୍ମଯୁକ୍ତ)
କାମରାଗ-ବିବର୍ଜିତମ୍	= କାମ ଓ ରାଗ ବିବର୍ଜିତ	କାମଃ	= କାମ
ବଳମ୍	= ବଳ	ଅସ୍ମି	= ଅଟେ ।

ଯେ ଚୈବ ସାତ୍ତ୍ୱିକା ଭାବା ରାଜସାସ୍ତାମସାଶ୍ଚ ଯେ ।
ମତ୍ତ ଏବେତି ତାନ୍‌ବିଦ୍ଧି ନ ତ୍ୱହଂ ତେଷୁ ତେ ମୟି ॥ ୧୨ ॥

ଅଧିକ କ'ଣ କହିବି—

ଯେ	= ଯେତେ	ଏବ	= ବି

ସାତ୍ତ୍ୱିକାଃ	= ସାତ୍ତ୍ୱିକ	ଏବ	= ହିଁ ଉତ୍ପନ୍ନ
ଚ	= ଓ	ଇତି	= ବୋଲି
ଯେ	= ଯେତେ	ବିଦ୍ଧି	= ବୁଝ ।
ଚ	= ବି	ତୁ	= କିନ୍ତୁ
ରାଜସାଃ	= ରାଜସ	ଅହମ୍	= ମୁଁ
ଚ	= ତଥା	ତେଷୁ	= ସେସବୁରେ (ଓ)
ତାମସାଃ, ଭାବାଃ	= ତାମସ ଭାବ ଅଛି,	ତେ	= ସେସବୁ
ତାନ୍	= ସେସବୁ	ମୟି	= ମୋ'ଠାରେ
ମତ୍ତଃ	= ମୋ'ଠାରୁ	ନ	= ନାହାନ୍ତି ।

ତ୍ରିଭିର୍ଗୁଣମୟୈର୍ଭାବୈରେଭିଃ ସର୍ବମିଦଂ ଜଗତ୍ ।
ମୋହିତଂ ନାଭିଜାନାତି ମାମେଭ୍ୟଃ ପରମବ୍ୟୟମ୍ ॥ ୧୩ ॥

କିନ୍ତୁ—

ଏଭିଃ	= ଏହି	ଜଗତ୍	= ଜଗତ (ପ୍ରାଣୀସମୂହ)
ତ୍ରିଭିଃ	= ତିନି		
ଗୁଣମୟୈଃ	= ଗୁଣରୂପକ	ଏଭ୍ୟଃ	= ଏ ସମସ୍ତ ଗୁଣରୁ
ଭାବୈଃ	= ଭାବ ଦ୍ୱାରା	ପରମ୍	= ଅତୀତ
ମୋହିତମ୍	= ମୋହିତ	ଅବ୍ୟୟମ୍	= ଅବିନାଶୀ
ଇଦମ୍	= ଏହି	ମାମ୍	= ମୋତେ
ସର୍ବମ୍	= ସମଗ୍ର	ନ, ଅଭିଜାନାତି	= ଜାଣେ ନାହିଁ ।

ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା ।
ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ ॥ ୧୪ ॥

ହି	= କାରଣ	ଯେ	= ଯେଉଁମାନେ
ମମ	= ମୋର	ମାମ୍, ଏବ	= କେବଳ ମୋର
ଏଷା	= ଏହି	ପ୍ରପଦ୍ୟନ୍ତେ	= ଶରଣାପନ୍ନ ହୁଅନ୍ତି,
ଗୁଣମୟୀ	= ଗୁଣମୟୀ	ତେ	= ସେମାନେ
ଦୈବୀ	= ଦୈବୀ	ଏତାମ୍	= ଏହି
ମାୟା	= ମାୟା	ମାୟାମ୍	= ମାୟାକୁ
ଦୁରତ୍ୟୟା	= (ବଡ଼) ଦୁସ୍ତର ଅର୍ଥାତ୍ ଏଥିରୁ ପାରିହେବା ବଡ଼ କଠିନ ।	ତରନ୍ତି	= ତରିଯାଆନ୍ତି ।

ନ ମାଂ ଦୁଷ୍କୃତିନୋ ମୂଢାଃ ପ୍ରପଦ୍ୟନ୍ତେ ନରାଧମାଃ ।
ମାୟୟାପହୃତଜ୍ଞାନା ଆସୁରଂ ଭାବମାଶ୍ରିତାଃ ॥ ୧୫ ॥

କିନ୍ତୁ—

ମାୟୟା	= ମାୟା ଦ୍ୱାରା	ନରାଧମାଃ	= ନରାଧମ (ତଥା)
ଅପହୃତଜ୍ଞାନାଃ	= ଜ୍ଞାନ ଅପହୃତ ହୋଇଥିବା,	ଦୁଷ୍କୃତିନଃ	= ପାପାଚରଣକାରୀ
ଆସୁରମ୍	= ଆସୁର	ମୂଢାଃ	= ମୂଢ଼ ମନୁଷ୍ୟ
ଭାବମ୍	= ସ୍ୱଭାବର	ମାମ୍	= ମୋର
ଆଶ୍ରିତାଃ	= ଆଶ୍ରିତ (ଏବଂ)	ନ, ପ୍ରପଦ୍ୟନ୍ତେ	= ଶରଣାପନ୍ନ ହୁଅନ୍ତି ନାହିଁ ।

ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତିନୋଽର୍ଜୁନ ।
ଆର୍ତ୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ ॥ ୧୬ ॥

ଭରତର୍ଷଭ, ଅର୍ଜୁନ = ହେ ଭରତଶ୍ରେଷ୍ଠ ଅର୍ଜୁନ!
ସୁକୃତିନଃ = ପବିତ୍ର କର୍ମ କରୁଥିବା
ଅର୍ଥାର୍ଥୀ = ଅର୍ଥାର୍ଥୀ,
ଆର୍ତ୍ତଃ = ଆର୍ତ୍ତ,
ଜିଜ୍ଞାସୁଃ = ଜିଜ୍ଞାସୁ
ଚ = ଓ
ଜ୍ଞାନୀ = ଜ୍ଞାନୀ ବା ପ୍ରେମୀ—(ଏହି)
ଚତୁର୍ବିଧା = ଚାରିପ୍ରକାର
ଜନାଃ = ମନୁଷ୍ୟ
ମାମ୍ = ମୋର
ଭଜନ୍ତେ = ଭଜନ କରନ୍ତି ଅର୍ଥାତ୍ ମୋର ଶରଣାପନ୍ନ ହୁଅନ୍ତି ।

ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ ଏକଭକ୍ତିର୍ବିଶିଷ୍ୟତେ ।
ପ୍ରିୟୋ ହି ଜ୍ଞାନିନୋଽତ୍ୟର୍ଥମହଂ ସ ଚ ମମ ପ୍ରିୟଃ ॥ ୧୭ ॥

ତେଷାମ୍ = ସେହି ଚାରିପ୍ରକାର ଭକ୍ତଙ୍କ ମଧ୍ୟରୁ
ନିତ୍ୟଯୁକ୍ତଃ = ମୋ'ଠାରେ ନିତ୍ୟଯୁକ୍ତ
ଏକଭକ୍ତିଃ = ଅନନ୍ୟ ଭକ୍ତିସମ୍ପନ୍ନ
ଜ୍ଞାନୀ = ଜ୍ଞାନୀ ଅର୍ଥାତ୍ ପ୍ରେମୀଭକ୍ତ
ବିଶିଷ୍ୟତେ = ଶ୍ରେଷ୍ଠ;
ହି = କାରଣ
ଜ୍ଞାନିନଃ = ଜ୍ଞାନୀଭକ୍ତଙ୍କର
ଅହମ୍ = ମୁଁ

ଅତ୍ୟର୍ଥମ୍ = ଅତି
ପ୍ରିୟଃ = ପ୍ରିୟ
ଚ = ଏବଂ

ସଃ = ସେ (ମଧ୍ୟ)
ମମ = ମୋର
ପ୍ରିୟଃ = (ଅତି) ପ୍ରିୟ ।

ଉଦାରାଃ ସର୍ବ ଏବୈତେ ଜ୍ଞାନୀ ତ୍ୱାତ୍ମୈବ ମେ ମତମ୍ ।
ଆସ୍ଥିତଃ ସ ହି ଯୁକ୍ତାତ୍ମା ମାମେବାନୁତ୍ତମାଂ ଗତିମ୍ ॥ ୧୮ ॥

ଏତେ = ପୂର୍ବୋକ୍ତ
ସର୍ବେ, ଏବ = ସମସ୍ତ ଭକ୍ତ
ଉଦାରାଃ = ବଡ଼ ଉଦାର (ଶ୍ରେଷ୍ଠଭାବଯୁକ୍ତ) ।
ତୁ = କିନ୍ତୁ
ମତମ୍ = (ମୋ) ମତରେ
ଜ୍ଞାନୀ = ଜ୍ଞାନୀ (ପ୍ରେମୀ)
ମେ = ମୋର
ଆତ୍ମା, ଏବ = ହିଁ ସ୍ୱରୂପ;
ହି = କାରଣ
ସଃ = ସେ

ଯୁକ୍ତାତ୍ମା = ମୋ ସହ ଅଭିନ୍ନ (ଏବଂ)
ଅନୁତ୍ତମାମ୍, ଗତିମ୍ = ଯାହାଠାରୁ ଶ୍ରେଷ୍ଠ ଅନ୍ୟ କୌଣସି ଗତି ନାହିଁ, (ଏତାଦୃଶ)
ମାମ୍ = ମୋ'ଠାରେ
ଏବ = ହିଁ
ଆସ୍ଥିତଃ = (ସେ) ଦୃଢ଼ଭାବରେ ସ୍ଥିତ ।

ବହୂନାଂ ଜନ୍ମନାମନ୍ତେ ଜ୍ଞାନବାନ୍ମାଂ ପ୍ରପଦ୍ୟତେ ।
ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭଃ ॥ ୧୯ ॥

ବହୂନାମ୍ = ଅନେକ

ଜନ୍ମନାମ୍ = ଜନ୍ମର

ଅନ୍ତେ	= ଅନ୍ତିମ ଜନ୍ମରେ ଅର୍ଥାତ୍ ମନୁଷ୍ୟ ଜନ୍ମରେ	ଜ୍ଞାନବାନ୍	= (ଯେଉଁ) ଜ୍ଞାନବାନ୍
		ମାମ୍	= ମୋର
		ପ୍ରପଦ୍ୟତେ	= ଶରଣାପନ୍ନ ହୁଏ,
ସର୍ବମ୍	= 'ସବୁକିଛି	ସଃ	= ସେ
ବାସୁଦେବଃ	= ପରମାତ୍ମା'	ମହାତ୍ମା	= ମହାତ୍ମା
ଇତି	= ବୋଲି (ଜାଣି)	ସୁଦୁର୍ଲଭଃ	= ଅତ୍ୟନ୍ତ ଦୁର୍ଲଭ ।

କାମୈସ୍ତୈସ୍ତୈର୍ହୃତଜ୍ଞାନାଃ ପ୍ରପଦ୍ୟନ୍ତେଽନ୍ୟଦେବତାଃ ।
ତଂ ତଂ ନିୟମମାସ୍ଥାୟ ପ୍ରକୃତ୍ୟା ନିୟତାଃ ସ୍ୱୟା ॥ ୨୦ ॥

କିନ୍ତୁ—

ତୈଃ, ତୈଃ	= ସେହି ସେହି	ନିୟତାଃ	= ନିୟନ୍ତ୍ରିତ ହୋଇ
କାମୈଃ	= କାମନା ଦ୍ୱାରା	ତମ୍, ତମ୍	= (ଦେବତାମାନଙ୍କର) ସେହି ସେହି
ହୃତଜ୍ଞାନାଃ	= ଯେଉଁମାନଙ୍କର ଜ୍ଞାନ ଅପହୃତ ହୋଇଯାଇଛି, (ସେମାନେ)	ନିୟମମ୍	= ନିୟମଗୁଡ଼ିକୁ
		ଆସ୍ଥାୟ	= ଧାରଣ କରି
ସ୍ୱୟା	= ନିଜ ନିଜ	ଅନ୍ୟ-ଦେବତାଃ	= ଅନ୍ୟ ଦେବଗଣଙ୍କ ଠାରେ
ପ୍ରକୃତ୍ୟା	= ପ୍ରକୃତି ବା ସ୍ୱଭାବ ଦ୍ୱାରା	ପ୍ରପଦ୍ୟନ୍ତେ	= ଶରଣ ପଶନ୍ତି ।*

* ଏହି ଅଧ୍ୟାୟର ୧୫ଶ ଶ୍ଳୋକରେ ବର୍ଣ୍ଣିତ ମନୁଷ୍ୟଙ୍କର ଜ୍ଞାନ ମାୟାରେ ଆବୃତ ହୋଇଛି ଏବଂ ଏଠାରେ ବର୍ଣ୍ଣିତ ମନୁଷ୍ୟଙ୍କର ଜ୍ଞାନ କାମନାରେ ଆବୃତ

ଯୋ ଯୋ ଯାଂ ଯାଂ ତନୁଂ ଭକ୍ତଃ ଶ୍ରଦ୍ଧୟାର୍ଚିତୁମିଚ୍ଛତି ।
ତସ୍ୟ ତସ୍ୟାଚଳାଂ ଶ୍ରଦ୍ଧାଂ ତାମେବ ବିଦଧାମ୍ୟହମ୍ ॥ ୨୧ ॥

ଯଃ, ଯଃ	= ଯେଉଁ ଯେଉଁ	**ତସ୍ୟ, ତସ୍ୟ**	= ସେହି ସେହି ଦେବତାଙ୍କ ପ୍ରତି
ଭକ୍ତଃ	= ଭକ୍ତ	**ଏବ**	= ହିଁ
ଯାମ୍, ଯାମ୍*	= ଯେଉଁ ଯେଉଁ	**ଅହମ୍**	= ମୁଁ
ତନୁମ୍	= ଦେବତାଙ୍କୁ	**ତାମ୍**	= (ତା'ର) ସେହି
ଶ୍ରଦ୍ଧୟା	= ଶ୍ରଦ୍ଧା ସହକାରେ	**ଶ୍ରଦ୍ଧାମ୍**	= ଶ୍ରଦ୍ଧାକୁ
ଅର୍ଚିତୁମ୍	= ପୂଜା କରିବାକୁ	**ଅଚଳାମ୍**	= ଦୃଢ଼
ଇଚ୍ଛତି	= ଇଚ୍ଛା କରେ,	**ବିଦଧାମି**	= କରିଦିଏ ।

ହୋଇଛି । ସେଠାକାର ମନୁଷ୍ୟ କାମନାପୂର୍ତ୍ତି ପାଇଁ ଜଡ଼ ପଦାର୍ଥର ଆଶ୍ରୟ ନିଅନ୍ତି ଏବଂ ଏଠାକାର ମନୁଷ୍ୟ କାମନାପୂର୍ତ୍ତି ପାଇଁ ଦେବତାମାନଙ୍କର ଆଶ୍ରୟ ନିଅନ୍ତି । ସେଠାକାର ମନୁଷ୍ୟ ଦୁଷ୍ଟତା ହେତୁ ନରକକୁ ଯାଆନ୍ତି ଏବଂ ଏଠାକାର ମନୁଷ୍ୟ କାମନା ହେତୁ ବାରମ୍ବାର ଜନ୍ମ-ମରଣ ଲାଭ କରନ୍ତି ।

* ଯେପରି ଏଠାରେ 'ଯୋ ଯଃ, ଯାଂ ଯାମ୍' ବ୍ୟବହୃତ ହୋଇଛି, ସେହିପରି ଅଷ୍ଟମ ଅଧ୍ୟାୟର ଷଷ୍ଠ ଶ୍ଳୋକରେ 'ଯଂ ଯଂ ବାପି ସ୍ମରନ୍ ଭାବମ୍' ବ୍ୟବହୃତ ହୋଇଛି । ଦୁଇଥର ଲେଖାଏଁ 'ଯତ୍' ଶବ୍ଦ (ଯଥା—'ଯୋ ଯଃ', 'ଯାଂ ଯାମ୍' ଓ 'ଯଂ ଯମ୍') ପ୍ରୟୋଗର ତାତ୍ପର୍ଯ୍ୟ ହେଉଛି, ଯେପରି ମନୁଷ୍ୟ ଉପାସନା କରିବାରେ ସ୍ୱତନ୍ତ୍ର ଅର୍ଥାତ୍ ସେ ଦେବତାଙ୍କ ଉପାସନା କରୁ ବା ମୋ' ଉପାସନା କରୁ, ଏଥିରେ ସେ ସ୍ୱତନ୍ତ୍ର, ସେହିପରି ଅନ୍ତକାଳରେ ସ୍ମରଣ କରିବାରେ ମଧ୍ୟ ସେ ସର୍ବଥା ସ୍ୱତନ୍ତ୍ର ଅର୍ଥାତ୍ ସେ ମୋର ସ୍ମରଣ କରିପାରେ ବା ଆଉ କାହାର ସ୍ମରଣ କରିପାରେ ।

ସ ତୟା ଶ୍ରଦ୍ଧୟା ଯୁକ୍ତସ୍ତସ୍ୟାରାଧନମୀହତେ ।
ଲଭତେ ଚ ତତଃ କାମାନ୍ମୟୈବ ବିହିତାନ୍ ହି ତାନ୍ ॥ ୨୨ ॥

ତୟା	= ସେହି (ମୋ ଦ୍ୱାରା ଦୃଢ଼ କରାଯାଇଥିବା)	ତତଃ	= ତା'ର
ଶ୍ରଦ୍ଧୟା	= ଶ୍ରଦ୍ଧାରେ	କାମାନ୍	= କାମନା
ଯୁକ୍ତଃ	= ଯୁକ୍ତ ହୋଇ	ଲଭନ୍ତେ	= ମଧ୍ୟ ପୂରଣ ହୁଏ;
ସଃ	= ସେହି ମନୁଷ୍ୟ	ହି	= କିନ୍ତୁ
ତସ୍ୟ	= ସେହି ଦେବତାଙ୍କୁ	ମୟା	= ମୋ ଦ୍ୱାରା
ଆରାଧନମ୍	= (ସକାମଭାବରେ) ଉପାସନା	ଏବ	= ହିଁ
ଈହତେ	= କରେ	ତାନ୍	= ସେହି (କାମନାପୂର୍ତ୍ତିର)
ଚ	= ଏବଂ	ବିହିତାନ୍	= ବିଧାନ କରାଯାଇଥାଏ ।

ଅନ୍ତବତ୍ତୁ ଫଳଂ ତେଷାଂ ତଦ୍ଭବତ୍ୟଳ୍ପମେଧସାମ୍ ।
ଦେବାନ୍ ଦେବଯଜୋ ଯାନ୍ତି ମଦ୍ଭକ୍ତା ଯାନ୍ତି ମାମପି ॥ ୨୩ ॥

ତୁ	= କିନ୍ତୁ	ଅଳ୍ପମେଧସାମ୍	= ତୁଚ୍ଛ ବୁଦ୍ଧିଯୁକ୍ତ ମନୁଷ୍ୟଙ୍କୁ
ତେଷାମ୍	= ସେହି		

ତତ୍ = ସେହି ଦେବତାମାନଙ୍କ ଆରାଧନାରୁ
ଅନ୍ତବତ୍ = ନାଶବାନ୍
ଫଳମ୍ = ଫଳ
ଭବତି = ମିଳେ ।
ଦେବଯଜଃ = ଦେବତାମାନଙ୍କୁ ପୂଜା କରୁଥିବା ମନୁଷ୍ୟ
ଦେବାନ୍ = ଦେବତାମାନଙ୍କୁ
ଯାନ୍ତି = ପ୍ରାପ୍ତ ହୁଅନ୍ତି (ଏବଂ)
ମଦ୍ଭକ୍ତାଃ = ମୋର ଭକ୍ତମାନେ
ମାମ୍ = ମୋତେ
ଅପି = ହିଁ
ଯାନ୍ତି = ପ୍ରାପ୍ତ ହୁଅନ୍ତି ।

ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ ମନ୍ୟନ୍ତେ ମାମବୁଦ୍ଧୟଃ ।
ପରଂ ଭାବମଜାନନ୍ତୋ ମମାବ୍ୟୟମନୁତ୍ତମମ୍ ॥ ୨୪ ॥

ଅବୁଦ୍ଧୟଃ = ବୁଦ୍ଧିହୀନ ମନୁଷ୍ୟ
ମମ = ମୋର
ପରମ୍ = ପରମ,
ଅବ୍ୟୟମ୍ = ଅବିନାଶୀ (ଓ)
ଅନୁତ୍ତମମ୍ = ସର୍ବଶ୍ରେଷ୍ଠ
ଭାବମ୍ = ଭାବକୁ
ଅଜାନନ୍ତଃ = ନ ଜାଣି
ଅବ୍ୟକ୍ତମ୍ = ଅବ୍ୟକ୍ତ (ମନ ଓ ଇନ୍ଦ୍ରିୟମାନଙ୍କ ଠାରୁ ଅତୀତ)
ମାମ୍ = ମୋତେ (ସଚ୍ଚିଦାନନ୍ଦ ପରମାତ୍ମାଙ୍କୁ)
ବ୍ୟକ୍ତିମ୍, ଆପନ୍ନମ୍ = ମନୁଷ୍ୟପରି ଶରୀରଧାରୀ
ମନ୍ୟନ୍ତେ = ମନେ କରନ୍ତି ।

ନାହଂ ପ୍ରକାଶଃ ସର୍ବସ୍ୟ ଯୋଗମାୟାସମାବୃତଃ ।
ମୂଢୋଽୟଂ ନାଭିଜାନାତି ଲୋକୋ ମାମଜମବ୍ୟୟମ୍ ॥ ୨୫ ॥

ଅୟମ୍ = ଏ ଯେଉଁ
ମୂଢଃ = ମୂଢ଼
ଲୋକଃ = ଜନସମୁଦାୟ
ମାମ୍ = ମୋତେ
ଅଜମ୍ = ଅଜ (ଓ)
ଅବ୍ୟୟମ୍ = ଅବିନାଶୀ (ବୋଲି)
ନ, ଅଭିଜାନାତି = ଠିକ୍‌ଭାବେ ଜାଣେ ନାହିଁ (ମାନେ ନାହିଁ),
ସର୍ବସ୍ୟ = ସେ ସମସ୍ତଙ୍କ (ସମ୍ମୁଖରେ)
ଯୋଗମାୟା-ସମାବୃତଃ = ଯୋଗମାୟାରେ ସମାବୃତ ହୋଇଥିବାରୁ
ଅହମ୍ = ମୁଁ
ପ୍ରକାଶଃ = ପ୍ରକାଶିତ
ନ = ହୁଏ ନାହିଁ ।

ବେଦାହଂ ସମତୀତାନି ବର୍ତ୍ତମାନାନି ଚାର୍ଜୁନ ।
ଭବିଷ୍ୟାଣି ଚ ଭୂତାନି ମାଂ ତୁ ବେଦ ନ କଶ୍ଚନ ॥ ୨୬ ॥

ଅର୍ଜୁନ = ହେ ଅର୍ଜୁନ!
ଭୂତାନି = ଯେଉଁ ପ୍ରାଣୀମାନେ
ସମତୀତାନି = ପୂର୍ବରୁ ଥିଲେ
ଚ = ତଥା
ବର୍ତ୍ତମାନାନି = ଯେଉଁମାନେ ବର୍ତ୍ତମାନ ଅଛନ୍ତି
ଚ = ଏବଂ
ଭବିଷ୍ୟାଣି = ଯେଉଁମାନେ ଭବିଷ୍ୟତରେ ହେବେ, (ସେ ସମସ୍ତଙ୍କୁ)
ଅହମ୍ = ମୁଁ
ବେଦ = ଜାଣେ;
ତୁ = କିନ୍ତୁ

ମାମ୍	= ମୋତେ	ନ, ବେଦ	= ଜାଣେ ନାହିଁ ।
କଶ୍ଚନ	= (ଭକ୍ତ ବ୍ୟତୀତ) କେହି		

ଇଚ୍ଛାଦ୍ୱେଷସମୁତ୍‌ଥେନ ଦ୍ୱନ୍ଦ୍ୱମୋହେନ ଭାରତ ।
ସର୍ବଭୂତାନି ସମ୍ମୋହଂ ସର୍ଗେ ଯାନ୍ତି ପରନ୍ତପ ॥ ୨୭ ॥

ଭାରତ	= ହେ ଭରତବଂଶଜ	ସର୍ବଭୂତାନି	= ସମସ୍ତ ପ୍ରାଣୀ
ପରନ୍ତପ	= ଶତ୍ରୁତାପନ ଅର୍ଜୁନ!	ସର୍ଗେ	= ସଂସାରରେ (ଅନାଦିକାଳରୁ)
ଇଚ୍ଛାଦ୍ୱେଷ-ସମୁତ୍‌ଥେନ	= ଇଚ୍ଛା-ଦ୍ୱେଷଜନିତ	ସମ୍ମୋହମ୍	= ମୂଢ଼ତା ଅର୍ଥାତ୍ ଜନ୍ମମୃତ୍ୟୁ
ଦ୍ୱନ୍ଦ୍ୱମୋହେନ	= ଦ୍ୱନ୍ଦ୍ୱ ଓ ମୋହରେ (ମୋହିତ ହୋଇ)	ଯାନ୍ତି	= ପ୍ରାପ୍ତ ହେଉଛନ୍ତି ।

ଯେଷାଂ ତ୍ୱନ୍ତଗତଂ ପାପଂ ଜନାନାଂ ପୁଣ୍ୟକର୍ମଣାମ୍ ।
ତେ ଦ୍ୱନ୍ଦ୍ୱମୋହନିର୍ମୁକ୍ତା ଭଜନ୍ତେ ମାଂ ଦୃଢବ୍ରତାଃ ॥ ୨୮ ॥

ତୁ	= କିନ୍ତୁ	ପାପମ୍	= ପାପ
ଯେଷାମ୍	= ଯେଉଁ	ଅନ୍ତଗତମ୍	= ନଷ୍ଟ ହୋଇଯାଇଛି,
ପୁଣ୍ୟକର୍ମଣାମ୍	= ପୁଣ୍ୟକର୍ମା		
ଜନାନାମ୍	= ମନୁଷ୍ୟମାନଙ୍କର	ତେ	= ସେହି

ଦ୍ୱନ୍ଦ୍ୱମୋହ-ନିର୍ମୁକ୍ତାଃ	= ଦ୍ୱନ୍ଦ୍ୱ-ମୋହରହିତ ମନୁଷ୍ୟ	ଦୃଢବ୍ରତାଃ	= ଦୃଢ଼ବ୍ରତୀ ହୋଇ
		ମାମ୍	= ମୋତେ
		ଭଜନ୍ତେ	= ଭଜନ୍ତି ।

ଜରାମରଣମୋକ୍ଷାୟ ମାମାଶ୍ରିତ୍ୟ ଯତନ୍ତି ଯେ ।
ତେ ବ୍ରହ୍ମ ତଦ୍‌ବିଦୁଃ କୃତ୍ସ୍ନମଧ୍ୟାତ୍ମଂ କର୍ମ ଚାଖିଲମ୍ ॥ ୨୯ ॥

ଜରାମରଣ-ମୋକ୍ଷାୟ	= ଜରା ଓ ମୃତ୍ୟୁରୁ ମୁକ୍ତି ପାଇବା ଉଦ୍ଦେଶ୍ୟରେ	ତତ୍	= ସେହି
		ବ୍ରହ୍ମ	= ବ୍ରହ୍ମକୁ,
		କୃତ୍ସ୍ନମ୍	= ସମସ୍ତ
ଯେ	= ଯେଉଁମାନେ	ଅଧ୍ୟାତ୍ମମ୍	= ଅଧ୍ୟାତ୍ମକୁ
ମାମ୍	= ମୋର	ଚ	= ଓ
ଆଶ୍ରିତ୍ୟ	= ଆଶ୍ରିତ ହୋଇ	ଅଖିଳମ୍	= ସମସ୍ତ
ଯତନ୍ତି	= ପ୍ରଯତ୍ନ କରନ୍ତି,	କର୍ମ	= କର୍ମକୁ
ତେ	= ସେମାନେ	ବିଦୁଃ	= ଜାଣିଯାଆନ୍ତି ।

ସାଧିଭୂତାଧିଦୈବଂ ମାଂ ସାଧିଯଜ୍ଞଂ ଚ ଯେ ବିଦୁଃ ।
ପ୍ରୟାଣକାଳେଽପି ଚ ମାଂ ତେ ବିଦୁର୍ଯୁକ୍ତଚେତସଃ ॥ ୩୦ ॥

ଯେ	= ଯେଉଁମାନେ	ସାଧିଯଜ୍ଞମ୍	= ଅଧିଯଜ୍ଞ ସହ
ସାଧିଭୂତାଧି-ଦୈବମ୍	= ଅଧିଭୂତ ଓ ଅଧିଦୈବ ସହ	ମାମ୍	= ମୋତେ
		ବିଦୁଃ	= ଜାଣନ୍ତି,
ଚ	= ତଥା	ତେ	= ସେହି

ଯୁକ୍ତଚେତସଃ	=	ଯୁକ୍ତଚିତ୍ତ ମନୁଷ୍ୟ	**ଚ**	=	ହିଁ
ପ୍ରୟାଣକାଳେ	=	ଅନ୍ତକାଳରେ	**ବିଦୁଃ**	=	ଜାଣନ୍ତି ଅର୍ଥାତ୍ ମୋତେ ପ୍ରାପ୍ତ ହୁଅନ୍ତି ।
ଅପି	=	ମଧ୍ୟ			
ମାମ୍	=	ମୋତେ			

ଓଁ ତତ୍ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ ଜ୍ଞାନବିଜ୍ଞାନଯୋଗୋ ନାମ ସପ୍ତମୋଽଧ୍ୟାୟଃ ॥ ୭ ॥

ଏହି ପ୍ରକାରେ 'ଓଁ, ତତ୍, ସତ୍'—ଏହି ଭଗବନ୍ନାମ ଉଚ୍ଚାରଣପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଦ୍‌ଭଗବଦ୍‌ଗୀତୋପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନସଂବାଦରେ 'ଜ୍ଞାନବିଜ୍ଞାନଯୋଗ' ନାମକ ସପ୍ତମ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୭ ॥

✹✹✹

॥ ଓଁ ଶ୍ରୀପରମାତ୍ମନେ ନମଃ ॥

ଅଥାଷ୍ଟମୋଽଧ୍ୟାୟଃ

(ଅଷ୍ଟମ ଅଧ୍ୟାୟ)

ଅର୍ଜୁନ ଉବାଚ

କିଂ ତଦ୍‌ବ୍ରହ୍ମ କିମଧ୍ୟାତ୍ମଂ କିଂ କର୍ମ ପୁରୁଷୋତ୍ତମ ।
ଅଧିଭୂତଂ ଚ କିଂ ପ୍ରୋକ୍ତମଧିଦୈବଂ କିମୁଚ୍ୟତେ ॥ ୧ ॥

ଅଧିଯଜ୍ଞଃ କଥଂ କୋଽତ୍ର ଦେହେଽସ୍ମିନ୍ ମଧୁସୂଦନ ।
ପ୍ରୟାଣକାଲେ ଚ କଥଂ ଜ୍ଞେୟୋଽସି ନିୟତାତ୍ମଭିଃ ॥ ୨ ॥

ଅର୍ଜୁନ କହିଲେ—

ପୁରୁଷୋତ୍ତମ	= ହେ ପୁରୁଷୋତ୍ତମ!	**ପ୍ରୋକ୍ତମ୍**	= କୁହାଯାଇଛି?
ତତ୍	= ସେହି	**ଚ**	= ଏବଂ
ବ୍ରହ୍ମ	= ବ୍ରହ୍ମ	**ଅଧିଦୈବମ୍**	= ଅଧିଦୈବ
କିମ୍	= କ'ଣ?	**କିମ୍**	= କାହାକୁ
ଅଧ୍ୟାତ୍ମମ୍	= ଅଧ୍ୟାତ୍ମ	**ଉଚ୍ୟତେ**	= କୁହାଯାଏ?
କିମ୍	= କ'ଣ?	**ଅତ୍ର**	= ଏଠି
କର୍ମ	= କର୍ମ	**ଅଧିଯଜ୍ଞଃ**	= ଅଧିଯଜ୍ଞ
କିମ୍	= କ'ଣ?	**କଃ**	= କିଏ
ଅଧିଭୂତମ୍	= ଅଧିଭୂତ	**ଚ**	= ଓ (ସେ)
କିମ୍	= କାହାକୁ	**ଅସ୍ମିନ୍**	= ଏହି

ଦେହେ	= ଦେହରେ	ପ୍ରୟାଣକାଳେ	= ଅନ୍ତକାଳରେ (ଆପଣ)
କଥମ୍	= କିପରି ଥାଏ?		
ମଧୁସୂଦନ	= ହେ ମଧୁସୂଦନ!	କଥମ୍	= କିପରି
ନିୟତାତ୍ମଭିଃ	= ବଶୀଭୂତ ଅନ୍ତଃକରଣଯୁକ୍ତ ମନୁଷ୍ୟ ଦ୍ୱାରା	ଜ୍ଞେୟଃ, ଅସି	= ବୋଧଗମ୍ୟ ହୁଅନ୍ତି?

ଶ୍ରୀଭଗବାନୁବାଚ

ଅକ୍ଷରଂ ବ୍ରହ୍ମ ପରମଂ ସ୍ୱଭାବୋଽଧ୍ୟାତ୍ମମୁଚ୍ୟତେ ।
ଭୂତଭାବୋଦ୍ଭବକରୋ ବିସର୍ଗଃ କର୍ମସଂଜ୍ଞିତଃ ॥ ୩ ॥

ଶ୍ରୀଭଗବାନ କହିଲେ—

ପରମମ୍	= ପରମ	ଉଚ୍ୟତେ	= କହନ୍ତି ।
ଅକ୍ଷରମ୍	= ଅକ୍ଷର	ଭୂତଭାବୋ-ଦ୍ଭବକରଃ	= ପ୍ରାଣୀମାନଙ୍କର ସତ୍ତା ପ୍ରକଟ କରୁଥିବା
ବ୍ରହ୍ମ	= (ହିଁ) ବ୍ରହ୍ମ (ଏବଂ)		
ସ୍ୱଭାବଃ	= ପରା ପ୍ରକୃତି (ଜୀବ)କୁ	ବିସର୍ଗଃ	= ତ୍ୟାଗକୁ
ଅଧ୍ୟାତ୍ମମ୍	= ଅଧ୍ୟାତ୍ମ	କର୍ମସଂଜ୍ଞିତଃ	= କର୍ମ କୁହାଯାଏ ।

ଅଧିଭୂତଂ କ୍ଷରୋ ଭାବଃ ପୁରୁଷଶ୍ଚାଧିଦୈବତମ୍ ।
ଅଧିଯଜ୍ଞୋଽହମେବାତ୍ର ଦେହେ ଦେହଭୃତାଂ ବର ॥ ୪ ॥

ଦେହଭୃତାମ୍, ବର	= ହେ ଦେହଧାରୀଶ୍ରେଷ୍ଠ ଅର୍ଜୁନ!	ଅଧିଦୈବତମ୍	= ଅଧିଦୈବ ଅଟନ୍ତି
		ଚ	= ଏବଂ
କ୍ଷରଃ, ଭାବଃ	= କ୍ଷର ଭାବ ଅର୍ଥାତ୍ ନଶ୍ୱର ପଦାର୍ଥ	ଅତ୍ର	= ଏହି
		ଦେହେ	= ଦେହରେ (ଅନ୍ତର୍ଯାମୀରୂପେ ସ୍ଥିତ)
ଅଧିଭୂତମ୍	= ଅଧିଭୂତ ଅଟେ,		
ପୁରୁଷଃ	= ପୁରୁଷ ଅର୍ଥାତ୍ ହିରଣ୍ୟଗର୍ଭ ବ୍ରହ୍ମା	ଅହମ୍, ଏବ	= ମୁଁ ହେଉଛି
		ଅଧିଯଜ୍ଞଃ	= ଅଧିଯଜ୍ଞ ।

ଅନ୍ତକାଳେ ଚ ମାମେବ ସ୍ମରନ୍ ମୁକ୍ତ୍ୱା କଳେବରମ୍ ।
ଯଃ ପ୍ରୟାତି ସ ମଦ୍ଭାବଂ ଯାତି ନାସ୍ତ୍ୟତ୍ର ସଂଶୟଃ ॥ ୫ ॥

ଯଃ	= ଯେଉଁ ମନୁଷ୍ୟ	ସଃ	= ସେ
ଅନ୍ତକାଳେ	= ଅନ୍ତକାଳରେ	ମଦ୍ଭାବମ୍	= ମୋର ସ୍ୱରୂପକୁ
ଚ	= ମଧ୍ୟ		
ମାମ୍	= ମୋତେ	ଏବ	= ହିଁ
ସ୍ମରନ୍	= ସ୍ମରଣ କରି	ଯାତି	= ପ୍ରାପ୍ତ ହୁଏ,
କଳେବରମ୍	= ଶରୀର	ଅତ୍ର	= ଏଥିରେ
ମୁକ୍ତ୍ୱା	= ଛାଡ଼ି	ସଂଶୟଃ	= ସନ୍ଦେହ
ପ୍ରୟାତି	= ଚାଲିଯାଏ,	ନ, ଅସ୍ତି	= ନାହିଁ ।

ଯଂ ଯଂ ବାପି ସ୍ମରନ୍ ଭାବଂ ତ୍ୟଜତ୍ୟନ୍ତେ କଳେବରମ୍ ।
ତଂ ତମେବୈତି କୌନ୍ତେୟ ସଦା ତଦ୍ଭାବଭାବିତଃ ॥ ୬ ॥

କୌନ୍ତେୟ = ହେ କୁନ୍ତୀପୁତ୍ର ଅର୍ଜୁନ!
ଅନ୍ତେ = (ମନୁଷ୍ୟ) ଅନ୍ତକାଳରେ
ଯମ୍, ଯମ୍ = ଯେଉଁ ଯେଉଁ
ଭାବମ୍ = ଭାବକୁ
ବା, ଅପି = ବି
ସ୍ମରନ୍ = ସ୍ମରଣ କରି
କଳେବରମ୍ = ଶରୀର
ତ୍ୟଜତି = ଛାଡ଼େ,
ସଦା, ତଦ୍ଭାବଭାବିତଃ = ସେ ସେହି ଅନ୍ତକାଳୀନ ଭାବରେ ସର୍ବଦା ଭାବିତ ହୋଇ
ତମ୍, ତମ୍, ଏବ = ସେହି ସେହି (ଭାବକୁ)
ଏତି = ପ୍ରାପ୍ତ ହୁଏ ଅର୍ଥାତ୍ ସେହି ସେହି ଯୋନିକୁ ଚାଲିଯାଏ ।

ତସ୍ମାତ୍ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ୍ୟ ଚ ।
ମୟ୍ୟର୍ପିତମନୋବୁଦ୍ଧିର୍ମାମେବୈଷ୍ୟସ୍ୟସଂଶୟମ୍ ॥ ୭ ॥

ତସ୍ମାତ୍ = ତେଣୁ (ତୁମେ)
ସର୍ବେଷୁ = ସବୁ
କାଳେଷୁ = ସମୟରେ
ମାମ୍ = ମୋତେ
ଅନୁସ୍ମର = ସ୍ମରଣ କର (ଓ)
ଯୁଧ୍ୟ, ଚ = ଯୁଦ୍ଧ ବି କର ।
ମୟି = (ତୁମେ) ମୋ'ଠାରେ
ଅର୍ପିତ-ମନୋବୁଦ୍ଧିଃ = ମନ ଓ ବୁଦ୍ଧି ଅର୍ପଣ କଲେ

ଅସଂଶୟମ୍	= ନିଃସନ୍ଦେହରେ	ଏବ	= ହିଁ
ମାମ୍	= ମୋତେ	ଏଷ୍ୟସି	= ପ୍ରାପ୍ତ ହେବ ।

ଅଭ୍ୟାସଯୋଗଯୁକ୍ତେନ ଚେତସା ନାନ୍ୟଗାମିନା ।
ପରମଂ ପୁରୁଷଂ ଦିବ୍ୟଂ ଯାତି ପାର୍ଥାନୁଚିନ୍ତୟନ୍ ॥ ୮ ॥

ପାର୍ଥ	= ହେ ପୃଥାନନ୍ଦନ!	ଦିବ୍ୟମ୍	= ଦିବ୍ୟ
ଅଭ୍ୟାସଯୋଗ-ଯୁକ୍ତେନ	= ଅଭ୍ୟାସ-ଯୋଗଯୁକ୍ତ	ପୁରୁଷମ୍	= ପୁରୁଷଙ୍କୁ
ନାନ୍ୟଗାମିନା	= (ଓ) ଅନ୍ୟ ଚିନ୍ତନରହିତ	ଅନୁଚିନ୍ତୟନ୍	= ଚିନ୍ତନ କରି (ଶରୀର ଛାଡୁଥିବା ମନୁଷ୍ୟ)
ଚେତସା	= ଚିତ୍ତ ଦ୍ୱାରା	ଯାତି	= (ତାଙ୍କୁ) ପ୍ରାପ୍ତ ହୁଏ ।
ପରମମ୍	= ପରମ		

କବିଂ ପୁରାଣମନୁଶାସିତାର
ମଣୋରଣୀୟାଂସମନୁସ୍ମରେଦ୍ ଯଃ ।
ସର୍ବସ୍ୟ ଧାତାରମଚିନ୍ତ୍ୟରୂପ-
ମାଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ॥ ୯ ॥

ଯଃ	= ଯେଉଁ ମନୁଷ୍ୟ	ପୁରାଣମ୍	= ଅନାଦି,
କବିମ୍	= ସର୍ବଜ୍ଞ,	ଅନୁ-ଶାସିତାରମ୍	= ସମସ୍ତଙ୍କର ଶାସନକର୍ତ୍ତା,

ଅଣୋଃ,
ଅଣୀୟାଂସମ୍ = ସୂକ୍ଷ୍ମାତିସୂକ୍ଷ୍ମ,
ସର୍ବସ୍ୟ = ସମସ୍ତଙ୍କର
ଧାତାରମ୍ = ଧାରଣ-ପୋଷଣକାରୀ,
ତମସଃ = ଅଜ୍ଞାନରୁ
ପରସ୍ତାତ୍ = ଅତି ଉର୍ଦ୍ଧ୍ୱରେ (ଓ)
ଆଦିତ୍ୟବର୍ଣ୍ଣମ୍ = ସୂର୍ଯ୍ୟଙ୍କ ଭଳି ପ୍ରକାଶସ୍ୱରୂପ ଅର୍ଥାତ୍ ଜ୍ଞାନସ୍ୱରୂପ
ଅଚିନ୍ତ୍ୟରୂପମ୍ = ଅଚିନ୍ତ୍ୟ ରୂପର
ଅନୁସ୍ମରେତ୍ = ଚିନ୍ତନ କରେ—

ପ୍ରୟାଣକାଳେ ମନସାଚଳେନ
ଭକ୍ତ୍ୟା ଯୁକ୍ତୋ ଯୋଗବଳେନ ଚୈବ ।
ଭ୍ରୁବୋର୍ମଧ୍ୟେ ପ୍ରାଣମାବେଶ୍ୟ ସମ୍ୟକ୍
ସ ତଂ ପରଂ ପୁରୁଷମୁପୈତି ଦିବ୍ୟମ୍ ॥ ୧୦ ॥

ସଃ = ସେହି
ଭକ୍ତ୍ୟା, ଯୁକ୍ତଃ = ଭକ୍ତିଯୁକ୍ତ ମନୁଷ୍ୟ
ପ୍ରୟାଣକାଳେ = ଅନ୍ତକାଳରେ
ଅଚଳେନ = ଅଚଳ
ମନସା = ମନ ଦ୍ୱାରା
ଚ = ଓ
ଯୋଗବଳେନ = ଯୋଗବଳ ଦ୍ୱାରା
ଭ୍ରୁବୋଃ = ଭ୍ରୁକୁଟୀର
ମଧ୍ୟେ = ମଧ୍ୟଭାଗରେ
ପ୍ରାଣମ୍ = ପ୍ରାଣମାନଙ୍କୁ
ସମ୍ୟକ୍ = ଭଲଭାବେ
ଆବେଶ୍ୟ = ପ୍ରବିଷ୍ଟ କରି (ଶରୀର ଛାଡ଼ିଲେ)
ତମ୍ = ସେହି

ପରମ୍	= ପରମ	ଏବ	= ହିଁ
ଦିବ୍ୟମ୍	= ଦିବ୍ୟ	ଉପୈତି	= ପ୍ରାପ୍ତ ହୁଏ ।
ପୁରୁଷମ୍	= ପୁରୁଷଙ୍କୁ		

ଯଦକ୍ଷରଂ ବେଦବିଦୋ ବଦନ୍ତି
ବିଶନ୍ତି ଯଦ୍‌ଯତୟୋ ବୀତରାଗାଃ ।
ଯଦିଚ୍ଛନ୍ତୋ ବ୍ରହ୍ମଚର୍ଯ୍ୟଂ ଚରନ୍ତି
ତତ୍ତେ ପଦଂ ସଙ୍ଗ୍ରହେଣ ପ୍ରବକ୍ଷ୍ୟେ ॥ ୧୧ ॥

ବେଦବିଦଃ	= ବେଦବିତ୍‌ମାନେ	ଇଚ୍ଛନ୍ତଃ	= ଇଚ୍ଛା କରି
ଯତ୍	= ଯାହାକୁ	ବ୍ରହ୍ମଚର୍ଯ୍ୟମ୍	= ବ୍ରହ୍ମଚର୍ଯ୍ୟ
ଅକ୍ଷରମ୍	= ଅକ୍ଷର	ଚରନ୍ତି	= ପାଳନ କରନ୍ତି,
ବଦନ୍ତି	= କହନ୍ତି,	ତତ୍	= ସେହି
ବୀତରାଗାଃ	= ବୀତରାଗ	ପଦମ୍	= ପଦ (ବିଷୟରେ ମୁଁ)
ଯତୟଃ	= ଯତିମାନେ	ତେ	= ତୁମକୁ
ଯତ୍	= ଯାହାକୁ	ସଂଗ୍ରହେଣ	= ସଂକ୍ଷେପରେ
ବିଶନ୍ତି	= ପ୍ରାପ୍ତ କରନ୍ତି (ଏବଂ)	ପ୍ରବକ୍ଷ୍ୟେ	= କହିବି ।
ଯତ୍	= (ସାଧକମାନେ) ଯାହାର ପ୍ରାପ୍ତି		

ସର୍ବଦ୍ୱାରାଣି ସଂଯମ୍ୟ ମନୋ ହୃଦି ନିରୁଧ୍ୟ ଚ ।
ମୂର୍ଦ୍ଧ୍ନ୍ୟାଧାୟାତ୍ମନଃ ପ୍ରାଣମାସ୍ଥିତୋ ଯୋଗଧାରଣାମ୍ ॥ ୧୨ ॥
ଓମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ମାମନୁସ୍ମରନ୍ ।
ଯଃ ପ୍ରୟାତି ତ୍ୟଜନ୍ଦେହଂ ସ ଯାତି ପରମାଂ ଗତିମ୍ ॥ ୧୩ ॥

ସର୍ବଦ୍ୱାରାଣି	= (ଇନ୍ଦ୍ରିୟମାନଙ୍କର) ସମସ୍ତ ଦ୍ୱାରକୁ
ସଂଯମ୍ୟ	= ରୁଦ୍ଧ କରି,
ମନଃ	= ମନକୁ
ହୃଦି	= ହୃଦୟରେ
ନିରୁଧ୍ୟ	= ନିରୋଧ କରି
ଚ	= ଏବଂ
ଆତ୍ମନଃ	= ନିଜ
ପ୍ରାଣମ୍	= ପ୍ରାଣମାନଙ୍କୁ
ମୂର୍ଦ୍ଧ୍ନି	= ମସ୍ତକରେ
ଆଧାୟ	= ସ୍ଥାପିତ କରି
ଯୋଗଧାରଣାମ୍	= ଯୋଗଧାରଣାରେ
ଆସ୍ଥିତଃ	= ସମ୍ୟକ୍‌ରୂପେ ସ୍ଥିତ
ଯଃ	= ଯେଉଁ ସାଧକ
ଓମ୍	= 'ଓଁ'
ଇତି	= ଏହି
ଏକାକ୍ଷରମ୍	= ଏକାକ୍ଷର
ବ୍ରହ୍ମ	= ବ୍ରହ୍ମକୁ
ବ୍ୟାହରନ୍	= (ମାନସିକଭାବେ) ଉଚ୍ଚାରଣ କରି (ଓ)
ମାମ୍	= ମୋତେ
ଅନୁସ୍ମରନ୍	= ସ୍ମରଣ କରି
ଦେହମ୍	= ଶରୀର
ତ୍ୟଜନ୍	= ଛାଡ଼ି
ପ୍ରୟାତି	= ଚାଲିଯାଏ,
ସଃ	= ସେ
ପରମାମ୍, ଗତିମ୍	= ପରମଗତି
ଯାତି	= ଲାଭ କରେ ।

ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ ।
ତସ୍ୟାହଂ ସୁଲଭଃ ପାର୍ଥ ନିତ୍ୟଯୁକ୍ତସ୍ୟ ଯୋଗିନଃ ॥ ୧୪ ॥

ପାର୍ଥ = ହେ ପୃଥାନନ୍ଦନ!
ଯଃ = ଯେଉଁ
ଅନନ୍ୟଚେତାଃ = ଅନନ୍ୟଚିତ୍ତ ମନୁଷ୍ୟ
ମାମ୍ = ମୋତେ
ନିତ୍ୟଶଃ,
ସତତମ୍ = ନିତ୍ୟ-ନିରନ୍ତର
ସ୍ମରତି = ସ୍ମରଣ କରେ,
ତସ୍ୟ = ସେହି
ନିତ୍ୟଯୁକ୍ତସ୍ୟ = ନିତ୍ୟଯୁକ୍ତ
ଯୋଗିନଃ = ଯୋଗୀ ପାଇଁ
ଅହମ୍ = ମୁଁ
ସୁଲଭଃ = ସୁଲଭ ଅର୍ଥାତ୍ ସେ ମୋତେ ସହଜରେ ପ୍ରାପ୍ତ ହୁଏ ।

ମାମୁପେତ୍ୟ ପୁନର୍ଜନ୍ମ ଦୁଃଖାଳୟମଶାଶ୍ୱତମ୍ ।
ନାପ୍ନୁବନ୍ତି ମହାତ୍ମାନଃ ସଂସିଦ୍ଧିଂ ପରମାଂ ଗତାଃ ॥ ୧୫ ॥

ମହାତ୍ମାନଃ = ମହାତ୍ମାମାନେ
ମାମ୍ = ମୋତେ
ଉପେତ୍ୟ = ପାଇ
ଦୁଃଖାଳୟମ୍ = ଦୁଃଖାଳୟ (ଓ)
ଅଶାଶ୍ୱତମ୍ = ଅଶାଶ୍ୱତ
ପୁନର୍ଜନ୍ମ = ପୁନର୍ଜନ୍ମ
ନ,
ଆପ୍ନୁବନ୍ତି = ପ୍ରାପ୍ତ ହୁଅନ୍ତି ନାହିଁ; (କାରଣ ସେମାନେ)
ପରମାମ୍,
ସଂସିଦ୍ଧିମ୍ = ପରମସିଦ୍ଧି
ଗତାଃ = ଲାଭ କରିଛନ୍ତି ଅର୍ଥାତ୍ ସେମାନଙ୍କୁ ପରମପ୍ରେମ ମିଳିଯାଇଛି ।

ଆବ୍ରହ୍ମଭୁବନାଲ୍ଲୋକାଃ ପୁନରାବର୍ତ୍ତିନୋଽର୍ଜୁନ ।
ମାମୁପେତ୍ୟ ତୁ କୌନ୍ତେୟ ପୁନର୍ଜନ୍ମ ନ ବିଦ୍ୟତେ ॥ ୧୬ ॥

ଅର୍ଜୁନ	= ହେ ଅର୍ଜୁନ!	ତୁ	= କିନ୍ତୁ
ଆବ୍ରହ୍ମ-ଭୁବନାତ୍	= ବ୍ରହ୍ମଲୋକ ପର୍ଯ୍ୟନ୍ତ	କୌନ୍ତେୟ	= ହେ କୌନ୍ତେୟ!
ଲୋକାଃ	= ସମସ୍ତ ଲୋକ	ମାମ୍	= ମୋତେ
ପୁନରାବର୍ତ୍ତିନଃ	= ପୁନରାବର୍ତ୍ତୀ ଅର୍ଥାତ୍ ସେଠାକୁ ଗଲେ ପୁଣି ସଂସାରକୁ ଲେଉଟି ଆସିବାକୁ ପଡ଼େ;	ଉପେତ୍ୟ	= ପ୍ରାପ୍ତ ହୋଇଗଲେ
		ପୁନର୍ଜନ୍ମ	= ପୁନର୍ଜନ୍ମ
		ନ, ବିଦ୍ୟତେ	= ହୁଏ ନାହିଁ ।

ସହସ୍ରଯୁଗପର୍ଯ୍ୟନ୍ତମହର୍ଯଦ୍ ବ୍ରହ୍ମଣୋ ବିଦୁଃ ।
ରାତ୍ରିଂ ଯୁଗସହସ୍ରାନ୍ତାଂ ତେଽହୋରାତ୍ରବିଦୋ ଜନାଃ ॥ ୧୭ ॥

ଯତ୍	= ଯେଉଁମାନେ	ଯୁଗ-ସହସ୍ରାନ୍ତାମ୍	= ସହସ୍ର ଚତୁର୍ଯ୍ୟୁଗୀ ପର୍ଯ୍ୟନ୍ତ
ବ୍ରହ୍ମଣଃ	= ବ୍ରହ୍ମାଙ୍କର		
ସହସ୍ରଯୁଗ-ପର୍ଯ୍ୟନ୍ତମ୍	= ସହସ୍ର ଚତୁର୍ଯ୍ୟୁଗୀ ପର୍ଯ୍ୟନ୍ତ	ରାତ୍ରିମ୍	= ଗୋଟିଏ ରାତିକୁ
		ବିଦୁଃ	= ଜାଣନ୍ତି,
ଅହଃ	= ଗୋଟିଏ ଦିନକୁ (ଏବଂ)	ତେ, ଜନାଃ	= ସେହି ମନୁଷ୍ୟମାନେ

ଅହୋରାତ୍ର-ବିଦଃ = ବ୍ରହ୍ମାଙ୍କର ଦିନ ଓ ରାତିର | ଜ୍ଞାତା ଅଟନ୍ତି ।

ଅବ୍ୟକ୍ତାଦ୍‌ବ୍ୟକ୍ତୟଃ ସର୍ବାଃ ପ୍ରଭବନ୍ତ୍ୟହରାଗମେ ।
ରାତ୍ର୍ୟାଗମେ ପ୍ରଲୀୟନ୍ତେ ତତ୍ରୈବାବ୍ୟକ୍ତସଂଜ୍ଞକେ ॥ ୧୮ ॥

ଅହରାଗମେ = ବ୍ରହ୍ମାଙ୍କ ଦିନର ଆରମ୍ଭବେଳେ
ଅବ୍ୟକ୍ତାତ୍ = ଅବ୍ୟକ୍ତ (ବ୍ରହ୍ମାଙ୍କ ସୂକ୍ଷ୍ମଶରୀର) ରୁ
ସର୍ବାଃ = ସବୁ
ବ୍ୟକ୍ତୟଃ = ଶରୀର
ପ୍ରଭବନ୍ତି = ଜାତ ହୁଅନ୍ତି (ଏବଂ)
ରାତ୍ର୍ୟାଗମେ = ବ୍ରହ୍ମାଙ୍କ ରାତିର ଆରମ୍ଭବେଳେ
ତତ୍ର = ସେହି
ଅବ୍ୟକ୍ତ-ସଂଜ୍ଞକେ, ଏବ = ଅବ୍ୟକ୍ତ ନାମଧାରୀଙ୍କ ଠାରେ (ବ୍ରହ୍ମାଙ୍କ ସୂକ୍ଷ୍ମଶରୀରରେ)
ପ୍ରଲୀୟନ୍ତେ = (ସବୁ ଶରୀର) ଲୀନ ହୋଇଯାଆନ୍ତି ।

ଭୂତଗ୍ରାମଃ ସ ଏବାୟଂ ଭୂତ୍ୱା ଭୂତ୍ୱା ପ୍ରଲୀୟତେ ।
ରାତ୍ର୍ୟାଗମେଽବଶଃ ପାର୍ଥ ପ୍ରଭବତ୍ୟହରାଗମେ ॥ ୧୯ ॥

ପାର୍ଥ = ହେ ପାର୍ଥ!
ସଃ, ଏବ = ସେହି
ଅୟମ୍ = ଏ
ଭୂତଗ୍ରାମଃ = ପ୍ରାଣୀସମୂହ
ଭୂତ୍ୱା, ଭୂତ୍ୱା = ଉତ୍ପନ୍ନ ହୋଇ ହୋଇ
ଅବଶଃ = ପ୍ରକୃତିର ପରବଶ ହୋଇଯାଇଥିବାରୁ

ଅହରାଗମେ	= ବ୍ରହ୍ମାଙ୍କ ଦିନବେଳେ	ରାତ୍ର୍ୟାଗମେ	= ବ୍ରହ୍ମାଙ୍କ ରାତିବେଳେ
ପ୍ରଭବତି	= ଉତ୍ପନ୍ନ ହୁଏ (ଏବଂ)	ପ୍ରଲୀୟତେ	= ଲୀନ ହୋଇଯାଏ ।

ପରସ୍ତସ୍ମାତ୍ତୁ ଭାବୋଽନ୍ୟୋଽବ୍ୟକ୍ତୋଽବ୍ୟକ୍ତାତ୍ସନାତନଃ ।
ଯଃ ସ ସର୍ବେଷୁ ଭୂତେଷୁ ନଶ୍ୟତ୍ସୁ ନ ବିନଶ୍ୟତି ॥ ୨୦ ॥

ତୁ	= ପରନ୍ତୁ	ଅବ୍ୟକ୍ତଃ	= ଅବ୍ୟକ୍ତ (ଈଶ୍ୱର) ଅଛି,
ତସ୍ମାତ୍	= ସେହି		
ଅବ୍ୟକ୍ତାତ୍	= ଅବ୍ୟକ୍ତଠାରୁ (ବ୍ରହ୍ମାଙ୍କ ସୂକ୍ଷ୍ମଶରୀରରୁ)	ସର୍ବେଷୁ	= ସବୁ
		ଭୂତେଷୁ	= ପ୍ରାଣୀ
ଅନ୍ୟଃ	= ଅନ୍ୟ (ବିଲକ୍ଷଣ)	ନଶ୍ୟତ୍ସୁ	= ବିନାଶ ହୋଇଗଲେ ବି
ସନାତନଃ	= ଅନାଦି		
ପରଃ	= ସର୍ବଶ୍ରେଷ୍ଠ	ସଃ	= ସେ
ଭାବଃ	= ଭାବରୂପକ	ନ, ବିନଶ୍ୟତି	= ବିନାଶପ୍ରାପ୍ତ ହୁଏ ନାହିଁ ।
ଯଃ	= ଯେଉଁ		

ଅବ୍ୟକ୍ତୋଽକ୍ଷର ଇତ୍ୟୁକ୍ତସ୍ତମାହୁଃ ପରମାଂ ଗତିମ୍ ।
ଯଂ ପ୍ରାପ୍ୟ ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ ॥ ୨୧ ॥

ତମ୍	= ତାକୁ ହିଁ	ଅକ୍ଷରଃ	= ଅକ୍ଷର
ଅବ୍ୟକ୍ତଃ	= ଅବ୍ୟକ୍ତ (ଓ)	ଇତି	= ବୋଲି

ଉକ୍ତଃ	= କୁହାଯାଇଛି, (ତାକୁ ହିଁ)	ନ, ନିବର୍ତ୍ତନ୍ତେ	= ପୁଣି (ସଂସାରକୁ) ଲେଉଟି ଆସନ୍ତି ନାହିଁ,
ପରମାମ୍	= ପରମ	ତତ୍	= ତାହା
ଗତିମ୍	= ଗତି	ମମ	= ମୋର
ଆହୁଃ	= କୁହାଯାଇଛି (ଏବଂ)	ପରମମ୍,	
ଯମ୍	= ଯାହାକୁ	ଧାମ	= ପରମଧାମ ।
ପ୍ରାପ୍ୟ	= ପ୍ରାପ୍ତ ହେଲେ (ଜୀବ)		

ପୁରୁଷଃ ସ ପରଃ ପାର୍ଥ ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା ।
ଯସ୍ୟାନ୍ତଃସ୍ଥାନି ଭୂତାନି ଯେନ ସର୍ବମିଦଂ ତତମ୍ ॥ ୨୨ ॥

ପାର୍ଥ	= ହେ ପୃଥାନନ୍ଦନ ଅର୍ଜୁନ!	ସଃ	= ସେହି
ଭୂତାନି	= ସମସ୍ତ ପ୍ରାଣୀ	ପରଃ	= ପରମ
ଯସ୍ୟ	= ଯାହାଙ୍କର	ପୁରୁଷଃ	= ପୁରୁଷ ପରମାତ୍ମା
ଅନ୍ତଃସ୍ଥାନି	= ଅନ୍ତର୍ଗତ (ଏବଂ)	ତୁ	= କିନ୍ତୁ
ଯେନ	= ଯାହାଙ୍କ ଦ୍ୱାରା	ଅନନ୍ୟୟା, ଭକ୍ତ୍ୟା	= ଅନନ୍ୟ ଭକ୍ତି ଦ୍ୱାରା
ଇଦମ୍	= ଏହି		
ସର୍ବମ୍	= ସମଗ୍ର ସଂସାର	ଲଭ୍ୟଃ	= ପ୍ରାପ୍ତ ହୋଇପାରନ୍ତି ।
ତତମ୍	= ବ୍ୟାପ୍ତ ହୋଇଛି,		

ଯତ୍ର କାଳେ ତ୍ୱନାବୃତ୍ତିମାବୃତ୍ତିଂ ଚୈବ ଯୋଗିନଃ ।
ପ୍ରୟାତା ଯାନ୍ତି ତଂ କାଳଂ ବକ୍ଷ୍ୟାମି ଭରତର୍ଷଭ ॥ ୨୩ ॥

ତୁ = କିନ୍ତୁ
ଭରତର୍ଷଭ = ହେ ଭରତଶ୍ରେଷ୍ଠ ଅର୍ଜୁନ!
ଯତ୍ର = ଯେଉଁ
କାଳେ = କାଳରେ ଅର୍ଥାତ୍ ମାର୍ଗରେ
ପ୍ରୟାତା = ଶରୀର ଛାଡ଼ି ଯାଇଥିବା
ଯୋଗିନଃ = ଯୋଗୀମାନେ
ଅନାବୃତ୍ତିମ୍ = ଅନାବୃତ୍ତିକୁ
ଯାନ୍ତି = ପ୍ରାପ୍ତ ହୁଅନ୍ତି ଅର୍ଥାତ୍ ପଛକୁ ଲେଉଟି ଆସନ୍ତି ନାହିଁ
ଚ, ଏବ = ଏବଂ (ଯେଉଁ ମାର୍ଗରେ ଯାଇଥିବା ଯୋଗୀମାନେ)
ଆବୃତ୍ତିମ୍ = ଆବୃତ୍ତିକୁ ପ୍ରାପ୍ତ ହୁଅନ୍ତି ଅର୍ଥାତ୍ ପଛକୁ ଲେଉଟି ଆସନ୍ତି,
ତମ୍ = ସେହି
କାଳମ୍ = କାଳ ବିଷୟରେ ଅର୍ଥାତ୍ ଦୁଇଟିଯାକ ମାର୍ଗ ବିଷୟରେ
ବକ୍ଷ୍ୟାମି = ମୁଁ କହିବି ।

ଅଗ୍ନିର୍ଜ୍ୟୋତିରହଃ ଶୁକ୍ଳଃ ଷଣ୍ମାସା ଉତ୍ତରାୟଣମ୍ ।
ତତ୍ର ପ୍ରୟାତା ଗଚ୍ଛନ୍ତି ବ୍ରହ୍ମ ବ୍ରହ୍ମବିଦୋ ଜନାଃ ॥ ୨୪ ॥

ଯେଉଁମାର୍ଗରେ—

ଜ୍ୟୋତିଃ = ଜ୍ୟୋତି-ସ୍ୱରୂପ
ଅଗ୍ନିଃ = ଅଗ୍ନିର ଅଧିପତି ଦେବତା,

ଅହଃ = ଦିନର ଅଧିପତି ଦେବତା,

ଶୁକ୍ଳଃ = ଶୁକ୍ଳପକ୍ଷର ଅଧିପତି ଦେବତା (ଏବଂ)

ଷଣ୍ମାସାଃ = ଛଅ ମାସବିଶିଷ୍ଟ

ଉତ୍ତରାୟଣମ୍ = ଉତ୍ତରାୟଣର ଅଧିପତି ଦେବତା ଥାଆନ୍ତି,

ତତ୍ର = ସେହି ମାର୍ଗରେ

ପ୍ରୟାତାଃ = ଶରୀର ଛାଡ଼ି ଯାଉଥିବା

ବ୍ରହ୍ମବିଦଃ = ବ୍ରହ୍ମବେତ୍ତା

ଜନାଃ = ପୁରୁଷ (ପ୍ରଥମେ ବ୍ରହ୍ମଲୋକକୁ ପ୍ରାପ୍ତ ହୋଇ ପରେ ବ୍ରହ୍ମାଙ୍କ ସହିତ)

ବ୍ରହ୍ମ = ବ୍ରହ୍ମକୁ

ଗଚ୍ଛନ୍ତି = ପ୍ରାପ୍ତ ହୁଅନ୍ତି ।

ଧୂମୋ ରାତ୍ରିସ୍ତଥା କୃଷ୍ଣଃ ଷଣ୍ମାସା ଦକ୍ଷିଣାୟନମ୍ ।
ତତ୍ର ଚାନ୍ଦ୍ରମସଂ ଜ୍ୟୋତିର୍ଯୋଗୀ ପ୍ରାପ୍ୟ ନିବର୍ତ୍ତତେ ॥ ୨୫ ॥

ଧୂମଃ = (ଯେଉଁମାର୍ଗରେ) ଧୂମର ଅଧିପତି ଦେବତା,

ରାତ୍ରିଃ = ରାତ୍ରିର ଅଧିପତି ଦେବତା,

କୃଷ୍ଣଃ = କୃଷ୍ଣପକ୍ଷର ଅଧିପତି ଦେବତା

ତଥା = ଓ

ଷଣ୍ମାସାଃ = ଛଅମାସବିଶିଷ୍ଟ

ଦକ୍ଷିଣାୟନମ୍ = ଦକ୍ଷିଣାୟନର ଅଧିପତି ଦେବତା ଥାଆନ୍ତି,

ତତ୍ର = ସେହିମାର୍ଗରେ (ଶରୀର ଛାଡ଼ି) ଯାଇଥିବା

ଯୋଗୀ	= ଯୋଗୀ (ସକାମ ମନୁଷ୍ୟ)	ପ୍ରାପ୍ୟ	= ପ୍ରାପ୍ତ ହୋଇ
ଚାନ୍ଦ୍ରମସମ୍, ଜ୍ୟୋତିଃ	= ଚନ୍ଦ୍ରଜ୍ୟୋତିକୁ	ନିବର୍ତ୍ତତେ	= ଲେଉଟି ଆସେ ଅର୍ଥାତ୍ ଜନ୍ମମରଣ ପ୍ରାପ୍ତ ହୁଏ ।

ଶୁକ୍ଳକୃଷ୍ଣେ ଗତୀ ହ୍ୟେତେ ଜଗତଃ ଶାଶ୍ୱତେ ମତେ ।
ଏକୟା ଯାତ୍ୟନାବୃତ୍ତିମନ୍ୟୟାବର୍ତ୍ତତେ ପୁନଃ ॥ ୨୬ ॥

ହି	= କାରଣ	ଅନାବୃତ୍ତିମ୍, ଯାତି	= ଯାଉଥିବା ମନୁଷ୍ୟଙ୍କୁ ଫେରି ଆସିବାକୁ ପଡ଼େ ନାହିଁ (ଏବଂ)
ଶୁକ୍ଳକୃଷ୍ଣେ	= ଶୁକ୍ଳ ଓ କୃଷ୍ଣ		
ଏତେ	= ଏ ଦୁଇଟିଯାକ		
ଗତୀ	= ଗତିର		
ଶାଶ୍ୱତେ	= ଅନାଦିକାଳରୁ		
ଜଗତଃ	= ଜଗତ (ପ୍ରତ୍ୟେକ ପ୍ରାଣୀଙ୍କ) ସହିତ	ଅନ୍ୟୟା	= ଅନ୍ୟଟିରେ ଯାଉଥିବା ମନୁଷ୍ୟଙ୍କୁ
ମତେ	= (ସମ୍ବନ୍ଧ ଥିବାର) ଧରାଯାଇଛି ।		
ଏକୟା	= (ଏଥିମଧ୍ୟରୁ) ଗୋଟିକରେ	ପୁନଃ, ଆବର୍ତ୍ତତେ	= ପୁଣି ଫେରିବାକୁ ପଡ଼େ ।

ନୈତେ ସୃତୀ ପାର୍ଥ ଜାନନ୍ ଯୋଗୀ ମୁହ୍ୟତି କଶ୍ଚନ ।
ତସ୍ମାତ୍ସର୍ବେଷୁ କାଲେଷୁ ଯୋଗଯୁକ୍ତୋ ଭବାର୍ଜୁନ ॥ ୨୭ ॥

ପାର୍ଥ	= ହେ ପୃଥାନନ୍ଦନ!
ଏତେ	= ଏ ଦୁଇ
ସୃତୀ	= ମାର୍ଗକୁ
ଜାନନ୍	= ଜାଣୁଥିବା
କଶ୍ଚନ	= କୌଣସି
ଯୋଗୀ	= ଯୋଗୀ
ନ, ମୁହ୍ୟତି	= ମୋହିତ ହୁଏ ନାହିଁ ।
ତସ୍ମାତ୍	= ତେଣୁ
ଅର୍ଜୁନ	= ହେ ଅର୍ଜୁନ! (ତୁମେ)
ସର୍ବେଷୁ, କାଲେଷୁ	= ସର୍ବଦା
ଯୋଗଯୁକ୍ତଃ	= ଯୋଗଯୁକ୍ତ (ସମତାରେ ସ୍ଥିତ)
ଭବ	= ହୋଇଯାଅ ।

ବେଦେଷୁ ଯଜ୍ଞେଷୁ ତପଃସୁ ଚୈବ
ଦାନେଷୁ ଯତ୍ପୁଣ୍ୟଫଳଂ ପ୍ରଦିଷ୍ଟମ୍ ।
ଅତ୍ୟେତି ତତ୍ସର୍ବମିଦଂ ବିଦିତ୍ୱା
ଯୋଗୀ ପରଂ ସ୍ଥାନମୁପୈତି ଚାଦ୍ୟମ୍ ॥ ୨୮ ॥

ଯୋଗୀ	= ଯୋଗୀ (ଭକ୍ତ)
ଇଦମ୍	= ଏହାକୁ
ବିଦିତ୍ୱା	= ଜାଣି
ବେଦେଷୁ	= ବେଦମାନଙ୍କରେ,
ଯଜ୍ଞେଷୁ	= ଯଜ୍ଞମାନଙ୍କରେ,
ତପଃସୁ	= ତପମାନଙ୍କରେ,
ଚ, ଏବ	= ତଥା
ଦାନେଷୁ	= ଦାନରେ
ଯତ୍	= ଯେଉଁ ଯେଉଁ
ପୁଣ୍ୟଫଳମ୍	= ପୁଣ୍ୟଫଳ
ପ୍ରଦିଷ୍ଟମ୍	= କୁହାଯାଇଛି,
ତତ୍, ସର୍ବମ୍	= ସେସବୁ ପୁଣ୍ୟଫଳକୁ
ଅତ୍ୟେତି	= ଅତିକ୍ରମ କରିଯାଏ

ଚ	= ଏବଂ	ପରମ୍	= ପରମାତ୍ମାଙ୍କୁ
ଆଦ୍ୟମ୍, ସ୍ଥାନମ୍	= ଆଦିସ୍ଥାନ	ଉପୈତି	= ପ୍ରାପ୍ତ ହୁଏ ।

ଓଁ ତତ୍ସଦିତି ଶ୍ରୀମଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ ଅକ୍ଷରବ୍ରହ୍ମଯୋଗୋ ନାମାଷ୍ଟମୋଽଧ୍ୟାୟଃ ॥ ୮ ॥

ଏହି ପ୍ରକାରେ 'ଓଁ, ତତ୍, ସତ୍'—ଏହି ଭଗବନ୍ନାମ ଉଚ୍ଚାରଣପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଭଗବଦ୍‌ଗୀତୋପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନସଂବାଦରେ 'ଅକ୍ଷରବ୍ରହ୍ମଯୋଗ' ନାମକ ଅଷ୍ଟମ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୮ ॥

***

॥ ଓଁ ଶ୍ରୀପରମାତ୍ମନେ ନମଃ ॥

ଅଥ ନବମୋଽଧ୍ୟାୟଃ

(ନବମ ଅଧ୍ୟାୟ)

ଶ୍ରୀଭଗବାନୁବାଚ

ଇଦଂ ତୁ ତେ ଗୁହ୍ୟତମଂ ପ୍ରବକ୍ଷ୍ୟାମ୍ୟନସୂୟବେ ।
ଜ୍ଞାନଂ ବିଜ୍ଞାନସହିତଂ ଯଜ୍ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍ ॥ ୧ ॥

ଶ୍ରୀଭଗବାନ କହିଲେ—

ଇଦମ୍ = ଏହି
ଗୁହ୍ୟତମମ୍ = ଅତ୍ୟନ୍ତ ଗୋପନୀୟ
ବିଜ୍ଞାନସହିତମ୍ = ବିଜ୍ଞାନସହିତ
ଜ୍ଞାନମ୍ = ଜ୍ଞାନକୁ
ଅନସୂୟବେ = ଦୋଷଦୃଷ୍ଟି-ବିହୀନ
ତେ = ତୁମକୁ
ତୁ = ତ (ମୁଁ ପୁଣି ଥରେ)
ପ୍ରବକ୍ଷ୍ୟାମି = ଭଲଭାବେ କହିବି,
ଯତ୍ = ଯାହା
ଜ୍ଞାତ୍ୱା = ଜାଣିଲେ (ତୁମେ)
ଅଶୁଭାତ୍ = ଅଶୁଭରୁ ଅର୍ଥାତ୍ ଜନ୍ମମରଣ-ରୂପକ ସଂସାରରୁ
ମୋକ୍ଷ୍ୟସେ = ମୁକ୍ତ ହୋଇଯିବ ।

ରାଜବିଦ୍ୟା ରାଜଗୁହ୍ୟଂ ପବିତ୍ରମିଦମୁତ୍ତମମ୍ ।
ପ୍ରତ୍ୟକ୍ଷାବଗମଂ ଧର୍ମ୍ୟଂ ସୁସୁଖଂ କର୍ତ୍ତୁମବ୍ୟୟମ୍ ॥ ୨ ॥

ଇଦମ୍ = ଏହା (ବିଜ୍ଞାନ ସହିତ ଜ୍ଞାନ ଅର୍ଥାତ୍ ସମଗ୍ରରୂପ)
ରାଜବିଦ୍ୟା = ସମସ୍ତ ବିଦ୍ୟାର ରାଜା (ଓ)
ରାଜଗୁହ୍ୟମ୍ = ସମସ୍ତ ଗୋପନୀୟ ତଥ୍ୟର ରାଜା ।
ପବିତ୍ରମ୍ = ଏହା ଅତି ପବିତ୍ର (ତଥା)
ଉତ୍ତମମ୍ = ଅତି ଶ୍ରେଷ୍ଠ (ଏବଂ)
ପ୍ରତ୍ୟକ୍ଷାବଗମମ୍ = ଏହାର ଫଳ ମଧ୍ୟ ପ୍ରତ୍ୟକ୍ଷ ।
ଧର୍ମ୍ୟମ୍ = ଏହା ଧର୍ମମୟ
ଅବ୍ୟୟମ୍ = ଅବିନାଶୀ (ଓ)
କର୍ତ୍ତୁମ୍ = କରିବାକୁ
ସୁସୁଖମ୍ = ବହୁତ ସହଜ ଅର୍ଥାତ୍ ଏହାକୁ ଲାଭ କରିବା ବହୁତ ସହଜ ।

ଅଶ୍ରଦ୍ଦଧାନାଃ ପୁରୁଷା ଧର୍ମସ୍ୟାସ୍ୟ ପରନ୍ତପ ।
ଅପ୍ରାପ୍ୟ ମାଂ ନିବର୍ତ୍ତନ୍ତେ ମୃତ୍ୟୁସଂସାରବର୍ତ୍ମନି ॥ ୩ ॥

ପରନ୍ତପ = ହେ ପରନ୍ତପ!
ଅସ୍ୟ = ଏହି
ଧର୍ମସ୍ୟ = ଧର୍ମର ମହିମା ଉପରେ
ଅଶ୍ରଦ୍ଦଧାନାଃ = ଶ୍ରଦ୍ଧା ନ ରଖୁଥିବା
ପୁରୁଷାଃ = ମନୁଷ୍ୟ
ମାମ୍ = ମୋତେ
ଅପ୍ରାପ୍ୟ = ନ ପାଇ

ମୃତ୍ୟୁସଂସାର-ବର୍ତ୍ମନି	=	ମୃତ୍ୟୁରୂପୀ ସଂସାର ମାର୍ଗରେ
ନିବର୍ତ୍ତନ୍ତେ	=	ପ୍ରତ୍ୟାବର୍ତ୍ତନ କରୁଥାଆନ୍ତି

[ଅର୍ଥାତ୍ ବାରମ୍ବାର ଜନ୍ମ ନେଉଥାନ୍ତି ଓ ମରୁଥାନ୍ତି ।

ମୟା ତତମିଦଂ ସର୍ବଂ ଜଗଦବ୍ୟକ୍ତମୂର୍ତ୍ତିନା ।
ମତ୍ସ୍ଥାନି ସର୍ବଭୂତାନି ନ ଚ୍ୱହଂ ତେଷ୍ୱବସ୍ଥିତଃ ॥ ୪ ॥
ନ ଚ ମତ୍ସ୍ଥାନି ଭୂତାନି ପଶ୍ୟ ମେ ଯୋଗମୈଶ୍ୱରମ୍ ।
ଭୂତଭୃନ୍ନ ଚ ଭୂତସ୍ଥୋ ମମାତ୍ମା ଭୂତଭାବନଃ ॥ ୫ ॥

ଇଦମ୍	=	ଏହି
ସର୍ବମ୍	=	ସମଗ୍ର
ଜଗତ୍	=	ସଂସାର
ମୟା	=	ମୋର
ଅବ୍ୟକ୍ତମୂର୍ତ୍ତିନା	=	ନିରାକାର ସ୍ୱରୂପରେ
ତତମ୍	=	ବ୍ୟାପ୍ତ ।
ସର୍ବଭୂତାନି	=	ସବୁ ପ୍ରାଣୀ
ମତ୍ସ୍ଥାନି	=	ମୋ'ଠାରେ ରହିଛନ୍ତି;
ଚ	=	କିନ୍ତୁ
ଅହମ୍	=	ମୁଁ
ତେଷୁ	=	ସେମାନଙ୍କ ଠାରେ
ନ, ଅବସ୍ଥିତଃ	=	ରହି ନାହିଁ
ଚ	=	ତଥା
ଭୂତାନି	=	(ସେହି) ପ୍ରାଣୀମାନେ (ମଧ୍ୟ)
ନ, ମତ୍ସ୍ଥାନି	=	ମୋ'ଠାରେ ରହି ନାହାନ୍ତି ।
ମେ	=	ମୋର (ଏହି)
ଐଶ୍ୱରମ୍	=	ଈଶ୍ୱର ସମ୍ବନ୍ଧୀୟ

ଯୋଗମ୍ = ଯୋଗ (ସାମର୍ଥ୍ୟ)କୁ
ପଶ୍ୟ = ଦେଖ!
ଭୂତଭାବନଃ = ସମସ୍ତ ପ୍ରାଣୀଙ୍କୁ ଉତ୍ପନ୍ନ କରୁଥିବା
ଚ = ଓ
ଭୂତଭୃତ୍ = ପ୍ରାଣୀମାନଙ୍କର ଧାରଣ ତଥା ଭରଣପୋଷଣ କରୁଥିବା
ମମ = ମୋର
ଆତ୍ମା = ସ୍ୱରୂପ
ନ, ଭୂତସ୍ଥଃ = ସେହି ପ୍ରାଣୀମାନଙ୍କ ଠାରେ ନାହିଁ ।

ଯଥାକାଶସ୍ଥିତୋ ନିତ୍ୟଂ ବାୟୁଃ ସର୍ବତ୍ରଗୋ ମହାନ୍ ।
ତଥା ସର୍ବାଣି ଭୂତାନି ମତ୍ସ୍ଥାନୀତ୍ୟୁପଧାରୟ ॥ ୬ ॥

ସର୍ବତ୍ରଗଃ = ସର୍ବତ୍ର ବିଚରଣଶୀଳ
ମହାନ୍ = ମହାନ୍
ବାୟୁଃ = ବାୟୁ
ଯଥା = ଯେପରି
ନିତ୍ୟମ୍ = ନିରନ୍ତର
ଆକାଶସ୍ଥିତଃ = ଆକାଶରେ ସ୍ଥିତ,
ତଥା = ସେହିପରି
ସର୍ବାଣି = ସବୁ
ଭୂତାନି = ପ୍ରାଣୀ
ମତ୍ସ୍ଥାନି = ମୋ'ଠାରେ ହିଁ ସ୍ଥିତ ରହନ୍ତି
ଇତି = ବୋଲି
ଉପଧାରୟ = ତୁମେ ମାନିନିଅ ।

ସର୍ବଭୂତାନି କୌନ୍ତେୟ ପ୍ରକୃତିଂ ଯାନ୍ତି ମାମିକାମ୍ ।
କଳ୍ପକ୍ଷୟେ ପୁନସ୍ତାନି କଳ୍ପାଦୌ ବିସୃଜାମ୍ୟହମ୍ ॥ ୭ ॥

କୌନ୍ତେୟ	= ହେ କୁନ୍ତୀନନ୍ଦନ!	କଳ୍ପାଦୌ	= କଳ୍ପମାନଙ୍କର ଆରମ୍ଭରେ (ମହାସର୍ଗ ସମୟରେ)
କଳ୍ପକ୍ଷୟେ	= କଳ୍ପମାନଙ୍କର ଶେଷରେ (ମହାପ୍ରଳୟ ସମୟରେ)		
ସର୍ବଭୂତାନି	= ସବୁ ପ୍ରାଣୀ	ଅହମ୍	= ମୁଁ
ମାମିକାମ୍	= ମୋର	ପୁନଃ	= ପୁଣି
ପ୍ରକୃତିମ୍	= ପ୍ରକୃତିକୁ	ତାନି	= ସେମାନଙ୍କୁ
ଯାନ୍ତି	= ପ୍ରାପ୍ତ ହୁଅନ୍ତି (ଏବଂ)	ବିସୃଜାମି	= ସର୍ଜନା କରେ ।

ପ୍ରକୃତିଂ ସ୍ୱାମବଷ୍ଟଭ୍ୟ ବିସୃଜାମି ପୁନଃ ପୁନଃ ।
ଭୂତଗ୍ରାମମିମଂ କୃତ୍ସ୍ନମବଶଂ ପ୍ରକୃତେର୍ବଶାତ୍ ॥ ୮ ॥

ପ୍ରକୃତେଃ	= ପ୍ରକୃତିର	ସ୍ୱାମ୍	= (ମୁଁ କଳ୍ପମାନଙ୍କ ଆରମ୍ଭରେ) ନିଜ
ବଶାତ୍	= ବଶରେ ରହି		
ଅବଶମ୍	= ପରତନ୍ତ୍ର ହୋଇଥିବା	ପ୍ରକୃତିମ୍	= ପ୍ରକୃତିକୁ
ଇମମ୍	= ଏହି	ଅବଷ୍ଟଭ୍ୟ	= ବଶୀଭୂତ କରି
କୃତ୍ସ୍ନମ୍	= ସମସ୍ତ	ପୁନଃ, ପୁନଃ	= ବାରମ୍ବାର
ଭୂତଗ୍ରାମମ୍	= ପ୍ରାଣୀବର୍ଗଙ୍କୁ	ବିସୃଜାମି	= ସର୍ଜନା କରେ ।

ନ ଚ ମାଂ ତାନି କର୍ମାଣି ନିବଧ୍ନନ୍ତି ଧନଞ୍ଜୟ ।
ଉଦାସୀନବଦାସୀନମସକ୍ତଂ ତେଷୁ କର୍ମସୁ ॥ ୯ ॥

ଧନଞ୍ଜୟ	=	ହେ ଧନଞ୍ଜୟ!	ଆସୀନମ୍	=	ରହୁଥିବାରୁ
ତେଷୁ	=	ସେହି (ସୃଷ୍ଟିରଚନାଦି)	ମାମ୍	=	ମୋତେ
କର୍ମସୁ	=	କର୍ମଗୁଡ଼ିକରେ	ତାନି	=	ସେହି
ଅସକ୍ତମ୍	=	ଅନାସକ୍ତ	କର୍ମାଣି	=	କର୍ମଗୁଡ଼ିକ
ଚ	=	ଓ	ନ, ନିବଧ୍ନନ୍ତି	=	ଆବଦ୍ଧ କରନ୍ତି ନାହିଁ ।
ଉଦାସୀନବତ୍	=	ଉଦାସୀନପରି			

ମୟାଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରମ୍ ।
ହେତୁନାନେନ କୌନ୍ତେୟ ଜଗଦ୍‌ବିପରିବର୍ତ୍ତତେ ॥ ୧୦ ॥

ପ୍ରକୃତିଃ	=	ପ୍ରକୃତି	କୌନ୍ତେୟ	=	ହେ କୁନ୍ତୀନନ୍ଦନ!
ମୟା	=	ମୋର	ଅନେନ	=	ଏହି
ଅଧ୍ୟକ୍ଷେଣ	=	ଅଧ୍ୟକ୍ଷତାରେ	ହେତୁନା	=	କାରଣରୁ
ସଚରାଚରମ୍	=	ସମଗ୍ର ଚରାଚର ଜଗତକୁ	ଜଗତ୍	=	ଜଗତରେ (ବିବିଧ ପ୍ରକାର)
ସୂୟତେ	=	ସର୍ଜନା କରେ ।	ବିପରିବର୍ତ୍ତତେ	=	ପରିବର୍ତ୍ତନ ହେଉଛି ।

ଅବଜାନନ୍ତି ମାଂ ମୂଢା ମାନୁଷୀଂ ତନୁମାଶ୍ରିତମ୍ ।
ପରଂ ଭାବମଜାନନ୍ତୋ ମମ ଭୂତମହେଶ୍ୱରମ୍ ॥ ୧୧ ॥

ମୂଢାଃ = ମୂର୍ଖଲୋକେ

ଭୂତ-ମହେଶ୍ୱରମ୍ = ସକଳ ପ୍ରାଣୀଙ୍କର ମହାନ୍ ଈଶ୍ୱରରୂପକ

ମମ = ମୋର

ପରମ୍, ଭାବମ୍ = ପରମଭାବକୁ

ଅଜାନନ୍ତଃ = ନ ଜାଣି

ମାମ୍ = ମୋତେ

ମାନୁଷୀମ୍, ତନୁମ୍ = ମନୁଷ୍ୟଶରୀରର

ଆଶ୍ରିତମ୍ = ଆଶ୍ରିତ ମନେକରି ଅର୍ଥାତ୍ ସାଧାରଣ ମନୁଷ୍ୟ ମନେକରି

ଅବଜାନନ୍ତି = ଅବଜ୍ଞା କରନ୍ତି ।

ମୋଘାଶା ମୋଘକର୍ମାଣୋ ମୋଘଜ୍ଞାନା ବିଚେତସଃ ।
ରାକ୍ଷସୀମାସୁରୀଂ ଚୈବ ପ୍ରକୃତିଂ ମୋହିନୀଂ ଶ୍ରିତାଃ ॥ ୧୨ ॥

ଆସୁରୀମ୍ = (ଯେଉଁମାନେ) ଆସୁରୀ,

ରାକ୍ଷସୀମ୍ = ରାକ୍ଷସୀ

ଚ = ଓ

ମୋହିନୀମ୍ = ମୋହିନୀ

ପ୍ରକୃତିମ୍ = ପ୍ରକୃତିର

ଏବ = ହିଁ

ଶ୍ରିତାଃ = ଆଶ୍ରୟ ନିଅନ୍ତି,

ବିଚେତସଃ = ସେପରି ଅବିବେକୀ ମନୁଷ୍ୟଙ୍କର

ମୋଘାଶାଃ = ସମସ୍ତ ଆଶା ବୃଥା,

ମୋଘ-କର୍ମାଣଃ = ସମସ୍ତ ଶୁଭକର୍ମ ବୃଥା (ଓ)

ମୋଘ-ଜ୍ଞାନାଃ = ସମସ୍ତ ଜ୍ଞାନ ବୃଥା ଅର୍ଥାତ୍ ସେମାନଙ୍କର ଆଶା, କର୍ମ ଓ ଜ୍ଞାନ (ବୁଦ୍ଧି) ସତ୍‌ଫଳ ପ୍ରଦାୟକ ହୁଏ ନାହିଁ ।

ମହାତ୍ମାନସ୍ତୁ ମାଂ ପାର୍ଥ ଦୈବୀଂ ପ୍ରକୃତିମାଶ୍ରିତାଃ ।
ଭଜନ୍ତ୍ୟନନ୍ୟମନସୋ ଜ୍ଞାତ୍ୱା ଭୂତାଦିମବ୍ୟୟମ୍ ॥ ୧୩ ॥

ତୁ = କିନ୍ତୁ
ପାର୍ଥ = ହେ ପୃଥାନନ୍ଦନ!
ଦୈବୀମ୍ = ଦୈବୀ
ପ୍ରକୃତିମ୍ = ପ୍ରକୃତିର
ଆଶ୍ରିତାଃ = ଆଶ୍ରିତ
ଅନନ୍ୟମନସଃ = ଅନନ୍ୟମନା
ମହାତ୍ମାନଃ = ମହାତ୍ମାଗଣ
ମାମ୍ = ମୋତେ
ଭୂତାଦିମ୍ = ସମସ୍ତ ପ୍ରାଣୀଙ୍କର ଆଦି
ଅବ୍ୟୟମ୍ = (ଏବଂ) ଅବିନାଶୀ
ଜ୍ଞାତ୍ୱା = ଜାଣି
ଭଜନ୍ତି = (ମୋର) ଭଜନ କରନ୍ତି ।

ସତତଂ କୀର୍ତ୍ତୟନ୍ତୋ ମାଂ ଯତନ୍ତଶ୍ଚ ଦୃଢବ୍ରତାଃ ।
ନମସ୍ୟନ୍ତଶ୍ଚ ମାଂ ଭକ୍ତ୍ୟା ନିତ୍ୟଯୁକ୍ତା ଉପାସତେ ॥ ୧୪ ॥

ନିତ୍ୟଯୁକ୍ତାଃ = (ମୋ'ଠାରେ) ନିତ୍ୟ-ନିରନ୍ତର ସଂଯୁକ୍ତ ମନୁଷ୍ୟ
ଦୃଢବ୍ରତାଃ = ଦୃଢ଼ବ୍ରତୀ ହୋଇ
ଯତନ୍ତଃ = ଯତ୍ନ ସହକାରେ ସାଧନାରତ ରହି
ଚ = ଏବଂ
ଭକ୍ତ୍ୟା = ପ୍ରେମପୂର୍ବକ
କୀର୍ତ୍ତୟନ୍ତଃ = କୀର୍ତ୍ତନ କରି
ଚ = ତଥା
ମାମ୍ = ମୋତେ
ନମସ୍ୟନ୍ତଃ = ନମସ୍କାର କରି
ସତତମ୍ = ନିରନ୍ତର
ମାମ୍ = ମୋର
ଉପାସତେ = ଉପାସନା କରନ୍ତି ।

ଜ୍ଞାନଯଜ୍ଞେନ ଚାପ୍ୟନ୍ୟେ ଯଜନ୍ତୋ ମାମୁପାସତେ ।
ଏକତ୍ୱେନ ପୃଥକ୍ତ୍ୱେନ ବହୁଧା ବିଶ୍ୱତୋମୁଖମ୍ ॥ ୧୫ ॥

ଅନ୍ୟେ	= କେତେକ ସାଧକ	**ବିଶ୍ୱତୋ-ମୁଖମ୍**	= ଚାରିଆଡ଼କୁ ମୁଖ ଥିବା ମୋ ବିରାଟରୂପକୁ ଅର୍ଥାତ୍ ସଂସାରକୁ ମୋର ବିରାଟରୂପ ମନେକରି ସେବ୍ୟ-ସେବକ ଭାବରେ (ମୋତେ)
ଜ୍ଞାନଯଜ୍ଞେନ	= ଜ୍ଞାନଯଜ୍ଞ ଦ୍ୱାରା	**ବହୁଧା**	= ଅନେକ ବିଧିରେ (ଉପାସନା କରନ୍ତି) ।
ଏକତ୍ୱେନ	= ଅଭିନ୍ନଭାବରେ		
ମାମ୍	= ମୋତେ		
ଯଜନ୍ତଃ	= ପୂଜା କରି		
ଉପାସତେ	= ଉପାସନା କରନ୍ତି		
ଚ	= ଏବଂ		
ଅପି	= ଅନ୍ୟ କେତେକ ସାଧକ		
ପୃଥକ୍ତ୍ୱେନ	= (ନିଜକୁ) ପୃଥକ୍ ମନେକରି		

ଅହଂ କ୍ରତୁରହଂ ଯଜ୍ଞଃ ସ୍ୱଧାହମହମୌଷଧମ୍ ।
ମନ୍ତ୍ରୋଽହମହମେବାଜ୍ୟମହମଗ୍ନିରହଂ ହୁତମ୍ ॥ ୧୬ ॥
ପିତାହମସ୍ୟ ଜଗତୋ ମାତା ଧାତା ପିତାମହଃ ।
ବେଦ୍ୟଂ ପବିତ୍ରମୋଙ୍କାର ରକ୍ସାମ ଯଜୁରେବ ଚ ॥ ୧୭ ॥
ଗତିର୍ଭର୍ତ୍ତା ପ୍ରଭୁଃ ସାକ୍ଷୀ ନିବାସଃ ଶରଣଂ ସୁହୃତ୍ ।
ପ୍ରଭବଃ ପ୍ରଳୟଃ ସ୍ଥାନଂ ନିଧାନଂ ବୀଜମବ୍ୟୟମ୍ ॥ ୧୮ ॥

ଅହମ୍ = ମୁଁ
କ୍ରତୁଃ = କ୍ରତୁ,
ଅହମ୍ = ମୁଁ
ଯଜ୍ଞଃ = ଯଜ୍ଞ,
ଅହମ୍ = ମୁଁ
ସ୍ୱଧା = ସ୍ୱଧା,
ଅହମ୍ = ମୁଁ
ଔଷଧମ୍ = ଔଷଧ,
ଅହମ୍ = ମୁଁ
ମନ୍ତ୍ରଃ = ମନ୍ତ୍ର,
ଅହମ୍ = ମୁଁ
ଆଜ୍ୟମ୍ = ଘୃତ,
ଅହମ୍ = ମୁଁ
ଅଗ୍ନିଃ = ଅଗ୍ନି (ଏବଂ)
ହୁତମ୍ = [ହବନରୂପକ କ୍ରିୟା
ଏବ = ମଧ୍ୟ
ଅହମ୍ = ମୁଁ।
ବେଦ୍ୟମ୍ = ଜ୍ଞେୟ
ପବିତ୍ରମ୍ = ପବିତ୍ର
ଓଙ୍କାରଃ = ଓଁକାର,
ଋକ୍ = ଋଗ୍‌ବେଦ,
ସାମ = ସାମବେଦ
ଚ = ଓ
ଯଜୁଃ = ଯଜୁର୍ବେଦ
ଏବ = ମଧ୍ୟ
ଅହମ୍ = ମୁଁ।
ଅସ୍ୟ = ଏହି
ଜଗତଃ = ସମଗ୍ର ଜଗତର
ପିତା = ପିତା,
ଧାତା = ଧାତା,
ମାତା = ମାତା,
ପିତାମହଃ = ପିତାମହ,
ଗତିଃ = ଗତି,
ଭର୍ତ୍ତା = ଭର୍ତ୍ତା,
ପ୍ରଭୁଃ = ପ୍ରଭୁ,
ସାକ୍ଷୀ = ସାକ୍ଷୀ,
ନିବାସଃ = ନିବାସ,
ଶରଣମ୍ = ଆଶ୍ରୟ,
ସୁହୃତ୍ = ସୁହୃଦ୍,
ପ୍ରଭବଃ = ଉତ୍ପତ୍ତି,
ପ୍ରଳୟଃ = ପ୍ରଳୟ,

ସ୍ଥାନମ୍	= ସ୍ଥାନ,	ଅବ୍ୟୟମ୍	= (ତଥା) ଅବିନାଶୀ
ନିଧାନମ୍	= ନିଧାନ (ଭଣ୍ଡାର)	ବୀଜମ୍	= ବୀଜ (ମଧ୍ୟ ମୁଁ) ।

ତପାମ୍ୟହମହଂ ବର୍ଷଂ ନିଗୃହ୍ଣାମ୍ୟୁତ୍ସୃଜାମି ଚ ।
ଅମୃତଂ ଚୈବ ମୃତ୍ୟୁଶ୍ଚ ସଦସଚ୍ଚାହମର୍ଜୁନ ॥ ୧୯ ॥

ଅର୍ଜୁନ	= ହେ ଅର୍ଜୁନ!	ଉତ୍ସୃଜାମି	= ବୃଷ୍ଟି କରେ । (ଆଉ ଅଧିକ କ'ଣ ବା କହିବି,)
ଅହମ୍	= ମୁଁ (ହିଁ ସଂସାରର ହିତ ପାଇଁ)		
ତପାମି	= ସୂର୍ଯ୍ୟରୂପରେ ଉତ୍ତପ୍ତ ହୁଏ,	ଅମୃତମ୍	= ଅମୃତ
		ଚ	= ଓ
ଅହମ୍	= ମୁଁ	ମୃତ୍ୟୁଃ	= ମୃତ୍ୟୁ
ନିଗୃହ୍ଣାମି	= ଜଳକୁ ଗ୍ରହଣ କରେ	ଚ	= ତଥା
		ସତ୍	= ସତ୍
		ଚ	= ଓ
ଚ	= ଓ	ଅସତ୍	= ଅସତ୍
ବର୍ଷମ୍	= ବର୍ଷାରୂପେ	ଅହମ୍, ଏବ	= ମଧ୍ୟ ମୁଁ ।

ତ୍ରୈବିଦ୍ୟା ମାଂ ସୋମପାଃ ପୂତପାପା-
ଯଜ୍ଞୈରିଷ୍ଟ୍ୱା ସ୍ୱର୍ଗତିଂ ପ୍ରାର୍ଥୟନ୍ତେ ।
ତେ ପୁଣ୍ୟମାସାଦ୍ୟ ସୁରେନ୍ଦ୍ରଲୋକ-
ମଶ୍ନନ୍ତି ଦିବ୍ୟାନ୍ଦିବି ଦେବଭୋଗାନ୍ ॥ ୨୦ ॥

ତ୍ରୈବିଦ୍ୟାଃ	= ତିନିବେଦରେ ବର୍ଣ୍ଣିତ ସକାମ ଅନୁଷ୍ଠାନକାରୀ (ଏବଂ)	ପ୍ରାର୍ଥୟନ୍ତେ	= ପ୍ରାର୍ଥନା କରନ୍ତି,
ସୋମପାଃ	= ସୋମରସ ପାନକାରୀ	ତେ	= ସେମାନେ (ପୁଣ୍ୟଫଳ ସ୍ୱରୂପ)
ପୂତପାପାଃ	= (ଯେଉଁ) ପାପରହିତ ମନୁଷ୍ୟ	ପୁଣ୍ୟମ୍	= ପବିତ୍ର
ଯଜ୍ଞୈଃ	= ଯଜ୍ଞ ଦ୍ୱାରା	ସୁରେନ୍ଦ୍ରଲୋକମ୍	= ଇନ୍ଦ୍ରଲୋକ
ମାମ୍	= (ଇନ୍ଦ୍ରରୂପରେ) ମୋତେ	ଆସାଦ୍ୟ	= ପ୍ରାପ୍ତ ହୋଇ;
ଇଷ୍ଟ୍ୱା	= ପୂଜା କରି	ଦିବି	= (ସେଠାରେ) ସ୍ୱର୍ଗରେ
ସ୍ୱର୍ଗତିମ୍	= ସ୍ୱର୍ଗପ୍ରାପ୍ତି ନିମନ୍ତେ	ଦିବ୍ୟାନ୍, ଦେବଭୋଗାନ୍	= ଦେବତାମାନଙ୍କର ଦିବ୍ୟ ଭୋଗ
		ଅଶ୍ନନ୍ତି	= ଉପଭୋଗ କରନ୍ତି ।

ତେ ତଂ ଭୁକ୍ତ୍ୱା ସ୍ୱର୍ଗଲୋକଂ ବିଶାଳଂ-
କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟଲୋକଂ ବିଶନ୍ତି ।
ଏବଂ ତ୍ରୟୀଧର୍ମମନୁପ୍ରପନ୍ନା-
ଗତାଗତଂ କାମକାମା ଲଭନ୍ତେ ॥ ୨୧ ॥

ତେ	= ସେମାନେ	ସ୍ୱର୍ଗଲୋକମ୍	= ସ୍ୱର୍ଗଲୋକର (ଭୋଗ)
ତମ୍	= ସେହି		
ବିଶାଳମ୍	= ବିଶାଳ	ଭୁକ୍ତ୍ୱା	= ଉପଭୋଗ କରିସାରି

ପୁଣ୍ୟେ = ପୁଣ୍ୟ
କ୍ଷୀଣେ = କ୍ଷୟ ହେଲେ
ମର୍ତ୍ତ୍ୟଲୋକମ୍ = ମୃତ୍ୟୁଲୋକକୁ
ବିଶନ୍ତି = ଆସନ୍ତି ।
ଏବମ୍ = ଏହିପରି
ତ୍ରୟୀଧର୍ମମ୍ = ତିନି ବେଦରେ ବର୍ଣ୍ଣିତ ସକାମ ଧର୍ମର
ଅନୁପ୍ରପନ୍ନାଃ = ଆଶ୍ରୟ ନେଇ
କାମକାମାଃ = ଭୋଗ କାମନା କରୁଥିବା ମନୁଷ୍ୟ
ଗତାଗତମ୍ = ଜନ୍ମମରଣ
ଲଭନ୍ତେ = ଲାଭ କରନ୍ତି ।

ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ ।
ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍ ॥ ୨୨ ॥

ଯେ = ଯେଉଁ
ଅନନ୍ୟାଃ = ଅନନ୍ୟ
ଜନାଃ = ଭକ୍ତଗଣ
ମାମ୍ = ମୋତେ
ଚିନ୍ତୟନ୍ତଃ = ଚିନ୍ତନ କରି
ପର୍ଯ୍ୟୁପାସତେ = (ମୋର) ସମ୍ୟକ୍‌ଭାବେ ଉପାସନା କରନ୍ତି,
ନିତ୍ୟାଭିଯୁକ୍ତାନାମ୍ = (ମୋ'ଠାରେ) ନିରନ୍ତର ନିମଗ୍ନ ରହୁଥିବା
ତେଷାମ୍ = ସେହି ଭକ୍ତମାନଙ୍କର
ଯୋଗକ୍ଷେମମ୍ = ଯୋଗକ୍ଷେମ (ଅପ୍ରାପ୍ତର ପ୍ରାପ୍ତି ଓ ପ୍ରାପ୍ତର ରକ୍ଷା)
ଅହମ୍ = ମୁଁ
ବହାମି = ବହନ କରେ ।

ଯେଽପ୍ୟନ୍ୟଦେବତା ଭକ୍ତା ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ ।
ତେଽପି ମାମେବ କୌନ୍ତେୟ ଯଜନ୍ତ୍ୟବିଧିପୂର୍ବକମ୍ ॥ ୨୩ ॥

କୌନ୍ତେୟ	= ହେ କୁନ୍ତୀନନ୍ଦନ!	**ଅପି**	= ବି
ଯେ	= ଯେଉଁ	**ମାମ୍**	= ମୋତେ
ଭକ୍ତାଃ	= ଭକ୍ତ (ମନୁଷ୍ୟ)	**ଏବ**	= ହିଁ
ଅପି	= ବି	**ଯଜନ୍ତି**	= ପୂଜା କରନ୍ତି,
ଶ୍ରଦ୍ଧୟା, ଅନ୍ୱିତାଃ	= ଶ୍ରଦ୍ଧାପୂର୍ବକ	**ଅବିଧିପୂର୍ବକମ୍**	= (କିନ୍ତୁ) ଅବିଧି-ପୂର୍ବକ କରନ୍ତି ଅର୍ଥାତ୍ ସେମାନେ ଦେବତାମାନଙ୍କୁ ମୋ'ଠାରୁ ଭିନ୍ନ ମନେ କରନ୍ତି ।
ଅନ୍ୟଦେବତାଃ	= ଅନ୍ୟ ଦେବତାମାନଙ୍କୁ		
ଯଜନ୍ତେ	= ପୂଜା କରନ୍ତି,		
ତେ	= ସେମାନେ		

ଅହଂ ହି ସର୍ବଯଜ୍ଞାନାଂ ଭୋକ୍ତା ଚ ପ୍ରଭୁରେବ ଚ ।
ନ ତୁ ମାମଭିଜାନନ୍ତି ତତ୍ତ୍ୱେନାତଶ୍ଚ୍ୟବନ୍ତି ତେ ॥ ୨୪ ॥

ହି	= କାରଣ	**ପ୍ରଭୁଃ**	= ସ୍ୱାମୀ
ଅହମ୍, ଏବ	= ମୁଁ ହିଁ	**ଚ**	= ମଧ୍ୟ;
ସର୍ବଯଜ୍ଞାନାମ୍	= ସମସ୍ତ ଯଜ୍ଞର	**ତୁ**	= କିନ୍ତୁ
		ତେ	= ସେମାନେ
ଭୋକ୍ତା	= ଭୋକ୍ତା	**ମାମ୍**	= ମୋତେ
ଚ	= ଓ	**ତତ୍ତ୍ୱେନ**	= ତତ୍ତ୍ୱତଃ

ନ, ଅଭିଜାନନ୍ତି	= ଜାଣନ୍ତି ନାହିଁ,	ଚ୍ୟବନ୍ତି	= ସେମାନଙ୍କର ପତନ ହୁଏ ।
ଅତଃ	= ତେଣୁ		

ଯାନ୍ତି ଦେବବ୍ରତା ଦେବାନ୍ ପିତୃନ୍ ଯାନ୍ତି ପିତୃବ୍ରତାଃ ।
ଭୂତାନି ଯାନ୍ତି ଭୂତେଜ୍ୟା ଯାନ୍ତି ମଦ୍ୟାଜିନୋଽପି ମାମ୍ ॥ ୨୫ ॥

ଦେବବ୍ରତାଃ	= (ସକାମଭାବରେ) ଦେବଗଣଙ୍କର ପୂଜନକାରୀ (ଶରୀର ଛାଡ଼ିଲାପରେ)	ଯାନ୍ତି	= ପ୍ରାପ୍ତ ହୁଅନ୍ତି ।
		ଭୂତେଜ୍ୟାଃ	= ଭୂତ-ପ୍ରେତଙ୍କର ପୂଜନକାରୀ
		ଭୂତାନି	= ଭୂତ-ପ୍ରେତଙ୍କୁ
		ଯାନ୍ତି	= ପ୍ରାପ୍ତ ହୁଅନ୍ତି ।
ଦେବାନ୍	= ଦେବତାମାନଙ୍କୁ	ମଦ୍ୟାଜିନଃ	= (କିନ୍ତୁ) ମୋର ପୂଜନକାରୀ
ଯାନ୍ତି	= ପ୍ରାପ୍ତ ହୁଅନ୍ତି ।		
ପିତୃବ୍ରତାଃ	= ପିତୃପୁରୁଷଙ୍କର ପୂଜନକାରୀ	ମାମ୍	= ମୋତେ
		ଅପି	= ହିଁ
ପିତୃନ୍	= ପିତୃପୁରୁଷଙ୍କୁ	ଯାନ୍ତି	= ପ୍ରାପ୍ତ ହୁଅନ୍ତି ।

ପତ୍ରଂ ପୁଷ୍ପଂ ଫଳଂ ତୋୟଂ ଯୋ ମେ ଭକ୍ତ୍ୟା ପ୍ରଯଚ୍ଛତି ।
ତଦହଂ ଭକ୍ତ୍ୟୁପହୃତମଶ୍ନାମି ପ୍ରଯତାତ୍ମନଃ ॥ ୨୬ ॥

ଯଃ	= ଯେଉଁ ଭକ୍ତ	ପୁଷ୍ପମ୍	= ପୁଷ୍ପ
ପତ୍ରମ୍	= ପତ୍ର,	ଫଳମ୍	= ଫଳ,

ତୋୟମ୍ = ଜଳ ଆଦିକୁ (ଯଥାସାଧ୍ୟ ଓ ଅନାୟାସ ପ୍ରାପ୍ତ ଦ୍ରବ୍ୟକୁ)
ଭକ୍ତ୍ୟା = ପ୍ରେମର ସହିତ
ମେ = ମୋତେ
ପ୍ରଯଚ୍ଛତି = ପ୍ରଦାନ କରେ,
ତତ୍, ପ୍ରଯତାତ୍ମନଃ = (ମୋ'ଠାରେ) ନିମଗ୍ନ ଅନ୍ତଃକରଣଯୁକ୍ତ ସେହି ଭକ୍ତ ଦ୍ୱାରା
ଭକ୍ତ୍ୟୁପହୃତମ୍ = ପ୍ରେମ ସହକାରେ ପ୍ରଦତ୍ତ ଉପହାରକୁ
ଅହମ୍ = ମୁଁ
ଅଶ୍ନାମି = ଖାଇଦିଏ ଅର୍ଥାତ୍ ଗ୍ରହଣ କରେ ।

ଯତ୍କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍ ।
ଯତ୍ତପସ୍ୟସି କୌନ୍ତେୟ ତତ୍କୁରୁଷ୍ୱ ମଦର୍ପଣମ୍ ॥ ୨୭ ॥

କୌନ୍ତେୟ = ହେ କୁନ୍ତୀନନ୍ଦନ! (ତୁମେ)
ଯତ୍ = ଯାହା କିଛି
କରୋଷି = କରୁଛ,
ଯତ୍ = ଯାହା କିଛି
ଅଶ୍ନାସି = ଖାଉଛ,
ଯତ୍ = ଯେଉଁ ସବୁ
ଜୁହୋଷି = ଯଜ୍ଞ କରୁଛ,
ଯତ୍ = ଯାହା କିଛି
ଦଦାସି = ଦାନ ଦେଉଛ (ଓ)
ଯତ୍ = ଯେଉଁ ସବୁ
ତପସ୍ୟସି = ତପ କରୁଛ,
ତତ୍ = ସେ ସମସ୍ତ
ମଦର୍ପଣମ୍ = ମୋତେ ଅର୍ପଣ
କୁରୁଷ୍ୱ = କରିଦିଅ ।

ଶୁଭାଶୁଭଫଳୈରେବଂ ମୋକ୍ଷ୍ୟସେ କର୍ମବନ୍ଧନୈଃ ।
ସନ୍ନ୍ୟାସଯୋଗଯୁକ୍ତାତ୍ମା ବିମୁକ୍ତୋ ମାମୁପୈଷ୍ୟସି ॥ ୨୮ ॥

ଏବମ୍ = ଏହି ପ୍ରକାରେ (ମୋତେ ଅର୍ପଣ କଲେ)
କର୍ମବନ୍ଧନୈଃ = କର୍ମବନ୍ଧନରୁ (ଓ)
ଶୁଭାଶୁଭ-ଫଳୈଃ = ସମସ୍ତ ଶୁଭ (ବିହିତ) ଓ ଅଶୁଭ (ନିଷିଦ୍ଧ) କର୍ମଫଳରୁ
ମୋକ୍ଷ୍ୟସେ = (ତୁମେ) ମୁକ୍ତ ହୋଇଯିବ ।
ସନ୍ନ୍ୟାସ-ଯୋଗଯୁକ୍ତାତ୍ମା = ଏହିପରି (ତୁମେ) ନିଜ ସହିତ ସବୁକିଛି ମୋତେ ଅର୍ପଣ କରି (ଏବଂ)
ବିମୁକ୍ତଃ = ସବୁଥିରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇ
ମାମ୍ = ମୋତେ
ଉପୈଷ୍ୟସି = ପ୍ରାପ୍ତ ହେବ ।

ସମୋଽହଂ ସର୍ବଭୂତେଷୁ ନ ମେ ଦ୍ୱେଷ୍ୟୋଽସ୍ତି ନ ପ୍ରିୟଃ ।
ଯେ ଭଜନ୍ତି ତୁ ମାଂ ଭକ୍ତ୍ୟା ମୟି ତେ ତେଷୁ ଚାପ୍ୟହମ୍ ॥ ୨୯ ॥

ସର୍ବଭୂତେଷୁ = ସବୁ ପ୍ରାଣୀଙ୍କ ଠାରେ
ଅହମ୍ = ମୁଁ
ସମଃ = ସମାନ ।
ମେ = (ସେହି ପ୍ରାଣୀମାନଙ୍କ ମଧ୍ୟରେ) ମୋର (କେହି)
ଦ୍ୱେଷ୍ୟଃ = ଦ୍ୱେଷ୍ୟ

ନ, ଅସ୍ତି	= ନାହାନ୍ତି (କିଂବା)	ତେ	= ସେମାନେ
ପ୍ରିୟଃ	= (କେହି) ପ୍ରିୟ	ମୟି	= ମୋ'ଠାରେ
ନ, (ଅସ୍ତି)	= ନାହାନ୍ତି ।	ଚ	= ଓ
ତୁ	= କିନ୍ତୁ	ଅହମ୍	= ମୁଁ
ଯେ	= ଯେଉଁମାନେ	ଅପି	= ମଧ୍ୟ
ଭକ୍ତ୍ୟା	= ପ୍ରେମସହକାରେ	ତେଷୁ	= ସେମାନଙ୍କ ଠାରେ ଥାଏ ।*
ମାମ୍	= ମୋତେ		
ଭଜନ୍ତି	= ଭଜନ୍ତି,		

ଅପି ଚେତ୍ ସୁଦୁରାଗ୍ରରୋ ଭଜତେ ମାମନନ୍ୟଭାକ୍ ।
ସାଧୁରେବ ସ ମନ୍ତବ୍ୟଃ ସମ୍ୟଗ୍‌ବ୍ୟବସିତୋ ହି ସଃ ॥ ୩୦ ॥

ଚେତ୍	= ଯଦି (କୌଣସି)	ଏବ	= ଅବଶ୍ୟ
ସୁଦୁରାଗ୍ରରଃ	= ଅତ୍ୟନ୍ତ ଦୁରାଗ୍ରରୀ	ସାଧୁଃ	= ସାଧୁ
ଅପି	= ମଧ୍ୟ	ମନ୍ତବ୍ୟଃ	= ମାନିବା ଉଚିତ ।
ଅନନ୍ୟଭାକ୍	= ଅନନ୍ୟ ଭକ୍ତ ହୋଇ	ହି	= କାରଣ
ମାମ୍	= ମୋର	ସଃ	= ସେ
ଭଜତେ	= ଭଜନ କରେ, (ତେବେ)	ସମ୍ୟକ୍, ବ୍ୟବସିତଃ	= ଉତ୍ତମରୂପେ ଦୃଢ଼ନିଶ୍ଚୟ କରିନେଇଛି ।
ସଃ	= ତାକୁ		

* ଏ ଶ୍ଳୋକରେ ଦୁଇ ପ୍ରକାର ବର୍ଣ୍ଣନା ଅଛି—ପୂର୍ବାର୍ଦ୍ଧରେ ଭଜନ ନ କରୁଥିବା ଲୋକଙ୍କର ଏବଂ ଉତ୍ତରାର୍ଦ୍ଧରେ ଭଜନ କରୁଥିବା ଲୋକଙ୍କର ବର୍ଣ୍ଣନା ହୋଇଛି ।

କ୍ଷିପ୍ରଂ ଭବତି ଧର୍ମାତ୍ମା ଶଶ୍ୱଚ୍ଛାନ୍ତିଂ ନିଗଚ୍ଛତି ।
କୌନ୍ତେୟ ପ୍ରତିଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି ॥ ୩୧ ॥

କ୍ଷିପ୍ରମ୍	= (ସେ) ତତ୍‌କ୍ଷଣାତ୍
ଧର୍ମାତ୍ମା	= ଧର୍ମାତ୍ମା
ଭବତି	= ହୋଇଯାଏ (ଏବଂ)
ଶଶ୍ୱତ୍	= ଚିରସ୍ଥାୟୀ
ଶାନ୍ତିମ୍	= ଶାନ୍ତି
ନିଗଚ୍ଛତି	= ଲାଭ କରେ ।
କୌନ୍ତେୟ	= ହେ କୁନ୍ତୀନନ୍ଦନ!
ପ୍ରତିଜାନୀହି	= (ତୁମେ) ପ୍ରତିଜ୍ଞା କର ଯେ
ମେ	= ମୋ
ଭକ୍ତଃ	= ଭକ୍ତର
ନ, ପ୍ରଣଶ୍ୟତି	= ପତନ ହୁଏ ନାହିଁ ।

ମାଂ ହି ପାର୍ଥ ବ୍ୟପାଶ୍ରିତ୍ୟ ଯେଽପି ସ୍ୟୁଃ ପାପଯୋନୟଃ ।
ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୂଦ୍ରାସ୍ତେଽପି ଯାନ୍ତି ପରାଂ ଗତିମ୍ ॥ ୩୨ ॥

ପାର୍ଥ	= ହେ ପୃଥାନନ୍ଦନ!
ଯେ	= ଯେଉଁମାନେ
ଅପି	= ବି
ପାପଯୋନୟଃ, ସ୍ୟୁଃ	= ପାପଯୋନିସମ୍ଭୂତ (ତଥା ଯେଉଁମାନେ)
ସ୍ତ୍ରିୟଃ	= ନାରୀ,
ବୈଶ୍ୟାଃ	= ବୈଶ୍ୟ
ତଥା	= ଓ
ଶୂଦ୍ରାଃ	= ଶୂଦ୍ର,
ତେ	= ସେମାନେ
ଅପି	= ମଧ୍ୟ
ମାମ୍, ବ୍ୟପାଶ୍ରିତ୍ୟ	= ସମ୍ପୂର୍ଣ୍ଣ ମୋର ଶରଣାପନ୍ନ ହୋଇ
ହି	= ନିଃସନ୍ଦେହରେ

ପରାମ୍, ଗତିମ୍	= ପରମଗତି	ଯାନ୍ତି	= ଲାଭ କରନ୍ତି ।

କିଂ ପୁନର୍ବ୍ରାହ୍ମଣାଃ ପୁଣ୍ୟା ଭକ୍ତା ରାଜର୍ଷୟସ୍ତଥା ।
ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍ ॥ ୩୩ ॥

ପୁଣ୍ୟାଃ	= ପବିତ୍ର ଆଚରଣସମ୍ପନ୍ନ	କିମ୍, ପୁନଃ	= ଏଥିରେ ଆଉ କହିବାର କ'ଣ ଅଛି!
ବ୍ରାହ୍ମଣାଃ	= ବ୍ରାହ୍ମଣ	ଇମମ୍	= (ତେଣୁ) ଏହି
ତଥା	= ଓ	ଅନିତ୍ୟମ୍	= ଅନିତ୍ୟ (ଓ)
ରାଜର୍ଷୟଃ	= ଋଷିସ୍ୱରୂପ କ୍ଷତ୍ରିୟ	ଅସୁଖମ୍	= ସୁଖରହିତ
ଭକ୍ତାଃ	= ଭଗବାନଙ୍କର ଭକ୍ତ ହେଲେ (ସେମାନେ ଯେ ପରମଗତି ପ୍ରାପ୍ତ ହେବେ,)	ଲୋକମ୍	= ଶରୀର
		ପ୍ରାପ୍ୟ	= ପାଇ (ତୁମେ)
		ମାମ୍	= ମୋତେ
		ଭଜସ୍ୱ	= ଭଜନ କର ।

ମନ୍ମନା ଭବ ମଦ୍ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ ।
ମାମେବୈଷ୍ୟସି ଯୁକ୍ତ୍ୱୈବମାତ୍ମାନଂ ମତ୍ପରାୟଣଃ ॥ ୩୪ ॥

ମଦ୍ଭକ୍ତଃ	= (ତୁମେ) ମୋର ଭକ୍ତ	ଏବମ୍	= ଏହିଭଳି
		ଆତ୍ମାନମ୍	= ନିଜକୁ
ଭବ	= ହୁଅ,	ଯୁକ୍ତ୍ୱା	= (ମୋ ସହିତ) ସଂଯୁକ୍ତ କରି
ମନ୍ମନାଃ	= ମଦ୍‌ଗତମନା ହୁଅ,	ମତ୍ପରାୟଣଃ	= ମତ୍ପରାୟଣ ହେଲେ (ତୁମେ)
ମଦ୍ୟାଜୀ	= ମୋର ପୂଜନକାରୀ ହୁଅ		
ମାମ୍	= (ଏବଂ) ମୋତେ	ମାମ୍	= ମୋତେ
		ଏବ	= ଅବଶ୍ୟ
ନମସ୍କୁରୁ	= ନମସ୍କାର କର ।	ଏଷ୍ୟସି	= ପ୍ରାପ୍ତ ହେବ ।

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ ରାଜବିଦ୍ୟାରାଜଗୁହ୍ୟଯୋଗୋ ନାମ ନବମୋଽଧ୍ୟାୟଃ ॥ ୯ ॥

ଏହି ପ୍ରକାରେ 'ଓଁ, ତତ୍, ସତ୍'—ଏହି ଭଗବନ୍ନାମ ଉଚ୍ଚାରଣପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍‌ଗୀତୋପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନସଂବାଦରେ 'ରାଜବିଦ୍ୟାରାଜଗୁହ୍ୟଯୋଗ' ନାମକ ନବମ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୯ ॥

***

॥ ଓଁ ଶ୍ରୀପରମାତ୍ମନେ ନମଃ ॥

ଅଥ ଦଶମୋଽଧ୍ୟାୟଃ

(ଦଶମ ଅଧ୍ୟାୟ)

ଶ୍ରୀଭଗବାନୁବାଚ

ଭୂୟ ଏବ ମହାବାହୋ ଶୃଣୁ ମେ ପରମଂ ବଚଃ ।
ଯତ୍ତେଽହଂ ପ୍ରୀୟମାଣାୟ ବକ୍ଷ୍ୟାମି ହିତକାମ୍ୟୟା ॥ ୧ ॥

ଶ୍ରୀଭଗବାନ କହିଲେ—

ମହାବାହୋ	= ହେ ମହାବାହୁ ଅର୍ଜୁନ!	**ଅହମ୍**	= ମୁଁ
		ତେ	= ତୁମର
ଭୂୟଃ, ଏବ	= ପୁନଶ୍ଚ (ତୁମେ)	**ହିତକାମ୍ୟୟା**	= ହିତ କାମନାରେ
ମେ	= ମୋର		
ପରମମ୍	= ପରମ	**ବକ୍ଷ୍ୟାମି**	= କହିବି;
ବଚଃ	= ବଚନ	**ପ୍ରୀୟମାଣାୟ**	= (କାରଣ ତୁମେ) ମୋ ପ୍ରତି ଅତ୍ୟନ୍ତ ପ୍ରେମଭାବ ରଖୁଛ ।
ଶୃଣୁ	= ଶୁଣ,		
ଯତ୍	= ଯାହାକୁ		

ନ ମେ ବିଦୁଃ ସୁରଗଣାଃ ପ୍ରଭବଂ ନ ମହର୍ଷୟଃ ।
ଅହମାଦିର୍ହି ଦେବାନାଂ ମହର୍ଷୀଣାଂ ଚ ସର୍ବଶଃ ॥ ୨ ॥

ମେ = ମୋର	**ହି** = କାରଣ
ପ୍ରଭବମ୍ = ପ୍ରାକଟ୍ୟକୁ	**ଅହମ୍** = ମୁଁ
ସୁରଗଣାଃ = ଦେବଗଣ	**ସର୍ବଶଃ** = ସବୁପ୍ରକାରେ
ନ, ବିଦୁଃ = ଜାଣନ୍ତି ନାହିଁ (କିଂବା)	**ଦେବାନାମ୍** = ଦେବତାମାନଙ୍କର
	ଚ = ଓ
ମହର୍ଷୟଃ = ମହର୍ଷିଗଣ	**ମହର୍ଷୀଣାମ୍** = ମହର୍ଷିମାନଙ୍କର
ନ, (ବିଦୁଃ) = ଜାଣନ୍ତି ନାହିଁ;	**ଆଦିଃ** = ଆଦିକାରଣ ।

ଯୋ ମାମଜମନାଦିଂ ଚ ବେତ୍ତି ଲୋକମହେଶ୍ୱରମ୍ ।
ଅସମ୍ମୂଢଃ ସ ମର୍ତ୍ତ୍ୟେଷୁ ସର୍ବପାପୈଃ ପ୍ରମୁଚ୍ୟତେ ॥ ୩ ॥

ଯଃ = ଯେଉଁ ମନୁଷ୍ୟ	**ସଃ** = ସେ
ମାମ୍ = ମୋତେ	**ମର୍ତ୍ତ୍ୟେଷୁ** = ମନୁଷ୍ୟମାନଙ୍କ ମଧ୍ୟରେ
ଅଜମ୍ = ଅଜ,	
ଅନାଦିମ୍ = ଅନାଦି	**ଅସମ୍ମୂଢଃ** = ଜ୍ଞାନବାନ୍ (ଏବଂ)
ଚ = ଓ	
ଲୋକ-ମହେଶ୍ୱରମ୍ = ସମସ୍ତ ଲୋକର ମହାନ୍ ଈଶ୍ୱର (ବୋଲି)	**ସର୍ବପାପୈଃ** = (ସେ) ସମସ୍ତ ପାପରୁ
ବେତ୍ତି = ଜାଣେ ଅର୍ଥାତ୍ ଦୃଢ଼-ଭାବରେ ମାନିନିଏ,	**ପ୍ରମୁଚ୍ୟତେ** = ମୁକ୍ତ ହୋଇଯାଏ ।

ବୁଦ୍ଧିର୍ଜ୍ଞାନମସମ୍ମୋହଃ କ୍ଷମା ସତ୍ୟଂ ଦମଃ ଶମଃ ।
ସୁଖଂ ଦୁଃଖଂ ଭବୋଽଭାବୋ ଭୟଂ ଚାଭୟମେବ ଚ ॥ ୪ ॥
ଅହିଂସା ସମତା ତୁଷ୍ଟିସ୍ତପୋ ଦାନଂ ଯଶୋଽଯଶଃ ।
ଭବନ୍ତି ଭାବା ଭୂତାନାଂ ମତ୍ତ ଏବ ପୃଥଗ୍‌ବିଧାଃ ॥ ୫ ॥

ବୁଦ୍ଧିଃ	= ବୁଦ୍ଧି,	ସମତା	= ସମତା,
ଜ୍ଞାନମ୍	= ଜ୍ଞାନ,	ତୁଷ୍ଟିଃ	= ସନ୍ତୋଷ,
ଅସମ୍ମୋହଃ	= ଅସମ୍ମୋହ,	ତପଃ	= ତପ,
କ୍ଷମା	= କ୍ଷମା,	ଦାନମ୍	= ଦାନ,
ସତ୍ୟମ୍	= ସତ୍ୟ,	ଯଶଃ	= ଯଶ
ଦମଃ	= ଦମ,	ଚ	= ଓ
ଶମଃ	= ଶମ	ଅଯଶଃ	= ଅପଯଶ—
ଏବ	= ତଥା	ଭୂତାନାମ୍	= ପ୍ରାଣୀମାନଙ୍କର (ଏହି)
ସୁଖମ୍	= ସୁଖ,		
ଦୁଃଖମ୍	= ଦୁଃଖ,		
ଭବଃ	= ଉତ୍ପତ୍ତି,	ପୃଥଗ୍‌ବିଧାଃ	= ନାନାବିଧ ପୃଥକ୍ ପୃଥକ୍ (କୋଡ଼ିଏଟି)
ଅଭାବଃ	= ବିନାଶ,		
ଭୟମ୍	= ଭୟ,	ଭାବାଃ	= ଭାବ
ଅଭୟମ୍	= ଅଭୟ	ମତ୍ତଃ	= ମୋ'ଠାରୁ
ଚ	= ଏବଂ	ଏବ	= ହିଁ
ଅହିଂସା	= ଅହିଂସା,	ଭବନ୍ତି	= ଉତ୍ପନ୍ନ ହୁଅନ୍ତି ।

ମହର୍ଷୟଃ ସପ୍ତ ପୂର୍ବେ ଚତ୍ୱାରୋ ମନବସ୍ତଥା ।
ମଦ୍‌ଭାବା ମାନସା ଜାତା ଯେଷାଂ ଲୋକ ଇମାଃ ପ୍ରଜାଃ ॥ ୬ ॥

ଇମାଃ	= ଏହି	**ତଥା**	= ତଥା
ଲୋକେ	= ସଂସାରରେ	**ମନବଃ**	= ଚଉଦ ମନୁ— (ଏ ସମସ୍ତେ)
ଯେଷାମ୍, ପ୍ରଜାଃ	= ସମସ୍ତେ ଯାହାଙ୍କର ପ୍ରଜା (ସେହି)	**ମାନସାଃ**	= (ମୋ) ମନରୁ
ସପ୍ତ	= ସାତ	**ଜାତାଃ**	= ଜାତ ହୋଇଛନ୍ତି (ଏବଂ)
ମହର୍ଷୟଃ	= ମହର୍ଷି,		
ପୂର୍ବେ	= ସେମାନଙ୍କ ପୂର୍ବରୁ ଜାତ	**ମଦ୍‌ଭାବାଃ**	= ମୋ ପ୍ରତି ଭାବ (ଶ୍ରଦ୍ଧା-ଭକ୍ତି) ରଖିଛନ୍ତି ।
ଚତ୍ୱାରଃ	= ଚାରି ସନକାଦି		

ଏତାଂ ବିଭୂତିଂ ଯୋଗଂ ଚ ମମ ଯୋ ବେତ୍ତି ତତ୍ତ୍ୱତଃ ।
ସୋଽବିକମ୍ପେନ ଯୋଗେନ ଯୁଜ୍ୟତେ ନାତ୍ର ସଂଶୟଃ ॥ ୭ ॥

ଯଃ	= ଯେଉଁ ମନୁଷ୍ୟ	**ବେତ୍ତି**	= ଜାଣେ ଅର୍ଥାତ୍ ଦୃଢ଼ଭାବେ ନିଃସନ୍ଦେହରେ ମାନେ,
ମମ	= ମୋର		
ଏତାମ୍	= ଏହି		
ବିଭୂତିମ୍	= ବିଭୂତି		
ଚ	= ଓ	**ସଃ**	= ସେ
ଯୋଗମ୍	= ଯୋଗ(ସାମର୍ଥ୍ୟ)କୁ	**ଅବିକମ୍ପେନ**	= ଅବିଚଳ
ତତ୍ତ୍ୱତଃ	= ତତ୍ତ୍ୱତଃ	**ଯୋଗେନ**	= ଭକ୍ତିଯୋଗରେ

ଯୁଜ୍ୟତେ	= ଯୁକ୍ତ ହୋଇଯାଏ;	ସଂଶୟଃ	= ସନ୍ଦେହ
ଅତ୍ର	= ଏଥିରେ (ତିଳେମାତ୍ର)	ନ	= ନାହିଁ ।

ଅହଂ ସର୍ବସ୍ୟ ପ୍ରଭବୋ ମତ୍ତଃ ସର୍ବଂ ପ୍ରବର୍ତ୍ତତେ ।
ଇତି ମତ୍ୱା ଭଜନ୍ତେ ମାଂ ବୁଧା ଭାବସମନ୍ୱିତାଃ ॥ ୮ ॥

ଅହମ୍	= ମୁଁ	ଭାବସମନ୍ୱିତାଃ	= ମୋ'ଠାରେ ଶ୍ରଦ୍ଧା-ପ୍ରେମ ରଖିଥିବା
ସର୍ବସ୍ୟ	= ସାରା ସଂସାରର		
ପ୍ରଭବଃ	= ପ୍ରଭବ (ମୂଳ କାରଣ)	ବୁଧାଃ	= ବୁଦ୍ଧିମାନ୍ ଭକ୍ତ
ମତ୍ତଃ	= (ଏବଂ) ମୋ'ଠାରୁ	ମାମ୍	= ମୋର
ସର୍ବମ୍	= ସାରା ସଂସାର	ଭଜନ୍ତେ	= ଭଜନ କରନ୍ତି— ସର୍ବଭାବରେ ମୋର ଶରଣାପନ୍ନ ହୁଅନ୍ତି ।
ପ୍ରବର୍ତ୍ତତେ	= ପ୍ରବୃତ୍ତ ହେଉଛି		
ଇତି	= ବୋଲି		
ମତ୍ୱା	= ମନେକରି		

ମଚ୍ଚିତ୍ତା ମଦ୍‌ଗତପ୍ରାଣା ବୋଧୟନ୍ତଃ ପରସ୍ପରମ୍ ।
କଥୟନ୍ତଶ୍ଚ ମାଂ ନିତ୍ୟଂ ତୁଷ୍ୟନ୍ତି ଚ ରମନ୍ତି ଚ ॥ ୯ ॥

ମଚ୍ଚିତ୍ତାଃ	= ମଦ୍‌ଗତଚିତ୍ତ,	ବୋଧୟନ୍ତଃ	= (ମୋର ଗୁଣ, ପ୍ରଭାବ ଇତ୍ୟାଦି) ଜଣାଇ
ମଦ୍‌ଗତପ୍ରାଣାଃ	= ମଦ୍‌ଗତପ୍ରାଣ (ଭକ୍ତଜନ)		
ପରସ୍ପରମ୍	= ପରସ୍ପରକୁ	ଚ	= ଓ

କଥୟନ୍ତଃ	= ତତ୍‌ସମ୍ବନ୍ଧୀୟ ଆଲୋଚନା କରି	ଚ	= ଓ
		ମାମ୍	= ମୋତେ
ନିତ୍ୟମ୍	= ନିରନ୍ତର	ଚ	= ହିଁ
ତୁଷ୍ୟନ୍ତି	= ସନ୍ତୁଷ୍ଟ ରହନ୍ତି	ରମନ୍ତି	= ପ୍ରେମ କରନ୍ତି ।

ତେଷାଂ ସତତଯୁକ୍ତାନାଂ ଭଜତାଂ ପ୍ରୀତିପୂର୍ବକମ୍ ।
ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ ॥ ୧୦ ॥

ସତତଯୁକ୍ତାନାମ୍	= ମୋ'ଠାରେ ସର୍ବଦା ଯୁକ୍ତ (ଓ)	ତମ୍	= (ମୁଁ) ସେହି
		ବୁଦ୍ଧିଯୋଗମ୍	= ବୁଦ୍ଧିଯୋଗ
ପ୍ରୀତିପୂର୍ବକମ୍	= ପ୍ରେମପୂର୍ବକ	ଦଦାମି	= ପ୍ରଦାନ କରେ,
ଭଜତାମ୍	= (ମୋ) ଭଜନରେ ରତ	ଯେନ	= ଯଦ୍ଦ୍ୱାରା
		ତେ	= ସେମାନେ
ତେଷାମ୍	= ସେହି ଭକ୍ତମାନଙ୍କୁ	ମାମ୍	= ମୋତେ
		ଉପଯାନ୍ତି	= ପ୍ରାପ୍ତ ହୁଅନ୍ତି ।

ତେଷାମେବାନୁକମ୍ପାର୍ଥମହମଜ୍ଞାନଜଂ ତମଃ ।
ନାଶୟାମ୍ୟାତ୍ମଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତା ॥ ୧୧ ॥

ତେଷାମ୍	= ସେହି ଭକ୍ତମାନଙ୍କ ପ୍ରତି	ଅନୁକମ୍ପାର୍ଥମ୍	= କୃପା କରିବା ପାଇଁ

ଏବ	= ହିଁ	ତମଃ	= ଅନ୍ଧକାରକୁ
ଆତ୍ମଭାବସ୍ଥଃ	= ସେମାନଙ୍କ ସ୍ୱରୂପରେ ସ୍ଥିତ	ଭାସ୍ୱତା	= ଦେଦୀପ୍ୟମାନ
ଅହମ୍	= ମୁଁ (ସେମାନଙ୍କ)	ଜ୍ଞାନଦୀପେନ	= ଜ୍ଞାନରୂପକ ପ୍ରଦୀପ ଦ୍ୱାରା
ଅଜ୍ଞାନଜମ୍	= ଅଜ୍ଞାନଜନିତ	ନାଶୟାମି	= ନଷ୍ଟ କରିଦିଏ ।

ଅର୍ଜୁନ ଉବାଚ

ପରଂ ବ୍ରହ୍ମ ପରଂ ଧାମ ପବିତ୍ରଂ ପରମଂ ଭବାନ୍ ।
ପୁରୁଷଂ ଶାଶ୍ୱତଂ ଦିବ୍ୟମାଦିଦେବମଜଂ ବିଭୁମ୍ ॥ ୧୨ ॥
ଆହୁସ୍ତ୍ୱାମୃଷୟଃ ସର୍ବେ ଦେବର୍ଷିର୍ନାରଦସ୍ତଥା ।
ଅସିତୋ ଦେବଲୋ ବ୍ୟାସଃ ସ୍ୱୟଂ ଚୈବ ବ୍ରବୀଷି ମେ ॥ ୧୩ ॥

ଅର୍ଜୁନ କହିଲେ—

ଭବାନ୍	= ଆପଣ ହେଉଛନ୍ତି	ଶାଶ୍ୱତମ୍	= (ଆପଣ) ଶାଶ୍ୱତ,
ପରମ୍	= ପରମ	ଦିବ୍ୟମ୍	= ଦିବ୍ୟ
ବ୍ରହ୍ମ	= ବ୍ରହ୍ମ,	ପୁରୁଷମ୍	= ପୁରୁଷ,
ପରମ୍	= ପରମ	ଆଦିଦେବମ୍	= ଆଦିଦେବ,
ଧାମ	= ଧାମ (ଓ)	ଅଜମ୍	= ଅଜ (ଓ)
ପରମମ୍	= ପରମ	ବିଭୁମ୍	= ସର୍ବବ୍ୟାପକ (ବୋଲି)
ପବିତ୍ରମ୍	= ପବିତ୍ର ।		

ତ୍ୱାମ୍	= ଆପଣଙ୍କୁ	ବ୍ୟାସଃ	= ବ୍ୟାସ
ସର୍ବେ	= ସମସ୍ତ	ଆହୁଃ	= କହିଛନ୍ତି
ଋଷୟଃ	= ଋଷି	ଚ	= ଏବଂ
ଦେବର୍ଷିଃ	= ଦେବର୍ଷି	ସ୍ୱୟଂ	= ଆପଣ / ନିଜେ
ନାରଦଃ	= ନାରଦ,		
ଅସିତଃ	= ଅସିତ,	ଏବ	= ମଧ୍ୟ
ଦେବଲଃ	= ଦେବଲ	ମେ	= ମୋତେ
ତଥା	= ତଥା	ବ୍ରବୀଷି	= କହୁଛନ୍ତି ।

ସର୍ବମେତଦୃତଂ ମନ୍ୟେ ଯନ୍ମାଂ ବଦସି କେଶବ ।
ନ ହି ତେ ଭଗବନ୍ ବ୍ୟକ୍ତିଂ ବିଦୁର୍ଦେବା ନ ଦାନବାଃ ॥ ୧୪ ॥

କେଶବ	= ହେ କେଶବ!	ତେ	= ଆପଣଙ୍କ
ମାମ୍	= ମୋତେ (ଆପଣ)	ବ୍ୟକ୍ତିମ୍	= ପ୍ରକଟ ହେବା / ବିଷୟ
ଯତ୍	= ଯାହା କିଛି		
ବଦସି	= କହୁଛନ୍ତି,	ଦେବାଃ	= ଦେବତାମାନେ
ଏତତ୍	= ଏ	ନ, ବିଦୁଃ	= ଜାଣନ୍ତି ନାହିଁ / (କିଂବା)
ସର୍ବମ୍	= ସବୁକୁ (ମୁଁ)		
ଋତମ୍	= ସତ୍ୟ	ଦାନବାଃ	= ଦାନବମାନେ
ମନ୍ୟେ	= ମନେ କରୁଛି ।	ହି	= ମଧ୍ୟ
ଭଗବନ୍	= ହେ ଭଗବନ୍!	ନ, (ବିଦୁଃ)	= ଜାଣନ୍ତି ନାହିଁ ।

ସ୍ୱୟମେବାତ୍ମନାତ୍ମାନଂ ବେତ୍ଥ ତ୍ୱଂ ପୁରୁଷୋତ୍ତମ ।
ଭୂତଭାବନ ଭୂତେଶ ଦେବଦେବ ଜଗତ୍‌ପତେ ॥ ୧୫ ॥

ଭୂତଭାବନ	= ହେ ଭୂତଭାବନ!	ତ୍ୱମ୍	= ଆପଣ
ଭୂତେଶ	= ହେ ଭୂତେଶ!	ସ୍ୱୟମ୍, ଏବ	= ନିଜେ ହିଁ
ଦେବଦେବ	= ହେ ଦେବଦେବ!	ଆତ୍ମନା	= ନିଜ ଦ୍ୱାରା
ଜଗତ୍‌ପତେ	= ହେ ଜଗତପତି!	ଆତ୍ମାନମ୍	= ନିଜକୁ
ପୁରୁଷୋତ୍ତମ	= ହେ ପୁରୁଷୋତ୍ତମ!	ବେତ୍ଥ	= ଜାଣନ୍ତି ।

ବକ୍ତୁମର୍ହସ୍ୟଶେଷେଣ ଦିବ୍ୟା ହ୍ୟାତ୍ମବିଭୂତୟଃ ।
ଯାଭିର୍ବିଭୂତିଭିର୍ଲୋକାନିମାଂସ୍ତ୍ୱଂ ବ୍ୟାପ୍ୟ ତିଷ୍ଠସି ॥ ୧୬ ॥

ହି	= ତେଣୁ	ତିଷ୍ଠସି	= ସ୍ଥିତ ହୋଇଛନ୍ତି,
ଯାଭିଃ	= ଯେଉଁ	ଦିବ୍ୟାଃ, ଆତ୍ମବିଭୂତୟଃ	= ନିଜର ସେହି ଦିବ୍ୟ ବିଭୂତିଗୁଡ଼ିକୁ
ବିଭୂତିଭିଃ	= ବିଭୂତିମାନଙ୍କ ଦ୍ୱାରା		
ତ୍ୱମ୍	= ଆପଣ	ଅଶେଷେଣ	= ପୂର୍ଣ୍ଣରୂପେ
ଇମାନ୍	= ଏହି	ବକ୍ତୁମ୍	= ବର୍ଣ୍ଣନା କରିବାରେ
ଲୋକାନ୍	= ସମଗ୍ର ଲୋକକୁ	ଅର୍ହସି	= (ଆପଣ ହିଁ) ସମର୍ଥ ।
ବ୍ୟାପ୍ୟ	= ବ୍ୟାପ୍ତ କରି		

କଥଂ ବିଦ୍ୟାମହଂ ଯୋଗିଂସ୍ତ୍ୱାଂ ସଦା ପରିଚିନ୍ତୟନ୍ ।
କେଷୁ କେଷୁ ଚ ଭାବେଷୁ ଚିନ୍ତ୍ୟୋଽସି ଭଗବନ୍ମୟା ॥ ୧୭ ॥

ଯୋଗିନ୍	= ହେ ଯୋଗୀ!
ସଦା	= ନିରନ୍ତର
ପରିଚିନ୍ତୟନ୍	= ସମ୍ୟକ୍‌ଭାବେ ଚିନ୍ତନ କରି
ଅହମ୍	= ମୁଁ
ତ୍ୱାମ୍	= ଆପଣଙ୍କୁ
କଥମ୍	= କିପରି
ବିଦ୍ୟାମ୍	= ଜାଣିବି?
ଚ	= ଏବଂ
ଭଗବନ୍	= ହେ ଭଗବନ୍!;
କେଷୁ, କେଷୁ	= କେଉଁ କେଉଁ
ଭାବେଷୁ	= ଭାବରେ (ଆପଣ)
ମୟା	= ମୋ ଦ୍ୱାରା
ଚିନ୍ତ୍ୟଃ, ଅସି	= ଚିନ୍ତନୀୟ ହେବେ ଅର୍ଥାତ୍ କେଉଁ କେଉଁ ଭାବରେ ମୁଁ ଆପଣଙ୍କୁ ଚିନ୍ତନ କରିବି?

ବିସ୍ତରେଣାତ୍ମନୋ ଯୋଗଂ ବିଭୂତିଂ ଚ ଜନାର୍ଦ୍ଦନ ।
ଭୂୟଃ କଥୟ ତୃପ୍ତିର୍ହି ଶୃଣ୍ୱତୋ ନାସ୍ତି ମେଽମୃତମ୍ ॥ ୧୮ ॥

ଜନାର୍ଦ୍ଦନ	= ହେ ଜନାର୍ଦ୍ଦନ!
ଆତ୍ମନଃ	= (ଆପଣ) ନିଜର
ଯୋଗମ୍	= ଯୋଗ (ସାମର୍ଥ୍ୟ)କୁ
ଚ	= ଓ
ବିଭୂତିମ୍	= ବିଭୂତିମାନଙ୍କୁ
ଭୂୟଃ	= ପୁନଶ୍ଚ
ବିସ୍ତରେଣ	= ବିସ୍ତାର କରି
କଥୟ	= କହନ୍ତୁ;
ହି	= କାରଣ
ଅମୃତମ୍	= (ଆପଣଙ୍କର) ଅମୃତମୟ ବଚନ
ଶୃଣ୍ୱତଃ	= ଯେତେ ଶୁଣିଲେ ବି
ମେ	= ମୋତେ
ତୃପ୍ତିଃ	= ତୃପ୍ତି
ନ, ଅସ୍ତି	= ମିଳୁ ନାହିଁ ।

ଶ୍ରୀଭଗବାନୁବାଚ

ହନ୍ତ ତେ କଥୟିଷ୍ୟାମି ଦିବ୍ୟା ହ୍ୟାତ୍ମବିଭୂତୟଃ ।
ପ୍ରାଧାନ୍ୟତଃ କୁରୁଶ୍ରେଷ୍ଠ ନାସ୍ତ୍ୟନ୍ତୋ ବିସ୍ତରସ୍ୟ ମେ ॥ ୧୯ ॥

ଶ୍ରୀଭଗବାନ କହିଲେ—

ହନ୍ତ	= ଆଚ୍ଛା, ଠିକ୍ ଅଛି ।	**ହି**	= କାରଣ
ଦିବ୍ୟାଃ, ଆତ୍ମବିଭୂତୟଃ	= ମୁଁ ନିଜର ଦିବ୍ୟ ବିଭୂତିମାନ	**କୁରୁଶ୍ରେଷ୍ଠ**	= ହେ କୁରୁଶ୍ରେଷ୍ଠ!
ତେ	= ତୁମକୁ	**ମେ**	= ମୋ ବିଭୂତିମାନଙ୍କ
ପ୍ରାଧାନ୍ୟତଃ	= ମୁଖ୍ୟରୂପେ (ସଂକ୍ଷେପରେ)	**ବିସ୍ତରସ୍ୟ**	= ବିସ୍ତାରର
		ଅନ୍ତଃ	= ଅନ୍ତ
କଥୟିଷ୍ୟାମି	= କହିବି;	**ନ, ଅସ୍ତି**	= ନାହିଁ ।

ଅହମାତ୍ମା ଗୁଡାକେଶ ସର୍ବଭୂତାଶୟସ୍ଥିତଃ ।
ଅହମାଦିଶ୍ଚ ମଧ୍ୟଂ ଚ ଭୂତାନାମନ୍ତ ଏବ ଚ ॥ ୨୦ ॥

ଗୁଡାକେଶ	= ହେ ନିଦ୍ରାଜୟୀ ଅର୍ଜୁନ!	**ଅହମ୍**	= ମୁଁ
		ଏବ	= ହିଁ ସ୍ଥିତ
ଭୂତାନାମ୍	= ସମସ୍ତ ପ୍ରାଣୀଙ୍କ	**ଚ**	= ଏବଂ
ଆଦିଃ	= ଆଦି,	**ସର୍ବଭୂତାଶୟ-ସ୍ଥିତଃ**	= ପ୍ରାଣୀମାନଙ୍କର ଅନ୍ତଃକରଣ (ହୃଦୟ)ରେ ସ୍ଥିତ
ମଧ୍ୟମ୍	= ମଧ୍ୟ		
ଚ	= ତଥା	**ଆତ୍ମା**	= ଆତ୍ମା ମଧ୍ୟ
ଅନ୍ତଃ	= ଅନ୍ତରେ	**ଅହମ୍**	= ମୁଁ ।

ଆଦିତ୍ୟାନାମହଂ ବିଷ୍ଣୁର୍ଜ୍ୟୋତିଷାଂ ରବିରଂଶୁମାନ୍ ।
ମରୀଚିର୍ମରୁତାମସ୍ମି ନକ୍ଷତ୍ରାଣାମହଂ ଶଶୀ ॥ ୨୧ ॥

ଅହମ୍	= ମୁଁ	ରବିଃ	= ସୂର୍ଯ୍ୟ ।
ଆଦିତ୍ୟାନାମ୍	= ଅଦିତିଙ୍କ ପୁତ୍ରମାନଙ୍କ ମଧ୍ୟରେ	ମରୁତାମ୍	= ମରୁତମାନଙ୍କର
		ମରୀଚିଃ	= ତେଜ (ଓ)
ବିଷ୍ଣୁଃ	= ବିଷ୍ଣୁ (ବାମନ ଏବଂ)	ନକ୍ଷତ୍ରାଣାମ୍	= ନକ୍ଷତ୍ରମାନଙ୍କର ଅଧିପତି
ଜ୍ୟୋତିଷାମ୍	= ଉଜ୍ଜ୍ୱଳ ବସ୍ତୁମାନଙ୍କ ମଧ୍ୟରେ	ଶଶୀ	= ଚନ୍ଦ୍ର
		ଅହମ୍	= ମୁଁ
ଅଂଶୁମାନ୍	= କିରଣମୟ	ଅସ୍ମି	= ଅଟେ ।

ବେଦାନାଂ ସାମବେଦୋଽସ୍ମି ଦେବାନାମସ୍ମି ବାସବଃ ।
ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି ଭୂତାନାମସ୍ମି ଚେତନା ॥ ୨୨ ॥

ବେଦାନାମ୍	= (ମୁଁ) ବେଦମାନଙ୍କ ମଧ୍ୟରେ	ଇନ୍ଦ୍ରିୟାଣାମ୍	= ଇନ୍ଦ୍ରିୟମାନଙ୍କ ମଧ୍ୟରେ
ସାମବେଦଃ,		ମନଃ, ଅସ୍ମି	= ମନ
ଅସ୍ମି	= ସାମବେଦ,	ଚ	= ଏବଂ
ଦେବାନାମ୍	= ଦେବତାମାନଙ୍କ ମଧ୍ୟରେ	ଭୂତାନାମ୍	= ପ୍ରାଣୀମାନଙ୍କର
		ଚେତନା	= ଚେତନା
ବାସବଃ, ଅସ୍ମି	= ଇନ୍ଦ୍ର,	ଅସ୍ମି	= ଅଟେ ।

ରୁଦ୍ରାଣାଂ ଶଙ୍କରଶ୍ଚାସ୍ମି ବିତ୍ତେଶୋ ଯକ୍ଷରକ୍ଷସାମ୍ ।
ବସୂନାଂ ପାବକଶ୍ଚାସ୍ମି ମେରୁଃ ଶିଖରିଣାମହମ୍ ॥ ୨୩ ॥

ରୁଦ୍ରାଣାମ୍	= ରୁଦ୍ରମାନଙ୍କ ମଧ୍ୟରେ	**ପାବକଃ**	= ପବିତ୍ରକାରୀ ଅଗ୍ନି
ଶଙ୍କରଃ	= ଶଙ୍କର	**ଚ**	= ଓ
ଚ	= ଓ	**ଶିଖରିଣାମ୍**	= ଶିଖରବିଶିଷ୍ଟ ପର୍ବତମାନଙ୍କ ମଧ୍ୟରେ
ଯକ୍ଷରକ୍ଷସାମ୍	= ଯକ୍ଷ-ରାକ୍ଷସଙ୍କ ମଧ୍ୟରେ		
ବିତ୍ତେଶଃ	= କୁବେର	**ମେରୁଃ**	= ସୁମେରୁ ପର୍ବତ
ଅସ୍ମି	= ହେଉଛି ମୁଁ ।		
ବସୂନାମ୍	= ବସୁମାନଙ୍କ ମଧ୍ୟରେ	**ଅହମ୍**	= ମୁଁ
		ଅସ୍ମି	= ଅଟେ ।

ପୁରୋଧସାଂ ଚ ମୁଖ୍ୟଂ ମାଂ ବିଦ୍ଧି ପାର୍ଥ ବୃହସ୍ପତିମ୍ ।
ସେନାନୀନାମହଂ ସ୍କନ୍ଦଃ ସରସାମସ୍ମି ସାଗରଃ ॥ ୨୪ ॥

ପାର୍ଥ	= ହେ ପାର୍ଥ!	**ମାମ୍**	= ମୋର ସ୍ୱରୂପ (ବୋଲି)
		ବିଦ୍ଧି	= ଜାଣ ।
ପୁରୋଧସାମ୍	= ପୁରୋହିତମାନଙ୍କର	**ଅହମ୍**	= ମୁଁ
ମୁଖ୍ୟମ୍	= ମୁଖ୍ୟ	**ସେନାନୀନାମ୍**	= ସେନାପତିମାନଙ୍କ ମଧ୍ୟରେ
ବୃହସ୍ପତିମ୍	= ବୃହସ୍ପତିଙ୍କୁ		

ସ୍କନ୍ଦଃ = କାର୍ତ୍ତିକେୟ		ସରସାମ୍ =	ଜଳାଶୟମାନଙ୍କ ମଧ୍ୟରେ
ଚ = ଓ		ସାଗରଃ, ଅସ୍ମି =	ସମୁଦ୍ର ।

ମହର୍ଷୀଣାଂ ଭୃଗୁରହଂ ଗିରାମସ୍ମ୍ୟେକମକ୍ଷରମ୍ ।
ଯଜ୍ଞାନାଂ ଜପଯଜ୍ଞୋଽସ୍ମି ସ୍ଥାବରାଣାଂ ହିମାଳୟଃ ॥ ୨୫ ॥

ଅହମ୍	= ମୁଁ	ଯଜ୍ଞାନାମ୍	= ସମସ୍ତ ଯଜ୍ଞ ମଧ୍ୟରେ
ମହର୍ଷୀଣାମ୍	= ମହର୍ଷିମାନଙ୍କ ମଧ୍ୟରେ	ଜପଯଜ୍ଞଃ	= ଜପଯଜ୍ଞ (ଓ)
ଭୃଗୁଃ	= ଭୃଗୁ (ଓ)	ସ୍ଥାବରାଣାମ୍	= ସ୍ଥାବରମାନଙ୍କ ମଧ୍ୟରେ
ଗିରାମ୍	= ବାଣୀ(ଶବ୍ଦ)-ମାନଙ୍କ ମଧ୍ୟରେ	ହିମାଳୟଃ	= ହିମାଳୟ
ଏକମ୍, ଅକ୍ଷରମ୍, ଅସ୍ମି	= ଏକାକ୍ଷର ଅର୍ଥାତ୍ ପ୍ରଣବ ।	ଅସ୍ମି	= ହେଉଛି ମୁଁ ।

ଅଶ୍ୱତ୍ଥଃ ସର୍ବବୃକ୍ଷାଣାଂ ଦେବର୍ଷୀଣାଂ ଚ ନାରଦଃ ।
ଗନ୍ଧର୍ବାଣାଂ ଚିତ୍ରରଥଃ ସିଦ୍ଧାନାଂ କପିଳୋ ମୁନିଃ ॥ ୨୬ ॥

ସର୍ବବୃକ୍ଷାଣାମ୍	= (ମୁଁ) ବୃକ୍ଷମାନଙ୍କ ମଧ୍ୟରେ	ଦେବର୍ଷୀଣାମ୍	= ଦେବର୍ଷି-ମାନଙ୍କ ମଧ୍ୟରେ
ଅଶ୍ୱତ୍ଥଃ	= ଅଶ୍ୱତ୍ଥ ବୃକ୍ଷ,	ନାରଦଃ	= ନାରଦ,

ଗନ୍ଧର୍ବାଣାମ୍	= ଗନ୍ଧର୍ବମାନଙ୍କ ମଧ୍ୟରେ ଚିତ୍ରରଥ	ସିଦ୍ଧାନାମ୍	= ସିଦ୍ଧମାନଙ୍କ ମଧ୍ୟରେ
		କପିଳଃ	= କପିଳ
ଚ	= ଓ	ମୁନିଃ	= ମୁନି ।

ଉଚ୍ଚୈଃଶ୍ରବସମଶ୍ୱାନାଂ ବିଦ୍ଧି ମାମମୃତୋଦ୍ଭବମ୍ ।
ଐରାବତଂ ଗଜେନ୍ଦ୍ରାଣାଂ ନରାଣାଂ ଚ ନରାଧିପମ୍ ॥ ୨୭ ॥

ଅଶ୍ୱାନାମ୍	= ଅଶ୍ୱମାନଙ୍କ ମଧ୍ୟରେ	ଐରାବତମ୍	= ଐରାବତ ନାମକ ହସ୍ତୀକୁ
ଅମୃତୋଦ୍ଭବମ୍	= ଅମୃତ ସହିତ ସମୁଦ୍ରରୁ ବାହାରିଥିବା	ଚ	= ଏବଂ
		ନରାଣାମ୍	= ମନୁଷ୍ୟମାନଙ୍କ ମଧ୍ୟରେ
ଉଚ୍ଚୈଃଶ୍ରବସମ୍	= ଉଚ୍ଚୈଃଶ୍ରବା ନାମକ ଅଶ୍ୱକୁ,	ନରାଧିପମ୍	= ରାଜାଙ୍କୁ
ଗଜେନ୍ଦ୍ରାଣାମ୍	= ଶ୍ରେଷ୍ଠ ହସ୍ତୀମାନଙ୍କ ମଧ୍ୟରେ	ମାମ୍	= ମୋର ବିଭୂତି ବୋଲି
		ବିଦ୍ଧି	= ଜାଣ ।

ଆୟୁଧାନାମହଂ ବଜ୍ରଂ ଧେନୂନାମସ୍ମି କାମଧୁକ୍ ।
ପ୍ରଜନଶ୍ଚାସ୍ମି କନ୍ଦର୍ପଃ ସର୍ପାଣାମସ୍ମି ବାସୁକିଃ ॥ ୨୮ ॥

ଅହମ୍	= ମୁଁ	ବଜ୍ରମ୍	= ବଜ୍ର (ଓ)
ଆୟୁଧାନାମ୍	= ଆୟୁଧମାନଙ୍କ ମଧ୍ୟରେ	ଧେନୂନାମ୍	= ଧେନୁମାନଙ୍କ ମଧ୍ୟରେ

କାମଧୁକ୍, ଅସ୍ମି = କାମଧେନୁ ।
ପ୍ରଜନଃ = ସନ୍ତାନ ଉତ୍ପତ୍ତିର କାରଣ
କନ୍ଦର୍ପଃ = କାମଦେବ
ଅସ୍ମି = ମୁଁ
ଚ = ଓ
ସର୍ପାଣାମ୍ = ସର୍ପମାନଙ୍କ ମଧ୍ୟରେ
ବାସୁକିଃ = ବାସୁକି
ଅସ୍ମି = ହେଉଛି ମୁଁ ।

ଅନନ୍ତଶ୍ଚାସ୍ମି ନାଗାନାଂ ବରୁଣୋ ଯାଦସାମହମ୍ ।
ପିତୃଣାମର୍ଯ୍ୟମା ଚାସ୍ମି ଯମଃ ସଂଯମତାମହମ୍ ॥ ୨୯ ॥

ଅହମ୍ = ମୁଁ
ନାଗାନାମ୍ = ନାଗମାନଙ୍କ ମଧ୍ୟରେ
ଅନନ୍ତଃ = ଅନନ୍ତ (ଶେଷନାଗ)
ଚ = ଓ
ଯାଦସାମ୍ = ଜଳଜନ୍ତୁମାନଙ୍କର ଅଧିପତି
ବରୁଣଃ, ଅସ୍ମି = ବରୁଣ ।
ପିତୃଣାମ୍ = ପିତୃଗଣଙ୍କ ମଧ୍ୟରେ
ଅର୍ଯ୍ୟମା = ଅର୍ଯ୍ୟମା
ଚ = ଓ
ସଂଯମତାମ୍ = ଶାସନକାରୀଙ୍କ ମଧ୍ୟରେ
ଯମଃ = ଯମରାଜ
ଅହମ୍, ଅସ୍ମି = ହେଉଛି ମୁଁ ।

ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହମ୍ ।
ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷିଣାମ୍ ॥ ୩୦ ॥

ଅହମ୍ = ମୁଁ
ଦୈତ୍ୟାନାମ୍ = ଦୈତ୍ୟମାନଙ୍କ ମଧ୍ୟରେ
ପ୍ରହ୍ଲାଦଃ = ପ୍ରହ୍ଲାଦ
ଚ = ଓ
କଳୟତାମ୍ = ଗଣନାକାରୀ (ଜ୍ୟୋତିଷୀ)-ମାନଙ୍କ ମଧ୍ୟରେ

କାଳଃ, ଅସ୍ମି	= କାଳ (ସମୟ)	ମୃଗେନ୍ଦ୍ରଃ	= ସିଂହ
ଚ	= ତଥା	ଚ	= ଓ
ଅହମ୍	= ମୁଁ	ପକ୍ଷିଣାମ୍	= ପକ୍ଷୀମାନଙ୍କ ମଧ୍ୟରେ
ମୃଗାଣାମ୍	= ପଶୁମାନଙ୍କ ମଧ୍ୟରେ	ବୈନତେୟଃ	= ଗରୁଡ଼ ।

ପବନଃ ପବତାମସ୍ମି ରାମଃ ଶସ୍ତ୍ରଭୃତାମହମ୍ ।
ଝଷାଣାଂ ମକରଶ୍ଚାସ୍ମି ସ୍ରୋତସାମସ୍ମି ଜାହ୍ନବୀ ॥ ୩୧ ॥

ଅହମ୍	= ମୁଁ	ଝଷାଣାମ୍	= ଜଳଜନ୍ତୁମାନଙ୍କ ମଧ୍ୟରେ
ପବତାମ୍	= ପବିତ୍ରକାରୀମାନଙ୍କ ମଧ୍ୟରେ	ମକରଃ, ଅସ୍ମି	= ମୁଁ ମଗର
ପବନଃ	= ବାୟୁ (ଓ)	ଚ	= ଏବଂ
ଶସ୍ତ୍ରଭୃତାମ୍	= ଶସ୍ତ୍ରଧାରୀମାନଙ୍କ ମଧ୍ୟରେ	ସ୍ରୋତସାମ୍	= ନଦୀମାନଙ୍କ ମଧ୍ୟରେ
ରାମଃ, ଅସ୍ମି	= ରାମ ।	ଜାହ୍ନବୀ, ଅସ୍ମି	= ମୁଁ ହେଉଛି ଗଙ୍ଗା ।

ସର୍ଗାଣାମାଦିରନ୍ତଶ୍ଚ ମଧ୍ୟଂ ଚୈବାହମର୍ଜୁନ ।
ଅଧ୍ୟାତ୍ମବିଦ୍ୟା ବିଦ୍ୟାନାଂ ବାଦଃ ପ୍ରବଦତାମହମ୍ ॥ ୩୨ ॥

ଅର୍ଜୁନ	= ହେ ଅର୍ଜୁନ!	ମଧ୍ୟମ୍	= ମଧ୍ୟ
ସର୍ଗାଣାମ୍	= ସମସ୍ତ ସର୍ଗର	ଚ	= ତଥା
ଆଦିଃ	= ଆଦି,	ଅନ୍ତଃ	= ଅନ୍ତରେ

ଅହମ୍, ଏବ = ମୁଁ ହିଁ ବିରାଜମାନ ।
ବିଦ୍ୟାନାମ୍ = ବିଦ୍ୟାମାନଙ୍କ ମଧ୍ୟରେ
ଅଧ୍ୟାତ୍ମବିଦ୍ୟା = ଅଧ୍ୟାତ୍ମବିଦ୍ୟା (ବ୍ରହ୍ମବିଦ୍ୟା)
ଚ = ଏବଂ
ପ୍ରବଦତାମ୍ = ପରସ୍ପର ଶାସ୍ତ୍ରାର୍ଥକାରୀମାନଙ୍କର
ବାଦଃ = (ତତ୍ତ୍ୱ ନିର୍ଣ୍ଣାୟକ) ବାଦ
ଅହମ୍ = ହେଉଛି ମୁଁ ।

ଅକ୍ଷରାଣାମକାରୋଽସ୍ମି ଦ୍ୱନ୍ଦ୍ୱଃ ସାମାସିକସ୍ୟ ଚ ।
ଅହମେବାକ୍ଷୟଃ କାଲୋ ଧାତାହଂ ବିଶ୍ୱତୋମୁଖଃ ॥ ୩୩ ॥

ଅହମ୍ = ମୁଁ
ଅକ୍ଷରାଣାମ୍ = ଅକ୍ଷରମାନଙ୍କ ମଧ୍ୟରେ
ଅକାରଃ = ଅକାର
ଚ = ଓ
ସାମାସିକସ୍ୟ = ସମାସମାନଙ୍କ ମଧ୍ୟରେ
ଦ୍ୱନ୍ଦ୍ୱଃ, ଅସ୍ମି = ଦ୍ୱନ୍ଦ୍ୱ ସମାସ ।
ଅକ୍ଷୟଃ,କାଲଃ = ଅକ୍ଷୟକାଳ
[ଅର୍ଥାତ୍ କାଳର ବି ମହାକାଳ (ତଥା)
ବିଶ୍ୱତୋମୁଖଃ = ସର୍ବଦିଗେ ମୁଖବିଶିଷ୍ଟ
ଧାତା = ଧାତା (ସମସ୍ତଙ୍କର ଧାରଣ ଓ ପୋଷଣକାରୀ)
ଏବ = ମଧ୍ୟ
ଅହମ୍ = ମୁଁ ।

ମୃତ୍ୟୁଃ ସର୍ବହରଶ୍ଚାହମୁଦ୍ଭବଶ୍ଚ ଭବିଷ୍ୟତାମ୍ ।
କୀର୍ତ୍ତିଃ ଶ୍ରୀର୍ବାକ୍ ଚ ନାରୀଣାଂ ସ୍ମୃତିର୍ମେଧା ଧୃତିଃ କ୍ଷମା ॥ ୩୪ ॥

ସର୍ବହରଃ = ସମସ୍ତଙ୍କର ହରଣକାରୀ
ମୃତ୍ୟୁଃ = ମୃତ୍ୟୁ
ଚ = ଓ
ଭବିଷ୍ୟତାମ୍ = ଭବିଷ୍ୟତର
ଉଦ୍ଭବଃ = ଉଦ୍ଭବ
ଅହମ୍ = ମୁଁ
ଚ = ତଥା
ନାରୀଣାମ୍ = ନାରୀଜାତିରେ

କୀର୍ତ୍ତିଃ = କୀର୍ତ୍ତି,
ଶ୍ରୀଃ = ଶ୍ରୀ,
ବାକ୍ = ବାକ୍ (ବାଣୀ),
ସ୍ମୃତିଃ = ସ୍ମୃତି,
ମେଧା = ମେଧା,
ଧୃତିଃ = ଧୃତି
ଚ = ଓ
କ୍ଷମା = କ୍ଷମା (ମଧ୍ୟ ମୁଁ) ।

ବୃହତ୍ସାମ ତଥା ସାମ୍ନାଂ ଗାୟତ୍ରୀ ଛନ୍ଦସାମହମ୍ ।
ମାସାନାଂ ମାର୍ଗଶୀର୍ଷୋଽହମୃତୂନାଂ କୁସୁମାକରଃ ॥ ୩୫ ॥

ଅହମ୍ = ମୁଁ
ସାମ୍ନାମ୍ = ଗାନଯୋଗ୍ୟ ଶ୍ରୁତିମାନଙ୍କ ମଧ୍ୟରେ
ବୃହତ୍ସାମ = ବୃହତ୍ସାମ
ତଥା = ଏବଂ
ଛନ୍ଦସାମ୍ = ଛନ୍ଦମାନଙ୍କ ମଧ୍ୟରେ

ଗାୟତ୍ରୀ = ଗାୟତ୍ରୀ ଛନ୍ଦ ।
ଅହମ୍ = ମୁଁ
ମାସାନାମ୍ = ବାରମାସ ମଧ୍ୟରେ
ମାର୍ଗଶୀର୍ଷଃ = ମାର୍ଗଶିର (ଓ)
ଋତୂନାମ୍ = ଛଅ ଋତୁ ମଧ୍ୟରେ
କୁସୁମାକରଃ = ବସନ୍ତ ।

ଦ୍ୟୂତଂ ଛଳୟତାମସ୍ମି ତେଜସ୍ତେଜସ୍ୱିନାମହମ୍ ।
ଜୟୋଽସ୍ମି ବ୍ୟବସାୟୋଽସ୍ମି ସତ୍ତ୍ୱଂ ସତ୍ତ୍ୱବତାମହମ୍ ॥ ୩୬ ॥

ଛଳୟତାମ୍ = ଛଳନା ମଧ୍ୟରେ
ଦ୍ୟୂତମ୍ = ଜୁଆ (ଓ)
ତେଜସ୍ୱିନାମ୍ = ତେଜସ୍ୱୀମାନଙ୍କର
ତେଜଃ = ତେଜ
ଅହମ୍, ଅସ୍ମି = ମୁଁ ।
ଜୟଃ = (ବିଜୟୀମାନଙ୍କର) ବିଜୟ
ଅସ୍ମି = ମୁଁ ।
ବ୍ୟବସାୟଃ = (ନିଶ୍ଚୟକାରୀଙ୍କର) ନିଶ୍ଚୟ
ସତ୍ତ୍ୱବତାମ୍ = (ଓ) ସାତ୍ତ୍ୱିକ ମନୁଷ୍ୟଙ୍କର
ସତ୍ତ୍ୱମ୍ = ସାତ୍ତ୍ୱିକଭାବ
ଅହମ୍, ଅସ୍ମି = ହେଉଛି ମୁଁ ।

ବୃଷ୍ଣୀନାଂ ବାସୁଦେବୋଽସ୍ମି ପାଣ୍ଡବାନାଂ ଧନଞ୍ଜୟଃ ।
ମୁନୀନାମପ୍ୟହଂ ବ୍ୟାସଃ କବୀନାମୁଶନା କବିଃ ॥ ୩୭ ॥

ଅହମ୍ = ମୁଁ
ବୃଷ୍ଣୀନାମ୍ = ବୃଷ୍ଣିବଂଶୀମାନଙ୍କ ମଧ୍ୟରେ
ବାସୁଦେବଃ = ବସୁଦେବସୁତ ଶ୍ରୀକୃଷ୍ଣ (ଓ)
ପାଣ୍ଡବାନାମ୍ = ପାଣ୍ଡବଙ୍କ ମଧ୍ୟରେ
ଧନଞ୍ଜୟଃ = ଧନଞ୍ଜୟ ।
ମୁନୀନାମ୍ = ମୁନିମାନଙ୍କ ମଧ୍ୟରେ
ବ୍ୟାସଃ = ବ୍ୟାସଦେବ (ଓ)
କବୀନାମ୍ = କବିମାନଙ୍କ ମଧ୍ୟରେ
ଉଶନା, କବିଃ = କବି ଶୁକ୍ରାଚାର୍ଯ୍ୟ
ଅପି = ମଧ୍ୟ
ଅସ୍ମି = ମୁଁ ।

ଦଣ୍ଡୋ ଦମୟତାମସ୍ମି ନୀତିରସ୍ମି ଜିଗୀଷତାମ୍ ।
ମୌନଂ ଚୈବାସ୍ମି ଗୁହ୍ୟାନାଂ ଜ୍ଞାନଂ ଜ୍ଞାନବତାମହମ୍ ॥ ୩୮ ॥

ଅହମ୍	= ମୁଁ	ମୌନମ୍	= ମୌନ
ଦମୟତାମ୍	= ଦମନକାରୀମାନଙ୍କର	ଅସ୍ମି	= ମୁଁ
ଦଣ୍ଡଃ	= ଦଣ୍ଡନୀତି (ଏବଂ)	ଚ	= ଏବଂ
ଜିଗୀଷତାମ୍	= ବିଜୟାକାଂକ୍ଷୀ-ମାନଙ୍କର	ଜ୍ଞାନବତାମ୍	= ଜ୍ଞାନବାନ୍-ମାନଙ୍କର
ନୀତିଃ, ଅସ୍ମି	= ନୀତି ।	ଜ୍ଞାନମ୍	= ଜ୍ଞାନ
ଗୁହ୍ୟାନାମ୍	= ଗୋପନୀୟ ଭାବ-ଗୁଡ଼ିକ ମଧ୍ୟରେ	ଏବ	= ମଧ୍ୟ
		ଅସ୍ମି	= ମୁଁ ।

ଯଚ୍ଚାପି ସର୍ବଭୂତାନାଂ ବୀଜଂ ତଦହମର୍ଜୁନ ।
ନ ତଦସ୍ତି ବିନା ଯତ୍ସ୍ୟାନ୍ମୟା ଭୂତଂ ଚରାଚରମ୍ ॥ ୩୯ ॥

ଚ	= ଏବଂ	ଅପି	= ମଧ୍ୟ
ଅର୍ଜୁନ	= ହେ ଅର୍ଜୁନ!	ଅହମ୍	= ମୁଁ ; (କାରଣ)
ସର୍ବଭୂତାନାମ୍	= ସମସ୍ତ ପ୍ରାଣୀଙ୍କର	ତତ୍	= ସେହି
ଯତ୍	= ଯାହା	ଚରାଚରମ୍	= ଚର-ଅଚର (କୌଣସି)
ବୀଜମ୍	= ବୀଜ (ମୂଳ କାରଣ),	ଭୂତମ୍	= ପ୍ରାଣୀ
ତତ୍	= ତାହା	ନ, ଅସ୍ତି	= ନାହିଁ,

ଯତ୍	= ଯିଏ	ସ୍ୟାତ୍	= ରହିଛି ଅର୍ଥାତ୍ ଚର ଓ ଅଚର ସବୁକିଛି ମୁଁ।
ମୟା	= ମୋ		
ବିନା	= ବିନା		

ନାନ୍ତୋଽସ୍ତି ମମ ଦିବ୍ୟାନାଂ ବିଭୂତୀନାଂ ପରନ୍ତପ ।
ଏଷ ତୂଦ୍ଦେଶତଃ ପ୍ରୋକ୍ତୋ ବିଭୂତେର୍ବିସ୍ତରୋ ମୟା ॥ ୪୦ ॥

ପରନ୍ତପ	= ହେ ପରନ୍ତପ ଅର୍ଜୁନ!	ମୟା	= ମୁଁ (ତୁମ ଆଗରେ ନିଜର)
ମମ	= ମୋ	ବିଭୂତେଃ	= ଯେଉଁ ବିଭୂତିମାନ
ଦିବ୍ୟାନାମ୍	= ଦିବ୍ୟ	ବିସ୍ତରଃ, ପ୍ରୋକ୍ତଃ	= ବର୍ଣ୍ଣନା କଲି,
ବିଭୂତୀନାମ୍	= ବିଭୂତିମାନଙ୍କର	ଏଷଃ	= ଏହା
ଅନ୍ତଃ	= ଅନ୍ତ	ତୁ	= ତ (କେବଳ)
ନ, ଅସ୍ତି	= ନାହିଁ।	ଉଦ୍ଦେଶତଃ	= ସଂକ୍ଷେପମାତ୍ର।

ଯଦ୍ ଯଦ୍ ବିଭୂତିମତ୍ସତ୍ତ୍ୱଂ ଶ୍ରୀମଦୂର୍ଜିତମେବ ବା ।
ତତ୍ତଦେବାବଗଚ୍ଛ ତ୍ୱଂ ମମ ତେଜୋଂଽଶସମ୍ଭବମ୍ ॥ ୪୧ ॥

ଯତ୍, ଯତ୍	= ଯେଉଁ ଯେଉଁ	ସତ୍ତ୍ୱମ୍	= ପ୍ରାଣୀ ଓ ପଦାର୍ଥ ଅଛନ୍ତି,
ବିଭୂତିମତ୍	= ଐଶ୍ୱର୍ଯ୍ୟଯୁକ୍ତ,		
ଶ୍ରୀମତ୍	= ଶୋଭାଯୁକ୍ତ	ତତ୍, ତତ୍	= ସେ ସମସ୍ତଙ୍କୁ
ବା	= ଓ	ତ୍ୱମ୍	= ତୁମେ
ଊର୍ଜିତମ୍	= ବଳଯୁକ୍ତ	ମମ	= ମୋର

ଏବ	= ହିଁ	ଅଂଶସମ୍ଭବମ୍	= ଅଂଶରୁ ଉତ୍ପନ୍ନ ହୋଇଛନ୍ତି ବୋଲି
ତେଜଃ	= ତେଜ(ଯୋଗ ଅର୍ଥାତ୍ ସାମର୍ଥ୍ୟ)ର	ଅବଗଚ୍ଛ	= ବୁଝ ।

ଅଥବା ବହୁନୈତେନ କିଂ ଜ୍ଞାତେନ ତବାର୍ଜୁନ ।
ବିଷ୍ଟଭ୍ୟାହମିଦଂ କୃତ୍ସ୍ନମେକାଂଶେନ ସ୍ଥିତୋ ଜଗତ୍ ॥ ୪୨ ॥

ଅଥବା	= ଅଥବା	ଇଦମ୍	= ଏହି
ଅର୍ଜୁନ	= ହେ ଅର୍ଜୁନ!	କୃତ୍ସ୍ନମ୍	= ସମଗ୍ର
ଏତେନ	= ଏହିପରି	ଜଗତ୍	= ଜଗତକୁ
ବହୁନା	= ବହୁତ କଥା	ବିଷ୍ଟଭ୍ୟ	= ବ୍ୟାପ୍ତ କରି
ଜ୍ଞାତେନ	= ଜାଣିବାରେ		
ତବ	= ତୁମର		
କିମ୍	= କି ପ୍ରୟୋଜନ?		
ଅହମ୍	= ମୁଁ ନିଜେ	ସ୍ଥିତଃ	= ସ୍ଥିତ ଅର୍ଥାତ୍ ଅନନ୍ତ ବ୍ରହ୍ମାଣ୍ଡ ମୋର କୌଣସି ଏକ ଅଂଶରେ ସ୍ଥିତ ।
ଏକାଂଶେନ	= (ମୋର କୌଣସି) ଏକ ଅଂଶରେ		

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ ବିଭୂତିଯୋଗୋ ନାମ ଦଶମୋଽଧ୍ୟାୟଃ ॥ ୧୦ ॥

ଏହି ପ୍ରକାରେ 'ଓଁ, ତତ୍, ସତ୍'—ଏହି ଭଗବନ୍ନାମ ଉଚ୍ଚାରଣପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍‌ଗୀତୋପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନ-ସଂବାଦରେ 'ବିଭୂତିଯୋଗ' ନାମକ ଦଶମ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୧୦ ॥

***

॥ ଓଁ ଶ୍ରୀପରମାତ୍ମନେ ନମଃ ॥

ଅଥୈକାଦଶୋଽଧ୍ୟାୟଃ

(ଏକାଦଶ ଅଧ୍ୟାୟ)

ଅର୍ଜୁନ ଉବାଚ

ମଦନୁଗ୍ରହାୟ ପରମଂ ଗୁହ୍ୟମଧ୍ୟାତ୍ମସଂଜ୍ଞିତମ୍ ।
ଯତ୍ତ୍ୱୟୋକ୍ତଂ ବଚସ୍ତେନ ମୋହୋଽୟଂ ବିଗତୋ ମମ ॥ ୧ ॥

ଅର୍ଜୁନ କହିଲେ—

ମଦନୁଗ୍ରହାୟ	= କେବଳ ମୋ ଉପରେ କୃପା କରିବା ପାଇଁ	**ବଚଃ**	= ବଚନ
		ଉକ୍ତମ୍	= କହିଲେ,
		ତେନ	= ତାହାଦ୍ୱାରା
ତ୍ୱୟା	= ଆପଣ	**ମମ**	= ମୋର
ଯତ୍	= ଯେଉଁ	**ଅୟମ୍**	= ଏହି
ପରମମ୍	= ପରମ	**ମୋହଃ**	= ମୋହ
ଗୁହ୍ୟମ୍	= ଗୋପନୀୟ	**ବିଗତଃ**	= ନଷ୍ଟ ହୋଇଯାଇଛି ।
ଅଧ୍ୟାତ୍ମସଂଜ୍ଞିତମ୍	= ଅଧ୍ୟାତ୍ମ ବିଷୟକ		

ଭବାପ୍ୟୟୌ ହି ଭୂତାନାଂ ଶ୍ରୁତୌ ବିସ୍ତରଶୋ ମୟା ।
ତ୍ୱତ୍ତଃ କମଲପତ୍ରାକ୍ଷ ମାହାତ୍ମ୍ୟମପି ଚାବ୍ୟୟମ୍ ॥ ୨ ॥

ହି	= କାରଣ	**କମଲପତ୍ରାକ୍ଷ**	= ହେ କମଳନୟନ!

ଭୂତାନାମ୍	= ସମସ୍ତ ପ୍ରାଣୀଙ୍କର	ଶ୍ରୁତୌ	= ଶୁଣିଲି
ଭବାପ୍ୟୟୌ	= ଉତ୍ପତ୍ତି ଓ ବିନାଶ ବିଷୟରେ	ଚ	= ଏବଂ (ଆପଣଙ୍କର)
ମୟା	= ମୁଁ	ଅବ୍ୟୟମ୍	= ଅବିନାଶୀ
ତ୍ୱତ୍ତଃ	= ଆପଣଙ୍କ ଠାରୁ	ମାହାତ୍ମ୍ୟମ୍	= ମାହାତ୍ମ୍ୟ
ବିସ୍ତରଶଃ	= ବିସ୍ତାରପୂର୍ବକ	ଅପି	= ମଧ୍ୟ (ଶୁଣିଲି) ।

ଏବମେତଦ୍ୟଥାତ୍ଥ ତ୍ୱମାତ୍ମାନଂ ପରମେଶ୍ୱର ।
ଦ୍ରଷ୍ଟୁମିଚ୍ଛାମି ତେ ରୂପମୈଶ୍ୱରଂ ପୁରୁଷୋତ୍ତମ ॥ ୩ ॥

ପୁରୁଷୋତ୍ତମ	= ହେ ପୁରୁଷୋତ୍ତମ!	ଏବମ୍	= ଠିକ୍ ସେହିପରି ।
ତ୍ୱମ୍	= ଆପଣ	ପରମେଶ୍ୱର	= ହେ ପରମେଶ୍ୱର!
ଆତ୍ମାନମ୍	= ନିଜକୁ	ତେ	= (ମୁଁ) ଆପଣଙ୍କର
ଯଥା	= ଯେପରି	ଐଶ୍ୱରମ୍	= ଐଶ୍ୱରିକ
ଆତ୍ଥ	= କହୁଛନ୍ତି,	ରୂପମ୍	= ରୂପ
ଏତତ୍	= ଏହା (ପ୍ରକୃତରେ)	ଦ୍ରଷ୍ଟୁମ୍	= ଦେଖିବାକୁ
		ଇଚ୍ଛାମି	= ଇଚ୍ଛା କରୁଛି ।

ମନ୍ୟସେ ଯଦି ତଚ୍ଛକ୍ୟଂ ମୟା ଦ୍ରଷ୍ଟୁମିତି ପ୍ରଭୋ ।
ଯୋଗେଶ୍ୱର ତତୋ ମେ ତ୍ୱଂ ଦର୍ଶୟାତ୍ମାନମବ୍ୟୟମ୍ ॥ ୪ ॥

ପ୍ରଭୋ	= ହେ ପ୍ରଭୁ!	ତତଃ	= ତେବେ
ମୟା	= ମୋ ଦ୍ୱାରା	ଯୋଗେଶ୍ୱର	= ହେ ଯୋଗେଶ୍ୱର!
ତତ୍	= (ଆପଣଙ୍କର) ସେହି ଐଶ୍ୱରିକ ରୂପ	ତ୍ୱମ୍	= ଆପଣ
ଦ୍ରଷ୍ଟୁମ୍, ଶକ୍ୟମ୍	= ଦେଖାଯାଇ ପାରିବ	ଆତ୍ମାନମ୍	= ନିଜର (ସେହି)
ଇତି	= ବୋଲି	ଅବ୍ୟୟମ୍	= ଅବିନାଶୀ ସ୍ୱରୂପକୁ
ଯଦି	= ଯଦି	ମେ	= ମୋତେ
ମନ୍ୟସେ	= (ଆପଣ) ଭାବୁଛନ୍ତି,	ଦର୍ଶୟ	= ଦେଖାନ୍ତୁ।

ଶ୍ରୀଭଗବାନୁବାଚ

ପଶ୍ୟ ମେ ପାର୍ଥ ରୂପାଣି ଶତଶୋଽଥ ସହସ୍ରଶଃ ।
ନାନାବିଧାନି ଦିବ୍ୟାନି ନାନାବର୍ଣ୍ଣାକୃତୀନି ଚ ॥ ୫ ॥

ଶ୍ରୀଭଗବାନ କହିଲେ—

ପାର୍ଥ	= ହେ ପୃଥାନନ୍ଦନ!	ନାନାବର୍ଣ୍ଣା-କୃତୀନି	= ଅନେକ ବର୍ଣ୍ଣ ଓ ଅନେକ ଆକୃତିବିଶିଷ୍ଟ
ଅଥ	= ଏବେ		
ନାନାବିଧାନି	= (ତୁମେ) ଅନେକ ପ୍ରକାରର	ମେ	= ମୋର
ଚ	= ଓ	ଶତଶଃ	= ଶହ ଶହ,

ସହସ୍ରଶଃ	= ହଜାର ହଜାର	ରୂପାଣି	= ରୂପ
ଦିବ୍ୟାନି	= ଅଲୌକିକ	ପଶ୍ୟ	= ଦେଖ ।

ପଶ୍ୟାଦିତ୍ୟାନ୍ ବସୂନ୍ ରୁଦ୍ରାନଶ୍ୱିନୌ ମରୁତସ୍ତଥା ।
ବହୂନ୍ୟଦୃଷ୍ଟପୂର୍ବାଣି ପଶ୍ୟାଶ୍ଚର୍ଯ୍ୟାଣି ଭାରତ ॥ ୬ ॥

ଭାରତ	= ହେ ଭରତବଂଶଜ ଅର୍ଜୁନ!	ପଶ୍ୟ	= ଦେଖ ।
ଆଦିତ୍ୟାନ୍	= (ତୁମେ) ଦ୍ୱାଦଶ ଆଦିତ୍ୟଙ୍କୁ,	ଆଶ୍ଚର୍ଯ୍ୟାଣି	= ଯେଉଁ ସବୁ ଆଶ୍ଚର୍ଯ୍ୟଜନକ ରୂପ (ତୁମେ)
ବସୂନ୍	= ଅଷ୍ଟ ବସୁଙ୍କୁ,	ଅଦୃଷ୍ଟପୂର୍ବାଣି	= ଆଗରୁ କେବେ ଦେଖି ନ ଥିଲ,
ରୁଦ୍ରାନ୍	= ଏକାଦଶ ରୁଦ୍ରଙ୍କୁ (ଓ)		
ଅଶ୍ୱିନୌ	= ଅଶ୍ୱିନୀକୁମାର ଦ୍ୱୟଙ୍କୁ	ବହୂନି	= (ସେପରି) ଅନେକ ରୂପ (ମଧ୍ୟ)
ତଥା	= ତଥା		
ମରୁତଃ	= ଅଣଚାଶ ମରୁଦ୍‌ଗଣଙ୍କୁ	ପଶ୍ୟ	= ଦେଖ ।

ଇହୈକସ୍ଥଂ ଜଗତ୍‌କୃତ୍ସ୍ନଂ ପଶ୍ୟାଦ୍ୟ ସଚରାଚରମ୍ ।
ମମ ଦେହେ ଗୁଡାକେଶ ଯଚ୍ଚାନ୍ୟଦ୍ଦ୍ରଷ୍ଟୁମିଚ୍ଛସି ॥ ୭ ॥

ଗୁଡାକେଶ	= ହେ ନିଦ୍ରାଜୟୀ ଅର୍ଜୁନ!	ମମ	= ମୋର
		ଇହ	= ଏହି

ଦେହେ = ଶରୀରର
ଏକସ୍ଥମ୍ = ଏକ ଅଂଶରେ
ଅଦ୍ୟ = (ତୁମେ) ଏବେ
ସଚରାଚରମ୍ = ଚରାଚର ସମେତ
କୃତ୍ସ୍ନମ୍ = ସମଗ୍ର
ଜଗତ୍ = ଜଗତକୁ
ପଶ୍ୟ = ଦେଖ।

ଅନ୍ୟତ୍ = ଏହା ବ୍ୟତୀତ (ତୁମେ) ଆଉ
ଯତ୍, ଚ = ଯାହା କିଛି
ଦ୍ରଷ୍ଟୁମ୍ = ଦେଖିବାକୁ
ଇଚ୍ଛସି = ଇଚ୍ଛା କରୁଛ, (ତାହା ମଧ୍ୟ ଦେଖ)।

ନ ତୁ ମାଂ ଶକ୍ୟସେ ଦ୍ରଷ୍ଟୁମନେନୈବ ସ୍ୱଚକ୍ଷୁଷା ।
ଦିବ୍ୟଂ ଦଦାମି ତେ ଚକ୍ଷୁଃ ପଶ୍ୟ ମେ ଯୋଗମୈଶ୍ୱରମ୍ ॥ ୮ ॥

ତୁ = କିନ୍ତୁ
ଅନେନ, ସ୍ୱଚକ୍ଷୁସା = (ତୁମେ) ତୁମର ଏହି ଆଖିରେ (ଚର୍ମଚକ୍ଷୁରେ)
ମାମ୍ = ମୋତେ
ଦ୍ରଷ୍ଟୁମ୍, ଏବ = ଦେଖି
ନ, ଶକ୍ୟସେ = ପାରିବ ନାହିଁ।
ତେ = (ତେଣୁ ମୁଁ) ତୁମକୁ

ଦିବ୍ୟମ୍ = ଦିବ୍ୟ
ଚକ୍ଷୁଃ = ଚକ୍ଷୁ
ଦଦାମି = ପ୍ରଦାନ କରୁଛି, (ତାହାଦ୍ୱାରା ତୁମେ)
ମେ = ମୋର
ଐଶ୍ୱରମ୍ = ଐଶ୍ୱରିକ
ଯୋଗମ୍ = ସାମର୍ଥ୍ୟକୁ
ପଶ୍ୟ = ଦେଖ।

ସଞ୍ଜୟ ଉବାଚ

ଏବମୁକ୍ତ୍ୱା ତତୋ ରାଜନ୍ ମହାଯୋଗେଶ୍ୱରୋ ହରିଃ ।
ଦର୍ଶୟାମାସ ପାର୍ଥାୟ ପରମଂ ରୂପମୈଶ୍ୱରମ୍ ॥ ୯ ॥

ସଞ୍ଜୟ କହିଲେ—

ରାଜନ୍	= ହେ ରାଜନ୍!	**ତତଃ**	= ତା'ପରେ
ଏବମ୍	= ଏପରି	**ପାର୍ଥାୟ**	= ଅର୍ଜୁନଙ୍କୁ
ଉକ୍ତ୍ୱା	= କହି	**ପରମମ୍**	= ପରମ
ମହା-		**ଐଶ୍ୱରମ୍**	= ଐଶ୍ୱରିକ
ଯୋଗେଶ୍ୱରଃ	= ମହାଯୋଗେଶ୍ୱର	**ରୂପମ୍**	= ବିରାଟରୂପ
ହରିଃ	= ଭଗବାନ ଶ୍ରୀକୃଷ୍ଣ	**ଦର୍ଶୟାମାସ**	= ଦେଖାଇଲେ ।*

ଅନେକବକ୍ତ୍ରନୟନମନେକାଦ୍ଭୁତଦର୍ଶନମ୍ ।
ଅନେକଦିବ୍ୟାଭରଣଂ ଦିବ୍ୟାନେକୋଦ୍ୟତାୟୁଧମ୍ ॥ ୧୦ ॥
ଦିବ୍ୟମାଲ୍ୟାମ୍ବରଧରଂ ଦିବ୍ୟଗନ୍ଧାନୁଲେପନମ୍ ।
ସର୍ବାଶ୍ଚର୍ଯ୍ୟମୟଂ ଦେବମନନ୍ତଂ ବିଶ୍ୱତୋମୁଖମ୍ ॥ ୧୧ ॥

---

* ବେଦବ୍ୟାସଙ୍କ ଠାରୁ ସଞ୍ଜୟଙ୍କୁ ମଧ୍ୟ ଦିବ୍ୟଦୃଷ୍ଟି ପ୍ରାପ୍ତ ହୋଇଥିଲା, ତେଣୁ ଅର୍ଜୁନଙ୍କ ସହିତ ସେ ମଧ୍ୟ ଭଗବାନଙ୍କର ବିଶ୍ୱରୂପ ଦର୍ଶନ କରିଥିଲେ (ଗୀତା ୧୮ । ୭୭) । ବର୍ତ୍ତମାନ ସଞ୍ଜୟ ଧୃତରାଷ୍ଟ୍ରଙ୍କ ସମ୍ମୁଖରେ ସେହି ବିଶ୍ୱରୂପର ବର୍ଣ୍ଣନା କରୁଛନ୍ତି ।

ଅନେକବକ୍ତ୍ର-ନୟନମ୍	= ଯାହାଙ୍କର ଅନେକ ମୁଖ ଓ ନେତ୍ର,	ଦିବ୍ୟଗନ୍ଧାନୁ-ଲେପନମ୍	= ଯାହାଙ୍କର ଲଲାଟ ଓ ଶରୀର ଚନ୍ଦନଚର୍ଚ୍ଚିତ,
ଅନେକାଦ୍ଭୁତ-ଦର୍ଶନମ୍	= ନାନାପ୍ରକାର ଅଦ୍ଭୁତ ରୂପ (ଓ)	ସର୍ବାଶ୍ଚର୍ଯ୍ୟ-ମୟମ୍	= ସେପରି ଅତି ଆଶ୍ଚର୍ଯ୍ୟମୟ
ଅନେକଦିବ୍ୟା-ଭରଣମ୍	= ଅନେକ ଦିବ୍ୟ ଆଭୂଷଣ ରହିଛି,		
ଦିବ୍ୟାନେକୋ-ଦ୍ୟତାୟୁଧମ୍	= ଯାହାଙ୍କ ହାତରେ ଦିବ୍ୟ ଆୟୁଧ ରହିଛି	ଅନନ୍ତମ୍	= ଅନନ୍ତରୂପଶାଳୀ (ତଥା)
ଦିବ୍ୟମାଲ୍ୟା-ମ୍ବରଧରମ୍	= (ତଥା) ଯାହାଙ୍କ ଗଳାରେ ଦିବ୍ୟ ମାଳା ଶୋଭା ପାଉଛି, ଯିଏ ଦିବ୍ୟ ବସ୍ତ୍ର ପରିଧାନ କରିଛନ୍ତି (ତଥା)	ବିଶ୍ୱତୋମୁଖମ୍	= ସବୁଦିଗକୁ ମୁଖଥିବା
		ଦେବମ୍	= ନିଜର ଦିବ୍ୟ ସ୍ୱରୂପକୁ (ଭଗବାନ ଦେଖାଇଲେ) ।

ଦିବି ସୂର୍ଯ୍ୟସହସ୍ରସ୍ୟ ଭବେଦ୍ୟୁଗପଦୁତ୍ଥିତା ।
ଯଦି ଭାଃ ସଦୃଶୀ ସା ସ୍ୟାଭାସସ୍ତସ୍ୟ ମହାତ୍ମନଃ ॥ ୧୨ ॥

ଦିବି	= (ଯଦି) ଆକାଶରେ	ସୂର୍ଯ୍ୟସହସ୍ରସ୍ୟ	= ସହସ୍ର ସୂର୍ଯ୍ୟ
		ଉତ୍ଥିତା	= ଉଦିତ
ଯୁଗପତ୍	= ଏକାବେଳେ	ଭବେତ୍	= ହୁଅନ୍ତି, (ତଥାପି)

ସା	= ସେମାନଙ୍କର	ଭାସଃ	= ଜ୍ୟୋତି ସହିତ
ଭାଃ	= ଜ୍ୟୋତି (ମିଶି)	ସଦୃଶୀ	= ସମାନ
ତସ୍ୟ	= ସେହି	ଯଦି, ସ୍ୟାତ୍	= ହେବ କି ନାହିଁ ସନ୍ଦେହ ଅର୍ଥାତ୍ ହୋଇ ପାରିବ ନାହିଁ ।
ମହାତ୍ମନଃ	= ମହାତ୍ମାଙ୍କ (ବିରାଟରୂପ ପରମାତ୍ମାଙ୍କ)		

ତତ୍ରୈକସ୍ଥଂ ଜଗତ୍କୃତ୍ସ୍ନଂ ପ୍ରବିଭକ୍ତମନେକଧା ।
ଅପଶ୍ୟଦ୍ଦେବଦେବସ୍ୟ ଶରୀରେ ପାଣ୍ଡବସ୍ତଦା ॥ ୧୩ ॥

ତଦା	= ସେତେବେଳେ	ଅନେକଧା	= ଅନେକ ପ୍ରକାର
ପାଣ୍ଡବଃ	= ଅର୍ଜୁନ		
ଦେବଦେବସ୍ୟ	= ଦେବାଧିଦେବ ଭଗବାନଙ୍କ	ପ୍ରବିଭକ୍ତମ୍	= ବିଭାଗରେ ବିଭକ୍ତ ହୋଇଥିବା
ତତ୍ର	= ସେହି	କୃତ୍ସ୍ନମ୍	= ସମଗ୍ର
ଶରୀରେ	= ଶରୀରର	ଜଗତ୍	= ଜଗତକୁ
ଏକସ୍ଥମ୍	= ଏକ ସ୍ଥାନରେ ସ୍ଥିତ	ଅପଶ୍ୟତ୍	= ଦେଖିଲେ ।

ତତଃ ସ ବିସ୍ମୟାବିଷ୍ଟୋ ହୃଷ୍ଟରୋମା ଧନଞ୍ଜୟଃ ।
ପ୍ରଣମ୍ୟ ଶିରସା ଦେବଂ କୃତାଞ୍ଜଳିରଭାଷତ ॥ ୧୪ ॥

ତତଃ	= ଭଗବାନଙ୍କର ବିଶ୍ୱରୂପ ଦର୍ଶନ କରି	ସଃ	= ସେହି
		ଧନଞ୍ଜୟଃ	= ଅର୍ଜୁନ

ବିସ୍ମୟାବିଷ୍ଟଃ	= ଅତ୍ୟନ୍ତ ଚକିତ ହୋଇଗଲେ (ଏବଂ)	କୃତାଞ୍ଜଳିଃ	= (ସେ) ଯୋଡ଼ହସ୍ତପୂର୍ବକ
		ଦେବମ୍	= ବିଶ୍ୱରୂପ ଦେବଙ୍କୁ
ହୃଷ୍ଟରୋମାଃ	= ଆଶ୍ଚର୍ଯ୍ୟ ଯୋଗୁଁ ତାଙ୍କ ଶରୀର ରୋମାଞ୍ଚିତ ହୋଇ ଉଠିଲା ।	ଶିରସା	= ନତମସ୍ତକ ହୋଇ
		ପ୍ରଣମ୍ୟ	= ପ୍ରଣାମ କରି
		ଅଭାଷତ	= କହିଲେ—

ଅର୍ଜୁନ ଉବାଚ

ପଶ୍ୟାମି ଦେବାଂସ୍ତବ ଦେବ ଦେହେ
ସର୍ବାଂସ୍ତଥା ଭୂତବିଶେଷସଙ୍ଘାନ୍ ।
ବ୍ରହ୍ମାଣମୀଶଂ କମଳାସନସ୍ଥ-
ମୃଷୀଂଶ୍ଚ ସର୍ବାନୁରଗାଂଶ୍ଚ ଦିବ୍ୟାନ୍ ॥ ୧୫ ॥

ଅର୍ଜୁନ କହିଲେ—

ଦେବ	= ହେ ଦେବ! (ମୁଁ)	ଭୂତବିଶେଷ-ସଙ୍ଘାନ୍	= ପ୍ରଧାନ ପ୍ରାଧାନ ପ୍ରାଣୀବର୍ଗଙ୍କୁ
ତବ	= ଆପଣଙ୍କ		
ଦେହେ	= ଶରୀରରେ	ଚ	= ଓ
ସର୍ବାନ୍	= ସମସ୍ତ	କମଳାସନସ୍ଥମ୍	= କମଳାସନସ୍ଥ
ଦେବାନ୍	= ଦେବଗଣଙ୍କୁ	ବ୍ରହ୍ମାଣମ୍	= ବ୍ରହ୍ମାଙ୍କୁ,
ତଥା	= ତଥା	ଈଶମ୍	= ମହାଦେବଙ୍କୁ,

ସର୍ବାନ୍	= ସମସ୍ତ	ଦିବ୍ୟାନ୍	= ଦିବ୍ୟ
ଋଷୀନ୍	= ଋଷିଗଣଙ୍କୁ	ଉରଗାନ୍	= ସର୍ପମାନଙ୍କୁ
ଚ	= ଓ	ପଶ୍ୟାମି	= ଦେଖୁଛି ।

ଅନେକବାହୂଦରବକ୍ତ୍ରନେତ୍ରଂ-
ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ୍ ।
ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ-
ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ ॥ ୧୬ ॥

ବିଶ୍ୱରୂପ	= ହେ ବିଶ୍ୱରୂପ!	ପଶ୍ୟାମି	= ଦେଖୁଅଛି ।
ବିଶ୍ୱେଶ୍ୱର	= ହେ ବିଶ୍ୱେଶ୍ୱର!	ତବ	= (ମୁଁ) ଆପଣଙ୍କର
ତ୍ୱାମ୍	= ଆପଣଙ୍କୁ (ମୁଁ)	ଆଦିମ୍	= ଆଦିକୁ
ଅନେକବାହୂଦର-ବକ୍ତ୍ରନେତ୍ରମ୍	= ଅନେକ ହାତ, ଉଦର, ମୁଖ ଓ ନେତ୍ରବିଶିଷ୍ଟ (ତଥା)	ନ, (ପଶ୍ୟାମି)	= ଦେଖିପାରୁ ନାହିଁ,
		ମଧ୍ୟମ୍	= ମଧ୍ୟକୁ
		ନ, (ପଶ୍ୟାମି)	= ଦେଖିପାରୁ ନାହିଁ
		ପୁନଃ	= ଏବଂ
ସର୍ବତଃ	= ସବୁଦିଗରୁ	ଅନ୍ତମ୍	= ଅନ୍ତକୁ ମଧ୍ୟ
ଅନନ୍ତରୂପମ୍	= ଅନନ୍ତ ରୂପବିଶିଷ୍ଟ	ନ, ପଶ୍ୟାମି	= ଦେଖି ପାରୁ ନାହିଁ ।

କିରୀଟିନଂ ଗଦିନଂ ଚକ୍ରିଣଂ ଚ
ତେଜୋରାଶିଂ ସର୍ବତୋ ଦୀପ୍ତିମନ୍ତମ୍ ।

ପଶ୍ୟାମି ତ୍ୱାଂ ଦୁର୍ନିରୀକ୍ଷ୍ୟଂ ସମନ୍ତା-
ଦ୍ଦୀପ୍ତାନଲାର୍କଦ୍ୟୁତିମପ୍ରମେୟମ୍ ॥ ୧୭ ॥

ତ୍ୱାମ୍ = (ମୁଁ) ଆପଣଙ୍କୁ
କିରୀଟିନମ୍ = ମୁକୁଟ,
ଗଦିନମ୍ = ଗଦା,
ଚକ୍ରିଣମ୍ = ଚକ୍ର (ତଥା ଶଙ୍ଖ ଓ ପଦ୍ମ) ଧାରଣ କରିଥିବାର
ପଶ୍ୟାମି = ଦେଖୁଛି ।
ତେଜୋରାଶିମ୍ = (ଆପଣଙ୍କୁ ମୁଁ) ତେଜରାଶି ସ୍ୱରୂପ,
ସର୍ବତଃ = ସର୍ବଦିଗେ
ଦୀପ୍ତିମନ୍ତମ୍ = ଉଜ୍ଜ୍ୱଳସ୍ୱରୂପ,
ଦୀପ୍ତାନଲାର୍କ-ଦ୍ୟୁତିମ୍ = ଦେଦୀପ୍ୟମାନ ଅଗ୍ନି ଓ ସୂର୍ଯ୍ୟଙ୍କ ସମ କାନ୍ତିଯୁକ୍ତ,
ଦୁର୍ନିରୀକ୍ଷ୍ୟମ୍ = ଦୁର୍ନିରୀକ୍ଷ୍ୟ
ଚ = ଓ
ସମନ୍ତାତ୍ = ସବୁ ଦିଗରୁ
ଅପ୍ରମେୟମ୍ = ଅପ୍ରମେୟସ୍ୱରୂପ (ଦେଖୁଛି) ।

ତ୍ୱମକ୍ଷରଂ ପରମଂ ବେଦିତବ୍ୟଂ
ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।
ତ୍ୱମବ୍ୟୟଃ ଶାଶ୍ୱତଧର୍ମଗୋପ୍ତା
ସନାତନସ୍ତ୍ୱଂ ପୁରୁଷୋ ମତୋ ମେ ॥ ୧୮ ॥

ମେ = ମୋ
ମତଃ = ମତରେ
ତ୍ୱମ୍ = ଆପଣ (ହିଁ)
ବେଦିତବ୍ୟମ୍ = ଜ୍ଞାତବ୍ୟ
ପରମମ୍ = ପରମ
ଅକ୍ଷରମ୍ = ଅକ୍ଷର (ଅକ୍ଷର ବ୍ରହ୍ମ),

ତ୍ୱମ୍	= ଆପଣ	ଶାଶ୍ୱତଧର୍ମ-ଗୋପ୍ତା	= ସନାତନ ଧର୍ମର ରକ୍ଷକ
ଅସ୍ୟ	= ଏହି	ତ୍ୱମ୍	= (ଏବଂ) ଆପଣ (ହିଁ)
ବିଶ୍ୱସ୍ୟ	= ସମଗ୍ର ବିଶ୍ୱର	ଅବ୍ୟୟଃ	= ଅବିନାଶୀ
ପରମ୍	= ପରମ	ସନାତନଃ	= ସନାତନ
ନିଧାନମ୍	= ଆଶ୍ରୟ,	ପୁରୁଷଃ	= ପୁରୁଷ ।
ତ୍ୱମ୍	= ଆପଣ		

ଅନାଦିମଧ୍ୟାନ୍ତମନନ୍ତବୀର୍ଯ୍ୟ-
ମନନ୍ତବାହୁଂ ଶଶିସୂର୍ଯ୍ୟନେତ୍ରମ୍ ।
ପଶ୍ୟାମି ତ୍ୱାଂ ଦୀପ୍ତହୁତାଶବକ୍ତ୍ରଂ-
ସ୍ୱତେଜସା ବିଶ୍ୱମିଦଂ ତପନ୍ତମ୍ ॥ ୧୯ ॥

ତ୍ୱାମ୍	= ଆପଣଙ୍କୁ (ମୁଁ)	ଦୀପ୍ତହୁତାଶ-ବକ୍ତ୍ରମ୍	= ପ୍ରଜ୍ୱଳିତ ଅଗ୍ନି ସମ ମୁଖବିଶିଷ୍ଟ (ଏବଂ)
ଅନାଦି-ମଧ୍ୟାନ୍ତମ୍	= ଆଦି, ମଧ୍ୟ ଓ ଅନ୍ତରହିତ,		
ଅନନ୍ତବୀର୍ଯ୍ୟମ୍	= ଅନନ୍ତ ପ୍ରଭାବଶାଳୀ,	ସ୍ୱତେଜସା	= ସ୍ୱତେଜରେ
ଅନନ୍ତବାହୁମ୍	= ଅନନ୍ତ ଭୁଜବିଶିଷ୍ଟ,	ଇଦମ୍	= ଏହି
ଶଶିସୂର୍ଯ୍ୟ-ନେତ୍ରମ୍	= ଚନ୍ଦ୍ର ଓ ସୂର୍ଯ୍ୟସ୍ୱରୂପ ନେତ୍ରବିଶିଷ୍ଟ,	ବିଶ୍ୱମ୍	= ସଂସାରକୁ
		ତପନ୍ତମ୍	= ସନ୍ତାପିତ କରୁଥିବାର
		ପଶ୍ୟାମି	= ଦେଖୁଛି ।

ଦ୍ୟାବାପୃଥିବ୍ୟୋରିଦମନ୍ତରଂ ହି
ବ୍ୟାପ୍ତଂ ତ୍ୱୟୈକେନ ଦିଶଶ୍ଚ ସର୍ବାଃ ।
ଦୃଷ୍ଟ୍ୱାଦ୍ଭୁତଂ ରୂପମୁଗ୍ରଂ ତବେଦଂ-
ଲୋକତ୍ରୟଂ ପ୍ରବ୍ୟଥିତଂ ମହାତ୍ମନ୍ ॥ ୨୦ ॥

ମହାତ୍ମନ୍	= ହେ ମହାତ୍ମନ୍!	ବ୍ୟାପ୍ତମ୍	= ପରିପୂର୍ଣ୍ଣ ହୋଇଛି ।
ଇଦମ୍	= ଏହି	ତବ	= ଆପଣଙ୍କର
ଦ୍ୟାବା-ପୃଥିବ୍ୟୋଃ	= ସ୍ୱର୍ଗ ଓ ପୃଥିବୀର	ଇଦମ୍	= ଏହି
ଅନ୍ତରମ୍	= ମଧ୍ୟସ୍ଥଳ	ଅଦ୍ଭୁତମ୍	= ଅଦ୍ଭୁତ (ଓ)
ଚ	= ଏବଂ	ଉଗ୍ରମ୍	= ଉଗ୍ର
ସର୍ବାଃ	= ସମସ୍ତ	ରୂପମ୍	= ରୂପ
ଦିଶଃ	= ଦିଗ	ଦୃଷ୍ଟ୍ୱା	= ଦେଖି
ଏକେନ	= କେବଳ	ଲୋକତ୍ରୟମ୍	= ତ୍ରୈଲୋକ୍ୟ
ତ୍ୱୟା	= ଆପଣଙ୍କ ଦ୍ୱାରା	ପ୍ରବ୍ୟଥିତମ୍	= ବ୍ୟଥିତ (ବ୍ୟାକୁଳ) ହେଉଛି ।
ହି	= ହିଁ		

ଅମୀ ହି ତ୍ୱାଂ ସୁରସଙ୍ଘା ବିଶନ୍ତି
କେଚିଦ୍ଭୀତାଃ ପ୍ରାଞ୍ଜଲୟୋ ଗୃଣନ୍ତି ।
ସ୍ୱସ୍ତୀତ୍ୟୁକ୍ତ୍ୱା ମହର୍ଷିସିଦ୍ଧସଙ୍ଘାଃ
ସ୍ତୁବନ୍ତି ତ୍ୱାଂ ସ୍ତୁତିଭିଃ ପୁଷ୍କଳାଭିଃ ॥ ୨୧ ॥

ଅମୀ, ହି = ସେହି
ସୁରସଙ୍ଘାଃ = ଦେବତାଗଣ
ତ୍ୱାମ୍ = ଆପଣଙ୍କ ଠାରେ
ବିଶନ୍ତି = ପ୍ରବିଷ୍ଟ ହେଉଛନ୍ତି ।
କେଚିତ୍ = (ସେମାନଙ୍କ ମଧ୍ୟରୁ) କେତେକ
ଭୀତାଃ = ଭୟଭୀତ ହୋଇ
ପ୍ରାଞ୍ଜଳୟଃ = ଯୋଡ଼ହସ୍ତପୂର୍ବକ (ଆପଣଙ୍କ ନାମ ଓ ଗୁଣ)
ଗୃଣନ୍ତି = କୀର୍ତ୍ତନ କରୁଛନ୍ତି ।
ମହର୍ଷିସିଦ୍ଧସଙ୍ଘାଃ = ମହର୍ଷି ଓ ସିଦ୍ଧଗଣ
ସ୍ୱସ୍ତି = 'କଲ୍ୟାଣ ହେଉ, ମଙ୍ଗଳ ହେଉ'
ଇତି = ଏପରି
ଉକ୍ତ୍ୱା = କହି
ପୁଷ୍କଳାଭିଃ = ସୁନ୍ଦର ସୁନ୍ଦର
ସ୍ତୁତିଭିଃ = ସ୍ତୋତ୍ର ଦ୍ୱାରା
ତ୍ୱାମ୍ = ଆପଣଙ୍କୁ
ସ୍ତୁବନ୍ତି = ସ୍ତୁତି କରୁଛନ୍ତି ।

ରୁଦ୍ରାଦିତ୍ୟା ବସବୋ ଯେ ଚ ସାଧ୍ୟା-
ବିଶ୍ୱେଽଶ୍ୱିନୌ ମରୁତଶ୍ଚୋଷ୍ମପାଶ୍ଚ ।
ଗନ୍ଧର୍ବଯକ୍ଷାସୁରସିଦ୍ଧସଙ୍ଘା-
ବୀକ୍ଷନ୍ତେ ତ୍ୱାଂ ବିସ୍ମିତାଶ୍ଚୈବ ସର୍ବେ ॥ ୨୨ ॥

ଯେ = ଯେଉଁ
ରୁଦ୍ରାଦିତ୍ୟାଃ = ଏକାଦଶ ରୁଦ୍ର, ଦ୍ୱାଦଶ ଆଦିତ୍ୟ,
ବସବଃ = ଅଷ୍ଟ ବସୁ,
ସାଧ୍ୟାଃ = ଦ୍ୱାଦଶ ସାଧ୍ୟଗଣ,
ବିଶ୍ୱେ = ଦଶ ବିଶ୍ୱେଦେବ
ଚ = ଓ
ଅଶ୍ୱିନୌ = ଅଶ୍ୱିନୀକୁମାର ଦ୍ୱୟ
ଚ = ତଥା

ମରୁତଃ = ଅଣଚାଶ ମରୁଦ୍‌ଗଣ
ଚ = ଓ
ଉଷ୍ମପାଃ = ଉଷ୍ଣ ଖାଦ୍ୟ ଗ୍ରହଣକାରୀ (ସପ୍ତ ପିତୃଗଣ)
ଚ = ତଥା
ଗନ୍ଧର୍ବଯକ୍ଷାସୁର-ସିଦ୍ଧସଙ୍ଘାଃ = ଗନ୍ଧର୍ବ, ଯକ୍ଷ, ଅସୁର ଓ ସିଦ୍ଧଗଣ ଅଛନ୍ତି,
ସର୍ବେ, ଏବ = (ସେମାନେ) ସମସ୍ତେ
ବିସ୍ମିତାଃ = ଚକିତ ହୋଇ
ତ୍ୱାମ୍ = ଆପଣଙ୍କୁ
ବୀକ୍ଷନ୍ତେ = ଦେଖୁଛନ୍ତି ।

ରୂପଂ ମହତ୍ତେ ବହୁବକ୍ତ୍ରନେତ୍ରଂ-
ମହାବାହୋ ବହୁବାହୂରୁପାଦମ୍ ।
ବହୂଦରଂ ବହୁଦଂଷ୍ଟ୍ରାକରାଳଂ-
ଦୃଷ୍ଟ୍ୱା ଲୋକାଃ ପ୍ରବ୍ୟଥିତାସ୍ତଥାହମ୍ ॥ ୨୩ ॥

ମହାବାହୋ = ହେ ମହାବାହୁ!
ତେ = ଆପଣଙ୍କର
ବହୁବକ୍ତ୍ର-ନେତ୍ରମ୍ = ବହୁ ମୁଖ ଓ ନେତ୍ରବିଶିଷ୍ଟ,
ବହୁବାହୂରୁ-ପାଦମ୍ = ବହୁ ଭୁଜ, ଊରୁ ଓ ପାଦବିଶିଷ୍ଟ (ତଥା)
ବହୂଦରମ୍ = ବହୁ ଉଦର (ଓ)
ବହୁଦଂଷ୍ଟ୍ରା-କରାଳମ୍ = ବହୁ ବିକଟାଳ ଦନ୍ତପଙ୍‌କ୍ତିବିଶିଷ୍ଟ
ମହତ୍ = ମହାନ୍
ରୂପମ୍ = ରୂପ
ଦୃଷ୍ଟ୍ୱା = ଦେଖି
ଲୋକାଃ = ସମସ୍ତ ପ୍ରାଣୀ
ପ୍ରବ୍ୟଥିତାଃ = ବ୍ୟଥିତ ହେଉଛନ୍ତି
ତଥା = ଏବଂ
ଅହମ୍ = ମୁଁ ମଧ୍ୟ (ବ୍ୟଥିତ ହୋଇପଡୁଛି) ।

ନଭଃସ୍ପୃଶଂ ଦୀପ୍ତମନେକବର୍ଣ୍ଣଂ-
ବ୍ୟାତ୍ତାନନଂ ଦୀପ୍ତବିଶାଳନେତ୍ରମ୍ ।
ଦୃଷ୍ଟ୍ୱା ହି ତ୍ୱାଂ ପ୍ରବ୍ୟଥିତାନ୍ତରାତ୍ମା
ଧୃତିଂ ନ ବିନ୍ଦାମି ଶମଂ ଚ ବିଷ୍ଣୋ ॥ ୨୪ ॥

ହି	=	କାରଣ
ବିଷ୍ଣୋ	=	ହେ ବିଷ୍ଣୁ! (ଆପଣଙ୍କର)
ଅନେକବର୍ଣ୍ଣମ୍	=	ବିବିଧ ବର୍ଣ୍ଣ
ଦୀପ୍ତମ୍	=	ଅତି ଦେଦୀପ୍ୟମାନ,
ନଭଃସ୍ପୃଶମ୍	=	ଆପଣ ଆକାଶକୁ ସ୍ପର୍ଶ କରିଛନ୍ତି,
ବ୍ୟାତ୍ତାନନମ୍	=	ଆପଣଙ୍କର ମୁଖ ବିସ୍ତାରିତ ହୋଇଛି,
ଦୀପ୍ତବିଶାଳ-ନେତ୍ରମ୍	=	ଆପଣଙ୍କର ନେତ୍ର ପ୍ରଦୀପ୍ତ ଓ ବିଶାଳ ।
ତ୍ୱାମ୍	=	ଆପଣଙ୍କୁ (ଏପରି)
ଦୃଷ୍ଟ୍ୱା	=	ଦେଖି
ପ୍ରବ୍ୟଥିତା-ନ୍ତରାତ୍ମା	=	ଭୟଭୀତ ଅନ୍ତଃକରଣ ଯୋଗୁଁ (ମୁଁ)
ଧୃତିମ୍	=	ଧୈର୍ଯ୍ୟ
ଚ	=	ଓ
ଶମମ୍	=	ଶାନ୍ତି
ନ, ବିନ୍ଦାମି	=	ପାଇପାରୁ ନାହିଁ ।

ଦଂଷ୍ଟ୍ରାକରାଳାନି ଚ ତେ ମୁଖାନି
ଦୃଷ୍ଟ୍ୱୈବ କାଳାନଳସନ୍ନିଭାନି ।
ଦିଶୋ ନ ଜାନେ ନ ଲଭେ ଚ ଶର୍ମ
ପ୍ରସୀଦ ଦେବେଶ ଜଗନ୍ନିବାସ ॥ ୨୫ ॥

ତେ	= ଆପଣଙ୍କର	ନ, ଜାନେ	= ଜ୍ଞାନ ହେଉ ନାହିଁ
କାଳାନଳ-ସନ୍ନିଭାନି	= ପ୍ରଳୟକାଳୀନ ଅଗ୍ନିସମ ପ୍ରଜ୍ୱଳିତ	ଚ	= ଏବଂ
ଚ	= ଓ	ଶର୍ମ, ଏବ	= ଶାନ୍ତି ମଧ୍ୟ
ଦଂଷ୍ଟ୍ରାକରାଳାନି	= ବିକଟାଳ ଦନ୍ତପଙ୍କ୍ତିବିଶିଷ୍ଟ	ନ, ଲଭେ	= ମିଳୁ ନାହିଁ। (ତେଣୁ)
ମୁଖାନି	= ମୁଖମାନ	ଦେବେଶ	= ହେ ଦେବେଶ!
ଦୃଷ୍ଟ୍ୱା	= ଦେଖି (ମୋତେ)	ଜଗନ୍ନିବାସ	= ହେ ଜଗନ୍ନିବାସ!
ଦିଶଃ	= ଦିଗ-ବିଦିଗର	ପ୍ରସୀଦ	= (ଆପଣ) ପ୍ରସନ୍ନ ହୋଇଯାଆନ୍ତୁ।

ଅମୀ ଚ ତ୍ୱାଂ ଧୃତରାଷ୍ଟ୍ରସ୍ୟ ପୁତ୍ରାଃ
ସର୍ବେ ସହୈବାବନିପାଳସଙ୍ଘୈଃ ।
ଭୀଷ୍ମୋ ଦ୍ରୋଣଃ ସୂତପୁତ୍ରସ୍ତଥାସୌ
ସହାସ୍ମଦୀୟୈରପି ଯୋଧମୁଖ୍ୟୈଃ ॥ ୨୬ ॥
ବକ୍ତ୍ରାଣି ତେ ତ୍ୱରମାଣା ବିଶନ୍ତି
ଦଂଷ୍ଟ୍ରାକରାଳାନି ଭୟାନକାନି ।
କେଚିଦ୍‌ବିଲଗ୍ନା ଦଶନାନ୍ତରେଷୁ
ସନ୍ଦୃଶ୍ୟନ୍ତେ ଚୂର୍ଣ୍ଣିତୈରୁତ୍ତମାଙ୍ଗୈଃ ॥ ୨୭ ॥

ଅସ୍ମଦୀୟୈଃ	= ଆମ ପକ୍ଷର	ସହ	= ସହିତ
ଯୋଧମୁଖ୍ୟୈଃ	= ମୁଖ୍ୟ ମୁଖ୍ୟ ଯୋଦ୍ଧାମାନଙ୍କ	ଭୀଷ୍ମଃ	= ଭୀଷ୍ମ,
		ଦ୍ରୋଣଃ	= ଦ୍ରୋଣ

ତଥା = ଓ
ଅସୌ = ସେହି
ସୂତପୁତ୍ରଃ = କର୍ଣ୍ଣ
ଅପି = ମଧ୍ୟ
ତ୍ୱାମ୍ = ଆପଣଙ୍କ ଠାରେ
ବିଶନ୍ତି = ପ୍ରବିଷ୍ଟ ହେଉଛନ୍ତି ।
ଅବନିପାଳ-
ସଙ୍ଘୈଃ = ରାଜନ୍ୟବର୍ଗଙ୍କ
ସହ = ସହିତ
ଧୃତରାଷ୍ଟ୍ରସ୍ୟ = ଧୃତରାଷ୍ଟ୍ରଙ୍କର
ଅମୀ, ଏବ = ସେହି
ସର୍ବେ = ସମସ୍ତ
ପୁତ୍ରାଃ = ପୁତ୍ର
ତେ = ଆପଣଙ୍କର

ଦଂଷ୍ଟ୍ରାକରାଳାନି = ବିକଟାଳ ଦନ୍ତପଙ୍‌କ୍ତିବିଶିଷ୍ଟ
ଭୟାନକାନି = ଭୟାନକ
ବକ୍ତ୍ରାଣି = ମୁଖରେ
ତ୍ୱରମାଣାଃ = ଦ୍ରୁତଗତିରେ (ପ୍ରବିଷ୍ଟ ହେଉଛନ୍ତି) ।
କେଚିତ୍ = (ସେମାନଙ୍କ ମଧ୍ୟରୁ) କେତେକ
ଚୂର୍ଣ୍ଣିତୈଃ = ଚୂର୍ଣ୍ଣ ବିଚୂର୍ଣ୍ଣ
ଉତ୍ତମାଙ୍ଗୈଃ = ମସ୍ତକ ସହିତ
ଦଶନାନ୍ତରେଷୁ = (ଆପଣଙ୍କ) ଦାନ୍ତ ସନ୍ଧିରେ
ବିଲଗ୍ନାଃ = ଲାଗିଥିବାର
ସନ୍ଦୃଶ୍ୟନ୍ତେ = ଦେଖାଯାଉଛନ୍ତି ।

ଯଥା ନଦୀନାଂ ବହବୋଽମ୍ବୁବେଗାଃ
ସମୁଦ୍ରମେବାଭିମୁଖା ଦ୍ରବନ୍ତି ।
ତଥା ତବାମୀ ନରଲୋକବୀରା-
ବିଶନ୍ତି ବକ୍ତ୍ରାଣ୍ୟଭିବିଜ୍ୱଳନ୍ତି ॥ ୨୮ ॥

ଯଥା = ଯେପରି
ନଦୀନାମ୍ = ନଦୀଗୁଡ଼ିକର

ବହବଃ = ଅନେକ
ଅମ୍ବୁବେଗାଃ = ଜଳସ୍ରୋତ

ଏବ = ସ୍ୱାଭାବିକଭାବେ
ସମୁଦ୍ରମ୍ = ସମୁଦ୍ର
ଅଭିମୁଖାଃ = ଅଭିମୁଖେ
ଦ୍ରବନ୍ତି = ଧାବମାନ ହୁଅନ୍ତି,
ତଥା = ସେହିପରି
ଅମୀ = ସେହି
ନରଲୋକ-ବୀରାଃ = ପୃଥିବୀର ମହାନ୍ ଶୂରବୀରମାନେ
ତବ = ଆପଣଙ୍କର
ଅଭିବିଜ୍ୱଳନ୍ତି = ସବୁଦିଗରୁ ଦେଦୀପ୍ୟମାନ
ବକ୍ତ୍ରାଣି = ମୁଖରେ
ବିଶନ୍ତି = ପ୍ରବେଶ କରୁଛନ୍ତି ।

ଯଥା ପ୍ରଦୀପ୍ତଂ ଜ୍ୱଳନଂ ପତଙ୍ଗା-
ବିଶନ୍ତି ନାଶାୟ ସମୃଦ୍ଧବେଗାଃ ।
ତଥୈବ ନାଶାୟ ବିଶନ୍ତି ଲୋକା-
ସ୍ତବାପି ବକ୍ତ୍ରାଣି ସମୃଦ୍ଧବେଗାଃ ॥ ୨୯ ॥

ପତଙ୍ଗାଃ = ପତଙ୍ଗମାନେ
ନାଶାୟ = (ନିଜକୁ) ବିନାଶ କରିବା ପାଇଁ
ଯଥା = ଯେପରି
ସମୃଦ୍ଧବେଗାଃ = ଦ୍ରୁତଗତିରେ ଧାବିତ ହୋଇ
ପ୍ରଦୀପ୍ତମ୍ = ପ୍ରଜ୍ୱଳିତ
ଜ୍ୱଳନମ୍ = ଅଗ୍ନିରେ
ବିଶନ୍ତି = ପ୍ରବିଷ୍ଟ ହୁଅନ୍ତି,
ତଥା, ଏବ = ସେହିପରି
ଲୋକାଃ = ଏହି ଲୋକମାନେ
ଅପି = ମଧ୍ୟ (ମୋହବଶତଃ)
ନାଶାୟ = (ନିଜକୁ) ବିନାଶ କରିବା ପାଇଁ
ସମୃଦ୍ଧବେଗାଃ = ଦ୍ରୁତଗତିରେ ଧାବିତ ହୋଇ
ତବ = ଆପଣଙ୍କ
ବକ୍ତ୍ରାଣି = ମୁଖଗହ୍ୱରରେ
ବିଶନ୍ତି = ପ୍ରବେଶ କରୁଛନ୍ତି ।

ଲେଲିହ୍ୟସେ ଗ୍ରସମାନଃ ସମନ୍ତା-
ଲ୍ଲୋକାନ୍ ସମଗ୍ରାନ୍ ବଦନୈର୍ଜ୍ୱଳଦ୍ଭିଃ ।
ତେଜୋଭିରାପୂର୍ଯ୍ୟ ଜଗତ୍ସମଗ୍ରଂ-
ଭାସସ୍ତବୋଗ୍ରାଃ ପ୍ରତପନ୍ତି ବିଷ୍ଣୋ ॥ ୩୦ ॥

ଜ୍ୱଳଦ୍ଭିଃ	= (ଆପଣ ନିଜର) ପ୍ରଜ୍ୱଳିତ	ବିଷ୍ଣୋ	= (ଏବଂ) ହେ ବିଷ୍ଣୁ!
		ତବ	= ଆପଣଙ୍କର
ବଦନୈଃ	= ମୁଖଗୁଡ଼ିକ ଦ୍ୱାରା	ଉଗ୍ରାଃ	= ଉଗ୍ର
ସମଗ୍ରାନ୍	= ସମସ୍ତ	ଭାସଃ	= ଜ୍ୟୋତି
ଲୋକାନ୍	= ଭୁବନକୁ	ତେଜୋଭିଃ	= ନିଜର ତେଜ ଦ୍ୱାରା
ଗ୍ରସମାନଃ	= ଗ୍ରାସ କରି (ସେ ସବୁକୁ)	ସମଗ୍ରମ୍	= ସମଗ୍ର
		ଜଗତ୍	= ଜଗତକୁ
ସମନ୍ତାତ୍	= ସବୁ ଦିଗରୁ	ଆପୂର୍ଯ୍ୟ	= ପରିପୂର୍ଣ୍ଣ କରି
ଲେଲିହ୍ୟସେ	= ବାରମ୍ବାର ଗ୍ରାସୁଛନ୍ତି;	ପ୍ରତପନ୍ତି	= (ସମସ୍ତଙ୍କୁ) ସନ୍ତପ୍ତ କରୁଛି ।

ଆଖ୍ୟାହି ମେ କୋ ଭବାନୁଗ୍ରରୂପୋ-
ନମୋଽସ୍ତୁ ତେ ଦେବବର ପ୍ରସୀଦ ।
ବିଜ୍ଞାତୁମିଚ୍ଛାମି ଭବନ୍ତମାଦ୍ୟଂ-
ନ ହି ପ୍ରଜାନାମି ତବ ପ୍ରବୃତ୍ତିମ୍ ॥ ୩୧ ॥

ମେ	= ମୋତେ	ଆଦ୍ୟମ୍	= ଆଦିରୂପ
ଆଖ୍ୟାହି	= କହନ୍ତୁ ଯେ	ଭବନ୍ତମ୍	= ଆପଣଙ୍କୁ (ମୁଁ)
ଉଗ୍ରରୂପଃ	= ଉଗ୍ରରୂପଧାରୀ	ବିଜ୍ଞାତୁମ୍	= ତତ୍ତ୍ୱ ସହକାରେ ଜାଣିବାକୁ
ଭବାନ୍	= ଆପଣ		
କଃ	= କିଏ?	ଇଚ୍ଛାମି	= ଚାହୁଁଛି;
ଦେବବର	= ହେ ଦେବଶ୍ରେଷ୍ଠ!	ହି	= କାରଣ (ମୁଁ)
ତେ	= ଆପଣଙ୍କୁ	ତବ	= ଆପଣଙ୍କର
ନମଃ, ଅସ୍ତୁ	= ନମସ୍କାର।	ପ୍ରବୃତ୍ତିମ୍	= ପ୍ରବୃତ୍ତିକୁ
ପ୍ରସୀଦ	= (ଆପଣ) ପ୍ରସନ୍ନ ହୁଅନ୍ତୁ।	ନ, ପ୍ରଜାନାମି	= ଭଲଭାବେ ଜାଣେ ନାହିଁ।

ଶ୍ରୀଭଗବାନୁବାଚ

କାଲୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧୋ-
ଲୋକାନ୍ ସମାହର୍ତ୍ତୁମିହ ପ୍ରବୃତ୍ତଃ।
ଋତେଽପି ତ୍ୱାଂ ନ ଭବିଷ୍ୟନ୍ତି ସର୍ବେ
ଯେଽବସ୍ଥିତାଃ ପ୍ରତ୍ୟନୀକେଷୁ ଯୋଧାଃ ॥ ୩୨ ॥

ଶ୍ରୀଭଗବାନ କହିଲେ—

ଲୋକକ୍ଷୟ-କୃତ୍	= (ମୁଁ) ସମସ୍ତ ଲୋକର କ୍ଷୟକାରୀ	ଇହ	= ବର୍ତ୍ତମାନ (ମୁଁ)
		ଲୋକାନ୍	= ଏ ସମସ୍ତଙ୍କୁ
ପ୍ରବୃଦ୍ଧଃ	= ବର୍ଦ୍ଧିତ	ସମାହର୍ତ୍ତୁମ୍	= ସଂହାର କରିବା ପାଇଁ
କାଲଃ, ଅସ୍ମି	= କାଳ (ଏବଂ)		

ପ୍ରବୃତ୍ତାଃ	= (ଏଠାକୁ) ଆସିଛି ।	ସର୍ବେ	= (ସେ) ସମସ୍ତେ
ପ୍ରତ୍ୟନୀକେଷୁ	= (ତୁମ) ବିପକ୍ଷରେ	ତ୍ୱାମ୍	= ତୁମେ
ଯେ	= ଯେଉଁ	ଋତେ, ଅପି	= ଯୁଦ୍ଧ ନ କଲେ ମଧ୍ୟ
ଯୋଧାଃ	= ଯୋଦ୍ଧାମାନେ		
ଅବସ୍ଥିତାଃ	= ଛିଡ଼ା ହୋଇଛନ୍ତି,	ନ ଭବିଷ୍ୟନ୍ତି	= ବର୍ତ୍ତିବେ ନାହିଁ ।

ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ
ଜିତ୍ୱା ଶତ୍ରୂନ୍ ଭୁଙ୍‌କ୍ଷ୍ୱ ରାଜ୍ୟଂ ସମୃଦ୍ଧମ୍ ।
ମୟୈବୈତେ ନିହତାଃ ପୂର୍ବମେବ
ନିମିତ୍ତମାତ୍ରଂ ଭବ ସବ୍ୟସାଚିନ୍ ॥ ୩୩ ॥

ତସ୍ମାତ୍	= ତେଣୁ	ଏତେ, ଏବ	= ଏ ସମସ୍ତେ
ତ୍ୱମ୍	= ତୁମେ (ଯୁଦ୍ଧ ପାଇଁ)	ପୂର୍ବମ୍	= ଆଗରୁ
ଉତ୍ତିଷ୍ଠ	= ଠିଆ ହୋଇଯାଅ (ଏବଂ)	ଏବ	= ହିଁ
		ମୟା	= ମୋ ଦ୍ୱାରା
ଯଶଃ	= ଯଶ	ନିହତାଃ	= ନିହତ ହୋଇ ସାରିଛନ୍ତି ।
ଲଭସ୍ୱ	= ଲାଭ କର (ତଥା)		
ଶତ୍ରୂନ୍	= ଶତ୍ରୁମାନଙ୍କୁ	ସବ୍ୟସାଚିନ୍	= ହେ ସବ୍ୟସାଚୀ! (ତୁମେ ଏମାନଙ୍କୁ ମାରିବାରେ)
ଜିତ୍ୱା	= ଜୟ କରି		
ସମୃଦ୍ଧମ୍	= ଧନଧାନ୍ୟ ସମୃଦ୍ଧ		
ରାଜ୍ୟମ୍	= ରାଜ୍ୟ	ନିମିତ୍ତମାତ୍ରମ୍	= ନିମିତ୍ତମାତ୍ର
ଭୁଙ୍‌କ୍ଷ୍ୱ	= ଭୋଗ କର ।	ଭବ	= ହୁଅ ।

ଦ୍ରୋଣଂ ଚ ଭୀଷ୍ମଂ ଚ ଜୟଦ୍ରଥଂ ଚ
କର୍ଣ୍ଣଂ ତଥାନ୍ୟାନପି ଯୋଧବୀରାନ୍ ।
ମୟା ହତାଂସ୍ତ୍ୱଂ ଜହି ମା ବ୍ୟଥିଷ୍ଠା-
ଯୁଧ୍ୟସ୍ୱ ଜେତାସି ରଣେ ସପତ୍ନାନ୍ ॥ ୩୪ ॥

ଦ୍ରୋଣମ୍	= ଦ୍ରୋଣ	ଅପି	= ମଧ୍ୟ
ଚ	= ଓ	ତ୍ୱମ୍	= ତୁମେ
ଭୀଷ୍ମମ୍	= ଭୀଷ୍ମ	ଜହି	= ମାର ।
ଚ	= ତଥା	ମା, ବ୍ୟଥିଷ୍ଠାଃ	= (ତୁମେ) ବ୍ୟଥିତ ହୁଅ ନାହିଁ,
ଜୟଦ୍ରଥମ୍	= ଜୟଦ୍ରଥ		
ଚ	= ଓ		
କର୍ଣ୍ଣମ୍	= କର୍ଣ୍ଣଙ୍କୁ	ଯୁଧ୍ୟସ୍ୱ	= ଯୁଦ୍ଧ କର ।
ତଥା	= ତଥା	ରଣେ	= ଯୁଦ୍ଧରେ (ତୁମେ ନିଃସନ୍ଦେହରେ)
ମୟା	= ମୋ ଦ୍ୱାରା		
ହତାନ୍	= ନିହତ		
ଅନ୍ୟାନ୍, ଯୋଧବୀରାନ୍	= ଅନ୍ୟ ଶୂରବୀରମାନଙ୍କୁ	ସପତ୍ନାନ୍	= ଶତ୍ରୁମାନଙ୍କୁ
		ଜେତାସି	= ଜୟ କରିବ ।

ସଞ୍ଜୟ ଉବାଚ

ଏତଚ୍ଛ୍ରୁତ୍ୱା ବଚନଂ କେଶବସ୍ୟ
କୃତାଞ୍ଜଳିର୍ବେପମାନଃ କିରୀଟୀ ।

ନମସ୍କୃତ୍ୱା ଭୂୟ ଏବାହ କୃଷ୍ଣଂ-
ସଗଦ୍‌ଗଦଂ ଭୀତଭୀତଃ ପ୍ରଣମ୍ୟ ॥ ୩୫ ॥

ସଞ୍ଜୟ କହିଲେ—

କେଶବସ୍ୟ	= ଭଗବାନ କେଶବଙ୍କର	ନମସ୍କୃତ୍ୱା	= ନମସ୍କାର କରି (ଏବଂ)
ଏତତ୍	= ଏହି	ଭୀତଭୀତଃ, ଏବ	= ଭୟଭୀତ ହୋଇଥିଲେହେଁ
ବଚନମ୍	= ବଚନ		
ଶ୍ରୁତ୍ୱା	= ଶୁଣି	ଭୂୟଃ	= ପୁନଶ୍ଚ
ବେପମାନଃ	= (ଭୟରେ) ଥରହର	ପ୍ରଣମ୍ୟ	= ପ୍ରଣାମ କରି
		ସଗଦ୍‌ଗଦମ୍	= ସଗଦ୍‌ଗଦ ବାଣୀରେ
କିରୀଟୀ	= କିରୀଟଧାରୀ ଅର୍ଜୁନ	କୃଷ୍ଣମ୍	= ଭଗବାନ କୃଷ୍ଣଙ୍କୁ
କୃତାଞ୍ଜଳିଃ	= ଯୋଡ଼ହସ୍ତପୂର୍ବକ	ଆହ	= କହିଲେ ।

ଅର୍ଜୁନ ଉବାଚ

ସ୍ଥାନେ ହୃଷୀକେଶ ତବ ପ୍ରକୀର୍ତ୍ତ୍ୟା
ଜଗତ୍ ପ୍ରହୃଷ୍ୟତ୍ୟନୁରଜ୍ୟତେ ଚ ।
ରକ୍ଷାଂସି ଭୀତାନି ଦିଶୋ ଦ୍ରବନ୍ତି
ସର୍ବେ ନମସ୍ୟନ୍ତି ଚ ସିଦ୍ଧସଙ୍ଘାଃ ॥ ୩୬ ॥

ଅର୍ଜୁନ କହିଲେ—

ହୃଷୀକେଶ	= ହେ ଅନ୍ତର୍ଯାମୀ ଭଗବନ୍!	ରକ୍ଷାଂସି	= ରାକ୍ଷସମାନେ
		ଦିଶଃ	= ଦଶଦିଗକୁ
ତବ	= ଆପଣଙ୍କର	ଦ୍ରବନ୍ତି	= ପଳାୟନ କରୁଛନ୍ତି
ପ୍ରକୀର୍ତ୍ତ୍ୟା	= (ନାମ, ଗୁଣ ଓ ଲୀଳା) କୀର୍ତ୍ତନ କରିବାରୁ	ଚ	= ଏବଂ
		ସର୍ବେ	= ସମସ୍ତ
ଜଗତ୍	= ସମଗ୍ର ଜଗତ	ସିଦ୍ଧସଙ୍ଘାଃ	= ସିଦ୍ଧଗଣ
ପ୍ରହୃଷ୍ୟତି	= ହର୍ଷିତ ହେଉଛି	ନମସ୍ୟନ୍ତି	= ଆପଣଙ୍କୁ ନମସ୍କାର କରୁଛନ୍ତି ।
ଚ	= ଏବଂ		
ଅନୁରଜ୍ୟତେ	= ଅନୁରାଗ ମଧ୍ୟ ପ୍ରାପ୍ତ ହେଉଛି ।		
ଭୀତାନି	= (ଆପଣଙ୍କ ନାମ, ଗୁଣାଦି କୀର୍ତ୍ତନ ଦ୍ୱାରା) ଭୟଭୀତ ହୋଇ	ସ୍ଥାନେ	= ଏସବୁ ହେବା ଯଥାର୍ଥ ମଧ୍ୟ ।

କସ୍ମାଚ୍ଚ ତେ ନ ନମେରନ୍ମହାତ୍ମନ୍
ଗରୀୟସେ ବ୍ରହ୍ମଣୋଽପ୍ୟାଦିକର୍ତ୍ତ୍ରେ ।
ଅନନ୍ତ ଦେବେଶ ଜଗନ୍ନିବାସ
ତ୍ୱମକ୍ଷରଂ ସଦସତ୍ତତ୍ପରଂ ଯତ୍ ॥ ୩୭ ॥

ମହାତ୍ମନ୍	= [ହେ ମହାତ୍ମନ୍! (ଆପଣ)	ଅନନ୍ତ	= [(କାରଣ) ହେ ଅନନ୍ତ!
ଗରୀୟସେ	= [ଗୁରୁମାନଙ୍କର ଗୁରୁ	ଦେବେଶ	= ହେ ଦେବେଶ!
		ଜଗନ୍ନିବାସ	= ହେ ଜଗନ୍ନିବାସ!
ଚ	= ଓ	ତ୍ୱମ୍	= ଆପଣ
ବ୍ରହ୍ମଣଃ	= ବ୍ରହ୍ମାଙ୍କର	ଅକ୍ଷରମ୍	= ଅକ୍ଷରସ୍ୱରୂପ;
ଅପି	= ମଧ୍ୟ	ସତ୍	= [(ଆପଣ ହିଁ) ସତ୍ (ଓ)
ଆଦିକର୍ତ୍ତ୍ରେ	= ଆଦିକର୍ତ୍ତା ।		
ତେ	= [ଆପଣଙ୍କୁ (ସେହି ସିଦ୍ଧଗଣ)	ଅସତ୍	= ଅସତ୍; (ଏବଂ)
		ତତ୍ପରମ୍	= ତା'ଠାରୁ ଉର୍ଦ୍ଧ୍ୱରେ
କସ୍ମାତ୍, ନ, ନମେରନ୍	= [କାହିଁକି ବା ନମସ୍କାର ନ କରିବେ?	ଯତ୍	= [ଯାହା କିଛି ଅଛି, (ତାହା ମଧ୍ୟ ଆପଣ) ।

ତ୍ୱମାଦିଦେବଃ ପୁରୁଷଃ ପୁରାଣ-
ସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।
ବେତ୍ତାସି ବେଦ୍ୟଂ ଚ ପରଂ ଚ ଧାମ
ତ୍ୱୟା ତତଂ ବିଶ୍ୱମନନ୍ତରୂପ ॥ ୩୮ ॥

ତ୍ୱମ୍	= ଆପଣ (ହିଁ)	ପୁରାଣଃ	= ପୁରାଣ
ଆଦିଦେବଃ	= ଆଦିଦେବ	ପୁରୁଷଃ	= ପୁରୁଷ (ତଥା)
ଚ	= ଓ	ତ୍ୱମ୍	= ଆପଣ (ହିଁ)

ଅସ୍ୟ	= ଏହି	ଚ	= ଓ
ବିଶ୍ୱସ୍ୟ	= ସଂସାରର	ପରମ୍, ଧାମ	= ପରମଧାମ
ପରମ୍	= ପରମ	ଅସି	= ଅଟନ୍ତି ।
ନିଧାନମ୍	= ଆଶ୍ରୟ ।	ଅନନ୍ତରୂପ	= ହେ ଅନନ୍ତରୂପ!
ବେତ୍ତା	= [(ଆପଣ ହିଁ) ସମସ୍ତଙ୍କର ଜ୍ଞାତା,	ତ୍ୱୟା	= ଆପଣଙ୍କ ଦ୍ୱାରା (ହିଁ)
		ବିଶ୍ୱମ୍	= ସମଗ୍ର ସଂସାର
ବେଦ୍ୟମ୍	= ଜ୍ଞେୟ	ତତମ୍	= ପରିବ୍ୟାପ୍ତ ।

ବାୟୁର୍ଯମୋଽଗ୍ନିର୍ବରୁଣଃ ଶଶାଙ୍କଃ
ପ୍ରଜାପତିସ୍ତ୍ୱଂ ପ୍ରପିତାମହଶ୍ଚ ।
ନମୋ ନମସ୍ତେଽସ୍ତୁ ସହସ୍ରକୃତ୍ୱଃ
ପୁନଶ୍ଚ ଭୂୟୋଽପି ନମୋ ନମସ୍ତେ ॥ ୩୯ ॥

ତ୍ୱମ୍	= ଆପଣ ହିଁ	ପ୍ରପିତାମହଃ	= [ପ୍ରପିତାମହ (ବ୍ରହ୍ମାଙ୍କର ମଧ୍ୟ ପିତା) ।
ବାୟୁଃ	= ବାୟୁ,		
ଯମଃ	= ଯମରାଜ,	ତେ	= ଆପଣଙ୍କୁ
ଅଗ୍ନିଃ	= ଅଗ୍ନି,	ସହସ୍ରକୃତ୍ୱଃ	= ହଜାରବାର
ବରୁଣଃ	= ବରୁଣ,	ନମଃ, ଅସ୍ତୁ	= ନମସ୍କାର!
ଶଶାଙ୍କଃ	= ଚନ୍ଦ୍ର,	ନମଃ	= ନମସ୍କାର!!
ପ୍ରଜାପତିଃ	= [ଦକ୍ଷାଦି ପ୍ରଜାପତି	ଚ	= ଏବଂ
		ପୁନଃ	= ଆହୁରି
ଚ	= ଓ	ଅପି	= ମଧ୍ୟ

ତେ	= ଆପଣଙ୍କୁ	ନମଃ	= ନମସ୍କାର!
ଭୂୟଃ	= ବାରମ୍ବାର	ନମଃ	= ନମସ୍କାର!!

ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ
ନମୋଽସ୍ତୁ ତେ ସର୍ବତ ଏବ ସର୍ବ ।
ଅନନ୍ତବୀର୍ଯ୍ୟାମିତବିକ୍ରମସ୍ତ୍ୱଂ-
ସର୍ବଂ ସମାପ୍ନୋଷି ତତୋଽସି ସର୍ବଃ ॥ ୪୦ ॥

ସର୍ବ	= ହେ ସର୍ବସ୍ୱରୂପ!	ନମଃ, ଅସ୍ତୁ	= ନମସ୍କାର!
ତେ	= ଆପଣଙ୍କୁ	ଅନନ୍ତବୀର୍ଯ୍ୟ	= ହେ ଅନନ୍ତବୀର୍ଯ୍ୟ!
ପୁରସ୍ତାତ୍	= ଆଗପଟରୁ	ଅମିତବିକ୍ରମଃ	= ଅମିତବିକ୍ରମଶାଳୀ
ନମଃ	= ନମସ୍କାର	ତ୍ୱମ୍	= ଆପଣ
ଅଥ	= ଓ	ସର୍ବମ୍	= ସମସ୍ତଙ୍କୁ
ପୃଷ୍ଠତଃ	= ପଛପଟରୁ (ନମସ୍କାର)!	ସମାପ୍ନୋଷି	= ସମାବେଶିତ କରି ରଖିଛନ୍ତି;
ତେ	= ଆପଣଙ୍କୁ	ତତଃ	= ତେଣୁ
ସର୍ବତଃ	= ସବୁଆଡୁ	ସର୍ବଃ, ଅସି	= ଆପଣ ହିଁ ସବୁକିଛି ।
ଏବ	= ହିଁ		

ସଖେତି ମତ୍ୱା ପ୍ରସଭଂ ଯଦୁକ୍ତଂ-
ହେ କୃଷ୍ଣ ହେ ଯାଦବ ହେ ସଖେତି ।

ଅଜାନତା ମହିମାନଂ ତବେଦଂ-
ମୟା ପ୍ରମାଦାତ୍ ପ୍ରଣୟେନ ବାପି ॥ ୪୧ ॥
ଯଚ୍ଚାବହାସାର୍ଥମସତ୍କୃତୋଽସି
ବିହାରଶଯ୍ୟାସନଭୋଜନେଷୁ ।
ଏକୋଽଥବାପ୍ୟଚ୍ୟୁତ ତତ୍ସମକ୍ଷଂ-
ତତ୍କ୍ଷାମୟେ ତ୍ୱାମହମପ୍ରମେୟମ୍ ॥ ୪୨ ॥

ତବ	=	ଆପଣଙ୍କର	ହେ, ଯାଦବ	=	ହେ ଯାଦବ!
ଇଦମ୍	=	ଏହି	ହେ, ସଖେ	=	ହେ ସଖା!'
ମହିମାନମ୍	=	ମହିମା	ଇତି	=	ଏହିଭଳି
ଅଜାନତା	=	ନ ଜାଣି,	ଯତ୍	=	ଯାହା କିଛି
ସଖା	=	ଆପଣ ମୋର ସଖା	ଉକ୍ତମ୍	=	କହିଛି;
ଇତି	=	ବୋଲି	ଚ	=	ଏବଂ
ମତ୍ୱା	=	ମନେକରି	ଅଚ୍ୟୁତ	=	ହେ ଅଚ୍ୟୁତ!
ମୟା	=	ମୁଁ	ଅବହାସାର୍ଥମ୍	=	ଥଟ୍ଟା ମଜାରେ
ପ୍ରମାଦାତ୍	=	ପ୍ରମାଦବଶତଃ	ବିହାର-ଶଯ୍ୟାସନ-ଭୋଜନେଷୁ	=	ଗ୍ଭଲିବା-ବୁଲିବା, ଶୋଇବା-ଜାଗିବା, ଉଠିବା-ବସିବା, ଖାଇବା-ପିଇବା ସମୟରେ;
ବା	=	ଅଥବା			
ପ୍ରଣୟେନ	=	ପ୍ରେମାବେଶରେ			
ଅପି	=	ମଧ୍ୟ			
ପ୍ରସଭମ୍	=	ହଠପୂର୍ବକ (ନିର୍ବିଘ୍ନରରେ)	ଏକଃ	=	ଏକୁଟିଆ
ହେ, କୃଷ୍ଣ	=	'ହେ କୃଷ୍ଣ!	ଅଥବା	=	କିଂବା

ତ୍ୱତ୍‌ସମକ୍ଷମ୍	= ସେହି ସଖା, କୁଟୁମ୍ବ ଆଦିଙ୍କ ସମ୍ମୁଖରେ	ଅପ୍ରମେୟମ୍	= ହେ ଅପ୍ରମେୟସ୍ୱରୂପ!
ଯତ୍	= (ମୋ ଦ୍ୱାରା ଆପଣଙ୍କୁ) ଯାହା କିଛି	ତତ୍	= ସେସବୁ ପାଇଁ
		ତ୍ୱାମ୍	= ଆପଣଙ୍କ ନିକଟରେ
		ଅହମ୍	= ମୁଁ
ଅସତ୍କୃତଃ, ଅସି	= ତିରସ୍କାର କରାଯାଇଛି,	କ୍ଷାମୟେ	= କ୍ଷମା ଭିକ୍ଷା କରୁଛି ।

ପିତାସି ଲୋକସ୍ୟ ଚରାଚରସ୍ୟ
ତ୍ୱମସ୍ୟ ପୂଜ୍ୟଶ୍ଚ ଗୁରୁର୍ଗରୀୟାନ୍ ।
ନ ତ୍ୱତ୍ସମୋଽସ୍ତ୍ୟଭ୍ୟଧିକଃ କୁତୋଽନ୍ୟୋ-
ଲୋକତ୍ରୟେଽପ୍ୟପ୍ରତିମପ୍ରଭାବ ॥ ୪୩ ॥

ତ୍ୱମ୍	= ଆପଣ (ହିଁ)	ଗରୀୟାନ୍	= ଗୁରୁମାନଙ୍କର
ଅସ୍ୟ	= ଏହି	ଗୁରୁଃ	= ମହାନ୍ ଗୁରୁ ।
ଚରାଚରସ୍ୟ	= ଚରାଚର	ଅପ୍ରତିମପ୍ରଭାବ	= ହେ ଅନନ୍ତ ପ୍ରଭାବଶାଳୀ ଭଗବନ୍!
ଲୋକସ୍ୟ	= ଜଗତର		
ପିତା, ଅସି	= ପିତା,		
ପୂଜ୍ୟଃ	= (ଆପଣ ହିଁ) ପୂଜନୀୟ	ଲୋକତ୍ରୟେ	= ତ୍ରିଭୁବନରେ
		ତ୍ୱତ୍ସମଃ	= ଆପଣଙ୍କ ସମାନ
ଚ	= ଏବଂ	ଅପି	= ମଧ୍ୟ

ଅନ୍ୟଃ = ଆଉ କେହି
ନ, ଅସ୍ତି = ନାହିଁ, (ପୁଣି ଆପଣଙ୍କ ଠାରୁ)
ଅଭ୍ୟଧିକଃ = ଅଧିକ
କୁତଃ = କିଏ ବା ହୋଇ ପାରିବ!

ତସ୍ମାତ୍ ପ୍ରଣମ୍ୟ ପ୍ରଣିଧାୟ କାୟଂ-
ପ୍ରସାଦୟେ ତ୍ୱାମହମୀଶମୀଡ୍ୟମ୍ ।
ପିତେବ ପୁତ୍ରସ୍ୟ ସଖେବ ସଖ୍ୟୁଃ
ପ୍ରିୟଃ ପ୍ରିୟାୟାର୍ହସି ଦେବ ସୋଢୁମ୍ ॥ ୪୪॥

ତସ୍ମାତ୍ = ତେଣୁ
ଈଡ୍ୟମ୍ = ସ୍ତବନୀୟ
ଈଶମ୍ = ପରମେଶ୍ୱର
ତ୍ୱାମ୍ = ଆପଣଙ୍କୁ
ଅହମ୍ = ମୁଁ
କାୟମ୍ = ଶରୀରରେ
ପ୍ରଣିଧାୟ = ଦଣ୍ଡବତ୍
ପ୍ରଣମ୍ୟ = ପ୍ରଣାମ କରି
ପ୍ରସାଦୟେ = ପ୍ରସନ୍ନ କରିବାକୁ ଚାହୁଁଛି ।
ପିତା = ପିତା
ଇବ = ଯେପରି
ପୁତ୍ରସ୍ୟ = ପୁତ୍ରର,
ସଖା = ମିତ୍ର
ଇବ = ଯେପରି
ସଖ୍ୟୁଃ = ମିତ୍ରର (ଓ)
ପ୍ରିୟଃ = ପତି (ଯେପରି)
ପ୍ରିୟାୟ = ପତ୍ନୀର (ଅପମାନକୁ ସହ୍ୟ କରି ନିଅନ୍ତି),
ଦେବ = (ସେହିପରି) ହେ ଦେବ! (ଆପଣ ମୋ ଦ୍ୱାରା କରାଯାଇଥିବା ଅପମାନକୁ)
ସୋଢୁମ୍ = ସହ୍ୟ କରିବାରେ ଅର୍ଥାତ୍ କ୍ଷମା କରିବାରେ
ଅର୍ହସି = ସମର୍ଥ ।

ଅଦୃଷ୍ଟପୂର୍ବଂ ହୃଷିତୋଽସ୍ମି ଦୃଷ୍ଟ୍ୱା
ଭୟେନ ଚ ପ୍ରବ୍ୟଥିତଂ ମନୋ ମେ ।
ତଦେବ ମେ ଦର୍ଶୟ ଦେବରୂପଂ-
ପ୍ରସୀଦ ଦେବେଶ ଜଗନ୍ନିବାସ ॥ ୪୫ ॥

ଅଦୃଷ୍ଟପୂର୍ବମ୍	= ଯେଉଁ ରୂପ ମୁଁ ଆଗରୁ କେବେ ଦେଖି ନ ଥିଲି, ତାହା
ଦୃଷ୍ଟ୍ୱା	= ଦେଖି (ମୁଁ)
ହୃଷିତଃ	= ହର୍ଷିତ
ଅସ୍ମି	= ହେଉଛି
ଚ	= ଏବଂ (ତତ୍‌ସହିତ)
ଭୟେନ	= ଭୟରେ
ମେ	= ମୋର
ମନଃ	= ମନ
ପ୍ରବ୍ୟଥିତମ୍	= ଅତ୍ୟନ୍ତ ବ୍ୟଥିତ ହେଉଛି । (ତେଣୁ ଆପଣ)
ମେ	= ମୋତେ (ଆପଣଙ୍କର)
ତତ୍, ଏବ	= ସେହି
ଦେବରୂପମ୍	= ଦେବରୂପ (ସୌମ୍ୟ ବିଷ୍ଣୁରୂପ)
ଦର୍ଶୟ	= ଦର୍ଶନ କରାନ୍ତୁ ।
ଦେବେଶ	= ହେ ଦେବେଶ!
ଜଗନ୍ନିବାସ	= ହେ ଜଗନ୍ନିବାସ! (ଆପଣ)
ପ୍ରସୀଦ	= ପ୍ରସନ୍ନ ହୋଇଯାଆନ୍ତୁ ।

କିରୀଟିନଂ ଗଦିନଂ ଚକ୍ରହସ୍ତ-
ମିଚ୍ଛାମି ତ୍ୱାଂ ଦ୍ରଷ୍ଟୁମହଂ ତଥୈବ ।

ତେନୈବ ରୂପେଣ ଚତୁର୍ଭୁଜେନ
ସହସ୍ରବାହୋ ଭବ ବିଶ୍ୱମୂର୍ତ୍ତେ ॥ ୪୬ ॥

ଅହମ୍	= ମୁଁ
ତ୍ୱାମ୍	= ଆପଣଙ୍କୁ
ତଥା, ଏବ	= ସେହିପରି
କିରୀଟିନମ୍	= କିରୀଟଧାରୀ,
ଗଦିନମ୍	= ଗଦାଧାରୀ (ଓ)
ଚକ୍ରହସ୍ତମ୍	= ଚକ୍ରଧାରୀ ରୂପରେ ଅର୍ଥାତ୍ ଚତୁର୍ଭୁଜ ରୂପରେ
ଦ୍ରଷ୍ଟୁମ୍	= ଦେଖିବାକୁ
ଇଚ୍ଛାମି	= ଚାହୁଁଛି । (ତେଣୁ)
ସହସ୍ରବାହୋ	= ହେ ସହସ୍ରବାହୁ!
ବିଶ୍ୱମୂର୍ତ୍ତେ	= ହେ ବିଶ୍ୱମୂର୍ତ୍ତି! (ଆପଣ)
ତେନ, ଏବ*	= ସେହି
ଚତୁର୍ଭୁଜେନ, ରୂପେଣ	= ଚତୁର୍ଭୁଜ ରୂପ
ଭବ	= ଧାରଣ କରନ୍ତୁ ।

---

* ଇଦମସ୍ତୁ ସନ୍ନିକୃଷ୍ଟେ ସମୀପତରବର୍ତ୍ତି ଚୈତଦୋ ରୂପମ୍ । ଅଦସସ୍ତୁ ବିପ୍ରକୃଷ୍ଟେ ତଦିତି ପରୋକ୍ଷେ ବିଜାନୀୟାତ୍ ।।

—ଏହି ଉକ୍ତି ଅନୁସାରେ 'ଇଦମ୍' ଶବ୍ଦ ସମୀପର ବାଚକ ଏବଂ 'ଏତତ୍' ଶବ୍ଦ ଅତ୍ୟନ୍ତ ସମୀପର ବାଚକ, 'ଅଦସ୍' ଶବ୍ଦ ଦୂରର ବାଚକ ଓ 'ତତ୍' ଶବ୍ଦ ପରୋକ୍ଷର ବାଚକ । ବିଶ୍ୱରୂପ ପାଇଁ ଏହି ଶବ୍ଦଗୁଡ଼ିକ ପ୍ରୟୋଗ କରାଯାଇଛି; ଯଥା—ବିଶ୍ୱରୂପ ସମୀପରେ ଥିବାରୁ ଅର୍ଜୁନ ୧୮ଶ ଓ ୧୯ଶ ଶ୍ଳୋକରେ 'ଇଦମ୍' ଶବ୍ଦ ପ୍ରୟୋଗ କରିଛନ୍ତି; ଭୀଷ୍ମ, ଦ୍ରୋଣ ପ୍ରଭୃତି ବିଶ୍ୱରୂପ ଭଗବାନଙ୍କର ଅତ୍ୟନ୍ତ ନିକଟରେ ଥିବାରୁ ଅର୍ଥାତ୍ ବିଶ୍ୱରୂପର ଅଙ୍ଗ ହୋଇଥିବାରୁ ଭଗବାନ ୩୩ଶ ଶ୍ଳୋକରେ 'ଏତତ୍' ଶବ୍ଦ ପ୍ରୟୋଗ କରିଛନ୍ତି; ଭଗବଦ୍‌ପ୍ରଦତ୍ତ ଦିବ୍ୟ ଦୃଷ୍ଟି ଦ୍ୱାରା ବିଶ୍ୱରୂପ ଅନେକ ଦୂର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିବାର ଦୃଷ୍ଟିଗୋଚର

ଶ୍ରୀଭଗବାନୁବାଚ

ମୟା ପ୍ରସନ୍ନେନ ତବାର୍ଜୁନେଦଂ-
ରୂପଂ ପରଂ ଦର୍ଶିତମାତ୍ମଯୋଗାତ୍ ।
ତେଜୋମୟଂ ବିଶ୍ୱମନନ୍ତମାଦ୍ୟଂ-
ଯନ୍ମେ ତ୍ୱଦନ୍ୟେନ ନ ଦୃଷ୍ଟପୂର୍ବମ୍ ॥ ୪୭ ॥

ଶ୍ରୀଭଗବାନ କହିଲେ–

ଅର୍ଜୁନ	= ହେ ଅର୍ଜୁନ!	**ପରମ୍**	= ଅତ୍ୟନ୍ତ ଶ୍ରେଷ୍ଠ,
ମୟା	= ମୁଁ	**ତେଜୋମୟମ୍**	= ତେଜୋମୟ
ପ୍ରସନ୍ନେନ	= ପ୍ରସନ୍ନ ହୋଇ	**ଆଦ୍ୟମ୍**	= ସମସ୍ତଙ୍କର ଆଦି (ଓ)
ଆତ୍ମଯୋଗାତ୍	= ନିଜର ସାମର୍ଥ୍ୟ ଦ୍ୱାରା	**ଅନନ୍ତମ୍**	= ଅନନ୍ତ
		ବିଶ୍ୱମ୍, ରୂପମ୍	= ବିଶ୍ୱରୂପ
ମେ	= ମୋର	**ତବ**	= ତୁମକୁ
ଇଦମ୍	= ଏହି	**ଦର୍ଶିତମ୍**	= ଦେଖାଇଲି,

ହେଉଥିଲା ଏବଂ ସେଥିରେ ଦେବଗଣ ପ୍ରଭୃତି ମଧ୍ୟ ଅତି ଦୂରରେ ଦେଖାଯାଉଥିଲେ, ତେଣୁ ଅର୍ଜୁନ ୨୧ଶ, ୨୬ଶ ଓ ୨୮ଶ ଶ୍ଳୋକରେ 'ଅଦସ୍' ଶବ୍ଦ ପ୍ରୟୋଗ କରିଛନ୍ତି; ଏବଂ ବିଶ୍ୱରୂପର ପ୍ରଥମ ସ୍ତରରେ ଦେଖାଯାଇଥିବା ଚତୁର୍ଭୁଜ ବିଶିଷ୍ଟ ବିଷ୍ଣୁରୂପ (ବିରାଟରୂପର ସ୍ତର ବଦଳିଯିବାରୁ) ବର୍ତ୍ତମାନ ନେତ୍ର ସମ୍ମୁଖରେ ନ ଥିବାରୁ ଅର୍ଥାତ୍ ତାହା ପରୋକ୍ଷ ହୋଇଥିବାରୁ ଅର୍ଜୁନ 'ତତ୍' ଶବ୍ଦ ପ୍ରୟୋଗ କରିଛନ୍ତି ।

ଯତ୍ = ଯାହା		ନ, ଦୃଷ୍ଟପୂର୍ବମ୍	= [ପୂର୍ବରୁ କେହି ଦେଖି ନ ଥିଲେ ।
ତ୍ୱଦନ୍ୟେନ = ତୁମ ବ୍ୟତୀତ			

ନ ବେଦଯଜ୍ଞାଧ୍ୟୟନୈର୍ନ ଦାନୈ-
ର୍ନ ଚ କ୍ରିୟାଭିର୍ନ ତପୋଭିରୁଗ୍ରୈଃ ।
ଏବଂରୂପଃ ଶକ୍ୟ ଅହଂ ନୃଲୋକେ
ଦ୍ରଷ୍ଟୁଂ ତ୍ୱଦନ୍ୟେନ କୁରୁପ୍ରବୀର ॥ ୪୮ ॥

କୁରୁପ୍ରବୀର = ହେ କୁରୁଶ୍ରେଷ୍ଠ!	ନ = [(ଦେଖାଯାଇ ପାରିବି) ନାହିଁ,
ନୃଲୋକେ = ମନୁଷ୍ୟଲୋକରେ	
ଏବଂରୂପଃ = [ଏହି ପ୍ରକାର ବିଶ୍ୱରୂପଧାରୀ	ଦାନୈଃ = ଦାନ ଦ୍ୱାରା
ଅହମ୍ = ମୁଁ	ନ = [(ଦେଖାଯାଇ ପାରିବି) ନାହିଁ,
ବେଦଯଜ୍ଞା-ଧ୍ୟୟନୈଃ = [ବେଦପାଠ, ଯଜ୍ଞାନୁଷ୍ଠାନ ଓ ଶାସ୍ତ୍ରାଧ୍ୟୟନ ଦ୍ୱାରା*	ଉଗ୍ରୈଃ = କଠୋର
	ତପୋଭିଃ = ତପସ୍ୟା ଦ୍ୱାରା

* ଯଦି 'ବେଦଯଜ୍ଞାଧ୍ୟୟନୈଃ' ପଦର ଅର୍ଥ 'ବେଦାଧ୍ୟୟନ ଓ ଯଜ୍ଞାନୁଷ୍ଠାନ' ଗ୍ରହଣ କରାଯାଏ, ତା'ହେଲେ ସମସ୍ତ ଶାସ୍ତ୍ର ବେଦର ଅନୁଗମନ କରୁଥିବାରୁ ଶାସ୍ତ୍ରାଧ୍ୟୟନ ମଧ୍ୟ ବେଦାଧ୍ୟୟନର ଅନ୍ତର୍ଗତ ହୋଇଯାଉଛି, ତଥାପି ଆହୁରି ସ୍ପଷ୍ଟ କରିବା ପାଇଁ ଏଠାରେ ସ୍ୱତନ୍ତ୍ରଭାବେ ଶାସ୍ତ୍ରାଧ୍ୟୟନ କଥା କୁହାଯାଇଛି ।

ନ	= (ଦେଖାଯାଇ ପାରିବି) ନାହିଁ	ତ୍ୱଦନ୍ୟେନ	= ତୁମଭଳି କୃପାପାତ୍ର ବ୍ୟତୀତ ଅନ୍ୟ କାହା ଦ୍ୱାରା
ଚ	= ଓ		
କ୍ରିୟାଭିଃ	= କୌଣସି କ୍ରିୟା ବଳରେ	ଦ୍ରଷ୍ଟୁମ୍	= ଦେଖାଯାଇ
		ନ, ଶକ୍ୟଃ	= ପାରିବି ନାହିଁ।

ମା ତେ ବ୍ୟଥା ମା ଚ ବିମୂଢ଼ଭାବୋ-
ଦୃଷ୍ଟ୍ୱା ରୂପଂ ଘୋରମୀଦୃଙ୍‌ମମେଦମ୍।
ବ୍ୟପେତଭୀଃ ପ୍ରୀତମନାଃ ପୁନସ୍ତ୍ୱଂ-
ତଦେବ ମେ ରୂପମିଦଂ ପ୍ରପଶ୍ୟ ॥ ୪୯ ॥

ମମ	= ମୋର	ବିମୂଢ଼ଭାବଃ	= (ତୁମଠାରେ) ବିମୂଢ଼ଭାବ (ମଧ୍ୟ)
ଇଦମ୍	= ଏହି		
ଈଦୃଙ୍	= ଏତାଦୃଶ	ମା	= ଆସିବା ଅନୁଚିତ।
ଘୋରମ୍	= ଉଗ୍ର	ବ୍ୟପେତଭୀଃ	= (ଏବେ) ନିର୍ଭୟ (ଓ)
ରୂପମ୍	= ରୂପ		
ଦୃଷ୍ଟ୍ୱା	= ଦେଖି	ପ୍ରୀତମନାଃ	= ପ୍ରସନ୍ନ ମନରେ
ତେ	= ତୁମେ	ତ୍ୱମ୍	= ତୁମେ
ବ୍ୟଥା	= ବ୍ୟଥିତ	ପୁନଃ	= ପୁନଶ୍ଚ
ମା	= ହେବା ଅନୁଚିତ	ତତ୍, ଏବ	= ସେହି
ଚ	= ଏବଂ	ମେ	= ମୋର

ଇଦମ୍	= ଏହି (ଚତୁର୍ଭୁଜ)	ପ୍ରପଶ୍ୟ	= ଭଲଭାବେ ଦର୍ଶନ କର ।
ରୂପମ୍	= ରୂପକୁ		

ସଞ୍ଜୟ ଉବାଚ

ଇତ୍ୟର୍ଜୁନଂ ବାସୁଦେବସ୍ତଥୋକ୍ତ୍ୱା
ସ୍ୱକଂ ରୂପଂ ଦର୍ଶୟାମାସ ଭୂୟଃ ।
ଆଶ୍ୱାସୟାମାସ ଚ ଭୀତମେନଂ-
ଭୂତ୍ୱା ପୁନଃ ସୌମ୍ୟବପୁର୍ମହାତ୍ମା ॥ ୫୦ ॥

ସଞ୍ଜୟ କହିଲେ—

ବାସୁଦେବଃ	= ଭଗବାନ ବାସୁଦେବ	ଚ	= ଏବଂ
ଅର୍ଜୁନମ୍	= ଅର୍ଜୁନଙ୍କୁ	ମହାତ୍ମା	= ମହାତ୍ମା ଶ୍ରୀକୃଷ୍ଣ
ଇତି	= ଏପରି	ପୁନଃ	= ପୁନର୍ବାର
ଉକ୍ତ୍ୱା	= କହି	ସୌମ୍ୟବପୁଃ	= ସୌମ୍ୟରୂପ (ଦ୍ୱିଭୁଜରୂପ)
ଭୂୟଃ	= ପୁନଶ୍ଚ	ଭୂତ୍ୱା	= ଧାରଣ କରି
ସ୍ୱକମ୍	= ନିଜର	ଏନମ୍	= ଏହି
ତଥା	= ସେହିପରି	ଭୀତମ୍	= ଭୟଭୀତ ଅର୍ଜୁନଙ୍କୁ
ରୂପମ୍	= ରୂପ (ଦେବରୂପ)		
ଦର୍ଶୟାମାସ	= ଦେଖାଇଲେ	ଆଶ୍ୱାସୟାମାସ	= ସାନ୍ତ୍ୱନା ଦେଲେ ।

ଅର୍ଜୁନ ଉବାଚ

ଦୃଷ୍ଟ୍ୱେଦଂ ମାନୁଷଂ ରୂପଂ ତବ ସୌମ୍ୟଂ ଜନାର୍ଦନ ।
ଇଦାନୀମସ୍ମି ସଂବୃତ୍ତଃ ସଚେତାଃ ପ୍ରକୃତିଂ ଗତଃ ॥ ୫୧ ॥

ଅର୍ଜୁନ କହିଲେ—

ଜନାର୍ଦନ	= ହେ ଜନାର୍ଦନ!	**ଇଦାନୀମ୍**	= ଏବେ
ତବ	= ଆପଣଙ୍କର	**ସଚେତାଃ**	= ସ୍ଥିରଚିତ୍ତ
ଇଦମ୍	= ଏହି	**ସଂବୃତ୍ତଃ, ଅସ୍ମି**	= ହେଲି (ଏବଂ)
ସୌମ୍ୟମ୍	= ସୌମ୍ୟ		
ମାନୁଷମ୍	= ମନୁଷ୍ୟ	**ପ୍ରକୃତିମ୍**	= ନିଜର ସ୍ୱାଭାବିକ ସ୍ଥିତି
ରୂପମ୍	= ରୂପ		
ଦୃଷ୍ଟ୍ୱା	= ଦର୍ଶନ କରି (ମୁଁ)	**ଗତଃ**	= ପ୍ରାପ୍ତ ହେଲି ।

ଶ୍ରୀଭଗବାନୁବାଚ

ସୁଦୁର୍ଦର୍ଶମିଦଂ ରୂପଂ ଦୃଷ୍ଟବାନସି ଯନ୍ମମ ।
ଦେବା ଅପ୍ୟସ୍ୟ ରୂପସ୍ୟ ନିତ୍ୟଂ ଦର୍ଶନକାଂକ୍ଷିଣଃ ॥ ୫୨ ॥

ଶ୍ରୀଭଗବାନ କହିଲେ—

ମମ	= (ତୁମେ) ମୋର	**ଦୃଷ୍ଟବାନ୍, ଅସି**	= ଦର୍ଶନ କଲ,
ଇଦମ୍	= ଏ		
ଯତ୍	= ଯେଉଁ	**ସୁଦୁର୍ଦର୍ଶମ୍**	= ଏହାର ଦର୍ଶନ ଅତ୍ୟନ୍ତ ଦୁର୍ଲଭ ।
ରୂପମ୍	= (ଚତୁର୍ଭୁଜ) ରୂପ		

ଦେବାଃ	= ଦେବତାମାନେ	ରୂପସ୍ୟ	= ରୂପର
ଅପି	= ମଧ୍ୟ	ନିତ୍ୟମ୍, ଦର୍ଶନ-କାଙ୍କ୍ଷିଣଃ	= ଦର୍ଶନପାଇଁ ସର୍ବଦା ଲାଳାୟିତ ।
ଅସ୍ୟ	= ଏହି		

ନାହଂ ବେଦୈର୍ନ ତପସା ନ ଦାନେନ ନ ଚେଜ୍ୟୟା ।
ଶକ୍ୟ ଏବଂବିଧୋ ଦ୍ରଷ୍ଟୁଂ ଦୃଷ୍ଟବାନସି ମାଂ ଯଥା ॥ ୫୩ ॥

ମାମ୍	= (ତୁମେ) ମୋତେ	ନ	= (ଦେଖାଯାଇ ପାରିବି) ନାହିଁ,
ଯଥା	= ଯେଉଁପରି	ଦାନେନ	= ଦାନ ଦ୍ୱାରା
ଦୃଷ୍ଟବାନ୍, ଅସି	= ଦେଖିଲ,	ନ	= (ଦେଖାଯାଇ ପାରିବି) ନାହିଁ
ଏବଂବିଧଃ	= ଏହି ପ୍ରକାରେ	ଚ	= ଓ
ଅହମ୍	= (ଚତୁର୍ଭୁଜଧାରୀ) ମୁଁ	ଇଜ୍ୟୟା	= ଯଜ୍ଞ ଦ୍ୱାରା
ବେଦୈଃ	= ବେଦ ଦ୍ୱାରା	ଦ୍ରଷ୍ଟୁମ୍	= ଦେଖାଯାଇ
ନ	= (ଦେଖାଯାଇ ପାରିବି) ନାହିଁ,	ନ, ଶକ୍ୟଃ	= ପାରିବି ନାହିଁ ।
ତପସା	= ତପ ଦ୍ୱାରା		

ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବଂବିଧୋଽର୍ଜୁନ ।
ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରନ୍ତପ ॥ ୫୪ ॥

ତୁ	= କିନ୍ତୁ	ଅହମ୍	= (ଚତୁର୍ଭୁଜ ରୂପଧାରୀ) ମୁଁ
ପରନ୍ତପ	= ହେ ଶତ୍ରୁତାପନ		
ଅର୍ଜୁନ	= ଅର୍ଜୁନ!	ଅନନ୍ୟୟା, ଭକ୍ତ୍ୟା	= (କେବଳ) ଅନନ୍ୟ ଭକ୍ତି ଦ୍ୱାରା
ଏବଂବିଧଃ	= ଏହିପରି		

ତତ୍ତ୍ୱେନ	=	ତତ୍ତ୍ୱତଃ
ଜ୍ଞାତୁମ୍, (ଶକ୍ୟଃ)	=	ଜାଣି ହୋଇପାରେ
ଚ	=	ଓ
ଦ୍ରଷ୍ଟୁମ୍, (ଶକ୍ୟଃ)	=	(ସାକାରରୂପରେ) ଦେଖି ହୋଇପାରେ
ଚ	=	ତଥା
ପ୍ରବେଷ୍ଟୁମ୍	=	ପ୍ରାପ୍ତ
ଶକ୍ୟଃ	=	ହୋଇପାରେ ।

ମତ୍କର୍ମକୃନ୍ମତ୍ପରମୋ ମଦ୍ଭକ୍ତଃ ସଙ୍ଗବର୍ଜିତଃ ।
ନିର୍ବୈରଃ ସର୍ବଭୂତେଷୁ ଯଃ ସ ମାମେତି ପାଣ୍ଡବ ॥ ୫୫ ॥

ପାଣ୍ଡବ	=	ହେ ପାଣ୍ଡବ!
ଯଃ	=	ଯେ
ମତ୍କର୍ମକୃତ୍	=	କେବଳ ମୋ ପାଇଁ କର୍ମ କରେ (ଏବଂ)
ମତ୍ପରମଃ	=	ଯେ ମତ୍ପରାୟଣ,
ମଦ୍ଭକ୍ତଃ	=	ମୋର ପ୍ରେମୀଭକ୍ତ,
ସଙ୍ଗବର୍ଜିତଃ	=	ସର୍ବଥା ଆସକ୍ତିରହିତ (ଓ)
ସର୍ବଭୂତେଷୁ	=	ପ୍ରତ୍ୟେକ ପ୍ରାଣୀଙ୍କ ସହିତ
ନିର୍ବୈରଃ	=	ଶତ୍ରୁତାଶୂନ୍ୟ,
ସଃ	=	ସେହି ଭକ୍ତ
ମାମ୍	=	ମୋତେ
ଏତି	=	ପ୍ରାପ୍ତ ହୁଏ ।

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ ବିଶ୍ୱରୂପଦର୍ଶନଯୋଗୋ ନାମୈକାଦଶୋଽଧ୍ୟାୟଃ ॥ ୧୧ ॥

ଏହି ପ୍ରକାରେ 'ଓଁ, ତତ୍, ସତ୍'—ଏହି ଭଗବନ୍ନାମ ଉଚ୍ଚାରଣପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍ଗୀତୋପନିଷଦ୍ରୂପକ ଶ୍ରୀକୃଷ୍ଣାର୍ଜୁନସଂବାଦରେ 'ବିଶ୍ୱରୂପଦର୍ଶନଯୋଗ' ନାମକ ଏକାଦଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୧୧ ॥

॥ ଓଁ ଶ୍ରୀପରମାତ୍ମନେ ନମଃ ॥

ଅଥ ଦ୍ୱାଦଶୋଽଧ୍ୟାୟଃ

(ଦ୍ୱାଦଶ ଅଧ୍ୟାୟ)

ଅର୍ଜୁନ ଉବାଚ

ଏବଂ ସତତଯୁକ୍ତା ଯେ ଭକ୍ତାସ୍ତ୍ୱାଂ ପର୍ଯ୍ୟୁପାସତେ ।
ଯେ ଚାପ୍ୟକ୍ଷରମବ୍ୟକ୍ତଂ ତେଷାଂ କେ ଯୋଗବିତ୍ତମାଃ ॥ ୧ ॥

ଅର୍ଜୁନ କହିଲେ—

ଯେ	= ଯେଉଁ	**ଚ**	= ଏବଂ
ଭକ୍ତାଃ	= ଭକ୍ତମାନେ	**ଯେ**	= ଯେଉଁମାନେ
ଏବମ୍	= ଏହିପରି (ଏକାଦଶ ଅଧ୍ୟାୟର ୫୫ଶ ଶ୍ଲୋକ ଅନୁସାରେ)	**ଅକ୍ଷରମ୍**	= ଅବିନାଶୀ
		ଅବ୍ୟକ୍ତମ୍	= ନିର୍ଗୁଣ-ନିରାକାରଙ୍କର
		ଅପି	= ହିଁ (ଉପାସନା କରନ୍ତି),
ସତତଯୁକ୍ତାଃ	= ନିରନ୍ତର ଆପଣଙ୍କ ଠାରେ ସଂଲଗ୍ନ ହୋଇ	**ତେଷାମ୍**	= ସେମାନଙ୍କ ମଧ୍ୟରେ
ତ୍ୱାମ୍	= ଆପଣଙ୍କର (ସଗୁଣସାକାରଙ୍କର)	**ଯୋଗବିତ୍ତମାଃ**	= ଉତ୍ତମ ଯୋଗବେତ୍ତା
ପର୍ଯ୍ୟୁପାସତେ	= ଉପାସନା କରନ୍ତି	**କେ**	= କେଉଁମାନେ?

ଶ୍ରୀଭଗବାନୁବାଚ

ମୟ୍ୟାବେଶ୍ୟ ମନୋ ଯେ ମାଂ ନିତ୍ୟଯୁକ୍ତା ଉପାସତେ ।
ଶ୍ରଦ୍ଧୟା ପରୟୋପେତାସ୍ତେ ମେ ଯୁକ୍ତତମା ମତାଃ ॥ ୨ ॥

ଶ୍ରୀଭଗବାନ କହିଲେ—

ମୟି	= ମୋ'ଠାରେ	**ଶ୍ରଦ୍ଧୟା**	= ଶ୍ରଦ୍ଧାରେ
ମନଃ, ଆବେଶ୍ୟ	= ମନୋନିବେଶ-ପୂର୍ବକ	**ଉପେତାଃ**	= ଯୁକ୍ତ ହୋଇ
		ମାମ୍	= ମୋର
ନିତ୍ୟଯୁକ୍ତାଃ	= ନିତ୍ୟ-ନିରନ୍ତର ମୋ ସହିତ ସଂଲଗ୍ନ ହୋଇଥିବା	**ଉପାସତେ**	= ଉପାସନା କରନ୍ତି,
		ମେ	= ମୋ
		ମତାଃ	= ମତରେ
ଯେ	= ଯେଉଁ ଭକ୍ତମାନେ	**ତେ**	= ସେମାନେ
ପରୟା	= ପରମ	**ଯୁକ୍ତତମାଃ**	= ସର୍ବଶ୍ରେଷ୍ଠ ଯୋଗୀ ।

ଯେ ତ୍ୱକ୍ଷରମନିର୍ଦ୍ଦେଶ୍ୟମବ୍ୟକ୍ତଂ ପର୍ଯ୍ୟୁପାସତେ ।
ସର୍ବତ୍ରଗମଚିନ୍ତ୍ୟଂ ଚ କୂଟସ୍ଥମଚଳଂ ଧ୍ରୁବମ୍ ॥ ୩ ॥
ସନ୍ନିୟମ୍ୟେନ୍ଦ୍ରିୟଗ୍ରାମଂ ସର୍ବତ୍ର ସମବୁଦ୍ଧୟଃ ।
ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ ॥ ୪ ॥

ତୁ	= ଏବଂ	**ଯେ**	= ଯେଉଁମାନେ (ନିଜର)

ଇନ୍ଦ୍ରିୟଗ୍ରାମମ୍ = ଇନ୍ଦ୍ରିୟଗଣଙ୍କୁ
ସନ୍ନିୟମ୍ୟ = ଉତ୍ତମରୂପେ ବଶୀଭୂତ କରି
ଅଚିନ୍ତ୍ୟମ୍ = ଅଚିନ୍ତ୍ୟ,
ସର୍ବତ୍ରଗମ୍ = ସର୍ବତ୍ର ପରିପୂର୍ଣ୍ଣ,
ଅନିର୍ଦ୍ଦେଶ୍ୟମ୍ = ଅଦୃଶ୍ୟ,
କୂଟସ୍ଥମ୍ = ନିର୍ବିକାର,
ଅଚଳମ୍ = ଅଚଳ,
ଧ୍ରୁବମ୍ = ଧ୍ରୁବ,
ଅକ୍ଷରମ୍ = ଅକ୍ଷର
ଚ = ଓ
ଅବ୍ୟକ୍ତମ୍ = ଅବ୍ୟକ୍ତର

ପର୍ଯ୍ୟୁପାସତେ = ତତ୍ପରତାପୂର୍ବକ ଉପାସନା କରନ୍ତି,
ସର୍ବଭୂତହିତେ = ପ୍ରାଣୀମାନଙ୍କ ହିତରେ
ରତାଃ = ପ୍ରୀତି ରଖୁଥିବା (ଓ)
ସର୍ବତ୍ର = ସର୍ବତ୍ର
ସମବୁଦ୍ଧୟଃ = ସମବୁଦ୍ଧିସମ୍ପନ୍ନ
ତେ = ସେହି ମନୁଷ୍ୟ
ମାମ୍ = ମୋତେ
ଏବ = ହିଁ
ପ୍ରାପ୍ନୁବନ୍ତି = ପ୍ରାପ୍ତ ହୁଅନ୍ତି ।

କ୍ଲେଶୋଽଧିକତରସ୍ତେଷାମବ୍ୟକ୍ତାସକ୍ତଚେତସାମ୍ ।
ଅବ୍ୟକ୍ତା ହି ଗତିର୍ଦୁଃଖଂ ଦେହବଦ୍ଭିରବାପ୍ୟତେ ॥ ୫ ॥

ଅବ୍ୟକ୍ତାସକ୍ତ-ଚେତସାମ୍ = ଯେଉଁ ସାଧକମାନଙ୍କର ଚିତ୍ତ ଅବ୍ୟକ୍ତ ପ୍ରତି ଆସକ୍ତ,
ତେଷାମ୍ = ସେମାନଙ୍କୁ (ନିଜ ସାଧନାରେ)

କ୍ଲେଶଃ, ଅଧିକତରଃ = ଅଧିକ କ୍ଲେଶ ହୁଏ;
ହି = କାରଣ
ଦେହବଦ୍ଭିଃ = ଦେହାଭିମାନୀଙ୍କ ଦ୍ୱାରା
ଅବ୍ୟକ୍ତା = ଅବ୍ୟକ୍ତ ବିଷୟକ

ଗତିଃ	= ଗତି	ଅବାପ୍ୟତେ	= ପ୍ରାପ୍ତ କରାଯାଏ ।
ଦୁଃଖମ୍	= ବହୁ କଷ୍ଟରେ		

ଯେ ତୁ ସର୍ବାଣି କର୍ମାଣି ମୟି ସନ୍ନ୍ୟସ୍ୟ ମତ୍ପରାଃ ।
ଅନନ୍ୟେନୈବ ଯୋଗେନ ମାଂ ଧ୍ୟାୟନ୍ତ ଉପାସତେ ॥ ୬ ॥

ତୁ	= କିନ୍ତୁ	ଅନନ୍ୟେନ	= ଅନନ୍ୟ
ଯେ	= ଯେଉଁମାନେ	ଯୋଗେନ	= ଯୋଗ(ସମ୍ବନ୍ଧ)ରେ
ସର୍ବାଣି	= ସମସ୍ତ	ମାମ୍	= ମୋତେ
କର୍ମାଣି	= କର୍ମ	ଏବ	= ହିଁ
ମୟି	= ମୋ ନିକଟରେ	ଧ୍ୟାୟନ୍ତଃ	= ଧ୍ୟାନ କରି
ସନ୍ନ୍ୟସ୍ୟ	= ଅର୍ପଣ କରି,	ଉପାସତେ	= (ମୋର) ଉପାସନା କରନ୍ତି—
ମତ୍ପରାଃ	= ମତ୍ପରାୟଣ ହୋଇ (ଓ)		

ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁସଂସାରସାଗରାତ୍ ।
ଭବାମି ନଚିରାତ୍ପାର୍ଥ ମୟ୍ୟାବେଶିତଚେତସାମ୍ ॥ ୭ ॥

ପାର୍ଥ	= ହେ ପାର୍ଥ!	ଅହମ୍	= ମୁଁ
ମୟି	= ମୋ'ଠାରେ	ମୃତ୍ୟୁସଂସାର-ସାଗରାତ୍	= ମୃତ୍ୟୁରୂପକ ସଂସାରସାଗରରୁ
ଆବେଶିତ-ଚେତସାମ୍	= ଚିତ୍ତ ନିବେଶ କରିଥିବା	ନଚିରାତ୍	= ଶୀଘ୍ର
ତେଷାମ୍	= ସେହି ଭକ୍ତମାନଙ୍କ ପାଇଁ	ସମୁଦ୍ଧର୍ତ୍ତା	= ଉଦ୍ଧାର କର୍ତ୍ତା
		ଭବାମି	= ହୋଇଯାଏ ।

ମୟ୍ୟେବ ମନ ଆଧସ୍ୱ ମୟି ବୁଦ୍ଧିଂ ନିବେଶୟ ।
ନିବସିଷ୍ୟସି ମୟ୍ୟେବ ଅତ ଊର୍ଦ୍ଧ୍ୱଂ ନ ସଂଶୟଃ ॥ ୮ ॥

ମୟି	= (ତୁମେ) ମୋ'ଠାରେ
ମନଃ	= ମନ
ଆଧସ୍ୱ	= ସ୍ଥିର କର (ଏବଂ)
ମୟି	= ମୋ'ଠାରେ
ଏବ	= ହିଁ
ବୁଦ୍ଧିମ୍	= ବୁଦ୍ଧି
ନିବେଶୟ	= ନିବେଶ କର;
ଅତଃ, ଊର୍ଦ୍ଧ୍ୱମ୍	= ଏହାପରେ (ତୁମେ)
ମୟି	= ମୋ'ଠାରେ
ଏବ	= ହିଁ
ନିବସିଷ୍ୟସି	= ନିବାସ କରିବ—
ସଂଶୟଃ, ନ	= (ଏଥିରେ) ସଂଶୟ ନାହିଁ ।

ଅଥ ଚିତ୍ତଂ ସମାଧାତୁଂ ନ ଶକ୍ନୋଷି ମୟି ସ୍ଥିରମ୍ ।
ଅଭ୍ୟାସଯୋଗେନ ତତୋ ମାମିଚ୍ଛାପ୍ତୁଂ ଧନଞ୍ଜୟ ॥ ୯ ॥

ଅଥ	= ଯଦି
ଚିତ୍ତମ୍	= ମନକୁ
ମୟି	= ମୋ'ଠାରେ
ସ୍ଥିରମ୍	= ଅବିଚଳଭାବେ
ସମାଧାତୁମ୍	= ସ୍ଥିର (ଅର୍ପଣ) କରିବାରେ
ନ, ଶକ୍ନୋଷି	= ତୁମେ ନିଜକୁ ସମର୍ଥ ମନେ କରୁନାହଁ,
ତତଃ	= ତା'ହେଲେ
ଧନଞ୍ଜୟ	= ହେ ଧନଞ୍ଜୟ!
ଅଭ୍ୟାସ-ଯୋଗେନ	= ଅଭ୍ୟାସଯୋଗ ଦ୍ୱାରା (ତୁମେ)
ମାମ୍	= ମୋତେ
ଆପ୍ତୁମ୍	= ପାଇବାକୁ
ଇଚ୍ଛ	= ଇଚ୍ଛା କର ।

ଅଭ୍ୟାସେଽପ୍ୟସମର୍ଥୋଽସି ମତ୍କର୍ମପରମୋ ଭବ ।
ମଦର୍ଥମପି କର୍ମାଣି କୁର୍ବନ୍ ସିଦ୍ଧିମବାପ୍ସ୍ୟସି ॥ ୧୦ ॥

ଅଭ୍ୟାସେ	= (ଯଦି ତୁମେ) ଅଭ୍ୟାସରେ (ଯୋଗରେ)
ଅପି	= ମଧ୍ୟ (ନିଜକୁ)
ଅସମର୍ଥଃ, ଅସି	= ଅସମର୍ଥ ମନେ କରୁଛ, (ତା'ହେଲେ)
ମତ୍କର୍ମପରମଃ	= ମୋ ନିମନ୍ତେ କର୍ମପରାୟଣ
ଭବ	= ହୁଅ ।
ମଦର୍ଥମ୍	= ମୋ ନିମନ୍ତେ
କର୍ମାଣି	= କର୍ମଗୁଡ଼ିକୁ
କୁର୍ବନ୍	= କରି
ଅପି	= ମଧ୍ୟ (ତୁମେ)
ସିଦ୍ଧିମ୍	= ସିଦ୍ଧି
ଅବାପ୍ସ୍ୟସି	= ଲାଭ କରିବ ।

ଅଥୈତଦପ୍ୟଶକ୍ତୋଽସି କର୍ତ୍ତୁଂ ମଦ୍‌ଯୋଗମାଶ୍ରିତଃ ।
ସର୍ବକର୍ମଫଳତ୍ୟାଗଂ ତତଃ କୁରୁ ଯତାତ୍ମବାନ୍ ॥ ୧୧ ॥

ଅଥ	= ଯଦି
ମଦ୍‌ଯୋଗମ୍	= ମୋ ଯୋଗ (ସମତା)ର
ଆଶ୍ରିତଃ	= ଆଶ୍ରିତ ହୋଇ (ତୁମେ)
ଏତତ୍	= ଏହା (ପୂର୍ବ ଶ୍ଳୋକରେ କଥିତ ସାଧନ)
କର୍ତ୍ତୁମ୍	= କରିବାରେ
ଅପି	= ମଧ୍ୟ
ଅଶକ୍ତଃ, ଅସି	= ଅସମର୍ଥ,
ତତଃ	= ତେବେ

ଯତାତ୍ମବାନ୍ = ମନ ଓ ଇନ୍ଦ୍ରିୟଗଣଙ୍କୁ ବଶୀଭୂତ କରି

ସର୍ବକର୍ମଫଳ-ତ୍ୟାଗମ୍ = ସମସ୍ତ କର୍ମର ଫଳେଚ୍ଛା ତ୍ୟାଗ

କୁରୁ = କର ।

ଶ୍ରେୟୋ ହି ଜ୍ଞାନମଭ୍ୟାସାଜ୍ଜ୍ଞାନାଦ୍ଧ୍ୟାନଂ ବିଶିଷ୍ୟତେ ।
ଧ୍ୟାନାତ୍କର୍ମଫଳତ୍ୟାଗସ୍ତ୍ୟାଗାଚ୍ଛାନ୍ତିରନନ୍ତରମ୍ ॥୧୨॥

ଅଭ୍ୟାସାତ୍ = ଅଭ୍ୟାସଠାରୁ

ଜ୍ଞାନମ୍ = ଶାସ୍ତ୍ରଜ୍ଞାନ

ଶ୍ରେୟଃ = ଶ୍ରେଷ୍ଠ,

ଜ୍ଞାନାତ୍ = ଶାସ୍ତ୍ରଜ୍ଞାନଠାରୁ

ଧ୍ୟାନମ୍ = ଧ୍ୟାନ

ବିଶିଷ୍ୟତେ = ଶ୍ରେଷ୍ଠ (ଏବଂ)

ଧ୍ୟାନାତ୍ = ଧ୍ୟାନଠାରୁ (ମଧ୍ୟ)

କର୍ମଫଳ-ତ୍ୟାଗଃ = ସମସ୍ତ କର୍ମର ଫଳେଚ୍ଛା ତ୍ୟାଗ (ଶ୍ରେଷ୍ଠ) ।

ହି = କାରଣ

ତ୍ୟାଗାତ୍ = ତ୍ୟାଗରୁ

ଅନନ୍ତରମ୍ = ତତ୍କ୍ଷଣାତ୍

ଶାନ୍ତିଃ = ପରମ ଶାନ୍ତି ପ୍ରାପ୍ତ ହୁଏ ।

ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ ।
ନିର୍ମମୋ ନିରହଙ୍କାରଃ ସମଦୁଃଖସୁଖଃ କ୍ଷମୀ ॥ ୧୩ ॥
ସନ୍ତୁଷ୍ଟଃ ସତତଂ ଯୋଗୀ ଯତାତ୍ମା ଦୃଢନିଶ୍ଚୟଃ ।
ମୟ୍ୟର୍ପିତମନୋବୁଦ୍ଧିର୍ଯୋ ମଦ୍ଭକ୍ତଃ ସ ମେ ପ୍ରିୟଃ ॥ ୧୪ ॥

ଯଃ = ଯେ

ସର୍ବଭୂତାନାମ୍ = ସମସ୍ତ ପ୍ରାଣୀଙ୍କ ପ୍ରତି

ଅଦ୍ୱେଷ୍ଟା = ଦ୍ୱେଷଭାବ ଶୂନ୍ୟ,
ମୈତ୍ରଃ = ମିତ୍ରଭାବାପନ୍ନ
ଚ = ଓ
କରୁଣଃ, ଏବ = ଦୟାଳୁ,
ନିର୍ମମଃ = ମମତାରହିତ,
ନିରହଙ୍କାରଃ = ଅହଂକାରରହିତ,
ସମଦୁଃଖ-ସୁଖଃ = ସୁଖଦୁଃଖ ପ୍ରାପ୍ତିରେ ସମଭାବାପନ୍ନ,
କ୍ଷମୀ = କ୍ଷମାଶୀଳ,
ସତତମ୍ = ନିରନ୍ତର

ସନ୍ତୁଷ୍ଟଃ = ସନ୍ତୁଷ୍ଟ,
ଯୋଗୀ = ଯୋଗୀ,
ଯତାତ୍ମା = ଶରୀର ସଂଯମୀ,
ଦୃଢନିଶ୍ଚୟଃ = ଦୃଢ଼ନିଶ୍ଚୟୀ (ଏବଂ ଯେ)
ମୟି = ମୋ'ଠାରେ
ଅର୍ପିତମନ-ବୁଦ୍ଧିଃ = ମନ-ବୁଦ୍ଧି ଅର୍ପଣ କରିଛି,
ସଃ, ମଦ୍ଭକ୍ତଃ = ମୋର ସେହି ଭକ୍ତ
ମେ = ମୋତେ
ପ୍ରିୟଃ = ପ୍ରିୟ ଲାଗେ ।

ଯସ୍ମାନ୍ନୋଦ୍‌ବିଜତେ ଲୋକୋ ଲୋକାନ୍ନୋଦ୍‌ବିଜତେ ଚ ଯଃ ।
ହର୍ଷାମର୍ଷଭୟୋଦ୍‌ବେଗୈର୍ମୁକ୍ତୋ ଯଃ ସ ଚ ମେ ପ୍ରିୟଃ ॥ ୧୫ ॥

ଯସ୍ମାତ୍ = ଯାହାଠାରୁ
ଲୋକଃ = କୌଣସି ପ୍ରାଣୀ
ନ, ଉଦ୍‌ବିଜତେ = ଉଦ୍‌ବେଗ ପ୍ରାପ୍ତ ହୁଏ ନାହିଁ
ଚ = ଏବଂ
ଯଃ = ଯେ ନିଜେ ମଧ୍ୟ

ଲୋକାତ୍ = କୌଣସି ପ୍ରାଣୀ ଦ୍ୱାରା
ନ, ଉଦ୍‌ବିଜତେ = ଉଦ୍‌ବେଗ ପ୍ରାପ୍ତ ହୁଏ ନାହିଁ
ଚ = ତଥା
ଯଃ = ଯେ

ହର୍ଷାମର୍ଷ-ଭୟୋଦ୍‌ବେଗୈଃ, ମୁକ୍ତଃ = ହର୍ଷ, ଅମର୍ଷ (ଈର୍ଷା), ଭୟ ଓ ଉଦ୍‌ବେଗଶୂନ୍ୟ,
ସଃ = ସେ
ମେ = ମୋର
ପ୍ରିୟଃ = ପ୍ରିୟ ।

ଅନପେକ୍ଷଃ ଶୁଚିର୍ଦକ୍ଷ ଉଦାସୀନୋ ଗତବ୍ୟଥଃ ।
ସର୍ବାରମ୍ଭପରିତ୍ୟାଗୀ ଯୋ ମଭକ୍ତଃ ସ ମେ ପ୍ରିୟଃ ॥ ୧୬ ॥

ଯଃ = ଯେ
ଅନପେକ୍ଷଃ = ଅପେକ୍ଷା (ଆବଶ୍ୟକତା) ଶୂନ୍ୟ,
ଶୁଚିଃ = (ବାହ୍ୟ ଓ ଆଭ୍ୟନ୍ତର ଦୃଷ୍ଟିରୁ) ପବିତ୍ର,
ଦକ୍ଷଃ = ଚତୁର,
ଉଦାସୀନଃ = ଉଦାସୀନ,
ଗତବ୍ୟଥଃ = ବ୍ୟଥାରହିତ (ଓ)
ସର୍ବାରମ୍ଭ-ପରିତ୍ୟାଗୀ = ସର୍ବାରମ୍ଭରହିତ (ନୂତନ ନୂତନ କର୍ମାରମ୍ଭର ପରିତ୍ୟାଗୀ),
ସଃ, ମଭକ୍ତଃ = ମୋର ସେହି ଭକ୍ତ
ମେ = ମୋତେ
ପ୍ରିୟଃ = ପ୍ରିୟ ଲାଗେ ।

ଯୋ ନ ହୃଷ୍ୟତି ନ ଦ୍ୱେଷ୍ଟି ନ ଶୋଚତି ନ କାଂକ୍ଷତି ।
ଶୁଭାଶୁଭପରିତ୍ୟାଗୀ ଭକ୍ତିମାନ୍ ଯଃ ସ ମେ ପ୍ରିୟଃ ॥ ୧୭ ॥

ଯଃ = ଯେ (କେବେ)
ନ, ହୃଷ୍ୟତି = ହର୍ଷିତ ହୁଏ ନାହିଁ,
ନ, ଦ୍ୱେଷ୍ଟି = ଦ୍ୱେଷ କରେ ନାହିଁ,

ନ, ଶୋଚତି = ଶୋକ କରେ ନାହିଁ,
ନ, କାଙ୍‌କ୍ଷତି = କାମନା କରେ ନାହିଁ (ଏବଂ)
ଯଃ = ଯେ
ଶୁଭାଶୁଭ-ପରିତ୍ୟାଗୀ = ଶୁଭାଶୁଭ କର୍ମର ଊର୍ଦ୍ଧ୍ୱରେ (ରାଗ-ଦ୍ୱେଷରହିତ),
ସଃ = ସେହି
ଭକ୍ତିମାନ୍ = ଭକ୍ତିମାନ୍ ମନୁଷ୍ୟ
ମେ = ମୋର
ପ୍ରିୟଃ = ପ୍ରିୟ ।

ସମଃ ଶତ୍ରୌ ଚ ମିତ୍ରେ ଚ ତଥା ମାନାପମାନୟୋଃ ।
ଶୀତୋଷ୍ଣସୁଖଦୁଃଖେଷୁ ସମଃ ସଙ୍ଗବିବର୍ଜିତଃ ॥ ୧୮ ॥
ତୁଲ୍ୟନିନ୍ଦାସ୍ତୁତିର୍ମୌନୀ ସନ୍ତୁଷ୍ଟୋ ଯେନ କେନଚିତ୍ ।
ଅନିକେତଃ ସ୍ଥିରମତିର୍ଭକ୍ତିମାନ୍ମେ ପ୍ରିୟୋ ନରଃ ॥ ୧୯ ॥

ଶତ୍ରୌ = (ଯେ) ଶତ୍ରୁ
ଚ = ଓ
ମିତ୍ରେ = ମିତ୍ରରେ
ତଥା = ତଥା
ମାନାପମାନୟୋଃ = ମାନ-ଅପମାନରେ
ସମଃ = ସମ,
ଶୀତୋଷ୍ଣ-ସୁଖଦୁଃଖେଷୁ = ଶୀତ-ଉଷ୍ଣ (ଶରୀରର ଅନୁକୂଳତା-ପ୍ରତିକୂଳତା) ତଥା ସୁଖ-ଦୁଃଖରେ (ମନ-ବୁଦ୍ଧିର ଅନୁକୂଳତା-ପ୍ରତିକୂଳତାରେ)

ସମଃ = ସମଭାବାପନ୍ନ
ଚ = ଓ
ସଙ୍ଗବିବର୍ଜିତଃ = ଆସକ୍ତିରହିତ;
ତୁଲ୍ୟ-ନିନ୍ଦାସ୍ତୁତିଃ = ଯେ ନିନ୍ଦା ଓ ସ୍ତୁତିରେ ସମଭାବାପନ୍ନ,
ମୌନୀ = ମନନଶୀଳ,
ଯେନ, କେନଚିତ୍ = ଯେନକେନ ପ୍ରକାରେ (ଶରୀରନିର୍ବାହ ସମ୍ବନ୍ଧରେ)
ସନ୍ତୁଷ୍ଟଃ = ସନ୍ତୁଷ୍ଟ,
ଅନିକେତଃ = ଶରୀର ଓ ବାସସ୍ଥାନ ପ୍ରତି ମମତା-ଆସକ୍ତିରହିତ (ଓ)
ସ୍ଥିରମତିଃ = ସ୍ଥିରବୁଦ୍ଧିଯୁକ୍ତ,
ଭକ୍ତିମାନ୍ = (ସେହି) ଭକ୍ତିମାନ୍
ନରଃ = ମନୁଷ୍ୟ
ମେ = ମୋର
ପ୍ରିୟଃ = ପ୍ରିୟ ଅଟେ ।

ଯେ ତୁ ଧର୍ମ୍ୟାମୃତମିଦଂ ଯଥୋକ୍ତଂ ପର୍ଯ୍ୟୁପାସତେ ।
ଶ୍ରଦ୍ଦଧାନା ମତ୍ପରମା ଭକ୍ତାସ୍ତେଽତୀବ ମେ ପ୍ରିୟାଃ ॥ ୨୦ ॥

ତୁ = କିନ୍ତୁ
ଯେ = ଯେଉଁ
ଶ୍ରଦ୍ଦଧାନାଃ = ଶ୍ରଦ୍ଧାଶୀଳ (ଓ)
ମତ୍ପରମାଃ = ମତ୍ପରାୟଣ
ଭକ୍ତାଃ = ଭକ୍ତମାନେ
ଇଦମ୍ = ଏହି
ଧର୍ମ୍ୟାମୃତମ୍ = ଧର୍ମମୟ ଅମୃତକୁ
ଯଥା, ଉକ୍ତମ୍ = ପୂର୍ବ କଥନ ଅନୁସାରେ
ପର୍ଯ୍ୟୁପାସତେ = ଉତ୍ତମରୂପେ ସେବନ କରନ୍ତି,

ତେ	= ସେମାନେ	ଅତୀବ	= ଅତ୍ୟନ୍ତ
ମେ	= ମୋର	ପ୍ରିୟାଃ	= ପ୍ରିୟ ।

ଓଁ ତତ୍ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ ଭକ୍ତିଯୋଗୋ ନାମ ଦ୍ୱାଦଶୋଽଧ୍ୟାୟଃ ॥ ୧୨ ॥

ଏହି ପ୍ରକାରେ 'ଓଁ, ତତ୍, ସତ୍'—ଏହି ଭଗବନ୍ନାମ ଉଚ୍ଚାରଣପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଦ୍‌ଭଗବଦ୍‌ଗୀତୋପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନସଂବାଦରେ 'ଭକ୍ତିଯୋଗ' ନାମକ ଦ୍ୱାଦଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୧୨ ॥

***

॥ ଓଁ ଶ୍ରୀପରମାତ୍ମନେ ନମଃ ॥

ଅଥ ତ୍ରୟୋଦଶୋଽଧ୍ୟାୟଃ

(ତ୍ରୟୋଦଶ ଅଧ୍ୟାୟ)

ଶ୍ରୀଭଗବାନୁବାଚ

ଇଦଂ ଶରୀରଂ କୌନ୍ତେୟ କ୍ଷେତ୍ରମିତ୍ୟଭିଧୀୟତେ ।
ଏତଦ୍ୟୋ ବେତ୍ତି ତଂ ପ୍ରାହୁଃ କ୍ଷେତ୍ରଜ୍ଞ ଇତି ତଦ୍ୱିଦଃ ॥ ୧ ॥

ଶ୍ରୀଭଗବାନ କହିଲେ—

କୌନ୍ତେୟ	= ହେ କୁନ୍ତୀପୁତ୍ର ଅର୍ଜୁନ!	**ଏତତ୍**	= ଏହି କ୍ଷେତ୍ରକୁ
ଇଦମ୍	= 'ଏହି' ରୂପରେ ସୂଚିତ କରାଯାଉଥିବା	**ଯଃ**	= ଯିଏ
		ବେତ୍ତି	= ଜାଣେ,
		ତମ୍	= ତାହାକୁ
ଶରୀରମ୍	= ଶରୀରକୁ	**ତଦ୍ୱିଦଃ**	= ଜ୍ଞାନୀଲୋକେ
କ୍ଷେତ୍ରମ୍	= କ୍ଷେତ୍ର	**କ୍ଷେତ୍ରଜ୍ଞଃ**	= କ୍ଷେତ୍ରଜ୍ଞ
ଇତି	= ବୋଲି	**ଇତି**	= ବୋଲି
ଅଭିଧୀୟତେ	= କୁହାଯାଏ (ଏବଂ)	**ପ୍ରାହୁଃ**	= କହନ୍ତି ।

କ୍ଷେତ୍ରଜ୍ଞଂ ଚାପି ମାଂ ବିଦ୍ଧି ସର୍ବକ୍ଷେତ୍ରେଷୁ ଭାରତ ।
କ୍ଷେତ୍ରକ୍ଷେତ୍ରଜ୍ଞୟୋର୍ଜ୍ଞାନଂ ଯତ୍ତଜ୍ଜ୍ଞାନଂ ମତଂ ମମ ॥ ୨ ॥

ଭାରତ	= ହେ ଭରତବଂଶଜ ଅର୍ଜୁନ!	କ୍ଷେତ୍ର-କ୍ଷେତ୍ରଜ୍ଞୟୋଃ	= କ୍ଷେତ୍ର-କ୍ଷେତ୍ରଜ୍ଞ ବିଷୟକ
ସର୍ବକ୍ଷେତ୍ରେଷୁ	= ସମସ୍ତ କ୍ଷେତ୍ରରେ	ଯତ୍	= ଯେଉଁ
ମାମ୍	= (ତୁମେ) ମୋତେ	ଜ୍ଞାନମ୍	= ଜ୍ଞାନ ଅଛି,
ଅପି	= ହିଁ	ତତ୍	= ତାହା ହିଁ
କ୍ଷେତ୍ରଜ୍ଞମ୍	= କ୍ଷେତ୍ରଜ୍ଞ ବୋଲି	ମମ	= ମୋ
ବିଦ୍ଧି	= ଜାଣ;	ମତମ୍	= ମତରେ
ଚ	= ଏବଂ	ଜ୍ଞାନମ୍	= ଜ୍ଞାନ ।

ତତ୍କ୍ଷେତ୍ରଂ ଯଚ୍ଚ ଯାଦୃକ୍ ଚ ଯଦ୍‌ବିକାରି ଯତଶ୍ଚ ଯତ୍ ।
ସ ଚ ଯୋ ଯତ୍ ପ୍ରଭାବଶ୍ଚ ତତ୍ସମାସେନ ମେ ଶୃଣୁ ॥ ୩ ॥

ତତ୍	= ସେହି	ଯତଃ	= ଯାହାଠାରୁ
କ୍ଷେତ୍ରମ୍	= କ୍ଷେତ୍ର	ଯତ୍	= ଯାହା (ସୃଷ୍ଟି ହୋଇଛି)
ଯତ୍	= ଯାହା		
ଚ	= ଓ	ଚ	= ତଥା
ଯାଦୃକ୍	= ଯେପରି	ସଃ	= ସେହି କ୍ଷେତ୍ରଜ୍ଞ (ମଧ୍ୟ)
ଚ	= ତଥା		
ଯଦ୍‌ବିକାରି	= ଯେଉଁ ବିକାରଯୁକ୍ତ	ଯଃ	= ଯିଏ
ଚ	= ଏବଂ	ଚ	= ଓ

ଯତ୍ପ୍ରଭାବଃ	= ଯେଉଁ ପ୍ରଭାବବିଶିଷ୍ଟ,	ମେ	= ମୋ'ଠାରୁ
ତତ୍	= ସେସବୁ	ସମାସେନ	= ସଂକ୍ଷେପରେ
		ଶୃଣୁ	= ଶୁଣ ।

ଋଷିଭିର୍ବହୁଧା ଗୀତଂ ଛନ୍ଦୋଭିର୍ବିବିଧୈଃ ପୃଥକ୍ ।
ବ୍ରହ୍ମସୂତ୍ରପଦୈଶ୍ଚୈବ ହେତୁମଦ୍ଭିର୍ବିନିଶ୍ଚିତୈଃ ॥ ୪ ॥

ଏହି କ୍ଷେତ୍ର-କ୍ଷେତ୍ରଜ୍ଞର ତତ୍ତ୍ୱ—

ଋଷିଭିଃ	= ଋଷିମାନଙ୍କ ଦ୍ୱାରା	ଚ	= ଏବଂ
ବହୁଧା	= ଅତି ବିସ୍ତୃତଭାବେ	ହେତୁମଦ୍ଭିଃ	= ଯୁକ୍ତିଯୁକ୍ତ (ତଥା)
ଗୀତମ୍	= କୁହାଯାଇଛି (ଓ)		
ଛନ୍ଦୋଭିଃ	= ବେଦର ଋଗ୍ମାନଙ୍କ ଦ୍ୱାରା	ବିନିଶ୍ଚିତୈଃ	= ନିର୍ଣ୍ଣୀତ
		ବ୍ରହ୍ମସୂତ୍ର-ପଦୈଃ	= ବ୍ରହ୍ମସୂତ୍ରର ପଦମାନଙ୍କ ଦ୍ୱାରା
ବିବିଧୈଃ	= ବିବିଧ ପ୍ରକାରରେ		
ପୃଥକ୍	= ପୃଥକ୍ଭାବେ (କୁହାଯାଇଛି)	ଏବ	= ମଧ୍ୟ (ବର୍ଣ୍ଣନା କରାଯାଇଛି) ।

ମହାଭୂତାନ୍ୟହଙ୍କାରୋ ବୁଦ୍ଧିରବ୍ୟକ୍ତମେବ ଚ ।
ଇନ୍ଦ୍ରିୟାଣି ଦଶୈକଂ ଚ ପଞ୍ଚ ଚେନ୍ଦ୍ରିୟଗୋଚରାଃ ॥ ୫ ॥

ଅବ୍ୟକ୍ତମ୍	= ମୂଳ ପ୍ରକୃତି	ବୁଦ୍ଧିଃ	= ସମଷ୍ଟିବୁଦ୍ଧି (ମହତ୍ତତ୍ତ୍ୱ),
ଚ	= ଓ		

ଅହଙ୍କାରଃ	= ସମଷ୍ଟି ଅହଂକାର,
ମହାଭୂତାନି	= ପଞ୍ଚମହାଭୂତ
ଚ	= ଓ
ଦଶ	= ଦଶ
ଇନ୍ଦ୍ରିୟାଣି	= ଇନ୍ଦ୍ରିୟ,
ଏକମ୍	= ଏକ ମନ
ଚ	= ତଥା
ପଞ୍ଚ	= ପାଞ୍ଚ
ଇନ୍ଦ୍ରିୟ-ଗୋଚରାଃ	= ଇନ୍ଦ୍ରିୟର ପାଞ୍ଚଟି ବିଷୟ—
ଏବ	= ଏହି (ଚବିଶ ତତ୍ତ୍ୱରେ କ୍ଷେତ୍ର ଗଠିତ) ।

ଇଚ୍ଛା ଦ୍ୱେଷଃ ସୁଖଂ ଦୁଃଖଂ ସଂଘାତଶ୍ଚେତନା ଧୃତିଃ ।
ଏତତ୍ କ୍ଷେତ୍ରଂ ସମାସେନ ସବିକାରମୁଦାହୃତମ୍ ॥ ୬ ॥

ଇଚ୍ଛା	= ଇଚ୍ଛା,
ଦ୍ୱେଷଃ	= ଦ୍ୱେଷ,
ସୁଖମ୍	= ସୁଖ,
ଦୁଃଖମ୍	= ଦୁଃଖ,
ସଙ୍ଘାତଃ	= ସଂଘାତ (ଶରୀର),
ଚେତନା	= ଚେତନା (ପ୍ରାଣଶକ୍ତି) (ଓ)
ଧୃତିଃ	= ଧୃତି—
ସବିକାରମ୍	= ଏସବୁ ବିକାରବିଶିଷ୍ଟ
ଏତତ୍	= ଏହି
କ୍ଷେତ୍ରମ୍	= କ୍ଷେତ୍ର ବିଷୟରେ
ସମାସେନ	= ସଂକ୍ଷେପରେ
ଉଦାହୃତମ୍	= କୁହାଯାଇଛି ।

ଅମାନିତ୍ୱମଦମ୍ଭିତ୍ୱମହିଂସା କ୍ଷାନ୍ତିରାର୍ଜବମ୍ ।
ଆଚାର୍ଯ୍ୟୋପାସନଂ ଶୌଚଂ ସ୍ଥୈର୍ଯ୍ୟମାତ୍ମବିନିଗ୍ରହଃ ॥ ୭ ॥

ଅମାନିତ୍ୱମ୍	=	ମାନିତ୍ୱର ଅଭାବ ଅର୍ଥାତ୍ ନିଜଠାରେ ଶ୍ରେଷ୍ଠତ୍ୱର ଅଭାବ,	ଆର୍ଜବମ୍	=	ସରଳତା,
ଅଦମ୍ଭିତ୍ୱମ୍	=	ଦାମ୍ଭିକତାର ଅଭାବ,	ଆଚାର୍ଯ୍ୟୋପାସନମ୍	=	ଗୁରୁସେବା,
ଅହିଂସା	=	ଅହିଂସା,	ଶୌଚମ୍	=	ବାହ୍ୟ ଓ ଆଭ୍ୟନ୍ତର ଶୁଦ୍ଧି,
କ୍ଷାନ୍ତିଃ	=	କ୍ଷମା,	ସ୍ଥୈର୍ଯ୍ୟମ୍	=	ସ୍ଥିରତା (ଓ)
			ଆତ୍ମବିନିଗ୍ରହଃ	=	ମନୋନିଗ୍ରହ—

ଇନ୍ଦ୍ରିୟାର୍ଥେଷୁ ବୈରାଗ୍ୟମନହଙ୍କାର ଏବ ଚ ।
ଜନ୍ମମୃତ୍ୟୁଜରାବ୍ୟାଧିଦୁଃଖଦୋଷାନୁଦର୍ଶନମ୍ ॥ ୮ ॥

ଇନ୍ଦ୍ରିୟାର୍ଥେଷୁ	=	ଇନ୍ଦ୍ରିୟମାନଙ୍କ ବିଷୟରୁ	ଜନ୍ମମୃତ୍ୟୁଜରାବ୍ୟାଧିଦୁଃଖଦୋଷାନୁଦର୍ଶନମ୍	=	ଜନ୍ମ, ମୃତ୍ୟୁ, ବୃଦ୍ଧାବସ୍ଥା ଓ ବ୍ୟାଧିରେ ବାରମ୍ବାର ଦୁଃଖରୂପକ ଦୋଷ ଦର୍ଶନ କରିବା—
ବୈରାଗ୍ୟମ୍	=	ବୈରାଗ୍ୟ ହେବା,			
ଅନହଂକାରଃ, ଏବ	=	ଅହଂକାର ନ ହେବା			
ଚ	=	ଏବଂ			

ଅସକ୍ତିରନଭିଷ୍ୱଙ୍ଗଃ ପୁତ୍ରଦାରଗୃହାଦିଷୁ ।
ନିତ୍ୟଂ ଚ ସମଚିତ୍ତତ୍ୱମିଷ୍ଟାନିଷ୍ଟୋପପତ୍ତିଷୁ ॥ ୯ ॥

ଅସକ୍ତିଃ	= ଆସକ୍ତିରହିତ ହେବା,	ଚ	= ଏବଂ
ପୁତ୍ରଦାର-ଗୃହାଦିଷୁ	= ପୁତ୍ର, ସ୍ତ୍ରୀ, ଗୃହାଦିରେ	ଇଷ୍ଟାନିଷ୍ଟୋପ-ପତ୍ତିଷୁ	= ଅନୁକୂଳତା ଓ ପ୍ରତିକୂଳତା ପ୍ରାପ୍ତିରେ
ଅନଭିଷ୍ୱଙ୍ଗଃ	= ଏକାତ୍ମଭାବ ନ ହେବା	ନିତ୍ୟମ୍, ସମଚିତ୍ତତ୍ୱମ୍	= ଚିତ୍ତ ନିତ୍ୟ ସମ ରହିବା—

ମୟି ଚାନନ୍ୟଯୋଗେନ ଭକ୍ତିରବ୍ୟଭିଚାରିଣୀ ।
ବିବିକ୍ତଦେଶସେବିତ୍ୱମରତିର୍ଜନସଂସଦି ॥ ୧୦ ॥

ଅନନ୍ୟ-ଯୋଗେନ	= ଅନନ୍ୟଯୋଗ ଦ୍ୱାରା	ବିବିକ୍ତଦେଶ-ସେବିତ୍ୱମ୍	= ଏକାନ୍ତବାସ କରିବାର ସ୍ୱଭାବ ହେବା
ମୟି	= ମୋ ପ୍ରତି		
ଅବ୍ୟଭିଚାରିଣୀ	= ଅବ୍ୟଭିଚାରିଣୀ	ଚ	= ଏବଂ
ଭକ୍ତିଃ	= ଭକ୍ତି ଜାତ ହେବା,	ଜନସଂସଦି	= ଜନସମୁଦାୟରେ
		ଅରତିଃ	= ପ୍ରୀତି ନ ହେବା—

ଅଧ୍ୟାତ୍ମଜ୍ଞାନନିତ୍ୟତ୍ୱଂ ତତ୍ତ୍ୱଜ୍ଞାନାର୍ଥଦର୍ଶନମ୍ ।
ଏତଜ୍ଜ୍ଞାନମିତି ପ୍ରୋକ୍ତମଜ୍ଞାନଂ ଯଦତୋଽନ୍ୟଥା ॥ ୧୧ ॥

ଅଧ୍ୟାତ୍ମ-ଜ୍ଞାନ-ନିତ୍ୟତ୍ୱମ୍	= ଅଧ୍ୟାତ୍ମ-ଜ୍ଞାନରେ ନିତ୍ୟ-ନିରନ୍ତର ସ୍ଥିତ ହେବା,	ତତ୍ତ୍ୱ-ଜ୍ଞାନାର୍ଥ-ଦର୍ଶନମ୍	= ତତ୍ତ୍ୱଜ୍ଞାନର ଅର୍ଥସ୍ୱରୂପ ପରମାତ୍ମାଙ୍କୁ ସର୍ବତ୍ର ଦର୍ଶନ କରିବା—

ଏତତ୍	= [ଏହାକୁ (ଉକ୍ତ କୋଡ଼ିଏଟି ସାଧନାକୁ)	ଅତଃ	= ଏହାର
ଜ୍ଞାନମ୍	= [ଜ୍ଞାନ (କୁହାଯାଇଛି ଏବଂ)	ଅନ୍ୟଥା	= ବିପରୀତ,
		ଅଜ୍ଞାନମ୍	= [ତାହାକୁ ଅଜ୍ଞାନ
		ଇତି	= ବୋଲି
ଯତ୍	= ଯାହା	ପ୍ରୋକ୍ତମ୍	= କୁହାଯାଇଛି ।

ଜ୍ଞେୟଂ ଯତ୍ତତ୍ ପ୍ରବକ୍ଷ୍ୟାମି ଯଜ୍‌ଜ୍ଞାତ୍ୱାମୃତମଶ୍ନୁତେ ।
ଅନାଦିମତ୍ପରଂ ବ୍ରହ୍ମ ନ ସତ୍ତନ୍ନାସଦୁଚ୍ୟତେ ॥ ୧୨ ॥

ଯତ୍	= ଯାହା	ପ୍ରବକ୍ଷ୍ୟାମି	= [ମୁଁ ଭଲଭାବରେ କହିବି ।
ଜ୍ଞେୟମ୍	= [ଜ୍ଞେୟ (ପୂର୍ବୋକ୍ତ ଜ୍ଞାନ ଦ୍ୱାରା ଜ୍ଞାତବ୍ୟ) (ଏବଂ)	ଅନାଦିମତ୍	= [(ସେହି ଜ୍ଞେୟ ତତ୍ତ୍ୱ) ଅନାଦି
ଯତ୍	= ଯାହାକୁ	ପରମ୍	= (ଓ) ପରମ
ଜ୍ଞାତ୍ୱା	= [ଜାଣିଗଲେ (ମନୁଷ୍ୟ)	ବ୍ରହ୍ମ	= ବ୍ରହ୍ମ ।
		ତତ୍	= ତାହାକୁ
ଅମୃତମ୍	= ଅମରତ୍ୱ	ସତ୍	= ସତ୍
ଅଶ୍ନୁତେ	= ଅନୁଭବ କରେ,	ନ, ଉଚ୍ୟତେ	= [କୁହାଯାଇ ପାରେ ନାହିଁ (କି)
ତତ୍	= [ସେହି ପରମାମୃତତତ୍ତ୍ୱ ସମ୍ପର୍କରେ	ନ, ଅସତ୍	= [ଅସତ୍ କୁହାଯାଇ ପାରେ ନାହିଁ ।

ସର୍ବତଃପାଣିପାଦଂ ତତ୍ସର୍ବତୋଽକ୍ଷିଶିରୋମୁଖମ୍ ।
ସର୍ବତଃଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି ॥ ୧୩ ॥

ତତ୍ = ତାଙ୍କର (ପରମାତ୍ମାଙ୍କର)
ସର୍ବତଃପାଣି-ପାଦମ୍ = ସବୁ ସ୍ଥାନରେ ହସ୍ତ ଓ ପଦ ରହିଛି,
ସର୍ବତୋଽକ୍ଷି-ଶିରୋମୁଖମ୍ = ସବୁ ସ୍ଥାନରେ ନେତ୍ର, ଶିର ଓ ମୁଖ ରହିଛି (ତଥା)
ସର୍ବତଃ-ଶ୍ରୁତିମତ୍ = ସବୁ ସ୍ଥାନରେ କର୍ଣ୍ଣ ରହିଛି ।
ଲୋକେ = (ସେ) ସଂସାରରେ
ସର୍ବମ୍ = ସମସ୍ତଙ୍କୁ
ଆବୃତ୍ୟ = ବ୍ୟାପ୍ତ କରି
ତିଷ୍ଠତି = ସ୍ଥିତ ହୋଇଛନ୍ତି ।

ସର୍ବେନ୍ଦ୍ରିୟଗୁଣାଭାସଂ ସର୍ବେନ୍ଦ୍ରିୟବିବର୍ଜିତମ୍ ।
ଅସକ୍ତଂ ସର୍ବଭୃଚ୍ଚୈବ ନିର୍ଗୁଣଂ ଗୁଣଭୋକ୍ତୃ ଚ ॥ ୧୪ ॥

ସର୍ବେନ୍ଦ୍ରିୟ-ବିବର୍ଜିତମ୍ = ସେ ସମସ୍ତ ଇନ୍ଦ୍ରିୟରୁ ରହିତ (ଏବଂ)
ସର୍ବେନ୍ଦ୍ରିୟ-ଗୁଣାଭାସମ୍ = ସମସ୍ତ ଇନ୍ଦ୍ରିୟ ବିଷୟର ପ୍ରକାଶକ;
ଅସକ୍ତମ୍ = ଆସକ୍ତିରହିତ
ଚ = ଓ
ସର୍ବଭୃତ୍ = ସମଗ୍ର ସଂସାରର ଭରଣ-ପୋଷଣକାରୀ
ଚ, ଏବ = ତଥା
ନିର୍ଗୁଣମ୍ = ଗୁଣରହିତ (ଓ)
ଗୁଣଭୋକ୍ତୃ = ସମସ୍ତ ଗୁଣର ଭୋକ୍ତା ।

ବହିରନ୍ତଶ୍ଚ ଭୂତାନାମଚରଂ ଚରମେବ ଚ ।
ସୂକ୍ଷ୍ମତ୍ୱାତ୍ତଦବିଜ୍ଞେୟଂ ଦୂରସ୍ଥଂ ଚାନ୍ତିକେ ଚ ତତ୍ ॥ ୧୫ ॥

ତତ୍	=	ସେହି ପରମାତ୍ମା
ଭୂତାନାମ୍	=	ସମସ୍ତ ପ୍ରାଣୀଙ୍କର
ବହିଃ, ଅନ୍ତଃ	=	ବାହାରେ ଓ ଭିତରେ (ପରିପୂର୍ଣ୍ଣ)
ଚ	=	ଏବଂ
ଚରମ୍, ଅଚରମ୍	=	ଚରାଚର (ପ୍ରାଣୀଙ୍କ ରୂପରେ)
ଏବ	=	ମଧ୍ୟ (ସେ ହିଁ ବିରାଜମାନ);
ଚ	=	ଏବଂ
ଦୂରସ୍ଥମ୍	=	(ସେ) ଅତ୍ୟନ୍ତ ଦୂରବର୍ତ୍ତୀ
ଚ	=	ଓ
ଅନ୍ତିକେ	=	ଅତ୍ୟନ୍ତ ନିକଟବର୍ତ୍ତୀ ମଧ୍ୟ ।
ଚ	=	ଅଧିକନ୍ତୁ
ତତ୍	=	ସେ
ସୂକ୍ଷ୍ମତ୍ୱାତ୍	=	ଅତ୍ୟନ୍ତ ସୂକ୍ଷ୍ମ ହୋଇଥିବାରୁ
ଅବିଜ୍ଞେୟମ୍	=	ଜାଣି ହେବାର ବିଷୟ ନୁହନ୍ତି ।

ଅବିଭକ୍ତଂ ଚ ଭୂତେଷୁ ବିଭକ୍ତମିବ ଚ ସ୍ଥିତମ୍ ।
ଭୂତଭର୍ତ୍ତୃ ଚ ତଜ୍ଜ୍ଞେୟଂ ଗ୍ରସିଷ୍ଣୁ ପ୍ରଭବିଷ୍ଣୁ ଚ ॥ ୧୬ ॥

ତତ୍	=	ସେହି ପରମାତ୍ମା
ଅବିଭକ୍ତମ୍	=	(ସ୍ୱୟଂ) ଅବିଭକ୍ତ ହୋଇଥିଲେ
ଚ	=	ମଧ୍ୟ
ଭୂତେଷୁ	=	ସବୁ ପ୍ରାଣୀଙ୍କ ଠାରେ

ବିଭକ୍ତମ୍	= ବିଭକ୍ତ	ପ୍ରଭବିଷ୍ଣୁ	= ସବୁ ପ୍ରାଣୀଙ୍କର ଉତ୍ପାଦକ
ଇବ	= ପରି	ଚ	= ତଥା
ସ୍ଥିତମ୍	= ସ୍ଥିତ	ଭୂତଭର୍ତ୍ତୃ	= ପାଳକ
ଚ	= ଏବଂ	ଚ	= ଓ
ଜ୍ଞେୟମ୍	= (ସେହି) ଜ୍ଞେୟ (ପରମାତ୍ମା ହିଁ)	ଗ୍ରସିଷ୍ଣୁ	= ସଂହାରକ ।

ଜ୍ୟୋତିଷାମପି ତଜ୍ଜ୍ୟୋତିସ୍ତମସଃ ପରମୁଚ୍ୟତେ ।
ଜ୍ଞାନଂ ଜ୍ଞେୟଂ ଜ୍ଞାନଗମ୍ୟଂ ହୃଦି ସର୍ବସ୍ୟ ବିଷ୍ଠିତମ୍ ॥ ୧୭ ॥

ତତ୍	= ସେହି ପରମାତ୍ମାଙ୍କୁ	ଜ୍ଞାନମ୍	= (ସେ) ଜ୍ଞାନସ୍ୱରୂପ,
ଜ୍ୟୋତିଷାମ୍	= ସମସ୍ତ ଜ୍ୟୋତିର	ଜ୍ଞେୟମ୍	= ଜାଣିବାର ଯୋଗ୍ୟ,
ଅପି	= ମଧ୍ୟ		
ଜ୍ୟୋତିଃ	= ଜ୍ୟୋତି (ଏବଂ)	ଜ୍ଞାନଗମ୍ୟମ୍	= ଜ୍ଞାନ ଦ୍ୱାରା ପ୍ରାପ୍ତବ୍ୟ (ଓ)
ତମସଃ	= ଅଜ୍ଞାନରୁ	ସର୍ବସ୍ୟ	= ସମସ୍ତଙ୍କ
ପରମ୍	= ଅତ୍ୟନ୍ତ ପର	ହୃଦି	= ହୃଦୟରେ
ଉଚ୍ୟତେ	= କୁହାଯାଇଛି ।	ବିଷ୍ଠିତମ୍	= ବିରାଜିତ ।

ଇତି କ୍ଷେତ୍ରଂ ତଥା ଜ୍ଞାନଂ ଜ୍ଞେୟଂ ଚୋକ୍ତଂ ସମାସତଃ ।
ମଭକ୍ତ ଏତଦ୍‌ବିଜ୍ଞାୟ ମଭାବାୟୋପପଦ୍ୟତେ ॥ ୧୮ ॥

ଇତି	= ଏହିରୂପେ	ଉକ୍ତମ୍	= କୁହାଗଲା ।
କ୍ଷେତ୍ରମ୍	= କ୍ଷେତ୍ର	ମଦ୍ଭକ୍ତଃ	= ମୋର ଭକ୍ତ
ତଥା	= ତଥା	ଏତତ୍	= ଏହାକୁ
ଜ୍ଞାନମ୍	= ଜ୍ଞାନ	ବିଜ୍ଞାୟ	= ତତ୍ତ୍ୱସହକାରେ ଜାଣି
ଚ	= ଓ		
ଜ୍ଞେୟମ୍	= ଜ୍ଞେୟକୁ	ମଦ୍ଭାବାୟ	= ମୋର ଭାବକୁ
ସମାସତଃ	= ସଂକ୍ଷେପରେ	ଉପପଦ୍ୟତେ	= ପ୍ରାପ୍ତ ହୁଏ ।

ପ୍ରକୃତିଂ ପୁରୁଷଂ ଚୈବ ବିଦ୍ଧ୍ୟନାଦୀ ଉଭାବପି ।
ବିକାରାଂଶ୍ଚ ଗୁଣାଂଶ୍ଚୈବ ବିଦ୍ଧି ପ୍ରକୃତିସମ୍ଭବାନ୍ ॥ ୧୯ ॥
କାର୍ଯ୍ୟକରଣକର୍ତ୍ତୃତ୍ୱେ ହେତୁଃ ପ୍ରକୃତିରୁଚ୍ୟତେ ।
ପୁରୁଷଃ ସୁଖଦୁଃଖାନାଂ ଭୋକ୍ତୃତ୍ୱେ ହେତୁରୁଚ୍ୟତେ ॥ ୨୦ ॥

ପ୍ରକୃତିମ୍	= ପ୍ରକୃତି	ବିକାରାନ୍	= ସମସ୍ତ ବିକାର
ଚ	= ଓ	ଚ	= ଓ
ପୁରୁଷମ୍	= ପୁରୁଷ	ଗୁଣାନ୍	= ଗୁଣଗୁଡ଼ିକ
ଉଭୌ	= ଦୁହିଙ୍କୁ	ଅପି	= ମଧ୍ୟ
ଏବ	= ହିଁ (ତୁମେ)	ପ୍ରକୃତି-ସମ୍ଭବାନ୍, ଏବ	= ପ୍ରକୃତିରୁ ହିଁ ଉତ୍ପନ୍ନ ହୁଏ (ବୋଲି)
ଅନାଦୀ	= ଅନାଦି (ବୋଲି)		
ବିଦ୍ଧି	= ଜାଣ		
ଚ	= ଏବଂ	ବିଦ୍ଧି	= ଜାଣ ।

କାର୍ଯ୍ୟକରଣ-କର୍ତ୍ତୃତ୍ୱେ	= କାର୍ଯ୍ୟ ଓ କରଣ ଦ୍ୱାରା ହେଉଥିବା କ୍ରିୟାଗୁଡ଼ିକୁ ଉତ୍ପନ୍ନ କରିବାରେ	ଉଚ୍ୟତେ	= କୁହାଯାଏ (ଏବଂ)
		ସୁଖଦୁଃଖାନାମ୍	= ସୁଖ-ଦୁଃଖ
		ଭୋକ୍ତୃତ୍ୱେ	= ଭୋଗିବାରେ
		ପୁରୁଷଃ	= ପୁରୁଷକୁ
ପ୍ରକୃତିଃ	= ପ୍ରକୃତିକୁ	ହେତୁଃ	= ହେତୁ
ହେତୁଃ	= ହେତୁ	ଉଚ୍ୟତେ	= କୁହାଯାଏ ।

ପୁରୁଷଃ ପ୍ରକୃତିସ୍ଥୋ ହି ଭୁଙ୍କ୍ତେ ପ୍ରକୃତିଜାନ୍ ଗୁଣାନ୍ ।
କାରଣଂ ଗୁଣସଙ୍ଗୋଽସ୍ୟ ସଦସଦ୍‌ଯୋନିଜନ୍ମସୁ ॥ ୨୧ ॥

ପ୍ରକୃତିସ୍ଥଃ	= ପ୍ରକୃତିସ୍ଥ	ଗୁଣସଙ୍ଗଃ	= ଗୁଣଗୁଡ଼ିକର ସଙ୍ଗ (ହିଁ)
ପୁରୁଷଃ	= ପୁରୁଷ (ଜୀବ)		
ହି	= ହିଁ	ଅସ୍ୟ	= ଏହାର
ପ୍ରକୃତିଜାନ୍	= ପ୍ରକୃତିଜନିତ	ସଦସଦ୍‌-ଯୋନି-ଜନ୍ମସୁ	= ଉଚ୍ଚ-ନୀଚ ଯୋନିରେ ଜନ୍ମ ନେବାରେ
ଗୁଣାନ୍	= ଗୁଣଗୁଡ଼ିକର		
ଭୁଙ୍କ୍ତେ	= ଭୋକ୍ତା ହୁଏ (ଏବଂ)	କାରଣମ୍	= କାରଣ ହୁଏ ।

ଉପଦ୍ରଷ୍ଟାନୁମନ୍ତା ଚ ଭର୍ତ୍ତା ଭୋକ୍ତା ମହେଶ୍ୱରଃ ।
ପରମାତ୍ମେତି ଚାପ୍ୟୁକ୍ତୋ ଦେହେଽସ୍ମିନ୍ ପୁରୁଷଃ ପରଃ ॥ ୨୨ ॥

ଏହି ପୁରୁଷ—

ଉପଦ୍ରଷ୍ଟା	= (ଶରୀର ସହିତ ସମ୍ବନ୍ଧ ରଖୁଥିବାରୁ) ଉପଦ୍ରଷ୍ଟା,	ମହେଶ୍ୱରଃ	= (ନିଜକୁ ତାହାର ସ୍ୱାମୀ ମନେ କରୁଥିବାରୁ) ମହେଶ୍ୱର ହୋଇଯାଏ ।
ଅନୁମନ୍ତା	= (ତା' ସହିତ ମିଳିତ ହୋଇ ସମ୍ମତି ଓ ଅନୁମତି ଦେଉଥିବାରୁ) ଅନୁମନ୍ତା,	ଚ	= କିନ୍ତୁ
		ପୁରୁଷଃ	= (ସ୍ୱରୂପଦୃଷ୍ଟିରୁ ଏହି) ପୁରୁଷ
ଭର୍ତ୍ତା	= (ନିଜକୁ ତାହାର ଭରଣ-ପୋଷଣକାରୀ ମନେ କରୁଥିବାରୁ) ଭର୍ତ୍ତା,	ପରମାତ୍ମା	= ପରମାତ୍ମା
		ଇତି	= ବୋଲି
		ଉକ୍ତଃ	= କୁହାଯାଏ । (ଏ)
		ଅସ୍ମିନ୍	= ଏହି
ଭୋକ୍ତା	= (ତାହାର ସଙ୍ଗରୁ ସୁଖ-ଦୁଃଖ ଭୋଗୁଥିବାରୁ) ଭୋକ୍ତା	ଦେହେ, ଅପି	= ଦେହରେ ରହୁଥିଲେ ମଧ୍ୟ (ଦେହରୁ)
ଚ	= ଓ	ପରଃ	= ପର (ସମ୍ବନ୍ଧରହିତ) ଅଟେ ।

ଯ ଏବଂ ବେତ୍ତି ପୁରୁଷଂ ପ୍ରକୃତିଂ ଚ ଗୁଣୈଃ ସହ ।
ସର୍ବଥା ବର୍ତ୍ତମାନୋଽପି ନ ସ ଭୂୟୋଽଭିଜାୟତେ ॥ ୨୩ ॥

ଏବମ୍	= ଏହିରୂପେ
ପୁରୁଷମ୍	= ପୁରୁଷକୁ
ଚ	= ଓ
ଗୁଣୈଃ, ସହ	= ଗୁଣସହିତ
ପ୍ରକୃତିମ୍	= ପ୍ରକୃତିକୁ
ଯଃ	= ଯେଉଁ ମନୁଷ୍ୟ
ବେତ୍ତି	= (ଭିନ୍ନ ଭିନ୍ନ) ଜାଣେ,
ସଃ	= ସେ
ସର୍ବଥା	= ସବୁ ପ୍ରକାର
ବର୍ତ୍ତମାନଃ	= କାର୍ଯ୍ୟକଳାପ କରୁଥିଲେ
ଅପି	= ମଧ୍ୟ
ଭୂୟଃ	= ଆଉ
ନ, ଅଭିଜାୟତେ	= ଜନ୍ମ ଗ୍ରହଣ କରେ ନାହିଁ ।

ଧ୍ୟାନେନାତ୍ମନି ପଶ୍ୟନ୍ତି କେଚିଦାତ୍ମାନମାତ୍ମନା ।
ଅନ୍ୟେ ସାଙ୍ଖ୍ୟେନ ଯୋଗେନ କର୍ମଯୋଗେନ ଚାପରେ ॥ ୨୪ ॥

କେଚିତ୍	= କେତେକ ମନୁଷ୍ୟ
ଧ୍ୟାନେନ	= ଧ୍ୟାନଯୋଗ ଦ୍ୱାରା,
ଅନ୍ୟେ	= କେତେକ
ସାଙ୍ଖ୍ୟେନ, ଯୋଗେନ	= ସାଙ୍ଖ୍ୟଯୋଗ ଦ୍ୱାରା,
ଚ	= ଆଉ
ଅପରେ	= କେତେକ
କର୍ମଯୋଗେନ	= କର୍ମଯୋଗ ଦ୍ୱାରା
ଆତ୍ମନା	= ନିଜ ସାହାଯ୍ୟରେ
ଆତ୍ମନି	= ନିଜଠାରେ
ଆତ୍ମାନମ୍	= ପରମାତ୍ମତତ୍ତ୍ୱକୁ
ପଶ୍ୟନ୍ତି	= ଅନୁଭବ କରନ୍ତି ।

ଅନ୍ୟେ ତ୍ୱେବମଜାନନ୍ତଃ ଶ୍ରୁତ୍ୱାନ୍ୟେଭ୍ୟ ଉପାସତେ ।
ତେଽପି ଚାତିତରନ୍ତ୍ୟେବ ମୃତ୍ୟୁଂ ଶ୍ରୁତିପରାୟଣାଃ ॥ ୨୫ ॥

ଅନ୍ୟେ	= ଆଉ କେତେକ ମନୁଷ୍ୟ	ଶ୍ରୁତ୍ୱା	= ଶୁଣିକରି
		ଏବ	= ହିଁ
ଏବମ୍	= ଏ ସବୁକୁ (ଧ୍ୟାନଯୋଗ, ସାଙ୍ଖ୍ୟଯୋଗ, କର୍ମଯୋଗ ଆଦି)	ଉପାସତେ	= ଉପାସନା କରନ୍ତି ।
		ଚ, ତେ	= ଏତାଦୃଶ ସେହି
ଅଜାନତଃ	= ଜାଣନ୍ତି ନାହିଁ,	ଶ୍ରୁତି-ପରାୟଣାଃ	= ଶ୍ରବଣପରାୟଣ ମନୁଷ୍ୟ
ତୁ	= କିନ୍ତୁ (କେବଳ)	ଅପି	= ମଧ୍ୟ
ଅନ୍ୟେଭ୍ୟଃ	= ଅନ୍ୟମାନଙ୍କ ଠାରୁ (ଜୀବନ୍ମୁକ୍ତ ମହାପୁରୁଷଙ୍କ ଠାରୁ)	ମୃତ୍ୟୁମ୍	= ମୃତ୍ୟୁକୁ
		ଅତିତରନ୍ତି	= ଅତିକ୍ରମ କରିଯାଆନ୍ତି ।

ଯାବତ୍ ସଞ୍ଜାୟତେ କିଞ୍ଚିତ୍ ସତ୍ତ୍ୱଂ ସ୍ଥାବରଜଙ୍ଗମମ୍ ।
କ୍ଷେତ୍ରକ୍ଷେତ୍ରଜ୍ଞସଂଯୋଗାତ୍ତଦ୍‌ବିଦ୍ଧି ଭରତର୍ଷଭ ॥ ୨୬ ॥

ଭରତର୍ଷଭ	= ହେ ଭରତର୍ଷଭ ଅର୍ଜୁନ!	ତତ୍	= ସେମାନେ
ସ୍ଥାବରଜଙ୍ଗମମ୍	= ସ୍ଥାବର ଓ ଜଙ୍ଗମ	କ୍ଷେତ୍ରକ୍ଷେତ୍ରଜ୍ଞ-ସଂଯୋଗାତ୍	= କ୍ଷେତ୍ର ଓ କ୍ଷେତ୍ରଜ୍ଞର ସଂଯୋଗରୁ (ସୃଷ୍ଟ ହୁଅନ୍ତି ବୋଲି)
ଯାବତ୍, କିଞ୍ଚିତ୍	= ଯେତେ ବି		
ସତ୍ତ୍ୱମ୍	= ପ୍ରାଣୀ		
ସଞ୍ଜାୟତେ	= ସୃଷ୍ଟି ହୁଅନ୍ତି,	ବିଦ୍ଧି	= (ତୁମେ) ବୁଝ ।

ସମଂ ସର୍ବେଷୁ ଭୂତେଷୁ ତିଷ୍ଠନ୍ତଂ ପରମେଶ୍ୱରମ୍ ।
ବିନଶ୍ୟତ୍ସ୍ୱବିନଶ୍ୟନ୍ତଂ ଯଃ ପଶ୍ୟତି ସ ପଶ୍ୟତି ॥ ୨୭ ॥

ଯଃ	= ଯେ	ସମମ୍	= ସମରୂପେ
ସର୍ବେଷୁ	= ସମସ୍ତ	ତିଷ୍ଠନ୍ତମ୍	= ସ୍ଥିତ
ବିନଶ୍ୟସ୍ତୁ	= ନାଶବାନ୍	ପଶ୍ୟତି	= ଦେଖେ,
ଭୂତେଷୁ	= ପ୍ରାଣୀଙ୍କ ମଧ୍ୟରେ	ସଃ	= ସେ
ପରମେଶ୍ୱରମ୍	= ପରମାତ୍ମାଙ୍କୁ	ପଶ୍ୟତି	= (ବାସ୍ତବରେ ଠିକ୍) ଦେଖେ ।
ଅବିନଶ୍ୟନ୍ତମ୍	= ନାଶରହିତ (ଓ)		

ସମଂ ପଶ୍ୟନ୍ ହି ସର୍ବତ୍ର ସମବସ୍ଥିତମୀଶ୍ୱରମ୍ ।
ନ ହିନସ୍ତ୍ୟାତ୍ମନାତ୍ମାନଂ ତତୋ ଯାତି ପରାଂ ଗତିମ୍ ॥ ୨୮ ॥

ହି	= କାରଣ	ଆତ୍ମନା	= ନିଜ ଦ୍ୱାରା
ସର୍ବତ୍ର	= ସର୍ବତ୍ର	ଆତ୍ମାନମ୍	= ନିଜର
ସମବସ୍ଥିତମ୍	= ସମରୂପେ ସ୍ଥିତ	ନ, ହିନସ୍ତି	= ହିଂସା କରେ ନାହିଁ,
ଈଶ୍ୱରମ୍	= ଈଶ୍ୱରଙ୍କୁ	ତତଃ	= ତେଣୁ (ସେ)
ସମମ୍	= ସମାନରୂପେ	ପରାମ୍	= ପରମ
ପଶ୍ୟନ୍	= ଦର୍ଶନ କରୁଥିବା ମନୁଷ୍ୟ	ଗତିମ୍	= ଗତି
		ଯାତି	= ପ୍ରାପ୍ତ ହୁଏ ।

ପ୍ରକୃତ୍ୟୈବ ଚ କର୍ମାଣି କ୍ରିୟମାଣାନି ସର୍ବଶଃ ।
ଯଃ ପଶ୍ୟତି ତଥାତ୍ମାନମକର୍ତ୍ତାରଂ ସ ପଶ୍ୟତି ॥ ୨୯ ॥

ଯଃ	= ଯେ	ତଥା	= ଏବଂ
କର୍ମାଣି	= ସମସ୍ତ କ୍ରିୟାକୁ	ଆତ୍ମାନମ୍	= ନିଜକୁ
ସର୍ବଶଃ	= ସର୍ବତୋଭାବେ	ଅକର୍ତ୍ତାରମ୍	= ଅକର୍ତ୍ତା
ପ୍ରକୃତ୍ୟା	= ପ୍ରକୃତି ଦ୍ୱାରା	ପଶ୍ୟତି	= ଦେଖେ (ଅନୁଭବ କରେ),
ଏବ	= ହିଁ		
କ୍ରିୟମାଣାନି	= କରାଯାଉଥିବାର	ସଃ, ଚ	= ସେ (ଯଥାର୍ଥ ଦେଖେ) ।
ପଶ୍ୟତି	= ଦେଖେ,		

ଯଦା ଭୂତପୃଥଗ୍‌ଭାବମେକସ୍ଥମନୁପଶ୍ୟତି ।
ତତ ଏବ ଚ ବିସ୍ତାରଂ ବ୍ରହ୍ମ ସମ୍ପଦ୍ୟତେ ତଦା ॥ ୩୦ ॥

ଯଦା	= (ସାଧକ) ଯେତେବେଳେ	ତତଃ	= ସେହି ପ୍ରକୃତିଠାରୁ
ଭୂତପୃଥଗ୍-ଭାବମ୍	= ପ୍ରାଣୀମାନଙ୍କର ଭିନ୍ନ ଭିନ୍ନ ଭାବକୁ	ଏବ	= ହିଁ (ସେ ସବୁର)
		ବିସ୍ତାରମ୍	= ବିସ୍ତାର (ଦେଖେ),
ଏକସ୍ଥମ୍	= ଏକମାତ୍ର ପ୍ରକୃତିରେ ହିଁ ସ୍ଥିତ	ତଦା	= ସେତେବେଳେ (ସେ)
ଅନୁପଶ୍ୟତି	= ଦେଖେ	ବ୍ରହ୍ମ	= ବ୍ରହ୍ମଙ୍କୁ
ଚ	= ଏବଂ	ସମ୍ପଦ୍ୟତେ	= ପ୍ରାପ୍ତ ହୁଏ ।

ଅନାଦିତ୍ୱାନ୍ନିର୍ଗୁଣତ୍ୱାତ୍ ପରମାତ୍ମାୟମବ୍ୟୟଃ ।
ଶରୀରସ୍ଥୋଽପି କୌନ୍ତେୟ ନ କରୋତି ନ ଲିପ୍ୟତେ ॥ ୩୧ ॥

କୌନ୍ତେୟ	= ହେ କୁନ୍ତୀନନ୍ଦନ!	**ପରମାତ୍ମା**	= ପରମାତ୍ମାଙ୍କର ସ୍ୱରୂପ ଅଟେ ।
ଅୟମ୍	= ଏହି (ପୁରୁଷ ସ୍ୱୟଂ)	**ଶରୀରସ୍ଥଃ**	= ଶରୀରରେ ରହୁଥିଲେ
ଅନାଦିତ୍ୱାତ୍	= ଅନାଦି ହୋଇଥିବାରୁ (ଓ)	**ଅପି**	= ମଧ୍ୟ
ନିର୍ଗୁଣତ୍ୱାତ୍	= ଗୁଣରହିତ ହୋଇଥିବାରୁ	**ନ, କରୋତି**	= ଏ କିଛି କରେ ନାହିଁ (କି)
ଅବ୍ୟୟଃ	= ଅବିନାଶୀ	**ନ, ଲିପ୍ୟତେ**	= ଲିପ୍ତ ହୁଏ ନାହିଁ ।

ଯଥା ସର୍ବଗତଂ ସୌକ୍ଷ୍ମ୍ୟାଦାକାଶଂ ନୋପଲିପ୍ୟତେ ।
ସର୍ବତ୍ରାବସ୍ଥିତୋ ଦେହେ ତଥାତ୍ମା ନୋପଲିପ୍ୟତେ ॥ ୩୨ ॥

ସର୍ବଗତମ୍	= ସର୍ବତ୍ର ପରିବ୍ୟାପ୍ତ	**ତଥା**	= ସେହିପରି
ଆକାଶମ୍	= ଆକାଶ	**ସର୍ବତ୍ର**	= ସର୍ବତ୍ର
ସୌକ୍ଷ୍ମ୍ୟାତ୍	= ଅତ୍ୟନ୍ତ ସୂକ୍ଷ୍ମ ହୋଇଥିବାରୁ	**ଅବସ୍ଥିତଃ**	= ପରିପୂର୍ଣ୍ଣ
		ଆତ୍ମା	= ଆତ୍ମା
ଯଥା	= ଯେପରି	**ଦେହେ**	= (କୌଣସି) ଶରୀରରେ
ନ, ଉପଲିପ୍ୟତେ	= (କେଉଁଠାରେ) ଲିପ୍ତ ହୁଏ ନାହିଁ,	**ନ, ଉପଲିପ୍ୟତେ**	= ଲିପ୍ତ ହୁଏ ନାହିଁ ।

ଯଥା ପ୍ରକାଶୟତ୍ୟେକଃ କୃତ୍ସ୍ନଂ ଲୋକମିମଂ ରବିଃ ।
କ୍ଷେତ୍ରଂ କ୍ଷେତ୍ରୀ ତଥା କୃତ୍ସ୍ନଂ ପ୍ରକାଶୟତି ଭାରତ ॥ ୩୩ ॥

ଭାରତ	= ହେ ଭରତବଂଶଜ ଅର୍ଜୁନ!	ଲୋକମ୍	= ସଂସାରକୁ
		ପ୍ରକାଶୟତି	= ପ୍ରକାଶିତ କରେ,
ଏକଃ	= ଏକମାତ୍ର	ତଥା	= ସେହିପରି
ରବିଃ	= ସୂର୍ଯ୍ୟ	କ୍ଷେତ୍ରୀ	= କ୍ଷେତ୍ରଜ୍ଞ (ଆତ୍ମା)
ଯଥା	= ଯେପରି	କୃତ୍ସ୍ନମ୍	= ସମସ୍ତ
ଇମମ୍	= ଏହି	କ୍ଷେତ୍ରମ୍	= କ୍ଷେତ୍ରକୁ
କୃତ୍ସ୍ନମ୍	= ସମଗ୍ର	ପ୍ରକାଶୟତି	= ପ୍ରକାଶିତ କରେ ।

କ୍ଷେତ୍ରକ୍ଷେତ୍ରଜ୍ଞୟୋରେବମନ୍ତରଂ ଜ୍ଞାନଚକ୍ଷୁଷା ।
ଭୂତପ୍ରକୃତିମୋକ୍ଷଂ ଚ ଯେ ବିଦୁର୍ଯାନ୍ତି ତେ ପରମ୍ ॥ ୩୪ ॥

ଏବମ୍	= ଏହିରୂପେ	ଚ	= ତଥା
ଯେ	= ଯେଉଁମାନେ	ଭୂତପ୍ରକୃତି-ମୋକ୍ଷମ୍	= କାର୍ଯ୍ୟ-କାରଣ ସମେତ ପ୍ରକୃତିଠାରୁ ସ୍ୱୟଂକୁ ପୃଥକ୍
ଜ୍ଞାନଚକ୍ଷୁଷା	= ଜ୍ଞାନଚକ୍ଷୁ ଦ୍ୱାରା		
କ୍ଷେତ୍ର-କ୍ଷେତ୍ରଜ୍ଞୟୋଃ	= କ୍ଷେତ୍ର ଓ କ୍ଷେତ୍ରଜ୍ଞର		
ଅନ୍ତରମ୍	= ବିଭାଗକୁ		

ବିଦୁଃ	= ଜାଣନ୍ତି,	ପରମ୍	= ପରମାତ୍ମାଙ୍କୁ
ତେ	= ସେମାନେ	ଯାନ୍ତି	= ପ୍ରାପ୍ତ ହୁଅନ୍ତି ।

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ କ୍ଷେତ୍ରକ୍ଷେତ୍ରଜ୍ଞବିଭାଗଯୋଗୋ ନାମ ତ୍ରୟୋଦଶୋଽଧ୍ୟାୟଃ ॥ ୧୩ ॥

ଏହି ପ୍ରକାରେ 'ଓଁ, ତତ୍, ସତ୍'—ଏହି ଭଗବନ୍ନାମ ଉଚ୍ଚାରଣପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍‌ଗୀତୋପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନସଂବାଦରେ 'କ୍ଷେତ୍ରକ୍ଷେତ୍ରଜ୍ଞବିଭାଗଯୋଗ' ନାମକ ତ୍ରୟୋଦଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୧୩ ॥

✵✵✵

॥ ଓଁ ଶ୍ରୀପରମାତ୍ମନେ ନମଃ ॥

ଅଥ ଚତୁର୍ଦ୍ଦଶୋଽଧ୍ୟାୟଃ

(ଚତୁର୍ଦ୍ଦଶ ଅଧ୍ୟାୟ)

ଶ୍ରୀଭଗବାନୁବାଚ

ପରଂ ଭୂୟଃ ପ୍ରବକ୍ଷ୍ୟାମି ଜ୍ଞାନାନାଂ ଜ୍ଞାନମୁତ୍ତମମ୍ ।
ଯଜ୍‌ଜ୍ଞାତ୍ୱା ମୁନୟଃ ସର୍ବେ ପରାଂ ସିଦ୍ଧିମିତୋ ଗତାଃ ॥ ୧ ॥

ଶ୍ରୀଭଗବାନ କହିଲେ—

ଜ୍ଞାନାନାମ୍	= ସମସ୍ତ ଜ୍ଞାନ ମଧ୍ୟରେ	**ଜ୍ଞାତ୍ୱା**	= ଜାଣି
ଉତ୍ତମମ୍	= ଉତ୍ତମ (ଓ)	**ସର୍ବେ, ମୁନୟଃ**	= ସମସ୍ତ ମୁନିଗଣ
ପରମ୍	= ଶ୍ରେଷ୍ଠ	**ଇତଃ**	= ଏ ସଂସାରରୁ (ମୁକ୍ତ ହୋଇ)
ଜ୍ଞାନମ୍	= ଜ୍ଞାନ (ମୁଁ ତୁମକୁ)		
ଭୂୟଃ	= ପୁନଶ୍ଚ	**ପରାମ୍**	= ପରମ
ପ୍ରବକ୍ଷ୍ୟାମି	= କହିବି,	**ସିଦ୍ଧିମ୍**	= ସିଦ୍ଧି
ଯତ୍	= ଯାହାକୁ	**ଗତାଃ**	= ପ୍ରାପ୍ତ ହୋଇଛନ୍ତି ।

ଇଦଂ ଜ୍ଞାନମୁପାଶ୍ରିତ୍ୟ ମମ ସାଧର୍ମ୍ୟମାଗତାଃ ।
ସର୍ଗେଽପି ନୋପଜାୟନ୍ତେ ପ୍ରଳୟେ ନ ବ୍ୟଥନ୍ତି ଚ ॥ ୨ ॥

ଇଦମ୍	=	ଏହି
ଜ୍ଞାନମ୍	=	ଜ୍ଞାନର
ଉପାଶ୍ରିତ୍ୟ	=	ଆଶ୍ରୟ ନେଇ
ମମ	=	(ଯେଉଁ ମନୁଷ୍ୟ) ମୋର
ସାଧର୍ମ୍ୟମ୍	=	ସଧର୍ମତା
ଆଗତାଃ	=	ପ୍ରାପ୍ତ ହୋଇଛନ୍ତି,
ସର୍ଗେ	=	(ସେମାନେ) ମହାସର୍ଗରେ
ଅପି	=	ମଧ୍ୟ
ନ,ଉପଜାୟନ୍ତେ	=	ସୃଷ୍ଟି ହୁଅନ୍ତି ନାହିଁ
ଚ	=	ଏବଂ
ପ୍ରଳୟେ	=	ମହାପ୍ରଳୟରେ ମଧ୍ୟ
ନ, ବ୍ୟଥନ୍ତି	=	ବ୍ୟଥିତ ହୁଅନ୍ତି ନାହିଁ ।

ମମ ଯୋନିର୍ମହଦ୍‌ବ୍ରହ୍ମ ତସ୍ମିନ୍ ଗର୍ଭଂ ଦଧାମ୍ୟହମ୍ ।
ସମ୍ଭବଃ ସର୍ବଭୂତାନାଂ ତତୋ ଭବତି ଭାରତ ॥ ୩ ॥

ଭାରତ	=	ହେ ଭରତବଂଶଜ ଅର୍ଜୁନ!
ମମ	=	ମୋର
ମହତ୍, ବ୍ରହ୍ମ	=	ମୂଳ ପ୍ରକୃତି
ଯୋନିଃ	=	ଉତ୍ପତ୍ତି ସ୍ଥାନ ଅଟେ (ଏବଂ)
ଅହମ୍	=	ମୁଁ
ତସ୍ମିନ୍	=	ସେଥିରେ
ଗର୍ଭମ୍	=	ଜୀବରୂପକ ଗର୍ଭ
ଦଧାମି	=	ସ୍ଥାପନ କରେ ।
ତତଃ	=	ସେଇଥିରୁ ହିଁ
ସର୍ବଭୂତାନାମ୍	=	ସମସ୍ତ ପ୍ରାଣୀଙ୍କର
ସମ୍ଭବଃ	=	ଉତ୍ପତ୍ତି
ଭବତି	=	ହୁଏ ।

ସର୍ବଯୋନିଷୁ କୌନ୍ତେୟ ମୂର୍ତ୍ତୟଃ ସମ୍ଭବନ୍ତି ଯାଃ ।
ତାସାଂ ବ୍ରହ୍ମ ମହଦ୍‌ଯୋନିରହଂ ବୀଜପ୍ରଦଃ ପିତା ॥ ୪ ॥

କୌନ୍ତେୟ	= ହେ କୁନ୍ତୀନନ୍ଦନ!	ମହତ୍, ବ୍ରହ୍ମ	= ମୂଳ ପ୍ରକୃତି
ସର୍ବଯୋନିଷୁ	= ସମସ୍ତ ଯୋନିରେ	ତାସାମ୍	= ସେ ସବୁର
ଯାଃ	= (ପ୍ରାଣୀମାନଙ୍କର) ଯେତେ	ଯୋନିଃ	= ମାତା (ଏବଂ)
		ଅହମ୍	= ମୁଁ
ମୂର୍ତ୍ତୟଃ	= ଶରୀର	ବୀଜପ୍ରଦଃ	= ବୀଜ ସ୍ଥାପନକାରୀ
ସମ୍ଭବନ୍ତି	= ସୃଷ୍ଟି ହୁଅନ୍ତି,	ପିତା	= ପିତା ।

ସତ୍ତ୍ୱଂ ରଜସ୍ତମ ଇତି ଗୁଣାଃ ପ୍ରକୃତିସମ୍ଭବାଃ ।
ନିବଧ୍ନନ୍ତି ମହାବାହୋ ଦେହେ ଦେହିନମବ୍ୟୟମ୍ ॥ ୫ ॥

ମହାବାହୋ	= ହେ ମହାବାହୁ!	ଇତି	= ଏହି
ପ୍ରକୃତି-ସମ୍ଭବାଃ	= ପ୍ରକୃତିରୁ ଉତ୍ପନ୍ନ ହେଉଥିବା	ଗୁଣାଃ	= ତିନିଗୁଣ
		ଅବ୍ୟୟମ୍	= ଅବିନାଶୀ
ସତ୍ତ୍ୱମ୍	= ସତ୍ତ୍ୱ	ଦେହିନମ୍	= ଦେହୀ (ଜୀବାତ୍ମା)କୁ
ରଜଃ	= ରଜ (ଓ)	ଦେହେ	= ଦେହରେ
ତମଃ	= ତମ—	ନିବଧ୍ନନ୍ତି	= ଆବଦ୍ଧ କରନ୍ତି ।

ତତ୍ର ସତ୍ତ୍ୱଂ ନିର୍ମଳତ୍ୱାତ୍ ପ୍ରକାଶକମନାମୟମ୍ ।
ସୁଖସଙ୍ଗେନ ବଧ୍ନାତି ଜ୍ଞାନସଙ୍ଗେନ ଚାନଘ ॥ ୬ ॥

ଅନଘ	= ହେ ନିଷ୍ପାପ ଅର୍ଜୁନ!	ତତ୍ର	= ସେହି ଗୁଣଗୁଡ଼ିକ ମଧ୍ୟରୁ

ସତ୍ତ୍ୱମ୍	= ସତ୍ତ୍ୱଗୁଣ	ସୁଖସଙ୍ଗେନ	= (ତାହା) ସୁଖାସକ୍ତି
ନିର୍ମଳତ୍ୱାତ୍	= ନିର୍ମଳ (ସ୍ୱଚ୍ଛ) ହୋଇଥିବାରୁ	ଚ	= ଓ
ପ୍ରକାଶକମ୍	= ପ୍ରକାଶକ (ଓ)	ଜ୍ଞାନସଙ୍ଗେନ	= ଜ୍ଞାନାସକ୍ତି ଦ୍ୱାରା
ଅନାମୟମ୍	= ନିର୍ବିକାର ଅଟେ ।	ବଧ୍ନାତି	= (ଦେହୀକୁ) ଆବଦ୍ଧ କରେ ।

ରଜୋ ରାଗାତ୍ମକଂ ବିଦ୍ଧି ତୃଷ୍ଣାସଙ୍ଗସମୁଦ୍ଭବମ୍ ।
ତନ୍ନିବଧ୍ନାତି କୌନ୍ତେୟ କର୍ମସଙ୍ଗେନ ଦେହିନମ୍ ॥ ୭ ॥

କୌନ୍ତେୟ	= ହେ କୁନ୍ତୀନନ୍ଦନ!	ବିଦ୍ଧି	= ଜାଣ ।
ତୃଷ୍ଣାସଙ୍ଗ-ସମୁଦ୍ଭବମ୍	= ତୃଷ୍ଣା ଓ ଆସକ୍ତି ଜାତ କରୁଥିବା	ତତ୍	= ତାହା
		କର୍ମସଙ୍ଗେନ	= କର୍ମାସକ୍ତି ଦ୍ୱାରା
ରଜଃ	= ରଜୋଗୁଣକୁ (ତୁମେ)	ଦେହିନମ୍	= ଦେହୀ (ଜୀବାତ୍ମା)କୁ
ରାଗାତ୍ମକମ୍	= ରାଗ(ଆସକ୍ତି) ସ୍ୱରୂପ ବୋଲି	ନିବଧ୍ନାତି	= ବନ୍ଧନରେ ପକାଏ ।

ତମସ୍ତ୍ୱଜ୍ଞାନଜଂ ବିଦ୍ଧି ମୋହନଂ ସର୍ବଦେହିନାମ୍ ।
ପ୍ରମାଦାଲସ୍ୟନିଦ୍ରାଭିସ୍ତନ୍ନିବଧ୍ନାତି ଭାରତ ॥ ୮ ॥

ତୁ	= ଏବଂ	ବିଦ୍ଧି	= ଜାଣ ।
ଭାରତ	= ହେ ଭରତବଂଶୀ ଅର୍ଜୁନ!	ତତ୍	= ତାହା
ସର୍ବଦେହିନାମ୍	= ସମସ୍ତ ଦେହଧାରୀଙ୍କୁ	ପ୍ରମାଦାଲସ୍ୟ-ନିଦ୍ରାଭିଃ	= ପ୍ରମାଦ, ଆଳସ୍ୟ ଓ ନିଦ୍ରା ଦ୍ୱାରା
ମୋହନମ୍	= ମୋହିତ କରୁଥିବା	ନିବଧ୍ନାତି	= (ଦେହ ସହିତ ସମ୍ବନ୍ଧ ମାନୁଥିବା ମନୁଷ୍ୟଙ୍କୁ) ବନ୍ଧନରେ ପକାଏ ।
ତମଃ	= ତମୋଗୁଣ		
ଅଜ୍ଞାନଜମ୍	= ଅଜ୍ଞାନରୁ ଜାତ ହୁଏ ବୋଲି		

ସତ୍ତ୍ୱଂ ସୁଖେ ସଞ୍ଜୟତି ରଜଃ କର୍ମଣି ଭାରତ ।
ଜ୍ଞାନମାବୃତ୍ୟ ତୁ ତମଃ ପ୍ରମାଦେ ସଞ୍ଜୟତ୍ୟୁତ ॥ ୯ ॥

ଭାରତ	= ହେ ଭରତ-ବଂଶୋଦ୍ଭବ ଅର୍ଜୁନ!	ତମଃ	= ତମୋଗୁଣ
		ଜ୍ଞାନମ୍	= ଜ୍ଞାନକୁ
ସତ୍ତ୍ୱମ୍	= ସତ୍ତ୍ୱଗୁଣ	ଆବୃତ୍ୟ	= ଆଚ୍ଛାଦିତ କରି
ସୁଖେ	= ସୁଖରେ (ଓ)	ଉତ	= ଓ
ରଜଃ	= ରଜୋଗୁଣ	ପ୍ରମାଦେ	= ପ୍ରମାଦରେ ଲିପ୍ତ କରାଇ (ମନୁଷ୍ୟ ଉପରେ)
କର୍ମଣି	= କର୍ମରେ ଲିପ୍ତ କରି (ମନୁଷ୍ୟ ଉପରେ)		
ସଞ୍ଜୟତି	= ବିଜୟ ପ୍ରାପ୍ତ କରେ ।	ସଞ୍ଜୟତି	= ବିଜୟ ପ୍ରାପ୍ତ କରେ ।
ତୁ	= ମାତ୍ର		

ରଜସ୍ତମଶ୍ଚାଭିଭୂୟ ସତ୍ତ୍ୱଂ ଭବତି ଭାରତ ।
ରଜଃ ସତ୍ତ୍ୱଂ ତମଶ୍ଚୈବ ତମଃ ସତ୍ତ୍ୱଂ ରଜସ୍ତଥା ॥ ୧୦ ॥

ଭାରତ	= ହେ ଭରତବଂଶଜ ଅର୍ଜୁନ!	ତମଃ	= ତମୋଗୁଣକୁ (ଦମନ କରି)
ରଜଃ	= ରଜୋଗୁଣ	ରଜଃ	= ରଜୋଗୁଣ (ବୃଦ୍ଧି ହୁଏ ଏବଂ)
ଚ	= ଓ		
ତମଃ	= ତମୋଗୁଣକୁ	ତଥା, ଏବ	= ସେହିପରି
ଅଭିଭୂୟ	= ଦମନ କରି	ସତ୍ତ୍ୱମ୍	= ସତ୍ତ୍ୱଗୁଣ (ଓ)
ସତ୍ତ୍ୱମ୍	= ସତ୍ତ୍ୱଗୁଣ	ରଜଃ	= ରଜୋଗୁଣକୁ (ଦମନ କରି)
ଭବତି	= ବୃଦ୍ଧି ହୁଏ,		
ସତ୍ତ୍ୱମ୍	= ସତ୍ତ୍ୱଗୁଣ	ତମଃ	= ତମୋଗୁଣ (ବୃଦ୍ଧି ହୁଏ) ।
ଚ	= ଓ		

ସର୍ବଦ୍ୱାରେଷୁ ଦେହେଽସ୍ମିନ୍ ପ୍ରକାଶ ଉପଜାୟତେ ।
ଜ୍ଞାନଂ ଯଦା ତଦା ବିଦ୍ୟାଦ୍‌ବିବୃଦ୍ଧଂ ସତ୍ତ୍ୱମିତ୍ୟୁତ ॥ ୧୧ ॥

ଅସ୍ମିନ୍	= ଏହି	ଯଦା	= ଯେତେବେଳେ
ଦେହେ	= ମନୁଷ୍ୟ-ଶରୀରର	ପ୍ରକାଶଃ	= ପ୍ରକାଶ (ସ୍ୱଚ୍ଛତା)
		ଉତ	= ଓ
ସର୍ବଦ୍ୱାରେଷୁ	= ସମସ୍ତ ଦ୍ୱାରରେ (ଇନ୍ଦ୍ରିୟ ଓ ଅନ୍ତଃକରଣରେ)	ଜ୍ଞାନମ୍	= ବିବେକ
		ଉପଜାୟତେ	= ଉଦୟ ହୁଏ,
		ତଦା	= ସେତେବେଳେ

ସତ୍ତ୍ୱମ୍	= ସତ୍ତ୍ୱଗୁଣ	ଇତି	= ବୋଲି
ବିବୃଦ୍ଧମ୍	= ବୃଦ୍ଧିପ୍ରାପ୍ତ ହୋଇଛି	ବିଦ୍ୟାତ୍	= ଜାଣିବା ଉଚିତ ।

ଲୋଭଃ ପ୍ରବୃତ୍ତିରାରମ୍ଭଃ କର୍ମଣାମଶମଃ ସ୍ପୃହା ।
ରଜସ୍ୟେତାନି ଜାୟନ୍ତେ ବିବୃଦ୍ଧେ ଭରତର୍ଷଭ ॥ ୧୨ ॥

ଭରତର୍ଷଭ	= ହେ ଭରତର୍ଷଭ ଅର୍ଜୁନ!	କର୍ମଣାମ୍, ଆରମ୍ଭଃ	= କର୍ମାରମ୍ଭ,
ରଜସି	= ରଜୋଗୁଣ	ଅଶମଃ	= ଅଶାନ୍ତି (ଓ)
ବିବୃଦ୍ଧେ	= ବୃଦ୍ଧି ହେଲେ	ସ୍ପୃହା	= ସ୍ପୃହା—
ଲୋଭଃ	= ଲୋଭ,	ଏତାନି	= ଏସବୁ ବୃତ୍ତି
ପ୍ରବୃତ୍ତିଃ	= ପ୍ରବୃତ୍ତି,	ଜାୟନ୍ତେ	= ଜାତ ହୁଅନ୍ତି ।

ଅପ୍ରକାଶୋଽପ୍ରବୃତ୍ତିଶ୍ଚ ପ୍ରମାଦୋ ମୋହ ଏବ ଚ ।
ତମସ୍ୟେତାନି ଜାୟନ୍ତେ ବିବୃଦ୍ଧେ କୁରୁନନ୍ଦନ ॥ ୧୩ ॥

କୁରୁନନ୍ଦନ	= ହେ କୁରୁନନ୍ଦନ!	ପ୍ରମାଦଃ	= ପ୍ରମାଦ
ତମସି	= ତମୋଗୁଣ	ଚ	= ଓ
ବିବୃଦ୍ଧେ	= ବଢ଼ିଗଲେ	ମୋହଃ	= ମୋହ—
ଅପ୍ରକାଶଃ	= ଅପ୍ରକାଶ,	ଏତାନି	= ଏହି ବୃତ୍ତିଗୁଡ଼ିକ
ଅପ୍ରବୃତ୍ତିଃ	= ଅପ୍ରବୃତ୍ତି	ଏବ	= ମଧ୍ୟ
ଚ	= ତଥା	ଜାୟନ୍ତେ	= ଜାତ ହୁଅନ୍ତି ।

ଯଦା ସତ୍ତ୍ୱେ ପ୍ରବୃଦ୍ଧେ ତୁ ପ୍ରଳୟଂ ଯାତି ଦେହଭୃତ୍ ।
ତଦୋତ୍ତମବିଦାଂ ଲୋକାନମଳାନ୍ ପ୍ରତିପଦ୍ୟତେ ॥ ୧୪ ॥

ଯଦା = ଯେତେବେଳେ
ସତ୍ତ୍ୱେ = ସତ୍ତ୍ୱଗୁଣ
ପ୍ରବୃଦ୍ଧେ = ବୃଦ୍ଧି ହୋଇଥାଏ,
ତଦା = ସେତେବେଳେ
ତୁ = ଯଦି
ଦେହଭୃତ୍ = ଦେହଧାରୀ ମନୁଷ୍ୟ
ପ୍ରଳୟମ୍, ଯାତି = ମରିଯାଏ, (ତେବେ ସେ)
ଉତ୍ତମବିଦାମ୍ = ଉତ୍ତମ-ବେତ୍ତାମାନଙ୍କର
ଅମଳାନ୍ = ନିର୍ମଳ
ଲୋକାନ୍ = ଲୋକଗୁଡ଼ିକୁ
ପ୍ରତିପଦ୍ୟତେ = ପ୍ରାପ୍ତ ହୁଏ ।

ରଜସି ପ୍ରଳୟଂ ଗତ୍ୱା କର୍ମସଙ୍ଗିଷୁ ଜାୟତେ ।
ତଥା ପ୍ରଲୀନସ୍ତମସି ମୂଢଯୋନିଷୁ ଜାୟତେ ॥ ୧୫ ॥

ରଜସି = ରଜୋଗୁଣ ବୃଦ୍ଧି ହୋଇଥିବା ବେଳେ
ପ୍ରଳୟମ୍, ଗତ୍ୱା = ମରୁଥିବା ପ୍ରାଣୀ
କର୍ମସଙ୍ଗିଷୁ = କର୍ମସଙ୍ଗୀ ମନୁଷ୍ୟଯୋନିରେ
ଜାୟତେ = ଜନ୍ମ ନିଏ
ତଥା = ଏବଂ
ତମସି = ତମୋଗୁଣ ବୃଦ୍ଧି ହୋଇଥିବା ବେଳେ
ପ୍ରଲୀନଃ = ମରୁଥିବା ପ୍ରାଣୀ
ମୂଢଯୋନିଷୁ = ମୂଢ଼ ଯୋନିମାନଙ୍କରେ
ଜାୟତେ = ଜନ୍ମ ନିଏ ।

କର୍ମଣଃ ସୁକୃତସ୍ୟାହୁଃ ସାତ୍ତ୍ୱିକଂ ନିର୍ମଳଂ ଫଳମ୍ ।
ରଜସସ୍ତୁ ଫଳଂ ଦୁଃଖମଜ୍ଞାନଂ ତମସଃ ଫଳମ୍ ॥ ୧୬ ॥

ବିବେକୀ ପୁରୁଷ—

ସୁକୃତସ୍ୟ	= ଶୁଭ	ରଜସଃ	= ରାଜସ କର୍ମର
କର୍ମଣଃ	= କର୍ମର	ଫଳମ୍	= ଫଳ
ଫଳମ୍	= ଫଳ	ଦୁଃଖମ୍	= ଦୁଃଖ (ଏବଂ)
ତୁ	= ତ	ତମସଃ	= ତାମସ କର୍ମର
ସାତ୍ତ୍ୱିକମ୍	= ସାତ୍ତ୍ୱିକ	ଫଳମ୍	= ଫଳ
ନିର୍ମଳମ୍	= ନିର୍ମଳ (ବୋଲି)	ଅଜ୍ଞାନମ୍	= ଅଜ୍ଞାନ ବା ମୂଢ଼ତା (ବୋଲି କହିଛନ୍ତି) ।
ଆହୁଃ	= କହିଛନ୍ତି,		

ସତ୍ତ୍ୱାତ୍ ସଞ୍ଜାୟତେ ଜ୍ଞାନଂ ରଜସୋ ଲୋଭ ଏବ ଚ ।
ପ୍ରମାଦମୋହୌ ତମସୋ ଭବତୋଽଜ୍ଞାନମେବ ଚ ॥ ୧୭ ॥

ସତ୍ତ୍ୱାତ୍	= ସତ୍ତ୍ୱଗୁଣରୁ	ତମସଃ	= ତମୋଗୁଣରୁ
ଜ୍ଞାନମ୍	= ଜ୍ଞାନ	ପ୍ରମାଦମୋହୌ	= ପ୍ରମାଦ, ମୋହ
ଚ	= ଓ	ଚ	= ଓ
ରଜସଃ	= ରଜୋଗୁଣରୁ	ଅଜ୍ଞାନମ୍	= ଅଜ୍ଞାନ
ଲୋଭଃ, ଏବ	= ଲୋଭ (ଆଦି)	ଏବ	= ମଧ୍ୟ
ସଞ୍ଜାୟତେ	= ଉତ୍ପନ୍ନ ହୁଏ ।	ଭବତଃ	= ଉତ୍ପନ୍ନ ହୁଏ ।

ଊର୍ଦ୍ଧ୍ୱଂ ଗଚ୍ଛନ୍ତି ସତ୍ତ୍ୱସ୍ଥା ମଧ୍ୟେ ତିଷ୍ଠନ୍ତି ରାଜସାଃ ।
ଜଘନ୍ୟଗୁଣବୃତ୍ତିସ୍ଥା ଅଧୋ ଗଚ୍ଛନ୍ତି ତାମସାଃ ॥ ୧୮ ॥

ସତ୍ତ୍ୱସ୍ଥାଃ	= ସତ୍ତ୍ୱଗୁଣରେ ସ୍ଥିତ ମନୁଷ୍ୟ	ତିଷ୍ଠନ୍ତି	= ଜନ୍ମ ନିଅନ୍ତି (ଏବଂ)
ଊର୍ଦ୍ଧ୍ୱମ୍	= ଊର୍ଦ୍ଧ୍ୱଲୋକକୁ	ଜଘନ୍ୟଗୁଣ-ବୃତ୍ତିସ୍ଥାଃ	= ନିନ୍ଦନୀୟ ତମୋଗୁଣଜନିତ ବୃତ୍ତିରେ ସ୍ଥିତ
ଗଚ୍ଛନ୍ତି	= ଯାଆନ୍ତି,		
ରାଜସାଃ	= ରଜୋଗୁଣରେ ସ୍ଥିତ ମନୁଷ୍ୟ	ତାମସାଃ	= ତାମସ ମନୁଷ୍ୟ
		ଅଧଃ	= ଅଧୋଗତି
ମଧ୍ୟେ	= ମୃତ୍ୟୁଲୋକରେ	ଗଚ୍ଛନ୍ତି	= ପ୍ରାପ୍ତ ହୁଅନ୍ତି ।

ନାନ୍ୟଂ ଗୁଣେଭ୍ୟଃ କର୍ତ୍ତାରଂ ଯଦା ଦ୍ରଷ୍ଟାନୁପଶ୍ୟତି ।
ଗୁଣେଭ୍ୟଶ୍ଚ ପରଂ ବେତ୍ତି ମଦ୍‌ଭାବଂ ସୋଽଧିଗଚ୍ଛତି ॥ ୧୯ ॥

ଦ୍ରଷ୍ଟା	= ବିବେକୀ (ବିଗ୍ରହବନ୍ତ) ମନୁଷ୍ୟ	ନ, ଅନୁପଶ୍ୟତି	= ଦେଖେ ନାହିଁ
		ଚ	= ଏବଂ (ନିଜକୁ)
		ଗୁଣେଭ୍ୟଃ	= ଗୁଣଗୁଡ଼ିକରୁ
ଯଦା	= ଯେତେବେଳେ	ପରମ୍	= ଅତୀତ
ଗୁଣେଭ୍ୟଃ	= ତିନିଗୁଣ (ବ୍ୟତୀତ)	ବେତ୍ତି	= ଅନୁଭବ କରେ, (ସେତେବେଳେ)
ଅନ୍ୟମ୍	= ଅନ୍ୟ କାହାକୁ	ସଃ	= ସେ
		ମଦ୍‌ଭାବମ୍	= ମୋର ସତ୍‌ସ୍ୱରୂପକୁ
କର୍ତ୍ତାରମ୍	= କର୍ତ୍ତା	ଅଧିଗଚ୍ଛତି	= ପ୍ରାପ୍ତ ହୁଏ ।

ଗୁଣାନେତାନତୀତ୍ୟ ତ୍ରୀନ୍‌ଦେହୀ ଦେହସମୁଦ୍ଭବାନ୍ ।
ଜନ୍ମମୃତ୍ୟୁଜରାଦୁଃଖୈର୍ବିମୁକ୍ତୋଽମୃତମଶ୍ନୁତେ ॥ ୨୦ ॥

ଦେହୀ	=	ଦେହଧାରୀ (ବିବେକୀ ମନୁଷ୍ୟ)	**ଅତୀତ୍ୟ**	=	ଅତିକ୍ରମ କରି
ଦେହ-ସମୁଦ୍ଭବାନ୍	=	ଦେହର ଉତ୍ପନ୍ନକାରୀ	**ଜନ୍ମମୃତ୍ୟୁ-ଜରାଦୁଃଖୈଃ**	=	ଜନ୍ମ, ମୃତ୍ୟୁ ଓ ବୃଦ୍ଧାବସ୍ଥାରୂପକ ଦୁଃଖରୁ
ଏତାନ୍	=	ଏହି	**ବିମୁକ୍ତଃ**	=	ମୁକ୍ତ ହୋଇ
ତ୍ରୀନ୍	=	ତିନି	**ଅମୃତମ୍**	=	ଅମରତ୍ୱ
ଗୁଣାନ୍	=	ଗୁଣକୁ	**ଅଶ୍ନୁତେ**	=	ଅନୁଭବ କରେ ।

ଅର୍ଜୁନ ଉବାଚ

କୈର୍ଲିଙ୍ଗୈସ୍ତ୍ରୀନ୍ ଗୁଣାନେତାନତୀତୋ ଭବତି ପ୍ରଭୋ ।
କିମାଚାରଃ କଥଂ ଚୈତାଂସ୍ତ୍ରୀନ୍‌ଗୁଣାନତିବର୍ତ୍ତତେ ॥ ୨୧ ॥

ଅର୍ଜୁନ କହିଲେ—

ପ୍ରଭୋ	=	ହେ ପ୍ରଭୁ!	**କୈଃ**	=	କେଉଁ
ଏତାନ୍	=	ଏହି	**ଲିଙ୍ଗୈଃ**	=	ଲକ୍ଷଣଯୁକ୍ତ
ତ୍ରୀନ୍	=	ତିନି	**ଭବତି**	=	ହୋଇଥାଆନ୍ତି?
ଗୁଣାନ୍	=	ଗୁଣରୁ	**କିମାଚାରଃ**	=	ତାଙ୍କର ଆଚରଣ କିପରି ହୋଇଥାଏ
ଅତୀତଃ	=	ଅତୀତ ମନୁଷ୍ୟ	**ଚ**	=	ଏବଂ

ଏତାନ୍	= ଏହି	କଥମ୍, ଅତିବର୍ତ୍ତତେ	= କିପରି ଅତିକ୍ରମ କରାଯାଇ ପାରେ?
ତ୍ରୀନ୍	= ତିନି		
ଗୁଣାନ୍	= ଗୁଣକୁ		

ଶ୍ରୀଭଗବାନୁବାଚ

ପ୍ରକାଶଂ ଚ ପ୍ରବୃତ୍ତିଂ ଚ ମୋହମେବ ଚ ପାଣ୍ଡବ ।
ନ ଦ୍ୱେଷ୍ଟି ସମ୍ପ୍ରବୃତ୍ତାନି ନ ନିବୃତ୍ତାନି କାଂକ୍ଷତି ॥ ୨୨ ॥

ଶ୍ରୀଭଗବାନ କହିଲେ—

ପାଣ୍ଡବ	= ହେ ପାଣ୍ଡବ!	ଏବ	= ମଧ୍ୟ (ଗୁଣାତୀତ ମନୁଷ୍ୟ)
ପ୍ରକାଶମ୍	= ପ୍ରକାଶ	ନ, ଦ୍ୱେଷ୍ଟି	= ଏସବୁ ପ୍ରତି ଦ୍ୱେଷ କରେ ନାହିଁ
ଚ	= ଓ	ଚ	= ଏବଂ
ପ୍ରବୃତ୍ତିମ୍	= ପ୍ରବୃତ୍ତି	ନିବୃତ୍ତାନି	= (ଏସବୁ) ନିବୃତ୍ତ ହୋଇଗଲେ ମଧ୍ୟ (ଏ ସବୁର)
ଚ	= ତଥା	ନ, କାଙ୍‌କ୍ଷତି	= ଇଚ୍ଛା କରେ ନାହିଁ ।
ମୋହମ୍	= ମୋହ		
ସମ୍ପ୍ରବୃତ୍ତାନି	= ପୂର୍ଣ୍ଣରୂପେ ପ୍ରବୃତ୍ତ ହେଲେ		

ଉଦାସୀନବଦାସୀନୋ ଗୁଣୈର୍ଯୋ ନ ବିଚାଲ୍ୟତେ ।
ଗୁଣା ବର୍ତ୍ତନ୍ତ ଇତ୍ୟେବ ଯୋଽବତିଷ୍ଠତି ନେଙ୍ଗତେ ॥ ୨୩ ॥

ଯଃ	= ଯେ	ବର୍ତ୍ତନ୍ତେ	= ପ୍ରବୃତ୍ତ ହେଉଛନ୍ତି
ଉଦାସୀନବତ୍	= ଉଦାସୀନଭଳି	ଇତି	= ବୋଲି ଭାବି
ଆସୀନଃ	= ସ୍ଥିତ (ଏବଂ)	ଯଃ	= ଯେ (ନିଜ ସ୍ୱରୂପରେ)
ଗୁଣୈଃ	= (ଯାହାକୁ) ଗୁଣଗୁଡ଼ିକ ଦ୍ୱାରା	ଅବତିଷ୍ଠତି	= ସ୍ଥିତ ରହେ (ଏବଂ ନିଜେ କୌଣସି)
ନ, ବିଚାଲ୍ୟତେ	= ବିଚଳିତ କରାଯାଇ ପାରେ ନାହିଁ (ତଥା)	ନ, ଇଙ୍ଗତେ	= ଚେଷ୍ଟା କରେ ନାହିଁ—
ଗୁଣାଃ	= ଗୁଣଗୁଡ଼ିକ		
ଏବ	= ହିଁ (ଗୁଣଗୁଡ଼ିକରେ)		

ସମଦୁଃଖସୁଖଃ ସ୍ୱସ୍ଥଃ ସମଲୋଷ୍ଟାଶ୍ମକାଞ୍ଚନଃ ।
ତୁଲ୍ୟପ୍ରିୟାପ୍ରିୟୋ ଧୀରସ୍ତୁଲ୍ୟନିନ୍ଦାତ୍ମସଂସ୍ତୁତିଃ ॥ ୨୪ ॥
ମାନାପମାନୟୋସ୍ତୁଲ୍ୟସ୍ତୁଲ୍ୟୋ ମିତ୍ରାରିପକ୍ଷୟୋଃ ।
ସର୍ବାରମ୍ଭପରିତ୍ୟାଗୀ ଗୁଣାତୀତଃ ସ ଉଚ୍ୟତେ ॥ ୨୫ ॥

ଧୀରଃ	= ଯେଉଁ ଧୀର ମନୁଷ୍ୟ	ସମଲୋଷ୍ଟାଶ୍ମ-କାଞ୍ଚନଃ	= ଢେକା, ପଥର ଓ ସୁନାରେ ସମଭାବାପନ୍ନ;
ସମଦୁଃଖ-ସୁଖଃ	= ସୁଖ-ଦୁଃଖରେ ସମଭାବାପନ୍ନ (ତଥା)		
ସ୍ୱସ୍ଥଃ	= ନିଜ ସ୍ୱରୂପରେ ସ୍ଥିତ;		

ତୁଲ୍ୟ-ପ୍ରିୟାପ୍ରିୟଃ	= ଯେ ପ୍ରିୟ-ଅପ୍ରିୟରେ ସମ ରହେ (ଓ)	ମିତ୍ରାରି-ପକ୍ଷୟୋଃ	= ମିତ୍ର ଓ ଶତ୍ରୁଙ୍କ ପକ୍ଷରେ
		ତୁଲ୍ୟଃ	= ସମ ରହେ (ଏବଂ)
ତୁଲ୍ୟନିନ୍ଦାତ୍ମ-ସଂସ୍ତୁତିଃ	= ନିଜର ନିନ୍ଦା-ସ୍ତୁତିରେ ସମ ରହେ;	ସର୍ବାରମ୍ଭ-ପରିତ୍ୟାଗୀ	= ଯେ ସମସ୍ତ କର୍ମାରମ୍ଭର ପରିତ୍ୟାଗୀ ଅଟେ,
ମାନାପ-ମାନୟୋଃ	= ମାନ-ଅପମାନରେ	ସଃ	= ସେହି ମନୁଷ୍ୟକୁ
ତୁଲ୍ୟଃ	= ସମ ରହେ;	ଗୁଣାତୀତଃ	= ଗୁଣାତୀତ
		ଉଚ୍ୟତେ	= କୁହାଯାଏ ।

ମାଂ ଚ ଯୋଽବ୍ୟଭିଚାରେଣ ଭକ୍ତିଯୋଗେନ ସେବତେ ।
ସ ଗୁଣାନ୍ ସମତୀତ୍ୟୈତାନ୍ ବ୍ରହ୍ମଭୂୟାୟ କଳ୍ପତେ ॥ ୨୬ ॥

ଚ	= ଏବଂ	ସଃ	= ସେ
ଯଃ	= ଯେଉଁ ମନୁଷ୍ୟ	ଏତାନ୍	= ଏହି
ଅବ୍ୟଭିଚାରେଣ	= ଅବ୍ୟଭିଚାରୀ	ଗୁଣାନ୍	= ଗୁଣଗୁଡ଼ିକୁ
ଭକ୍ତିଯୋଗେନ	= ଭକ୍ତିଯୋଗ ଦ୍ୱାରା	ସମତୀତ୍ୟ	= ଅତିକ୍ରମ କରି
ମାମ୍	= ମୋର	ବ୍ରହ୍ମଭୂୟାୟ	= ବ୍ରହ୍ମପ୍ରାପ୍ତିର
ସେବତେ	= ସେବା କରେ,	କଳ୍ପତେ	= ପାତ୍ର ହୋଇଯାଏ ।

ବ୍ରହ୍ମଣୋ ହି ପ୍ରତିଷ୍ଠାହମମୃତସ୍ୟାବ୍ୟୟସ୍ୟ ଚ ।
ଶାଶ୍ୱତସ୍ୟ ଚ ଧର୍ମସ୍ୟ ସୁଖସ୍ୟୈକାନ୍ତିକସ୍ୟ ଚ ॥ ୨୭ ॥

ହି	= କାରଣ	ଚ	= ତଥା
ଅହମ୍	= [ମୁଁ (ହିଁ)	ଶାଶ୍ୱତସ୍ୟ	= ଶାଶ୍ୱତ
		ଧର୍ମସ୍ୟ	= ଧର୍ମର
ବ୍ରହ୍ମଣଃ	= ବ୍ରହ୍ମର	ଚ	= ଏବଂ
ଚ	= ଓ	ଐକାନ୍ତିକସ୍ୟ	= ଐକାନ୍ତିକ
ଅବ୍ୟୟସ୍ୟ	= ଅବିନାଶୀ	ସୁଖସ୍ୟ	= ସୁଖର
ଅମୃତସ୍ୟ	= ଅମୃତର	ପ୍ରତିଷ୍ଠା	= ଆଶ୍ରୟ ।

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ ଗୁଣତ୍ରୟବିଭାଗଯୋଗୋ ନାମ ଚତୁର୍ଦ୍ଦଶୋଽଧ୍ୟାୟଃ ॥ ୧୪ ॥

ଏହି ପ୍ରକାରେ 'ଓଁ, ତତ୍ ଓ ସତ୍'—ଏହି ଭଗବନ୍ନାମ ଉଚ୍ଚାରଣପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍ଗୀତୋପନିଷଦ୍ରୂପକ ଶ୍ରୀକୃଷ୍ଣାର୍ଜୁନସଂବାଦରେ 'ଗୁଣତ୍ରୟବିଭାଗଯୋଗ' ନାମକ ଚତୁର୍ଦ୍ଦଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୧୪ ॥

***

॥ ଓଁ ଶ୍ରୀପରମାତ୍ମନେ ନମଃ ॥

ଅଥ ପଞ୍ଚଦଶୋଽଧ୍ୟାୟଃ

(ପଞ୍ଚଦଶ ଅଧ୍ୟାୟ)

ଶ୍ରୀଭଗବାନୁବାଚ

ଊର୍ଦ୍ଧ୍ୱମୂଳମଧଃଶାଖମଶ୍ୱତ୍ଥଂ ପ୍ରାହୁରବ୍ୟୟମ୍ ।
ଛନ୍ଦାଂସି ଯସ୍ୟ ପର୍ଣ୍ଣାନି ଯସ୍ତଂ ବେଦ ସ ବେଦବିତ୍ ॥ ୧ ॥*

ଶ୍ରୀଭଗବାନ କହିଲେ—

ଊର୍ଦ୍ଧ୍ୱମୂଳମ୍	= ଉପରକୁ ମୂଳ (ଓ)	**ପ୍ରାହୁଃ**	= କହନ୍ତି (ଏବଂ)
ଅଧଃଶାଖମ୍	= ତଳକୁ ଶାଖା ବ୍ୟାପିଥିବା	**ଛନ୍ଦାଂସି**	= ବେଦମାନେ
		ଯସ୍ୟ	= ଯାହାର
ଅଶ୍ୱତ୍ଥମ୍	= (ଯେଉଁ) ସଂସାରରୂପକ ଅଶ୍ୱତ୍ଥ ବୃକ୍ଷକୁ	**ପର୍ଣ୍ଣାନି**	= ପତ୍ର,
		ତମ୍	= ସେହି ସଂସାର-ବୃକ୍ଷକୁ
ଅବ୍ୟୟମ୍	= (ପ୍ରବାହରୂପେ) ଅବ୍ୟୟ	**ଯଃ**	= ଯେ

---

* ଊର୍ଦ୍ଧ୍ୱମୂଳୋଽବାକ୍‌ଶାଖ ଏଷୋଽଶ୍ୱତ୍ଥଃ ସନାତନଃ ।
ତଦେବ ଶୁକ୍ରଂ ତଦ୍ ବ୍ରହ୍ମ ତଦେବାମୃତମୁଚ୍ୟତେ ।
ତସ୍ମିଁଲ୍ଲୋକାଃ ଶ୍ରିତାଃ ସର୍ବେ ତଦୁ ନାତ୍ୟେତି କଶ୍ଚନ ।
ଏତଦ୍ ବୈ ତତ୍ ॥ (କଠୋପନିଷଦ୍ ୨ । ୩ । ୧)

ବେଦ	= ଜାଣେ	ବେଦବିତ୍	= ସମସ୍ତ ବେଦର ଜ୍ଞାତା ।
ସଃ	= ସେ		

ଅଧଶ୍ଚୋର୍ଦ୍ଧ୍ୱଂ ପ୍ରସୃତାସ୍ତସ୍ୟ ଶାଖା
ଗୁଣପ୍ରବୃଦ୍ଧା ବିଷୟପ୍ରବାଳାଃ ।
ଅଧଶ୍ଚ ମୂଳାନ୍ୟନୁସନ୍ତତାନି
କର୍ମାନୁବନ୍ଧୀନି ମନୁଷ୍ୟଲୋକେ ॥ ୨ ॥

ତସ୍ୟ	= ସେହି ସଂସାର-ବୃକ୍ଷର	ପ୍ରସୃତାଃ	= ବ୍ୟାପି ରହିଛି ।
ଅଧଃ	= ନିମ୍ନଭାଗ,	ମନୁଷ୍ୟଲୋକେ	= ମନୁଷ୍ୟଲୋକରେ
ଚ	= (ମଧ୍ୟଭାଗ) ଓ	କର୍ମାନୁବନ୍ଧୀନି	= କର୍ମାନୁସାରେ ବନ୍ଧନରେ ପକାଉଥିବା
ଊର୍ଦ୍ଧ୍ୱମ୍	= ଉପରିଭାଗ (ସର୍ବତ୍ର),	ମୂଳାନି	= ମୂଳ (ମଧ୍ୟ)
ଗୁଣପ୍ରବୃଦ୍ଧାଃ	= ତ୍ରିଗୁଣ ଦ୍ୱାରା ବୃଦ୍ଧିପ୍ରାପ୍ତ (ତଥା)	ଅଧଃ	= ତଳେ
		ଚ	= ଓ (ଉପରେ)
ବିଷୟ-ପ୍ରବାଳାଃ	= ବିଷୟରୂପୀ କୋମଳ ପତ୍ରଯୁକ୍ତ	ଅନୁସନ୍ତତାନି	= (ସବୁଲୋକରେ) ପରିବ୍ୟାପ୍ତ ହୋଇଛି ।
ଶାଖାଃ	= ଶାଖାମାନ		

ନ ରୂପମସ୍ୟେହ ତଥୋପଲଭ୍ୟତେ
ନାନ୍ତୋ ନ ଚାଦିର୍ନ ଚ ସମ୍ପ୍ରତିଷ୍ଠା ।
ଅଶ୍ୱତ୍ଥମେନଂ ସୁବିରୂଢମୂଲ-
ମସଙ୍ଗଶସ୍ତ୍ରେଣ ଦୃଢେନ ଛିତ୍ତ୍ୱା ॥ ୩ ॥

ଅସ୍ୟ	= ଏହି ସଂସାର-ବୃକ୍ଷର	ନ	= ନାହିଁ
		ଚ	= କି
ରୂପମ୍	= ରୂପ (ଯେପରି ଦୃଶ୍ୟ ହୁଏ),	ସମ୍ପ୍ରତିଷ୍ଠା	= ସ୍ଥିତି (ମଧ୍ୟ)
		ନ	= ନାହିଁ ।
ତଥା	= ସେପରି	ଚ	= ଏଣୁ
ଇହ	= ଏଠାରେ (ବିଚାର କଲେ)	ସୁବିରୂଢମୂଲମ୍	= ସୁଦୃଢ ମୂଳବିଶିଷ୍ଟ
		ଏନମ୍	= ଏହି
ନ, ଉପଲଭ୍ୟତେ	= ଉପଲବ୍ଧ ହୁଏ ନାହିଁ; (କାରଣ ଏହାର)	ଅଶ୍ୱତ୍ଥମ୍	= ସଂସାରରୂପୀ ଅଶ୍ୱତ୍ଥ ବୃକ୍ଷକୁ
		ଦୃଢେନ	= ଦୃଢ
ଆଦିଃ	= ଆଦି	ଅସଙ୍ଗଶସ୍ତ୍ରେଣ	= ଅସଙ୍ଗତାରୂପକ ଶସ୍ତ୍ର ଦ୍ୱାରା
ନ	= ନାହିଁ,		
ଅନ୍ତଃ	= ଅନ୍ତ	ଛିତ୍ତ୍ୱା	= ଛେଦନ କରି—

ତତଃ ପଦଂ ତତ୍ପରିମାର୍ଗିତବ୍ୟଂ
ଯସ୍ମିନ୍ ଗତା ନ ନିବର୍ତ୍ତନ୍ତି ଭୂୟଃ ।

ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ
ଯତଃ ପ୍ରବୃତ୍ତିଃ ପ୍ରସୃତା ପୁରାଣୀ ॥ ୪ ॥

ତତଃ	= ତା'ପରେ	ଚ	= ଏବଂ
ତତ୍	= ସେହି	ଯତଃ	= ଯାହାଙ୍କ ଠାରୁ
ପଦମ୍	= ପରମପଦକୁ (ପରମାତ୍ମାଙ୍କୁ)	ପୁରାଣୀ	= ଅନାଦିକାଳରୁ ପ୍ରଚଳିତ
ପରିମାର୍ଗିତବ୍ୟମ୍	= ଅନ୍ୱେଷଣ କରିବା ଉଚିତ ।	ପ୍ରବୃତ୍ତିଃ	= ସୃଷ୍ଟି
ଯସ୍ମିନ୍	= ଯାହାକୁ	ପ୍ରସୃତା	= ବିସ୍ତାର ଲାଭ କରିଛି,
ଗତାଃ	= ପ୍ରାପ୍ତ ହୋଇଥିବା ମନୁଷ୍ୟମାନେ	ତମ୍	= ସେହି
ଭୂୟଃ	= ପୁନର୍ବାର	ଆଦ୍ୟମ୍	= ଆଦି
ନ, ନିବର୍ତ୍ତନ୍ତି	= ସଂସାରକୁ ଫେରି ଆସନ୍ତି ନାହିଁ	ପୁରୁଷମ୍	= ପୁରୁଷ ପରମାତ୍ମାଙ୍କ ଠାରେ
		ଏବ	= ହିଁ
		ପ୍ରପଦ୍ୟେ	= ମୁଁ ଶରଣ ପଶୁଛି ।

ନିର୍ମାନମୋହା ଜିତସଙ୍ଗଦୋଷା
ଅଧ୍ୟାତ୍ମନିତ୍ୟା ବିନିବୃତ୍ତକାମାଃ ।
ଦ୍ୱନ୍ଦ୍ୱୈର୍ବିମୁକ୍ତାଃ ସୁଖଦୁଃଖସଂଜ୍ଞୈ-
ର୍ଗଚ୍ଛନ୍ତ୍ୟମୂଢାଃ ପଦମବ୍ୟୟଂ ତତ୍ ॥ ୫ ॥

ନିର୍ମାନ-ମୋହାଃ	= ଯେଉଁମାନେ ଅଭିମାନଶୂନ୍ୟ ଓ ମୋହରହିତ,
ଜିତସଙ୍ଗ-ଦୋଷାଃ	= ଯେଉଁମାନେ ଆସକ୍ତିଜନିତ ଦୋଷ ଉପରେ ବିଜୟୀ ହୋଇଛନ୍ତି,
ଅଧ୍ୟାତ୍ମ-ନିତ୍ୟାଃ	= ଯେଉଁମାନେ ପରମାତ୍ମାଙ୍କ ସହିତ ନିତ୍ୟ-ନିରନ୍ତର ସଂଯୁକ୍ତ,
ବିନିବୃତ୍ତ-କାମାଃ	= ଯେଉଁମାନଙ୍କ ଠାରେ (ସ୍ୱଦୃଷ୍ଟିରେ) କୌଣସି କାମନା ନାହିଁ,
ସୁଖଦୁଃଖ-ସଂଜ୍ଞୈଃ	= ଯେଉଁମାନେ ସୁଖ-ଦୁଃଖ ନାମକ
ଦ୍ୱନ୍ଦ୍ୱୈଃ	= ଦ୍ୱନ୍ଦ୍ୱରୁ
ବିମୁକ୍ତାଃ	= ମୁକ୍ତ, (ସେପରି)
ଅମୂଢାଃ	= (ଉଚ୍ଚ ସ୍ତରର) ମୋହରହିତ ସାଧକଭକ୍ତ
ତତ୍	= ସେହି
ଅବ୍ୟୟମ୍	= ଅବିନାଶୀ
ପଦମ୍	= ପରମପଦକୁ (ପରମାତ୍ମାଙ୍କୁ)
ଗଚ୍ଛନ୍ତି	= ପ୍ରାପ୍ତ ହୁଅନ୍ତି ।

ନ ତଦ୍ଭାସୟତେ ସୂର୍ଯ୍ୟୋ ନ ଶଶାଙ୍କୋ ନ ପାବକଃ ।
ଯଦ୍‌ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ ॥ ୬ ॥

ତତ୍	= ସେହି ପରମପଦକୁ
ସୂର୍ଯ୍ୟଃ	= ସୂର୍ଯ୍ୟ
ନ, (ଭାସୟତେ)	= ପ୍ରକାଶିତ କରି ପାରେ ନାହିଁ,
ଶଶାଙ୍କଃ	= ଚନ୍ଦ୍ର
ନ, (ଭାସୟତେ)	= ପ୍ରକାଶିତ କରି ପାରେ ନାହିଁ (ଏବଂ)

ପାବକଃ	= ଅଗ୍ନି	ନ, ନିବର୍ତ୍ତନ୍ତେ	= (ସଂସାରକୁ) ଲେଉଟି ଆସନ୍ତି ନାହିଁ,
ନ, ଭାସୟତେ	= ପ୍ରକାଶିତ କରି ପାରେ ନାହିଁ; (ଏବଂ)	ତତ୍	= ତାହା
ଯତ୍	= ଯାହାକୁ	ମମ	= ମୋର
ଗତ୍ୱା	= ପ୍ରାପ୍ତ ହୋଇ (ଜୀବମାନେ ପୁନର୍ବାର)	ପରମମ୍	= ପରମ
		ଧାମ	= ଧାମ ।

ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ ।
ମନଃଷଷ୍ଠାନୀନ୍ଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି ॥ ୭ ।

ଜୀବଲୋକେ	= ଏହି ସଂସାରରେ	ଅଂଶଃ	= ଅଂଶ । (ମାତ୍ର ସେ)
ଜୀବଭୂତଃ	= ଜୀବ ରୂପ ଧାରଣ କରିଥିବା ଆତ୍ମା	ପ୍ରକୃତିସ୍ଥାନି	= ପ୍ରକୃତିସ୍ଥ
ମମ	= ମୋର	ମନଃଷଷ୍ଠାନି	= ମନ ଓ ପଞ୍ଚ
ଏବ	= ହିଁ	ଇନ୍ଦ୍ରିୟାଣି	= ଇନ୍ଦ୍ରିୟଙ୍କୁ
ସନାତନଃ	= ସନାତନ	କର୍ଷତି	= ଆକର୍ଷିତ କରୁଛି (ନିଜର ମନେକରୁଛି) ।

ଶରୀରଂ ଯଦବାପ୍ନୋତି ଯଚ୍ଚାପ୍ୟୁତ୍କ୍ରାମତୀଶ୍ୱରଃ ।
ଗୃହୀତ୍ୱୈତାନି ସଂଯାତି ବାୟୁର୍ଗନ୍ଧାନିବାଶୟାତ୍ ॥ ୮ ॥

ବାୟୁଃ	= ବାୟୁ	ଉତ୍କ୍ରାମତି	= ତ୍ୟାଗ କରେ, (ସେଠାରୁ)
ଆଶୟାତ୍	= ଗନ୍ଧସ୍ଥାନରୁ	ଏତାନି	= ଏମାନଙ୍କୁ (ମନସମେତ ଇନ୍ଦ୍ରିୟମାନଙ୍କୁ)
ଗନ୍ଧାନ୍	= ଗନ୍ଧ (ଗ୍ରହଣ କରି)	ଗୃହୀତ୍ୱା	= ଗ୍ରହଣ କରି
ଇବ	= (ନେଇଯିବା) ପରି	ଚ	= ପୁନଶ୍ଚ
ଈଶ୍ୱରଃ	= ଶରୀରାଦିର ସ୍ୱାମୀ ବୋଲାଉଥିବା ଜୀବାତ୍ମା	ଯତ୍	= ଯେଉଁ ଶରୀର
ଅପି	= ମଧ୍ୟ	ଅବାପ୍ନୋତି	= ପ୍ରାପ୍ତ ହୁଏ, (ସେଠାକୁ)
ଯତ୍	= ଯେଉଁ		
ଶରୀରମ୍	= ଶରୀର	ସଂଯାତି	= ଚାଲିଯାଏ ।

ଶ୍ରୋତ୍ରଂ ଚକ୍ଷୁଃ ସ୍ପର୍ଶନଂ ଚ ରସନଂ ଘ୍ରାଣମେବ ଚ ।
ଅଧିଷ୍ଠାୟ ମନଶ୍ଚାୟଂ ବିଷୟାନୁପସେବତେ ॥ ୯ ॥

ଅୟମ୍	= ଏହି (ଜୀବାତ୍ମା)	ଚ	= ତଥା
ମନଃ	= ମନର	ସ୍ପର୍ଶନମ୍	= ତ୍ୱକ୍,
ଅଧିଷ୍ଠାୟ	= ସହାୟତାରେ	ରସନମ୍	= ଜିହ୍ୱା
ଏବ	= ହିଁ	ଚ	= ଓ
ଶ୍ରୋତ୍ରମ୍	= କର୍ଣ୍ଣ	ଘ୍ରାଣମ୍	= ନାସିକା (ଦ୍ୱାରା)
ଚ	= ଓ	ବିଷୟାନ୍	= ବିଷୟଗୁଡ଼ିକୁ
ଚକ୍ଷୁଃ	= ଚକ୍ଷୁ	ଉପସେବତେ	= ସେବନ କରେ ।

ଉତ୍କ୍ରାମନ୍ତଂ ସ୍ଥିତଂ ବାପି ଭୁଞ୍ଜାନଂ ବା ଗୁଣାନ୍ୱିତମ୍ ।
ବିମୂଢା ନାନୁପଶ୍ୟନ୍ତି ପଶ୍ୟନ୍ତି ଜ୍ଞାନଚକ୍ଷୁଷଃ ॥ ୧୦ ॥

ଉତ୍କ୍ରାମନ୍ତମ୍ = ଶରୀର ଛାଡ଼ି ଯାଉଥିଲେ (ମଧ୍ୟ)
ବା = ବା
ସ୍ଥିତମ୍ = ଅନ୍ୟ ଶରୀରରେ ସ୍ଥିତ ହେଉଥିଲେ (ମଧ୍ୟ)
ବା = ଅଥବା
ଭୁଞ୍ଜାନମ୍ = ବିଷୟ ଉପଭୋଗ କରୁଥିଲେ
ଅପି = ମଧ୍ୟ
ଗୁଣାନ୍ୱିତମ୍ = ଗୁଣଯୁକ୍ତ (ଜୀବାତ୍ମାର ସ୍ୱରୂପକୁ)
ବିମୂଢାଃ = ମୂଢ଼ଲୋକେ
ନ, ଅନୁପଶ୍ୟନ୍ତି = ଜାଣନ୍ତି ନାହିଁ,
ଜ୍ଞାନଚକ୍ଷୁଷଃ = ଜ୍ଞାନଚକ୍ଷୁସମ୍ପନ୍ନ (ଜ୍ଞାନୀ ମନୁଷ୍ୟ ହିଁ)
ପଶ୍ୟନ୍ତି = ଜାଣନ୍ତି ।

ଯତନ୍ତୋ ଯୋଗିନଶ୍ଚୈନଂ ପଶ୍ୟନ୍ତ୍ୟାତ୍ମନ୍ୟବସ୍ଥିତମ୍ ।
ଯତନ୍ତୋଽପ୍ୟକୃତାତ୍ମାନୋ ନୈନଂ ପଶ୍ୟନ୍ତ୍ୟଚେତସଃ ॥ ୧୧ ॥

ଯତନ୍ତଃ = ପ୍ରଯତ୍ନଶୀଳ
ଯୋଗିନଃ = ଯୋଗୀମାନେ
ଆତ୍ମନି = ନିଜଠାରେ
ଅବସ୍ଥିତମ୍ = ସ୍ଥିତ
ଏନମ୍ = ଏହି ପରମାତ୍ମତତ୍ତ୍ୱକୁ
ପଶ୍ୟନ୍ତି = ଅନୁଭବ କରନ୍ତି ।
ଚ = କିନ୍ତୁ
ଅକୃତାତ୍ମାନଃ = ଅଶୁଦ୍ଧ ଅନ୍ତଃକରଣଯୁକ୍ତ
ଅଚେତସଃ = ଅବିବେକୀ ମନୁଷ୍ୟ

ଯତନ୍ତଃ = ଯେତେ ଯତ୍ନ କଲେ
ଅପି = ମଧ୍ୟ
ଏନମ୍ = ଏହି ତତ୍ତ୍ୱକୁ
ନ, ପଶ୍ୟନ୍ତି = ଅନୁଭବ କରି ପାରନ୍ତି ନାହିଁ ।

ଯଦାଦିତ୍ୟଗତଂ ତେଜୋ ଜଗଦ୍‌ଭାସୟତେଽଖିଳମ୍ ।
ଯଚ୍ଚନ୍ଦ୍ରମସି ଯଚ୍ଚାଗ୍ନୌ ତତ୍ତେଜୋ ବିଦ୍ଧି ମାମକମ୍ ॥ ୧୨ ॥

ଆଦିତ୍ୟଗତମ୍ = ସୂର୍ଯ୍ୟଙ୍କୁ ପ୍ରାପ୍ତ
ଯତ୍ = ଯେଉଁ
ତେଜଃ = ତେଜ
ଅଖିଳମ୍ = ସମଗ୍ର
ଜଗତ୍ = ଜଗତକୁ
ଭାସୟତେ = ଆଲୋକିତ କରୁଛି (ଏବଂ)
ଯତ୍ = ଯେଉଁ ତେଜ
ଚନ୍ଦ୍ରମସି = ଚନ୍ଦ୍ରରେ
ଚ = ତଥା
ଯତ୍ = ଯେଉଁ ତେଜ
ଅଗ୍ନୌ = ଅଗ୍ନିରେ ରହିଛି,
ତତ୍ = ସେହି
ତେଜଃ = ତେଜକୁ
ମାମକମ୍ = ମୋର (ତେଜ ବୋଲି)
ବିଦ୍ଧି = ଜାଣ ।

ଗାମାବିଶ୍ୟ ଚ ଭୂତାନି ଧାରୟାମ୍ୟହମୋଜସା ।
ପୁଷ୍ଣାମି ଚୌଷଧୀଃ ସର୍ବାଃ ସୋମୋ ଭୂତ୍ୱା ରସାତ୍ମକଃ ॥ ୧୩ ॥

ଅହମ୍ = ମୁଁ
ଚ = ହିଁ
ଗାମ୍ = ପୃଥିବୀରେ
ଆବିଶ୍ୟ = ପ୍ରବିଷ୍ଟ ହୋଇ
ଓଜସା = ନିଜର ଶକ୍ତି ଦ୍ୱାରା
ଭୂତାନି = ସମସ୍ତ ପ୍ରାଣୀଙ୍କୁ

ଧାରୟାମି	= ଧାରଣ କରୁଛି	ସର୍ବାଃ	= ସମସ୍ତ
ଚ	= ଏବଂ (ମୁଁ ହିଁ)	ଔଷଧୀଃ	= ଓଷଧି (ବନସ୍ପତି)କୁ
ରସାତ୍ମକଃ	= ରସମୟ		
ସୋମଃ	= ଚନ୍ଦ୍ର	ପୁଷ୍ଣାମି	= ପରିପୁଷ୍ଟ କରୁଛି ।
ଭୂତ୍ୱା	= ହୋଇ		

ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାଂ ଦେହମାଶ୍ରିତଃ ।
ପ୍ରାଣାପାନସମାଯୁକ୍ତଃ ପଚାମ୍ୟନ୍ନଂ ଚତୁର୍ବିଧମ୍ ॥ ୧୪ ॥

ପ୍ରାଣିନାମ୍	= ପ୍ରାଣୀମାନଙ୍କ	ବୈଶ୍ୱାନରଃ	= ବୈଶ୍ୱାନର (ଜଠରାଗ୍ନି)
ଦେହମ୍	= ଶରୀରରେ		
ଆଶ୍ରିତଃ	= ସ୍ଥିତ	ଭୂତ୍ୱା	= ହୋଇ
ଅହମ୍	= ମୁଁ	ଚତୁର୍ବିଧମ୍	= ଚାରିପ୍ରକାର
ପ୍ରାଣାପାନ-ସମାଯୁକ୍ତଃ	= ପ୍ରାଣ ଓ ଅପାନଯୁକ୍ତ	ଅନ୍ନମ୍	= ଅନ୍ନକୁ
		ପଚାମି	= ଜୀର୍ଣ୍ଣ କରେ ।

ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟୋ
ମତ୍ତଃ ସ୍ମୃତିର୍ଜ୍ଞାନମପୋହନଂ ଚ ।
ବେଦୈଶ୍ଚ ସର୍ବୈରହମେବ ବେଦ୍ୟୋ-
ବେଦାନ୍ତକୃଦ୍‌ବେଦବିଦେବ ଚାହମ୍ ॥ ୧୫ ॥

ଅହମ୍	= ମୁଁ	ଚ	= ହିଁ

ସର୍ବସ୍ୟ	= ସକଳ ପ୍ରାଣୀଙ୍କ	ଅହମ୍	= ମୁଁ
ହୃଦି	= ହୃଦୟରେ	ଏବ	= ହିଁ
ସନ୍ନିବିଷ୍ଟଃ	= ବିରାଜମାନ	ସର୍ବୈଃ	= ସମସ୍ତ
ଚ	= ତଥା	ବେଦୈଃ	= ବେଦର
ମତ୍ତଃ	= ମୋ'ଠାରୁ (ହିଁ)	ବେଦ୍ୟଃ	= ଜ୍ଞେୟ ତତ୍ତ୍ୱ ।
ସ୍ମୃତିଃ	= ସ୍ମୃତି,	ବେଦାନ୍ତକୃତ୍	= ସମସ୍ତ ବେଦର ତତ୍ତ୍ୱ ନିର୍ଣ୍ଣାୟକ
ଜ୍ଞାନମ୍	= ଜ୍ଞାନ		
ଚ	= ଓ	ଚ	= ଓ
ଅପୋହନମ୍	= ଅପୋହନ (ସଂଶୟାଦି ଦୋଷନାଶ କାର୍ଯ୍ୟ) ହୁଏ ।	ବେଦବିତ୍	= ବେଦର ଜ୍ଞାତା
		ଏବ	= ମଧ୍ୟ
		ଅହମ୍	= ମୁଁ ।

ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ ।
କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ ॥ ୧୬ ॥

ଲୋକେ	= ସଂସାରରେ	ଇମୌ	= ଏହି
କ୍ଷରଃ	= କ୍ଷର (ନାଶବାନ୍)	ଦ୍ୱୌ	= ଦୁଇ ପ୍ରକାର
		ଏବ	= ହିଁ
ଚ	= ଓ	ପୁରୁଷୌ	= ପୁରୁଷ ଅଛନ୍ତି ।
ଅକ୍ଷରଃ	= ଅକ୍ଷର (ଅବିନାଶୀ)—	ସର୍ବାଣି	= ସମସ୍ତ

ଭୂତାନି	= ପ୍ରାଣୀଙ୍କର ଶରୀର	କୂଟସ୍ଥଃ	= ଜୀବାତ୍ମା
କ୍ଷରଃ	= କ୍ଷର	ଅକ୍ଷରଃ	= ଅକ୍ଷର
ଚ	= ଏବଂ	ଉଚ୍ୟତେ	= ବୋଲାଏ ।

ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ ॥ ୧୭ ॥

ଉତ୍ତମଃ	= ଉତ୍ତମ	ଉଦାହୃତଃ	= କୁହାଯାଇଛି ।
ପୁରୁଷଃ	= ପୁରୁଷ	ଅବ୍ୟୟଃ	= (ସେହି) ଅବିନାଶୀ
ତୁ	= କିନ୍ତୁ	ଈଶ୍ୱରଃ	= ଈଶ୍ୱର
ଅନ୍ୟଃ	= ଅନ୍ୟ (ବିଲକ୍ଷଣ),	ଲୋକତ୍ରୟମ୍	= ତିନିଲୋକରେ
ଯଃ	= ଯାହାଙ୍କୁ	ଆବିଶ୍ୟ	= ପ୍ରବିଷ୍ଟ ହୋଇ
ପରମାତ୍ମା	= ପରମାତ୍ମା	ବିଭର୍ତ୍ତି	= (ସମସ୍ତଙ୍କର) ଭରଣପୋଷଣ କରନ୍ତି ।
ଇତି	= ବୋଲି		

ଯସ୍ମାତ୍‌କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ॥ ୧୮ ॥

ଯସ୍ମାତ୍	= ଯେହେତୁ	ଚ	= ଏବଂ
ଅହମ୍	= ମୁଁ	ଅକ୍ଷରାତ୍	= ଅକ୍ଷରରୁ
କ୍ଷରମ୍	= କ୍ଷରରୁ	ଅପି	= ମଧ୍ୟ
ଅତୀତଃ	= ଅତୀତ	ଉତ୍ତମଃ	= ଉତ୍ତମ,

ଅତଃ	= ତେଣୁ	ପୁରୁଷୋତ୍ତମଃ	= (ମୁଁ) ପୁରୁଷୋତ୍ତମ (ନାମରେ)
ଲୋକେ	= ଲୋକରେ		
ଚ	= ଓ		
ବେଦେ	= ବେଦରେ	ପ୍ରଥିତଃ, ଅସ୍ମି	= ପ୍ରସିଦ୍ଧ ।

ଯୋ ମାମେବମସମ୍ମୂଢୋ ଜାନାତି ପୁରୁଷୋତ୍ତମମ୍ ।
ସ ସର୍ବବିଦ୍ଭଜତି ମାଂ ସର୍ବଭାବେନ ଭାରତ ॥ ୧୯ ॥

ଭାରତ	= ହେ ଭରତବଂଶଜ ଅର୍ଜୁନ!	ପୁରୁଷୋତ୍ତମମ୍	= ପୁରୁଷୋତ୍ତମ (ବୋଲି)
ଏବମ୍	= ଏପରି ଭାବରେ	ଜାନାତି	= ଜାଣେ,
		ସଃ	= ସେହି
ଯଃ	= ଯେଉଁ	ସର୍ବବିତ୍	= ସର୍ବଜ୍ଞ
ଅସମ୍ମୂଢଃ	= ମୋହରହିତ ମନୁଷ୍ୟ	ସର୍ବଭାବେନ	= ସର୍ବଭାବରେ
		ମାମ୍	= ମୋତେ
ମାମ୍	= ମୋତେ	ଭଜତି	= ଭଜନ କରେ ।

ଇତି ଗୁହ୍ୟତମଂ ଶାସ୍ତ୍ରମିଦମୁକ୍ତଂ ମୟାନଘ ।
ଏତଦ୍‌ବୁଦ୍ଧ୍ୱା ବୁଦ୍ଧିମାନ୍ ସ୍ୟାତ୍ କୃତକୃତ୍ୟଶ୍ଚ ଭାରତ ॥ ୨୦ ॥

ଅନଘ	= ହେ ନିଷ୍ପାପ ଅର୍ଜୁନ!	ଇତି	= ଏହି ପ୍ରକାରେ

ଇଦମ୍	= ଏହି	**ଏତତ୍**	= ଏହା
ଗୁହ୍ୟତମମ୍	= ଅତ୍ୟନ୍ତ ଗୋପନୀୟ	**ବୁଦ୍ଧ୍ୱା**	= ଜାଣି (ମନୁଷ୍ୟ)
ଶାସ୍ତ୍ରମ୍	= ଶାସ୍ତ୍ର	**ବୁଦ୍ଧିମାନ୍**	= ଜ୍ଞାନବାନ୍ (ଜ୍ଞାତଜ୍ଞାତବ୍ୟ)
ମୟା	= ମୋ ଦ୍ୱାରା	**ଚ**	= (ତଥା ପ୍ରାପ୍ତପ୍ରାପ୍ତବ୍ୟ) ଓ
ଉକ୍ତମ୍	= କୁହାଗଲା ।		
ଭାରତ	= ହେ ଭରତବଂଶଜ ଅର୍ଜୁନ!	**କୃତକୃତ୍ୟଃ**	= କୃତକୃତ୍ୟ
		ସ୍ୟାତ୍	= ହୋଇଯାଏ ।

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ ପୁରୁଷୋତ୍ତମଯୋଗୋ ନାମ ପଞ୍ଚଦଶୋଽଧ୍ୟାୟଃ ॥ ୧୫ ॥

ଏହି ପ୍ରକାରେ 'ଓଁ, ତତ୍, ସତ୍'—ଏହି ଭଗବନ୍ନାମ ଉଚ୍ଚାରଣପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍‌ଗୀତୋପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନସଂବାଦରେ 'ପୁରୁଷୋତ୍ତମଯୋଗ' ନାମକ ପଞ୍ଚଦଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୧୫ ॥

✱✱✱

॥ ଓଁ ଶ୍ରୀପରମାତ୍ମନେ ନମଃ ॥

ଅଥ ଷୋଡଶୋଽଧ୍ୟାୟଃ

(ଷୋଡ଼ଶ ଅଧ୍ୟାୟ)

ଶ୍ରୀଭଗବାନୁବାଚ

ଅଭୟଂ ସତ୍ତ୍ୱସଂଶୁଦ୍ଧିର୍ଜ୍ଞାନଯୋଗବ୍ୟବସ୍ଥିତିଃ ।
ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍ ॥ ୧ ॥

ଶ୍ରୀଭଗବାନ କହିଲେ—

ଅଭୟମ୍	= ଅଭୟ,	**ଯଜ୍ଞଃ**	= ଯଜ୍ଞ,
ସତ୍ତ୍ୱସଂଶୁଦ୍ଧିଃ	= ଅନ୍ତଃକରଣର ସମ୍ୟକ୍ ଶୁଦ୍ଧି,	**ସ୍ୱାଧ୍ୟାୟଃ**	= ସ୍ୱାଧ୍ୟାୟ,
ଜ୍ଞାନଯୋଗ-ବ୍ୟବସ୍ଥିତିଃ	= ଜ୍ଞାନ ନିମନ୍ତେ ଯୋଗରେ ଦୃଢ଼ ସ୍ଥିତି	**ତପଃ**	= କର୍ତ୍ତବ୍ୟ ପାଳନ ନିମନ୍ତେ କଷ୍ଟ ସହିଷ୍ଣୁତା
ଚ	= ଓ	**ଚ**	= ଓ
ଦାନମ୍	= ସାତ୍ତ୍ୱିକ ଦାନ,	**ଆର୍ଜବମ୍**	= କାୟମନୋବାକ୍ୟର ସରଳତା—
ଦମଃ	= ଇନ୍ଦ୍ରିୟ ଦମନ,		

ଅହିଂସା ସତ୍ୟମକ୍ରୋଧସ୍ତ୍ୟାଗଃ ଶାନ୍ତିରପୈଶୁନମ୍ ।
ଦୟା ଭୂତେଷ୍ୱଲୋଲୁପ୍ତ୍ୱଂ ମାର୍ଦବଂ ହ୍ରୀରଚାପଲମ୍ ॥ ୨ ॥

ଅହିଂସା	= ଅହିଂସା,	ଦୟା	= ଦୟା କରିବା,
ସତ୍ୟମ୍	= ସତ୍ୟଭାଷଣ,	ଅଲୋଲୁପ୍ତ୍ୱମ୍	= ସାଂସାରିକ ବିଷୟରେ ଆସକ୍ତ ନ ହେବା,
ଅକ୍ରୋଧଃ	= କ୍ରୋଧଶୂନ୍ୟତା,	ମାର୍ଦ୍ଦବମ୍	= ଅନ୍ତଃକରଣର କୋମଳତା,
ତ୍ୟାଗଃ	= ସାଂସାରିକ କାମନା ତ୍ୟାଗ,	ହ୍ରୀଃ	= ଅକର୍ତ୍ତବ୍ୟ କରିବାରେ ଲଜ୍ଜା ବୋଧ,
ଶାନ୍ତିଃ	= ଅନ୍ତଃକରଣରେ ରାଗ-ଦ୍ୱେଷଜନିତ ଅସ୍ଥିରତା ନ ହେବା,	ଅଚାପଲମ୍	= ଅଚପଳତା—
ଅପୈଶୁନମ୍	= ଚୁଗୁଲି ନ କରିବା,		
ଭୂତେଷୁ	= ପ୍ରାଣୀମାନଙ୍କ ପ୍ରତି		

ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋ ନାତିମାନିତା ।
ଭବନ୍ତି ସମ୍ପଦଂ ଦୈବୀମଭିଜାତସ୍ୟ ଭାରତ ॥ ୩ ॥

ତେଜଃ	= ତେଜ (ପ୍ରଭାବ),	ଭାରତ	= ହେ ଭରତବଂଶଜ ଅର୍ଜୁନ! (ଏସବୁ)
କ୍ଷମା	= କ୍ଷମା,	ଦୈବୀମ୍	= ଦୈବୀ
ଧୃତିଃ	= ଧୈର୍ଯ୍ୟ,	ସମ୍ପଦମ୍	= ସମ୍ପଦ-
ଶୌଚମ୍	= ଶାରୀରିକ ଶୁଦ୍ଧି,	ଅଭିଜାତସ୍ୟ	= ପ୍ରାପ୍ତ ମନୁଷ୍ୟଙ୍କର
ଅଦ୍ରୋହଃ	= ନିର୍ବୈର ଭାବ (ଏବଂ)	ଭବତି	= (ଲକ୍ଷଣ) ଅଟେ ।
ନାତିମାନିତା	= ସମ୍ମାନ ନ ଗ୍ରହିଁବା;		

ଦମ୍ଭୋ ଦର୍ପୋଽଭିମାନଶ୍ଚ କ୍ରୋଧଃ ପାରୁଷ୍ୟମେବ ଚ ।
ଅଜ୍ଞାନଂ ଚାଭିଜାତସ୍ୟ ପାର୍ଥ ସମ୍ପଦମାସୁରୀମ୍ ॥ ୪ ॥

ପାର୍ଥ	= ହେ ପୃଥାନନ୍ଦନ!	ଚ	= ଓ
ଦମ୍ଭଃ	= ଦମ୍ଭ,	ଅଜ୍ଞାନମ୍	= ଅବିବେକିତା
ଦର୍ପଃ	= ଦର୍ପ	ଏବ	= ମଧ୍ୟ—
ଚ	= ଓ	ଆସୁରୀମ୍	= (ଏସବୁ) ଆସୁରୀ
ଅଭିମାନଃ	= ଅଭିମାନ		
ଚ	= ତଥା	ସମ୍ପଦମ୍	= ସମ୍ପଦ-
କ୍ରୋଧଃ	= କ୍ରୋଧ,	ଅଭିଜାତସ୍ୟ	= ପ୍ରାପ୍ତ ମନୁଷ୍ୟଙ୍କର (ଲକ୍ଷଣ) ।
ପାରୁଷ୍ୟମ୍	= କଠୋରତା		

ଦୈବୀ ସମ୍ପଦ୍ବିମୋକ୍ଷାୟ ନିବନ୍ଧାୟାସୁରୀ ମତା ।
ମା ଶୁଚଃ ସମ୍ପଦଂ ଦୈବୀମଭିଜାତୋଽସି ପାଣ୍ଡବ ॥ ୫ ॥

ଦୈବୀ	= ଦୈବୀ	ପାଣ୍ଡବ	= ହେ ପାଣ୍ଡବ! (ତୁମେ)
ସମ୍ପତ୍	= ସମ୍ପତ୍ତି		
ବିମୋକ୍ଷାୟ	= ମୁକ୍ତି ନିମନ୍ତେ (ଏବଂ)	ଦୈବୀମ୍	= ଦୈବୀ
ଆସୁରୀ	= ଆସୁରୀସମ୍ପତ୍ତି	ସମ୍ପଦମ୍	= ସମ୍ପତ୍ତି
ନିବନ୍ଧାୟ	= ବନ୍ଧନ ନିମନ୍ତେ	ଅଭିଜାତଃ, ଅସି	= ପ୍ରାପ୍ତ ହୋଇଛ,
ମତା	= (ଉଦ୍ଦିଷ୍ଟ ବୋଲି) କୁହାଯାଇଛି ।	ମା, ଶୁଚଃ	= (ତେଣୁ) ଶୋକ ବା ଚିନ୍ତା କର ନାହିଁ ।

ଦ୍ୱୌ ଭୂତସର୍ଗୌ ଲୋକେଽସ୍ମିନ୍ ଦୈବ ଆସୁର ଏବ ଚ ।
ଦୈବୋ ବିସ୍ତରଶଃ ପ୍ରୋକ୍ତ ଆସୁରଂ ପାର୍ଥ ମେ ଶୃଣୁ ॥ ୬ ॥

ଅସ୍ମିନ୍ = ଏହି
ଲୋକେ = ଲୋକରେ
ଦ୍ୱୌ, ଏବ = କେବଳ ଦୁଇ ପ୍ରକାର
ଭୂତସର୍ଗୌ = ପ୍ରାଣୀସୃଷ୍ଟି ଅଛି—
ଦୈବଃ = ଦୈବୀ
ଚ = ଓ
ଆସୁରଃ = ଆସୁରୀ ।
ଦୈବଃ = ଦୈବୀ (ସମ୍ପତ୍ତି ବିଷୟରେ)
ବିସ୍ତରଶଃ = (ମୁଁ) ବିସ୍ତାରପୂର୍ବକ
ପ୍ରୋକ୍ତଃ = କହି ସାରିଛି;
ପାର୍ଥ = ହେ ପାର୍ଥ! (ଏବେ ତୁମେ)
ମେ = ମୋ'ଠାରୁ
ଆସୁରମ୍ = ଆସୁରୀସମ୍ପତ୍ତି ବିଷୟରେ (ବିସ୍ତାରପୂର୍ବକ)
ଶୃଣୁ = ଶୁଣ ।

ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ ଜନା ନ ବିଦୁରାସୁରାଃ ।
ନ ଶୌଚଂ ନାପି ଚାଚାରୋ ନ ସତ୍ୟଂ ତେଷୁ ବିଦ୍ୟତେ ॥ ୭ ॥

ଆସୁରାଃ = ଆସୁରୀ ପ୍ରକୃତିର
ଜନାଃ = ମନୁଷ୍ୟ
ପ୍ରବୃତ୍ତିମ୍ = ପ୍ରବୃତ୍ତି
ଚ = ଓ
ନିବୃତ୍ତିମ୍ = ନିବୃତ୍ତି
ନ, ବିଦୁଃ = ଜାଣନ୍ତି ନାହିଁ
ଚ = ଏବଂ
ତେଷୁ = ସେମାନଙ୍କ ଠାରେ
ଶୌଚମ୍ = ବାହ୍ୟ ଶୁଦ୍ଧି

ନ	= ନ ଥାଏ,	ଚ	= ତଥା
ଆଗ୍ରହଃ	= ଶ୍ରେଷ୍ଠ ଆଚରଣ	ସତ୍ୟମ୍	= ସତ୍ୟ ପାଳନ
		ଅପି	= ମଧ୍ୟ
ନ	= ନ ଥାଏ	ନ, ବିଦ୍ୟତେ	= ନ ଥାଏ ।

ଅସତ୍ୟମପ୍ରତିଷ୍ଠଂ ତେ ଜଗଦାହୁରନୀଶ୍ୱରମ୍ ।
ଅପରସ୍ପରସମ୍ଭୂତଂ କିମନ୍ୟତ୍ କାମହୈତୁକମ୍ ॥ ୮ ॥

ତେ	= ସେମାନେ		ସଂଯୋଗରୁ ସୃଷ୍ଟି ହୋଇଛି ।
ଆହୁଃ	= କହୁଥାନ୍ତି ଯେ		
ଜଗତ୍	= ସଂସାର		
ଅସତ୍ୟମ୍	= ଅସତ୍ୟ,	କାମ-ହୈତୁକମ୍	= (ତେଣୁ) କାମ ହିଁ ଏହାର କାରଣ;
ଅପ୍ରତିଷ୍ଠମ୍	= ବିନା ମର୍ଯ୍ୟାଦା (ଓ)	ଅନ୍ୟତ୍	= ଏହା ବ୍ୟତୀତ ଆଉ
ଅନୀଶ୍ୱରମ୍	= ବିନା ଈଶ୍ୱରରେ	କିମ୍	= କି କାରଣ ଅଛି? (ଅନ୍ୟ କିଛି ଏହାର କାରଣ ହୋଇ ନ ପାରେ) ।
ଅପରସ୍ପର-ସମ୍ଭୂତମ୍	= ଆପେ ଆପେ କେବଳ ସ୍ତ୍ରୀ-ପୁରୁଷଙ୍କ		

ଏତାଂ ଦୃଷ୍ଟିମବଷ୍ଟଭ୍ୟ ନଷ୍ଟାତ୍ମାନୋଽଲ୍ପବୁଦ୍ଧୟଃ ।
ପ୍ରଭବନ୍ତ୍ୟୁଗ୍ରକର୍ମାଣଃ କ୍ଷୟାୟ ଜଗତୋଽହିତାଃ ॥ ୯ ॥

ଏତାମ୍	= ଏହି	ଦୃଷ୍ଟିମ୍	= (ନାସ୍ତିକ) ଭାବର

ଅବଷ୍ଟଭ୍ୟ = ଆଶ୍ରୟ ନେଇ

ନଷ୍ଟାତ୍ମାନଃ = ଯେଉଁମାନେ ନିଜର ନିତ୍ୟ ସ୍ୱରୂପକୁ ମାନନ୍ତି ନାହିଁ,

ଅଳ୍ପବୁଦ୍ଧୟଃ = ଯେଉଁମାନଙ୍କର ବୁଦ୍ଧି ତୁଚ୍ଛ,

ଉଗ୍ରକର୍ମାଣଃ = ଯେଉଁମାନେ ଉଗ୍ରକର୍ମରତ (ଓ)

ଜଗତଃ = ସଂସାରର

ଅହିତାଃ = ଶତ୍ରୁ,

କ୍ଷୟାୟ, ପ୍ରଭବନ୍ତି = ସେମାନଙ୍କର ସାମର୍ଥ୍ୟ କେବଳ ଜଗତର ବିନାଶ ପାଇଁ ଉଦ୍ଦିଷ୍ଟ ।

କାମମାଶ୍ରିତ୍ୟ ଦୁଷ୍ପୂରଂ ଦମ୍ଭମାନମଦାନ୍ୱିତାଃ ।
ମୋହାଦ୍ ଗୃହୀତ୍ୱାସଦ୍‌ଗ୍ରାହାନ୍ ପ୍ରବର୍ତ୍ତନ୍ତେଽଶୁଚିବ୍ରତାଃ ॥ ୧୦ ॥

ଦୁଷ୍ପୂରମ୍ = ଦୁଷ୍ପୂରଣୀୟ

କାମମ୍ = କାମନାଗୁଡ଼ିକର

ଆଶ୍ରିତ୍ୟ = ଆଶ୍ରୟ ନେଇ

ଦମ୍ଭମାନ-ମଦାନ୍ୱିତାଃ = ଦମ୍ଭ, ଅଭିମାନ ଓ ମଦରେ ପ୍ରମତ୍ତ (ଏବଂ)

ଅଶୁଚିବ୍ରତାଃ = ଅପବିତ୍ର ନିୟମ-ଧାରୀ ମନୁଷ୍ୟ

ମୋହାତ୍ = ମୋହ ହେତୁ

ଅସଦ୍‌ଗ୍ରାହାନ୍ = ଅନେକ ଦୁରାଗ୍ରହ

ଗୃହୀତ୍ୱା = ଧରି ରଖି

ପ୍ରବର୍ତ୍ତନ୍ତେ = (ସଂସାରରେ) ବିଚରଣ କରୁଥାଆନ୍ତି ।

ଚିନ୍ତାମପରିମେୟାଂ ଚ ପ୍ରଳୟାନ୍ତାମୁପାଶ୍ରିତାଃ ।
କାମୋପଭୋଗପରମା ଏତାବଦିତି ନିଶ୍ଚିତାଃ ॥ ୧୧ ॥

ପ୍ରଳୟାନ୍ତାମ୍	= (ସେମାନେ) ମୃତ୍ୟୁ ପର୍ଯ୍ୟନ୍ତ	ଚ	= ଏବଂ
ଅପରିମେୟାମ୍	= ଅପରିମେୟ	ଏତାବତ୍	= 'ଏହା ହିଁ ସବୁକିଛି'—
ଚିନ୍ତାମ୍	= ଚିନ୍ତାକୁ		
ଉପାଶ୍ରିତାଃ	= ଆଶ୍ରୟ କରିଥାନ୍ତି,		
କାମୋପ-ଭୋଗପରମାଃ	= ପଦାର୍ଥ ସଂଗ୍ରହ ଓ ସେଗୁଡ଼ିକର ଉପଭୋଗରେ ହିଁ ବ୍ୟସ୍ତ ଥାଆନ୍ତି	ଇତି	= ଏପରି
		ନିଶ୍ଚିତାଃ	= ଦୃଢ଼ ନିଶ୍ଚୟ କରିଥାନ୍ତି ।

ଆଶାପାଶଶତୈର୍ବଦ୍ଧାଃ କାମକ୍ରୋଧପରାୟଣାଃ ।
ଈହନ୍ତେ କାମଭୋଗାର୍ଥମନ୍ୟାୟେନାର୍ଥସଞ୍ଚୟାନ୍ ॥ ୧୨ ॥

ଆଶାପାଶ-ଶତୈଃ	= ଶହ ଶହ ଆଶାଫାଶରେ	ଅନ୍ୟାୟେନ	= ଅନ୍ୟାୟ ଉପାୟରେ
ବଦ୍ଧାଃ	= ଆବଦ୍ଧ ମନୁଷ୍ୟ		
କାମକ୍ରୋଧ-ପରାୟଣାଃ	= କାମକ୍ରୋଧ-ପରାୟଣ ହୋଇ	ଅର୍ଥସଞ୍ଚୟାନ୍	= ଧନସଞ୍ଚୟ କରିବାକୁ
କାମ-ଭୋଗାର୍ଥମ୍	= ପଦାର୍ଥଗୁଡ଼ିକୁ ଉପଭୋଗ କରିବା ଉଦ୍ଦେଶ୍ୟରେ	ଈହନ୍ତେ	= ଉଦ୍ୟମ କରୁଥାନ୍ତି ।

ଇଦମଦ୍ୟ ମୟା ଲବ୍ଧମିମଂ ପ୍ରାପ୍‌ସ୍ୟେ ମନୋରଥମ୍ ।
ଇଦମସ୍ତୀଦମପି ମେ ଭବିଷ୍ୟତି ପୁନର୍ଧନମ୍ ॥ ୧୩ ॥

ସେମାନେ ମନୋରଥ କରୁଥାନ୍ତି ଯେ—

ଅଦ୍ୟ	= ଆଜି	**ଧନମ୍**	= ଧନ ତ
ଇଦମ୍	= ଏତିକି ବସ୍ତୁ ତ	**ମେ**	= ମୋ ପାଖରେ
ମୟା,	= [ମୁଁ ପାଇଗଲି,	**ଅସ୍ତି**	= ଅଛି,
ଲବ୍ଧମ୍	(ଏଥର)	**ପୁନଃ**	= ଆହୁରି
ଇମମ୍	= ଅମୁକ	**ଅପି**	= ବି
ମନୋରଥମ୍	= ମନୋବାଞ୍ଛା	**ଇଦମ୍**	= [ଏତିକି (ଧନ)
ପ୍ରାପ୍‌ସ୍ୟେ	= ପୂର୍ଣ୍ଣ କରିବି ।		
ଇଦମ୍	= ଏତିକି	**ଭବିଷ୍ୟତି**	= ହୋଇଯିବ ।

ଅସୌ ମୟା ହତଃ ଶତ୍ରୁର୍ହନିଷ୍ୟେ ଚାପରାନପି ।
ଈଶ୍ୱରୋଽହମହଂ ଭୋଗୀ ସିଦ୍ଧୋଽହଂ ବଳବାନ୍ ସୁଖୀ ॥ ୧୪ ॥

ଅସୌ	= ଅମୁକ	**ଚ**	= ଏବଂ (ଏଣିକି)
ଶତ୍ରୁଃ	= ଶତ୍ରୁ ତ	**ଅପରାନ୍**	= ଅନ୍ୟ ଶତ୍ରୁମାନଙ୍କୁ
ମୟା	= ମୋ ଦ୍ୱାରା	**ଅପି**	= ବି (ମୁଁ)
ହତଃ	= ମରାଗଲା	**ହନିଷ୍ୟେ**	= ମାରିଦେବି ।

ଅହମ୍	= ମୁଁ
ଈଶ୍ୱରଃ	= ଈଶ୍ୱର (ସର୍ବସମର୍ଥ)।
ଅହମ୍	= ମୁଁ
ଭୋଗୀ	= ଭୋଗବିଳାସୀ।
ଅହମ୍	= ମୁଁ
ସିଦ୍ଧଃ	= ସିଦ୍ଧ ପୁରୁଷ।
ବଳବାନ୍	= (ମୁଁ) ଖୁବ୍ ବଳବାନ୍ (ଓ)
ସୁଖୀ	= ସୁଖୀ।

ଆଢ୍ୟୋଽଭିଜନବାନସ୍ମି କୋଽନ୍ୟୋଽସ୍ତି ସଦୃଶୋ ମୟା ।
ଯକ୍ଷ୍ୟେ ଦାସ୍ୟାମି ମୋଦିଷ୍ୟ ଇତ୍ୟଜ୍ଞାନବିମୋହିତାଃ ॥ ୧୫ ॥

ଆଢ୍ୟଃ	= ମୁଁ ଧନବାନ୍।
ଅଭିଜନବାନ୍, ଅସ୍ମି	= ମୋ ହାତରେ ବହୁତ ଲୋକ ଅଛନ୍ତି।
ମୟା	= ମୋ
ସଦୃଶଃ	= ଭଳି
ଅନ୍ୟଃ	= ଆଉ
କଃ	= କିଏ
ଅସ୍ତି	= ଅଛି?
ଯକ୍ଷ୍ୟେ	= (ମୁଁ) ବହୁତ ଯଜ୍ଞ କରିବି,
ଦାସ୍ୟାମି	= ଦାନ ଦେବି (ଓ)
ମୋଦିଷ୍ୟେ	= ମଉଜରେ ରହିବି। (ସେମାନେ)
ଇତି	= ଏହିପରି
ଅଜ୍ଞାନ-ବିମୋହିତାଃ	= ଅଜ୍ଞାନରେ ବିମୋହିତ ହୋଇଥାଆନ୍ତି।

ଅନେକଚିତ୍ତବିଭ୍ରାନ୍ତା ମୋହଜାଲସମାବୃତାଃ ।
ପ୍ରସକ୍ତାଃ କାମଭୋଗେଷୁ ପତନ୍ତି ନରକେଽଶୁଚୌ ॥ ୧୬ ॥

ଅନେକଚିତ୍ତ-ବିଭ୍ରାନ୍ତାଃ	= ନାନାପ୍ରକାର (କାମନା ଯୋଗୁଁ) ଯେଉଁମାନଙ୍କର ଚିତ୍ତ ଭ୍ରମିତ ହୋଇଛି,	କାମ-ଭୋଗେଷୁ	= ପଦାର୍ଥ ଓ ଭୋଗରେ
		ପ୍ରସକ୍ତାଃ	= ଅତ୍ୟନ୍ତ ଆସକ୍ତ, (ସେମାନେ)
ମୋହଜାଲ-ସମାବୃତାଃ	= ଯେଉଁମାନେ ମୋହଜାଲରେ ଦୃଢ଼ଭାବେ ଆବଦ୍ଧ (ତଥା)	ଅଶୁଚୌ	= ଘୋର
		ନରକେ	= ନରକରେ
		ପତନ୍ତି	= ପଡ଼ନ୍ତି ।

ଆତ୍ମସମ୍ଭାବିତାଃ ସ୍ତବ୍ଧା ଧନମାନମଦାନ୍ୱିତାଃ ।
ଯଜନ୍ତେ ନାମଯଜ୍ଞୈସ୍ତେ ଦମ୍ଭେନାବିଧିପୂର୍ବକମ୍ ॥ ୧୭ ॥

ଆତ୍ମ-ସମ୍ଭାବିତାଃ	= ନିଜକୁ ସବୁଠୁ ଅଧିକ ପୂଜ୍ୟ ମନେ କରୁଥିବା,	ତେ	= ସେହି ମନୁଷ୍ୟମାନେ
		ଦମ୍ଭେନ	= ଦମ୍ଭ ସହକାରେ
		ଅବିଧିପୂର୍ବକମ୍	= ଅବିଧିପୂର୍ବକ
ସ୍ତବ୍ଧାଃ	= ଅବିନୟୀ (ତଥା)	ନାମଯଜ୍ଞୈଃ	= ନାମର ପ୍ରସିଦ୍ଧି ପାଇଁ ଯଜ୍ଞରେ
ଧନମାନ-ମଦାନ୍ୱିତାଃ	= ଧନ ଓ ମାନରେ ପ୍ରମତ୍ତ	ଯଜନ୍ତେ	= ଆହୁତି ଦିଅନ୍ତି ।

ଅହଙ୍କାରଂ ବଳଂ ଦର୍ପଂ କାମଂ କ୍ରୋଧଂ ଚ ସଂଶ୍ରିତାଃ ।
ମାମାତ୍ମପରଦେହେଷୁ ପ୍ରଦ୍ୱିଷନ୍ତୋଽଭ୍ୟସୂୟକାଃ ॥ ୧୮ ॥

ଅହଙ୍କାରମ୍ = ଅହଂକାର,
ବଳମ୍ = ବଳ,
ଦର୍ପମ୍ = ଦର୍ପ,
କାମମ୍ = କାମ
ଚ = ଓ
କ୍ରୋଧମ୍ = କ୍ରୋଧର
ସଂଶ୍ରିତାଃ = ଆଶ୍ରିତ ସେହି ମନୁଷ୍ୟ
ଆତ୍ମପର-ଦେହେଷୁ = ସେମାନଙ୍କର ଓ ଅନ୍ୟମାନଙ୍କର ଶରୀରରେ (ଅନ୍ତର୍ଯାମୀରୂପେ ସ୍ଥିତ)
ମାମ୍ = ମୋ ସହିତ
ପ୍ରଦ୍ୱିଷନ୍ତଃ = ଦ୍ୱେଷ କରନ୍ତି (ତଥା)
ଅଭ୍ୟସୂୟକାଃ = (ମୋର ଓ ଅନ୍ୟମାନଙ୍କର ଗୁଣରେ) ଦୋଷଦୃଷ୍ଟି ରଖନ୍ତି ।

ତାନହଂ ଦ୍ୱିଷତଃ କ୍ରୂରାନ୍ ସଂସାରେଷୁ ନରାଧମାନ୍ ।
କ୍ଷିପାମ୍ୟଜସ୍ରମଶୁଭାନାସୁରୀଷ୍ୱେବ ଯୋନିଷୁ ॥ ୧୯ ॥

ତାନ୍ = ସେହି
ଦ୍ୱିଷତଃ = ଦ୍ୱେଷପରାୟଣ,
କ୍ରୂରାନ୍ = କ୍ରୂର ସ୍ୱଭାବଯୁକ୍ତ (ଏବଂ)
ସଂସାରେଷୁ = ସଂସାରରେ
ନରାଧମାନ୍ = ଅତି ନୀଚ
ଅଶୁଭାନ୍ = ଅପବିତ୍ର ମନୁଷ୍ୟଙ୍କୁ
ଅହମ୍ = ମୁଁ
ଅଜସ୍ରମ୍ = ବାରମ୍ବାର
ଆସୁରୀଷୁ = ଆସୁରୀ
ଯୋନିଷୁ = ଯୋନିମାନଙ୍କରେ
ଏବ = ହିଁ
କ୍ଷିପାମି = ପକାଉଥାଏ ।

ଆସୁରୀଂ ଯୋନିମାପନ୍ନା ମୂଢା ଜନ୍ମନି ଜନ୍ମନି ।
ମାମପ୍ରାପ୍ୟୈବ କୌନ୍ତେୟ ତତୋ ଯାନ୍ତ୍ୟଧମାଂ ଗତିମ୍ ॥ ୨୦ ॥

କୌନ୍ତେୟ = ହେ କୁନ୍ତୀନନ୍ଦନ!		ଆପନ୍ନାଃ = ପ୍ରାପ୍ତ ହୁଅନ୍ତି	
ମୂଢ଼ାଃ = (ସେହି) ମୂଢ଼ ମନୁଷ୍ୟ		ତତଃ = (ଏବଂ) ତା'ଠାରୁ ମଧ୍ୟ ଅଧିକ	
ମାମ୍ = ମୋତେ			
ଅପ୍ରାପ୍ୟ = ପ୍ରାପ୍ତ ନ କରି		ଅଧମାମ୍ = ଅଧମ	
ଏବ = ହିଁ		ଗତିମ୍ = ଗତିକୁ ଅର୍ଥାତ୍ ଭୟଙ୍କର ନରକକୁ	
ଜନ୍ମନି, ଜନ୍ମନି = ଜନ୍ମ ଜନ୍ମାନ୍ତରରେ			
ଆସୁରୀମ୍ = ଆସୁରୀ			
ଯୋନିମ୍ = ଯୋନି		ଯାନ୍ତି = ଚାଲିଯାଆନ୍ତି ।	

ତ୍ରିବିଧଂ ନରକସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ ।
କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍ ॥ ୨୧ ॥

କାମଃ = କାମ,	ଆତ୍ମନଃ = ଜୀବାତ୍ମାର
କ୍ରୋଧଃ = କ୍ରୋଧ	ନାଶନମ୍ = ପତନ କରେ;
ତଥା = ଓ	
ଲୋଭଃ = ଲୋଭ—	ତସ୍ମାତ୍ = ତେଣୁ
ଇଦମ୍ = ଏହି	ଏତତ୍ = ଏହି
ତ୍ରିବିଧମ୍ = ତିନିପ୍ରକାର	ତ୍ରୟମ୍ = ତିନୋଟିକୁ
ନରକସ୍ୟ = ନରକର	ତ୍ୟଜେତ୍ = ତ୍ୟାଗ କରିବା ଉଚିତ ।
ଦ୍ୱାରମ୍ = ଦ୍ୱାର	

ଏତୈର୍ବିମୁକ୍ତଃ କୌନ୍ତେୟ ତମୋଦ୍ୱାରୈସ୍ତ୍ରିଭିର୍ନରଃ ।
ଆଚରତ୍ୟାତ୍ମନଃ ଶ୍ରେୟସ୍ତତୋ ଯାତି ପରାଂ ଗତିମ୍ ॥ ୨୨ ॥

କୌନ୍ତେୟ	= ହେ କୁନ୍ତୀନନ୍ଦନ!	ଶ୍ରେୟଃ	= କଲ୍ୟାଣ (ଉଦ୍ଦେଶ୍ୟରେ)
ଏତୈଃ	= ଏହି		
ତ୍ରିଭିଃ, ତମୋଦ୍ୱାରୈଃ	= ତିନୋଟି ନରକଦ୍ୱାରରୁ	ଆଚରତି	= ଆଚରଣ କରେ, (ସେ)
ବିମୁକ୍ତଃ	= ମୁକ୍ତ ହୋଇ	ତତଃ	= ତଦ୍ଦ୍ୱାରା
ନରଃ	= (ଯେଉଁ) ମନୁଷ୍ୟ	ପରାମ୍	= ପରମ
		ଗତିମ୍	= ଗତି
ଆତ୍ମନଃ	= ନିଜର	ଯାତି	= ପ୍ରାପ୍ତ ହୁଏ ।

ଯଃ ଶାସ୍ତ୍ରବିଧିମୁତ୍ସୃଜ୍ୟ ବର୍ତ୍ତତେ କାମକାରତଃ ।
ନ ସ ସିଦ୍ଧିମବାପ୍ନୋତି ନ ସୁଖଂ ନ ପରାଂ ଗତିମ୍ ॥ ୨୩ ॥

ଯଃ	= ଯେଉଁ ମନୁଷ୍ୟ	ସିଦ୍ଧିମ୍	= ସିଦ୍ଧି (ଅନ୍ତଃକରଣର ଶୁଦ୍ଧି)
ଶାସ୍ତ୍ରବିଧିମ୍	= ଶାସ୍ତ୍ରବିଧିକୁ		
ଉତ୍ସୃଜ୍ୟ	= ଉପେକ୍ଷା କରି	ନ	= (ପ୍ରାପ୍ତ ହୁଏ) ନାହିଁ,
କାମକାରତଃ	= ନିଜ ଇଚ୍ଛାରେ ମନମୁଖୀ	ସୁଖମ୍	= ସୁଖ
ବର୍ତ୍ତତେ	= ଆଚରଣ କରେ,	ନ	= (ପ୍ରାପ୍ତ ହୁଏ) ନାହିଁ (କିମ୍ବା)
ସଃ	= ସେ	ପରାମ୍	= ପରମ

ଗତିମ୍	= ଗତି	ନ, ଅବାପ୍ନୋତି	= ପ୍ରାପ୍ତ ହୁଏ ନାହିଁ ।

ତସ୍ମାଚ୍ଛାସ୍ତ୍ରଂ ପ୍ରମାଣଂ ତେ କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ ।
ଜ୍ଞାତ୍ୱା ଶାସ୍ତ୍ରବିଧାନୋକ୍ତଂ କର୍ମ କର୍ତ୍ତୁମିହାର୍ହସି ॥ ୨୪ ॥

ତସ୍ମାତ୍	= ତେଣୁ	ଇହ	= ଇହଲୋକରେ
ତେ	= ତୁମ ପାଇଁ	ଶାସ୍ତ୍ରବିଧା-ନୋକ୍ତମ୍	= ଶାସ୍ତ୍ରବିଧି ସମ୍ମତ
କାର୍ଯ୍ୟାକାର୍ଯ୍ୟ-ବ୍ୟବସ୍ଥିତୌ	= କର୍ତ୍ତବ୍ୟ-ଅକର୍ତ୍ତବ୍ୟ ନିରୂପଣରେ	କର୍ମ	= କର୍ତ୍ତବ୍ୟ-କର୍ମ
ଶାସ୍ତ୍ରମ୍	= ଶାସ୍ତ୍ର (ହିଁ)		
ପ୍ରମାଣମ୍	= ପ୍ରମାଣ ।	କର୍ତ୍ତୁମ୍	= କରିବା
ଜ୍ଞାତ୍ୱା	= (ଏହା) ଜାଣି (ତୁମେ)	ଅର୍ହସି	= ଉଚିତ ।

ଓଁ ତତ୍ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ ଦୈବାସୁରସମ୍ପଦ୍‌ବିଭାଗଯୋଗୋ ନାମ ଷୋଡଶୋଽଧ୍ୟାୟଃ ॥ ୧୬ ॥

ଏହି ପ୍ରକାରେ 'ଓଁ, ତତ୍, ସତ୍'—ଏହି ଭଗବନ୍ନାମ ଉଚ୍ଚାରଣପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଦ୍‌ଭଗବଦ୍‌ଗୀତୋପନିଷଦ୍‌ରୂପକ ଶ୍ରୀକୃଷ୍ଣାର୍ଜୁନସଂବାଦରେ 'ଦୈବାସୁରସମ୍ପଦ୍‌ବିଭାଗଯୋଗ' ନାମକ ଷୋଡ଼ଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୧୬ ॥

***

॥ ଓଁ ଶ୍ରୀପରମାତ୍ମନେ ନମଃ ॥

ଅଥ ସପ୍ତଦଶୋଽଧ୍ୟାୟଃ

(ସପ୍ତଦଶ ଅଧ୍ୟାୟ)

ଅର୍ଜୁନ ଉବାଚ

ଯେ ଶାସ୍ତ୍ରବିଧିମୁତ୍ସୃଜ୍ୟ ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ ।
ତେଷାଂ ନିଷ୍ଠା ତୁ କା କୃଷ୍ଣ ସତ୍ତ୍ୱମାହୋ ରଜସ୍ତମଃ ॥ ୧ ॥

ଅର୍ଜୁନ କହିଲେ—

କୃଷ୍ଣ	= ହେ କୃଷ୍ଣ!	**ତେଷାମ୍**	= ସେମାନଙ୍କର
ଯେ	= ଯେଉଁ ଲୋକେ	**ନିଷ୍ଠା**	= ନିଷ୍ଠା
ଶାସ୍ତ୍ରବିଧିମ୍	= ଶାସ୍ତ୍ରବିଧିକୁ	**ତୁ**	= ପୁଣି
ଉତ୍ସୃଜ୍ୟ	= ଉପେକ୍ଷା କରି	**କା**	= କେଉଁ ପ୍ରକାରର?
ଶ୍ରଦ୍ଧୟା, ଅନ୍ୱିତାଃ	= ଶ୍ରଦ୍ଧାଭାବରେ	**ସତ୍ତ୍ୱମ୍**	= ସାତ୍ତ୍ୱିକୀ,
		ରଜଃ	= ରାଜସୀ
ଯଜନ୍ତେ	= (ଦେବତା ଆଦିଙ୍କୁ) ପୂଜା କରନ୍ତି,	**ଆହୋ**	= ଅଥବା
		ତମଃ	= ତାମସୀ?

ଶ୍ରୀଭଗବାନୁବାଚ

ତ୍ରିବିଧା ଭବତି ଶ୍ରଦ୍ଧା ଦେହିନାଂ ସା ସ୍ୱଭାବଜା ।
ସାତ୍ତ୍ୱିକୀ ରାଜସୀ ଚୈବ ତାମସୀ ଚେତି ତାଂ ଶୃଣୁ ॥ ୨ ॥

ଶ୍ରୀଭଗବାନ କହିଲେ—

